# ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ

**ବିଦ୍ୟୁତ ନିୟାମକ ଭବନ**

**ୟୁନିଟ - ୮, ଭୁବନେଶ୍ୱର - ୭୫୧ ୦୧୨**

**ଉପସ୍ଥିତ ଅଧିକାରୀ ବୃନ୍ଦ :**

**ଶ୍ରୀ ବି.କେ. ଦାସ, ଅଧକ୍ଷ**

**ଶ୍ରୀ କେ.ସି. ବଡୁ, ସଦସ୍ୟ**

**ଶ୍ରୀ ବି.କେ .ମିଶ୍ର, ସଦସ୍ୟ**

**ମାମଲା ସଂଖ୍ୟା- ୧୪୪/୨୦୦୯**

**ଶୁଣାଣି ତାରିଖ :....................୯.୨.୨୦୧୦**

**ଆଦେଶନାମା ତାରିଖ :........... ୨୦.୩.୨୦୧୦**

**ପ୍ରସଙ୍ଗ:** ଆର୍ଥିକ ବର୍ଷ ୨୦୧୦-୧୧ ପାଇଁ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ବ୍ୟବସାୟ ପରିଚାଳନା) ନିୟମାବଳୀ, ୨୦୦୪ ସହ ପଠିତ ବିଦ୍ୟୁତ ଆଇନ,୨୦୦୩ର ବିଭାଗ -୮୬ (୧)(ଖ) ଏବଂ ଅନ୍ୟାନ୍ୟ ପ୍ରୟୋଗନୀୟ ବ୍ୟବସ୍ଥାସମୂହ ଅଧିନରେ ଗ୍ରୀଡକୋ ଦ୍ୱାରା 'ବାର୍ଷିକ ରାଜସ୍ୱ ଆବଶ୍ୟକତା' ଓ 'ସ୍ଥୁଳ ଯୋଗାଣ ଦରର ଅନୁମୋଦନ ନିମନ୍ତେ ଏକ ଆବେଦନ ପତ୍ର।

**ଆଦେଶନାମା**

ବିଦ୍ୟୁତ ଆଇନ, ୨୦୦୩ର ବିଭାଗ-୮୬(୧)(ଖ) ଓଡ଼ିଶା ରାଜ୍ୟରେ ବିଦ୍ୟୁତ ବିତରଣ କାର୍ଯ୍ୟ ନିର୍ବାହନ କରୁଥିବା ବିତରକ କଂପାନୀମାନଙ୍କ ଉଦ୍ଦେଶ୍ୟରେ ବିଦ୍ୟୁତ ଶକ୍ତି କ୍ରୟ ଦର ଜନିତ ସଂରଚନାର ନିର୍ଦ୍ଧାରଣ କରିବାକୁ ଆୟୋଗଙ୍କର କର୍ତ୍ତୃତ୍ୱର ଆବଶ୍ୟକତା ରଖେ। ଗ୍ରୀଡକୋ ସହ ପ୍ରଚଳିତ 'ସ୍ଥୁଳ ଯୋଗାଣ ଚୁକ୍ତିନାମା' ଅଧିନରେ ବିତରକ କଂପାନୀମାନେ ମୁଖ୍ୟତଃ ଗ୍ରୀଡକୋଠାରୁ ଶକ୍ତି କ୍ରୟ କରିବାକୁ ଦାୟବଦ୍ଧ ଅଟନ୍ତି। ଶକ୍ତି କ୍ରୟ ଦର ନିର୍ଦ୍ଧାରଣ ପରିପ୍ରେକ୍ଷୀରେ ଆୟୋଗ କେବଳ ବିତରକ କଂପାନୀ(କ୍ରେତା )ଙ୍କର ଆବେଦନକୁ ବୁଝିବେ ନାହିଁ, ଗ୍ରୀଡକୋର (ବିକ୍ରେତାର) ଆବେଦନକୁ ମଧ୍ୟ ଶୁଣିବେ ଓ ବୁଝିବେ। ଅତଏବ, ବିଧିବଦ୍ଧ ଭାବେ ଗ୍ରୀଡକୋର 'ବାର୍ଷିକ ରାଜସ୍ୱ ଆବଶ୍ୟକତା' ବା ଏଆର୍‌ଆର୍ ଏବଂ 'ପ୍ରତ୍ୟାଶିତ ରାଜସ୍ୱ'ର ଲିଖିତ ଆବେଦନ ବିନା ଅର୍ଥବୋଧ-ସଂପନ୍ନ ଶୁଣାଣି ସମ୍ଭବ ନୁହେଁ। ବିଦ୍ୟୁତ ଆଇନ,୨୦୦୩ର ବିଭାଗ-୧୪ର ୫ମ ସର୍ତ୍ତ(ପରବର୍ତ୍ତୀ ସମୟରେ 'ଆଇନ' ଭାବେ ଅଭିହିତ) ଅନୁଯାୟୀ, ଯଦିଓ 'ଏକ ମତାବଲମ୍ବୀ ବାଣିଜ୍ୟିକ ଅନୁମତିଧାରୀ' ଭାବେ ଗ୍ରୀଡକୋର ଆବେଦନକୁ ଆୟୋଗ ବିଚାର ପରିସରଭୁକ୍ତ କରିଛନ୍ତି, ତେବେ ବିଦ୍ୟୁତ ଆଇନର ବିଭାଗ –୬୨ର ମତାୟନ ବଳୟ ବାହାରେ ଏହା ପର୍ଯ୍ୟବେସିତ ଅଟେ। ଯେଉଁ ଦରରେ ଗ୍ରୀଡକୋ ବଂଟନକାରୀ କଂପାନୀମାନଙ୍କୁ ଶକ୍ତି ଯୋଗାଣ କରେ, ତାହା ବିଦ୍ୟୁତ୍ ଆଇନର ବିଭାଗ ୮୬(୧)(ଖ) ଅଧିନରେ ବଂଟନକାରୀ କଂପାନୀଙ୍କ ପାଇଁ ନିର୍ଦ୍ଧାରିତ କିଣା ଦର ସହ ସମାନ ହୋଇଯାଏ। ତେବେ, ଯେଉଁ ଦରରେ ଗ୍ରୀଡକୋ ବଂଟନକାରୀ କଂପାନୀଙ୍କୁ ଶକ୍ତି ବିକ୍ରୀ କରିବ, ସେମାନଙ୍କର ଆବଶ୍ୟକତାର ପରିପୂର୍ତ୍ତି ପରେ ସେହି ସ୍ଥୁଳ ଯୋଗାଣ ଦରରେ ଅନ୍ୟ କୌଣସି କ୍ରେତାଙ୍କୁ ଶକ୍ତି ବିକ୍ରୀ କରିବ ନାହିଁ। ଅଧିକନ୍ତୁ ଯେଉଁ ଦରରେ ଗ୍ରୀଡକୋ ବିତରକ କଂପାନୀଙ୍କୁ ଶକ୍ତି ବିକ୍ରୀ କରିବ, ତାହା ଗ୍ରୀଡକୋର ଏଆର୍‌ଆର୍ ସହ ପ୍ରାସଙ୍ଗିକତା ରକ୍ଷା ପୂର୍ବକ ନିର୍ଦ୍ଧାରିତ ହେବାକୁ ପଡିବ। ତେଣୁ, ଆଗାମୀ ଆର୍ଥିକ ବର୍ଷ ପାଇଁ ତା'ର ଏଆର୍‌ଆର୍ ଆବେଦନ କରିବାକୁ ଗ୍ରୀଡକୋକୁ ଆମନ୍ତ୍ରଣ କରାଯାଇଥିଲା।

**ପ୍ରକ୍ରିୟାଗତ ଇତିହାସ (ପରିଚ୍ଛେଦ ୧ ରୁ ୭):**

(୧) ଅଭିଳାଷୀ ଅଭିଯୋଗକାରୀମାନଂକଠାରୁ ଅଭିଯୋଗ ଆମନ୍ତ୍ରଣ ନିମନ୍ତେ ଆୟୋଗ ଅନୁମୋଦିତ ଫର୍ମାଟରେ ରାଜ୍ୟର ଅଗ୍ରୀଣ ବହୁଳ ପ୍ରସାରିତ ସମ୍ବାଦପତ୍ରମାନଂକରେ ତା'ର ଏଆର୍‌ଆର୍ ଆଦେନ ପତ୍ରକୁ ପ୍ରକାଶନ କରାଇବାକୁ ଗ୍ରୀଡକୋକୁ ନିର୍ଦ୍ଦେଶ ଦେଲେ। ଏହା ସହିତ ପ୍ରସଂଗଟିକୁ ମଧ୍ୟ ଆୟୋଗଂକ ୱେବସାଇଟ୍ (www.orierc.org)ରେ ପ୍ରସାରଣ କରାଗଲା। ତା'ଛଡା ଗ୍ରୀଡକୋର ୱେବସାଇଟରେ ବି ପ୍ରସଂଗର ପ୍ରସାରଣ କରାଗଲା। ବିଭିନ୍ନ ଅଭିଯୋଗକାରୀମାନଙ୍କ ଦ୍ୱାରା ଆଗତ କରାଯାଇଥିବା ଅଭିଯୋଗ ଫର୍ଦସମୂହର ଉତ୍ତରକୁ ଆୟୋଗଂକ ସମକ୍ଷରେ ଉପସ୍ଥାପନ କରିବାକୁ ଏବଂ ତାହାର ଏକ କିତା ଲେଖାଏଁ ନକଲ ଅଭିଯୋଗକାରୀମାନଙ୍କୁ ପ୍ରଦାନ କରିବାକୁ ଆୟୋଗ ଗ୍ରୀଡକୋକୁ ନିର୍ଦ୍ଦେଶ ଦେଲେ।

୨. ଗ୍ରୀଡକୋର ଉପରୋକ୍ତ ସାଧାରଣ ନୋଟିସ୍ ର ପ୍ରତିଫଳନ ସ୍ୱରୂପ ଆୟୋଗ ନିମ୍ନ ଲିଖିତ ଭିନ୍ନ ଭିନ୍ନ ବ୍ୟକ୍ତିବିଶେଷ/ଆସୋସିଏସନ/ଅନୁଷ୍ଠାନ/ ଅନୁମତିଧାରୀଙ୍କଠାରୁ ୧୧ ଟି ଅଭିଯୋଗ/ପରାମର୍ଶ ଗ୍ରହଣ କରିଥିଲେ।

(କ) ଓଡ଼ିଶା କଂଜ୍ୟୁମର୍ସ ଆସୋସିଏସନ, ଦେବଜ୍ୟୋତି ଉପଭୋକ୍ତା କଲ୍ୟାଣ ଭବନ, ବିଶ୍ୱନାଥ ଲେନ୍,କଟକ

(ଖ) ଶ୍ରୀ ଜୟଦେବ ମିଶ୍ର, ଏନ୍-୪/୯୮, ନୟାପଲ୍ଲୀ, ଭୁବନେଶ୍ୱର।

(ଗ) ସମ୍ବଲପୁର ଡିଷ୍ଟ୍ରିକଟ୍ କଂଜ୍ୟୁମର୍ସ ଫେଡେରେସନ, ବାଲାଜୀ ମନ୍ଦିର ଭବନ, କ୍ଷେତରାଜପୁର, ସମ୍ବଲପୁର।

(ଘ) କନ୍‌ଫେଡେରସନ୍ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି, ୮, ଫରେଷ୍ଟ ପାର୍କ, ଭୁବନେଶ୍ୱର।

(ଙ) ଫେରୋ ଆଲଏଜ୍ କର୍ପୋରେସନ ଲିଃ, ଜିଡି -୨/୧୦, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର।

(ଚ) ଶ୍ରୀ ଆର୍ ପି ମହାପାତ୍ର, ପ୍ଲଟ ନଂ -୭୭୫ (ପିଟି), ଲେନ୍-୩, ଜୟଦେବ ବିହାର, ଭୁବନେଶ୍ୱର।

(ଛ) ଶ୍ରୀ ରମେଶ ଚନ୍ଦ୍ର ଶତପଥୀ, ପ୍ଲଟ ନଂ -୩୦୨ (ଖ) ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର।

(ଜ) ଉତ୍କଳ ଚ୍ୟାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି, ଏନ୍/୬, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର।

(ଝ) ଓ୍ୱେସକୋ, କର୍ପୋରେଟ ଅଫସ୍ , ବୁର୍ଲା, ସମ୍ବଲପୁର

(ଟ) ସାଉଥକୋ, କର୍ପୋରେଟ ଅଫିସ, କୋର୍ଟପେଟା, ବ୍ରହ୍ମପୁର।

(ଠ) ନେସ୍‌କୋ, କର୍ପୋରେଟ ଅଫିସ୍ , ଜାନୁଗଞ୍ଜ , ବାଲେଶ୍ୱର ।

୧ ନଂ ଅଭିଯୋଗକାରୀଙ୍କ ବାଦ୍ ଆଉ ସବୁ ଅଭିଯୋଗକାରୀ ଶୁଣାଣି ସମୟରେ ଉପସ୍ଥିତ ଥିଲେ। ତେବେ ୧ ନଂ ଅଭିଯୋଗକାରୀଙ୍କର ଲିଖିତ ଉପସ୍ଥାପନାକୁ ଆୟୋଗ ବିବରଣୀଭୁକ୍ତ କରିଥିଲେ।

୩. ଭିନ୍ନ ଭିନ୍ନ ଅଭଯୋଗକାରୀଙ୍କ ଦ୍ୱାରା ଉଦ୍ରେକିତ ବିବିଧ ପ୍ରସଂଗର ଉତ୍ତରକୁ ଆବେଦନକାରୀ ଆୟୋଗଙ୍କ ସମକ୍ଷରେ ଉପସ୍ଥାପନ କରିଥିଲେ।

୪. ବିଦ୍ୟୁତ ଆଇନ, ୨୦୦୩ର ବିଭାଗ -୯୪ (୩) ଅଧିନରେ ନ୍ୟସ୍ତ କ୍ଷମତା ବଳରେ, ଉପଭୋକ୍ତାଙ୍କର ସ୍ୱାର୍ଥର ସୁରକ୍ଷା ନିମନ୍ତେ ଅନୁମତିଧାରୀଙ୍କର 'ବାର୍ଷିକ ରାଜସ୍ୱ ଆବଶ୍ୟକତା' ଓ 'ସ୍ଥୁଳ ଯୋଗାଣ ଦର' ପ୍ରସ୍ତାବର ପୁଂଖାନୁପୁଂଖ ବିଶ୍ଳେଷଣ ପାଇଁ ଆୟୋଗ ଭୁବନେଶ୍ୱରର 'ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର୍ ଡେଭଲପମେଣ୍ଟ ଷ୍ଟଡିଜ୍'ର ଡ଼ଃ ଏସ୍ ମେହେରଙ୍କୁ ଉପଭୋକ୍ତା ଉପଦେଷ୍ଟା ଭାବେ ନିଯୁକ୍ତି ଦେଲେ ଏବଂ ଉପଭୋକ୍ତା ଉପଦେଷ୍ଟା ପ୍ରସଂଗର ଶୁଣାଣିରେ ତାଙ୍କର ମତାୟନ କରିଥିଲେ।

୫. ୯.୨.୨୦୧୦ କୁ ଶୁଣାଣି ତାରିଖ ଧାର୍ଯ୍ୟ କରାଗଲା ଏବଂ ଅଭିଯୋଗକାରୀମାନଙ୍କର ନାମ ତାଲିକା ଉଲ୍ଲେଖ କରାଯାଇ ତାହାକୁ ରାଜ୍ୟର ଅଗ୍ରଣୀ ସମ୍ବାଦପତ୍ରମାନଙ୍କରେ ଯଥା ଭାବେ ପ୍ରକାଶ କରାଗଲା। ରାଜ୍ୟ ସରକାରଙ୍କ ଶକ୍ତି ବିଭାଗ ଜରିଆରେ ସରକାରଙ୍କୁ ଶୁଣାଣି ତାରିଖ ସଂପର୍କରେ ଆୟୋଗ ଅବଗତ କରାଇବା ସହ ଶୁଣାଣିରେ ଭାଗ ନେବା ପାଇଁ ସରକାର ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କୁ ପଠାଇବା ପାଇଁ ମଧ୍ୟ ଆୟୋଗ ସରକାରଙ୍କୁ ଅନୁରୋଧ ପୂର୍ବକ ନୋଟିସ ଦେଲେ।

୬. ଆଲୋଚନା ଓ ପରାମର୍ଶ ମୂଳକ ପ୍ରକ୍ରିୟା କ୍ରମେ, ୯.୨୯.୨୦୧୦ରେ ଆୟୋଗ ନିଜ ପରିସର ମଧ୍ୟରେ ଏକ ସାଧାରଣ ଶୁଣାଣିର ପରିଚାଳନା କଲେ ଏବଂ ଆବେଦନକାରୀ , ଅଭିଯୋଗକାରୀ, ଉପଦେଷ୍ଟା ଓ ସର୍ବଶେଷରେ ଓଡ଼ିଶା ସରକାରଙ୍କର ଶକ୍ତି ବିଭାଗର ପ୍ରତିନିଧିଙ୍କର ଅଭିଯୋଗ/ପରାମର୍ଶକୁ ଶୁଣିଲେ।

୭. ଅନୁମତିଧାରୀଙ୍କର ଏଆର୍‌ଆର୍ ଆବେଦନ ଓ ସ୍ଥୁଳ ଯୋଗାଣ ଦର ଜନିତ ପ୍ରସ୍ତାବର ଆଲୋଚନା ପାଇଁ ଆୟୋଗ ୧୮.୨.୨୦୧୦ର ଅପରାହ୍ନ ୩.୩୦ରେ ' ରାଜ୍ୟ ଉପଦେଷ୍ଟା କମିଟି' ର ବୈଠକ ଡକାଇଲେ। ସାକ୍‌ର ସଦସ୍ୟ ବୃନ୍ଦ, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ବୃନ୍ଦ, ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗର ସଚିବ ଆଲୋଚନାରେ ସକ୍ରିୟ ଭାବେ ଅଂଶ ଗ୍ରହଣ କରିଥିଲେ ଏବଂ ଆୟୋଗଙ୍କର ନିଷ୍ପତ୍ତି ନିମନ୍ତେ ସେମାନଙ୍କର ମୂଲ୍ୟବାନ ପରାମର୍ଶ ଓ ମତ ପ୍ରଦାନ କରିଥିଲେ।

**<u>୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଗ୍ରୀଡକୋର 'ସ୍ଥୁଳ ଯୋଗାଣ ଦର' ପ୍ରସ୍ତାବ (ପରିଚ୍ଛେଦ ୮ ରୁ ୩୮)</u>**

୮. ବିଦ୍ୟୁତ ଆଇନ, ୨୦୦୩ର ବିଭାଗ -୧୪ର ୫ ମ ସର୍ତ୍ତ ଅଧିନରେ ଗ୍ରୀଡକୋ ଲିମିଟେଡ୍(ପୂର୍ବରୁ ' ଗ୍ରୀଡ୍ କର୍ପୋରେସନ ଅଫ୍ ଓରିଶା' କୁହାଯାଉଥିଲା।) (ପରବର୍ତ୍ତୀ ସମୟରେ ଗ୍ରୀଡକୋ କୁହାଗଲା) ହେଉଛି ଏକ 'ମତାବଲମ୍ବୀ ବାଣିଜ୍ୟିକ ଅନୁମତିଧାରୀ' ଯିଏ ଓପିଟିସିଏଲର ସରବରାହ ନେଟ୍‌ୱର୍କକୁ ବିନିଯୋଗ କରି ରାଜ୍ୟର ୪ ଟି 'ବିଦ୍ୟୁତ୍ ବିତରକକାରୀ କଂପାନୀ'(ପରବର୍ତ୍ତୀ ସମୟରେ ଡିସକମ ବୋଲି କୁହାଗଲା)ଙ୍କୁ ବିଦ୍ୟୁତ୍ ଶକ୍ତିର ସ୍ଥୁଳ ଯୋଗାଣ ବ୍ୟବସାୟ ନିର୍ବାହନ କରୁଛି। ଭିନ୍ନ ଭିନ୍ନ ବିଦ୍ୟୁତ ଶକ୍ତି ଉତ୍ପାଦନକାରୀ ସଂସ୍ଥାନମାନଙ୍କଠାରୁ ଗ୍ରୀଡକୋ ଶକ୍ତି କିଣି ଡିସକମ୍ ବା ବଂଟନାକରୀ କଂପାନୀମାନଙ୍କୁ ଯୋଗାଣ କରୁଛି। କ୍ୟାପଟିଭ୍ ଜେନେରେଟିଂ

ପ୍ଲାଣ୍ଟ୍ ବା ସିଜିପିମାନଙ୍କୁ ଗ୍ରୀଡକୋ ଜରୁରୀକାଳୀନ ଶକ୍ତି ଯୋଗାଣ କରିବା ସହ ବଳକା ଶକ୍ତିକୁ ବାହାର ରାଜ୍ୟକୁ ବାଣିଜ୍ୟ-କାରବାର କରୁଛି।ଗ୍ରୀଡ୍କୋ ଓ ବିତରକକାରୀ କଂପାନୀଙ୍କ ମଧ୍ୟରେ ସ୍ଥୁଳ ଯୋଗାଣର ଚୁକ୍ତିନାମା ଅନୁଯାୟୀ,ଆୟୋଗଙ୍କ ଦ୍ୱାରା ନିର୍ଦ୍ଧାରିତ ଦରରେ ଡିସକମ୍ ବା ବିତରକ କଂପାନୀମାନେ ଗ୍ରୀଡକୋଠାରୁ ଶକ୍ତି କିଣିଥା'ନ୍ତି। ଏହି ଦରକୁ ସ୍ଥୁଳ ଯୋଗାଣ ଦର କୁହାଯାଇଥାଏ। ପୁନଶ୍ଚ, 'ଓଇଆରସି(ବ୍ୟବସାୟ ପରିଚାଳନା) ନିୟମାବଳୀ,' ୨୦୦୪ ଏବଂ 'ଓଇଆରସି (ଟାରିଫ ନିର୍ଦ୍ଧାରଣ ପାଇଁ ସର୍ତ୍ତାବଳୀ) ନିୟମାବଳୀ , ୨୦୦୪ ଓ ଅନ୍ୟାନ୍ୟ ସଂପର୍କିତ ନିୟମାବଳୀ,' ଏବଂ ' ବିଦ୍ୟୁତ୍ ଆଇନ୍, ୨୦୦୩ ର ବିଭାଗ -୮୬ (୧) (ଖ) ଓ ଅନ୍ୟାନ୍ୟ ପ୍ରଯୋଗନୀୟ ବ୍ୟବସ୍ଥାସମୂହ ଅନୁଯାୟୀ, ପ୍ରତି ଆଗାମୀ ଆର୍ଥିକ ବର୍ଷ ପାଇଁ ସବୁ ଚଳିତ ବର୍ଷର ନଭେମ୍ବର, ୩୦ ପୂର୍ବରୁ ଗ୍ରୀଡକୋ ତା'ର ' ବାର୍ଷିକ ରାଜସ୍ୱ ଆବଶ୍ୟକତା'(ଏଆର୍‌ଆର୍) ଓ 'ସ୍ଥୁଳ ଯୋଗାଣ ଦର'(ବିଏସ୍‌ପି) ଆୟୋଗଙ୍କ ସମକ୍ଷରେ ଉପସ୍ଥାପନ କରିବା ଆବଶ୍ୟକ ଅଟେ।

୯. ଆଇନଗତ ଆବଶ୍ୟକତା ଭାବରେ ବିତରକ କଂପାନୀମାନଙ୍କୁ ସ୍ଥୁଳ ଯୋଗାଣ ଓ ସିଜିପିମାନଙ୍କୁ ଜରୁରୀକାଳୀନ ଯୋଗାଣର ନିର୍ବାହନ ନିମନ୍ତେ ୨୦୧୦-୧୧ ଆର୍ଥିକ ବର୍ଷ ଉଦ୍ଦେଶ୍ୟରେ ଗ୍ରୀଡକୋ ଆୟୋଗଙ୍କ ସମକ୍ଷରେ ତା'ର 'ବାର୍ଷିକ ରାଜସ୍ୱ ଆବଶ୍ୟକତା'(ଏଆର୍‌ଆର୍) ଓ ସ୍ଥୁଳ ଯୋଗାଣ ଦରର ସଂଶୋଧନ ପାଇଁ ଆବେଦନ ପତ୍ର ଦାଖଲ କରିଛି।

**୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଗ୍ରୀଡକୋର ଶକ୍ତି ଉପଲବ୍‌ଧତାର ପରିମାଣ**

୧୦. ଆର୍ଥିକ ବର୍ଷ ୨୦୧୦-୧୧ ପାଇଁ ବିଭିନ୍ନ ଉତ୍ସରୁ ଗ୍ରୀଡକୋ ୨୧, ୭୯୩.୧୦ ଲକ୍ଷ ୟୁନିଟ ପରିମାଣର ଶକ୍ତି ଉପଲବ୍‌ଧତା ପ୍ରଦର୍ଶନ କରିଛି। ଏହି ଅଟକଳନ ମଧ୍ୟରେ ' ଓଡ଼ିଶା ଜଳ ବିଦ୍ୟୁତ ଶକ୍ତି ନଗମ' ରୁ ୫୮୯୨.୮୬ ଲକ୍ଷ ୟୁନିଟ୍ (ମାଛକୁଣ୍ଡ ଜଳ ବିଦ୍ୟୁତ୍ ଷ୍ଟେସନରୁ ୨୬୨.୫୦ ଲକ୍ଷ ୟୁନିଟ୍‌କୁ ମିଶାଇ), 'ଓଡ଼ିଶା ଶକ୍ତି ଉତ୍ପାଦନକାରୀ ନିଗମ'ରୁ ୨୮୫୩.୪୭ ଲକ୍ଷ ୟୁନିଟର ତାପଜ ବିଦ୍ୟୁତ ଶକ୍ତି, ତାଳଚେର ଥର୍ମାଲ (ତାପଜ) ପାୱାର ଷ୍ଟେସନ ବା ଟିଟିପିଏସ୍‌ରୁ ୨୯୫୭.୩୨ଲକ୍ଷ ୟୁନିଟ୍, ରାଜ୍ୟ କ୍ୟାପଟିଭ୍ ଜେନେରେଟିଂ ପ୍ଲାଣ୍ଟ ବା ସିଜିପିମାନଙ୍କ ଠାରୁ ୧୦୩୫ ଲକ୍ଷ ୟୁନିଟ୍, ରାଜ୍ୟ ମଧ୍ୟସ୍ଥ କୋ-ଜେନେରେଟିଂ ପ୍ଲାଣ୍ଟ ସମୂହରୁ ୫୪୫ ଲକ୍ଷ ୟୁନିଟ୍, 'ପୁନରୁଦ୍ଧାରିତ ଶକ୍ତି ଉତ୍ସ' ବା ରିନ୍ୟୁଏବ୍‌ଲ ଏନର୍ଜି ସୋର୍ସ (ମୀନାକ୍ଷୀ ଓ ସାମଲ ବ୍ୟାରେଜ କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ) ରୁ ୩୦୦ ଲକ୍ଷ ୟୁନିଟ୍ ଏବଂ ତଲା, ଚୁଖା ଓ ଟିଷ୍ଟା ଆଦି 'ପୂର୍ବାଞ୍ଚଳ ଶକ୍ତି ଷ୍ଟେସନ ସମୂହ'ରୁ ଓଡ଼ିଶାର ଭାଗ ହିସାବରେ ୬୩୨୨.୮୬ ଲକ୍ଷ ୟୁନିଟ୍‌ର ବିଦ୍ୟୁତ ଶକ୍ତି ଅନ୍ତର୍ଭୁକ୍ତ ଅଟେ। ଏହା ବାଦ୍, ମେସର୍ସ ଷ୍ଟେରଲାଇଟ୍ ଏନର୍ଜି ଲିମିଟେଡ୍ ନାମକ ଏକ ଆଇପିପିରୁ ୧୮୮୬.୫୯ ଲକ୍ଷ ୟୁନିଟର ଶକ୍ତି ଆଣିବା ପାଇଁ ମଧ୍ୟ ଗ୍ରୀଡକୋ ପ୍ରସ୍ତାବ ରଖିଛି, ଯାହା ୨୦୧୦, ଅକ୍ଟୋବର, ୧ ରୁ କାର୍ଯ୍ୟକାରୀ କରାଯିବ। ଶକ୍ତି ଉପଲବଧତା କ୍ଷେତ୍ରରେ ଷ୍ଟେସନ ୱାରୀ ସବିଶେଷତା ସାରଣୀରେ ପ୍ରଦାନ କରାଗଲା।

ସାରଣୀ-୧

୨୦୧୦-୧୧ ପାଇଁ ଗ୍ରୀଡ଼କୋର ଶକ୍ତି ଉପଲବ୍ଧତା

| ଷ୍ଟେସନମାନଙ୍କର ନାମ | ଉପଲବ୍ଧି (କ୍ଷତି ଓ ଅକ୍ସୁଲାରି ବ୍ୟବହାର ପରେ) Availability (After loss and Auxiliary Consumption) | ଭାଗ % | ଆର୍ଥିକ ବର୍ଷ ୨୦୧୦-୧୧ ପାଇଁ ପ୍ରକ୍ଷେପଣ | ୨୦୦୯-୧୦ ପାଇଁ ଅନୁମୋଦିତ |
|---|---|---|---|---|
| | (ମିଲିୟନ ୟୁନିଟ୍) | | (ମିଲିୟନ ୟୁନିଟ୍) | |
| ହୀରାକୁଦ | ୯୯୭.୧୬ | ୧୦୦ | ୯୯୭.୧୬ | ୧୧୩୨.୭୯ |
| ରେଙ୍ଗାଲି | ୬୮୮.୦୫ | ୧୦୦ | ୬୮୮.୦୫ | ୮୧୭.୭୪ |

| | ଉପଲବ୍ଧି (କ୍ଷତି ଓ ଅଜୁ୍ୟଲାରି ବ୍ୟବହାର ପରେ) Availability (After loss and Auxiliary Consumption) | | ଆର୍ଥିକ ବର୍ଷ ୨୦୧୦-୧୧ ପାଇଁ ପ୍ରକ୍ଷେପଣ | ୨୦୦୯-୧୦ ପାଇଁ ଅନୁମୋଦିତ |
|---|---|---|---|---|
| ଇାଲିମେଳା | ୧୧୭୨.୧୬ | ୧୦୦ | ୧୧୭୨.୧୬ | ୧୧୭୧.୧୭ |
| ଅପର କୋଲାବ | ୮୨୮.୬୩ | ୧୦୦ | ୮୨୮.୬୩ | ୮୨୬.୬୫ |
| **ସମୁଦାୟ** | ୩,୬୮୬.୦୦ | ୧୦୦ | ୩,୬୮୬.୦୦ | ୩୯୪୮.୩୫ |
| ଇନ୍ଦ୍ରାବତୀ | ୧,୯୪୪.୩୬ | ୧୦୦ | ୧,୯୪୪.୩୬ | ୧୯୭୧.୦୯ |
| ମାଛକୁଣ୍ଡ | ୨୬୨.୫୦ | ୧୦୦ | ୨୬୨.୫୦ | ୨୬୫.୦୦ |
| **ସମୁଦାୟ ରାଜ୍ୟ ଜଳବିଦ୍ୟୁତ୍ ଶକ୍ତି** | ୫,୮୯୨.୮୬ | | ୫,୮୯୨.୮୬ | ୬୧୮୪.୪୪ |
| ଓପିଜିସି | ୨,୮୫୩.୪୭ | ୧୦୦ | ୨,୮୫୩.୪୭ | ୨୯୫୫.୬୬ |
| ଟିଟିପିଏସ୍ | ୨,୯୫୭.୩୨ | ୧୦୦ | ୨,୯୫୭.୩୨ | ୩୦୮୫.୦୭ |
| ସିଜିପି ସମୂହ | ୧୦୩୫.୦୦ | | ୧,୦୩୫.୦୦ | ୧୨୪.୬୪ |
| କୋ-ଜେନେରେସନ ପ୍ଲାଣ୍ଟ | ୫୪୫.୦୦ | | ୫୪୫.୦୦ | - |
| ରିନ୍ୟୁଏବଲ୍ ଏନର୍ଜି | ୩୦୦.୦୦ | | ୩୦୦.୦୦ | ୫୩୦.୦୦ |
| ଆଇ.ପି.ପି ସମୂହ (ଷ୍ଟେରିଲାଇଟ୍ ଏନର୍ଜି ଲିମିଟେଡ୍) | ୧୮୮୬.୫୯ | | ୧,୮୮୬.୫୯ | - |
| **ସମୁଦାୟ (ରାଜ୍ୟ)** | ୧୫,୪୭୦.୨୪ | ୧୦୦ | ୧୫,୪୭୦.୨୪ | ୧୨୮୭୯.୮୧ |
| ଟିଏସ୍‌ଟିପିଏସ୍ (ଷ୍ଟେଜ-୧) | ୨,୧୨୮.୨୪ | ୩୧.୮୦ | ୨,୧୨୮.୨୪ | ୨୧୦୫.୫୨ |
| ଟିଏସ୍‌ଟିପିଏସ୍ (ଷ୍ଟେଜ-୨) | ୧,୩୩୮.୫୨ | ୧୦.୦୦ | ୧,୩୩୮.୫୨ | ୧୩୨୪.୨୨ |
| ଏଫ୍‌ଏସ୍ ଟିପିଏସ୍ | ୧,୨୮୧.୮୯ | ୧୩.୬୩ | ୧,୨୮୧.୮୯ | ୧୪୪୩.୦୦ |
| କାହାଲଗାଁଓ-୧ | ୬୮୬.୬୧ | ୧୫.୨୪ | ୬୮୬.୬୧ | ୮୩୩.୮୬ |
| କାହାଲଗାଁଓ-୨ | ୪୯.୬୦ | ୦.୬୦ | ୪୯.୬୦ | ୧୯୮.୬୩ |
| ଚୁଖା | ୨୫୧.୦୦ | ୧୫.୧୯ | ୨୫୧.୦୦ | ୨୭୦.୨୬ |
| ତାଲା | ୧୪୪.୦୦ | ୪.୨୫ | ୧୪୪.୦୦ | ୧୭୪.୦୨ |
| ତିଷ୍ଟା | ୪୪୩.୦୦ | ୨୦.୫୯ | ୪୪୩.୦୦ | ୪୯୦.୦୬ |
| ସମୁଦାୟ ଇ.ଆର୍.ଇ.ବି | ୬୩୨୨.୮୬ | | ୬୩୨୨.୮୬ | ୬୮୩୯.୫୭ |
| **ସମୁଦାୟ** | ୨୧,୭୯୩.୧୦ | | ୨୧,୭୯୩.୧୦ | ୧୯୭୧୯.୩୮ |

**<u>ବିତରକ କଂପାନୀଙ୍କ ଉଦ୍ଦେଶ୍ୟରେ ଶକ୍ତି ଚାହିଦାର ପ୍ରଦର୍ଶିତ ପରିମାଣ</u>**

୧୧. ୨୦୦୯-୧୦ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ପ୍ରତି ବିତରକ କଂପାନୀଙ୍କର ମାସିକ ସର୍ବୋଚ୍ଚ 'ସମତାଳିକ ସର୍ବାଧିକ ଚାହିଦା' ଉପରେ ଭିତ୍ତି କରି ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ବଂଟନକାରୀ କଂପାନୀମାନଙ୍କର 'ସମତାଳିକ ସର୍ବାଧିକ ଚାହିଦା' ବା ଏସ୍ଏମ୍‌ଡିକୁ ମାସିକ ୩୦୪୩.୬୧୭ ଏମଭିଏରେ ପ୍ରଦର୍ଶନ କରାଯାଇଛି। ୨୦୦୮-୦୯ ପାଇଁ ହାରାହାରି ପ୍ରକୃତ ଏସ୍ଏମ୍‌ଡି,୨୦୦୯-୧୦ର ପ୍ରଥମ ୬ ମାସ ପାଇଁ ପ୍ରକୃତ ଏସ୍ଏମ୍‌ଡି ଏବଂ ୨୦୧୦-୧୧ ପାଇଁ ପ୍ରଦର୍ଶନକୁ ଗ୍ରୀଡକୋ ତା'ର ବିଏସପି ଏବଂ ଏଆର୍‌ଆର୍ ଆବେଦନ ପତ୍ରରେ ଉପସ୍ଥାପନ କରିଛି। ନିମ୍ନରେ ଏହାର ସାରଣୀକୃତ ବିବରଣୀ ପ୍ରଦାନ କରାଗଲା।

ସାରଣୀ- ୨

୨୦୧୦-୧୧ ପାଇଁ ବିକଳ୍ପ ସର୍ବାଧିକ ଚାହିଦା (୫ଗଉ) ର ପ୍ରଦର୍ଶନ

(ସଂଖ୍ୟା ମିଲିୟନ ୟୁନିଟ୍‌ରେ)

| କମ୍ପାନୀମାନଙ୍କର ନାମ | ଆ.ବ. ୦୮-୦୯ (ବାସ୍ତବିକ) | ୨୦୦୯-୧୦ ପାଇଁ ଓଇଆରସି ଅନୁମୋଦିତ | ୨୦୦୯-୧୦ର ୧ମ ୬ମାସ ପାଇଁ ବାସ୍ତବିକ | ଗ୍ରୀଡକୋର ଦ୍ୱାରା ଆର୍ଥିକ ବର୍ଷ ୨୦୧୦-୧୧ ପାଇଁ ପ୍ରଦର୍ଶିତ (୨୦୦୯-୧୦ର ପ୍ରଥମ ୬ ମାସର ସର୍ବାଧିକ ବିକଳ୍ପ ଚାହିଦା ଉପରେ ଆଧାରିତ) |
|---|---|---|---|---|
| | ୧ | ୨ | ୩ | ୪ |
| ସେସୁ | ୯୧୧.୧୩୮ | ୯୭୬.୯୯୦ | ୯୬୭.୧୧୪ | ୯୮୮.୫୨୩ |
| ନେସ୍‌କୋ | ୬୮୨.୫୨୬ | ୬୭୯.୭୦୦ | ୬୯୬.୦୦୮ | ୭୦୮.୧୭୩ |
| ୱେସ୍‌କୋ | ୯୬୦.୦୧୮ | ୧୦୦୭.୬୭୦ | ୮୭୨.୫୨୬ | ୯୭୧.୧୮୧ |
| ସାଉଥ୍‌କୋ | ୩୫୮.୦୮୭ | ୩୬୨.୨୪୦ | ୩୭୦.୩୪୪ | ୩୭୫.୭୪୦ |
| ସମୁଦାୟ | **୨୯୧୧.୭୬୯** | **୩୦୨୬.୬୦୦** | **୨୯୦୫.୯୯୨** | **୩୦୪୩.୬୧୭** |

୧୨. ବିତରକ କଂପାନୀଙ୍କଠାରୁ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ 'ଚାହିଦା ପ୍ରଦର୍ଶନ'ର କୌଣସି ତଥ୍ୟର ଅଭାବରେ ଗ୍ରୀଡକୋ ସଦ୍ୟ ବିଗତ ବର୍ଷର ବ୍ୟବସାୟିକ ଖସଡାକୁ ଭିତ୍ତି କରି (୨୦୦୮-୦୯ ଆ.ବ ଠାରୁ) ୨୦୮୪୬ ଲକ୍ଷ ୟୁନିଟର ଶକ୍ତି ଉପଯୋଗକୁ ଅନୁମୋଦନ ପାଇଁ ଆୟୋଗଙ୍କ ସମକ୍ଷରେ ଉପସ୍ଥାପନ କରିଛି। ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ଆୟୋଗଙ୍କର ଅନୁମୋଦନକୁ ଭିତ୍ତିକରି କ୍ୟାପଟିଭ୍ ଜେନେରେଟିଂ ପ୍ଲାଣ୍ଟ (ସିଜିପି)ମାନଙ୍କୁ ଜରୁରୀକାଳୀନ ଶକ୍ତି ଯୋଗାଣର ପରିମାଣକୁ ଗ୍ରୀଡକୋ ୧୦ ଲକ୍ଷ ୟୁନିଟ୍ ଭାବେ ଦର୍ଶାଇଛି। ବିତରକ କଂପାନୀଙ୍କ ଦ୍ୱାରା ଆହରିତ ୨୦୦୮-୦୯ ଆର୍ଥିକ ବର୍ଷ ପାଇଁ ପ୍ରକୃତ ଶକ୍ତି ପରିମାଣ, ୨୦୦୯-୧୦ ଆର୍ଥିକ ବର୍ଷର ପ୍ରଥମ ୬ ମାସର ପ୍ରକୃତ ପରିମାଣ, ଆନୁପାତିକ ଭିତ୍ତିରେ ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ପ୍ରଦର୍ଶିତ ପରିମାଣ ଏବଂ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ପ୍ରଦର୍ଶିତ ପରିମାଣକୁ ଗ୍ରୀଡକୋ ତା'ର ସ୍ଥୁଳ ଯୋଗାଣ ଦରରେ ନିମ୍ନ ସାରଣୀରେ ସୂଚିତ ମତେ ଆୟୋଗଙ୍କ ସମକ୍ଷରେ ଉପସ୍ଥାପନ କରିଛି।

ସାରଣୀ-୩

୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଶକ୍ତି ପ୍ରକ୍ଷେପଣ (ଏନର୍ଜି ପ୍ରୋଜେକସନ୍)

(ସଂଖ୍ୟା ମିଲିୟନ ୟୁନିଟ୍‌ରେ)

| କମ୍ପାନୀମାନଙ୍କର ନାମ | ଆ.ବ.୨୦୦୮-୦୯ (ବାସ୍ତବିକ) (ଏମ୍.ୟୁ) | ବାସ୍ତବିକ ୪/୦୯ ଠାରୁ ୦୯/୦୯ ପର୍ଯ୍ୟନ୍ତ (ଏମ୍.ୟୁ) | ୨୦୦୯-୧୦ ପାଇଁ ପ୍ରକ୍ଷେପଣ (ପ୍ରଥମ ୬ ମାସର ଆନୁପାତିକ ଭିତ୍ତିରେ) (ଏମ୍.ୟୁ) | ଓଇଆରସିର ଅନୁମୋଦନ ୨୦୦୯-୧୦ (ଏମ୍.ୟୁ) | ୨୦୧୦-୧୧ର ବ୍ୟବସାୟୀକ ଯୋଜନା (Business Plan) ପାଇଁ ପ୍ରକ୍ଷେପଣ (ଏମ୍.ୟୁ) | ଗ୍ରୀଡକୋର ପ୍ରକ୍ଷେପଣ ଆ.ବ୨୦୧୦-୧୧ ପାଇଁ (ଏମ୍.ୟୁ) | ଚାହିଦାରେ ବୃଦ୍ଧି ପ୍ରତିଶତ (ଆର୍ଥିକ ବର୍ଷ ୨୦୧୦-୧୧ ବନାମ ୨୦୦୯-୧୦ ପାଇଁ ଓଇଆରସି |
|---|---|---|---|---|---|---|---|

| | | | | | | | ଅନୁମୋଦିତ) |
|---|---|---|---|---|---|---|---|
| ସେସୁ | ୫୬୮୦.୧୪ | ୩୧୯୧.୭୭ | ୬୩୮୩.୫୪ | ୬୦୪୫.୦୦ | ୬୬୭୦.୦୦ | ୬୬୭୦.୦୦ | ୧୦.୩୪% |
| ନେସ୍କୋ | ୪୫୪୫.୦୭ | ୨୩୫୫.୪୫ | ୪୭୧୦.୯୦ | ୪୨୮୫.୦୦ | ୫୧୪୦.୦୦ | ୫୧୪୦.୦୦ | ୧୯.୯୫% |
| ୱେସ୍କୋ | ୬୩୮୭.୬୨ | ୩୧୩୬.୭୪ | ୬୨୭୩.୪୮ | ୬୪୩୦.୦୦ | ୬୪୫୧.୦୦ | ୬୪୫୧.୦୦ | ୦.୩୩% |
| ସାଉଥ୍‌କୋ | ୨୧୭୫.୯୩ | ୧୧୪୪.୫୦ | ୨୨୮୯.୦୦ | ୨୧୬୧.୦୦ | ୨୫୮୫.୦୦ | ୨୫୮୫.୦୦ | ୧୯.୬୨% |
| **ସମୁଦାୟ** | ୧୮୭୮୮.୭୬ | ୯୮୨୮.୪୬ | ୧୯୬୫୬.୯୨ | ୧୮୯୨୧.୦୦ | ୨୦୮୪୬.୦୦ | ୨୦୮୪୬.୦୦ | ୧୦.୧୭% |
| ଇମ୍‌ଫା | ୦.୩୩ | ୦.୦୬ | ୦.୧୦ | | | | |
| ନାଲ୍‌କୋ | ୧୪୪.୦୬ | ୧୬୭.୯୭ | ୨୦୦.୦୦ | | | | |
| ସମୁଦାୟ ସିଜିପି | ୧୪୪.୩୯ | ୧୬୮.୦୩ | ୨୦୦.୧୦ | ୧୦.୦୦ | ୦.୦୦ | ୧୦.୦୦ | ୦.୦୦% |
| **ସମୁଦାୟ ବିକ୍ରି** | ୧୮୯୩୩.୧୫ | ୧୦୦୦୬.୪୯ | ୧୯୮୫୭.୦୨ | ୧୮୯୨୧.୦୦ | | ୨୦୮୫୬.୦୦ | ୧୦.୨୩% |

**<u>ଗ୍ରୀଡକୋ ଦ୍ୱାରା ପ୍ରଦର୍ଶିତ ଆହରିତ ଶକ୍ତିର ପରିମାଣ</u>**

୧୩. ଗ୍ରୀଡକୋ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ସମୁଦାୟ ୨୧୭୯୩.୧୦ ଲକ୍ଷ ୟୁନିଟ ପରିମାଣର ଶକ୍ତି ଉପଲବ୍ଧତା ଏବଂ ୪.୩୦ ପ୍ରତିଶତର ଓପିଟିସିଏଲର ସରବରାହ-କ୍ଷତିକୁ ପ୍ରଦର୍ଶନ କରିଛି । ବିତରକ କଂପାନୀ ଓ ସିଜିପିମାନଙ୍କର ଚାହିଦାକୁ ପୂରଣ କରିବାକୁ ତଥା ସରବରାହ କ୍ଷତିଜନିତ ଆବଶ୍ୟକୀୟ ଭଡା ନିମନ୍ତେ ଗ୍ରୀଡକୋ ନିମ୍ନଲିଖିତ ମତେ ପ୍ରସ୍ତାବମାନ ବାଢ଼ିଛି ।

ସାରଣୀ-୪

୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଚାହିଦା ଓ ଶକ୍ତି ପ୍ରକ୍ଷେପଣ

| ଆଇଟମ | ଆର୍ଥିକ ବର୍ଷ ୨୦୧୦-୧୧ ପାଇଁ ପ୍ରକ୍ଷେପଣ |
|---|---|
| ବଣ୍ଟନକାରୀ କମ୍ପାନୀମାନଙ୍କ ପାଇଁ ବିକଳ୍ପ ସର୍ବାଧିକ ଚାହିଦା (ଏମ୍.ଭି.ଏ) | ୩୦୪୩.୬୧୭ |
| ବଣ୍ଟନକାରୀ କମ୍ପାନୀମାନଙ୍କୁ ଶକ୍ତି ବିକ୍ରି (ଏମ୍.ୟୁ) | ୨୦୮୪୬.୦୦ |
| ସିଜିପିମାନଙ୍କ ପ୍ରତି ଜରୁରୀକାଳୀନ ଶକ୍ତି ଯୋଗାଣ (ଏମ୍.ୟୁ) | ୧୦.୦୦ |
| ସମୁଦାୟ ଶକ୍ତି ବିକ୍ରି (ଏମ୍.ୟୁ) | ୨୦୮୫୬.୦୦ |
| ଓପିଟିସିଏଲ୍ ପଦ୍ଧତିରେ ୪.୩୦ ପ୍ରତିଶତ ହାରରେ ସଂଚାରଣ (Transmission) | ୯୩୭.୧୦ |

| | |
|---|---|
| କ୍ଷତି (ଏମ୍.ୟୁ) | |
| ସମୁଦାୟ ଶକ୍ତି ଆବଶ୍ୟକତା (ଏମ୍.ୟୁ) | ୨୧୭୯୩.୧୦ |
| ସମୁଦାୟ ଶକ୍ତି ଉପଲବ୍ଧି (ଏମ୍.ୟୁ) | ୨୧୭୯୩.୧୦ |

**୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ପ୍ରଦର୍ଶିତ ରାଜସ୍ୱ ଆବଶ୍ୟକତା**

୧୪. ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଆବେଦନ ପତ୍ରରେ ଗ୍ରୀଡକୋ ମାଛକୁଣ୍ଡ ଜଳ ବିଦ୍ୟୁତ ଷ୍ଟେସନରୁ ଅଣାଯିବାକୁ ଥିବା ଜଳ ବିଦ୍ୟୁତ ଶକ୍ତିକୁ ମିଶାଇ ଓଏଚପିସିରୁ ୫୮୯୨.୮୬ ଲକ୍ଷ ୟୁନିଟର ଶକ୍ତି କ୍ରୟକୁ ପ୍ରଦର୍ଶନ କରିଛି ଏବଂ ଏହି ଶକ୍ତି କିଣାର ଦର ବାବଦକୁ ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ବିଭିନ୍ନ ଓଏଚପିସି ଶକ୍ତି ଷ୍ଟେସନର ଓଇଆରସି ଅନୁମୋଦିତ ଦରକୁ ଅସ୍ଥାୟୀ ଭାବେ ଗ୍ରହଣ କରିଛି। କିନ୍ତୁ ମାଛକୁଣ୍ଡ ଜଳ ବିଦ୍ୟୁତ ଷ୍ଟେସନରୁ ଓଡ଼ିଶାର ଭାଗ ୫୦ ପ୍ରତିଶତ ପରିମାଣର ଶକ୍ତିକୁ ବିଚାରକୁ ନେଇ 'ମାଛକୁଣ୍ଡ ମିଳିତ ପ୍ରୋଜେକ୍ଟ'ରୁ ଅଣାଯିବାକୁ ଥିବା ଦର-ହାରକୁ ୟୁନିଟ ପିଛା ୧୯.୯୮ ପଇସାରେ ହିସାବ କରାଯାଇଛି। ମୋଟ, ଉପରେ ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ଅନୁମୋଦିତ ଦର ୟୁନିଟ ପିଛା ୫୭.୬୭ ପଇସା ବିପକ୍ଷରେ ୨୦୧୦-୧୧ ଆର୍ଥିକ ବର୍ଷ ପାଇ ୟୁନିଟ ପିଛା ୬୦.୨୩ ପଇସା ଦର-ହାରରେ ଗ୍ରୀଡକୋ ଓଏଚ୍‌ପିସିରୁ ୩୫୪.୯୨ କୋଟି ଟଙ୍କାର ୫୮୯୨.୮୬ ଲକ୍ଷ ୟୁନିଟ ବିଦ୍ୟୁତ ଶକ୍ତି କିଣିବାର ପ୍ରସ୍ତାବ ରଖିଛି।

୧୫. ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଓପିଜିସିରୁ ଅଣାଯିବାକୁ ଥିବା ଶକ୍ତିର ଦର-ହାର ହେଉଛି ୟୁନିଟ ପିଛା ୧୫୭.୭୩ ପଇସା। ଗ୍ରୀଡକୋ ଓପିଜିସିରୁ ୨୮୫୩.୪୭ ଲକ୍ଷ ୟୁନିଟର ଶକ୍ତି କିଣିବାକୁ (୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ) ଲକ୍ଷ୍ୟ ଧାର୍ଯ୍ୟ କରିଛି ଏବଂ ଏ ବାବଦରେ ତାକୁ ମୋଟ ୪୫୦.୦୮ କୋଟି ଟଙ୍କା ବ୍ୟୟ କରିବାକୁ ପଡିବ। ଏହି ପ୍ରସ୍ତାବିତ କ୍ରୟ ଦର ଓପିଜିସି ଦ୍ୱାରା ଆଗତ ହୋଇ ଓଡ଼ିଶା ସରକାରଙ୍କ 'ସ୍ଥିରୀକରଣ ଶୃଙ୍ଖଳା' ଅନୁଯାୟୀ ଅନୁମୋଦିତ ଏବଂ ଗ୍ରୀଡକୋର 'ନିର୍ଦ୍ଦେଶକ ମଣ୍ଡଳୀ'ଙ୍କ ଦ୍ୱାରା ଗୃହୀତ ହେବାକୁ ପଡିଥାଏ, ଯାହା ପୁନଃଶ୍ଚ ଆୟୋଗଙ୍କର ଅନୁମୋଦନ-ସାପେକ୍ଷ ମଧ୍ୟ। ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ଆୟୋଗଙ୍କ ଦ୍ୱାରା ଅନୁମୋଦନ ପ୍ରାପ୍ତ, ୟୁନିଟପିଛା ୧୯୩.୭୦ ପଇସା ଦର-ହାରରେ ଓପିଜିସିରୁ ୨୯୫୫.୬୬ ଲକ୍ଷ ୟୁନିଟର ଶକ୍ତି କିଣିବାକୁ ଗ୍ରୀଡ୍‌କୋକୁ ୫୭୨.୫୧ କୋଟି ଟଙ୍କା ଦେବାକୁ ପଡିଥିଲା।

୧୬. 'କେନ୍ଦ୍ରୀୟ ବିଦ୍ୟୁତ ନିୟାମକ ଆୟୋଗ'ଙ୍କ 'ଦରସୂଚୀ ନିୟମାବଳୀ', ୨୦୦୯ର ଅନୁସରଣ ପୂର୍ବକ 'ତାଳଚେର ତାପଜ ବିଦ୍ୟୁତ ଷ୍ଟେସନ' କ୍ଷେତ୍ରରେ ସିଇଆରସିଙ୍କ ସମକ୍ଷରେ ' ଜାତୀୟ ତାପଜ ଶକ୍ତି ନିଗମ'ର ସଦ୍ୟ ବିଗତ ଆବେଦନ ଅନୁଯାୟୀ, ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ଅନୁମୋଦିତ ୟୁନିଟ ପିଛା ୧୫୨.୮୦ ପଇସା ଦର-ହାର ବିପକ୍ଷରେ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ୟୁନିଟ ପିଛା ୨୧୧.୩୧ ପଇସା ଦର-ହାରରେ ଟିଟିପିଏସରୁ ୬୨୪.୯୨ କୋଟି ଟଙ୍କାର ୨୯୫୭.୩୨ ଲକ୍ଷ ୟୁନିଟର ଶକ୍ତି କିଣିବାକୁ ଗ୍ରୀଡକୋ ପ୍ରସ୍ତାବ ପ୍ରଦର୍ଶନ କରିଛି।

୧୭. ଆୟୋଗ ୨୮.୧୦.୨୦୦୯ର ମଧ୍ୟବର୍ତ୍ତୀ ଆଦେଶନାମାରେ କେଶ ନଂ ୦୬/୦୯ରୁ ୨୦/୦୯ରେ ଭିନ୍ନ ଭିନ୍ନ ସ୍ଲାବର ପରିମାଣ ପାଇଁ ସିଜିପି ଉଦ୍ଦେଶ୍ୟରେ ଯଥାକ୍ରମେ ୟୁନିଟ ପିଛା ଟ୩.୧୦ପ./ଟ୩.୪୦ପ./ଟ ୩.୭୦ପ/ଟ୪.୦୫ପ./ ଏବଂ କୋ-ଜେନେରେଟିଂ ପ୍ଲାଣ୍ଟଗୁଡିକ ଉଦ୍ଦେଶ୍ୟରେ ଯଥାକ୍ରମେ ୟୁନିଟ ପିଛା ଟ ୩.୨୦ପ./ଟ ୩.୪୦ ପ/ଟ.୩.୭୦ ପ./ଟ ୪.୦୫ପ. କୁ କ୍ରୟ ଦରର ସଂଶୋଧନ କରିଛନ୍ତି। ଏହି ସଂଶୋଧିତ ଦର ୨୦୦୯, ନଭେମ୍ବର ୧ ରୁ ୨୦୧୦ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବଳବତ୍ତର ରହିବ। ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଏକ ଅନୁମୋଦିତ ଟାରିଫ ବା ଦରସୂଚୀର ଅନୁପସ୍ଥିତିରେ, ପ୍ରଚଳିତ ଅନୁମୋଦିତ ଦର-ହାର କୁ ଆଧାର କରି ଏକ ହାରାହାରି ଦରକୁ ବିଚାରକୁ ନିଆଯାଇଛି। କିନ୍ତୁ ଏହି ଦର-ହାର ଆୟୋଗଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ବାଂଛନୀୟ, ୨୦୦୯-୧୦ଆର୍ଥିକ ବର୍ଷ ର ପ୍ରଥମ ୬ ମାସରେ ଭିନ୍ନ ଭିନ୍ନ ସିଜିପିମାନଙ୍କ ଠାରୁ କ୍ରୟିତ ଶକ୍ତିର ନିର୍ଦ୍ଦିଷ୍ଟ ପରିମାଣକୁ ବିଚାର କରି (୫ ମେଗାୱାଟରୁ କମ କିମ୍ବା ୫୦ ମେଗାୱାଟ ମଧ୍ୟରେ) ଗ୍ରୀଡକୋ ୟୁନିଟ ପିଛା ଟ୩.୨୫ ପଇସାର ଏକ ହାରାହାରି ଦରକୁ ସ୍ଥିର କରିଛି(ୟୁନିଟ ପିଛା ଟ୩.୧୦ ପଇସା ଓ ଟ ୩.୪୦ ପଇସାର ହାରାହାରି)। ସେହି ଅନୁଯାୟୀ, ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଗ୍ରୀଡକୋ ସିଜିପିମାନଙ୍କଠାରୁ ସର୍ବମୋଟ ୩୩୬.୩୮ କୋଟି ଟଙ୍କାର ୧୦୩୫ ଲକ୍ଷ ୟୁନିଟର ଶକ୍ତି

କିଣିବାକୁ ପ୍ରସ୍ତାବ କରିଛି। ସେହିଭଳି, ୟୁନିଟ ପିଛା ଟ ୩.୩୦ ପଇସାର ହାରାହାରି ଦର (ଟ ୩.୨୦ ପ. ଏବଂ ଟ ୩.୪୦ ପଇସାର ହାରାହାରି)ରେ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ କୋ-ଜେନେରେଟିଂ ପ୍ଲାଣ୍ଟମାନଙ୍କଠାରୁ ଗ୍ରୀଡକୋ ୧୭୬.୮୪ କୋଟି ଟଙ୍କାର ୫୪୫ ଲକ୍ଷ ୟୁନିଟ ପରିମାଣର ଶକ୍ତି କିଣିବାକୁ ପ୍ରସ୍ତାବ ରଖିଛି। ୨୦୦୯-୧୦ର ନଭେମ୍ବର, ୨୦୦୯ ପର୍ଯ୍ୟନ୍ତ ଗ୍ରୀଡକୋ ସିଜିପିମାନଙ୍କ ଠାରୁ ୧୨୩୮.୯୨ ଲକ୍ଷ ୟୁନିଟ ଏବଂ କୋ-ଜେନେରେଟିଂ ପ୍ଲାଣ୍ଟମାନଙ୍କଠାରୁ ୪୨୨.୬୭ ଲକ୍ଷ ୟୁନିଟର ଶକ୍ତି କିଣିଛି।

୧୮. ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ 'ଉଦ୍ଧାରିତ ଉତ୍ସ'ମାନଙ୍କରୁ ଗ୍ରୀଡକୋ ୩୦୦ ଲକ୍ଷ ୟୁନିଟର ଶକ୍ତି କିଣିବାକୁ ପ୍ରସ୍ତାବ ରଖିଛି। ତନ୍ମଧ୍ୟରେ ମୀନାକ୍ଷୀ ଶକ୍ତି କ୍ଷୁଦ୍ର ଜଳବିଦ୍ୟୁତ ପ୍ରୋଜେକ୍ଟରୁ ୧୫୦ ଲକ୍ଷ ୟୁନିଟ ଏବଂ ସାମଲ ବ୍ୟାରେଜ କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରୋଜେକ୍ଟରୁ ୧୫୦ ଲକ୍ଷ ୟୁନିଟ ଅନ୍ତର୍ଭୁକ୍ତ। ଏମାନଙ୍କ ପାଇଁ ୟୁନିଟ ପିଛା କ୍ରୟ ଦରର ହାର ହେଉଛି ଯଥା କ୍ରମେ ଟ ୩.୦୦ ଓ ଟ୩.୧୦ ପଇସା । ତେବେ, ଟ୩.୦୦ ଓ ଟ ୩.୧୦ ପଇସା - ଏହି ଦୁଇ ଦର-ହାରର ହାରିହାରି ଦର-ହାର ଟ ୩.୦୫ ପଇସାରେ (ୟୁନିଟ ପିଛା) ମୋଟ ୯୧.୫୦ କୋଟି ଟଙ୍କାର ଶକ୍ତି ଉପରୋକ୍ତ ଦୁଇଟି ପ୍ରୋଜେକ୍ଟରୁ ଗ୍ରୀଡକୋ କିଣିବାର ପ୍ରସ୍ତାବ ରଖିଛି।

୧୯. ଶକ୍ତି କ୍ରୟ ଦରର ଅନୁମୋଦନକୁ ଅପେକ୍ଷା ନ ରଖି ,୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ମେସର୍ସ ଷ୍ଟେରଲାଇଟ ଏନର୍ଜି ଲିମିଟେଡ(ଆଇପିପି)ରୁ ଗ୍ରୀଡକୋ ୧୮୮୬.୫୯ ଲକ୍ଷ ୟୁନିଟର ଶକ୍ତି କିଣିବାକୁ ପ୍ରସ୍ତାବ ରଖିଛି। ଏଥିପାଇଁ ୟୁନିଟ ପିଛା ୨୫୭.୨୪ ପଇସାର ଦର-ହାରରେ ଗ୍ରୀଡକୋକୁ ୪୮୫.୩୧ କୋଟି ଟଙ୍କାର ବ୍ୟୟ ଭାର ବହନ କରିବାକୁ ପଡିବ;ଯାହାକି କେନ୍ଦ୍ରୀୟ ତାପଜ ଶକ୍ତି ପ୍ଲାଣ୍ଟମାନଙ୍କରୁ ପ୍ରସ୍ତାବିତ ଶକ୍ତି କ୍ରୟର ହାରାହାରି ଦର/ ଦର-ହାର ଅଟେ।

୨୦. ତାରିଫ ନିୟମାବଳୀ, ୨୦୦୯ ଅନୁଯାୟୀ, ଯେଣୁ ଏନଟିପସି-ଇଆରର ଏକକ ଷ୍ଟେସନଗୁହିକ ପାଇଁ ତାରିଫ ବା ଦରସୂଚୀର ଚୂଡାନ୍ତକରଣ ହୋଇ ସାରିନାହିଁ, ତେଣୁ ବିଗତ ସିଇଆରସି ନିୟମାବଳୀ,୨୦୦୪ ଅନୁଯାୟୀ ଏନଟିପିସି ବିଲ୍ କରିଆସୁଛି। ସେହି ଅନୁସାରେ, ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ତାରିଫ ପ୍ରସ୍ତାବରେ ୨୦୦୮-୦୯ ପାଇଁ ସିଇଆରସିଙ୍କ ଦ୍ୱାରା ଅନୁମୋଦିତ କେନ୍ଦ୍ରୀୟ ତାପଜ ବିଦ୍ୟୁତ ଷ୍ଟେସନମାନଙ୍କର ସ୍ଥିର ଦରକୁ ଗ୍ରୀଡକୋ ବିବେଚନା କରିଛି। ଓଇଆରସିଙ୍କ ଦ୍ୱାରା ଏହି ଆବେଦନ ପତ୍ରର ଫଇସଲା ହେବା ପୂର୍ବରୁ ଯଦି କୌଣସି ଅତିରିକ୍ତ ଦର ଉପଲବ୍ଧ ହୁଏ, ତେବେ ତାହାକୁ ଗ୍ରୀଡକୋ ଉପସ୍ଥାପନ କରିବ। ଅତଏବ, କେନ୍ଦ୍ରୀୟ ସେକ୍ଟର ତାପଜ ବିଦ୍ୟୁତ ଷ୍ଟେସନମାନଙ୍କରୁ ୟୁନିଟ ପିଛା୨୫୭.୨୪ ପଇସାର ଦର-ହାରରେ ମୋଟ ୧୪୧୦.୯୨କୋଟି ଟଙ୍କାର ୫୪୮୪.୮୬ ଲକ୍ଷ ୟୁନିଟର ଶକ୍ତି କିଣିବାକୁ ଗ୍ରୀଡକୋ ଅଟକଳନ କରିଛି।

ସେହିଭଳି ଭାବେ ଚୁଖା, ତଲା ଓ ଟିଷ୍ଟା ଆଦି ଜଳ ବିଦ୍ୟୁତ ଷ୍ଟେସନମାନଙ୍କରୁ ଗ୍ରୀଡକୋ ୟୁନିଟ ପିଛା ୧୯୩.୫୯ ପଇସାର ଦର-ହାରରେ ମୋଟ ୧୬୨.୨୩ କୋଟି ଟଙ୍କାର ୮୩୮ ଲକ୍ଷ ୟୁନିଟ ଶକ୍ତି କିଣିବାକୁ ଗ୍ରୀଡକୋ ପ୍ରଦର୍ଶନ କରିଛି। ତେବେ, କେନ୍ଦ୍ରୀୟ ସେକ୍ଟର ଷ୍ଟେସନମାନଙ୍କରୁ ଶକ୍ତି ଉଠାଣର ଅଟକଳନ କଲାବେଳେ ଗ୍ରୀଡକୋ ୩.୮୭% ଦର-ହାରର ସରବରାହ-କ୍ଷତିକୁ ବିବେଚନା କରିଛି।

୨୧. ଅତଏବ, ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଗ୍ରୀଡକୋର ଶକ୍ତି କ୍ରୟର ସବିଶେଷ ବିବରଣୀକୁ ନିମ୍ନ ସାରଣୀରେ ପ୍ରଦର୍ଶନ ଅନୁସାରେ ଆୟୋଗଙ୍କ ସମକ୍ଷରେ ଉପସ୍ଥାପନ କରିଛି।

ସାରଣୀ-୫

୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଗ୍ରୀଡକୋ ଦ୍ୱାରା ପ୍ରଦର୍ଶିତ ଶକ୍ତି-କ୍ରୟର ବିବରଣୀ

| କ୍ର.ସଂ | ଉତ୍ସ | ଶକ୍ତି (ଏମ୍.ୟୁ) | ଦର (ୟୁନିଟ୍ ପ୍ରତି ପଇସା) | ସମୁଦାୟ ଦାମ୍ (କୋଟି ଟଙ୍କାରେ) | ଅନୁମୋଦନ ଦର ୨୦୦୯-୧୦ ପାଇଁ (ୟୁନିଟ୍ ପ୍ରତି |
|---|---|---|---|---|---|

| | | | | | |
|---|---|---|---|---|---|
| | | | | | ପଇସା) |
| ୧ | ହୀରାକୁଦ | ୯୯୭.୧୬ | ୭୫.୮୩ | ୭୫.୬୧ | ୭୩.୫୯ |
| ୨ | ରଙ୍ଗାଲି | ୬୮୮.୦୫ | ୪୪.୨୪ | ୩୦.୪୪ | ୪୭.୬୧ |
| ୩ | ଇାଲିମେଳା | ୧୧୭୨.୧୬ | ୬୧.୭୪ | ୭୨.୩୭ | ୬୬.୩୬ |
| ୪ | ଅପର କୋଲାବ | ୮୨୮.୬୩ | ୨୫.୧୪ | ୨୦.୮୩ | ୨୦.୮୨ |
| | **ସମୁଦାୟ** | ୩୬୮୬.୦୦ | ୫୪.୦୬ | ୧୯୯.୨୬ | ୫୨.୭୮ |
| ୫ | ଇନ୍ଦ୍ରାବତୀ | ୧୯୪୪.୩୬ | ୭୭.୩୬ | ୧୫୦.୪୨ | ୭୩.୩୫ |
| | **ସମୁଦାୟ** | ୫୬୩୦.୩୬ | ୬୨.୧୧ | ୩୪୯.୬୮ | ୫୯.୬୮ |
| ୬ | ମାଛକୁଣ୍ଡ | ୨୬୨.୫ | ୧୯.୯୮ | ୫.୨୪୪ | ୧୩.୯୦ |
| କ | ସମୁଦାୟ ରାଜ୍ୟ ଜଳବିଦ୍ୟୁତ୍ ଉପଲବ୍ଧି | **୫,୮୯୨.୮୬** | ୬୦.୨୩ | **୩୫୪.୯୨** | **୫୭.୬୭** |
| ୭ | ଓପିଜିସି | ୨,୮୫୩.୪୭ | ୧୫୭.୭୩ | ୪୫୦.୦୮ | ୧୯୩.୭୦ |
| ୮ | ଟିଟିପିଏସ୍ | ୨୯୫୭.୩୨ | ୨୧୧.୩୧ | ୬୨୪.୯୨ | ୧୫୨.୮୦ |
| ଖ | ସମୁଦାୟ ତାପଜ ବିଦ୍ୟୁତ୍ ଉପଲବ୍ଧି | **୫,୮୧୦.୭୯** | **୧୮୫.୦୦** | **୧,୦୭୪.୯୯** | **୧୭୨.୮୧** |
| ୯ | କେନ୍ଦ୍ରୀୟ ଉତ୍ପାଦନକାରୀ ସଂସ୍ଥା | ୧୦୩୫.୦୦ | ୩୨୫.୦୦ | ୩୩୬.୩୮ | ୩୦୦.୦୦ |
| ୧୦ | **କୋ-ଜେନେରେସନ ପ୍ଲାଣ୍ଟ** | ୫୪୫.୦୦ | ୩୩୦.୦୦ | ୧୭୯.୮୪ | - |
| ୧୧ | ନବୀକରଣୀୟ ଶକ୍ତି (ଜରଭରଙ୍ଗବଭନ୍ଧର ରଭରକ୍ସଶଛ) | ୩୦୦.୦୦ | ୩୦୫.୦୦ | ୯୧.୫୦ | ୨୬୯.୪୩ |
| ୧୨ | ସ୍ୱାଧୀନ ବିଦ୍ୟୁତ୍ ଉତ୍ପାଦକ (ଓଚଚଗ୍ଷ) (ଷ୍ଟେରିଲାଇଟ୍ ଏନର୍ଜି ଲିମିଟେଡ୍) | ୧୮୮୬.୫୯ | ୨୫୭.୨୪ | ୪୮୫.୩୧ | - |
| ଗ | ସମୁଦାୟ ରାଜ୍ୟ ଓ କେନ୍ଦ୍ରୀୟ ଉତ୍ପାଦନକାରୀ ସଂସ୍ଥା (ସିଜିପି), ସ୍ୱାଧୀନ ବିଦ୍ୟୁତ୍ ଉତ୍ପାଦକ, ନବୀକରଣୀୟ ଶକ୍ତିରୁ ଉପଲବ୍ଧି | **୩୭୬୬.୫୯** | ୨୯୦.୧୯ | ୧୦୯୩.୦୨ | ୨୭୫.୨୫ |
| ଘ | ସମୁଦାୟ **ରାଜ୍ୟ** (କ+ଖ+ଗ) | **୧୫,୪୭୦.୨୪** | **୧୬୩.୦୮** | **୨,୫୨୨.୯୪** | **୧୨୨.୭୩** |
| ୧୩ | ଟିଏସ୍‌ଟିପିଏସ୍ (ଷ୍ଟେଜ-୧) | ୨,୧୨୮.୨୪ | ୨୨୪.୯୨ | ୪୭୮.୬୮ | ୧୭୬.୨୫ |
| ୧୪ | ଟିଏସ୍‌ଟିପିଏସ୍ (ଷ୍ଟେଜ-୨) | ୧,୩୩୮.୫୨ | ୨୨୬.୨୨ | ୩୦୨.୮୦ | ୧୮୦.୭୧ |
| ୧୫ | ଫାରାକ୍କା | ୧,୨୮୧.୮୯ | ୩୨୬.୩୩ | ୪୧୮.୩୨ | ୨୨୭.୯୪ |
| ୧୬ | କାହାଲଗାଁଓ-୧ | ୬୮୬.୬୧ | ୨୮୬.୯୬ | ୧୯୭.୦୩ | ୨୨୨.୩୫ |
| ୧୭ | କାହାଲଗାଁଓ-୨ | ୪୯.୬୦ | ୨୮୩.୯୫ | ୧୪.୦୮ | ୨୦୩.୬୯ |
| ଙ | **ସମୁଦାୟ କେନ୍ଦ୍ରୀୟ ତାପଜ ଷ୍ଟେସନ (ଓଡ଼ିଶାର ଭାଗ)** | ୫,୪୮୪.୮୬ | ୨୫୭.୨୪ | ୧୪୧୦.୯୨ | ୧୯୭.୩୧ |
| ୧୮ | ଚୁଖା | ୨୫୧.୦୦ | ୧୮୭.୪୭ | ୪୭.୦୬ | ୧୮୪.୬୫ |
| ୧୯ | ତାଲା | ୧୪୪.୦୦ | ୨୧୩.୪୮ | ୩୦.୭୪ | ୨୦୯.୬୧ |
| ୨୦ | ଟିଷ୍ଟା | ୪୪୩.୦୦ | ୧୯୦.୫୯ | ୮୪.୪୩ | ୧୮୬.୭୩ |
| ଚ | ସମୁଦାୟ କେନ୍ଦ୍ରୀୟ ଜଳବିଦ୍ୟୁତ୍ ପ୍ରାପ୍ୟ | ୮୩୮.୦୦ | ୧୯୩.୫୯ | **୧୬୨.୨୩** | **୧୯୦.୩୯** |
| ଛ | ସମୁଦାୟ ଇ.ଆର୍.ଇ.ବି ଅଂଶ (ଙ+ଚ) | **୬୩୨୨.୮୬** | ୨୪୮.୮୦ | **୧୫୭୩.୧୫** | **୧୯୬.୩୭** |

| | | | | | |
|---|---|---|---|---|---|
| ଜ | ଗ୍ରୀଡ଼କୋର ସମୁଦାୟ ଶକ୍ତି ଉପଲବ୍ଧି (ଘ +ଛ) | ୨୧୭୯୩.୧୦ | ୧୮୭.୯୫ | ୪୦୯୬.୦୯ | ୧୪୮.୨୭ |

**ବିଗତ ବର୍ଷମାନଙ୍କର ଅସଂପୂର୍ଣ୍ଣ କାର୍ଯ୍ୟସୂଚୀର ସଂପନ୍ନତା ଏବଂ ତୁଲାଯାଇ ପାରି ନଥିବା ବ୍ୟୟ ଅନୁମୋଦନର ଅନୁମତି ସଂପର୍କରେ**

୨୨. ୨୦୦୯-୧୦ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ବିଗତ ବର୍ଷମାନଙ୍କର ଅସଂପୂର୍ଣ୍ଣ କାର୍ଯ୍ୟସୂଚୀର ସଂପନ୍ନତା ଏବଂ ତୁଲାଯାଇ ପାରି ନଥିବା ବ୍ୟୟ ଅନୁମୋଦନ ପାଇଁ ଗ୍ରୀଡକୋ ୯୪୫.୨୨ କୋଟି ଟଙ୍କାର ଏକ ପରିମାଣକୁ ନିମ୍ନ ସାରଣୀରେ ପ୍ରଦର୍ଶନ ମତେ ୨୦୧୦-୧୧ ଆର୍ଥିକ ବର୍ଷରେ ଅନୁମତି ଦେବାକୁ ପ୍ରସ୍ତାବ ରଖିଛି।

ସାରଣୀ-୬

ବିଗତ ବର୍ଷର କ୍ଷତି ଓ ଅ-ନିର୍ବାହିତ ବ୍ୟୟ ବାବଦକୁ ଭରଣା

(କୋଟି ଟଙ୍କାରେ)

| କ୍ର.ସଂ | ଆଇଟମ | ୨୦୧୦-୧୧ ପାଇଁ ଗ୍ରୀଡ଼କୋର ପ୍ରସ୍ତାବ |
|---|---|---|
| ୧ | ଅବମୂଲ୍ୟନ ଦେୟ ମଞ୍ଜୁର ନ ହେବାରୁ ପୂର୍ବ ବକେୟା ଯୋଗୁଁ ପ୍ରମୁଖ କରଜ ପରିଶୋଧ ପାଇଁ ସ୍ୱତନ୍ତ୍ର ବିନିଯୋଗ (ଆର୍ଥିକ ବର୍ଷ ୨୦୦୮-୦୯) Special Appropriation for principal loan repayment on account of past liabilities upto FY 2008-09 due to non-allowance of depreciation | ୬୧୨.୦୩ |
| ୨ | ଆର୍ଥିକ ବର୍ଷ ୨୦୦୯-୧୦ରେ ଉଚ୍ଚା ଦରରେ ଶକ୍ତି କ୍ରୟ ଯୋଗୁଁ ରାଜସ୍ୱ ପାର୍ଥକ୍ୟର ଭରଣା | ୯୯.୫୨ |
| ୩ | ଓପିଜିସିର ବାକିଆ ଶକ୍ତି କିଣା ବାବଦକୁ ଦେୟ | ୭୨.୫୭ |
| ୪ | ଓଏଚ୍‌ପିସିର ବାକିଆ ଶକ୍ତି କିଣା ବାବଦକୁ ଦେୟ | ୧୬୧.୧୦ |
| | ସମୁଦାୟ | ୯୪୫.୨୨ |

**ସୁଧ ପ୍ରଦାନ, ଅର୍ଥ ଉପଯୋଗ ଏବଂ ପ୍ରତିଷ୍ଠା (ସଂରଚନା)ତ୍ମକ ଦେୟ ସଂପର୍କରେ**

୨୩. ଶକ୍ତି କ୍ରୟ ସଂପର୍କିତ ଦୀର୍ଘମିଆଦୀ ଋଣ ପରିଶୋଧ ବାବଦକୁ ୨୦୧୦-୧୧ ଆର୍ଥିକ ବର୍ଷରେ ୩୬୪.୪୧ କୋଟି ଟଙ୍କାର ଭରଣା ପାଇଁ ଗ୍ରୀହକୋ ପ୍ରସ୍ତାବ ରଖିଛି। ୨୦୦୮-୦୯ରେ କର୍ମଚାରୀଙ୍କ ବେତନ ଓ ଭତ୍ତା ଆଦିର ବ୍ୟୟ ବାବଦକୁ ୩.୩୩ କୋଟି ଟଙ୍କାର ଅନୁମୋଦିତ ପରିମାଣ ବିପକ୍ଷରେ ଗ୍ରୀଡକୋକୁ ୩.୪୯ କୋଟି ଟଙ୍କାର ପ୍ରକୃତ ପରିମାଣ ବ୍ୟୟ କରିବାକୁ ପଡିଥିଲା। ତେବେ, ୬ଷ୍ଠ ବେତନ ଆୟୋଗଙ୍କ ସଂଶୋଧିତ ବେତନ ପ୍ରଦାନ ପାଇଁ ସୁପାରିଶ ଯୋଗୁ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ କର୍ମଚାରୀଙ୍କ ବେତନ ଓ ଭତ୍ତା ବାବଦକୁ ଗ୍ରୀଡକୋ ୫.୫୮ କୋଟି ଟଙ୍କାର ପରିମାଣକୁ ବିବେଚନା କରିଛି।

ସାରଣୀ-୭

୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ସୁଧ ଏବଂ ଅର୍ଥପ୍ରଦାନ ତଥା ଭିତ୍ତି-ପରିଚାଳନା ବାବଦକୁ ଦେୟ

(କୋଟି ଟଙ୍କାରେ)

| | ୨୦୧୦-୧୧ ପାଇଁ |
|---|---|

| | ଗ୍ରୀଡ଼କୋର ପ୍ରସ୍ତାବ |
|---|---|
| ୧-ସୁଧ ବାବଦକୁ ଦେୟ-ଦର | ୩୬୪.୩୧ |
| ୨-ଅନ୍ୟାନ୍ୟ ଦେୟ-ଦର | |
| (କ) କର୍ମଚାରୀଙ୍କ ବ୍ୟୟ ବାବଦକୁ ଦେୟ | ୫.୯୮ |
| (ଖ) ପ୍ରଶାସନିକ ଓ ସାଧାରଣ ବ୍ୟୟ | ୩.୯୯ |
| (ଗ) ଇଆରଏଲଡିସି, ଏନଏଲଡିସି ଦେୟ ଏବଂ ଏସଏଲଡିସି ସିଡ୍ୟୁଲିଂ ଦେୟ | ୧.୩୨ |
| (ଘ) ମରାମତି ଓ ପରିଚାଳନା ବ୍ୟୟ | ୦.୩୦ |
| ସମୁଦାୟ ଅନ୍ୟାନ୍ୟ ବ୍ୟୟ | ୧୧.୫୯ |
| ସମୁଦାୟ (୧+୨) | ୩୭୬.୦୦ |

<u>ନିବେଶିତ ମୂଳଧନର ଲାଭାଂଶ ଫେରସ୍ତ</u>

୨୪. ୪୩୨.୯୮ କୋଟି ଟଙ୍କାର ନିବେଶିତ ମୂଳଧନ ଉପରେ ୧୫.୫ ପ୍ରତିଶତ ଦର-ହାରରେ ଗ୍ରୀଡକୋ ୬୭.୧୧ କୋଟି ଟଙ୍କାର ଲାଭାଂଶ ଫେରସ୍ତ ପରିମାଣକୁ ପ୍ରସ୍ତାବ ରଖିଛି।

<u>ଅନ୍ୟାନ୍ୟ ଆୟ/ବିବିଧ ଆଦାୟ-ଦେୟ</u>

୨୫. ନାଲ୍‌କୋ ଏବଂ ଆଇସିସିଏଲରୁ ୧୦ ଲକ୍ଷ ୟୁନିଟର ଜରୁରୀକାଳୀନ ଶକ୍ତି ବିକ୍ରୀରୁ ଗ୍ରୀଡକୋ ୪.୨୦ କୋଟି ଟଙ୍କାର ଆୟ ଆଶା କରିଛି।

<u>ବାର୍ଷିକ ରାଜସ୍ୱ ଆବଶ୍ୟକତା</u>

<u>୨୬. ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଗ୍ରୀଡକୋ ତା'ର ରାଜସ୍ୱ ଆବଶ୍ୟକତା ପ୍ରସ୍ତାବକୁ ସବିଶେଷ ଭାବେ ଆୟୋଗଙ୍କ ସମକ୍ଷରେ ଉପସ୍ଥାପନ କରିଛି।</u>

ଏହାର ଏକ ସାରଣୀକୃତ ପ୍ରତିଫଳନ ନିମ୍ନରେ ପ୍ରଦାନ କରାଗଲା।

ସାରଣୀ-୮

୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଗ୍ରୀଡକୋର ବାର୍ଷିକ ରାଜସ୍ୱ ଆବଶ୍ୟକତା

(କୋଟି ଟଙ୍କାରେ)

| | ଆଇଟମ | ୨୦୦୯-୧୦ ପାଇଁ ଓଇଆରସି ଅନୁମୋଦିତ | ୨୦୧୦-୧୧ ପାଇଁ ଗ୍ରୀଡ଼କୋର ପ୍ରସ୍ତାବ |
|---|---|---|---|
| କ | ଶକ୍ତି କିଣା ଦର | ୨୯୨୩.୮୦ | ୪୦୯୬.୦୯ |
| ଖ | ମୂଳଧନ ପରିଶୋଧ ସହ ବିଗତ ବର୍ଷର କ୍ଷତି | ୮୯.୫୩ | ୯୪୫.୨୨ |
| ଗ | ସୁଧ, ଅର୍ଥ ବ୍ୟବସ୍ଥା (ରସଭବଭମର) ଏବଂ ପ୍ରତିଷ୍ଠାନ ଦେୟ | ୧୦୯.୭୭ | ୩୭୬.୦୦ |
| ଘ | ଲାଭାଂଶ ଫେରସ୍ତ | - | ୬୭.୧୧ |
| ଙ | ରାଜସ୍ୱ ଆବଶ୍ୟକତା (କ+ଖ+ଗ+ଘ) | ୩୧୨୩.୧୦ | ୫୪୮୪.୪୨ |
| ଚ | (-) ବିବିଧ ଦେୟ ଆଦାୟ | ୧୭୩.୩୦ | ୪.୨୦ |
| ଛ | ବାସ୍ତବିକ (ଘରଷ୍ଟ) ରାଜସ୍ୱ ଆବଶ୍ୟକତା (ଙ-ଚ) | ୨୯୪୯.୮୦ | ୫୪୮୦.୨୨ |

<u>ପ୍ରଚଳିତ ସ୍ଥୁଳଯୋଗାଣ ଦର-ହାରରେ ପ୍ରସ୍ତାବିତ ରାଜସ୍ୱ ଆୟ</u>

୨୭. ୨୦୦୯-୧୦ ଆର୍ଥିକ ବର୍ଷର ପ୍ରଚଳିତ ସ୍ଥୁଳ ଯୋଗାଣ ଦର-ହାରରେ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ବିତରକ କଂପାନୀମାନଙ୍କ ଠାରୁ ଆନୁମାନିକ ୨୦୮୪୬.୦୦ ଲକ୍ଷ ୟୁନିଟର ପ୍ରସ୍ତାବିତ ଶକ୍ତି ବିକ୍ରୀ ବାବଦକୁ ୨୫୧୯.୬୧ କୋଟି ଟଙ୍କାର ରାଜସ୍ୱ ଆୟ କରିବାର ପ୍ରସ୍ତାବ ରଖିଛି । ଏହାର ସବିଶେଷତା ନିମ୍ନ ସାରଣୀରେ ପ୍ରଦର୍ଶନ କରାଗଲା ।

ସାରଣୀ-୯

ପ୍ରଚଳିତ ବିଏସପି ଦର ହାରରେ ବଣ୍ଟନକାରୀ କମ୍ପାନୀମାନଙ୍କ ଉଦ୍ଦେଶ୍ୟରେ ଆକଳିତ ପରିମାଣର ଶକ୍ତି ବିକ୍ରୀରୁ ୨୦୧୦-୧୧ ବର୍ଷ ପାଇଁ ପ୍ରତ୍ୟାଶିତ ରାଜସ୍ୱ

| | ଶକ୍ତି (ଏମ୍.ୟୁ) | ୟୁନିଟ ପିଛା ପ୍ରଚଳିତ ଦର ଶକ୍ତି ଦେୟ-ଦରରୁ ସମୁଦାୟ (ୟୁନିଟ୍ ପ୍ରତି ପଇସା) | ପରିମାଣ (କୋଟି ଟଙ୍କାରେ) |
|---|---|---|---|
| ସେସୁ | ୬୬୭୦.୦୦ | ୧୦୧.୫୦ | ୬୭୭.୦୧ |
| ଣ୍ଣନସ୍କୋ | ୫୧୪୦.୦୦ | ୧୩୦.୦୦ | ୬୬୮.୨୦ |
| ୱେସ୍କୋ | ୬୪୫୧.୦୦ | ୧୫୪.୦୦ | ୯୯୩.୪୫ |
| ସାଉଥ୍କୋ | ୨୫୮୫.୦୦ | ୭୦.୦୦ | ୧୮୦.୯୫ |
| ସମୁଦାୟ | ୨୦୮୪୬.୦୦ | | ୨୫୧୯.୬୧ |

<u>୨୦୧୦-୧୧ ପାଇଁ ଏଆର୍ଆର୍ରେ ଆଧିକ୍ୟ/ନିଅଣ୍ଟ</u>

୨୮. ୨୦୧୦-୧୧ ଆର୍ଥିକ ବର୍ଷରେ ଗ୍ରୀଡକୋ ବିତରକ କଂପାନୀଙ୍କ ସହ ଶକ୍ତି ବ୍ୟବସାୟରୁ ୨୯୬୦.୬୧ କୋଟି ଟଙ୍କାର ରାଜସ୍ୱ-ନିଅଣ୍ଟର ଆଶଙ୍କିତ ପରିସ୍ଥିତିକୁ ପ୍ରସ୍ତାବ କରିଛି । ଏହାର ସବିଶେଷ ବିବରଣୀ ନିମ୍ନ ସାରଣୀରେ ପ୍ରଦର୍ଶନ କରାଗଲା ।

ସାରଣୀ-୧୦

୨୦୧୦-୧୧ ପାଇଁ ବାର୍ଷିକ ରାଜସ୍ୱ ଆବଶ୍ୟକତାରେ ବଳକା କିମ୍ବା ନିଅଣ୍ଟ ପରିମାଣ

(କୋଟି ଟଙ୍କାରେ)

| | ଆଇଟମ | ୨୦୧୦-୧୧ ପାଇଁ ଗ୍ରୀଡ଼କୋର ପ୍ରସ୍ତାବ |
|---|---|---|
| କ | ସମୁଦାୟ ରାଜସ୍ୱ ଆବଶ୍ୟକତା | ୫,୪୮୪.୪୨ |
| ଖ | ବିବିଧ ଆଦାୟ ବାଦେ | ୪.୨୦ |
| ଗ | ବାସ୍ତବିକ ରାଜସ୍ୱ ଆବଶ୍ୟକତା | ୫,୪୮୦.୨୨ |
| ଘ | ବଣ୍ଟନକାରୀ କମ୍ପାନୀମାନଙ୍କୁ ଶକ୍ତି ବିକ୍ରୀରୁ ବାସ୍ତବିକ ଆଦାୟ (ପ୍ରଚଳିତ ଟାରିଫରେ) | ୨,୫୧୯.୬୧ |
| ଙ | ବଳକା (+) କିମ୍ବା ନିଅଣ୍ଟ (-) | -୨,୯୬୦.୬୧ |

<u>୨୦୧୦-୧୧ ଆର୍ଥିକ ବର୍ଷରେ ଶକ୍ତି ଦେୟ-ଦର ଜରିଆରେ ଏଆର୍ଆର୍ରେ ପ୍ରସ୍ତାବିତ ନିଅଣ୍ଟିଆ ରାଜସ୍ୱର ଭରଣା ସଂପର୍କରେ</u>

୨୯. ୨୯୬୦.୬୧ କୋଟି ଟଙ୍କାର ଆଶଙ୍କିତ ଓ ଆକଳିତ ରାଜସ୍ୱ ନିଅଣ୍ଟକୁ ଭରଣା କରିବା ପାଇଁ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ସ୍ଥୁଳ ଯୋଗାଣ ଦରରେ ସଂଶୋଧନ କରିବା ପାଇଁ ଗ୍ରୀଡକୋ ଆୟୋଗଙ୍କ ସମକ୍ଷରେ ଆବେଦନ ପତ୍ର ଉପସ୍ଥାପନ କରିଛି ।

ବିତରକ କଂପାନୀଙ୍କ ଠାରୁ ସ୍ଥୁଳ ଯୋଗାଣ ଦରର ବୃଦ୍ଧି ଜରିଆରେ, ଅର୍ଥାତ୍ ପ୍ରଚଳିତ ହାରାହାରି ଶକ୍ତି ଦେୟ-ଦର ୟୁନିଟ ପିଛା ୧୨୨.୨୦ ପଇସାରୁ ୟୁନିଟ ପିଛା ୨୬୨.୮୯ ପଇସାକୁ ବୃଦ୍ଧି କରି ୫୪୮୦.୨୨ କୋଟି ଟଙ୍କାର ନିଟ୍ ରାଜସ୍ୱ ଆବଶ୍ୟକତାର ଭରଣା ପାଇଁ ଅନୁମତିଧାରୀ (ଗ୍ରୀଡକୋ) ପ୍ରସ୍ତାବ ରଖିଛି। ଏହା ହେଲେ ପୂର୍ବ ବର୍ଷ ତୁଳନାରେ ସ୍ଥୁଳ ଯୋଗାଣ ଦରରେ ୧୧୫.୧୩% ର ବୃଦ୍ଧି ଘଟିବ।

<u>ଚାହିଦା ଦେୟ-ଦର</u>

୩୦. ଯେଉଁ ମାସରେ ବିତରକ କଂପାନୀଙ୍କର 'ପ୍ରକୃତ ସମତାଳିକ ସର୍ବାଧିକ ଚାହିଦା ସମୂହ' ଅନୁମତିପ୍ରାପ୍ତ ମାସିକ ଏସ୍‌ଏମ୍‌ଡି ସମୂହକୁ (ଅନୁମୋଦିତ ଏସ୍‌ଏମ୍‌ଡିର ୧୧୦%) ବଳେଇ ଯାଉଥିବ, ସେହି ମାସ ପାଇଁ ବଂଟନକାରୀ କଂପାନୀଙ୍କ ଉପରେ ମାସିକ କେଭିଏ ପିଛା ଟ୨୦୦/- ଦର-ହାରରେ 'ଚାହିଦା ଦେୟ-ଦର' ବା ଡିମାଣ୍ଡ ଚାର୍ଜ ଲାଗୁ କରିବାକୁ ଗ୍ରୀଡକୋ ପ୍ରସ୍ତାବ ଦେଇଛି। ସୁତରାଂ, ଏ ବାବଦରେ ଗ୍ରୀଡକୋ ଯେଉଁ ମାସିକିଆ ବିଲ ଲାଗୁ କରିବ, ତାହାକୁ ବିତରକ କଂପାନୀମାନେ ପେମେଣ୍ଟ କରିପାରନ୍ତି। ଅବଶ୍ୟ ମାସିକିଆ-ପାର୍ଥକ୍ୟ ପରିମାଣକୁ ଭେଟିବା ପାଇଁ ଅସ୍ଥାୟୀ ଭାବରେ ଏହା କରାଯିବ, ଯାହା ବର୍ଷ ଶେଷରେ 'ସହ-ସାମିଲକରଣ' ସର୍ତ୍ତ ପ୍ରତି ସର୍ତ୍ତାଧିନ ରହିବ।

<u>ବ୍ୟୟଭାରର ଭରଣା ପାଇଁ ଗ୍ରୀଡକୋକୁ ଆଗେଇ ନେବା ନିମନ୍ତେ ଅନ୍ୟାନ୍ୟ ମିଶ୍ରିତ ଉପସ୍ଥାପନା ସମୂହ</u>

<u>ଉଠାଣ ଆଧିକ୍ୟ ଓ ବର୍ଷ ଶେଷ ଦେୟ-ଦର ସମୂହ</u>

୩୧. ଏକ ବିତରକ କଂପାନୀ ଦ୍ୱାରା କୌଣସି ଗୋଟିଏ ମାସରେ ଅନୁମୋଦିତ ପରିମାଣର ଶକ୍ତି ଠାରୁ ବହୁ ଉର୍ଦ୍ଧ୍ୱ ପରିମାଣ(୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଅନୁମୋଦିତ ଲକ୍ଷ ୟୁନିଟ୍ ବର୍ଷକ ୩୬୫ ଦିନରୁ ସଂପର୍କିତ ସେହି ମାସର ସମୁଦାୟ ଦିବସ ସଂଖ୍ୟା) ର ଶକ୍ତି ଉଠାଣ କରାଯାଇଥିଲେ, ତାହା ସରବରାହ ଦେୟ-ଦର ଓ ସରବରାହ କ୍ଷତିକୁ ମିଶାଇ ନିର୍ଦ୍ଦିଷ୍ଟ ମାସର ୟୁଆଇ ମେକାନିଜିମ ଜରିଆରେ ଉଠାଣ କରାଯାଇଥିବା ଶକ୍ତିର ଦର-ହାର / ଦର-ହାର ସମୂହ ସହ ସବୁଠାରୁ ଅଧିକ ଶକ୍ତି କ୍ରୟର ଦର-ହାର/ଦରକୁ ବିବେଚନା କରି, ଚୂଡାନ୍ତ ଭାବେ ବର୍ଷ-ଶେଷ ' ସହ-ସାମିଲ କରଣ' ସହ ସର୍ତ୍ତାଧିନ ଭାବେ ଯଥା -ଉଦ୍ଦିଷ୍ଟ ବିତରକ କଂପାନୀଙ୍କ ଉଦ୍ଦେଶ୍ୟରେ ପ୍ରଯୋଜ୍ୟ ସାଧାରଣ 'ସତନ୍ତ୍ର' (ପାର୍ଥକ୍ୟଗତ) ସ୍ଥୁଳ ଯୋଗାଣ ଦର ପରିବର୍ତ୍ତେ ମାସିକିଆ ଭିତ୍ତିରେ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଏକ ଶକ୍ତି ଷ୍ଟେସନ ପାଇଁ ନିର୍ଦ୍ଧାରିତ ସବୁଠାରୁ ଅଧିକ ଓଇଆରସି-ଅନୁମୋଦିତ ଶକ୍ତି -କ୍ରୟର ଦର-ହାରରେ ଅସ୍ଥାୟୀ ଭାବରେ ଦେୟ-ଯୋଗ୍ୟ ହେବ।

<u>ରିହାତି</u>

୩୬. ଗ୍ରୀଡକୋର ମାସିକିଆ ଶକ୍ତି ବିଲ୍ ର ସଂପୂର୍ଣ୍ଣ ପେମେଣ୍ଟ କରାଯାଉ ଥିଲେ, ସେହି ବିଲ୍ ଉପରେ ୨ ପ୍ରତିଶତର ଏକ ରିହାତିକୁ ଅନୁମତି ଦିଆଯାଇପାରେ। ତା'ଛଡା ବାକିଆ ଦେୟ ଜନିତ ବିଲ୍ ଦେବାର ଦୁଇ କାର୍ଯ୍ୟଦିବସ ମଧ୍ୟରେ ଯଦି ମାସିକ କିସ୍ତି ପରିମାଣକୁ ଗ୍ରୀଡକୋ ଆକାଉଣ୍ଟରେ ଜମା କରିଦିଆଯାଏ। ତେବେ ମଧ୍ୟ ସେହି ବାକିଆ କିସ୍ତି ପରିମାଣ ଉପରେ ୨ ପ୍ରତିଶତର ରିହାତି ଜମାକାରୀଙ୍କୁ ଦିଆଯାଇପାରେ। ପୁନଶ୍ଚ, ବିଲ ପ୍ରଦାନ କରାଯିବାର ୩୦ ଦିନ ମଧ୍ୟରେ ଅନ୍ୟ କୌଣସି ଦିବସରେ ଏଲସି କିମ୍ବା ଅପଫ୍ରଣ୍ଟ ଜରିଆରେ ଗ୍ରୀଡକୋ ଯଦି ମାସିକିଆ କିସ୍ତି ସହ ପୁରା ବିଲ୍ ମୂଲ୍ୟର ପେମେଣ୍ଟ ପାଏ, ତେବେ ମାସିକିଆ ଶକ୍ତି ଦେୟ-ଦର ଉପରେ ୧ ପ୍ରତିଶତ ରିହାତିକୁ ଅନୁମତି ଦିଆଯାଇପାରେ। ଗ୍ରୀଡକୋ ଓ ବିତରକ କଂପାନୀଙ୍କ ମଧ୍ୟରେ ସମ୍ବନ୍ଧିତ ଏସ୍‌କ୍ରୋ ଚୁକ୍ତିନାମାର ସର୍ତ୍ତ ଅନୁଯାୟୀ, ଯଦି ଗ୍ରୀଡକୋ ସପକ୍ଷରେ ଏଲସି ପ୍ରତିପାଦିତ ହୋଇଥାଏ, ତେବେ ଉପରୋକ୍ତ ବର୍ଣ୍ଣିତ ମତେ ବିତରକ କଂପାନୀମାନେ ରିହାତି ପାଇବାକୁ ହକଦାର ହେବେ।

**<u>ବଳମ୍ବିତ ଦେୟ-ପ୍ରଦାନ ଜନିତ ସରଚାର୍ଜ</u>**

୩୩. ବିଲ୍ ଉପସ୍ଥାପନର ୩୦ ଦିନ ପରେ ଦେୟ ପ୍ରଦାନ କରାଗଲେ, ମାସିକ ୧.୨୫% ଦର-ହାରରେ ବିଳମ୍ବିତ ଦେୟ-ପ୍ରଦାନ ଜନିତ ସରଚାର୍ଜ ଲାଗୁ କରାଯାଇପାରେ।

**<u>ଜଳେଣି ଦରର ସହ -ସାମିଲକରଣ</u>**

୩୪. କୋଇଲା, ତେଲ ଆଦି ଜାଳେଣି ବା ଜାଳେଣି ସଂପର୍କିତ ସାମଗ୍ରୀର ଦରବୃଦ୍ଧି ଯୋଗୁ 'ଜାତୀୟ ତାପଜ ଶକ୍ତି ନିଗମ' ବା ଏନ୍‌ଟିପିସି ଶକ୍ତିର ସ୍ଥୁଳ ଯୋଗାଣର ଦରବୃଦ୍ଧି କରିଛି। ଗ୍ରୀଡକୋ ଏନଟିପିସିରୁ କିଣୁଥିବା ଶକ୍ତିର ଦରରେ ଏହି ଜାଳେଣି ଦର-ବୃଦ୍ଧି ଯୋଗୁ ଯେତିକି ଦର ବୃଦ୍ଧି ଘଟିଛି, ସେହି ବର୍ଦ୍ଧିତ ଦରକୁ ବିତରକ କଂପାନୀଙ୍କ ପ୍ରତ୍ୟେକ ମାସର ଉଠାଣ ପରିମାଣ ଉପରେ ଆନୁପାତିକ ହାରରେ ଲାଗୁ କରିବାକୁ ବା ସେମାନଙ୍କର ସ୍ଥୁଳ ଯୋଗାଣ ବିଲ୍ ସହ ସାମିଲ କରିବାକୁ ଗ୍ରୀଡକୋ ଆୟୋଗଙ୍କୁ ପ୍ରସ୍ତାବ ଉପସ୍ଥାପନ କରିଛି। ତେବେ, ନିର୍ଦ୍ଦିଷ୍ଟ କୌଣସି ମାସର ଜାଳେଣି ସରଚାର୍ଜ ଦର ଅନୁମୋଦିତ ସ୍ଥୁଳଯୋଗାଣ ଦରର ୫ ପ୍ରତିଶତ ଅଧିକ ହେଲେ (ବା ସର୍ବାଧିକ ୨୫ ପ୍ରତିଶତ ପର୍ଯ୍ୟନ୍ତ ଅଧିକ ହେଉଥିଲେ) ବିତରକକଂପାନୀମାନେ ସେହି ଏକା ମାସରେ ସେମାନଙ୍କର ଉପଭୋକ୍ତାମାନଙ୍କଠାରୁ ଭରଣା କରିବାକୁ ସ୍ଥିତିରେ ରହିବ। ଉପଭୋକ୍ତାଙ୍କୁ ଅନୁମୋଦିତ ମାସିକ ଶକ୍ତି ବିକ୍ରୀର ପରିମାଣକୁ ବିବେଚନା କରି ସେମାନଙ୍କୁ ଦିଆ ଯିବାକୁ ଥିବା ସ୍ୱାଭାବିକ ବିଲ ସହିତ ଏହି ସରଚାର୍ଜ ଜନିତ ବିଲ ସାମିଲ କରାଯିବ।

**ଶକ୍ତିର ଉଚ୍ଚା ଦର/ ଦର-ହାର ଯୋଗୁ କେନ୍ଦ୍ରୀୟ ଉପଦେଷ୍ଟା କମିଟିର ଏକାଦଶ ବୈଠକରେ ଚିନ୍ତା ପ୍ରକଟ ଏବଂ ଭରଣା ପାଇଁ ବିମର୍ଶ / ଆଲୋଚନା**

୩୫. ୨୦୦୯, ଜୁଲାଇ ୬ରେ ଅନୁଷ୍ଠିତ ହୋଇଥିବା ' କେନ୍ଦ୍ରୀୟ ଉପଦେଷ୍ଟା କମିଟି'ର ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାକୁ ଗ୍ରୀଡକୋ ପ୍ରସ୍ତାବ ରଖିଛି। ନିମ୍ନମତେ ସେହି ନିଷ୍ପତ୍ତିର ଅବତାରଣା ଉଦ୍ଧାର କରାଗଲା। "..... ନିୟାମକ ଆୟୋଗ ଏଆର୍‌ଆର୍ ଅନୁମୋଦନ କଲାବେଳେ ଅନୁମତିଧାରୀଙ୍କ ପାଇଁ ମାସ-ୱାରୀ ବିଦ୍ୟୁତ୍ କ୍ରୟ-ପରିମାଣକୁ ସ୍ପଷ୍ଟଭାବେ ନିର୍ଦ୍ଦିଷ୍ଟ ଓ ସୂଚିତ କରିବା ବାଂଛନୀୟ ଏବଂ କ୍ରୟ-ଦରର 'ସର୍ବୋଚ୍ଚ ସୀମା' କୁ ମଧ୍ୟ ସ୍ପଷ୍ଟ କରିବା ଆବଶ୍ୟକ। ତା'ଛଡା, ଏହା ମଧ୍ୟ ସ୍ପଷ୍ଟ ଭାବେ ବ୍ୟବସ୍ଥା-ନିହିତ ହେବା ଉଚିତ ଯେ, ସୂଚିତ ପରିମାଣର ଉର୍ଦ୍ଧ୍ୱରେ କୌଣସି ପରିମାଣକୁ ଆୟୋଗ ଏଆର୍‌ଆର୍ ରେ ଅନୁମୋଦନ କରିବେ ନାହିଁ। ତେବେ, ଅଗ୍ରୀମ ଦେୟ ଦେଇ ସେହି ପରିମାଣକୁ କିଣିବେ; ଯାହା ବିଦ୍ୟୁତ୍ ଆଇନର ବିଭାଗ-୬୨ର ଅନୁପନ୍ଥୀ ଅଟେ। ଏଭଳି ପଦ୍ଧତି/କୌଶଳର ପ୍ରୟୋଗ ଦ୍ୱାରା ବିନିଯୋଗକାରୀ କର୍ତ୍ତୃପକ୍ଷଙ୍କ ପ୍ରତି ରାଜନୈତିକ ଚାପ ହ୍ରାସ ପାଇବ ବୋଲି ଉପଦେଷ୍ଟା କମିଟିର ସଦସ୍ୟବୃନ୍ଦ ଅନୁଭବ କରିଥିଲେ।"

**ଉପଯୁକ୍ତ ପାସ୍-ଥ୍ରୋ କୌଶଳ**

୩୬. ବର୍ଷ-ଶେଷ ବାସ୍ତବାୟନ ପଦ୍ଧତିକୁ ଗ୍ରହଣ କରିବା ପରିବର୍ତ୍ତେ ବିତରକ କଂପାନୀଙ୍କ ଠାରୁ ଭରଣା କରାଯିବାକୁ ଥିବା ସମୁଦାୟ ଶକ୍ତି କ୍ରୟ ଦରସମୂହର ସ୍ଥୁଳ ଯୋଗାଣ ଦରରେ ସୃଷ୍ଟ ପାର୍ଥକ୍ୟର ମାସିକ ସହ-ସାମିଲକରଣ ପାଇଁ ଗ୍ରୀଡକୋ ଫଳପ୍ରଦ ସୂତ୍ରର ଉଦ୍‌ଭବ ପାଇଁ ପ୍ରସ୍ତାବ ଦେଇଛି।

**ଆଗାମୀ ବର୍ଷମାନଙ୍କର ଏଆର୍‌ଆର୍‌ରେ ରାଜସ୍ୱ-ପାର୍ଥକ୍ୟର 'ସହ-ସାମିଲକରଣ' ପାଇଁ ଅନୁମତି ପ୍ରଦାନ ସଂପର୍କରେ...**

୩୭. ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଅନୁମୋଦିତ ରାଜସ୍ୱ-ଆବଶ୍ୟକତା ଏବଂ ଉପଲବ୍ଧ ରାଜସ୍ୱ ମଧ୍ୟରେ ସୃଷ୍ଟ କୌଣସି ପାର୍ଥକ୍ୟ ପାଇଁ ଆଗାମୀ ବର୍ଷମାନଙ୍କରେ ତାହାକୁ ସହ -ସାମିଲକରଣ ପାଇଁ ଆୟୋଗ ଅନୁଗ୍ରହ ପୂର୍ବକ ଅନୁମୋଦନ କରିବାକୁ ଗ୍ରୀଡ୍‌କୋ ପ୍ରାର୍ଥନା କରିଛି।

**୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଦରସୂଚୀ ଆବେଦନର ସାରାଂଶ**

୩୮. ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଆୟୋଗ ନିମ୍ନଲିଖିତ ଫାକ୍ଟରଗୁଡିକୁ ଅନୁମୋଦନ ନିମନ୍ତେ ଏବଂ ୧,ଏପ୍ରିଲ ୨୦୧୦ ଠାରୁ ବଳବତ୍ତର କରିବାକୁ ଗ୍ରୀଡକୋ ପ୍ରାର୍ଥନା କରିଛି।

(କ) ବିତରକ କଂପାନୀମାନଙ୍କୁ ଯୋଗାଣ କରାଯାଉଥିବା ଶକ୍ତି ଉପରେ ୟୁନିଟ ପିଛା ୨୬୨.୮୯ ପଇସା ଦର-ହାରର ଶକ୍ତି ଦେୟ-ଦର

(ଖ) ଯେତେବେଳ ପ୍ରକୃତ 'ସମତାଳିକ ସର୍ବାଧିକ ଚାହିଦା' ବା ଏସ୍‌ଏମ୍‌ଡି ଅନୁମତିପ୍ରାପ୍ତ ମାସିକିଆ ଏସଏମ୍‌ଡିରୁ ବଳେଇଯାଏ, ସେତେବେଳେ ଚାହିଦା ଦେୟ-ଦର ମାସିକ କେଭିଏ ପିଛା ଟ୨୦୦/- ଦର-ହାରରେ ହୁଏ।

(ଗ) ମାସିକିଆ ନିର୍ଦ୍ଧାରଣ ଭିତ୍ତିରେ , ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ସବୁଠାରୁ ଅଧିକ ଓଇଆରସି-ଅନୁମୋଦିତ ଶକ୍ତି-କ୍ରୟ ଦର-ହାରରେ ଧାର୍ଯ୍ୟ ପରିମାଣଠାରୁ ଅଧିକ ପରିମାଣର ଶକ୍ତିର ଦର ସ୍ଥିର କରାଯାଇଥାଏ।

(ଘ) ବିଲ୍ ପ୍ରଦାନର ତାରିଖଠାରୁ ୩୦ ଦିନ ବିତିଗଲା ପରେ ୩୧ ତମ ଦିନଠାରୁ ପରବର୍ତ୍ତୀ ସମୟ ପାଇଁ ମାସିକ ୧.୨୫% ଦର-ହରରେ ବିଳମ୍ବିତ ଦେୟ-ପ୍ରଦାନ ଜନିତ ସରଚାର୍ଜ ଲାଗୁ ହେବ।

(ଙ) ଉପରୋକ୍ତ ପ୍ରସ୍ତାବିତ ମତେ ୨% ଦର-ହାର,୧% ଦର-ହାରରେ ରିହାତି।

**<u>୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ସ୍ଥୁଳ ଯୋଗାଣ ଦର ଉପରେ ଅଭିଯୋଗକାରୀଙ୍କର ମତାୟନ: (ପରିଚ୍ଛେଦ ୩୯ ରୁ ୧୬୩)</u>**

୩୯. ଶୁଣାଣି ଆରମ୍ଭରେ ଅନୁମତିଧାରୀ (ଗ୍ରୀଡକୋ)ଙ୍କୁ ତାଙ୍କର 'ବାର୍ଷିକ ରାଜସ୍ୱ ଆବଶ୍ୟକତା' ଏବଂ 'ସ୍ଥୁଳ ଯୋଗାଣ ଦର'ର ଆବେଦନ ସଂପର୍କିତ ଏକ ଆତ୍ମପକ୍ଷ ସମର୍ଥନ ପୂର୍ବକ ଉପସ୍ଥାପନା ପ୍ରଦାନ କରିବାକୁ ଅନୁମତି ଦିଆଯାଇଥିଲା।ଉପଭୋକ୍ତା ଉପଦେଷ୍ଟା ଭାବେ ନିଯୁକ୍ତ ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର୍ ଡେଭଲପମେଣ୍ଟ ଷ୍ଟଡିଜ୍ ଭୁବନେଶ୍ୱରର ଡ଼ଃ ଏସ୍ ମେହେର ଗ୍ରୀଡକୋର ' ବାର୍ଷିକ ରାଜସ୍ୱ ଆବଶ୍ୟକତା ' ଓ 'ସ୍ଥୁଳ ଯୋଗାଣ ଦର' ଉପରେ କେତେକ ଅନୁସଂଧାନ ଓ ଅଭିଯୋଗ ଉପସ୍ଥାପନ କରିଥିଲେ। ତା'ଛଡା, ଅନୁମତିଧାରୀଙ୍କର ଉପସ୍ଥାପନା ଉପରେ ଅନ୍ୟ ଅଭିଯୋଗକାରୀମାନେ ମଧ୍ୟ ବହୁ ସଂଖ୍ୟକ ମତ /ମନ୍ତବ୍ୟ / ନିରୀକ୍ଷଣ ପ୍ରଦାନ କରିଥିଲେ। ତା'ପରେ ନିର୍ଦ୍ଦେଶକ (ଟାରିଫ) ଅନୁମତିଧାରୀଙ୍କର ଫାଇଲିଂ ଉପରେ କେତେକ ଅନୁସଂଧାନର ଉଦ୍ରେକ କରିଥିଲେ।

୪୦. ଶୁଣାଣିରେ ଭାଗ ନେଇଥିବା ସବୁ ସହଭାଗୀଙ୍କ ଦ୍ୱାରା ଉଦ୍ରେକିତ ପ୍ରସଂଗସମୂହର ଲିଖିତ ଓ ମୌଖିକ ଉପସ୍ଥାପନାକୁ ଶୁଣାଣି ସମୟରେ ଆୟୋଗ ବିଚାର କରିଛନ୍ତି। ଅଭିଯୋଗଗୁଡିକ ମଧ୍ୟରୁ କେତେକ ସାଧାରଣ ପ୍ରକୃତିର ହୋଇଥିଲା ବେଳେ, ଆଉ କେତେକ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ପ୍ରସ୍ତାବିତ ଏଆର୍ଆର୍ ଏବଂ ଟାରିଫ ଫାଇଲିଂ ସଂପର୍କରେ ସୁନିର୍ଦ୍ଦିଷ୍ଟ ଥିବା ଜଣା ପଡିଥିଲା। ପ୍ରକୃତି ଓ ପ୍ରକାର ଭେଦରେ ସେଗୁଡିକୁ ନିମ୍ନମତେ ଶ୍ରେଣୀକରଣ କରାଯାଇଛି।

**<u>ଉପଭୋକ୍ତା ଉପଦେଷ୍ଟାଙ୍କର ମତାୟନ</u>**

୪୧. ଉପଭୋକ୍ତା -ଉପଦେଷ୍ଟା ଭାବେ ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭଲପମେଣ୍ଟ ଷ୍ଟଡିଜ୍, ଭୁବନେଶ୍ୱର ଡ଼ଃ ଏସ୍ ମେହେର ଅନୁମତିଧାରୀଙ୍କର ଆବେଦନ ପତ୍ରକୁ ବିଶ୍ଳେଷଣ କରିଥିଲେ ଏବଂ ତହିଁରୁ କେତେକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟବେକ୍ଷଣ ନିମ୍ନମତେ ବର୍ଣ୍ଣନା କରାଗଲା।

**<u>ରାଜସ୍ୱ ପାର୍ଥକ୍ୟ</u>**

୪୨. ପ୍ରଚଳିତ ସ୍ଥୁଳ ଯୋଗାଣ ଦରରେ ୫୪୮୦.୨୨ କୋଟି ଟଙ୍କାର ନିଟ୍ ରାଜସ୍ୱ ଆବଶ୍ୟକତା ଏବଂ ୨୫୧୯.୬୧ କୋଟି ଟଙ୍କାର ରାଜସ୍ୱ ଆଦାୟ ପରିମାଣ ସହ ଗ୍ରୀଡକୋ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ୨୯୬୦.୬୧ କୋଟି ଟଙ୍କାର ରାଜସ୍ୱ ପାର୍ଥକ୍ୟ ପରିମାଣ ଦର୍ଶାଇଛି ତେବେ ରାଜସ୍ୱ ଆବଶ୍ୟକତା ପରିମାଣରେ ଗ୍ରୀଡକୋ ୯୪୫.୨୨ କୋଟି ଟଙ୍କାର ଏକ ପାସ୍-ଥ୍ରୋ ପରିମାଣର ପ୍ରସ୍ତାବ ଅନ୍ତର୍ଭୁକ୍ତ କରିଛି। ଏହି ନିଅଣ୍ଟକୁ ଭେଟିବା ପାଇଁ ୨୦୧୦-୧୧ ଆର୍ଥିକ ବର୍ଷର ବିଏସପିରେ ସଂଶୋଧନ ପାଇଁ ଗ୍ରୀଡକୋ ପ୍ରସ୍ତାବ ଦେଇଛି। ୨୦୦୯-୧୦ ଆର୍ଥିକ ବର୍ଷର ଶକ୍ତି ଦେୟ-ଦର ୟୁନିଟ ପିଛା ୧୨୨.୨୦ ପଇସାରୁ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଶକ୍ତି ଦେୟ-ଦର ୟୁନିଟ୍ ପିଛା ୨୬୨.୮୯ ପଇସାକୁ, ଅର୍ଥାତ୍ ୟୁନିଟ ପିଛା ୧୧୫.୧୩ ପ୍ରତିଶତ ବୃଦ୍ଧି ପାଇଁ ଗ୍ରୀଡକୋ ପ୍ରସ୍ତାବ ଦେଇଛି। ତା'ଛଡା, ବିଳମ୍ବିତ ଦେୟ ପ୍ରଦାନ ଜନିତ ସରଚାର୍ଜ ଏବଂ ସହଳ ଦେୟ ପ୍ରଦାନ ପାଇଁ ରିହାତିରେ ସଂଶୋଧନ ପାଇଁ ମଧ୍ୟ ଗ୍ରୀଡକୋ ପ୍ରସ୍ତାବ ଦେଇଛି। ଏହାର ଏକ ସାରଣୀକୃତ ଉପସ୍ଥାପନା ନିମ୍ନରେ ପ୍ରଦତ୍ତ ହେଲା।

ସାରଣୀ-୧୧

୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଗ୍ରୀଡକୋ ଦ୍ୱାରା ପ୍ରଦର୍ଶିତ ରାଜସ୍ୱ ପାର୍ଥକ୍ୟ

(କୋଟି ଟଙ୍କାରେ)

| | | ୨୦୦୯-୧୦ ପାଇଁ ଅନୁମୋଦନ | ୨୦୧୦-୧୧ ପାଇଁ ପ୍ରସ୍ତାବ | ଓଇଆରସି ଅନୁମୋଦନ ରୁ ପରିବର୍ତ୍ତନ (%) |
|---|---|---|---|---|
| କ | ଗ୍ରୀଡ଼କୋ ଦ୍ୱାରା ଶକ୍ତି କ୍ରୟ **(ମିଲିୟନ ୟୁନିଟ୍)** | ୧୯୭୧୯.୩୮ | ୨୧୭୯୩.୧୦ | ୧୦.୫୨ |
| ଖ | ଇୟ୍ୟ | | | |
| | ଶକ୍ତି କିଣା ବାବଦକୁ ବ୍ୟୟ | ୨୯୨୩.୮୦ | ୪୦୯୬.୦୯ | ୪୦.୦୯ |
| | ସୁଧ ଓ ଅର୍ଥ ବ୍ୟବସ୍ଥା ଦେୟ | ୧୦୧.୬୨ | ୩୬୪.୪୧ | ୨୫୮.୬୦ |
| | କର୍ମଚାରୀଙ୍କ ବାବଦକୁ ବ୍ୟୟ | ୩.୮୦ | ୫.୯୮ | ୫୭.୩୭ |
| | ପ୍ରଶାସନିକ ଏବଂ ସାଧାରଣ ବ୍ୟୟ | ୩.୦୩ | ୩.୯୯ | ୩୧.୬୮ |
| | ଆର୍ ଆଣ୍ଡ ଏମ୍ ବାବଦକୁ ଦେୟ | ୦ | ୦.୩୦ | - |
| | ଇଆରଏଲଡିସି ଏବଂ ଏନ୍ଏଲଡିସି ଦେୟ-ଦର | ୧.୩୨ | ୧.୩୨ | 0.00 |
| | **ସମୁଦାୟ ବ୍ୟୟ** | **୩୦୩୩.୫୭** | **୪୪୭୨.୦୯** | **୪୭.୪୨** |
| ଗ | ସ୍ୱତନ୍ତ୍ର ଉପଯୋଗ | | | |
| | ବିଗତ ବର୍ଷମାନଙ୍କର କ୍ଷତିକୁ ଭରଣା ଜନିତ ବ୍ୟୟ | ୦ | ୭୧୧.୫୫ | - |
| | ଓପିଜିସିକୁ ବାକିଆ ଦେୟ ପ୍ରଦାନ | ୦ | ୭୨.୫୭ | - |
| | ଓଏଚ୍ପିସିକୁ ବାକିଆ ଦେୟ ପ୍ରଦାନ | ୦ | ୧୬୧.୧୦ | - |
| | **ସମୁଦାୟ ବ୍ୟୟ** | ୮୯.୫୩ | ୯୪୫.୨୨ | ୯୫୫.୭୬ |
| ଘ | ଲାଭାଂଶ ଫେରସ୍ତ ଜନିତ ବ୍ୟୟ | ୦ | ୬୭.୧୧ | - |
| | ସାମୁଦାୟିକ ଭାବେ ରାଜସ୍ୱ ଆବଶ୍ୟକତା ଜନିତ ବ୍ୟୟ (ଖ+ଗ+ଘ) | ୩୧୨୩.୧୦ | ୫୪୮୪.୪୨ | ୭୫.୬୧ |
| ଙ | ବିବିଧ ଦେୟ-ଆଦାୟ ପରିମାଣ ବାଦେ | ୩.୩୦ | ୪.୨୦ | ୨୭.୨୭ |
| | ବଣ୍ଟନକାରୀ କମ୍ପାନୀମାନଙ୍କୁ ଠାରୁ କମ୍ ଆଦାୟ | ୧୭୦.୦୦ | | - |
| ଚ | ବାସ୍ତବିକ ରାଜସ୍ୱ ଆବଶ୍ୟକତା ଜନିତ ବ୍ୟୟ | ୨୯୪୯.୮୦ | ୫୪୮୦.୨୨ | ୮୫.୭୮ |
| ଛ | ପ୍ରଚଳିତ ବିଏସପି ଦର-ହାରରେ ବଣ୍ଟନକାରୀ କମ୍ପାନୀମାନଙ୍କୁ ଶକ୍ତି ବିକ୍ରୀରୁ ପ୍ରତ୍ୟାଶିତ ରାଜସ୍ୱ ପରିମାଣ | ୨୩୧୨.୧୧ | ୨୫୧୯.୬୧ | ୮.୯୭ |
| ଜ | ଆର୍ଥିକ ବର୍ଷ ୨୦୦୯-୧୦ରେ ରାଜସ୍ୱ ପାର୍ଥକ୍ୟ ପରିମାଣ | (-)୬୩୭.୬୯ | (-)୨୯୬୦.୬୧ | ୩୬୪.୨୭ |

୪୩. ୨୦୧୦-୧୧ ପାଇଁ ଏଆର୍ଆର୍‌ରେ ବୃଦ୍ଧି ପ୍ରସ୍ତାବ, ସାମୁଦାୟିକ ବିଗତ ସମୟର କ୍ଷତି ଏବଂ ୨୦୦୯-୧୦ ଆର୍ଥିକ ବର୍ଷରେ ଗ୍ରୀଡକୋର ଅସାବଧାନତା ଜନିତ ବ୍ୟୟ ପାଇଁ ଏହି ପାର୍ଥକ୍ୟ ସୃଷ୍ଟି ହୋଇଛି। ଅତଏବ, ଆୟୋଗ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଗ୍ରୀଡକୋର ଶକ୍ତି ଦେୟ-ଦରରେ ବୃଦ୍ଧି ଘଟାଇବା ଉଚିତ ନୁହେଁ; କାରଣ ଏହା ପରୋକ୍ଷରେ ଉପଭୋକ୍ତାଙ୍କ ଉପରେ ହିଁ

ପଡିବ। ବରଂ , ଯେଉଁ ଉଚ୍ଚା ପରିମାଣର ରାଜସ୍ୱ ଆବାଶ୍ୟକତା ଗ୍ରୀଡକୋ ଦର୍ଶାଇଛି, ତାହାକୁ କମାଯାଇ ଉଚ୍ଚା ରାଜସ୍ୱ ପାର୍ଥକ୍ୟକୁ କମାଇ ଦିଆଯାଇ ପାରିବ।

<u>ବିଗତ କ୍ଷତିର ପାସ୍-ଥ୍ରୋ</u>

୪୪. ୯୪୫.୨୨ କୋଟି ଟଙ୍କାର ବିଗତ ଦିନର କ୍ଷତି ଓ ଅସାବଧାନତା ଜନିତ ବ୍ୟୟ ପରିମାଣର ପାସ୍-ଥ୍ରୋ ପ୍ରସ୍ତାବକୁ ଆୟୋଗ ଯଦି ଅନୁମତି ଦିଅନ୍ତି, ତେବେ ଏହା ରାଜ୍ୟର ସାଧାରଣ ଉପଭୋକ୍ତାଙ୍କ ଉପରେ ହିଁ ବୋଝ ହେବ। ଅତଏବ, ଗ୍ରୀଡକୋର ଏହି ପ୍ରସ୍ତାବକୁ ଆୟୋଗ ବିବେଚନା କରିବା ଉଚିତ ନୁହେଁ।

**<u>କର୍ମଚାରୀ, ମରାମତି ଓ ତୁଲାଜମା ଏବଂ ପ୍ରଶାସନିକ ଓ ସାଧାରଣ ବ୍ୟୟ ସମୂହ</u>**

୪୫. ୨୦୦୯-୧୦ରେ କର୍ମଚାରୀଙ୍କ ବ୍ୟୟ ବାବଦକୁ ୩.୮୦ କୋଟି ଟଙ୍କା ଅନୁମୋଦନ କରାଯାଇଥିଲା। ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଗ୍ରୀଡକୋ ଏ ବାବଦରେ ୫.୯୮ କୋଟି ଟଙ୍କାର ପରିମାଣ ପ୍ରଦର୍ଶନ କରିଛି,ଯାହା ୨୦୦୯-୧୦ ଆର୍ଥିକ ବର୍ଷ ତୁଳନାରେ ୫୭.୩୭ ପ୍ରତିଶତର ବୃଦ୍ଧି ଅଟେ, ଯାହା ଅତି ଅଧିକ ହୋଇଯାଇଛି।

୪୬. ପ୍ରଶାସନିକ ଓ ସାଧାରଣ ବ୍ୟୟ ବାବଦକୁ ୨୦୦୯-୧୦ ରେ ୩.୦୩ କୋଟି ଟଙ୍କା ଅନୁମୋଦନ ହୋଇଥିଲା। ଗ୍ରୀଡକୋ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଏହି ବାବଦରେ ପରିମାଣକୁ ୩.୯୯ କୋଟି ଟଙ୍କାର ପ୍ରସ୍ତାବ ଦେଇଛି; ଅର୍ଥାତ୍ ବୃଦ୍ଧି ପରିମାଣ ହେଉଛି ୩୧.୬୮ ପ୍ରତିଶତ। ଏହି ପ୍ରସ୍ତାବିତ ବୃଦ୍ଧି ପରିମାଣ ମଧ୍ୟ ଖୁବ୍ ଅଧିକ ଜଣାପଡୁଛି।

୪୭. ଏହା ବାଦ୍, ମରାମତି ଓ ତୁଲାଜମା ବାବଦକୁ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଗ୍ରୀଡକୋ ୦.୩୦ କୋଟି ଟଙ୍କାର ପ୍ରସ୍ତାବ ରଖିଛି। ୨୦୦୯-୧୦ ରେ ଏ ବାବାଦରେ ବ୍ୟୟ ପାଇଁ ଆୟୋଗ କିଛି ବି ପରିମାଣକୁ ଅନୁମତି ଦେଇ ନଥିଲେ। ସେହି ଅନୁସାରେ, ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ମରାମତି ଓ ତୁଲାଜମା ବାବଦକୁ ଆୟୋଗ ଗ୍ରୀଡକୋକୁ କୌଣସି ପରିମାଣକୁ ଅନୁମତି ଦେବା ଉଚିତ ନୁହେଁ।

**<u>ଶକ୍ତି କ୍ରୟର ଦର ସଂପର୍କରେ.......</u>**

୪୮. ଉପଲବ୍ଧତାକୁ ଭିତ୍ତି କରି ଜଳ ବିଦ୍ୟୁତ୍ ଷ୍ଟେସନମାନଙ୍କରୁ ଗ୍ରୀଡକୋ ତା'ର ସମୁଦାୟ ଶକ୍ତି ଆବଶ୍ୟକତାର ଏକ ତୃତୀୟାଂଶରୁ କମ ଶକ୍ତି କିଣିବାକୁ ପ୍ରସ୍ତାବ ରଖିଛି। ଏହି ଦର ଅନ୍ୟ ଉତ୍ସମାନଙ୍କର ଦର ତୁଳନାରେ କମ ଅଟେ। ତେଣୁ ଜଳ ବିଦ୍ୟୁତ୍ ଷ୍ଟେସନମାନଙ୍କରୁ ଶକ୍ତି ଉପଲବ୍ଧତା ଉପରେ ଆକଳନ କରାଯିବାର ଆବଶ୍ୟକତା ଅଛି। ଯଦି ଗ୍ରୀଡକୋର ପ୍ରଦର୍ଶନ ଠାରୁ ଜଳ ବିଦ୍ୟୁତ୍ ଷ୍ଟେସନମାନଙ୍କରୁ ଉପଲବ୍ଧତାର ପରିମାଣ ଅଧିକ ହେବ, ତେବେ ଶକ୍ତି କ୍ରୟ ବାବଦକୁ ସମୁଦାୟ ଦାମ ପ୍ରଦର୍ଶିତ ଦାମ ଠାରୁ କମ ହେବ।

୪୯. ଏହା ଛଡା, ପ୍ରସ୍ତାବିତ ଦରସୂଚୀ ବା ଟାରିଫ ପ୍ରଦର୍ଶନକୁ ଭିତ୍ତି କରି ଗ୍ରୀଡକୋ ଶକ୍ତି କ୍ରୟ ଦରର ହିସାବ କରିଛି, ଯାହା ଆୟୋଗଙ୍କର ଅନୁମୋଦନ ପାଇବାକୁ ବାକି ଅଛି। ପ୍ରସ୍ତାବିତ ଏହି ଟାରିଫ ମଧ୍ୟ ଖୁବ୍ ଅଧିକ ଅଟେ, ଏବଂ ଯଦି ଆୟୋଗ ଏହି ପ୍ରସ୍ତାବିତ ଟାରିଫକୁ ଅନୁମୋଦନ ନ କରନ୍ତି, ତେବେ ଗ୍ରୀଡକୋ ଦ୍ୱାର ପ୍ରଦର୍ଶିତ ଶକ୍ତି କ୍ରୟର ଦର କମ ହେବ।

ସାରଣୀ- ୧୨

ଆର୍ଥିକ ବର୍ଷ ୨୦୧୦-୧୧ ପାଇଁ ପ୍ରସ୍ତାବିତ ଶକ୍ତି-କ୍ରୟ ଦର

| | ଶକ୍ତି (ଏମ୍.ୟୁ) | ଦର (ୟୁନିଟ୍ ପ୍ରତି ପଇସା) | ସମୁଦାୟ ଦର (କୋଟି ଟଙ୍କାରେ) |
|---|---|---|---|
| ରାଜ୍ୟ ଜଳ ବିଦ୍ୟୁତ ଉତ୍ସ | ୫୮୯୨.୮୬ | ୬୦.୨୩ | ୩୫୪.୯୨ |
| ରାଜ୍ୟ ତାପଜ ବିଦ୍ୟୁତ ଉତ୍ସ | ୫୮୧୦.୭୯ | ୧୮୫.୦୦ | ୧୦୭୪.୯୯ |
| ସମୁଦାୟ ରାଜ୍ୟ ଓ କେନ୍ଦ୍ରୀୟ ଉତ୍ପାଦନକାରୀ ସଂସ୍ଥା, ସ୍ୱାଧୀନ ଶକ୍ତି ଉତ୍ପାଦକ, ନବୀକରଣୀୟ ଶକ୍ତି | ୩୭୬୬.୫୯ | ୨୯୦.୧୯ | ୧୦୯୩.୦୨ |
| **ସମୁଦାୟ ରାଜ୍ୟ** | ୧୫୪୭୦.୨୪ | ୧୬୩.୦୮ | ୨୫୨୨.୯୪ |

| | | | |
|---|---|---|---|
| କେନ୍ଦ୍ରୀୟ କ୍ଷେତ୍ର | ୬୩୨୨.୮୬ | ୨୪୮.୮୦ | ୧୫୭୩.୧୫ |
| ସମୁଦାୟ | ୨୧୭୯୩.୧୦ | ୧୮୭.୯୫ | ୪୦୯୬.୦୯ |

**ସରବରାହ କ୍ଷତି**

୫୦.   ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଓପିଟିସିଏଲ୍ ର ସଂଶୋଧିତ ବ୍ୟବସାୟିକ ଖସଡ଼ାରେ ପ୍ରଦର୍ଶନ ମତେ , ଗ୍ରୀଡ୍‌କୋ ୪.୩୦ ପ୍ରତିଶତର ଏକ ସରବରାହ କ୍ଷତିର ପ୍ରସ୍ତାବ ଦେଇଛି। କିନ୍ତୁ ୨୦୦୯-୧୦ ରେ ଓଇଆରସି ୪ ପ୍ରତିଶତର ଏକ ସରବରାହ କ୍ଷତିକୁ ଅନୁମୋଦନ ଦେଇଥିଲେ। କାନୁନଗୋ କମିଟି ଏକ ପର୍ଯ୍ୟାୟ -କ୍ରମିକ ସରବରାହ କ୍ଷତି-ହ୍ରାସ ପାଇଁ ସୁପାରିଶ କରିଥିଲେ, ଯାହା ଫଳରେ ୨୦୦୭ ସୁଦ୍ଧା କେନ୍ଦ୍ରୀୟ ଶକ୍ତି ଗ୍ରୀଡ ସହ ସମତାଳିକ ଏକ ସ୍ତରକୁ ଏହି କ୍ଷତି-ହ୍ରାସକୁ ଅଣାଯାଇ ପାରିଥିଲା। ତେବେ, ଏହି ଧାରା ବିପରୀତମୁଖୀ ହେଉଥିବା ପରିଲକ୍ଷିତ ହେଉଛି। ତେଣୁ, ଶକ୍ତି ସେକ୍ଟରର ସଂସ୍କାର ସହ ଅନୁବନ୍ଧ ଭାବେ , ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ସରବରାହ କ୍ଷତିକୁ କମାଇ ଦିଆଯାଇପାରେ ଏବଂ ୩ ପ୍ରତିଶତରେ ସୀମାବଦ୍ଧ କରାଯାଇପାରେ। ଏହା ଦ୍ୱାରା , ୨୦୧୦-୧୧ ଆଥିର୍କ ବର୍ଷରେ ବିତରକ କଂପାନୀ ଏବଂ ସିଜିପିମାନଙ୍କୁ ଶକ୍ତି ବିକ୍ରୀରୁ ରାଜସ୍ୱ ବୃଦ୍ଧି ଘଟାଇବ।

**ଚାହିଦାର ପ୍ରଦର୍ଶନ**

୫୧.   ଗ୍ରୀଡକୋର ବିତରକ କଂପାନୀମାନଙ୍କୁ ଶକ୍ତି ବିକ୍ରୀ ପରିମାଣର ପ୍ରଦର୍ଶନ ସଂପର୍କରେ କୁହାଯାଇପାରେ ଯେ, ଗ୍ରୀଡକୋର ୨୦୦୮-୦୯ ଆର୍ଥିକ ବର୍ଷର ହିସାବ ଉପରେ ୨୦୦୯-୧୦ ଆର୍ଥିକ ବର୍ଷରେ ଏହା ୪.୬୨ ପ୍ରତିଶତର ବିକ୍ରୀ ପରିମାଣର ବୃଦ୍ଧି ପ୍ରଦର୍ଶନ କରିଥିଲା, ଯାହା ୨୦୦୯-୧୦ ଆର୍ଥିକ ବର୍ଷର ବିକ୍ରୀ ପରିମାଣର ହିସାବ ଅନୁଯାୟୀ ୨୦୧୦-୧୧ଆର୍ଥିକ ବର୍ଷ ବେଳକୁ ବୃଦ୍ଧି ପ୍ରଦର୍ଶନର ପ୍ରତିଶତ ହାର ମାତ୍ର ୬.୦୫ହୋଇଛି। କିନ୍ତୁ ନିରୀକ୍ଷଣରୁ ଜଣା ପଡିଛି ଯେ, ଗ୍ରୀଡକୋର ପ୍ରଦର୍ଶନ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ବିତରକ କଂପାନୀଙ୍କର ଶକ୍ତି କ୍ରୟ ପରିମାଣର ପ୍ରଦର୍ଶନକୁ ନ୍ୟୂନ କରି ଦେଇଛି। ସମ୍ମିଳିତ ଭାବେ ସବୁ ବଂଟନାକରୀ କଂପାନୀ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ୨୨୦୦୫.୧୦ ଲକ୍ଷ ୟୁନିଟର ପରିମାଣ ପ୍ରଦର୍ଶନ କରିଥିଲାବେଳେ, ଗ୍ରୀଡକୋ କେବଳ ୨୦୮୪୬ ଲକ୍ଷ ୟୁନିଟ ପରିମାଣ  ପ୍ରଦର୍ଶନ କରିଛି(୧୧୫୯.୧୦ ଲକ୍ଷ ୟୁନିଟର ନିମ୍ନତର ପ୍ରଦର୍ଶନ)। ଚାହିଦା ପ୍ରଦର୍ଶନର ଏଭଳି ଏକ ଉଲ୍ଲେଖଯୋଗ୍ୟ ପାର୍ଥକ୍ୟ ଯୋଗୁ ପ୍ରଦର୍ଶନର ଏକ ଉପଯୁକ୍ତ ବିଜ୍ଞାନ ସମ୍ମତ ପଦ୍ଧତି ଗ୍ରହଣୀୟତାର ଆବଶ୍ୟକତା ଅଛି।ଯଦି ଗ୍ରୀଡକୋ ଦ୍ୱାରା ଚାହିଦାର ପ୍ରଦର୍ଶନ ଏକ ନିମ୍ନତର-ଅଟକଳିତ ପ୍ରଦର୍ଶନ, ତେବେ ଗ୍ରୀଡକୋର ରାଜସ୍ୱ ଅଧିକ ହେବ ଏବଂ ତେଣୁ ସେହି ଅନୁଯାୟୀ ରାଜସ୍ୱ ପାର୍ଥକ୍ୟ କମିଯିବ।

ସାରଣୀ- ୧୩

ବର୍ଣ୍ଟନକାରୀ କମ୍ପାନୀମାନଙ୍କୁ ଶକ୍ତି ବିକ୍ରୟ (ଏମ୍.ୟୁ)

| | ୨୦୦୮-୦୯ ବାସ୍ତବ | ପ୍ରକ୍ଷେପଣ ବିକ୍ରି ୪/୨୦୦୯ ରୁ ୯/୨୦୦୯ | ୨୦୦୯-୧୦ ପାଇଁ ପ୍ରକ୍ଷେପଣ (୧ମ ୬ମାସର ଯଥା ବାସ୍ତବିକ ଭାଗ) | ୨୦୦୮-୦୯ ଠାରୁ % ପରିବର୍ତ୍ତନ | ୨୦୧୦-୧୧ ପାଇଁ ଗ୍ରୀଡ଼କୋର ପ୍ରକ୍ଷେପଣ | ୨୦୦୯-୧୦ର ଆନୁପାତିକ ଭିତ୍ତିରେ ପରିବର୍ତ୍ତନର ପ୍ରକ୍ଷେପଣ % **(Percentage Change over 2009-10 prorated projection)** | ଗ୍ରୀଡ଼କୋର ପ୍ରକ୍ଷେପଣ | ଗ୍ରୀଡ଼କୋ ବର୍ଣ୍ଟନକା ସଂସ୍ଥାମାନ ପ୍ରକ୍ଷେପଣ ପାର୍ଥକ୍ୟ **Differen betwe GRIDC & DISTC project** |
|---|---|---|---|---|---|---|---|---|
| | ୫୬୮୦.୧୪ | ୩୧୯୧.୭୭ | ୬୩୮୩.୫୪ | ୧୨.୩୮ | ୬୬୭୦ | ୪.୪୯ | ୭୪୦୧.୭୮ | ୭୩୧. |
| | ୪୫୪୫.୦୭ | ୨୩୫୫.୪୫ | ୪୭୧୦.୯୦ | ୩.୬୫ | ୫୧୪୦ | ୯.୧୧ | ୫୫୭୩.୩୨ | ୪୩୩. |

| | | | | | | | | |
|---|---|---|---|---|---|---|---|---|
| | ୬୩୮୭.୬୨ | ୩୧୩୬.୭୪ | ୬୨୭୩.୪୮ | -୧.୭୯ | ୬୪୫୧ | ୨.୮୩ | ୬୫୦୦ | |
| | ୨୧୭୫.୯୩ | ୧୧୪୪.୫୦ | ୨୨୮୯.୦୦ | ୫.୨୦ | ୨୫୮୫ | ୧୨.୯୩ | ୨୫୩୦ | - |
| | ୧୮୭୮୮.୭୬ | ୯୮୨୮.୪୬ | ୧୯୬୫୬.୯୨ | ୪.୬୨ | ୨୦୮୪୬ | ୬.୦୫ | ୨୨୦୦୫.୧୦ | ୧୧୫ |

**ଶକ୍ତି ବିକ୍ରୀରୁ ଲାଭ**

୫୨. ଗ୍ରୀଡକୋ ପାଖରେ ଶକ୍ତି ବଳକା ହେଉଥିବା ବେଳେ ସେ ଅନ୍ୟ ରାଜ୍ୟକୁ ଶକ୍ତି ବିକ୍ରୀ କରୁଥିଲା। ଏହି ବଳକା ବିକ୍ରୀ ଲବ୍ଧ ଆୟକୁ ଗ୍ରୀଡକୋ କିଭଳି ବିନିଯୋଗ କରୁଥିଲା, ତାହା ଆୟୋଗଙ୍କୁ ଦର୍ଶାଇବା ଉଚିତ; କାରଣ ଏବେ ବିଗତ ଦିନର କ୍ଷତିକୁ ଭରଣା ପାଇଁ ସେହି କ୍ଷତି ପରିମାଣକୁ ଗ୍ରୀଡକୋ ଉପଭୋକ୍ତାଙ୍କ ଉପରେ ଲଦି ଦେବାକୁ ଚେଷ୍ଟା କରୁଛି।

**ସାରାଂଶୀକରଣ**

୫୩. ସ୍ଥୁଳ ଯୋଗାଣ ଦରରେ ବୃଦ୍ଧି କରିବା ପାଇଁ ଆୟୋଗ ଗ୍ରୀଡକୋକୁ ଅନୁମତି ଦେବା ଉଚିତ ନୁହେଁ, କାରଣ ଯଦି ଏଭଳି ଅନୁମତି ଦିଆଯାଏ, ତେବେ ତାହା ଉପଭୋକ୍ତାଙ୍କ ଉପରେ ହିଁ ବୋଝ ହେବ। ଗ୍ରୀଡକୋ ଯେଉଁ ଉଚ୍ଚତର ରାଜସ୍ୱ ପାର୍ଥକ୍ୟ ପ୍ରଦର୍ଶନ କରିଛି, ରାଜସ୍ୱ ଆବଶ୍ୟକତାକୁ କମାଇ ଦିଆଯାଇ ତାହାର ହ୍ରାସ କରାଯାଇ ପାରିବ। କିନ୍ତୁ ରାଜସ୍ୱ ଆବଶ୍ୟକତାର ପ୍ରଦର୍ଶନ ଖୁବ୍ ଉଚ୍ଚା ହୋଇ ଯାଇଛି। ଅଧିକ ପରିମାଣର ସରବରାହ କ୍ଷତି ଶକ୍ତି ସେକ୍ଟର ସଂସ୍କାର ସହ ସହ ତାଳିକ ନୁହେଁ। ତାହାକୁ କ୍ରମଶଃ ଓ ଉଲ୍ଲେଖଯୋଗ୍ୟ ଭାବେ କମାଇ ଦିଆଯିବା ବାଂଛନୀୟ ଅଟେ। ଗ୍ରୀଡକୋ ଦ୍ୱାରା ଚାହିଦାର ପ୍ରଦର୍ଶନ ନ୍ୟୁନ ଅଟକଳନସାପେକ୍ଷ, ଯାହା ଉପଯୁକ୍ତ ବିଜ୍ଞାନ ସମ୍ମତ ପଦ୍ଧତି ସାପେକ୍ଷ ନୁହେଁ।

**ଅଭିଯୋଗକାରୀଙ୍କର ମତାୟନ**

**ଆଇନଗତ ପ୍ରସଂଗସମୂହ**

୫୪. ଗ୍ରୀଡ୍‌କୋ ଏକ ଉତ୍ପାଦନକାରୀ କିମ୍ବା ବଂଟନକାରୀ ନୁହେଁ। ଏହା ଏକ ବ୍ୟବସାୟୀ ବା ବଣିକ ମାତ୍ର। ତେଣୁ, ଗ୍ରୀଡକୋର ଆବେଦନ ଆଇନତଃ ଯଥାର୍ଥ ନୁହେଁ। ତେଣୁ ତାହା ପ୍ରତ୍ୟାଖ୍ୟାନ-ଯୋଗ୍ୟ ଅଟେ।

୫୫. ଆଇନ ଅନୁସାରେ ଏବଂ ମୁଖ୍ୟତଃ ବିଦ୍ୟୁତ୍ ଆଇନ ,୨୦୦୩ର ବିଭାଗ-୬୨ଅନୁଯାୟୀ ଦରସୂଚୀ ନିର୍ଦ୍ଧାରଣ ପାଇଁ ଗ୍ରୀଡକୋର ଆବେଦନ ଗ୍ରହଣଯୋଗ୍ୟ ନୁହେଁ ଏବଂ ସେଥିପାଇଁ ଆୟୋଗଙ୍କର କର୍ତ୍ତୃପକ୍ଷତ୍ୱ ମଧ୍ୟ ସିଦ୍ଧ ନୁହେଁ।

୫୬. ଅଭିଯୋଗ ଆମନ୍ତ୍ରଣ ସହ ଗ୍ରୀଡକୋର ଏତଦ୍‌ଜନିତ ବିଜ୍ଞପ୍ତି ଆଇନର ଆବଶ୍ୟକତାକୁ ସିଦ୍ଧ କରେ ନାହିଁ ଏବଂ ତା'ର ଆୟ ବ୍ୟୟର ହିସାବର ପୁଂଖାନୁପୁଂଖତା ପ୍ରଦାନ ବିନା କେଉଁ ଉଦ୍ଦେଶ୍ୟରେ ରାଜସ୍ୱ ଆବଶ୍ୟକତା ମଗା ଯାଇଛି, ତାହା ବୁଝି ହେଉନାହିଁ।

୫୭. ଆର୍ଥିକ ବର୍ଷ ୨୦୦୮-୦୯ ଏବଂ ୨୦୦୯-୧୦ ପାଇଁ ଗ୍ରୀଡକୋର ଆକାଉଣ୍ଟ ଅଡିଟ କରାଯାଇନାହିଁ। ତେଣୁ, ଭୁଲ ଓ ବିଭ୍ରାନ୍ତିକର ତଥ୍ୟ ଓ ସାମଗ୍ରୀ ଉପରେ ଆଧାରିତ ତା'ର ଦରଖାସ୍ତକୁ ସିଧାସଳଖ ପ୍ରତ୍ୟାଖ୍ୟାନ କରାଯିବା ଉଚିତ୍।

୫୮. ବିଦ୍ୟୁତ ଆଇନ, ୨୦୦୩ର ବିଭାଗ-୧୪ ଅନୁଯାୟୀ ଗ୍ରୀଡକୋ ହେଉଛି ଏକ 'ମତାବଲମ୍ବୀ ବିପଣନ-ଅନୁମତିଧାରୀ'। ବିଦ୍ୟୁତ ଆଇନ, ୨୦୦୩ ମୂଳେ ଅନୁମତିଧାରୀମାନେ ହେଉଛନ୍ତି -

(କ) ସରବରାହ ଅନୁମତିଧାରୀ, (ଖ) ବଂଟନ ଅନୁମତିଧାରୀ ଏବଂ (ଗ) ବିପଣନ ଅନୁମତିଧାରୀ। ଯେଣୁ, ଗ୍ରୀଡକୋ ଏକ ସରବରାହ-ଅନୁମତିଧାରୀ କିମ୍ବା ବଂଟନ-ଅନୁମତିଧାରୀ ନୁହେଁ, ତେଣୁ ଏହା କେବଳ ଶକ୍ତିର ଆନ୍ତଃ-ରାଜ୍ୟ ଶକ୍ତି ବ୍ୟବସାୟ ପାଇଁ ଏକ ବିଦ୍ୟୁତ ଶକ୍ତି -ବ୍ୟବସାୟୀ ମାତ୍ର।

୫୯. ଗ୍ରୀଡକୋ ଦ୍ୱାରା ସଂପାଦନ କରାଯାଉଥିବା ବହୁଳ ପରିମାଣର ବ୍ୟୟ ଉପଭୋକ୍ତାଙ୍କ ପାଇଁ ବୋଝ ସଦୃଶ ଅଟେ। ଉତ୍ପାଦନକାରୀ ଓ ବଂଟନ ଅନୁମତିଧାରୀଙ୍କ ମଧ୍ୟରେ ଜଣେ ମଧ୍ୟସ୍ଥି ଭାବରେ ଏକ କଂପାନୀ ସଦୃଶ ଗ୍ରୀଡକୋର କାର୍ଯ୍ୟ ପରିଚାଳନା ଅନାବଶ୍ୟକ ଅଟେ।

୬୦.  ଗ୍ରୀଡକୋ ଏକ ଆନ୍ତଃ-ରାଜ୍ୟ ଶକ୍ତି ବ୍ୟବସାୟୀ ଏବଂ ତା'ର କ୍ଷମତା ଓ କାର୍ଯ୍ୟ ପରିଚାଳନା ଅତ୍ୟନ୍ତ ସୀମିତ ଅଟେ। ତା'ର ଏଆର୍‌ଆର୍ ଅନୁମୋଦନ ଆଇନତଃ ଆବଶ୍ୟକ ନୁହେଁ। ତେଣୁ, ଗ୍ରୀଡକୋର ଏବର ଦରଖାସ୍ତ ପ୍ରତ୍ୟାଖ୍ୟାନ-ଯୋଗ୍ୟ; ଏବଂ ଜାତୀୟ ବିଦ୍ୟୁତ୍ ନୀତି ଅନୁଯାୟୀ, ବଂଟନକାରୀ କଂପାନୀମାନଙ୍କୁ ପିପିଏ ଉଦ୍ଦିଷ୍ଟ କରାଯିବା ଉଚିତ୍।

୬୧.  ୨୦୦୬, ମେ, ୧ରେ କେନ୍ଦ୍ରୀୟ ବିଦ୍ୟୁତ୍ ନିୟାମକ ଆୟୋଗ ଘୋଷଣା କରିଛନ୍ତି ଯେ, ଗ୍ରୀଡ୍‌କୋ ହେଉଛି ଏକ ଆନ୍ତଃ-ରାଜ୍ୟ ବ୍ୟବସାୟୀ ଏବଂ ତା'ର କ୍ଷମତା ସୀମିତ ଅଟେ।

୬୨.  ବିଦ୍ୟୁତ ଆଇନର ବିଭାଗ-୧୪ ର ୫ମ ସର୍ତ୍ତ ଅଧିନରେ ଗ୍ରୀଡକୋର ସ୍ଥିତି ଏକ ମତାବଲମ୍ବୀ ବିପଣନ ଅନୁମତିଧାରୀ ତୁଲ୍ୟ ଅଟେ, ଯିଏ କି ବିଦ୍ୟୁତ ଶକ୍ତିର ସ୍ଥୁଳ ବ୍ୟବସାୟକୁ ନିର୍ବାହନ କରିବ । ତେଣୁ ବିଗତ ଦିନର କ୍ଷତି, ବାକିଆ ପରିମାଣର ନିରାପତ୍ତାକରଣ ଏବଂ ତା'ର ଆବେଦନ ପତ୍ରରେ ସୂଚିତ ଅନ୍ୟାନ୍ୟ ଦର (ଦାମ୍)ର ବିଚାର ପାଇଁ ସେ ହକ୍‌ଦାର ନୁହେଁ।

୬୩.  ଆୟୋଗଙ୍କ ଅନୁମୋଦିତ ପରିମାଣ ଓ ଦର-ହାର ଠାରୁ ଅଧିକ ପରିମାଣର ଶକ୍ତି ଅଧିକ ଦର-ହାରରେ ପୂର୍ବାଞ୍ଚଳ ଗ୍ରୀଡ୍‌ରୁ ଗ୍ରୀଡକୋ ଦାମୀ ଶକ୍ତିର କ୍ରୟ ବାବଦକୁ ୯୦୦ କୋଟି ଟଙ୍କା ଦାବୀ କରିଛି।  ଗ୍ରୀଡକୋ ହେଉଛି ଏକ 'ନିୟନ୍ତ୍ରିତ ବ୍ୟଷ୍ଟି' ଏବଂ ତେଣୁ ନିୟାମକଙ୍କ ଅନୁମୋଦନ ବିନା ଦାମୀ ଶକ୍ତି କ୍ରୟ ଉପରେ ସେ ଏକତାଟିଆ ନିଷ୍ପତ୍ତି ନେଇ ପାରିବ ନାହିଁ। ଆୟୋଗ କେବଳ ରାଜ୍ୟର କ୍ୟାପ୍‌ଟିଭ ଜେନେରେଟିଂ ପ୍ଲାଣ୍ଟଗୁଡିକ ଠାରୁ ଦାମୀ ଶକ୍ତିର କ୍ରୟ ଉପରେ ଦରସୂଚୀକୁ ଅନୁମୋଦନ କରିଛନ୍ତି। ଉଚ୍ଚା ଦରରେ, ଗ୍ରୀଡକୋ ଅନ୍ୟ କୌଣସି ଶକ୍ତି କିଣିଲେ ସ୍ୱତଃ ଆଇନଗତ ମଂଜୁରୀରୁ ବାଦ୍ ପଡିବ।

୬୪.  ଗ୍ରୀଡକୋ ଆଇନଗତ ବ୍ୟବସ୍ଥାସମୂହକୁ ଉଲଂଘନ କରୁଥିବାରୁ ଏବଂ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରୁଥିବାରୁ ଦାମୀ ଶକ୍ତି କ୍ରୟ ପାଇଁ ଅତିରିକ୍ତ ଦର ଦେବାକୁ ପଡୁଛି। ଗ୍ରୀଡକୋ ଲୋଡ ଜେନେରେସନ ବାଲାନ୍ସ ରିପୋର୍ଟ ଉପସ୍ଥାପନ କରିଛି, ଯହିଁରୁ ସୂଚନା ମିଳିଛି ଯେ, ୨୦୦୮ ଡିସେମ୍ବର ଠାରୁ ୨୦୦୯, ଜୁନ ମଧ୍ୟରେ ଶକ୍ତି ଉପଲବ୍ଧତାରେ ନିଅଣ୍ଟିଆ ପରିସ୍ଥିତି ସୃଷ୍ଟି ହେବ। ବିଦ୍ୟୁତ୍ ଆଇନ, ୨୦୦୩ର ବିଭାଗ,୨୩ରେ ନ୍ୟସ୍ତ କ୍ଷମତା ବଳରେ 'ସ୍ୱଚ୍ଛ ଲୋଡ କଟକଣା' ପାଇଁ ଆୟୋଗଙ୍କର ଆଦେଶ ହାସଲ କରିବାକୁ ଗ୍ରୀଡକୋ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ।

୬୫.  କେଶ୍ ନଂ -୬୯/୨୦୦୯ରେ ଆୟୋଗଙ୍କର ୧୯.୬.୨୦୦୯ର ଆଦେଶନାମାକୁ ଗ୍ରୀଡକୋ କାର୍ଯ୍ୟକାରୀ କରିନାହିଁ; କିନ୍ତୁ ଶିଳ୍ପସଂସ୍ଥାମାନଙ୍କ ଉପରେ ଅଧିକ କଟକଣା ଲାଗୁ କରି ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ତା'ର କାର୍ଯ୍ୟ ନିର୍ବାହନ ଜାରି ରଖିଛି। ସେହିପରି, ଶକ୍ତି ନିୟମ ସଂପର୍କିତ କେଶ୍ ନଂ-୧/୨୦୧୦ ରେ ଆୟୋଗଙ୍କର ୧୪.୧.୨୦୧୦ର ଆଦେଶନାମାକୁ ଗ୍ରୀଡକୋ ଏପର୍ଯ୍ୟନ୍ତ ପାଳନ କରିନାହିଁ। ଗ୍ରୀଡକୋର ଏଭଳି ଆଚରଣ ଯୋଗୁ ବିତରକ କଂପାନୀମାନେ ମଧ୍ୟ ନିର୍ଦ୍ଦେଶ ପାଳନ କରୁନାହାନ୍ତି ଏବଂ ଗ୍ରୀଡକୋ ଏହାକୁ ଆୟୋଗଙ୍କ ଗୋଚରକୁ ଆଣିନାହିଁ।

୬୬.  ରାଜ୍ୟରେ ଶକ୍ତି ନିୟମର କାର୍ଯ୍ୟକାରିତା ପାଇଁ କେଶ୍ ନଂ -୧/୨୦୧୦ରେ ୧୪.୧.୨୦୧୦ର  ଆଦେଶନାମାକୁ ଲାଗୁ କରିବାକୁ ଆୟୋଗ ଗ୍ରୀଡକୋକୁ ନିର୍ଦ୍ଦେଶ ଦେଇପାରନ୍ତି, ଏବଂ ଏହାର ଉଲଂଘନ ହେଲେ ବିଦ୍ୟୁତ୍ ଆଇନ, ୨୦୦୩ର ବିଭାଗ - ୧୪୨ ମୂଳେ ଗ୍ରୀଡକୋ ଉପରେ ଜୋରିମାନା ଲାଗୁ କରାଯାଇପାରେ।

**<u>ସମତାଳିକ ସର୍ବାଧିକ ଚାହିଦା</u>**

୬୭.  ବଂଟନାକରୀ କଂପାନୀମାନଙ୍କଠାରୁ କୌଣସି ଯୋଗାଯୋଗର ଅନୁପସ୍ଥିତିରେ, ବିତରକ କଂପାନୀମାନଙ୍କର 'ପାଞ୍ଚ ବର୍ଷିଆ ବ୍ୟବସାୟିକ ଖସଡା' (ଆର୍ଥିକ ବର୍ଷ ୨୦୦୮-୦୯ ଠାରୁ ଆରମ୍ଭ କରି )ରେ ଉପସ୍ଥାପିତ ପ୍ରଦର୍ଶନକୁ ବିଚାର କରି ଗ୍ରୀଡକୋ ସମତାଳିକ ସର୍ବାଧିକ ଚାହିଦା ଏବଂ ଶକ୍ତି ଚାହିଦାର ପ୍ରଦର୍ଶନ କରତିଛି, ଯାହା କି ବିତରକ କଂପାନୀଙ୍କ ଦ୍ୱାରା ପ୍ରଦର୍ଶିତ ଚାହିଦା ଠାରୁ ପାର୍ଥକ୍ୟ ସୃଷ୍ଟି କରିଛି। ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଶକ୍ତି ଆବଶ୍ୟକତା ସଂପର୍କିତ ଆବେଦନ ଉପସ୍ଥାପନ କରିବାକୁ ବିତରକ କଂପାନୀମାନଙ୍କୁ ନିର୍ଦ୍ଦେଶ ଦେବା ପାଇଁ ଗ୍ରୀଡ୍‌କୋ ଆୟୋଗଙ୍କୁ ଅନୁରୋଧ କରିନାହିଁ।

**<u>ଶକ୍ତି ଆବଶ୍ୟକତା ଓ  ଉପଲବ୍‌ଧତା</u>**

୬୮.  କେନ୍ଦ୍ରୀୟ ତାପଜ ବିଦ୍ୟୁତ୍ ଷ୍ଟେସନସମୂହ ପାଇଁ ୯୦ ପ୍ରତିଶତ ପିଏଲ୍ଏଫ୍‌ରେ ଉଚ୍ଚତର ଉପଲବ୍ ଧତାକୁ ନିଆଯାଇପାରେ କାହାଲଗାଓଁ  ଏବଂ ଫାରକ୍କାରେ ନିମ୍ନତର ଉପଲବ୍ଧତା ସଂପର୍କରେ କୁହାଗଲେ, ଗ୍ରୀଡକୋ ଏନ୍‌ଟିପିସି ସହ ପ୍ରସଂଗକୁ ଯୋଡିପାରେ। ଏହା ଯଦି ସମ୍ଭବ ନୁହେଁ , ତେବେ ଅଣ-ବ୍ୟବସ୍ଥିତ ଶକ୍ତି ମଧ୍ୟରେ ତାଳଚେର ଶକ୍ତି ଷ୍ଟେସନରୁ ଅତିରିକ୍ତ ଶକ୍ତିର ବ୍ୟବସ୍ଥା ପାଇଁ ଏନଟିପିସି ରାଜି ହେବା ଉଚିତ୍।

୬୯.  ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଉତ୍ପାଦନକାରୀ ଷ୍ଟେସନ, ସିଜିପି ଓ ଅନ୍ୟାନ୍ୟ  ଉତ୍ସରୁ  ଶକ୍ତି ଉପଲବ୍ଧତା ସଂପର୍କରେ ଗ୍ରୀଡକୋ ଦ୍ୱାରା ପ୍ରଦତ୍ତ ପ୍ରଦର୍ଶନକୁ ଆୟୋଗ ଯାଞ୍ଚ କରିବା  ଉଚିତ। ପୂର୍ବବର୍ତ୍ତୀ ଆଦେଶନାମାଗୁଡିକରେ ଓଇଆରସିଙ୍କ ଦ୍ୱାରା ଅନୁମୋଦିତ ବଂଟନ କ୍ଷତି ଓ ସରବରାହ କ୍ଷତିକୁ  ପ୍ରୟୋଗ କରି ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଶକ୍ତି ଉପଲବ୍ଧତାର ପ୍ରଦର୍ଶନ କରାଯାଇପାରେ।

୭୦.  ବିତରକ କଂପାନୀଙ୍କର ଶକ୍ତି ଚାହିଦା ପ୍ରଦର୍ଶନ ବେଳେ ଗ୍ରୀଡକୋ କି ପ୍ରକାର ବଂଟନ କ୍ଷତିକୁ କିଭଳି ଭାବେ ବିବେଚନା କରିଛି, ତାହା ସ୍ୱଷ୍ଟ ନୁହେଁ। ସମୟକୁ ସମୟ ଆୟୋଗଙ୍କ ଦ୍ୱାରା ସ୍ଥିରୀକୃତ ବଂଟନ କ୍ଷତିକୁ କୌଣସି ବଂଟନକାରୀ କଂପାନୀ ମାନୁ ନାହାନ୍ତି। ତେଣୁ , ପୂର୍ବବର୍ତ୍ତୀ ଆଦେଶନାମାଗୁଡିକରେ ଆୟୋଗଙ୍କ ଦ୍ୱାରା ଅନୁମୋଦିତ ସରବରାହ ଓ ବଂଟନ କ୍ଷତି ସମୂହକୁ ଆଧାର କରି ଶକ୍ତି କ୍ରୟର ପରିମାଣକୁ ଆୟୋଗ ନିର୍ଦ୍ଧାରଣ କରିବା ଉଚିତ।

୭୧.  ଗ୍ରୀଡକୋ ଦ୍ୱାରା ପ୍ରଦତ୍ତ ଉତ୍ପାଦନ  ପରିମାଣର ପ୍ରଦର୍ଶନ ଉତ୍ପାଦନକାରୀଙ୍କର ପ୍ରଦର୍ଶନ ସମୂହ ସହ ମେଳ ଖାଉନାହିଁ। ଶକ୍ତି ଆବଶ୍ୟକତା ସଂପର୍କରେ ବଂଟନକାରୀ କଂପାନୀଙ୍କ ସହ ମଧ୍ୟ ଏହି ଏକା ପ୍ରକାର ସ୍ଥିତିର ଉଦ୍‌ଭବ ହେଉଛି।

**ରାଜ୍ୟ ଷ୍ଟେସନଗୁଡିକରୁ ଉପଲବଧତା**

୭୨.  ରାଜ୍ୟ ଉତ୍ପାଦନକାରୀ କଂପାନୀ, ଓଏଚ୍‌ପିସି ଏବଂ ଓପିଜିସିଙ୍କ ଦ୍ୱାରା  ପ୍ରଦତ୍ତ ଉତ୍ପାଦନର ପ୍ରଦର୍ଶନକୁ ଗ୍ରୀଡକୋ ଅନ୍ଧ ଭାବେ ଗ୍ରହଣ କରିଛି।

୭୩.  ୨୦୧୦-୧୧ ଆର୍ଥିକ ବର୍ଷରେ ରାଜ୍ୟ ଜଳ ବିଦ୍ୟୁତ୍ ଷ୍ଟେସନମାନଙ୍କରୁ ଶକ୍ତି ଉପଲବଧତାର ପରିମାଣ ଗ୍ରୀଡକୋର ପ୍ରସ୍ତାବିତ ୫୮୯୩ ଲକ୍ଷ ୟୁନିଟ ବିପକ୍ଷରେ ଆର୍ଥିକ  ପାଖାପାଖି ୭୯୪୮ ଲକ୍ଷ ୟୁନିଟ୍ ହେବ। କେତେକ ଅଭିଯୋଗକାରୀ ମତ ଦେଇଥିଲେ ଯେ, ୨୦୧୦-୧୧ ବର୍ଷରେ ଉତ୍ତମ ବୃଷ୍ଟିପାତକୁ ଅନୁମାନ କରି ୫୮୯୨ ଲକ୍ଷ ୟୁନିଟ ବିପକ୍ଷରେ ଗ୍ରୀଡକୋ ଅନ୍ୟୁନ ୭୦୦୦ ଲକ୍ଷ ୟୁନିଟ୍ ର ଶକ୍ତି ଓଏଚ ପିସିରୁ ନେଇପାରେ।

୭୪.  ବିଗତ ବର୍ଷମାନଙ୍କର ନିର୍ବାହନର ଧାରା ଅନୁଯାୟୀ ୨୦୧୦-୧୧ ଆର୍ଥିକ ବର୍ଷରେ ରାଜ୍ୟ ତାପଜ ବିଦ୍ୟୁତ୍  ପ୍ଲାଣ୍ଟମାନଙ୍କରୁ ଶକ୍ତି ଉପଲବ୍ଧତାର ପରିମାଣ ଅଧିକ ହେବ। ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଓପିଜିସି ଏବଂ ଟିଟିପିଏସ୍ ପାଇଁ ପିଏଲ୍ଏଫ୍ ଯଥାକ୍ରମେ ୯୦ ପ୍ରତିଶତ ଓ ୮୯ ପ୍ରତିଶତ ହେବ।

୭୫.  ଓପିଜିସିରୁ ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ଆୟୋଗଙ୍କର ଅନୁମୋଦିତ ପରିମାଣ ୨୯୫୫.୬୬ ଲକ୍ଷ ୟୁନିଟ ହୋଇଥିବାରୁ ୨୦୧୦-୧୧  ଆର୍ଥିକ ବର୍ଷ ପାଇଁ ୨୮୫୩.୪୭ ଲକ୍ଷ ୟୁନିଟର ପ୍ରସ୍ତାବିତ ପରିମାଣ ପୁନଃ ପରୀକ୍ଷଣର ଆବଶ୍ୟକତା ରଖୁଛି।

୭୬.  ଓପିଜିସିର ୟୁନିଟ-୩ ଓ ୟୁନିଟ -୪ର ସଂସ୍ଥାପନା ସଂପର୍କରେ ରାଜ୍ୟ ସରକାର କିମ୍ବା ଗ୍ରୀଡକୋ କର୍ତ୍ତୃପକ୍ଷ କୌଣସି ଗୁରୁତ୍ୱ ଦେଇ ନାହାନ୍ତି ବା ଗୁରୁତ୍ୱର ସହ ଚିନ୍ତା କରିନାହାନ୍ତି। ରାଜ୍ୟ ସରକାର ଓ ଗ୍ରୀଡକୋ କର୍ତ୍ତୃପକ୍ଷଙ୍କର ଏଭଳି ଅବହେଳା ପାଇଁ ରାଜ୍ୟର ଉପଭୋକ୍ତାମାନେ  ଅବାଂଛିତ ଶକ୍ତି ବ୍ୟାହତିର ସମ୍ମୁଖୀନ ହେବେ ଓ ଗ୍ରୀଡକୋ ଦ୍ୱାରା କ୍ରୟିତ ଶକ୍ତି ପାଇଁ ଅଧିକ ଦାମ୍ ଦେବେ, ଯାହା ସାମୁଦାୟିକ ଭାବେ ଗ୍ରହଣୀୟ ନୁହେଁ।

**ଏନଟିପିସି-ଟିଟିପିଏସ୍**

୭୭.  'ଜାତୀୟ ତାପଜ ଶକ୍ତି ନିଗମ' ଦ୍ୱାରା ବହୁଳ ବ୍ୟୟରେ ପୁନରୁଦ୍ଧାର କାର୍ଯ୍ୟ ପରେ ମଧ୍ୟ ' ତାଳଚେର ତାପଜ ବିଦ୍ୟୁତ୍ ଷ୍ଟେସନ'ର ଷ୍ଟେଜ୍ -୧ ରୁ ଉତ୍ପାଦନ ୨୪୦ ଲକ୍ଷ ୟୁନିଟ୍ ରହୁଛି।

**ସିଜିପି ସମୂହ**

୭୮. ଗ୍ରୀଡକୋର ସିଜିପିମାନଙ୍କରୁ ଶକ୍ତି ଉଠାଣର ପରିମାଣ ପ୍ରଦର୍ଶନ ଉପରେ ଅଭିଯୋଗକାରୀମାନେ ସହମତି ପ୍ରକାଶ କରୁନାହାନ୍ତି। ୨୦୦୯ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ୭୭୬ ଲକ୍ଷ ୟୁନିଟର ପ୍ରକୃତ ଆହରିତ ପରିମାଣକୁ ଭିତ୍ତିକରି ଗ୍ରୀଡକୋର ଅଟକଳନ ୧୦୩୫ ଲକ୍ଷ ୟୁନିଟ୍ ବିପକ୍ଷରେ ସିଜିପିମାନଙ୍କ ଠାରୁ ଉପଲବ୍ଧ ପରିମାଣକୁ ୧୫୫୨ ଲକ୍ଷ ୟୁନିଟରେ ବିବେଚନା କରାଯାଇପାରେ।

୭୯. ସିଜିପିମାନଙ୍କଠାରୁ ନିମ୍ନ ପରିମାଣର ଶକ୍ତି ଉପଲବ୍ଧତାର କାରଣ ସଂପର୍କରେ ଗ୍ରୀଡକୋ ସୂଚାଇବା ବାଂଛନୀୟ। ରାଜ୍ୟ ବାହାରକୁ ଯେଉଁ ଦର-ହାରରେ ସିଜିପିମାନେ ଶକ୍ତି ବିକ୍ରି କରୁଥିବେ, ବା ଯେଉଁ ଦର-ହାର ଆଶା କରୁଥିବେ, ସେହି ଦର-ହାର ସେମାନଙ୍କୁ ଦେଲେ ବରଂ ସେମାନେ ଅଧିକ ପରିମାଣର ଶକ୍ତି ଯୋଗାଇ ଦେବାକୁ ପ୍ରୋତ୍ସାହିତ ହେବେ।

**ଆଇପିପି**

୮୦. ୮୫%ର ପିଏଲଏଫ୍ ଏବଂ ୧୦%ର ଗୌଣ ଉପଯୋଗକୁ ବିବେଚନା କରି, ଗ୍ରୀଡକୋର ୧୮୮୬.୫୯ ଲକ୍ଷ ୟୁନିଟ୍ ର ପ୍ରସ୍ତାବ ବିପକ୍ଷରେ ଆଇପିପି ମେସର୍ସ ଷ୍ଟେରଲାଇଟ୍ ଏନର୍ଜି (ପ୍ରା) ଲି଼ ରୁ ଶକ୍ତି ଉପଲବ୍ଧତାର ପରିମାଣ ୨୦୦୦ ଲକ୍ଷ ୟୁନିଟ୍ ହେବ।

**ଉଦ୍ଧାରିତ ଶକ୍ତି-ଉତ୍ସରୁ ଉତ୍ପାଦନ**

୮୧. କୋ-ଜେନେରେସନ ପ୍ଲାଣ୍ଟ ଓ ଉଦ୍ଧାରିତ ଶକ୍ତି ଉତ୍ସମାନଙ୍କରୁ ପ୍ରଦର୍ଶିତ ଉପଲବ୍ଧ ପରିମାଣ ଉପରେ କେତେକ ଅଭିଯୋଗକାରୀ ସହମତି ପ୍ରକାଶ କରିଥିଲେ।

୮୨. ନିନ୍‌ଲ, ଆରତୀ ଷ୍ଟିଲ ଏବଂ ଟାଟା ସ୍ପୋଞ୍ଜରୁ ଶକ୍ତି କୁ ଉଦ୍ଧାରିତ ଉତ୍ସରୁ ଶକ୍ତି ଭାବେ ବିବେଚନା କରିବା ଠିକ ନୁହେଁ, ଯେଣୁ ଏହି ପ୍ଲାଣ୍ଟଗୁଡିକ କୋ-ଜେନେରେସନ ପ୍ଲାଣ୍ଟ ନୁହନ୍ତି।

୮୩. ମୁଖ୍ୟତଃ ସୌରଶକ୍ତି ଓ ଜୈବ ଗ୍ୟାସ ଭଳି ଉଦ୍ଧାରିତ ଶକ୍ତି ଉତ୍ସଗୁଡିକର ବିକାଶ ପାଇଁ ଓଡ଼ିଶାରେ କେତେକ 'ତାପଜ ଶକ୍ତିର ବିକାଶକାରୀ' ଅର୍ଥ ନିବେଶ କରୁଛନ୍ତି। ଗ୍ରୀଡକୋ ସେମାନଙ୍କ ସହ ସହଯୋଗ କରି ସେମାନଙ୍କ ନିବେଶର ଅନ୍ୟୁନ ୧୦ ପ୍ରତିଶତ ନିବେଶ କରିବା ଉଚିତ। କାର୍ବନ ବା ଅଙ୍ଗାରକ ବ୍ୟବସାୟରୁ ରାଜସ୍ୱ ଆୟ ପାଇଁ ମଧ୍ୟ ପ୍ରୟାସ କରାଯାଇପାରେ।

**ସମୁଦାୟ ଶକ୍ତି ଉପଲବ୍ଧତା**

୮୪. ଗ୍ରୀଡକୋ ଦ୍ୱାରା ପ୍ରସ୍ତାବିତ ୨୧୭୯୩ ଲକ୍ଷ ୟୁନିଟ୍ ପରିମାଣର ଶକ୍ତି ଉପଲବ୍ଧତା ସଂପର୍କରେ କେତେକ ଅଭିଯୋଗକାରୀ ସହମତ ନୁହନ୍ତି। ସେମାନଙ୍କ ଅଟକଳନ ଅନୁଯାୟୀ, ୨୦୧୦-୧୧ ଆର୍ଥିକ ବର୍ଷରେ ସମୁଦାୟ ଶକ୍ତି ଉପଲବ୍ଧତାର ପରିମାଣ ୨୪୩୦୩ ଲକ୍ଷ ୟୁନିଟ ହେବ।

୮୫. ରାଜ୍ୟ ଉପଭୋକ୍ତାଙ୍କର ଶକ୍ତି ଆବଶ୍ୟକତାର ପରିପୂରଣ ନିମନ୍ତେ ରାଜ୍ୟର କ୍ୟାପଟିଭ୍ ଜେନେରେଟିଂ ପ୍ଲାଣ୍ଟ୍ ସମୂହରୁ ଗ୍ରୀଡକୋ ସର୍ବାଧିକ ଶକ୍ତି ଆହରଣ କରିବାକୁ ପ୍ରୟାସ କରିବା ବାଂଛନୀୟ, ଏବଂ ତା'ପରେ ନିଜର ଯୋଗ୍ୟତାର ମାପ/ମାନ ଅନୁଯାୟୀ କେନ୍ଦ୍ରୀୟ ଶକ୍ତି ଷ୍ଟେସନମାନଙ୍କରୁ ଯଥାଯୋଗ୍ୟ ପରିମାଣର ଶକ୍ତି ପାଇବାକୁ ପ୍ରୟାସ କରାଯିବା ଉଚିତ୍।

୮୬. ଉପଭୋକ୍ତାଙ୍କର ପିକ୍ ନିର୍ଘଣ୍ଟର ଚାହିଦା ଏବଂ ଜଳସେଚନ ଚାହିଦାର ପରିପୂରଣ ପାଇଁ ଗ୍ରୀଡକୋ ପଡୋଶୀ ରାଜ୍ୟରୁ ଅଫ୍-ପିକ୍ ନିର୍ଘଣ୍ଟର ଏବଂ ବଳକା ତାପଜ ବିଦ୍ୟୁତ ଶକ୍ତିର ଆମଦାନୀ ଉପଲବ୍ଧତାର ସୁଯୋଗ ନେବା ଉଚିତ। ଏହି ଆମଦାନୀ ପରିମାଣକୁ ଏବିଟି ଅଧିନରେ ଜଳ ବିଦ୍ୟୁତ୍ ଷ୍ଟେସନମାନଙ୍କରୁ ଶକ୍ତି ଉତ୍ପାଦନ ଜରିଆରେ ନିମ୍ନ ଫ୍ରିକ୍ୟୁଏନସି ନିର୍ଘଣ୍ଟରେ ସେହି ପଡୋଶୀ ରାଜ୍ୟକୁ ମଧ୍ୟ ଫେରାଇ (ସୁଝି) ଦେଇଦେବ।

୮୭. ୨୦୦୬ରେ ରାଜ୍ୟ ସରକାର ଓ ଗ୍ରୀଡକୋର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକଙ୍କୁ ସୂଚନା ଦିଆଯାଇଥିଲା ଯେ, ୨୦୦୯-୧୦ ଆର୍ଥିକ ବର୍ଷ ଠାରୁ ରାଜ୍ୟର ବର୍ଦ୍ଧିଷ୍ଣୁ ଶକ୍ତି ଚାହିଦାର ପରିପୂରଣ ପାଇଁ ୯୦୦୦ ଲକ୍ଷ ୟୁନିଟ୍ ର ଅତିରିକ୍ତ ଆବଶ୍ୟକତା ସୃଷ୍ଟି ହେବ।

୮୮. ସିଇଏ ରିପୋର୍ଟକୁ ଭିତ୍ତି କରି, ଓଇଆରସି ଅଧକ୍ଷ ରାଜ୍ୟରେ ଅଧିକ ବିଦ୍ୟୁତ୍ ଶକ୍ତିର ଆବଶ୍ୟକତା ସଂପର୍କରେ ଆଶୁ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ଜଣାଇଥିଲେ। କିନ୍ତୁ, କେବଳ ୨୧ ଟି ଆଇପିପି ସହ ତାପଜ ପ୍ଲାଣ୍ଟ ପ୍ରତିଷ୍ଠା ଚୁକ୍ତିନାମା ସ୍ୱାକ୍ଷର କରିବା ବାଦ୍ ଆଉ କିଛି ପଦକ୍ଷେପ ରାଜ୍ୟ ସରକାର ଗ୍ରହଣ କରିନାହାନ୍ତି। ଆଜି ପର୍ଯ୍ୟନ୍ତ କେବଳ ଷ୍ଟେରଲାଇଟ ଏନର୍ଜି(ପ୍ରା)ଲିଃ ତା'ର ସାଧାରଣ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛି। ଏ ଦିଗରେ, ଦେଶର ଅନ୍ୟ ରାଜ୍ୟମାନଙ୍କ ଭଳି ରାଜ୍ୟ ସରକାର କିମ୍ବା ଗ୍ରୀଡକୋ କର୍ତ୍ତୃପକ୍ଷ କୌଣସି ଦୃଢ଼ ପଦକ୍ଷେପ ଗ୍ରହଣ କରିନାହାନ୍ତି।

୮୯. ମଧ୍ୟମ ଅବଧି (୨ ରୁ ୩ ବର୍ଷରେ) ଜରିଆରେ ଶକ୍ତି ହାସଲ ପାଇଁ ଗ୍ରୀଡକୋ ଆବଶ୍ୟକୀୟ ବନ୍ଦୋବସ୍ତ କରିବା ଉଚିତ୍।

**<u>ସରବରାହ କ୍ଷତି</u>**

୯୦. ୨୦୦୯ ଏପ୍ରିଲରୁ ୨୦୧୦ ଜାନୁଆରୀ ସମୟ ଅବଧିରେ ଇଆର୍ ପଦ୍ଧତି ପାଇଁ ହାରାହାରି ସିଡ୍ୟୁଲଭୁକ୍ତ ପଦ୍ଧତିଗତ କ୍ଷତିକୁ ଭିତ୍ତି କରି ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ୪ ପ୍ରତିଶତରୁ କମ୍‌ରେ ଓପିଟିସିଏଲ୍ ସରବରାହ କ୍ଷତିକୁ ସୀମିତ ରଖିବା ବାଂଛନୀୟ; ଏବଂ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ କେନ୍ଦ୍ରୀୟ ସରବରାହ କ୍ଷତିକୁ ୩ ପ୍ରତିଶତରେ ବିବେଚନା କରାଯିବା ଉଚିତ୍।

୯୧. ଗ୍ରୀଡକୋ ବିତରକ କଂପାନୀଙ୍କର ୪୯ ପ୍ରତିଶତ ଅଂଶୀଦାର ଏବଂ ଗ୍ରୀଡକୋର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ବିତରକ କଂପାନୀଙ୍କର ଅଧକ୍ଷ ହୋଇଥିବା ଯୋଗୁ, ବିତରକ କଂପାନୀଙ୍କର "ହାରାହାରି ବୈଷୟିକ ଓ ବ୍ୟବସାୟିକ କ୍ଷତି"କୁ ହ୍ରାସ କରିବାର ବହୁବିଧ ଉପାୟ ଅବଲମ୍ବନ ପୂର୍ବକ ତାହାକୁ କାର୍ଯ୍ୟକାରୀ କରିବାର ତତ୍ତ୍ୱାବଧାନ ଗ୍ରୀଡକୋକୁ ହିଁ କରିବାକୁ ପଡିବ।

୯୨. ସରବରାହ ଓ ବଂଟନ କ୍ଷତି ହ୍ରାସ ପାଇଁ ବଂଟନକାରୀ କଂପାନୀମାନଙ୍କୁ ପ୍ରୋତ୍ସାହିତ କରାଯିବା ଉଚିତ; ଏବଂ ଆୟୋଗଙ୍କର ଅନୁମୋଦିତ ସ୍ତରଠାରୁ ଯେଉଁ ବଂଟନକାରୀ କଂପାନୀମାନେ ଅଧିକ ସରବରାହ ଓ ବଂଟନ କ୍ଷତି ହାସଲ କରିପାରୁଥିବେ,ସେମାନଙ୍କୁ ଗ୍ରୀଡକୋ ସ୍ଥୁଳ ଯୋଗାଣ ଦର କମାଇ ଦେଇପାରେ।

**<u>ଶକ୍ତି କ୍ରୟ ଦାମ୍</u>**

୯୩. ଗ୍ରୀଡକୋ ଏକ ବ୍ୟବସାୟୀ ହୋଇଥିବା ଯୋଗୁ, ଶକ୍ତି କ୍ରୟର ଦର ଉପରେ ତାକୁ ୟୁନିଟ ପିଛା ୪ ପଇସାର ବ୍ୟବସାୟିକ ଲାଭ ଦିଆଯିବାକୁ ସ୍ଥିର କରାଯାଇଛି ଏବଂ ସେହି ଲାଭରୁ ସେ ତା'ର ସମୁଦାୟ ବ୍ୟୟ ଭାର ତୁଲାଇବ।

୯୪. ଉତ୍ପାଦନକାରୀ ଶକ୍ତି ଷ୍ଟେସନମାନଙ୍କରୁ ଧାର୍ଯ୍ୟ କ୍ରୟ ଦର ଉପରେ ଗ୍ରୀଡକୋ ୟୁନିଟ୍ ପିଛା ୪ ପଇସାର ମାର୍ଜିନ ପାଇବେ। ଏହା ସହ ଓପିଟିସିଏଲକୁ ଦେବାକୁ ଥିବା ସରବରାହ କ୍ଷତି ଓ ସରବରାହ ଦରସୂଚୀକୁ ଏବଂ ଓଇଆରସିଙ୍କ ସ୍ଥିରୀକରଣ ମତେ ଦରସୂଚୀ ଅନୁଯାୟୀ ଏସଏଲ୍ ଡିସି ଦେୟ-ଦରକୁ ମିଶାଇ ସମୟକୁ ସମୟ ବଂଟନକାରୀ କଂପାନୀଂକ ଉଦ୍ଦେଶ୍ୟରେ ସ୍ଥୁଳ ଯୋଗାଣ ଦରରେ ପହଞ୍ଚିବାକୁ ହେବ।

୯୫. ଗ୍ରୀଡକୋ ତା'ର ଦାୟିତ୍ୱ ଉପଯୁକ୍ତ ଭାବେ ନିର୍ବାହନ କରିପାରୁ ନ ଥିବା ଯୋଗୁ ହିଁ ରାଜ୍ୟରେ ଶକ୍ତି ସଂକଟ ଅଧିକ ହେଉଛି। ଉଚ୍ଚା ଦାମର ଶକ୍ତି କିଣିବାକୁ ଗ୍ରୀଡକୋ ଆୟୋଗଙ୍କର ଅନୁମୋଦନ ପାଇବାକୁ କୌଣସି ପିଟିସନ ଫାଇଲ୍ କରିନାହିଁ। ତେଣୁ, ସେ ବାବଦରେ ଗ୍ରୀଡକୋକୁ ଯେଉଁ ଅତିରିକ୍ତ ଦାମ୍ ଦେବାକୁ ପଡିବ, ତାହାକୁ ସେ ଉପଭୋକ୍ତାଙ୍କ ଉପରେ ଲଦିଦେବା ଉଚିତ ହେବ ନାହିଁ। ଏହାକୁ ଗ୍ରୀଡକୋକୁ ବହନ କରିବାକୁ ପଡିବ କିମ୍ବା ରାଜ୍ୟ ସରକାର ସେହି ଅତିରିକ୍ତ ପରିମାଣକୁ ସବ୍‌ସିଡିଭୁକ୍ତ କରିବେ।

୯୬. ଉପଭୋକ୍ତାଙ୍କ ଉପରେ ଆର୍ଥିକ ବୋଝକୁ କମାଇବାକୁ ଗ୍ରୀଡକୋ ଶସ୍ତା ଶକ୍ତି କ୍ରୟ କରୁଛି କି ନା - ସେ ସଂପର୍କରେ ଆୟୋଗ ପରୀକ୍ଷା /ନିରୀକ୍ଷା କରିପାରନ୍ତି। ତା'ଛଡା ଗ୍ରୀଡକୋର ପ୍ରଶାସନିକ , ସଂସ୍ଥାପନାଗତ, ସାଧାରଣ ଓ ଆଇନଗତ ବ୍ୟୟସମୂହ ଯୁକ୍ତିସଂଗତ କି ନା, ସେ ସଂପର୍କରେ ମଧ୍ୟ ଆୟୋଗ ପରୀକ୍ଷା/ନିରୀକ୍ଷା କରିପାରନ୍ତି।

୯୭. ଜଳ ବିଦ୍ୟୁତ ଶକ୍ତିର କମ ଉପଲବ୍ଧତା ଯୋଗୁ , କ୍ୟାପଟିଭ୍ ଓ ତାପଜ ଶକ୍ତି ଷ୍ଟେସନମାନଙ୍କରୁ ଉଚ୍ଚା ଦରରେ ଶକ୍ତି କିଣିବାକୁ ପଡୁଥିବାରୁ ଗ୍ରୀଡକୋର କିଣା ଦାମ୍ ବେଶୀ ପଡିଯାଉଛି। ତେଣୁ, ବିତରକ କଂପାନୀମାନେ ଯଥାସାଧ ବଂଟନଜନିତ କ୍ଷତିକୁ କମାଇବାକୁ ଚେଷ୍ଟା କରିବା ଉଚିତ୍, ଯଦ୍ଦ୍ୱାରା କିଣା ଦାମ୍ କମ ପଡିବ।

୯୮. ପ୍ରତି ବିତରକ କଂପାନୀଙ୍କ ପାଇଁ ଅନୁମୋଦିତ ବଂଟନ-କ୍ଷତିର ମାପଦଣ୍ଡକୁ ଭିତ୍ତି କରି ଆୟୋଗ ପ୍ରକୃତ ପରିମାଣର ଶକ୍ତି ଆବଶ୍ୟକତାକୁ ଅନୁମୋଦନ କରିବା ଉଚିତ ଏବଂ ସେହି ଅନୁଯାୟୀ ସ୍ଥୂଳଯୋଗାଣ ଦର ସ୍ଥିର କରାଯିବା ଉଚିତ। ଅନୁମୋଦିତ ପରିସଂଖ୍ୟାନଠାରୁ ଊର୍ଦ୍ଧ୍ୱରେ କ୍ରୟିତ କୌଣସି ପରିମାଣକୁ ଉଚ୍ଚା ଦର-ହାରରେ ଗ୍ରୀଡକୋ ବିଲଭୁକ୍ତ କରିପାରେ, ଏବଂ ଏହି ଦରକୁ ଉପଭୋକ୍ତାଙ୍କ ଉପରେ ଲଦି ଦେବା ଠିକ୍ ହେବ ନାହିଁ। ବଂଟନକାରୀ କଂପାନୀ ଦ୍ୱାରା ଉଠାଣ-ଆଧିକ୍ୟକୁ ନିରୁତ୍ସାହିତ କରାଯିବା ଉଚିତ୍।

୯୯. ଓଏଚ୍‌ପିସି ଦ୍ୱାରା ପ୍ରଦର୍ଶିତ ଶକ୍ତିର ଦାମକୁ ଆୟୋଗ ଗ୍ରହଣ କରିବା ଉଚିତ୍ ନୁହେଁ।

୧୦୦. ଉଦ୍ଧାରିତ ବା ରିନ୍ୟୁଏବ୍‌ଲ ଶକ୍ତି -ଉତ୍ସମାନଙ୍କରୁ, ଅର୍ଥାତ୍ ବିଶେଷତଃ 'ମୀନାକ୍ଷୀ ପାୱାର ଲିମିଟେଡର କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରୋଜେକ୍ଟସମୂହ' ଏବଂ 'ଓଡ଼ିଶା ପାୱାର କନ୍‌ସୋର୍ଟିଅମ'ରୁ କ୍ରୟିତ ଶକ୍ତିର ଦାମ୍ କ୍ଷେତ୍ରରେ ଗ୍ରୀଡକୋର ପ୍ରଦର୍ଶନ ନଗଣ୍ୟ ହୋଇଥିବାରୁ ତାହା କେନ୍ଦ୍ରୀୟ ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ନିୟମାବଳୀ ସହ ସମତାଳିକ ନୁହେଁ।

<u>ଓପିଜିସି(ଓଡ଼ିଶା ପାୱାର ଜେନେରେଟିଂ କର୍ପୋରେସନ)</u>

୧୦୧. ପ୍ରତିବର୍ଷ ଗ୍ରୀଡକୋ ଓପିଜିସିକୁ ମୂଳ ଋଣରୁ କିଛି ପରିମାଣ ପରିଶୋଧ କରୁଛି। ତେଣୁ, ଋଣ ପରିମାଣ ହ୍ରାସ ହେଉଥିବା ଯୋଗୁ, ପ୍ରତି ପରବର୍ତ୍ତୀ ବର୍ଷରେ ସାମୁଦାୟିକ ଭାବେ ଗ୍ରୀଡକୋର 'ସ୍ଥିର ଦାମ୍ ପ୍ରକୃତି' ରେ ହ୍ରାସ ହେବା ଉଚିତ୍; ଯାହା ନିର୍ବାହନ ଓ ତୁଳଜମା ବ୍ୟୟ ବୃଦ୍ଧିକୁ ମଧ୍ୟ ହ୍ରାସ କରିବ। ପ୍ରତିବର୍ଷ ଗ୍ରୀଡକୋର ଏଆର୍‌ଆର୍‌ରେ ଅନୁମତି ଦିଆଯାଉଥିବା 'ସ୍ଥିର ଦାମ୍' ତୁଳନାରେ ଓପିଜିସିକୁ ଗ୍ରୀଡକୋ ଦେଉଥିବା 'ପ୍ରକୃତ ସ୍ଥିର ଦାମ୍' ଦାମକୁ ଧାର୍ଯ୍ୟ କରିବା ପାଇଁ ' ବାସ୍ତବାୟନ ଅନୁଶୀଳନ'ର ଜରୁରୀ ଆବଶ୍ୟକତା ଅଛି।

୧୦୨. ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ପିପିଏ ଏବଂ ଏଆର୍‌ଆରର ଉପସ୍ଥାପନା ପାଇଁ ଆୟୋଗ ଓପିଜିସିକୁ ନିର୍ଦ୍ଦେଶ ଦେଇ ପାରନ୍ତି ଏବଂ ସେହି ଅନୁଯାୟୀ କ୍ରୟ ଦରକୁ ଅନୁମୋଦନ ଦିଆଯାଇପାରେ।

୧୦୩. ନିର୍ବାହନ ଓ ତୁଳାଜମାର ସ୍ୱାଭାବିକ ବ୍ୟୟବୃଦ୍ଧି ସହ ସଂପର୍କ ନ ରଖି ହ୍ରାସିତ ମୂଲ୍ୟ-ହ୍ରାସ ଓ ଋଣ ଉପରେ ସୁଧ ଯୋଗୁ ଓପିଜିସିର ସ୍ଥିର ଦରରେ ଏକ ଆଖି ଦୃଶିଆ ହ୍ରାସ ଘଟିବ।

<u>ଟିଟିପିଏସ୍ (ତାଳଚେର ଥର୍ମାଲ ପାୱାର ଷ୍ଟେସନ)</u>

୧୦୪. ତାଳଚେର ତାପଜ ଶକ୍ତି ଷ୍ଟେସନ ବା ଟିଟିପିଏସ୍ ଉଦ୍ଦେଶ୍ୟରେ ବାର୍ଷିକ ସ୍ଥିର ଦେୟ-ଦର *୨୭୫.୬୬* କୋଟି ଟଙ୍କାର ଅଟକଳନ କୁ ଗ୍ରୀଡକୋ ଦର୍ଶାଇଥିବାକୁ ନେଇ କେତେକ ଅଭିଯୋଗକାରୀ ସହମତ ହୋଇ ନଥିଲେ। ଟିଟିପିଏସ୍ କ୍ଷେତ୍ରରେ ତାରିଫ ଅନୁମୋଦନ ସଂପର୍କିତ ପ୍ରସଂଗ ଉପରେ ସିଇଆରସିଙ୍କ ବିଜ୍ଞପ୍ତିକୁ ବିଚାରକୁ ନେଇ ସେମାନେ ସେହି ସ୍ଥିର ଦାମ୍ କୁ ୨୧୭.୩୯ କୋଟି ଟଙ୍କା ଭାବେ ବିବେଚନା କରିଛନ୍ତି।

<u>କେନ୍ଦ୍ରୀୟ ଉତ୍ପାଦନକାରୀ ଷ୍ଟେସନ ସମୂହ ସିଜିଏସ୍</u>

୧୦୫. ନିର୍ଦ୍ଦିଷ୍ଟ ଷ୍ଟେସନମାନଙ୍କ ପାଇଁ ସିଇଆରସିଙ୍କ ଦ୍ୱାରା ଅନୁମୋଦିତ ହୋଇ ସାରିଥିବା ମତେ କେନ୍ଦ୍ରୀୟ ଉତ୍ପାଦନକାରୀ ଷ୍ଟେସନମାନଙ୍କ ପାଇଁ ସ୍ଥିର ଦାମ୍‌ର ବିବେଚନା କରାଯାଇପାରେ।

୧୦୬. କେତେକ ଅଭିଯୋଗକାରୀ ଦର୍ଶାଇଥିଲେ ଯେ, ଗ୍ରୀଡକୋର ପ୍ରସ୍ତାବମତେ, କମ ଲୋଡ ଫାକ୍ଟରକୁ ଯଦି ଅନୁମତି ଦିଆଯାଏ, ସେ କ୍ଷେତ୍ରରେ ସ୍ଥିର ଦରରେ ଆନୁପାତିକ ହ୍ରାସକରଣକୁ ବିଚାର କରାଯାଇପାରେ।

<u>ଏଫପିଏ ବା ଜାଳେଣି ଦରର ସହ-ସାମିଲକରଣ</u>

୧୦୭. ଟିଏସ୍‌ଟିପିଏସ୍ ଷ୍ଟେଜ୍-୧ ଏବଂ ଷ୍ଟେଜ୍ -୨ ର ଜାଳେଣି ଦାମର ପାର୍ଥକ୍ୟର କାରଣ ସମୂହକୁ ଗ୍ରୀଡକୋ ଦ୍ୱାରା ଉପଯୁକ୍ତ ଭାବେ ଯାଞ୍ଚ କରାଯାଇନାହିଁ।

୧୦୮. ୨୦୧୦-୧୧ ଆର୍ଥି କ ବର୍ଷର ଏଫ୍‌ପିଏ ଅଟକଳନରେ ଉପନୀତ ହେବା ନିମନ୍ତେ ୧୦%ରେ ଏକ ଅଭିବୃଦ୍ଧି ଜନିତ ଫାକ୍ଟର ସହ ୨୦୦୯ର ଏପ୍ରିଲ୍ ଠାରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ସମୟ ଅବଧିର ହାରାହାରି ଏଫପିଏକୁ ବିବେଚନା କରାଯାଇପାରେ।

୧୦୯. କେତେକ ଅଭିଯୋଗକାରୀ ଦର୍ଶାଇଥିଲେ ଯେ, ଗ୍ରୀଡକୋର ପ୍ରସ୍ତାବ ମତେ , କମ ଲୋଡ ଫାକ୍ଟରକୁ ଯଦି ଅନୁମତି ଦିଆଯାଏ, ତେବେ ସେ କ୍ଷେତ୍ରରେ ଆନୁପାତିକ ହ୍ରାସକରଣକୁ ବିଚାର କରାଯାଇପାରେ।

୧୧୦. ଉଚ୍ଚା କୋଇଲା ଦର ଯୋଗୁ ଉତ୍ପାଦନକାରୀ ଷ୍ଟେସନମାନଙ୍କୁ ଗ୍ରୀଡକୋ ଅତିରିକ୍ତ ଦାମ୍ ଦେଉଥିବାରୁ, ଗ୍ରହଣୀୟ ହେଲା ଭଳି ଜାଳେଣି ଦର ସହ-ସାମିଲକରଣର ଏକ ସୂତ୍ରକୁ ଆୟୋଗ ଅନୁମୋଦନ ଦେଇ ପାରନ୍ତି, ଯଦ୍ଦ୍ୱାରା ଏହି ଅତିରିକ୍ତ ଦରକୁ ସବୁ ମାସରେ କିମ୍ବା ଉତ୍ପାଦନକାରୀ ଷ୍ଟେସନମାନଙ୍କଠାରୁ ବିଲ୍ ପାଇବାର ପରବର୍ତ୍ତୀ ମାସରେ ଗ୍ରୀଡକୋ ବଂଟନକାରୀ କଂପାନୀଙ୍କ ଠାରୁ ବଂଟନକାରୀ କଂପାନୀମାନେ ଉପଭୋକ୍ତାଙ୍କଠାରୁ ଭରଣା କରିପାରିବେ।

**<u>ପିଜିସିଆଇଏଲ୍ ଦେୟ-ଦର</u>**

୧୧୧. ଆଞ୍ଚଳିକ ସରବରାହ ପଦ୍ଧତିର ଦାମ୍ ଅଟକଳନ ପାଇଁ ଗ୍ରୀଡକୋ ତଥ୍ୟଭୁକ୍ତ ଦଲିଲ ସମୂହକୁ ଉପସ୍ଥାପନ କରିପାରେ। ସହାୟକ ପ୍ରମାଣପତ୍ରର ଅଭାବରେ, 'ଫର୍ଭ' ପାଇଁ ୪.୦୩ କୋଟି ଟଙ୍କାର ପିଜିସିଆଇଏଲ ଦାବୀକୁ ଅନୁମତି ଦିଆଯିବା ଉଚିତ୍ ନୁହେଁ।

**<u>ସଂସ୍ଥାନଗତ ଓ ଆର୍ଥିକ ବ୍ୟୟ ସମୂହ</u>**

**<u>କର୍ମଚାରୀଙ୍କ ବାବଦ ବ୍ୟୟ ଏବଂ ପ୍ରଶାସନିକ ଓ ସାଧାରଣ ବ୍ୟୟ:</u>**

୧୧୨. କର୍ମଚାରୀଙ୍କ ବାବଦ ବ୍ୟୟ ପରିମାଣକୁ ଗ୍ରୀଡକୋ ୫.୯୮ କୋଟି ଟଙ୍କା ଭାବେ ଦର୍ଶାଇଛି। ସଂଶୋଧିତ ବେତନ କିମ୍ବା ବାକିଆ ଦେୟ ଏହି ପରିମାଣ ମଧ୍ୟରେ ଅନ୍ତର୍ଭୁକ୍ତ, ସେ ସଂପର୍କରେ ଗ୍ରୀଡକୋ ପୁଂଖାନୁପୁଂଖ ହିସାବ ଦେଇନାହିଁ। ଯେଣୁ, ଗ୍ରୀଡକୋର ଖୁବ କମ ସଂଖ୍ୟକ କର୍ମଚାରୀ ନିଯୁକ୍ତ ହୋଇଛନ୍ତି, ତେଣୁ ୫.୯୮ କୋଟି ଟଙ୍କାର ପ୍ରଦର୍ଶନ ଅଧିକ ବିବେଚିତ ହେଉଛି। ଅତଏବ, ଆୟୋଗ ଏ ସଂପର୍କରେ ସବିଶେଷ ଯାଞ୍ଚ କରିବା ଆବଶ୍ୟକ।

୧୧୩. ୩.୯୯ କୋଟି ଟଙ୍କାର 'ପ୍ରଶାସନିକ ଓ ସାଧାରଣ ବ୍ୟୟ' ସ୍ୱାଭାବିକ ବ୍ୟୟ ଠାରୁ ଅଧିକ ଜଣା ପଡୁଛି। ୨୦୦୮-୦୯ ଆର୍ଥିକ ବର୍ଷର ଅଡିଟ କରାଯାଇଥିବା ପରିସଂଖ୍ୟାନ ଉପରେ ୫.୫%ର ବୃଦ୍ଧିର ଅନୁମତି ସହ ଲାଇସେନ୍ସ ଫି' ବାବଦକୁ ୧ କୋଟି ଟଙ୍କା ମିଶାଇ ହିସାବ କଲେ ଏହି ପରିମାଣ ୩.୪୬ କୋଟି ଟଙ୍କା ହେବ।

୧୧୪. ମରାମତି ଓ ତୁଲାଜମା ବାବଦକୁ କୌଣସି ବି ପରିମାଣକୁ ଅନୁମତି ଦେବା ଉଚିତ ନୁହେଁ।

**<u>ଦୀର୍ଘମିଆଦୀ ଋଣ ଆଦି ଉପରେ ସୁଧ</u>**

୧୧୫. କେତେକ ଅଭିଯୋଗକାରୀ ଗ୍ରୀଡକୋର ଋଣ ଆଦି -ଦେୟର ସୁଧ ବାବଦକୁ ୨୫୬.୬୭ କୋଟି ଟଙ୍କାର ଅଟକଳନ କରିଥିଲା ବେଳେ ଗ୍ରୀଡକୋର ପ୍ରସ୍ତାବ ହେଉଛି ୩୬୪.୪୧ କୋଟି ଟଙ୍କା।

୧୧୬. ୨୦୦୯-୧୦ ଆର୍ଥିକ ବର୍ଷରେ ୧୬୫୦ କୋଟି ଟଙ୍କାର ଏକ ଋଣ ଆଣିଥିବା ଗ୍ରୀଡକୋ ଦର୍ଶାଇଥିବା ବେଳେ, ସେହି ଋଣର ହିସାବ ନିକାଶ ବିବରଣୀରୁ ଜଣାପଡିଛି ଯେ ପ୍ରକୃତ ପରିମାଣ ତାହାଠାରୁ ଯଥେଷ୍ଟ କମ୍। ଅତଏବ, ପ୍ରକୃତ ପରିମାଣ ଉପରେ ସୁଧକୁ ଅନୁମତି ଦିଆଯାଇପାରେ।

୧୧୭. ଓଏଚପିସିକୁ ବାକିଆ ଦେୟ ପରିଶୋଧ ସଂପର୍କିତ ଗ୍ରୀଡକୋର ଉପସ୍ଥାପନାକୁ ଅନୁମତି ଦିଆଯିବା ଉଚିତ୍ ନୁହେଁ; କାରଣ ଓଏଚପିସି ଷ୍ଟେସନମାନଙ୍କର ସବୁ ଦେୟ ଦାମ୍ ଟାରିଫରେ ପାସ୍ କରି ଦିଆଯାଇଛି।

୧୧୮. ସ୍ପଷ୍ଟ ସୂଚନା ବିନା ଓପିଜିସିରୁ ୭୨.୫୭ କୋଟି ଟଙ୍କାର ବାକିଆ ଶକ୍ତି କ୍ରୟର ଦାମକୁ ୨୦୧୦-୧୧ ଆର୍ଥିକ ବର୍ଷର ଏଆର୍ଆର୍ ରେ ପାସ କରାଯିବା ଅନୁଚିତ; ଏବଂ ତାହା ପ୍ରତ୍ୟାଖ୍ୟାନଯୋଗ୍ୟ ଅଟେ।

୧୧୯. ବଂଟନକାରୀ କଂପାନୀମାନେ ଆବଶ୍ୟକୀୟ ଭାବେ ଗ୍ରୀଡକୋକୁ ଦେବାକୁ ଥିବା ପରିମାଣକୁ ସେହି ବଂଟନକାରୀ କଂପାନୀଙ୍କ ଏଆର୍ଆର୍ରେ ନିୟାମକ ଆସେଟ୍ ଭାବରେ ଭରଣା କରାଯାଇପାରେ, ଯାହା ପ୍ରତିବଦଳରେ ବଂଟନକାରୀ କଂପାନୀଙ୍କର ଅବଶିଷ୍ଟ ଦେୟ ପ୍ରଦାନ ଉଦ୍ଦେଶ୍ୟରେ ସେମାନେ ଗ୍ରୀଡକୋକୁ ଦେବେ।

୧୨୦. ପୂର୍ବ ବର୍ଷ ମାନଙ୍କ ଭଳି 'ଛୋଟ ଖାପଛଡା ପ୍ରକାରର ଋଣ'(ଅପ୍ରତ୍ୟାଶିତ ପରିସ୍ଥିତିରେ ଋଣ) ପରିମାଣକୁ ଗ୍ରୀଡକୋର ଏଆର୍ଆର୍ରେ ଅନୁମତି ଦିଆଯାଇପାରେ।

୧୨୧. ମୂଳ ପରିଶୋଧ କରିବା ଗ୍ରୀଡକୋର କ୍ୟାସ୍ ପରିଚାଳନାର ଏକ ଅଂଶ ବିଶେଷ ଅଟେ। ବଂଟନକାରୀ କଂପାନୀଙ୍କର ଅବଶିଷ୍ଟ ଦେୟ ଆଦାୟରୁ ଏବଂ ରାଜ୍ୟ ବାହାରକୁ ଶକ୍ତିର ବିକ୍ରୀ ଲବ୍‌ଧ ଆୟରୁ ଉପରୋକ୍ତ ମୂଳ ପରିଶୋଧ କରାଯିବା ଆବଶ୍ୟକ।

୧୨୨. ରାଜ୍ୟ ସରକାରଙ୍କ ଦ୍ୱାରା ଏକ 'ଶକ୍ତି ଉନ୍ନୟନ ଜମା'ର ସୃଷ୍ଟି କରାଯାଇପାରେ, କିମ୍ବା ବଳକା ଶକ୍ତିର ଟ୍ରେଡିଂ ଏବଂ ୟୁଆଇରୁ ଅର୍ଜିତ ଗ୍ରୀଡକୋର ଲାଭାଂଶରୁ ଏହି 'ଶକ୍ତି ଉନ୍ନୟନ ଜମା'ର ସୃଷ୍ଟି କରାଯାଇପାରେ। ଋଣର ମୂଳ ପରିଶୋଧ ଏହି ଜମାରୁ ହିଁ କରାଯିବ। ଏହା ବାଦ୍, ଗ୍ରୀଡକୋର ହିସାବ ବହିରେ ପଡି ରହିଥିବା କେତେକ 'ଅପ୍ରତ୍ୟାଶିତ ପରିସ୍ଥିତି'ର ଋଣର ଅନ୍ୟୂନ ପକ୍ଷେ ସୁଧ ଭାଗଟିକୁ ରାଜ୍ୟ ସରକାର ବହନ କରିବା ପାଇଁ ଆୟୋଗ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇ ପାରନ୍ତି।

**<u>ବିଗତ ଦିନର କ୍ଷତି</u>**

୧୨୩. କେତେକ ଅଭିଯୋଗକାରୀ ଗ୍ରୀଡକୋର ଏଆର୍‌ଆର୍ ଅନୁମୋଦନ ବେଳେ ବିଗତ ଦିନର କ୍ଷତି, ବାକିଆ ପରିମାଣର ନିରାପତ୍ତାକରଣକୁ ବିବେଚନା କରିବାକୁ ବିରୋଧ କରିଥିଲେ, କାରଣ ଏହା ସ୍ଥୁଳ ଯୋଗାଣ ଦରକୁ ପ୍ରଭାବିତ କରୁଛି ଏବଂ ପାଇକାରୀ ଯୋଗାଣ ଟାରିଫ ସ୍ଥିରୀକରଣରେ ଉପଭୋକ୍ତାଙ୍କ ଉପରେ ବୋଝ ହେଉଛି। ଅତଏବ, ବିଗତ ଦିନର କ୍ଷତି, ବାକିଆ ପରିମାଣର ନିରାପତ୍ତାକରଣ ଏବଂ ଏହାର ଏଆର୍‌ଆର୍‌ରେ ସୂଚିତ ଅନ୍ୟାନ୍ୟ ଦରଗୁଡିକ ପାଇଁ ଗ୍ରୀଡକୋ ହକ୍‌ଦାର ନୁହେଁ।

୧୨୪. ଅଧିକ ଜଳ ବିଦ୍ୟୁତ୍ ଶକ୍ତିର ଉପଲବ୍‌ଧତା ଯୋଗୁ ୨୦୦୫-୦୬ ଆର୍ଥିକ ବର୍ଷରୁ ୨୦୦୭-୦୮ ଆର୍ଥିକ ବର୍ଷ ମଧ୍ୟରେ ଗ୍ରୀଡକୋ ଭଲ ଲାଭ କରିଛି। ଆଗାମୀ ଆର୍ଥିକ ବର୍ଷରେ ଭଲ ବୃଷ୍ଟିପାତ ଆଶା କରାଯାଉଥିବାରୁ ଗ୍ରୀଡକୋ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଯେଉଁ ରାଜସ୍ୱ ପାର୍ଥକ୍ୟର ପ୍ରସ୍ତାବ ଦେଇଛି, ସେଥିରେ ତାରତମ୍ୟ ଆସିପାରେ। ଅତଏବ, ସ୍ଥୁଳ ଯୋଗାଣ ଦରକୁ କମ ରଖାଯାଇପାରେ।

୧୨୫. ବଂଟନକାରୀ କଂପାନୀମାନେ ବିଗତ ଦିନର ଦେୟ ପରିଶୋଧ ନ କରିବା କିମ୍ବା ବିଳମ୍ବରେ ପରିଶୋଧ କରିବା ହେଉଛି ଗ୍ରୀଡକୋର ରାଜସ୍ୱ ପାର୍ଥକ୍ୟର ମୁଖ୍ୟ କାରଣ। କେତେକ ବଂଟନକାରୀ କଂପାନୀ ଆୟୋଗଙ୍କର ଆଦେଶନାମାକୁ ଅବମାନନା କରୁଛନ୍ତି ଓ ନ୍ୟାୟାଳୟକୁ ଯାଇ ସମୟ ଗଡାଇବାକୁ ପସନ୍ଦ କରୁଛନ୍ତି। ତେଣୁ, ଏମିତି କିଛି କୌଶଳର ପ୍ରୟୋଗ କରାଯିବା ଉଚିତ୍, ଯଦ୍ୱାରା ବଂଟନକାରୀ କଂପାନୀଙ୍କର ଏଭଳି ଅଭିସନ୍ଧିମୂଳକ ଆଚରଣକୁ ପ୍ରତିହତ କରିହେବ।

୧୨୬. ରାଜ୍ୟ ସରାକର, ଅନ୍ୟାନ୍ୟ ରାଜ୍ୟ ଓ ପବ୍ଲିକ୍ ସେକ୍ଟର ୟୁନିଟ୍ ଗୁଡିକରୁ ୩୨୬.୭୨ କୋଟି ଟଙ୍କାର ଏକ ବାକିଆ ଦେୟ ଗ୍ରୀଡକୋର ପାଇବାର ଅଛି। ଏହା ମଧ୍ୟରୁ କିଛି ପରିମାଣ ପାଇଁ ନ୍ୟାୟାଳୟରେ ବିଚାରାଧିନ ଅଛି। ସୁତରାଂ, ନ୍ୟାୟାଳୟର ନିଷ୍ପତ୍ତି ଯେପରି ଶୀଘ୍ର ସଂପନ୍ନ ହୁଏ , ସେଥିପାଇଁ ଗ୍ରୀଡକୋ ପ୍ରୟାସ କରିବା ଦରକାର। ତା'ଛଡା ଅ-ବିବାଦୀୟ ପରିମାଣକୁ ମଧ୍ୟ ଆଦାୟ କରାଯାଇପାରିବ।

୧୨୭. ୨୦୦୯-୧୦ ଆର୍ଥିକ ବର୍ଷରେ ରାଜ୍ୟରେ କମ ବୃଷ୍ଟିପାତ ଯୋଗୁ ରାଜ୍ୟର ଚାହିଦା ମେଣ୍ଟାଇବାକୁ ଗ୍ରୀଡକୋ ଉଚ୍ଚା ଦାମର ଶକ୍ତି ଆମଦାନୀ କରିବାକୁ ପଡିଥିଲା। ବିଗତ ଦିନର ଅନ୍ୟାନ୍ୟ କ୍ଷତି ପରିମାଣ ମଧ୍ୟ ଅଛି। ଏହି କ୍ଷତିକୁ ଏସ୍‌ପିଭିରେ ରଖାଯାଇପାରେ ଏବଂ ମୁଖ୍ୟତଃ ୨୦୧୧-୧୨ ଆର୍ଥିକ ବର୍ଷ ବା ପରବର୍ତ୍ତୀ ଆର୍ଥିକ ବର୍ଷରେ (ଯେତେବେଳେ ଆଇପିପିଗୁଡିକ ଦ୍ୱାରା ନୂଆ ତାପଜ ଶକ୍ତି ଷ୍ଟେସନସମୂହର ବିକାଶ ଘଟାଇବାକୁ ଯାଉଛି) ଲାଭରୁ ଏହି କ୍ଷତିକୁ ଭରଣା କରାଯାଇପାରିବ।

**<u>ବାସ୍ତବାୟନ</u>**

୧୨୮. ୧୯୯୯-୨୦୦୦ ଆର୍ଥିକ ବର୍ଷ ଠାରୁ ୨୦୦୭-୦୮ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଗ୍ରୀଡକୋକୁ ମିଶାଇ ସବୁ ଅନୁମତିଧାରୀଙ୍କର ନିର୍ବାହନକୁ ବାସ୍ତବାୟନ କରାଯିବା ଉଚିତ୍।

୧୨୯. ଦିଲ୍ଲୀ, ଗୁଜରାଟ ଆଦି ରାଜ୍ୟ ଭଳି କଂପାନୀଗୁଡିକ ଘରୋଇକରଣ ହେବା ପୂର୍ବରୁ ଯେଉଁ କ୍ଷତି ହୋଇଥିଲା, ତାହାକୁ ରାଜ୍ୟ ସରକାର ବହନ କରିବା ଉଚିତ୍। ଆମ ରାଜ୍ୟରେ ବିଦ୍ୟୁତ୍ ଶକ୍ତି ସେକ୍ଟରର ଘରୋଇକରଣ ପରେ, ସେହି ସବୁ କ୍ଷତିକୁ ଗ୍ରୀଡକୋର ଅର୍ଜିତ ଆୟରୁ ସହ-ସାମିଲକରଣ କରାଯାଇଛି।

୧୩୦. ବାହାର ରାଜ୍ୟକୁ ଶକ୍ତି ବିକ୍ରୀ ଏବଂ ୟୁଆଇରୁ ଯେଉଁ ବଳକା ଆୟ ଆସୁଛି, ତାହାକୁ ସେକ୍ଟରର ଉତ୍କୃଷ୍ଟତାର ବିକାଶ ନିମନ୍ତେ ନିବେଶିତ କରାଯିବା ବାଂଛନୀୟ।

୧୩୧. ବାହାର ରାଜ୍ୟକୁ ଶକ୍ତି ବିକ୍ରୀ, ୟୁଆଇ ଦେୟ ଏବଂ ୱେସକୋ ଓ ନେସକୋ ଉପରେ ଆଖିଦୃଶିଆ ପରିମାଣର ସ୍ଥୁଳ ଯୋଗାଣ ଦରର ବୃଦ୍ଧି ଯୋଗୁ ବିଗତ ୪ ବର୍ଷରେ ଗ୍ରୀଡକୋ ୨୦୦୦ କୋଟି ଟଙ୍କା ଆୟ କରିଛି। ତେଣୁ , ଏହା ଅତି ଆବଶ୍ୟକୀୟ ଯେ, ଗ୍ରୀଡକୋର ୨୦୧୦-୧୧ ଆର୍ଥିକ ବର୍ଷର ଏଆର୍‌ଆର୍ ପାସ୍ କରିବା ପୂର୍ବରୁ ତା'ର ଆୟ-ବ୍ୟୟର ବାସ୍ତବାୟନ ଅନୁଶୀଳନ ସଂପାଦନ କରାଯିବା ନିତାନ୍ତ ଜରୁରୀ ଅଟେ।

୧୩୨. ବିତରକ କଂପାନୀ ଓ ଗ୍ରୀଡକୋକୁ ସମୁଚିତ ନ୍ୟାୟ ଦେବାକୁ ହେଲେ, ଟ୍ରାନସଫର ସ୍କିମ୍ ଜରିଆରେ ବିଭିନ୍ନ 'ଦାୟବଦ୍ଧତା'କୁ ପଛକୁ ପଛ ବିତରକ କଂପାନୀଙ୍କୁ ବାଣ୍ଟି ଦେବା ଅଧିକ ଯୁକ୍ତି ସଂଗତ ହେବ, ଯଦ୍ଦ୍ୱାରା ବିଭାଗୀୟ ବାସ୍ତାବୟନ ସହ ସହ-ସାମିଲ ହୋଇପାରିବ, ଏବଂ ଏହା ଫଳରେ ସବୁ ଅନୁମତିଧାରୀଙ୍କର ବାଲାନ୍‌ସ୍ ସିଟ୍ ସ୍ୱଚ୍ଛ ହୋଇଯିବ।

**ଶକ୍ତି ରପ୍ତାନୀ ଓ ୟୁଆଇ**

୧୩୩. ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଗ୍ରୀଡକୋର ଏଆର୍‌ଆର୍ ରେ ଶକ୍ତି ରପ୍ତାନୀ ଓ ୟୁଆଇ ଲାଭରୁ ଆୟକୁ ହିସାବକୁ ନିଆଯିବା ଉଚିତ। ଏହାର ଅର୍ଥ ନୁହେଁ ଯେ, ବିଗତ ଦିନର କ୍ଷତିକୁ ଏହି ଲାଭାଂଶ ଜନିତ ଆୟରୁ ଭରଣା କରାଯିବ; କାରଣ ୧.୪.୧୯୯୯ ପୂର୍ବରୁ ଅର୍ଥାତ୍ କଂପାନୀମାନଙ୍କର ଘରୋଇକରଣ ପୂର୍ବରୁ ଏହି ସବୁ କ୍ଷତି ହୋଇଥିଲା, ଯାହାକୁ ରାଜ୍ୟ ସରକାରଙ୍କୁ ହିଁ ସହିବାକୁ ପଡିବ।

୧୩୪. ୨୦୦୨ ଠାରୁ ଆଜି ପର୍ଯ୍ୟନ୍ତ ଅନ୍ୟ ରାଜ୍ୟକୁ ଶକ୍ତି ବିକ୍ରୀର ସବୁ ସଂପର୍କିତ ତଥ୍ୟ ଗ୍ରୀଡକୋକୁ ଉପସ୍ଥାପନ କରିବାକୁ ପଡିବ।

୧୩୫. ବାହାର ରାଜ୍ୟକୁ ଶକ୍ତି ବିକ୍ରୀରୁ ଗ୍ରୀଡକୋ କିଛି ଲାଭ ଉପାର୍ଜନ କରିପାରିଛି ଏବଂ ଶକ୍ତି ସେକ୍ଟରରେ ସଂସ୍କାର ଆଣିବା ଦ୍ୱାରା ରାଜ୍ୟ ସରକାର ମଧ୍ୟ ଭଲ ଭାବେ ଉପକୃତ ହୋଇଛନ୍ତି। ୨୦୦୯-୧୦ରେ ୧୬୫୩.୨୩ କୋଟି ଟଙ୍କାର ପ୍ରଦର୍ଶିତ ରାଜସ୍ୱ ପାର୍ଥକ୍ୟକୁ ସହ-ସାମିଲକରଣ କରାଯାଇପାରେ।

**ଲାଭାଂଶ ଫେରସ୍ତ**

୧୩୬. ଯେଣୁ ଗ୍ରୀଡକୋର କିଛି ଆସେଟ୍ ନାହିଁ, ତେଣୁ ସେ କୌଣସି ନିବେଶ ଜନିତ ଲାଭାଂଶ ପରିମାଣ ଫେରସ୍ତର ଦାବୀ କରି ନପାରେ। ପ୍ରକୃତ ସ୍ଥୁଳ ଯୋଗାଣ ଦର ବା ବିଏସ୍ ପି ଏବଂ ବାହାର ରାଜ୍ୟକୁ ଶକ୍ତି ବ୍ୟବସାୟରୁ ସେ ତା'ର ବ୍ୟୟ ପରିଚାଳନା କରିବା ଉଚିତ୍।

୧୩୭. ସରକାରୀ ଆଦେଶନାମା ଅନୁଯାୟୀ, ୨୦୧୦-୧୧ ଆର୍ଥିକ ବର୍ଷର ଶେଷ ସମୟ ପର୍ଯ୍ୟନ୍ତ ଗ୍ରୀଡକୋ କୌଣସି ନିବେଶିତ ଲାଭାଂଶ ଫେରସ୍ତ ପରିମାଣକୁ ଦାବୀ କରିବାକୁ ହକଦାର ନୁହେଁ, ଏବଂ ଯଦି ଗ୍ରୀଡକୋ ସେପରି ଦାବୀ କରେ, ତାହା ପ୍ରତ୍ୟାଖ୍ୟାନଯୋଗ୍ୟ ଅଟେ।

**ଅଧିକ ଉଠାଣ ଦେୟ-ଦର ଉପରେ 'ଅତିରିକ୍ତ ଦର' ବା ଲେଭି**

୧୩୮. ବିଲିଂ ଉଦ୍ଦେଶ୍ୟରେ ଅତିରିକ୍ତ ଉତ୍ପାଦନ ପାଇଁ କେବଳ ବର୍ଦ୍ଧିତ ଦାମକୁ ଅନୁମୋଦନ ଦିଆଯାଇପାରେ। ଯଦି କୌଣସି କ୍ଷେତ୍ରରେ, ଆୟୋଗଙ୍କ ଦ୍ୱାରା ଅନୁମୋଦିତ ପରିମାଣର ଉର୍ଦ୍ଧ୍ୱରେ କୌଣସି ବଂଟନକାରୀ କଂପାନୀ ଅଧିକ ଉଠାଣ କରେ, ତେବେ ସେହି କଂପାନୀଙ୍କଠାରୁ ଏଥି ପାଇଁ ଅତିରିକ୍ତ ଦାମ ଭରଣା କରିବାକୁ ପଡିବ।

**ରିହାତି**

୧୩୯. ବିଏସ୍ ପି ବିଲ୍ ପ୍ରଦାନର ୩ କାର୍ଯ୍ୟ ଦିବସ ମଧ୍ୟରେ (ରବିବାର ଓ ଛୁଟି ଦିନ ବାଦ୍) ଦେୟ ପ୍ରଦାନ କଲେ ଅନୁମତିଧାରୀଙ୍କୁ ୨ ପ୍ରତିଶତର ରିହାତି ଅନୁମୋଦନ କରାଯିବ।

**ବିବିଧ ଆୟ**

୧୪୦. ଅଡିଟ୍ କରାଯାଇଥିବା ଆକାଉଣ୍ଟ ଅନୁଯାୟୀ, ୨୦୦୭-୦୮ ଓ ୨୦୦୮-୦୯ ପାଇଁ ଗ୍ରୀଡକୋର ବିବିଧ ଆୟ ହେଉଛି ଯଥାକ୍ରମେ ୧୦୨ କୋଟି ଓ ୫୯.୧୨ କୋଟି ଟଙ୍କା। ତେଣୁ, ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଗ୍ରୀଡକୋର ପ୍ରସ୍ତାବ ୪.୨୯ କୋଟି ବିପକ୍ଷରେ ବିବିଧ ଆୟକୁ ୫୯ କୋଟି ଟଙ୍କାରେ ଧାର୍ଯ୍ୟ କରାଯାଇପାରେ।

**ଏସ୍କ୍ରୋ ମେକାନିଜିମ୍‌ର ପୁନଃ ସଂରଚନା**

୧୪୧. ଆର୍ଥିକ ଦାୟବଦ୍ଧତାର ସଂକଟଜନକ ସ୍ଥିତି ଯୋଗୁ ବିତରକ  କଂପାନୀଙ୍କର ସମୁଦାୟ ରାଜସ୍ୱ ଗ୍ରୀଡକୋର ଆକାଉଣ୍ଟଭୁକ୍ତ କରାଯଇଛି। ତେଣୁ, ବିତରକ କଂପାନୀମାନଙ୍କର ରାଜସ୍ୱ ପରିଚାଳନାରେ ସ୍ୱୀୟ ନିୟନ୍ତ୍ରଣ ନାହିଁ। ଯେତେବେଳେ ବଂଟନାକରୀ କଂପାନୀମାନେ ସେମାନଙ୍କର ମାସିକିଆ ଶକ୍ତି କିଣା ବିଲ୍‌ର ପୂରା ପେମେଣ୍ଟ କରୁଛନ୍ତି ଏବଂ ଏଲ୍‌ସି ପାଉଛନ୍ତି, ସେହି ପରିପ୍ରେକ୍ଷୀରେ ସମୁଦାୟ ପ୍ରାପ୍ତ-ଦେୟ ଉପରେ ଏସ୍କ୍ରୋ ମୋକାନିଜିମର ଆବଶ୍ୟକତା ପୁନଃ-ପରୀକ୍ଷଣର ଆବଶ୍ୟକତା ରଖେ।

**ଅନ୍ୟାନ୍ୟ ପ୍ରସଂଗ ସମୂହ**

୧୪୨. ରାଜ୍ୟ ସରକାରଙ୍କ ଦ୍ୱାରା ସଂଖ୍ୟାଧିକ ସ୍ୱାକ୍ଷରିତ ଚୁକ୍ତିନାମା ଉପରେ ନିର୍ଭର କରିବା ପରିବର୍ତ୍ତେ ରାଜ୍ୟରେ ତାପଜ ବିଦ୍ୟୁତ୍ ଶକ୍ତି ଷ୍ଟେସନର ପ୍ରତିଷ୍ଠା ପାଇଁ ଗ୍ରୀଡକୋ ପ୍ରତିଦ୍ୱନ୍ଦିତାମୂଳକ ବିଡିଂ ଅଭିମୁଖୀ ହେବା ବାଂଛନୀୟ, କାରଣ ୨ ରୁ  ୩ବର୍ଷ ମଧ୍ୟରେ ଏହି ସବୁ ତାପଜ ଶକ୍ତି ଷ୍ଟେସନରୁ ନିର୍ଦ୍ଦିଷ୍ଟ ଶକ୍ତି ଯୋଗାଣ ପାଇଁ ନିଷ୍ଚିତ ହୋଇ ପାରିବ। ରାଜ୍ୟର ଚାହିଦା ପରିପୂରଣ ପରେ, ପାଇକାରୀ ଯୋଗାଣ ତାରିଫକୁ ସ୍ଥିର ରଖିବାକୁ ବଳକା ଶକ୍ତିକୁ ଉଚ୍ଚା ଦରରେ ବାହାର ରାଜ୍ୟକୁ ବିକ୍ରୀ କରାଯାଇପାରେ।

୧୪୩. ଏଥିପାଇଁ ଗ୍ରୀଡକୋ ଏହି ଦରଖାସ୍ତକୁ ଫାଇଲ କରିଛି; କିନ୍ତୁ ପ୍ରଶ୍ନିଳ ତାଙ୍କାରେ ଉଦ୍ଦେଶ୍ୟ ହେଉଛି ଉପଭୋକ୍ତା/ସାଧାରଣଙ୍କୁ ଦ୍ୱନ୍ଦରେ ପକାଇବା - ତେଣୁ ଏଭଳି ଦରଖାସ୍ତ ଫାଇଲିଂର ଉଦ୍ଦେଶ୍ୟକୁ ସେ ପ୍ରକାଶ କରିନାହିଁ।

୧୪୪. ଆୟୋଗଙ୍କ ଦ୍ୱାରା ଗ୍ରହଣୀୟ ଏତଦ୍‌ଜନିତ ପଦ୍ଧତି/ପ୍ରଣାଳୀ ଖୁବ୍ ସରଳ ଓ କମ ବ୍ୟୟ-ସାପେକ୍ଷ ହେବା ବାଂଛନୀୟ, ଯାହା ଜନସାଧାରଣଙ୍କୁ ସେମାନଙ୍କର ଉଦ୍ଦେଶ୍ୟ-ନିହିତ ଅଭିଯୋଗମାନ ସକ୍ରିୟ ଓ ସଫଳ ଭାବେ ଆଗତ କରିବାକୁ ସମର୍ଥ କରାଇବ।

୧୪୫. ଆୟୋଗଙ୍କର ପୂର୍ବବର୍ତ୍ତୀ ଆଦେଶନାମାରେ ପ୍ରଦତ୍ତ ଜଣେ ଅନୁମତିଧାରୀ ଭାବରେ ଗ୍ରୀଡକୋ ନିର୍ଦ୍ଦେଶାବଳୀ, ସର୍ତ୍ତସମୂହକୁ ପାଳନ କରିଛି କି ନାହିଁ, ଆୟୋଗ ତା'ର ପରୀକ୍ଷା /ନିରୀକ୍ଷା କରିପାରନ୍ତି।

୧୪୬. ଗ୍ରୀଡକୋ ତା'ର ନିର୍ବାହନ-ଉତ୍କୃଷ୍ଟତା ଓ ସେବାର ମାନଦଣ୍ଡରେ ବିକାଶ ଘଟାଇନାହିଁ ଏବଂ ଏହା ସହ ତା'ର ପ୍ରଶାସନିକ ବ୍ୟୟ, ଏ ଆଣ୍ଡ ଜି' ବ୍ୟୟ, ବିଜ୍ଞାପନ ବାବଦ ବ୍ୟୟ ଓ ଆଇନ ତର୍ଜମା ଦିଗରେ ବ୍ୟୟକୁ କମାଇ ନାହିଁ।

୧୪୭. ଚାହିଦା ଦେୟ-ଦର ଓ ଶକ୍ତି ଦେୟ-ଦରକୁ ମିଶାଇ ସ୍ଥୁଳ ଯୋଗାଣ ଦର ଉଦ୍ଦେଶ୍ୟରେ ଗ୍ରୀଡକୋ ଏକ ପ୍ରସ୍ତାବ ଉପସ୍ଥାପନ କରିବା ଉଚିତ୍।

୧୪୮. ଆୟୋଗ ଗ୍ରୀଡକୋର ଏଆର୍‌ଆର୍ ଆବେଦନ ପତ୍ରକୁ ଯାଞ୍ଚ କରିପାରନ୍ତି ଏବଂ ସ୍ଥୁଳ ଯୋଗାଣ ଦରକୁ କମାଇ ପାରନ୍ତି,ଯାହା ଫଳରେ ଶିଳ୍ପ ସଂସ୍ଥାଗତ ଉପଭୋକ୍ତାମାନେ ସବସିଡି ବୋଝରୁ ମୁକୁଳିପାରିବେ।

୧୪୯. ଉତ୍ପାଦନକାରୀମାନଙ୍କଠାରୁ ପଦ୍ଧତିର ଇନପୁଟ/ଆଉଟପୁଟ ବିବରଣୀଭୁକ୍ତ କରୁଥିବା ମିଟର ଗୁଡିକର ତାଲିକାକୁ ଏବଂ ଶେଷ ପରୀକ୍ଷଣର ତାରିଖ ସହ ଇଆର୍‌ଇବି ଇଣ୍ଟରକନେକ୍ସନ୍ ଏବଂ ଯାଞ୍ଚକାରୀ ଅଧିକାରୀଙ୍କର ନାମ ମିଳିତ ଭାବେ ସୂଚାଇପାରେ।

୧୫୦. ରାଜ୍ୟରେ ନୂଆ ଶିଳ୍ପସଂସ୍ଥାଗୁଡ଼ିକର ଆବଶ୍ୟକତାକୁ ପରିପୂରଣ ନିମନ୍ତେ କୌଣସି ଖସଡାର ପ୍ରବର୍ତ୍ତନ ନ କରୁଥିବାରୁ ଗ୍ରୀଡକୋ ସାଂପ୍ରତିକ ସମୟର ଶକ୍ତି ନିଅଣ୍ଟ ପାଇଁ ମୁଖ୍ୟତଃ ଦାୟୀ ଅଟେ। ପୂର୍ବ ବର୍ଷ ମାନଙ୍କରେ ଆୟୋଗ ସ୍ଥୁଳ ଯୋଗାଣ ଦରରେ ଆଖିଦୃଶିଆ ବୃଦ୍ଧି ଘଟାଇଛନ୍ତି। ଅତଏବ, ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ହାରାହାରି ସ୍ଥୁଳ ଯୋଗାଣ ଦରରେ ବୃଦ୍ଧି ଘଟାଇବାର ଗ୍ରୀଡକୋର ପ୍ରସ୍ତାବକୁ ଆୟୋଗ ସିଧାସଳଖ ନାକଚ କରିବା ଉଚିତ୍ ହେବ।

୧୫୧. ସ୍ଥୁଳଯୋଗାଣ ତାରିଫରେ ବୃଦ୍ଧି ଘଟିଲେ ତାହା ପାଇକାରୀ ଯୋଗାଣ ତାରିଫ ଉପରେ ପ୍ରଭାବ ପକାଇବ। ଅତୀତରେ ସ୍ଥୁଳଯୋଗାଣ ତାରିଫ ବୃଦ୍ଧିର ବୋଝ ଲୋଡ ଫାକ୍ଟର ପାରିତୋଷିକ ଉପଲବ୍ଧି କରୁଥିବା ଏଚଟି ଏବଂ ଇଏଚଟି ଉପଭୋକ୍ତାଙ୍କ ଉପରେ ପଡିଥିଲା।

୧୫୨. ଜାତୀୟ ତାରିଫ ନୀତି ଅନୁସାରେ, ବିତରକ କଂପାନୀଙ୍କ ମଧ୍ୟରେ ପିପିଏର ଧାର୍ଯ୍ୟକରଣ ପାଇଁ ନିର୍ଦ୍ଦେଶାବଳୀ ଜାରି କରିବାକୁ କେତେକ ଅଭିଯୋଗକାରୀ ଓଇଆରସିଙ୍କୁ ଅନୁରୋଧ କରିଥିଲେ।

୧୫୩. ଆନ୍ତଃ-ରାଜ୍ୟ ଏବିଟିର ପ୍ରବର୍ତ୍ତନ ପାଇଁ ହିତାଧିକାରୀଙ୍କର ଚିହ୍ନଟକରଣ ଏବଂ ସେମାନଙ୍କର ପାରସ୍ପରିକ ସଂପର୍କ ସ୍ପଷ୍ଟ ଭାବେ ପ୍ରତିଷ୍ଠିତ ହେବା ଆବଶ୍ୟକ ଅଟେ। ତେଣୁ, ପିପିଏ ଧାର୍ଯ୍ୟକରଣ ଏକ ପ୍ରାଥମିକ ଆବଶ୍ୟକତା ଅଟେ। ଅତଏବ, ଚାହିଦା କିମ୍ବା ଶକ୍ତି ଇନପୁଟର ଅନୁପାତରେ ବିତରକ କଂପାନୀଙ୍କ ମଧ୍ୟରେ ଉପଲବ୍ଧ ନିଟ ପରିମାଣର ଶକ୍ତି ଧାର୍ଯ୍ୟ କରାଯିବା ଉଚିତ୍।

୧୫୪. 'ମନ୍ଦ ଋଣକୁ' ଜାଣିବା ଏବଂ ଏହାର ବୃଦ୍ଧିକୁ ରୋକିବା ଦିଗରେ ଅନୁମତିଧାରୀ (ଗ୍ରୀଡକୋ) କି ପ୍ରକାର ପଦକ୍ଷେପ ଗ୍ରହଣ କରିଛି , ସେ ସଂପର୍କରେ ବିଶଦ ଭାବରେ ବୁଝାଇ କହିବା ନିମନ୍ତେ ସେ ସକ୍ଷମ ହୋଇପାରିନାହିଁ।

୧୫୫. ବିତରକ କଂପାନୀମାନେ 'ଚାହିଦା ପାର୍ଶ୍ୱ ପରିଚାଳନା' ଓ 'ଶକ୍ତି ସଂରକ୍ଷଣ (ମିତବ୍ୟୟିତା) ଉପାୟ' ଉପରେ ଗୁରୁତ୍ୱ ଆରୋପ କରିବା ଉଚିତ। ଶକ୍ତି ସଂରକ୍ଷଣ (ମିତବ୍ୟୟତା) ହାସଲ କରିବାକୁ ସଂପୃକ୍ତ ନିର୍ଦ୍ଦିଷ୍ଟ ବଂଟନକାରୀ କଂପାନୀଙ୍କ ଉଦ୍ଦେଶ୍ୟରେ ଗ୍ରୀଡକୋ ସ୍ଥୂଳ ଯୋଗାଣ ଦରରେ କୌଣସି ପ୍ରକାର ହ୍ରାସକରଣକୁ ବିବେଚନା କରିପାରେ। ମିତବ୍ୟୟତା ଅବଲମ୍ବନ ଦ୍ୱାରା ଯେଉଁ ବଳକା ଶକ୍ତି ହାସଲ ହେଲା, ତାହାକୁ ଉଚ୍ଚା ଦରରେ ବାହାର ରାଜ୍ୟକୁ ବିକ୍ରୀ କରାଯାଇପାରିବ। ତେବେ ମାଗଣା ଶକ୍ତି ଯୋଗାଣ ପାଇଁ ବିଶ୍ୱ ବ୍ୟାଙ୍କ କିମ୍ବା ପିଏଫସି ଋଣର ସହାୟତା ନିଆଯାଇ ପାରିବ। ବଳକା ଶକ୍ତିର ବହିଃ-ରାଜ୍ୟ ବାଣିଜ୍ୟରୁ ଯେଉଁ ଆୟ ହେବ, ସେହି ଆୟରୁ ଉପରୋକ୍ତ ଋଣ ପରିଶୋଧ କରାଯାଇପାରିବ। ଏହି ଉଦ୍ଦେଶ୍ୟରେ ରାଜ୍ୟ ସରକାର ମଧ୍ୟ ସବସିଡିର ବ୍ୟବସ୍ଥା କରିବାକୁ ବିଚାର କରିପାରନ୍ତି।

୧୫୬. ଓଏଚପିସିର ସହଯୋଗରେ କିଛି ନୂଆ ଜଳ ବିଦ୍ୟୁତ ଶକ୍ତି ଷ୍ଟେସନର ବିକାଶ ପାଇଁ ସଂପ୍ରତି ରାଜ୍ୟରେ ସକ୍ରିୟ ଥିବା ସ୍ୱାଧୀନ ଶକ୍ତି ଉତ୍ପାଦନକାରୀଙ୍କ ସହ ଗ୍ରୀଡକୋ ନିଜର ସ୍ୱାର୍ଥ ପାଇଁ ହାତ ମିଳେଇବା ଉଚିତ୍। ଏଥିପାଇଁ ରାଜ୍ୟ ସରକାରଙ୍କର ଯେଉଁ ଅନୁମୋଦନ ଦରକାର, ସେ ଦିଗରେ ମଧ୍ୟ ଗ୍ରୀଡକୋ ରାଜ୍ୟ ସରକାରଙ୍କ ସହ ସକ୍ରିୟ ବିଚାର ବିମର୍ଶ ଚଳାଇବା ଦରକାର।

୧୫୭. ୧୩୨/୩୩ କେଭି ସବଷ୍ଟେସନର ସ୍ଥାପନା ହେଉଛି ଓପିଟିସିଏଲର ଦାୟିତ୍ୱ।

୧୫୮. କେଶ୍ ନଂ -୬୯/୨୦୦୯ ରେ ଫେରୋ ଆଲୟେଜ୍ କର୍ପୋରେସନ ବା ଫାକ୍‌କର ଦ୍ୱାରା ଆଗତ କରାଯାଇଥିବା ପିଟିସନର ପ୍ରତିବାଦରେ ଗ୍ରୀଡକୋ ଲୋଡ ଜେନେରେସନ ବାଲାନ୍ସ ରିପୋର୍ଟ ଉପସ୍ଥାପନ କରିଛି, ଯହିଁରୁ ସୂଚନା ମିଳୁଛି ଯେ, ୨୦୦୮ ଡିସେମ୍ବର ଠାରୁ ୨୦୦୯ ଜୁନ୍ ମଧ୍ୟରେ ଶକ୍ତି ଉପଲବ୍ଧତାରେ ନିଅଣ୍ଟିଆ ସ୍ଥିତିର ଉଦ୍‌ଭବ ହେବ। ସେ ଯାହା ହେଉ ନା କାହିଁକି, ବିଦ୍ୟୁତ ଆଇନ, ୨୦୦୩ର ବିଭାଗ -୨୩ରେ ନ୍ୟସ୍ତ କ୍ଷମତା ବଳରେ ସ୍ୱଚ୍ଛ ଓ ସ୍ପଷ୍ଟ ଲୋଡ କଟକଣା ପାଇଁ ଆୟୋଗଙ୍କର ଆଦେଶନାମା ହାସଲ କରିବା ଦିଗରେ ଗ୍ରୀଡକୋ କୌଣସି ପଦକ୍ଷେପ ନେଲା ନାହିଁ। ୩୦.୯.୨୦୦୯ର ରାଜ୍ୟ ଉପଦେଷ୍ଟା କମିଟି ବୈଠକର ଆଲୋଚନା ଅନୁଯାୟୀ ଏହି ନିଷ୍ପତ୍ତି ନିଆଯାଇଛି ଯେ, ରାଜ୍ୟ ସରକାର ନୁହେଁ, କେବଳ ଆୟୋଗ ହିଁ ଲୋଡ କଟକଣାକୁ ନିର୍ଦ୍ଧାରଣ କରିବେ। କିନ୍ତୁ ଆୟୋଗଙ୍କର ଲୋଡ କଟକଣା ଆଦେଶନାମାର ଉଲ୍ଲଂଘନ କରାଯାଉଛି।

୧୫୯. ଦୁର୍ବଳ ମୌସୁମୀ ପ୍ରବାହ ଯୋଗୁ ଜଣା ପଡିଯାଇଥିଲା ଯେ, ୨୦୦୯-୧୦ ମୌସୁମୀ ବର୍ଷରେ ଶକ୍ତିର ନିଅଣ୍ଟିଆ ପରିସ୍ଥିତି ଉପୁଜିବ। ତେବେ, ଶକ୍ତି ନିଅଣ୍ଟର ନିର୍ଦ୍ଧାରଣ କରିବା ହେଉଛି ଗ୍ରୀଡକୋର ଦାୟିତ୍ୱ। ତେଣୁ ଲୋଡ କଟକଣା ପାଇଁ ସେ ଆୟୋଗଙ୍କର ଅନୁମୋଦନ ହାସଲ କରିବା ବାଂଛନୀୟ ଥିଲା। ଯଦି ୨୦୦୯, ନଭେମ୍ବର ୧ ରୁ ୨୦୧୦ ଫେବୃୟାରୀ ମଧ୍ୟରେ ଲୋଡ କଟକଣାକୁ ବଳବତ୍ତର କରାଯାଇଥାଆନ୍ତା ଜନସାଧାରଣ ସେତେ ଅତିଷ୍ଠ ହୋଇ ନଥାନ୍ତେ, ଯେହେତୁ ଏହି ସମୟ ନିମ୍ନତର ତାପମାତ୍ରାର ସମୟ ଥିଲା। କିନ୍ତୁ ଅଦ୍ୟାବଧି ଏ ସଂପର୍କରେ ଗ୍ରୀଡକୋ ଆୟୋଗଙ୍କ ସମକ୍ଷରେ କୌଣସି ପିଟିସନ ଆଗତ କରିନାହିଁ।

୧୬୦. ଉପଭୋକ୍ତାଙ୍କ ଉପରେ ବର୍ଦ୍ଧିତ ରାଜସ୍ୱ ଆଦାୟର ପରଂପରା ଯଦି ଲାଗି ରହେ, ତେବେ ତାହା ବିଦ୍ୟୁତ୍ ସେକ୍ଟର ଓ ରାଜ୍ୟ ସରକାରଙ୍କୁ ବିପଦାପନ୍ନ ଭାବେ ପ୍ରଭାବିତ କରିବ। ତା'ସହ ଯଦି ଶକ୍ତି କାଟ ଜାରି ରହେ, ତେବେ ଏ ନେଇ ଉପଭୋକ୍ତାଙ୍କ ତରଫରୁ ଅସନ୍ତୋଷ ଏତେ ତୀବ୍ର ହେବ ଯେ, ବିତରକ କଂପାନୀମାନେ ସେମାନଙ୍କର ଦୈନନ୍ଦିନ ଗୁଜୁରାଣ ପାଇଁ ଅର୍ଥ ଉପଲବ୍ଧତାରୁ ବଂଚିତ ହୋଇ ପାରନ୍ତି।

୧୬୧. ସାଂପ୍ରତିକ ସଂକଟକୁ ମୁକାବିଲା କରିବାକୁ ୮ ହଜାର କୋଟି ଟଙ୍କାର ସବସିଡି ଦେଇ ଦୀର୍ଘ କାଳୀନ ଉପାୟମାନ ଅବଲମ୍ବନ କରିବାକୁ ଆୟୋଗ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇପାରନ୍ତି।

୧୬୨. ଯେ ପର୍ଯ୍ୟନ୍ତ  ରାଜ୍ୟ ସରକାର ସେକ୍ଟରକୁ ସବସିଡିଭୁକ୍ତ କରିବାକୁ ଆଗଭର ନ ହୋଇଛନ୍ତି, ସେ ପର୍ଯ୍ୟନ୍ତ  ଗ୍ରୀଡକୋ ବର୍ତ୍ତମାନର ସ୍ଥୁଳ ଯୋଗାଣ ଦରରେ ବୃଦ୍ଧି ଘଟାଇବା ଉଚିତ ନୁହେଁ।

୧୬୩. ୱେସକୋ, ନେସ୍କୋ ଏବଂ ସାଉଥ୍କୋ ଗ୍ରୀଡକୋକୁ ୪୦୦କୋଟି  ଟଙ୍କାର ବନ୍ଧକ ପ୍ରଦାନ କରିଛନ୍ତି , ଯାହାକି ପରବର୍ତ୍ତୀ ସମୟରେ ଓଡ଼ିଶାକୁ ଶକ୍ତି ନିୟନ୍ତ୍ରଣ ରୋକିବା ପାଇଁ ଏନଟିପିସିକୁ ହସ୍ତାନ୍ତରଣ କରାଯାଇଛି। ୱେସ୍କୋ, ନେସକୋ ଓ ସାଉଥ୍କୋ ପ୍ରୋକ୍ତ ପରିମାଣ ଉପରେ ସୁଧ ମଧ୍ୟ ଦେଉଛନ୍ତି; ଅଥଚ ସେସୁ ୨୫୦ କୋଟି ଟଙ୍କାର ବନ୍ଧକ ପ୍ରଦାନ କଲା ନାହିଁ ଏବଂ ଏଥିପାଇଁ ତା'ର ସୁଧ ଦେବାକୁ ମଧ୍ୟ ନାହିଁ।

<u>ଅଭିଯୋଗକାରୀଙ୍କୁ ଗ୍ରୀଡକୋର ଉତ୍ତର (ପରିଚ୍ଛେଦ ୧୬୪ ରୁ ୨୪୨)</u>

୧୬୪. ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଗ୍ରୀଡକୋର ବାର୍ଷିକ ରାଜସ୍ୱ ଆବଶ୍ୟକତା ଓ ସ୍ଥୁଳ ଯୋଗାଣ ଦର ଆବେଦନପତ୍ରର ଅନୁମୋଦନ ଉପରେ ଅଭିଯୋଗକାରୀମାନଙ୍କର ମତାୟନ ପରିପ୍ରେକ୍ଷୀରେ ଗ୍ରୀଡକୋ ତାର ଜବାବ ଦାଖଲ କରିଥିଲା ଏବଂ ସେହି ଜବାବ ବା ଉତ୍ତରକୁ ନିମ୍ନଲିଖିତ ପ୍ରସଂଗ ସମୂହ ପ୍ରକାରରେ ଶ୍ରେଣୀକରଣ କରାଗଲା।

**<u>ଆଇନଗତ ପ୍ରସଂଗସମୂହ</u>**

୧୬୫. ଗ୍ରୀଡକୋର ଆଇନାନୁବନ୍ଧ ସ୍ଥିତି ତା'ର ଏଆର୍ଆର୍ ଓ ବିଏସପି ଅନୁମୋଦନ ସହ ସଂପର୍କିତ  ଅଟେ। ତା'ର କାରଣସମୂହ ନିମ୍ନ ପ୍ରକାରର ଅଟେ।

୧୬୬. ବିଦ୍ୟୁତ୍ ଆଇନ, ୨୦୦୩ ର ବିଭାଗ -୧୪ର ୫ମ ସର୍ତ୍ତ ଅଧିନରେ ଗ୍ରୀଡକୋ ଏକ 'ମତାବଲମ୍ବୀ ବିପଣନ-ଅନୁମତିଧାରୀ' ଅଟେ। ବିଦ୍ୟୁତ ଆଇନ, ୨୦୦୩ର ପ୍ରଣୟନ ପୂର୍ବରୁ ' ଓଡ଼ିଶା ବିଦ୍ୟୁତ ସଂସ୍କାର ଆଇନ,୧୯୯୫' ଅଧିନରେ ଗ୍ରୀଡକୋ କେବଳ 'ସରବରାହ ଓ ସ୍ଥୁଳ ଯୋଗାଣ ଅନୁମତିଧାରୀ' ଥିଲା। ସେହି ଅନୁଯାୟୀ, ଗ୍ରୀଡକୋ ଶକ୍ତି ଉତ୍ପାଦନକାରୀ କଂପାନୀମାନଙ୍କ ସହ ଦୀର୍ଘକାଳୀନ 'ଶକ୍ତି କ୍ରୟ ଚୁକ୍ତିନାମା' ଏବଂ ବିତରକ କଂପାନୀଙ୍କ ସହ 'ସ୍ଥୁଳ ଯୋଗାଣ ଚୁକ୍ତିନାମା' ରେ ଅନୁବନ୍ଧିତ ହୋଇଛି। ଏହି ଚୁକ୍ତିନାମା ଅନୁଯାୟୀ, ପ୍ରାଥମିକତା ଭିତ୍ତିରେ ଗ୍ରୀଡକୋ ବିତରକ କଂପାନୀମାନଙ୍କର ପୂର୍ଣ୍ଣ ଆବଶ୍ୟକତା ପର୍ଯ୍ୟନ୍ତ  ସେହିମାନଙ୍କୁ ହିଁ ଶକ୍ତି ବିକ୍ରୀ କରିବ ଏବଂ ବଂଟନକାରୀ କଂପାନୀମାନେ କେବଳ ଗ୍ରୀଡକୋଠାରୁ ଶକ୍ତି କିଣିବାକୁ ବାଧ୍ୟ ଅଟନ୍ତି। ଓଡ଼ିଶାର ବିତରକ କଂପାନୀଙ୍କ ପାଇଁ ଏହି ବ୍ୟବସ୍ଥାକୁ ଶକ୍ତି କିଣା ବିକାର 'ଏକକ କ୍ରୟିତ ଢାଞ୍ଚା' ବୋଲି କୁହାଯାଉଛି। ଏହି ଢାଞ୍ଚା ଐତିହାସିକ ଉତ୍ତରାଧିକାତ୍ୱ ଭାବେ ଅଦ୍ୟାବଧି ଚଳିଆସୁଛି।

୧୬୭. ୯.୬.୨୦୦୫ର ଓଡ଼ିଶା ସରକାରଙ୍କ ଟ୍ରାନ୍ସଫର ବା ଦାୟିତ୍ୱ ହସ୍ତାନ୍ତରଣ ବିଜ୍ଞପ୍ତି ସଂଖ୍ୟା ୬୮୯୨ ବଳରେ ଗ୍ରୀଡକୋଠାରୁ ଓପିଟିସିଏଲକୁ ଶକ୍ତି ସରବରାହ କାର୍ଯ୍ୟ ନେଇ ନିଆଯିବା ପରେ, ଗ୍ରୀଡକୋ ପାଖରେ କେବଳ ବିତରକ କଂପାନୀଙ୍କୁ ସ୍ଥୁଳ ଯୋଗାଣ ଦାୟିତ୍ୱ ରହିଲା। ଏହା ହିଁ ବିଦ୍ୟୁତ୍ ଆଇନ, ୨୦୦୩ର ବିଭାଗ -୨ (୭୧) ଅଧିନରେ ଶକ୍ତି ବିପଣନର ସଂଜ୍ଞାକୁ ଚରିତାର୍ଥ କରୁଛି। ଅଧିକନ୍ତୁ, ଜଣେ ବଣିକ ଦ୍ୱାରା ଶକ୍ତିର ସ୍ଥୁଳ ଯୋଗାଣ କାର୍ଯ୍ୟ ସଂପାଦନ କରାଯିବା ବିଦ୍ୟୁତ ଆଇନ ,୨୦୦୩ର କୌଣସି ବ୍ୟବସ୍ଥା ପ୍ରତି ରୁଚିକର ନୁହେଁ। ତେବେ, ଏଭଳି କାର୍ଯ୍ୟ ଆମ ଆଇନର ଚଳନୀୟ !

୧୬୮. ସର୍ବୋପରି , ଓଡ଼ିଶା ସରକାର ୧୭.୮.୨୦୦୬ର ବିଜ୍ଞପ୍ତି ସଂଖ୍ୟା -୭୯୪୮ ମୂଳେ, ଜଳ ବିଦ୍ୟୁତ ପବନ-ବିଦ୍ୟୁତ୍ , କୃଷି-ଆନୁଷଂଗିକ ବଜ୍ୟେବସ୍ତୁର  ଉତ୍ପାଦିତ ବିଦ୍ୟୁତ୍ ଏବଂ ତାପଜ ବିଦ୍ୟୁତ୍ ଶକ୍ତି ଭଳି ବିକାଶମୁଖୀ ଉତ୍ପାଦନକାରୀ ଶକ୍ତି ସଂସ୍ଥାସମୂହ ସହ ଶକ୍ତି କ୍ରୟ ଚୁକ୍ତିନାମାର ନିର୍ବାହନ ପାଇଁ ଗ୍ରୀଡକୋକୁ 'ରାଜ୍ୟର  ଏକକ ସୂଚିତ ସଂସ୍ଥାନ' ଭାବରେ ବିଜ୍ଞପିତ କରିଛନ୍ତି। ତେଣୁ, ଗ୍ରୀଡକୋର ଆଇନଗତ ସ୍ଥିତି (ଯାହା ଏକ ରାଜ୍ୟ ସରକାରଙ୍କ ଉଦ୍ୟୋଗ)କୁ ପ୍ରଶ୍ନ କରାଯାଇପାରିବ ନାହିଁ।

୧୬୯. ଓଇଆରସିଙ୍କ ସମକ୍ଷରେ ଗ୍ରୀଡକୋର ଏଆର୍ଆର୍ ଏବଂ ବିଏସପି ଫାଇଲିଂର ପ୍ରଶ୍ନ ସଂପର୍କରେ ସ୍ପଷ୍ଟ ଭାବେ କୁହାଯାଇପାରେ ଯେ, ବିତରକ କଂପାନୀମାନଙ୍କର ଶକ୍ତି କ୍ରୟର ଦରକୁ ନିୟନ୍ତ୍ରିତ ଓ ନିୟମିତ କରିବାକୁ ଆଇନର ବିଭାଗ-୮୬(୧) (ଖ) ମୂଳେ

ଆୟୋଗ କ୍ଷମତା ପ୍ରାପ୍ତି ଅଟନ୍ତି। ଅତଏବ, ଏହି ବ୍ୟବସ୍ଥା ଗ୍ରୀଡକୋ ସହ ପ୍ରଚଳିତ ସ୍ଥୁଳ ଯୋଗାଣ ଚୁକ୍ତିନାମା ଅଧିନରେ ବିତରକ କଂପାନୀଙ୍କର ଶକ୍ତି କ୍ରୟ ପାଇଁ ନିୟାମକ ଦର ସ୍ଥିରୀକରଣରେ ଆୟୋଗଙ୍କୁ ସମର୍ଥ କରାଏ। ଘଟଣା ବଶତଃ, ବିତରକ କଂପାନୀଙ୍କ ପାଇଁ ଶକ୍ତି କ୍ରୟର ନିୟାମକ ଦରର ଅନୁମୋଦନ ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ଗ୍ରୀଡକୋର ସ୍ଥୁଳ ଯୋଗାଣ ଦର ହୋଇଥାଏ। ସୁତରାଂ, ଗ୍ରୀଡକୋର ଏଆର୍‌ଆର୍ ଏବଂ ବିଏସପି ଅନୁମୋଦନ ପାଇଁ ଆୟୋଗ କ୍ଷମତା ପ୍ରାପ୍ତ ଅଟନ୍ତ। ତେଣୁ, ଓଇଆରସିଙ୍କ ସମକ୍ଷରେ ଅନୁମୋଦନ ପାଇଁ ଗ୍ରୀଡକୋର ଏଆର୍‌ଆର୍ ଏବଂ ବିଏସପି ଉପସ୍ଥାପନ ସଂପୂର୍ଣ୍ଣ ପ୍ରାସଂଗିକ ଅଟେ ଏବଂ ଆଇନ ଅନୁଯାୟୀ ପ୍ରତିପାଦ୍ୟ ଅଟେ।

୧୭୦. ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଏଆର୍‌ଆର୍ ଏବଂ ବିଏସପି ଆବେଦନ ପତ୍ର ଆଗତ କରିବା ଉଦ୍ଦେଶ୍ୟରେ ୨୦୦୯-୧୦ ର ଅଡିଟ କରାଯାଇଥିବା ଆକାଉଣ୍ଟସମୂହର ଆବଶ୍ୟକତା ନାହିଁ। କାରଣ ଏହି ଆକାଉଣ୍ଟସମୂହର ଅଡିଟ ୩୧.୩.୨୦୦୯ ସୁଦ୍ଧା ସରିଥାଏ, କିନ୍ତୁ ଏଆର୍‌ଆର୍ ଏବଂ ବିଏସପି ଆବେଦନ ପତ୍ର ୩୦.୧୧.୨୦୦୯ ସୁଦ୍ଧା ଦାଖଲ କରିବାକୁ ପଡିଥାଏ। ୨୦୦୮-୦୯ ଆର୍ଥିକ ବର୍ଷ ପାଇଁ ଗ୍ରୀଡକୋ ତାର ବାର୍ଷିକ ଆକାଉଣ୍ଟକୁ ପ୍ରକାଶ କରିସାରିଛି। ୨୦୦୯-୧୦ ଆର୍ଥିକ ବର୍ଷ ୩୧.୩.୨୦୧୦ ରେ ସରିଯିବ। କଂପାନୀ ଆଇନ, ୧୯୫୬ ଏବଂ ଗ୍ରୀଡକୋର ଅନୁମତିଧାରୀ-ସର୍ତ୍ତସମୂହ ମୂଳେ ୨୦୦୯-୧୦ ପାଇଁ ଗ୍ରୀଡକୋର ଅଡିଟ କରାଯାଇଥିବା ଆକାଉଣ୍ଟସମୂହକୁ ୨୦୧୦ ନଭେମ୍ବର ସୁଦ୍ଧା ଆଗତ କରିବାକୁ ପଡିବ।

୧୭୧. ଏ ସଂପର୍କରେ ରାଜ୍ୟର ବହୁଳ ପ୍ରସାରିତ ଓଡ଼ିଆ ଓ ଇଂରାଜୀ ଦୈନିକ ସମ୍ବାଦପତ୍ରମାନଙ୍କରେ ସାଧାରଣ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ତା'ଛଡା, ସାଧାରଣ ଶୁଣାଣି ଜରିଆରେ ଗ୍ରୀଡକୋର ଏଆର୍‌ଆର୍ ଏବଂ ବିଏସପି ର ନିର୍ଦ୍ଧାରଣ ଓ ଅନୁମୋଦନ ସଂପର୍କରେ ଉପଭୋକ୍ତାଙ୍କୁ ଅବଗତ କରାଇବା ନିମନ୍ତେ ସମ୍ବାଦପତ୍ରମାନଙ୍କରେ ମଧ୍ୟ ପରବର୍ତ୍ତୀ ପ୍ରକାଶନମାନ କରାଯାଇଛି।

୧୭୨. ସବିଶେଷ ବିବରଣୀ ସହ ଗ୍ରୀଡକୋର ଆବେଦନ ପତ୍ର ବୃହଦାକାର ଓ ୨ ଭାଗରେ ବିଭକ୍ତ। ପୁଂଖାନୁପୁଂଖ ହିସାବର ସାରାଂଶ ଥାଇ ଆୟୋଗଙ୍କ ନିର୍ଦ୍ଧାରିତ ଫର୍ମାଟରେ ୧ ମ ଭାଗରେ ଏଆର୍‌ଆର୍ ନିହିତ ଏବଂ ୨ୟ ଭାଗରେ ସବୁ ବ୍ୟୟର ତଥ୍ୟଗତ କାଗଜାତ ନିହିତ। ଅତଏବ, ଗ୍ରୀଡକୋ କୌଣସି ସୂଚନାକୁ ଲୁଚାଇବାକୁ ଉଦ୍ୟମ କରିନାହିଁ। ସୁତରାଂ, ଅଭିଯୋଗ ଆମନ୍ତ୍ରଣ ନିମନ୍ତେ ଗ୍ରୀଡକୋର ଆବେଦନ ପତ୍ରରେ ଯଥେଷ୍ଟ ସୂଚନା ଦିଆଯାଇଥିବାରୁ ତାହାକୁ ଏକ ବିକୃତ ଉପସ୍ଥାପନା କିମ୍ବା ଆଇନବିରୋଧି ଓ ନ୍ୟାୟିକ ଶୃଙ୍ଖଳାର ବିରୋଧି ବୋଲି କୁହାଯାଇପାରିବ ନାହିଁ।

୧୭୩. ୨୦୦୬-୦୭ ଆର୍ଥିକ ବର୍ଷ ପାଇଁ ଗ୍ରୀଡକୋର ଏଆର୍‌ଆର୍ ଓ ବିଏସପି ସଂପର୍କିତ ମାମଲାସମୂହ ସର୍ବୋଚ୍ଚ ନ୍ୟାୟାଳୟରେ ସ୍ଥଗିତ ଅବସ୍ଥାରେ ଅଛି ଏବଂ ୨୦୦୭-୦୮ ଆର୍ଥିକ ବର୍ଷ ପାଇଁ ୨୦୦୭ର ଅପିଲ ନଂ -୫୫,୫୬,୫୭ ମୂଳେ ମାମଲା ମଧ୍ୟ 'ବିଦ୍ୟୁତ ଶକ୍ତି ଉଦ୍ଦେଶ୍ୟରେ ଆପେଲାଟ୍ ଟ୍ରିବ୍ୟୁନାଲରେ ମଧ୍ୟ ସ୍ଥଗିତାବସ୍ଥାରେ ଅଛି। ସର୍ବୋଚ୍ଚ ନ୍ୟାୟାଳୟରେ ଅପିଲ କରାଯାଇଥିବା ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ ଓଇଆରସିଙ୍କୁ ଅଧିକ ନ ଆଗେଇବାକୁ ମଧ୍ୟବର୍ତ୍ତୀ ଆଦେଶ ଜାରି କରିଛନ୍ତି। ତେଣୁ ବିତରକ କଂପାନୀମାନେ ଓଇଆରସିଙ୍କ ଦ୍ୱାରା ସ୍ଥିରୀକୃତ ସ୍ଥୁଳ ଯୋଗାଣ ଦରକୁ ମାନି ନେଇଛନ୍ତି ବୋଲି କୁହାଯାଇ ପାରିବ ନାହିଁ।

୧୭୪. ରାଜ୍ୟର ଶକ୍ତି ଆବଶ୍ୟକତାକୁ ପୂରଣ କରିବାକୁ ଗ୍ରୀଡକୋ ସବୁ ପ୍ରକାର ପ୍ରୟାସ କରିଛି। ବାସ୍ତବରେ, ଓଇଆରସିଙ୍କ ଅନୁମୋଦିତ ମତେ, ବିତରକ କଂପାନୀମାନେ ସେମାନଙ୍କର ଉଠାଣ ଉପରେ କଟକଣା କରିନାହାନ୍ତି ଏବଂ ହାରାହାରି ବୈଷୟିକ ଓ ବ୍ୟବସାୟିକ କ୍ଷତିସ୍ତରର ହ୍ରାସ କରାଇ ନାହାନ୍ତି, ଯଦ୍ଦ୍ୱାରା ଅଧିକ ଉଠାଣ ଜାରି ରହିବା ଫଳରେ ଶକ୍ତି କ୍ରୟର ଦର ଉଚ୍ଚା ରହୁଛି। ଗ୍ରୀଡକୋ କୌଣସି ଆଇନଗତ ବ୍ୟବସ୍ଥାର ଉଲଂଘନ କରିନାହିଁ। ପୁନଶ୍ଚ, ଶକ୍ତି ଉପଲବ୍ଧତାର ନିଅଣ୍ଟିଆ ସ୍ଥିତିକୁ କେବଳ ୨୦୦୮ ଡିସେମ୍ବରରୁ ୨୦୦୯ ଜୁନ୍ ମଧ୍ୟରେ ସୀମିତ କରାଯାଇ ନ ପାରେ, ବରଂ କମ ବୃଷ୍ଟିପାତ ଯୋଗୁ ପରବର୍ତ୍ତୀ ସମୟ ପର୍ଯ୍ୟନ୍ତ ଗ୍ରହଣ କରାଯିବ। ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ରାଜସ୍ୱ ନିଅଣ୍ଟ ସ୍ଥିତିକୁ ସ୍ୱୀକୃତି ଦିଆଯିବା ଉଚିତ ଏବଂ ପରବର୍ତ୍ତୀ ବର୍ଷମାନଙ୍କରେ ତାହାକୁ ଭରଣା ପାଇଁ ଅନୁମତି ଦିଆଯିବା ଉଚିତ।

୧୭୫. ଲୋଡ ନିୟନ୍ତ୍ରଣ ସଂପର୍କରେ କୁହାଗଲେ ଏହା ହେବ ଯେ, ଓଇଆରସିଙ୍କ ଆଦେଶନାମାକୁ ମାନି ବିତରକ କଂପାନୀ ଏବଂ ଏସଏଲଡିସି ସେମାନଙ୍କର ଶକ୍ତି ଉଠାଣକୁ କଟକଣିତ କରିନାହାନ୍ତି। ଫଳରେ, ୟୁଆଇ ମେକାନିଜିମ ଜରିଆରେ ଏବଂ

ସିଜିପିମାନଙ୍କଠାରୁ ମଧ୍ୟ ଶକ୍ତି ଉଠାଣ ପାଇଁ ଗ୍ରୀଡକୋ ଅଧିକ ଦର ଦେବାକୁ ବାଧ୍ୟ ହୋଇଛି। ପୁନଶ୍ଚ, ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ଟାରିଫ ଆଦେଶନାମା ଅନୁଯାୟୀ ବ୍ୟବସ୍ଥିତ ଜଳବିଦ୍ୟୁତ ଶକ୍ତି ମଧ୍ୟ ଉପଲବ୍ଧ ହୋଇନାହିଁ; ଯାହା ଫଳରେ ଗ୍ରୀଡକୋକୁ ଅନ୍ୟାନ୍ୟ ଉତ୍ସରୁ ଅଧିକ ଦାମରେ ଶକ୍ତି କିଣିବାକୁ ପଡୁଛି।

**<u>ସମତାଳିକ ସର୍ବାଧିକ ଚାହିଦା ଓ ଶକ୍ତି ଚାହିଦା</u>**

୧୭୬. ୨୦୦୯-୧୦ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ପ୍ରତି ବିତରକ କଂପାନୀର ମାସିକ ସର୍ବାଧିକ 'ସମତାଳିକ ସର୍ବାଧିକ ଚାହିଦା' ବା ଏସ୍‌ଏମ୍‌ଡିକୁ ଆଧାର କରି ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ବଂଟନାକରୀ କଂପାନୀଙ୍କର 'ସମତାଳିକ ସର୍ବାଧିକ ଚାହିଦା' ବା ଏସ୍‌ଏମ୍‌ଡିକୁ ମାସିକ ୩୦୪୩.୬୧୭ ଏମଭିଏ ରେ ପ୍ରଦର୍ଶ ନ କରାଯାଇଛି।

୧୭୭. ସାଧାରଣତଃ ଗ୍ରୀଡକୋ ବିତରକ କଂପାନୀଙ୍କର ଶକ୍ତି ଚାହିଦାର ପ୍ରଦର୍ଶନକୁ  ବିଚାର କରିଥାଏ। ଗ୍ରୀଡକୋଠାରୁ ବିତରକ କଂପାନୀଙ୍କର ଶକ୍ତି କ୍ରୟ ପରିମାଣର ପ୍ରଦର୍ଶନ ସେମାନଙ୍କର ଉପଭୋକ୍ତାଙ୍କୁ ବିକ୍ରୀ ପରିମାଣର ପ୍ରଦର୍ଶନ ଏବଂ ସେମାନଙ୍କ ବଂଟନ-ପଦ୍ଧତିର ବଂଟନ-କ୍ଷତି ପରିମାଣ ଉପରେ ଆଧାରିତ ଅଟେ। ଅତଏବ, ବିତରକ କଂପାନୀଙ୍କର ଶକ୍ତି ଚାହିଦାର ପ୍ରଦର୍ଶନ ପାଁଇ ଗ୍ରୀଡକୋ ବଂଟନ କ୍ଷତିକୁ ବିଚାର କରେ ନାହିଁ। ବିତରକ କଂପାନୀଙ୍କ ଠାରୁ ଚାହିଦା ପ୍ରଦର୍ଶନ ପାଇ ନଥିବା ଯୋଗୁ, ସଂସ୍କରିତ ୫ ବର୍ଷିଆ ବ୍ୟବସାୟିକ ଖସଡା (ଆର୍ଥିକ ବର୍ଷ ୨୦୦୮-୦୯ ରୁ ଆର୍ଥିକ ବର୍ଷ ୨୦୧୨-୧୩) ରେ ନିହିତ ଓପିଟିସିଏଲର ଉପସ୍ଥାପନା ଅନୁଯାୟୀ ଗ୍ରୀଡକୋ ଶକ୍ତି ଚାହିଦାର ପ୍ରଦର୍ଶନକୁ ବିଚାର କଲା, ଯାହାକି ବିତରକ  କଂପାନୀଙ୍କ ଦ୍ୱାରା ଉପସ୍ଥାପିତ ପ୍ରଦର୍ଶନ ଉପରେ ଆଧାରିତ ଥିଲା।

**<u>ଶକ୍ତି ଉପଲବ୍‌ଧତା ଓ କ୍ରୟ</u>**

୧୭୮. ନିମ୍ନଲିଖିତ ସାପେକ୍ଷ-ସ୍ଥିତିସମୂହକୁ ବିବେଚନା କରି ୨୦୧୦-୧୧ ଆର୍ଥି କ ବର୍ଷ ପାଇଁ ବିଭିନ୍ନ ଉତ୍ସରୁ ଶକ୍ତି ଆହରଣର ପରିମାଣକୁ ଗ୍ରୀଡକୋ ପ୍ରଦର୍ଶନ କରିଛି। ଯାହା ଆୟୋଗଙ୍କର ଯାଞ୍ଚ ସାପେକ୍ଷ ମଧ୍ୟ ଅଟେ।

(କ) ସେମାନଙ୍କ ଦ୍ୱାରା ଉପସ୍ଥାପିତ ଉତ୍ପାଦନ ଖସଡା ଅନୁଯାୟୀ ଓଏଚପିସି, ଓପିଜିସି ଏବଂ ଟିଟିପିଏସ୍ ରୁ-

(ଖ) ଚଳିତ ବର୍ଷର ପ୍ରଥମ ୬ ମାସର ଶକ୍ତି ପଠାଇବା ପରିମାଣକୁ ବିବେଚନା କରି ଭିନ୍ନ ଭିନ୍ନ ପିଏଲ୍ ଏଫ୍ ରେ କେନ୍ଦ୍ରୀୟ ଉତ୍ପାଦନକାରୀ ଷ୍ଟେସନମାନଙ୍କ ଠାରୁ -

(ଗ) ଚଳିତ ବର୍ଷରେ ପ୍ରଥମ ୬ ମାସର ଉଠାଣର ସ୍ଥିତ ଧାରାକୁ ଭିତ୍ତି କରି ସିଜିପି/କୋ-ଜେନେରେସନ ପ୍ଲାଣ୍ଟ ସମୂହ ଏବଂ 'ଉଦ୍ଧାରିତ ଉତ୍ସ' ମାନଙ୍କରୁ-

(ଘ) ବିଗତ (ପୂର୍ବ)ବର୍ଷର ଯୋଗାଣର ଢାଞ୍ଚାକୁ ବିବେଚନା କରି 'ଚୁଖା' ଓ 'ତଲା'ରୁ-

(ଙ) ବାର୍ଷିକ ବିକ୍ରୀ-ଯୋଗ୍ୟ ଶକ୍ତିକୁ ବିବେଚନା କରି 'ଟିଷ୍ଟା'ରୁ-

(ଚ) ୨୦୧୦, ଅକ୍ଟୋବରରୁ ଉତ୍ପାଦନ ଆରମ୍ଭ କରିବାକୁ ନିର୍ଦ୍ଧାରଣ ହୋଇଥିବା ମେସର୍ସ ଷ୍ଟେରିଲାଇଟ ଏନର୍ଜି(ପ୍ରା) ଲିଃ ନାମକ ଏକ ଆଇପିପିର ୧ମ ୟୁନିଟ୍ ରୁ-

୧୭୯. ସେମାନଙ୍କର ଉପଲବଧ କ୍ଷମତା, ସୂଚୀଭୁକ୍ତ ତୁଲାଜମା ପାଇଁ ଖସଡା ଏବଂ ଉତ୍ପାଦନକ୍ଷମ ୟୁନିଟଗୁଡିକର ଅନ୍ୟାନ୍ୟ ସଂପର୍କିତ ବିଭାବସମୂହକୁ ଉପଯୁକ୍ତ ଭାବେ ବିବେଚନା କରି ଓଏଚପିସି, ଓପିଜିସି ଏବଂ ଟିଟିପିଏସ୍ ଭଳି ଉତ୍ପାଦନକାରୀ ପ୍ରତିଷ୍ଠାନମାନେ ସେମାନଙ୍କର ଉତ୍ପାଦନ ଖସଡାକୁ ଉପସ୍ଥାପନ କରିଛନ୍ତି । ଉତ୍ପାଦନ କ୍ଷମ ୟୁନିଟ ଗୁଡିକର ଆଭ୍ୟନ୍ତରୀଣ ଖସଡାୟନ ପ୍ରସଂଗ ଉପରେ ଗ୍ରୀଡକୋ ହସ୍ତକ୍ଷେପ କରି ପାରିବ ନାହିଁ କିମ୍ବା ପ୍ରଭାବ ପକାଇ ପାରିବ ନାହିଁ । ଗୋଟିଏ ଉତ୍ପାଦନକାରୀ ଉତ୍ସ ଦ୍ୱାରା ପ୍ରଦତ୍ତ ଶକ୍ତି ଉତ୍ପାଦନର ପ୍ରଦର୍ଶନକୁ ସଂଶୋଧନ କରିବାକୁ ଗ୍ରୀଡକୋର କୌଣସି କର୍ତ୍ତୃପକ୍ଷତ୍ୱ ନାହିଁ; କାରଣ ଏହା ଦ୍ୱାରା ସାଂଘାତିକ ବିଦ୍ୱେଷ ସୃଷ୍ଟି ହେବ ଏବଂ  ଉପଯୁକ୍ତ ଟାରିଫ ନିର୍ଦ୍ଧାରଣରେ ଏହା ବିଶୃଙ୍ଖଳା ସୃଷ୍ଟି କରିପାରେ। ଅତଏବ, ଉପରୋକ୍ତ ଉତ୍ପାଦନକାରୀ ପ୍ରତିଷ୍ଠାନମାନଙ୍କ ଦ୍ୱାରା ଉପସ୍ଥାପିତ ଉତ୍ପାଦନ-ଖସଡାକୁ ଗ୍ରୀଡକୋ ଗ୍ରହଣ କରିବ କି ନା , ତାହା ନିଜ ଉପରେ ନିର୍ଭର କରେ। ତେଣୁ,

ଅଭିଯୋଗକାରୀମାନଙ୍କର ପରାମର୍ଶ ଆଦୌ ଗ୍ରହଣ ଯୋଗ୍ୟ ହୋଇ ନପାରେ, କାରଣ ତାହା ସଂପୂର୍ଣ୍ଣ ଅବାସ୍ତବ, ଏବଂ ଓଏଚପିସି, ଓପିଜିସି ଓ ଟିଟିପିଏସ୍ ପାଇଁ ଗ୍ରୀଡକୋର ଆଗତ କରାଯାଉଥିବା ପ୍ରଦର୍ଶନକୁ ବିଚାରକୁ ନିଆଯାଇପାରେ।

୧୮୦. ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଓଏଚପିସିରୁ ୬୯୪୮ ଲକ୍ଷ ୟୁନିଟର ଏକ ପ୍ରଦର୍ଶନ-ପରିମାଣକୁ ବିଚାରଭୁକ୍ତ କରିବା ପାଇଁ ଜଣେ ଅଭିଯୋଗକାରୀଙ୍କର ପରାମର୍ଶ ଅତି ଅବାସ୍ତବ ମନେ ହୁଏ। ଅତଏବ, ଏହାକୁ ଆଦୌ ଗ୍ରହଣ କରାଯାଇ ନ ପାରେ।

୧୮୧. ସିଜିପିସମୂହରୁ ଉଠାଣ ଏବଂ  ପୂର୍ବାଞ୍ଚଳର କେନ୍ଦ୍ରୀୟ ଶକ୍ତି ଉତ୍ପାଦନାକରୀ ଷ୍ଟେସନସମୂହ ଠାରୁ ରାଜ୍ୟର ଭାଗକୁ ମିଶାଇ ରାଜ୍ୟ ଉତ୍ପାଦନକାରୀଙ୍କ ଦ୍ୱାରା ଉପସ୍ଥାପିତ ଉତ୍ପାଦନ ଖସଡାକୁ ଭିତ୍ତି କରି ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଗ୍ରୀଡକୋ ଶକ୍ତି ଉପଲବଧିର ଅଟକଳିତ ପରିମାଣକୁ ୨୧୭୯୩ ଲକ୍ଷ ୟୁନିଟ ଭାବେ ପ୍ରସ୍ତାବ ଦେଇଛି। ୪.୩%ର ବଂଟନ କ୍ଷତି(୯୩୭.୧୦ ଲକ୍ଷ ୟୁନିଟ୍)କୁ ବିବେଚନା କଲା ପରେ ବଂଟନକାରୀ କଂପାନୀ ଓ ସିଜିପିମାନଙ୍କୁ ଯୋଗାଣ କରାଯିବାର ନିଟ୍ ଉପଲବଧ ପରିମାଣ ହେଉଛି ୨୦୮୫୬ ଲକ୍ଷ ୟୁନିଟ୍। ଅତଏବ, ଆଉ କାହାକୁ ବିକିବାକୁ ଶକ୍ତି ତ ବଳକା ରହୁନାହିଁ। ଅତଏବ, ଅଭିଯୋଗକାରୀଙ୍କର ଯେଉଁ ଆକଳନ ଯେ ୯୩୭ ଲକ୍ଷ ୟୁନିଟର ବଳକା ଶକ୍ତିକୁ ବାହାର ରାଜ୍ୟକୁ ବିକ୍ରୀ କରିହେବ, ତାହା ବାସ୍ତବତଃ ଭୁଲ ଅଟେ।

୧୮୨. ବିତରକ  କଂପାନୀମାନଙ୍କ ଦ୍ୱାରା ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଶକ୍ତି ଆବଶ୍ୟକତାର ପ୍ରଦର୍ଶନ ସଂପର୍କିତ ତଥ୍ୟ ଅନୁପସ୍ଥିତିରେ, ଓପିଟିସିଏଲର ସଂଶୋଧିତ ପାଞ୍ଚ ବର୍ଷିଆ ବ୍ୟବସାୟିକ ଖସଡା(ଆର୍ଥିକ ବର୍ଷ ୨୦୦୮-୦୯ ରୁ ଆର୍ଥିକ ବର୍ଷ ୨୦୧୨-୧୩)ର ଉପସ୍ଥାପନାର ଆଧାର ଉପରେ ଗ୍ରୀଡକୋ ୪ ଟି ବିତରକ କଂପାନୀଙ୍କ ଉଦ୍ଦେଶ୍ୟରେ ଉପଲବ୍ଧ ୨୦୮୫୬ ଲକ୍ଷ ୟୁନିଟର ନିଟ୍ ଶକ୍ତିର ପରିମାଣକୁ ବିକ୍ରୀ ପାଇଁ ଧାର୍ଯ୍ୟ କରିଛି, ଯେଉଁ ପରିମାଣ ବଂଟନକାରୀ କଂପାନୀଙ୍କର ଉପସ୍ଥାପିତ ପ୍ରଦର୍ଶନ ଅନୁଯାୟୀ ଥିଲା।

୧୮୩. ଅଭିଯୋଗକାରୀଙ୍କ ଦ୍ୱାରା ଉଦ୍ରେକିତ ବଂଟନ-କ୍ଷତି ସଂପର୍କିତ  ପ୍ରସଂଗସମୂହ ଗ୍ରୀଡକୋ ପାଇଁ ପ୍ରାସଂଗିକ ନୁହେଁ। ତେବେ ଓପିଟିସିଏଲ ପଦ୍ଧତିରେ ୪.୩୦%ର ବଂଟନ-କ୍ଷତିକୁ ବିବେଚନା କରି ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଗ୍ରୀଡକୋ ତା'ର ଶକ୍ତି ଆହରଣର ପରିମାଣକୁ ଅଟକଳିତ କରିଛି, ଯାହାକି ଓପିଟିସିଏଲ ତା'ର  ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ତା'ର ଏଆରଆର୍ ଏବଂ ସରବରାହ ତାରିଫରେ ଓଇଆରସିଙ୍କ ସମକ୍ଷରେ ଉପସ୍ଥାପନ କରିଥିଲା।

୧୮୪. ଅଭିଯୋଗକାରୀଙ୍କ ଦ୍ୱାରା ୨୪୩୦୩ ଲକ୍ଷ ୟୁନିଟର ଅଧିକ ଅଟକଳିତ ପ୍ରଦର୍ଶନକୁ ବିଚାର କରିବା ପରିବର୍ତ୍ତେ ଗ୍ରୀଡକୋ ଦ୍ୱାରା କରାଯାଇଥିବା ୨୧୭୯୩ ଲକ୍ଷ ୟୁନିଟର ପ୍ରଦର୍ଶିତ ଉପଲବଧିର ଅଟକଳନକୁ ବାସ୍ତବ ଭାବେ ବିବେଚନା କରି ଆୟୋଗ ଗ୍ରହଣ କରିପାରନ୍ତି।

<u>ଜଳଜ ବିଦ୍ୟୁତ୍ ଶକ୍ତି</u>

୧୮୫. ସ୍ୱାଭାବିକ ବୃଷ୍ଟିପାତ ସଂପନ୍ନ ଏକ ବର୍ଷରେ ଓଏଚପିସି ଷ୍ଟେସନସମୂହର ଆକାରାୟନ ଶକ୍ତି ପରିମାଣ ହେଉଛି ୫୬୧୯.୨୪ ଲକ୍ଷ ୟୁନିଟ୍। ତେବେ, ୨୦୧୦-୧୧ ବର୍ଷ ପାଇଁ ଓଏଚପିସିର ବ୍ୟବସ୍ଥିତ ଉତ୍ପାଦନ ଖସଡା ଭିତ୍ତିରେ ଏବଂ ଛତିଶଗଡରୁ ୫ ମେଗାୱାଟର ସ୍ଥିରୀକୃତ ପରିମାଣକୁ ବିଯୋଗ କଲା ପରେ ଏବଂ ଗୌଣ-ଉପଯୋଗ ଓ ରୂପାନ୍ତରଣ କ୍ଷତି ବାବଦକୁ ୧% ପରିମାଣକୁ ବାଦ୍ ଦେଇ ଗ୍ରୀଡକୋ ଓଏଚପିସି ଷ୍ଟେସନମାନଙ୍କରୁ ୫୬୩୦.୩୬ ଲକ୍ଷ ୟୁନିଟର ପରିମାଣ ପ୍ରଦର୍ଶନ କରିଛି, ଯାହା ଆକାରାୟିତ ପରିମାଣଠାରୁ ଅଧିକ ଅଟେ। ୨୦୦୯-୧୦ ଆର୍ଥିକ ବର୍ଷରେ ରାଜ୍ୟରେ କମ ବୃଷ୍ଟିପାତ ଯୋଗୁ ଜଳଭଣ୍ଡାରଗୁଡିକରେ ଜଳସ୍ତର ହ୍ରାସ ପାଇଛି ଏବଂ ପରିଣାମତଃ ଶକ୍ତି ଉତ୍ପାଦନ ମଧ୍ୟ ହ୍ରାସ ପାଇଛି। ସୁତରାଂ ଜଳ ବିଦ୍ୟୁତ ଷ୍ଟେସନଗୁଡିକରୁ ଗ୍ରୀଡକୋର ଉଠାଣ କମ ହୋଇଛି ଓ ରାଜ୍ୟର ଚାହିଦା ମେଣ୍ଟାଇବାକୁ ତାକୁ ଉଚ୍ଚା ଦାମରେ ଶକ୍ତି କିଣିବାକୁ ପଡୁଛି।

୧୮୬. ମୌସୁମୀ ପ୍ରବାହର ସାନ୍ଦ୍ରତା ସର୍ବଦା ଅସନ୍ତୁଳିତ ଓ ଅନିଶ୍ଚିତ ହୋଇଥିବାରୁ ଅଭିଯୋଗକାରୀଙ୍କ ଦ୍ୱାରା ଅଭିଯୋଗିତ ୬୯୪୮ ଲକ୍ଷ ୟୁନିଟରେ ଉଚ୍ଚା ଉପଲବ୍ଧ ପରିମାଣର ଗ୍ରହଣୀୟତା ଉଚ୍ଚା ଦାମର ଶକ୍ତି ଉଠାଣ କମ ହେଉଥିବାକୁ ସୂଚାଇବ; ଯାହା ପରୋକ୍ଷରେ ଜଳଜ ଷ୍ଟେସନରୁ କମ ପରିମାଣର ଉଠାଣ ଉପରେ ଅଧିକ ଦର-ହାରରେ ପ୍ରଭାବିତ କରିବ। କୌଣସି ବର୍ଷରେ କମ ବୃଷ୍ଟିପାତ

ହେଲେ ଏହା ଗ୍ରୀଡକୋର ଆର୍ଥିକ ସ୍ଥିତିକୁ ସାଂଘାତିକ ଭାବେ ପ୍ରଭାବିତ କରିବା ନିଶ୍ଚିତ। ତେବେ, ଉଚ୍ଚା ଦରରେ ତାପଜ ଶକ୍ତି କିଣାଯାଇ ହିଁ ରାଜ୍ୟରେ ଶକ୍ତି ଚାହିଦାକୁ ଯଥାସମ୍ଭବ ପୂରଣ କରାଯାଇ ପାରିବ।

୧୮୭. ଭଲ ବୃଷ୍ଟିପାତକୁ ଆକଳନ କରି ଓଏଚପିସିରୁ ଅନ୍ୟୂନ ୭୦୦ ଲକ୍ଷ ୟୁନିଟର ଶକ୍ତିକୁ ବିବେଚନା କରିବାକୁ ଅଭିଯୋଗକାରୀଙ୍କର ପରାମର୍ଶ ସଂପୂର୍ଣ୍ଣ ଅବାସ୍ତବ ଅଟେ; ଏବଂ ଅନିଶ୍ଚିତ ବୃଷ୍ଟିପାତ ଯୋଗୁ ସେହି ପରିମାଣକୁ ଗ୍ରହଣ କରାଯାଇ ନ ପାରେ। ତେଣୁ, ଓଏଚପିସି ଉଦ୍ଦେଶ୍ୟରେ ଗ୍ରୀଡକୋ ଦ୍ୱାରା ଉପସ୍ଥାପିତ ପ୍ରଦର୍ଶନକୁ ବିଚାରକୁ ନିଆଯାଇପାରେ, ଯାହାକି ଓଏଚପିସିର ବ୍ୟବସ୍ଥିତ ପରିମାଣ ସହ ମେଳ ଖାଉଛି।

**<u>ତାପଜ ଶକ୍ତି</u>**

୧୮୮. ସେମାନଙ୍କର ଉତ୍ପାଦନ -ଖସଡାକୁ ଭିତ୍ତି କରି, ଓପିଜିସି ଏବଂ ଟିଟିପିଏସ୍ ଭଳି ରାଜ୍ୟ ପାଇଁ ଉତ୍ସର୍ଗିତ ତାପଜ ଷ୍ଟେସନମାନଙ୍କରୁ ୨୦୧୦-୧୧ ଆର୍ଥିକ ବର୍ଷ ସକାଶେ ତା'ର ଏଆର୍ଆର୍ ଓ ବିଏସ୍ ପି ଉପସ୍ଥାପନାରେ ଗ୍ରୀଡକୋ ଯଥାକ୍ରମେ ୨୮୫୩.୪୭ ଲକ୍ଷ ୟୁନିଟ୍ ଓ ୨୯୫୭.୩୨ ଲକ୍ଷ ୟୁନିଟ-ମୋଟ ୫୮୧୦.୭୯ ଲକ୍ଷ ୟୁନିଟ ପରିମାଣର ଶକ୍ତି ଆହରଣକୁ ପ୍ରଦର୍ଶନ କରିଛି। ଏହା ସହ ସିଜିପିମାନଙ୍କ ଠାରୁ ୧୦୩୫ ଲକ୍ଷ ୟୁନିଟ, କୋ-ଜେନେରେସନ ପ୍ଲାଣ୍ଟ ସମୂହରୁ ୫୪୫ ଲକ୍ଷ ୟୁନିଟ ଏବଂ ଆଇପିପିରୁ ୧୮୮୬.୫୯ ଲକ୍ଷ ୟୁନିଟକୁ ମିଶାଇଲେ ସମୁଦାୟ ଆହରଣ ପରିମାଣ ୯୨୭୭.୩୮ ଲକ୍ଷ ୟୁନିଟ ହେବ। ତାପଜ ଷ୍ଟେସନମାନଙ୍କ ଦ୍ୱାରା ଖସଡାୟନ କରାଯାଇଥିବା ପରିମାଣର ଉର୍ଦ୍ଧ୍ୱରେ କୌଣସି ପରିମାଣର ପ୍ରଦର୍ଶନ ଭିତ୍ତିହୀନ ପ୍ରଦର୍ଶନ ବା ପରିସଂଖ୍ୟାନ ଭାବେ ବିବେଚିତ ହେବ, ଏବଂ ତାହା ସାମୁଦାୟିକ ଭାବେ ସେକ୍ଟର ପାଇଁ ସମଗ୍ର ପ୍ରଦର୍ଶନକୁ ବିଶୃଙ୍ଖଳିତ ବା ପ୍ରତିହତ କରିପାରେ।

**<u>ଓପିଜିସି</u>**

୧୮୯. ଓପିଜିସିର ଉତ୍ପାଦନ ଖସଡା ଅନୁଯାୟୀ, ଗ୍ରୀଡକୋ ଓପିଜିସିରୁ ୨୮୨୯.୩୦ ୟୁନିଟ ପରିମାଣର ଶକ୍ତି ଉପଲବ୍ଧତାକୁ ଅଟକଳନ କରିଛି। ଓପିଜିସି ସହ ସ୍ୱାକ୍ଷରିତ ପିପିଏ ଅନୁଯାୟୀ, ୯.୫୦%ରେ ଗୌଣ ଉପଯୋଗକୁ ବିଯୋଗ କଲାପରେ ନିଟ୍ ଉପଲବ୍ଧ ପରିମାଣକୁ ୮୫.୭୦% ପିଏଲ୍ଏଫ୍‌ରେ ୨୮୫୩.୪୭ ଲକ୍ଷ ୟୁନିଟ ଭାବେ ପ୍ରଦର୍ଶନ କରାଯାଇଛି।

**<u>ଟିଟିପିଏସ୍</u>**

୧୯୦. ୧୦.୫୦%ରେ ଗୌଣ-ଉପଯୋଗକୁ ବିଯୋଗ କଲାପରେ (ସିଇଆରସିଙ୍କ ନିର୍ଦ୍ଧାରିତ ସଂଶୋଧିତ ମାପଦଣ୍ଡ ଅନୁଯାୟୀ) ଟିଟିପିଏସ୍ ରୁ ଗ୍ରୀଡକୋକୁ ୮୨ % ପିଏଲଏଫ୍‌ରେ ୨୯୫୭.୩୨ ୟୁନିଟର ଶକ୍ତି ପରିମାଣ ପ୍ରଦର୍ଶନ କରାଯାଇଛି।

**<u>ସିଜିପିସମୂହ</u>**

୧୯୧. ଗ୍ରୀଡକୋ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ସିଜିପି ସମୂହ ଠାରୁ ୧୦୩୫ ଲକ୍ଷ ୟୁନିଟ ଏବଂ କୋ-ଜେନେରେଟିଂ ପ୍ଲାଣ୍ଟମାନଙ୍କଠାରୁ ୫୪୫ ଲକ୍ଷ ୟୁନିଟରେ ଶକ୍ତି ଆହରଣ ପ୍ରଦର୍ଶନ କରିଛି। ସିଜିପି ଓ କୋ-ଜେନେରେଟିଂ ପ୍ଲାଣ୍ଟମାନଙ୍କଠାରୁ ଏହି ଉଠାଣ ଚଳିତ ବର୍ଷର ପ୍ରଥମ ୬ ମାସର ଉଠାଣର ଢାଞ୍ଚା ଉପରେ ଆଧାରିତ। ଅଭିଯୋଗକାରୀ ବା ପରାମର୍ଶଦାତାଙ୍କ ପରାମର୍ଶ ଅନୁଯାୟୀ, ସିଜିପି ଉତ୍ସରୁ ଅଧିକ ପରିମାଣର ଉଠାଣ ସ୍ୱାଗତଯୋଗ୍ୟ। କିନ୍ତୁ ରାଜ୍ୟର ଶକ୍ତି ଚାହିଦାର ପରିପୂର୍ତ୍ତି ପାଇଁ ସିଜିପିସମୂହ ଠାରୁ ଏହି ଅଧିକ ପରିମାଣର ଶକ୍ତି ଉଠାଣ ଓ ସେହି ପରିମାଣର ବିକ୍ରୀ ଗ୍ରୀଡକୋ ପାଇଁ ପାରିତୋଷିକତା ସମ୍ବଳିତ ହୋଇଥିବା ବାଂଛନୀୟ ଏବଂ ସେହି ଦରକୁ ଗ୍ରୀଡକୋର ଏଆର୍ଆର୍ ଓ ବିଏସପି ଅନୁମୋଦନ ବେଳେ ଆୟୋଗ ଅନୁମତି ଦେଇଥିବା ବାଂଛନୀୟ।

**<u>ବର୍ଜ୍ୟ-ବସ୍ତୁ ଉତ୍ସରୁ ଶକ୍ତି</u>**

୧୯୨. ନିନ୍‌ଲି, ଆରତୀ ଷ୍ଟିଲ ଓ ଟାଟା ସ୍ପୋଞ୍ଜେ ଲିମିଟେଡ୍ ରୁ ପ୍ରସ୍ତାବିତ ଶକ୍ତି ଆହରଣକୁ ବର୍ଜ୍ୟ-ବସ୍ତୁ ଉତ୍ସରୁ ଶକ୍ତି ଭାବେ ବିବେଚନା କରାଯାଉଛି, ଯେଣୁ ଏହି ସବୁ କ୍ଷେତ୍ରରେ ବର୍ଜ୍ୟବସ୍ତୁ ସମୂହକୁ ତାପିତ କରି ଶକ୍ତି ଉତ୍ପନ୍ନ କରାଯାଇଥାଏ।

୧୯୩. ଚଳିତ ୨୦୦୯-୧୦ ବର୍ଷର ପ୍ରଥମ ୬ମାସର ଉଠାଣର ଧାରାକୁ ଆଧାର କରି ବର୍ଜ୍ୟବସ୍ତୁ ବା ରିନ୍ୟୁଏବଲ୍ ଶକ୍ତି ଉତ୍ସମାନଙ୍କରୁ ୩୦୦ ଲକ୍ଷ ୟୁନିଟର ଶକ୍ତି ପାଇବାକୁ ଗ୍ରୀଡକୋ ଅଟକଳନ କରିଛି ଏବଂ ମେସର୍ସ ମୀନାକ୍ଷୀ ପାୱାର ଲିମିଟେଡ ଓ ସାମଲ ବ୍ୟାରେଜ ସ୍ମଲ ହାଇଡ୍ରୋ ପ୍ରୋଜେକ୍ଟରୁ ୧୫୦ ଲକ୍ଷ ୟୁନିଟ ଲେଖାଏଁ ଶକ୍ତି ପାଇବାକୁ ଗ୍ରୀଡକୋ ଅଟକଳନ କରିଛି।

**<u>ସିଜିଏସ୍ ସମୂହ</u>**

୧୯୪. ୨୦୦୯-୧୦ ଆର୍ଥିକ ବର୍ଷର ପ୍ରଥମ ୬ ମାସରୁ ପଠାଯାଉଥିବା ଶକ୍ତିର ପରିମାଣକୁ ବିବେଚନା କରି କେନ୍ଦ୍ରୀୟ ଉତ୍ପାଦନକାରୀ ଷ୍ଟେସନମାନଙ୍କ ପାଇଁ ଭିନ୍ନ ଭିନ୍ନ ପିଏଲ୍ଏଫ୍ ପ୍ରତିଶତ ବିବେଚନା କରାଯାଇଥାଏ। କୋଲ ଇଣ୍ଡିଆ ଲିମିଟେଡଙ୍କଠାରୁ କୋଇଲା ଯୋଗାଣର ନିଅଣ୍ଟିଆ ପରିସ୍ଥିତି ଯୋଗୁ ଅଧିକାଂଶ ତାପଜ ବିଦ୍ୟୁତ ଷ୍ଟେସନ ଅଧିକରୁ ଅଧିକ ଶକ୍ତି ଉତ୍ପାଦନ କରିବାକୁ ସମର୍ଥ ହେଉନାହାନ୍ତି।

୧୯୫. ଅଭିଯୋଗକାରୀଂକ ପରାମର୍ଶ ଅନୁଯାୟୀ, କେନ୍ଦ୍ରୀୟ ସେକ୍ଟର ତାପଜ ଶକ୍ତି ଷ୍ଟେସନମାନଙ୍କ କ୍ଷେତ୍ରରେ ଶକ୍ତିର ଉଚ୍ଚତର ପିଏଲଏଫ୍ ଏବଂ ଶକ୍ତିର ପରିମିତ ପରିମାଣ ସଂପର୍କରେ ଗ୍ରୀଡକୋ ଉପସ୍ଥାପନ କରିଛି ଯେ. ଉଚ୍ଚତର ପରିମାଣର ଶକ୍ତି ଉପଲବଧୀ ସର୍ବଦା ସ୍ୱାଗତଯୋଗ୍ୟ , କିନ୍ତୁ ଶକ୍ତି କ୍ରୟ ଓ ବିକ୍ରୟ ଅର୍ଥନୀତି ଗ୍ରୀଡକୋ ପାଇଁ ପାରିତୋଷିକତା ସଂପନ୍ନ ହେଉଥିବା ବାଂଛନୀୟ ଏବଂ ସେହି ପରିମାଣ ଆୟୋଗଙ୍କର ଅନୁମୋଦନ-ସାପେକ୍ଷ ମଧ୍ୟ ହେଉଥିବା ବାଂଛନୀୟ ଅଟେ। ପୂର୍ବ ବର୍ଷମାନଙ୍କରେ ହାସଲ କରାଯାଇଥିବା ଉଚ୍ଚତର ପିଏଲ୍ଏଫ୍ କୁ ଆଗାମୀ ବର୍ଷ ପାଇଁ ଆଶା କରିବା ଠିକ୍ ହେବ ନାହିଁ; ବରଂ କୋଇଲାର ଉପଲବ୍ଧତାକୁ ବିବେଚନା କରି ସିଜିଏସ୍ ମାନଙ୍କ ଦ୍ୱାରା ଉତ୍ପାଦନର ବର୍ତ୍ତମାନ ସମୟର ଧାରାକୁ ଆକଳନ କରିବା ବାସ୍ତବ ଓ ଉପଯୁକ୍ତ ହେବ।

**<u>ସରବରାହ କ୍ଷତି</u>**

୧୯୬. ପୂର୍ବାଞ୍ଚଳର ସୂଚୀଭୁକ୍ତ ପଦ୍ଧତିକୁ ଆଧାର କରି, ୨୦୦୯ ଅଗଷ୍ଟରେ ସୃଷ୍ଟି ହୋଇଥିବା ୩.୮%ର ସର୍ବାଧିକ କେନ୍ଦ୍ରୀୟ ସେକ୍ଟର କ୍ଷତିକୁ ବିବେଚନା ଦ୍ୱାରା କେନ୍ଦ୍ରୀୟ ସରବରାହ କ୍ଷତିକୁ ଗ୍ରୀଡକୋ ୩.୮୭% ରେ ପ୍ରଦର୍ଶନ କରିଛି।

୧୯୭. ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ତା'ର ଏଆର୍ଆର୍ ଓ ସରବରାହ ତାରିଫ ଦରଖାସ୍ତରେ ଓପିଟିସିଏଲ୍ ୪.୩୦% ଦର-ହାରରେ ରାଜ୍ୟ ସରବରାହ କ୍ଷତି ପାଇଁ ଆବେଦନ କରିଛି, ଯାହା କି ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଶକ୍ତି କ୍ରୟ ପରିମାଣର ଅଟକଳନ ନିମନ୍ତେ ଗ୍ରୀଡକୋ ଦ୍ୱାରା ବିବେଚନା (ସ୍ୱୀକାର) କରାଯାଇଥିଲା। ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଆୟୋଗଙ୍କ ଦ୍ୱାରା ନିର୍ଦ୍ଧାରିଣ ନିମନ୍ତେ ଗ୍ରୀଡକୋ ଓପିଟିସିଏଲର ସରବରାହ କ୍ଷତି ପ୍ରତିଶତର ଅନୁମୋଦନକୁ ମାନି ହେବ।

**<u>ବିକ୍ରୀ ପ୍ରଦର୍ଶନ</u>**

୧୯୮. ଗ୍ରୀଡକୋ ସାଧାରଣତଃ ବିତରକ କଂପାନୀଙ୍କର ଶକ୍ତି ଚାହିଦା ପ୍ରଦର୍ଶନକୁ ବିବେଚନା କରିଥାଏ। ଗ୍ରୀଡକୋ ଠାରୁ ଶକ୍ତି କିଣିବା ସଂପର୍କରେ ବିତରକ କଂପାନୀଙ୍କର ପ୍ରଦର୍ଶନ ଉପଭୋକ୍ତାଙ୍କୁ ସେମାନଙ୍କର ବିକ୍ରୀ ପରିମାଣ ପ୍ରଦର୍ଶନ ପଦ୍ଧତିର ବଂଟନ କ୍ଷତି ଉପରେ ଆଧାରିତ ଅଟେ। ତେଣୁ, ବିତରକଙ୍କର ଶକ୍ତି ଚାହିଦା ପ୍ରଦର୍ଶନ କରିବା ପାଇଁ ଗ୍ରୀଡକୋ ବଂଟନ-କ୍ଷତିକୁ ବିଚାର କରେ ନାହିଁ। ବିତରକ କଂପାନୀମାନଙ୍କ ଠାରୁ ଚାହିଦା ପ୍ରଦର୍ଶନ ପାଇ ନଥିବା ଯୋଗୁ, ଓପିଟିସିଏଲ ତା'ର ସଂଶୋଧିତ ୫ ବର୍ଷିଆ ବ୍ୟବସାୟିକ ଖସଡା (ଆର୍ଥିକ ବର୍ଷ ୨୦୦୮-୦୯ ଠାରୁ ଆର୍ଥିକ ବର୍ଷ ୨୦୧୨-୧୩) ଉପସ୍ଥାପନ କରିଥିବା ପ୍ରଦର୍ଶନକୁ ଗ୍ରୀଡକୋ ବିବେଚନା କରିଥିଲା, ଯାହା ବିତରକ କଂପାନୀଙ୍କ ଦ୍ୱାରା ଉପସ୍ଥାପିତ ପ୍ରଦର୍ଶନ ଉପରେ ଆଧାରିତ ଥିଲା।

**<u>ଶକ୍ତି କ୍ରୟ ଦର</u>**

୧୯୯. ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଏଆର୍ଆର୍ ଏବଂ ଜଳବିଦ୍ୟୁତ୍ ଷ୍ଟେସନମାନଙ୍କର ଉତ୍ପାଦନ ତାରିଫର ଅନୁମୋଦନ ନିମନ୍ତେ ଆୟୋଗଙ୍କ ସମକ୍ଷରେ ଓଏଚପିସି ତା'ର ଦରଖାସ୍ତ ଉପସ୍ଥାପନ କରିଛି। ଥରେ ଏହା ଅନୁମୋଦିତ ହୋଇଗଲେ, ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଗ୍ରୀଡକୋର ଏଆର୍ଆର୍ ଏବଂ ବିଏସପି ରେ ଶକ୍ତି କ୍ରୟର ଦର ଅନୁମୋଦନ ଦେଲାବେଳେ ଆୟୋଗଙ୍କ ଦ୍ୱାରା ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଓଏଚପିସି ତାରିଫ ଗଣ୍ୟ ଓ ସ୍ୱୀକୃତ ହୋଇଯିବ। ଫଳରେ ସେହି ଦର ସବୁ ସଂପୃକ୍ତ ଅନୁମତିଧାରୀ/ଭାଗୀଦାରଙ୍କ ଉପରେ ବାଧ୍ୟତାମୂଳକ ହୋଇଯିବ।

୨୦୦. ଓପିଜିସି ଏବଂ ଗ୍ରୀଡକୋ ମଧ୍ୟରେ ତାରିଫ ସଂପର୍କିତ ବିବାଦର ସମାଧାନ ଉଦ୍ଦେଶ୍ୟରେ ଗଠିତ ଟାସ୍କ ଫୋର୍ସର ସୁପାରିଶ ଉପରେ ଭିତ୍ତି କରି ୨୧.୬.୨୦୦୮ର ଓଡ଼ିଶା ସରକାରଙ୍କ ବିଜ୍ଞପ୍ତି ପ୍ରଦାନ ପରେ, ଏହି ବିଜ୍ଞପ୍ତି ନିହିତ ନିୟମ ଓ ସର୍ତ୍ତ ଅନୁଯାୟୀ ୨୦୧୦-୧୧ ପାଇଁ ତାରିଫର ହିସାବ କରାଯାଇ ଥିଲା। ଫଳରେ ସ୍ଥିର ଦରରରେ ଏକ ପସନ୍ଦ ଯୋଗ୍ୟ ହ୍ରାସ ଘଟିଛି। ଅଧିକନ୍ତୁ, ଆସେଟ୍‌ଗୁଡିକର ସ୍ୱାଭାବିକ ଆୟୁଷ ଯେଣୁ ପୂରିଗଲାଣି, ତେଣୁ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ସ୍ଥିର ଦରରେ କୌଣସି ହ୍ରାସ-ମୂଲ୍ୟକୁ ଅନ୍ତର୍ଭୁକ୍ତ କରାଯାଇନାହିଁ।

୨୦୧. ଉପଯୁକ୍ତ ଯାଞ୍ଚର ଆଧାର ଉପରେ ଟିଟିପିଏସ୍ ଉଦ୍ଦେଶ୍ୟରେ ଯଥାଯୋଗ୍ୟ ଦର/ ଦେୟ-ଦରକୁ ଅନୁମୋଦନ କରିବା ପୂର୍ବରୁ ଆୟୋଗଙ୍କର ପସନ୍ଦ ପାଇଁ ତଥ୍ୟଗତ କାଗଜାତସମୂହର ପ୍ରମାଣ ସହ ସ୍ଥିର ଦାମ୍, ବର୍ଷ-ଶେଷ ଦେୟ-ଦରସମୂହ ଏବଂ ଏଫପିଏ ପାଇଁ ଗ୍ରୀଡକୋ ଆୟୋଗଙ୍କ ସମକ୍ଷରେ ତା'ର ପ୍ରସ୍ତାବ ଉପସ୍ଥାପନ କରିଛି।

୨୦୨. ଓଇଆରସି ଆଦେଶନାମା ସହ ସହ-ସମ୍ବନ୍ଧିତ ମତେ, ଓପିଜିସି ଅନୁମୋଦନ ନିମନ୍ତେ ଆୟୋଗଙ୍କ ସମକ୍ଷରେ ଗ୍ରୀଡକୋ ତା'ର ଏଆରଆର୍ ଓ ତାରିଫ ଦରଖାସ୍ତ ଦାଖଲ କରିବା ଉଚିତ।

୨୦୩. ୨୦୧୦-୧୧ ଆର୍ଥିକ ବର୍ଷ ପାଇଁଗ୍ରୀଡକୋର ଏଆର୍‌ଆର୍ ଏବଂ ବିଏସପି ଅନୁମୋଦନ କଲାବେଳେ ସିଜିଏମ୍ ସମୂହ ପାଇଁ ପ୍ରଦର୍ଶନକୁ (ଯାହା ସିଇଆରସି ତାରିଫ ନିୟମାବଳୀ, ୨୦୦୯, ସିଜିଏସ୍ ମାନଙ୍କଠାରୁ ଶକ୍ତି ପରିମାଣ ପ୍ରଦର୍ଶନ ପାଇଁ ଉଠାଣର ପ୍ରଚଳିତ ଧାରା, କେନ୍ଦ୍ରୀୟ ସରବରାହ କ୍ଷତି ପ୍ରତିଶତ ଓ ଏହି ସବୁ ଷ୍ଟେସନଗୁଡିକର ବିବିଧ ଦେୟ-ଦର ଉପରେ ଆଧାରିତ) ବିବେଚନା କରିବାକୁ ଗ୍ରୀଡକୋ ଆୟୋଗଙ୍କୁ ପ୍ରାର୍ଥନା କରିଛି।

୨୦୪. ଏଫପିଏ ସଂପର୍କରେ କୁହାଯାଇପାରେ ଯେ, ଗ୍ରୀଡକୋ ତା'ର ଏଆର୍‌ଆର୍ ଏବଂ ବିଏସପି ଆବେଦନ ପତ୍ରରେ ୧୧% ଉର୍ଦ୍ଧ୍ୱ ବର୍ଦ୍ଧିତ ପରିମାଣର ପ୍ରସ୍ତାବ ଉପସ୍ଥାପନ କରିଛି। ସାଂପ୍ରତିକ କୋଇଲା (ଯାହା ଆମଦାନୀ ହୋଇ ଆସୁଛି ଓ ଆନ୍ତର୍ଜାତିକ ବଜାରରେ ନିଅଣ୍ଟିଆ ମଧସ୍ର ଦର ଏବଂ ଅନ୍ୟାନ୍ୟ ସଂପର୍କିତ ସାମଗ୍ରୀସମୂହର ଦରବୃଦ୍ଧି ଯୋଗୁ ଓଇଆରସିଙ୍କୁ ଉପରୋକ୍ତ ବର୍ଦ୍ଧିତ ଏଫପିଏକୁ ଅନୁମୋଦନ ଦେବା ନିମନ୍ତେ ଗ୍ରୀଡକୋ ଅନୁରୋଧ କରିଛି।

୨୦୫. ସାଂପ୍ରତିକ ସମୟରେ କୋଇଲା ଦର ଅଦ୍ୟାବଧି ବୃଦ୍ଧି ପାଇଛି। ଚୁକ୍ତି-ଭିତ୍ତିକ ପରିମାଣର କୋଇଲା ଯୋଗାଇ ଦେବାକୁ 'କୋଲ୍ ଇଣ୍ଡିଆ' ଅସମର୍ଥ ହେଉଛି। ତେଣୁ, ସମୁଦାୟ ଚୁକ୍ତି-ଚାହିଦାର ୬୦ ପ୍ରତିଶତ ପରିମାଣ ସାଧାରଣ ଦରରେ ଏବଂ ଅବଶିଷ୍ଟ ପରିମାଣ 'ଇ-ଆକ୍‌ସନ ଦର' ଜରିଆରେ (ଯେଉଁ ଦର ସରକାରୀ ନିର୍ଦ୍ଧାରିତ ଦର ଠାରୁ ଖୁବ୍ ଅଧିକ) ଯୋଗାଇ ଦେବାକୁ ଗ୍ରୀଡକୋକୁ ପ୍ରବର୍ତ୍ତାଯାଇଛି। ଅନେକ ସମୟରେ ଆମଦାନୀ କରାଯାଉଥିବା କୋଇଲାର ଦର ମଧ୍ୟ ଖୁବ ଅଧିକ ରହୁଛି, କାରଣ ଆନ୍ତର୍ଜାତିକ ବଜାରରେ କୋଇଲା ଉତ୍ପାଦନର ସ୍ଥିତି ନିଅଣ୍ଟିଆ ରହିଛି। ତା'ଛଡା, ସ୍ଥଳ ଭାଗ ବା ଜଳଭାଗରେ ବୋଝେଇ ହୋଇ ଆସୁଥିବା କୋଇଲାର ଖଲାସ କରିବା ମଜୁରୀ ମଧ୍ୟ ଅଧିକ ପଡୁଛି। ଏ ସବୁ ମିଶି କୋଇଲାର ଉତ୍ପାଦନ ଦରକୁ ବଢାଇ ଦେଇଛି। ଉତ୍ପାଦନକାରୀ କଂପାନୀମାନେ ଏହି ଅତିରିକ୍ତ ଦରକୁ ଜାଳେଣି ସରଚାର୍ଜ ଜରିଆରେ ଭରଣା କରୁଛନ୍ତି, ଯାହା ଗ୍ରୀଡକୋ ଉପରେ ହିଁ ବୋଝ ହେଉଛି। କିନ୍ତୁ, ଏକ ଅନୁମୋଦନ-ଶୃଙ୍ଖଳାର ଅନୁପଲବ୍ଧତା ଯୋଗୁ ସବୁ ମାସରେ ଗ୍ରୀଡକୋ ତାହାକୁ ବିତରକ କଂପାନୀଙ୍କଠାରୁ ଭରଣା କରିବାକୁ ଅସମର୍ଥ ହେଉଛି। ତେଣୁ, ବିଦ୍ୟୁତ ଆଇନ, ୨୦୦୩ ର ବିଭାଗ - ୬୨(୪) ଏବଂ ଓଇଆରସି (ବ୍ୟବସାୟ ପରିଚାଳନା) ନିୟମାବଳୀର ନିୟମ -୬୨ (୧) ଓ (୨) ମୂଳେ ପରିଶିଷ୍ଟ -୬ରେ ପ୍ରଦର୍ଶିତ ନିର୍ଦ୍ଧାରିତ ସୀମା ମଧ୍ୟରେ 'ଜାଳେଣି ସରଚାର୍ଜ ଫର୍ମୁଲା'ର ପ୍ରବର୍ତ୍ତନ ପାଇଁ ଗ୍ରୀଡକୋ ତା'ର ଏହି ବର୍ଷର ଦରଖାସ୍ତରେ ଆୟୋଗଙ୍କୁ ଏକ ପ୍ରସ୍ତାବ ଉପସ୍ଥାପନ କରିଛି ଏବଂ ଏହାର ଅନୁମତି ପାଇଁ ଆୟୋଗଙ୍କୁ ପ୍ରାର୍ଥନା କରିଛି।

୨୦୬. ରାଜ୍ୟର ଶକ୍ତି ଚାହିଦାର ପରିପୂରଣ ନିମନ୍ତେ ,ୟୁଆଇ ଜରିଆରେ ସର୍ବନିମ୍ନ ସମ୍ଭାବ୍ୟ ସୂଚିତ ଦରରେ ଏବଂ ଶକ୍ତି ବ୍ୟାଙ୍କିଙ୍ଗ୍ ଜରିଆରେ(ଆୟୋଗଙ୍କ ଦ୍ୱାରା ସେହି ଦର ଅନୁମୋଦିତ ହେବା ବାଂଛନୀୟ) ଗ୍ରୀଡକୋ ସଜିପିମାନଙ୍କଠାରୁ ସର୍ବାଧିକ ଉପଲବ୍ଧ ଶକ୍ତି କିଣୁଛି। ଅତଏବ, ଉପରୋକ୍ତ ଶକ୍ତି କ୍ରୟ ବାବଦ ବ୍ୟୟ ପରିମାଣକୁ ତାରିଫ ଜରିଆରେ ଭରଣା କରାଯିବା ଆବଶ୍ୟକ ଅଟେ।

୨୦୭. ୟୁନିଟ ପିଛା ୪ ପଇସାର ବାଣିଜ୍ୟିକ ଲାଭ ବା ଟ୍ରେଡିଂ ମାର୍ଜିନ (ଯାହା ଅନ୍ତଃ-ରାଜ୍ୟ ଶକ୍ତି ବ୍ୟବସାୟୀଙ୍କ ପାଇଁ ପ୍ରାସଂଗିକ ଅଟେ) ଗ୍ରୀଡକୋ ପାଇଁ ପ୍ରଯୋଜ୍ୟ ନୁହେଁ, କାରଣ ଗ୍ରୀଡକୋର ଶକ୍ତି ବ୍ୟବସାୟ ଶକ୍ତିର ସ୍ଥୁଳ ଯୋଗାଣ ପାଇଁ ଆନ୍ତଃ-ରାଜ୍ୟ ବିପଣନ ପ୍ରକୃତିର ଅଟେ। ୨୦୦୬ର ଅପିଲ ନଂ-୫୭୨୨ ରେ ଭାରତର ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଏହା ଗ୍ରହଣୀୟ ଓ ଅବଧାରିତ ହୋଇଛି(ଗଜେନ୍ଦ୍ର ହାଲଦିଆ ବନାମ ଗ୍ରୀଡକୋ ଓ ଅନ୍ୟମାନେ) । ଅତଏବ,ଅଭିଯୋଗକାରୀଙ୍କର ଆରୋପକୁ ବିଚାରଭୁକ୍ତ କରାଯାଇ ନ ପାରେ।

୨୦୮. ରାଜ୍ୟରେ ନୂଆ ନୂଆ ଶିଳ୍ପର ଉଦ୍‌ଭବ ହେଉଛି। ତେଣୁ, ସେଥିପାଇଁ ମଧ୍ୟ ରାଜ୍ୟର ଶକ୍ତି ଚାହିଦା ବଢୁଛି। ସେ ସବୁକୁ ଭେଟିବା ପାଇଁ ଗ୍ରୀଡକୋ ଅଧିକ ପରିମାଣର ଶକ୍ତି ସିଜିପିସମୂହ, କୋ-ଜେନେରେଟିଂ ପ୍ଲାଣ୍ଟ ଓ ରିନ୍ୟୁବଲ ଶକ୍ତି ଉତ୍ସମାନଙ୍କରୁ କ୍ରୟ କରିବାକୁ ସବୁ ପ୍ରକାର ସଯତ୍ନ ପ୍ରୟାସ କରିଛି ଓ କରୁଛି। ଗ୍ରୀଡକୋ ୨୦୦୯-୧୦ ରେ ଏଭଳି ଦାୟିତ୍ୱ ସଂପାଦନ କରିଛି ଓ ୨୦୧୦-୧୧ ଆର୍ଥିକ ବର୍ଷ ରେ ସଂପାଦନ କରୁଛି ଏବଂ କରିବ। ଅବଶ୍ୟ, ଏଥିପାଇଁ ଶକ୍ତିର ଦରହାର ବଢିଛି ଏବଂ ଆୟୋଗ ୨୦୦୯-୧୦ ପାଇଁ ତାହାକୁ ଅନୁମୋଦନ କରିଛନ୍ତି। ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଏହି ବର୍ଦ୍ଧିତ ଦର-ହାରକୁ ଅନୁମୋଦନ ଦେବା ପାଇଁ ଗ୍ରୀଡକୋ ପ୍ରସ୍ତାବ ଦେଇଛି। ଅଧିକନ୍ତୁ, କୋଇଲା ଦର ବୃଦ୍ଧି ଯୋଗୁ ତାପଜ ବିଦ୍ୟୁତ୍ ଶକ୍ତିର ଦର ବଢିଥିବାରୁ ଗ୍ରୀଡକୋ ଏନଟିପିସିରୁ ବର୍ଦ୍ଧିତ ଦରରେ ଶକ୍ତି କିଣିଛି। ଏହି ବର୍ଦ୍ଧିତ ଦର ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଗ୍ରୀଡକୋର ଅଟକଳିତ ଏଆର୍‌ଆର୍‌ର ପାଖାପାଖି ୭୫ % ଅଟେ।

**<u>ପିଜିସିଆଇଏଲ ସରବରାହ ଦେୟ-ଦରର ହିସାବ</u>**

୨୦୯. ପିଜିସିଆଇଏଲର ବିଭିନ୍ନ ସରବରାହର ଲାଇନ ପାଇଁ ଟାରିଫ ସଂପର୍କିତ ସିଇଆରସିଙ୍କର ସଂପର୍କିତ ଆଦେଶନାମା ଆୟୋଗଙ୍କ ସମକ୍ଷରେ ଉପସ୍ଥାପନ କରାଯାଇଛି। ତେଣୁ, ୪.୦୩ କୋଟି ଟଙ୍କାର 'ଫର୍ଭ'ର ଅଣ-ପଂଜିକରଣ ସଂପର୍କିତ ଅଭିଯୋଗକାରୀଙ୍କର ଆରୋପକୁ ବିବେଚନା କରାଯାଇ ନପାରେ।ବିବିଧ ସଂପର୍କିତ ଋଣ ଉପରେ ସୁଧ ହାରରେ ପରିବର୍ତ୍ତନ/ବୃଦ୍ଧି ଯୋଗୁ ପିଜିସିଆଇଏଲର ଅତିରିକ୍ତ ବ୍ୟୟ ବାବଦକୁ ଗ୍ରୀଡକୋ ଏକା ପରିମାଣ (୪.୦୩ କୋଟି)ର ଅର୍ଥ ଦାବୀ କରିଛି।

୨୧୦. ୨୦୦୯ ଠାରୁ ୨୦୧୦ ପର୍ଯ୍ୟନ୍ତ ସିଇଆରସିଙ୍କ ଦ୍ୱାରା ନୂଆ ଟାରିଫ ମାପଦଣ୍ଡର ବିଜ୍ଞପ୍ତି କରାଯାଇଛି,ଯାହା ଉପରେ ଆଧାର କରି ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଗ୍ରୀଡକୋର ଏଆର୍‌ଆର୍ ଓ ବିଏସପିରେ ସନ୍ନିବିଷ୍ଟ କରିବା ପାଇଁ ଓଇଆରସି ପ୍ରଯୋଜ୍ୟ ପିଜିସିଆଇଏଲ ସରବରାହ ଦେୟ-ଦରକୁ ଅନୁମୋଦନ ଦେଇପାରେ।

**<u>କର୍ମଚାରୀଙ୍କ ବାବଦ ବ୍ୟୟ, ପ୍ରଶାସନିକ ଓ ସାଧାରଣ ବ୍ୟୟ ଏବଂ ମରାମତି ଓ ତୁଳାଜମା ଜନିତ ବ୍ୟୟ</u>**

୨୧୧. ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଉପସ୍ଥାପିତ ଏଆର୍‌ଆର୍ ଓ ବିଏସ୍‌ପିରେ କର୍ମଚାରୀଙ୍କ ବାବଦ ବ୍ୟୟ, ପ୍ରଶାସନିକ ଓ ସାଧାରଣ ବ୍ୟୟ ଏବଂ ମରାମତି ଓ ତୁଳାଜମା ବ୍ୟୟ ଉଦ୍ଦେଶ୍ୟରେ ସବିଶେଷ ବିବରଣୀ ଓ କାରଣ ଉଲ୍ଲେଖ କରି ଗ୍ରୀଡକୋ କଂପ୍ୟୁଟରୀକୃତ ହିସାବ ଦେଇଛି। ତେଣୁ, ଅଭିଯୋଗକାରୀଙ୍କର ଆରୋପକୁ ଗ୍ରହଣ କରାଯାଇ ନ ପାରେ।

**<u>ଦୀର୍ଘ କାଳୀନ ଦାୟବଦ୍ଧତା ଉପରେ ସୁଧ</u>**

୨୧୨. ଅଭିଯୋଗକାରୀ ନିଜର ଆକଳନ ଅନୁଯାୟୀ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ୨୫୬.୬୭ କୋଟି ଟଙ୍କାର ସୁଧ ପରିମାଣ ହିସାବ କରିଛନ୍ତି, ଯାହାକୁ ଗ୍ରହଣ କରାଯାଇନପାରେ।୨୦୧୦-୧୧ ଆର୍ଥିକ ର୍ଷ ପାଇଁ ଉପସ୍ଥାପିତ ଏଆର୍‌ଆର୍ ଓ ବିଏସପିରେ ଗ୍ରୀଡକୋ ପୁଂଖାନୁପୁଂଖ ଭାବେ କଂପ୍ୟୁଟରୀକୃତ ହିସାବ ଦେଇଛି ଏବଂ ସୁଧ ପରିମାଣ ବାବଦକୁ ୩୬୪.୪୧ କୋଟି ଟଙ୍କାର ପରିମାଣକୁ କଂପ୍ୟୁଟ କରିବାକୁ ଓ ଅନୁମତି ଦେବାକୁ ଆୟୋଗଙ୍କୁ ଅନୁରୋଧ କରିଛି।

୨୧୩. ନିଅଣ୍ଟ ପରିମାଣର ଭରଣା ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଗ୍ରୀଡକୋ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଆସୁଛି। ଋଣ ବାବଦକୁ ଏହି ସୁଧ ପରିମାଣ ମଧ୍ୟ ସେହି ସହାୟତା ମଧ୍ୟରେ ଅନ୍ତର୍ଭୁକ୍ତ ଅଟେ। ଏହି ପ୍ରସଂଗର ସମୀକରଣ ହୋଇ ସାରିନାହିଁ ଏବଂ ଏହା ଏକ ଦୂରନ୍ତ ସମ୍ଭାବନା ଭାବରେ ଜଣାପଡୁଛି।

**<u>ନିବେଶିତ ମୂଳଧନ ଉପରେ ଲାଭାଂଶ ଫେରସ୍ତ</u>**

୨୧୪. କେନ୍ଦ୍ରୀୟ ବିଦ୍ୟୁତ ନିୟାମକ ଆୟୋଗ ବା ସିଇଆରସି (ଟାରିଫର ମାପଦଣ୍ଡ ଓ ସର୍ତ୍ତାବଳୀ) ନିୟମାବଳୀ, ୨୦୦୯ କୁ ଭିତ୍ତିକରି ନିବେଶିତ ମୂଳଧନ ଉପରେ ଲାଭାଂଶ ଫେରସ୍ତ ପରିମାଣର ପ୍ରଦର୍ଶନ କରାଯାଇଛି। ଗ୍ରୀଡକୋ ଆୟୋଗଙ୍କୁ ତା'ର ପ୍ରାର୍ଥନାରେ ଏହି ପ୍ରସଂଗକୁ ଦୋହରାଇଛି।

**<u>ବିଗତ ଦିନର କ୍ଷତି ସମୂହ</u>**

୨୧୫. ୨୦୦୩, ମାର୍ଚ୍ଚ ୩୧ ସୁଦ୍ଧା ଗ୍ରୀଡକୋ ସାମୁଦାୟିକ କ୍ଷତିକୁ ୧୭୮୭.୮୩ କୋଟି ଟଙ୍କାରେ ହିସାବ କରିଥିଲା ଏବଂ ୩୧.୩.୨୦୦୯ ସୁଦ୍ଧା ଏହି ସାମୁଦାୟିକ କ୍ଷତି ପରିମାଣ ୧୦୧.୨୫ କୋଟି କୁ କମିଆସିଛି। ଅଡିଟ୍ କରାଯାଇଥିବା ହିସାବ ଅନୁଯାୟୀ ୨୦୦୩-୦୪ ଆର୍ଥିକ ବର୍ଷ ଠାରୁ ୨୦୦୮-୦୯ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ସବୁ ଆର୍ଥିକ ବର୍ଷରେ ଆୟ କରାଯାଇଥିବା ଲାଭ ଓ ହୋଇଥିବା ସାମୁଦାୟିକ କ୍ଷତିର ସବିଶେଷ ବିବରଣୀ ନିମ୍ନ ସାରଣୀରେ ବର୍ଣ୍ଣନା କରାଗଲା।

ସାରଣୀ-୧୪

(କୋଟି ଟଙ୍କାରେ)

| ଆର୍ଥିକ ବର୍ଷ | ବାସ୍ତବିକ ଲାଭ **(Net profit)** | ରାଶିକୃତ କ୍ଷତି **(Accumulated loss)** |
|---|---|---|
| ୨୦୦୩-୦୪ | ୪୧୧.୧୨ | ୧୩୭୬.୭୧ |
| ୨୦୦୪-୦୫ | ୩୪୮.୫୬ | ୧୦୨୮.୧୪ |
| ୨୦୦୫-୦୬ | ୨୫.୮୨ | ୧୦୦୨.୩୨ |
| ୨୦୦୬-୦୭ | ୨୩୬.୮୮ | ୭୬୫.୪୪ |
| ୨୦୦୭-୦୮ | ୫୬୬.୦୫ | ୧୯୯.୩୯ |
| ୨୦୦୮-୦୯ | ୯୮.୧୪ | ୧୦୧.୨୫ |

୨୧୬. ୨୦୦୯, ମାର୍ଚ୍ଚ ୩୧ ସୁଦ୍ଧା ଆସିଥିବା ଋଣର ସୁଧ ବାବଦକୁ ୬୧୨.୦୩ କୋଟି ଟଙ୍କାର ପରିମାଣକୁ ସ୍ୱତନ୍ତ୍ର ଅନୁମତି ଦେବାକୁ ଗ୍ରୀଡକୋ ପ୍ରସ୍ତାବ ଦେଇଛି। ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ଶକ୍ତି କ୍ରୟର ଅତ୍ୟଧିକ ଦାମ ବାବଦକୁ ୨୦୧୦-୧୧ ଆର୍ଥିକ ବର୍ଷରେ ଅଣାଯାଇଥିବା ଋଣର ପରିଶୋଧ ପାଇଁ ୯୯.୫୨ କୋଟି ଟଙ୍କାର ଭରଣା ପାଇଁ ପ୍ରସ୍ତାବ ଦେଇଛି। ୬୧୨.୦୩ କୋଟି ଟଙ୍କାର ସ୍ୱତନ୍ତ୍ର ଅନୁମତିକୁ ୨୦୧୦-୧୧ ଟାରିଫରେ ପାସ୍ କରିବାକୁ ଆବଶ୍ୟକ ବୋଲି ଗ୍ରୀଡକୋ କହିଛି। ଏସକ୍ରୋ ବ୍ୟବସ୍ଥା ସହ ଗ୍ରୀଡକୋର ପ୍ରାପ୍ୟ-ଦେୟଦର ମାଧ୍ୟମରେ ଯେଣୁ ଋଣ ପରିମାଣ ନିରାପତ୍ତାକରଣିତ ଅଟେ, ତେଣୁ ଏହାକୁ ଭିନ୍ନ ଭାବେ ବିବେଚନା କରାଯାଇ ପାରିବ ନାହିଁ।

୨୧୭. ଋଣ ଆଦି ଅତୀତର ଦେୟ-ଦାୟବଦ୍ଧତାର ପରିଶୋଧ ଜନିତ ସ୍ୱତନ୍ତ୍ର ବିବେଚନାକୁ ଆୟୋଗ ଗ୍ରହଣ ନ କରିବା ନିମନ୍ତେ ଏବଂ ସେହି ସ୍ୱତନ୍ତ୍ର ବିବେଚନୋଚିତ ପରିମାଣକୁ ପରବର୍ତ୍ତୀ ବର୍ଷମାନଙ୍କର ଶକ୍ତ କ୍ରୟ ଦର ସହ ସାମିଲ ପୂର୍ବକ ପାସ୍ ନ କରିବାକୁ ଅଭିଯୋଗକାରୀଙ୍କର ପରାମର୍ଶକୁ ଗ୍ରହଣ ନକରିବା ନିମେନ୍ତ ଗ୍ରୀଡକୋର ପ୍ରସ୍ତାବକୁ ଆୟୋଗ ଗ୍ରହଣ କରି ପାରନ୍ତି, ଯେଣୁ ରାଜ୍ୟର ଅତ୍ୟାବଶକୀୟ ଶକ୍ତି ଚାହିଦାକୁ ମେଣ୍ଟାଇବା ନିମନ୍ତେ ବିତରକ କଂପାନୀମାନଙ୍କୁ ସ୍ଥୁଳ ଶକ୍ତି ଯୋଗାଣ ବ୍ୟବସାୟ ଚଳାଇବାକୁ ଏହା ଗ୍ରୀଡକୋର ନ୍ୟାୟୋଚିତ ବ୍ୟୟ ପରିମାଣ ଅଟେ, ନତୁବା ଗ୍ରୀଡକୋ ତା'ର ସ୍ୱାଭାବିକ ବ୍ୟବସାୟ ପରିଚାଳନା ନିମନ୍ତେ ପୁନଶ୍ଚ ବିକଳାଙ୍ଗ ହୋଇପଡିବ।

୨୧୮. ୧୯୯୮-୯୯ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ସେକ୍ଟରରେ ସଂଘଟିତ ହୋଇଥିବା ସବୁ କ୍ଷତିକୁ ଗ୍ରୀଡକୋ ମୁଣ୍ଡେଇ ନେଇଛି। ୨୬.୧୧.୧୯୯୮ର ଟ୍ରାନ୍ସଫର ସ୍କିମ୍ ଅନୁଯାୟୀ, ବିତରକ କଂପାନୀଙ୍କ ଉଦ୍ଦେଶ୍ୟରେ କୌଣସି କ୍ଷତି ପରିମାଣକୁ ଦାୟିତ୍ୱାନ୍ତରଣ କରାଯାଇନାହିଁ। ଏହା ଛଡା, ଓଇଆରସିଙ୍କ ଦ୍ୱାରା ଅନୁମୋଦିତ ଅନୁପଯୁକ୍ତ ଟାରିଫ, ଆର୍ଥିକ ବର୍ଷ ୨୦୦୨-୦୩, ୨୦୦୮-୦୯ ଓ ୨୦୦୯-୧୦ରେ ଦୁର୍ବଳ ମୌସୁମୀ ପ୍ରବାହ ଜନିତ କମ ବୃଷ୍ଟିପାତ ଆଦି ଗ୍ରୀଡକୋର ନିର୍ବାହନଜନିତ କ୍ଷତି ପରିମାଣକୁ ବଢାଇ

ଦେଇଛି। ଅନୁମୋଦିତ ଟାରିଫ ଅନୁଯାୟୀ, ସବୁ ବର୍ଷର ଗ୍ରୀଡକୋର ଏଆର୍‌ଆର୍ ରେ ଏକ ରାଜସ୍ୱ ପାର୍ଥକ୍ୟ ସୃଷ୍ଟି ହେଉଛି, ଯାହାକୁ କେବଳ ଅନ୍ତଃ-ରାଜ୍ୟ ଶକ୍ତି ବ୍ୟବସାୟ ଓ ୟୁଆଇ ଦେୟ-ଦରରୁ ଭରଣା କରାଯାଇ ପାରିବ। କିନ୍ତୁ ବଳକା ଶକ୍ତିର ଅନୁପଲବ୍‌ଧତା ଯୋଗୁ ବିଗତ ୨ ବର୍ଷ ଧରି ଏହା ମଧ୍ୟ ସମ୍ଭବ ହୋଇ ପାରୁନାହିଁ। ବିତରକ କଂପାନୀମାନଙ୍କୁ ଗ୍ରୀଡକୋ ଯେଉଁ ଅନୁମୋଦିତ ସ୍ଥୁ ଳ ଯୋଗାଣ ଦରରେ ଶକ୍ତି ବିକୁଛି, ତାହା ତା'ର ଶକ୍ତି କ୍ରୟର ଦର ଠାରୁ ଯଥେଷ୍ଟ କମ ଅଟେ। ଆୟୋଗଙ୍କ ଦ୍ୱାରା ଅନୁମତିପ୍ରାପ୍ତ ଅନୁପଯୁକ୍ତ ଟାରିଫ, ବିଭିନ୍ନ ବ୍ୟାଙ୍କରୁ ଆଣିଥିବା ଋଣ ଆଦିର ପରିଶୋଧ ଜନିତ ଉତ୍ତର ଦାୟିତ୍ୱ ଓ ବନ୍ଧକ ପ୍ରଦାନ ଆଦି କାରଣ ଯୋଗୁ ଯେଣୁ ଗ୍ରୀଡକୋର କ୍ଷତି ପରିମାଣର ସୃଷ୍ଟି ହୋଇଛି ଓ ବଢିଚାଲିଛି, ତେଣୁ ଏହାକୁ ଟାରିଫ ବୃଦ୍ଧି ଦ୍ୱାରା କେବଳ ଭରଣା କରାଯାଇପାରିବ। ସ୍ଥୁଳ ଯୋଗାଣ କାର୍ଯ୍ୟସୂଚୀରୁ ଉଦ୍‌ଭୁତ ଋଣ ପରିଶୋଧର ଦାୟିତ୍ୱ ସଂପାଦନ କରିବାକୁ ଚୁକ୍ତିନାମା ମୂଳେ ଗ୍ରୀଡକୋ ଦାୟବଦ୍ଧ ଅଟେ; ଏବଂ କୌଣସି ସ୍ୱତନ୍ତ୍ର ଉଦ୍ଦେଶ୍ୟିତ ଯାନବାହାନ ପାଇଁ ଋଣଲଗାଣକାରୀ ସଂସ୍ଥାମାନେ ଏହି ଦାୟବଦ୍ଧତାକୁ ହସ୍ତାନ୍ତରଣ କରିବାକୁ ରାଜି ହୋଇ ନ ପାରନ୍ତି।

୨୧୯. ଋଣର ମୂଳ ପରିଶୋଧ ନ କଲେ 'ଶକ୍ତି ଯୋଗାଣରେ କଟକଣା' ସୃଷ୍ଟି କରାଯାଇଥାଏ ଏବଂ ଏହା କେନ୍ଦ୍ରୀୟ ସହାୟତା ଯୋଜନାରୁ ଆର୍ଥିକ ସହାୟତା ଉପରେ ପ୍ରଭାବ ପକାଇଥାଏ, ଏସକ୍ରୋ ମେକାନିଜିମର ଉଦ୍‌ଭବ ହୋଇଥାଏ, ସରକାରୀ ଗ୍ୟାରେଣ୍ଟିର ଉଦ୍‌ଭବ ହୋଇଥାଏ, ମୁକ୍ତ ବଜାରରେ ନିର୍ଭରଯୋଗ୍ୟତା ନଷ୍ଟ ହୋଇଥାଏ ତଥା ପୁନର୍ବାର ଋଣ ପାଇବାରେ ସମସ୍ୟା ସୃଷ୍ଟି ହୋଇଥାଏ। ତେଣୁ, ପରିସ୍ଥିତିର ଜରୁରୀ ଅପରିହାର୍ଯ୍ୟତା ଓ ବାସ୍ତବତାକୁ ବିଚାର କରି 'ସ୍ୱତନ୍ତ୍ର ଭରଣା' ମାଧମରେ ମୂଳ ପରିମାଣ ପାସ୍ କରାଇବା ପାଇଁ ଗ୍ରୀଡକୋ ପ୍ରସ୍ତାବ ଦେଇଛି।

୨୨୦. ବିତରକ କଂପାନୀଙ୍କଠାରୁ ବାକିଆ ଦେୟ ଆଦାୟ କରାଯାଇ ଋଣର ମୂଳ ପରିଶୋଧ କରିବାରେ ଗ୍ରୀଡକୋର କୌଣସି ପ୍ରତିବାଦ ନାହିଁ। ତେବେ, ବଂଟନକାରୀ କଂପାନୀମାନେ ବାକିଆ ଦେୟ ପରିଶୋଧ ନ କରିବା ନେଇ ଗ୍ରୀଡକୋର ତିକ୍ତ ଅଭିଜ୍ଞତା ଅଛି। ଏ ସଂପର୍କରେ , ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ଆୟୋଗଙ୍କର ଟାରିଫ ଆଦେଶନାମାକୁ ପ୍ରସଂଗିତ କରାଯାଇପାରେ, ଯହିଁରେ ୧୭୦ କୋଟି ଟଙ୍କାର ବାକିଆ ଦେୟ ପରିମାଣ ଆୟୋଗଙ୍କର ଅନୁମୋଦନ ମତେ ଗ୍ରୀଡକୋର ସମୁଦାୟ ରାଜସ୍ୱ ଆବଶ୍ୟକତା ବିପକ୍ଷରେ ସହ-ସାମିଲ କରାଯାଇଥିଲା। ୨୦୦୯, ନଭେମ୍ବର ପର୍ଯ୍ୟନ୍ତ ୪ ଟି ଯାକ ବିତରକ କଂପାନୀଙ୍କଠାରୁ ବାକିଆ ଦେୟର ପରିମାଣ ହେଉଛି - ସାଉଥକୋ ଠାରୁ ୭.୩୦ କୋଟି ଏବଂ ସେସୁଠାରୁ ୫୩.୧୦ କୋଟି -ସମୁଦାୟ ୬୦.୪୨ କୋଟି। ଚଳିତ ବର୍ଷ ନେସ୍‌କୋ ଓ ୱେସ୍‌କୋ ବାକିଆ ଦେୟ ବାବଦକୁ କିଛି ବି ପରିମାଣଦେଇ ନାହାନ୍ତି। ତେଣୁ ,ଏଥିପାଇଁ ଏକ ସିକ୍ୟୁରିଟି ମେକାନିଜିମର ଆବଶ୍ୟକତା ଅଛି ଯେ, ବଂଟନକାରୀ କଂପାନୀମାନେ ବାକିଆ ଦେୟ ବାବଦକୁ ଯେଉଁ ପରିମାଣ ଅନୁମତିପ୍ରାପ୍ତ ହୋଇଥିବେ, କୌଣସି ବ୍ୟାହତି ବିନା ଗ୍ରୀଡକୋ ତାହା ଆଦାୟ କରିପାରିବ। ବ୍ୟବସାୟିକ ଖସଡା ଆଦେଶନାମାର ସ୍ପଷ୍ଟୀକରଣ ପ୍ରସଙ୍ଗିତ ୧.୧୨.୨୦୦୮ର ଆଦେଶନାମାରେ ଆୟୋଗ ଏସକ୍ରୋ ଆକାଉଣ୍ଟରୁ ବାକିଆ ଦେୟର ଭରଣା ପାଇଁ କେବଳ ଅନୁମତି ଦେଇଛନ୍ତି। ଯେହେତୁ ବିତରକ କଂପାନୀମାନେ ଯଥେଷ୍ଟ ରାଜସ୍ୱ ଅର୍ଜନ କରି ଏସକ୍ରୋ ଆକାଉଣ୍ଟରେ ଜମା କରୁନାହାନ୍ତି, ଯେଉଁଥିରୁ ଗ୍ରୀଡକୋ ତା'ର ବାକିଆ ଦେୟକୁ ଭରଣା କରିନେଇ ପାରିବ, ସେହେତୁ, ଏହା ପରିଶୋଧ ପାଇଁ ଏକ ସିକ୍ୟୁରିଟି ନୁହେଁ। ତେଣୁ, ପ୍ରସ୍ତାବ ଦିଆଯାଇପାରେ ଯେ, ମାସକିଆ ଶକ୍ତି କ୍ରୟ ଦେୟ ଓ ବାକିଆ ପରିଶୋଧ ଦେୟକୁ ମିଶାଇ ଗ୍ରୀଡକୋ ସପକ୍ଷରେ ଏକ ଭରଣା-ଅଯୋଗ୍ୟ ଜମା ଖାତା ଖୋଲିବାକୁ ନିର୍ଦ୍ଦେଶ ଦେଇ ଆୟୋଗ ଏକ ଆଦେଶନାମା ପାସ୍ କରିପାରନ୍ତି। ଯଦି ଏହା ଗ୍ରହଣୀୟ ହୋଇଯାଏ, ତେବେ ଗ୍ରୀଡକୋର ଉଭୟ ମାସିକିଆ ଦେୟ ଓ ବାକିଆ ଦେୟକୁ ମିଶାଇ ଗ୍ରୀଡକୋ ତା'ର ମାସିକିଆ ବିଲ୍‌କୁ ଉତ୍‌ଥାପନ କରିବ, ଯାହା ସ୍ଥୁଳ ଯୋଗାଣ ଚୁକ୍ତିନାମା ଓ ଏସକ୍ରୋ ଆକାଉଣ୍ଟ ମୂଳେ ପରିଚାଳିତ ହେବ। ଜମାଖାତା (ଏଲଟସି)ର ସର୍ତ୍ତସମୂହ ଗ୍ରୀଡକୋର ସନ୍ତୁଷ୍ଟିକରଣ ସାପେକ୍ଷ ହେଉଥିବ। ଉପରୋକ୍ତ ନିୟମସମୂହ ସହ ସର୍ତ୍ତ-ସାପେକ୍ଷ ଭାବେ, ଋଣର ମୂଳ ପରିଶୋଧ ପାଇଁ ପ୍ରସ୍ତାବିତ ପରିମାଣ ୨୦୦୯-୧୦ ଆର୍ଥିକ ବର୍ଷରେ ବାକିଆ ଦେୟ ଆଦାୟର ଏକ ପରିମାଣ ଦ୍ୱାରା ହ୍ରାସ କରାଯାଇପାରେ ଏବଂ ଅବଶିଷ୍ଟ ପରିଶୋଧ ଋଣକୁ 'ସ୍ୱତନ୍ତ୍ର ଭରଣା' ଭାବରେ ଏଆର୍‌ଆର୍ ରେ ଅନୁମତି ଦିଆଯାଇପାରେ।

୨୨୧. ୨୦୦୯-୧୦ ଆର୍ଥିକ ବର୍ଷରେ ବିଭିନ୍ନ ଜଳ ବିଦ୍ୟୁତ୍ ଷ୍ଟେସନମାନଙ୍କର ଜଳ ଭଣ୍ଡାରରେ ଜଳସ୍ତର ଖୁବ୍ କମ୍ ଥିବାରୁ ଜଳ ବିଦ୍ୟୁତ ଉତ୍ପାଦନର ପରିମାଣ ଯଥେଷ୍ଟ କମିଛି; ଅର୍ଥାତ୍ ଜଳ ବିଦ୍ୟୁତ୍ ଶକ୍ତିର ଉପଲବ୍ଧତା ଯଥେଷ୍ଟ କମ ଅଟେ। ସାମୁଦାୟିକ ଭାବେ ଶକ୍ତି କ୍ରୟର ଦର ବଢ଼ିଛି। ଏଭଳି ନିଅଣ୍ଟିଆ ପରିସ୍ଥିତିରେ ଗ୍ରୀଡକୋର ଋଣ ଭାର ଯଥେଷ୍ଟ ପରିମାଣରେ ବୃଦ୍ଧି ପାଇଛି। ଏହି ଋଣ ପରିଶୋଧର ଅତିରିକ୍ତ ବୋଝ ଆଗାମୀ ବର୍ଷ ମାନଙ୍କରେ ଗ୍ରୀଡକୋକୁ ହିଁ ବୋହିବାକୁ ପଡିବ। ଏ ସଂପର୍କରେ ଗ୍ରୀଡକୋ ତା'ର ଏଆର୍‌ଆର୍ ଦରଖାସ୍ତରେ ଯେତିକି ପରିମାଣ ଦର୍ଶାଇଛି, ବାସ୍ତବରେ ପ୍ରକୃତ ପରିମାଣ ତା'ଠାରୁ ଅଧିକ ଅଟେ। ୨୦୦୯-୧୦ ଆର୍ଥିକ ବର୍ଷରେ ଗ୍ରୀଡକୋ ଶକ୍ତି କ୍ରୟର ଦାମ ବାବଦକୁ ୯୯.୫୨ କୋଟି ଟଙ୍କାର ଅନୁମୋଦନ ପାଇଁ ଏଆର୍‌ଆର୍ ଓ ବିଏସ ପି ଦରଖାସ୍ତରେ ଦର୍ଶାଇଥିଲା। ସେହି ୯୯.୫୨ କୋଟି ଟଙ୍କାର ପରିମାଣକୁ (ଶକ୍ତି କ୍ରୟର ଦାମ ବାବଦରେ) ଗ୍ରୀଡକୋ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ତା'ର ଏଆର୍‌ଆର୍ ଓ ବିଏସପି ଦରଖାସ୍ତରେ ଦର୍ଶାଇଛି। ବାସ୍ତବରେ, ଗ୍ରୀଡକୋର ପ୍ରାପ୍ୟ-ପରିମାଣ ଉପରେ ପ୍ରଥମ ଦେୟ-ଦର ଓ ଏସକ୍ରୋ ଆକାଉଣ୍ଟ ମାଧ୍ୟମରେ ଗ୍ରୀଡକୋ ଆଣିଥିବା ଋଣର ନିରାପତ୍ତାକରଣ ହୋଇଛି। ଯଦି ଉପରୋକ୍ତ ପ୍ରସ୍ତାବସମୂହର ବିଚାର କରା ନ ଯାଏ, ତେବେ, ଗ୍ରୀଡକୋର ଆର୍ଥିକ ସ୍ଥିତି ବିକଳାଙ୍ଗ ହୋଇ ପଡିବ, ଯଦ୍ଦ୍ୱାରା ଶକ୍ତି ଉତ୍ପାଦନକାରୀଙ୍କୁ ସେମାନଙ୍କର ଦେୟ ଦେବାରେ ଗ୍ରୀଡକୋ ଅସୁବିଧାର ସମ୍ମୁଖୀନ ହେବାକୁ ବାଧ୍ୟ ହେବ।

**ଶକ୍ତିର ରପ୍ତାନୀ ଓ ୟୁଆଇ ଆୟ**

୨୨୨. ୨୦୦୩-୦୪ ଆର୍ଥିକ ବର୍ଷ ଠାରୁ ଅନ୍ୟ ରାଜ୍ୟମାନଙ୍କୁ ଶକ୍ତି ବିକ୍ରୀରୁ ଅର୍ଜିତ ରାଜସ୍ୱ ଏବଂ 'ଅଣ ସୂଚୀଭୁକ୍ତ ଅନ୍ତଃ-ବଦଳ' ବା ୟୁଆଇରୁ ଅର୍ଜିତ ରାଜସ୍ୱ ସବୁ ବର୍ଷ ଗ୍ରୀଡକୋର ଆକାଉଣ୍ଟକୁ ଅଣାଯାଇଥାଏ, ଯେଉଁ ଥି ପାଇଁ ଗ୍ରୀଡକୋର କ୍ଷତି ଓ ଋଣ ବୋଝ ଅନେକ ପରିମାଣରେ କମ ହେବା ସମ୍ଭବ ହୋଇଥାଏ। ଗ୍ରୀଡକୋର ବାର୍ଷିକ ଆକାଉଣ୍ଟରେ ସବୁ ରାଜସ୍ୱ ଓ ଦର/ଦାମ୍ ର ପ୍ରତିଫଳ କରାଯାଇଛି, ଯାହା ଚୂଡାନ୍ତ ହୋଇସାରିଛି ଓ ୨୦୦୮-୦୯ ଆର୍ଥିକ ବର୍ଷର ଶେଷ ସମୟ ପର୍ଯ୍ୟନ୍ତ ଅଡିଟ କରାଯାଇଛି। ତେବେ ସଦ୍ୟ ବିଗତ ୨ ବର୍ଷରେ ବଳକା ଶକ୍ତିର ଅନୁପଲବ୍ଧତା ଯୋଗୁ ଏହା ସମ୍ଭବ ହୋଇପାରିନାହିଁ।

୨୨୩. ବିଭିନ୍ନ ଜଳ ବିଦ୍ୟୁତ୍ ଷ୍ଟେସନମାନଙ୍କରେ ଜଳ ଭଣ୍ଡାରର ହ୍ରାସିତ ଜଳ ସ୍ତର ଯୋଗୁ ଜଳଜ ବିଦ୍ୟୁତ ଶକ୍ତିର ଉତ୍ପାଦନ ଯଥେଷ୍ଟ କମ ହେଉଥିବାରୁ ୟୁଆଇ ଦେୟ-ଦର ବାବଦରୁ ଆୟ ମଧ୍ୟ ଯଥେଷ୍ଟ କମି ଯାଇଛି।ପୁନଶ୍ଚ, ଶକ୍ତି ପାଇଁ ରାଜ୍ୟର ବର୍ଦ୍ଧିଷ୍ଣୁ ଚାହିଦା ଯୋଗୁ ଯୋଗାଣ କ୍ଷେତ୍ରରେ ବଳକା ଶକ୍ତିର ସ୍ଥିତି ମଧ୍ୟ ସାଂଘାତିକ ଭାବେ ବଦଳି ଯାଇଛି। ବାସ୍ତବରେ, ୨୦୦୮-୦୯ ଆର୍ଥିକ ବର୍ଷର କେତେକ ମାସରେ, ୟୁଆଇ ମେକାନିଜିମ ମୂଳେ ଗ୍ରୀଡକୋ ଅଧିକ ଉଠାଣ କରିଛି।

**ରାଜ୍ୟ ସରକାର, ପବ୍ଲିକ ସେକ୍ଟର ୟୁନିଟ ଏବଂ ଅନ୍ୟ ରାଜ୍ୟମାନଙ୍କରୁ ପ୍ରାପ୍ୟ-ପରିମାଣ**

୨୨୪. ୨୬.୧୧.୧୯୯୮ ଟ୍ରାନସଫର ସ୍କିମ୍ ଅନୁଯାୟୀ, ଗ୍ରୀଡକୋ ସରକାରୀ ବିଭାଗରୁ ୯୧.୭୧ କୋଟି ଟଙ୍କା ଓ ପବ୍ଲିକ ସେକ୍ଟର ୟୁନିଟ/ୟୁଏଲବିରୁ ୧୧୩.୪୯ କୋଟି ଟଙ୍କାର ଦେୟ ପାଇବ। ଏହି ସବୁ ସରକାରୀ ବିଭାଗୀୟ ଉପଭୋକ୍ତା ଓ ପବ୍ଲିକ ସେକ୍ଟର ୟୁନିଟର ଉପଭୋକ୍ତାଙ୍କ ସଂପର୍କରେ ସବିଶେଷ ବିବରଣୀ ଓ ସେମାନଙ୍କର ସ୍ଥିତି ସଂପର୍କରେ ଏକ ତାଲିକା ଦେବାକୁ ଗ୍ରୀଡକୋ ବିତରକ କଂପାନୀମାନଙ୍କୁ ଅନୁରୋଧ କରିଛି। ଏ ପର୍ଯ୍ୟନ୍ତ ବିତରକ କଂପାନୀମାନେ ଏ ନେଇ କୌଣସି ବିବରଣୀ/ତାଲିକା ଗ୍ରୀଡକୋକୁ ଦେଇ ନଥିବାରୁ ଗ୍ରୀଡକୋ ସେହି ସବୁ ଉପଭୋକ୍ତାଙ୍କ ବିରୁଦ୍ଧରେ କୌଣସି ପଦକ୍ଷେପ ଗ୍ରହଣ କରିପାରୁନାହିଁ। ତେବେ, ଗ୍ରୀଡକୋ ପ୍ରସ୍ତାବ ଦେଇଛି ଯେ, ସରକାରୀ ବିଭାଗମାନେ ସେମାନଙ୍କର ବାକିଆ ଦେୟ ବାବଦକୁ ଯେଉଁ ପରିମାଣ ଗ୍ରୀଡକୋକୁ ଦେବାକୁ ଅଛି, ସେହି ପରିମାଣକୁ ବରଂ ସରକାରଙ୍କଠାରୁ ଗ୍ରୀଡକୋ ଆଣିଥିବା ଋଣର ମୂଳ ଓ ସୁଧ ବାବଦକୁ ସୁଝାଇ ନିଆଯାଉ। କିନ୍ତୁ ଏହି ପ୍ରସ୍ତାବ ଏ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ଦ୍ୱାରା ଗ୍ରହଣୀୟ ହୋଇନାହିଁ କିମ୍ବା ନିଶ୍ଚିତ କରାଯାଇନାହିଁ।

୨୨୫. ଗ୍ରୀଡକୋର ହିସାବ ଅନୁଯାୟୀ, ମଧ୍ୟ ପ୍ରଦେଶ ରାଜ୍ୟ ବିଦ୍ୟୁତ ବୋର୍ଡରୁ ପ୍ରାପ୍ୟ ଦେୟ ପରିମାଣ ହେଉଛି ୭୧.୭୮ କୋଟି ଟଙ୍କା, ଯାହା ଏ ପର୍ଯ୍ୟନ୍ତ ସ୍ଥିର ହୋଇ ସାରିନାହିଁ ଏବଂ ନିଷ୍ପତ୍ତି ପାଇଁ ଏଟିଇଙ୍କ ପାଖରେ ସ୍ଥଗିତ ଅଛି। ଆନ୍ଧ୍ର ପ୍ରଦେଶ ରାଜ୍ୟ ବିଦ୍ୟୁତ ବୋର୍ଡରୁ ଗ୍ରୀଡକୋର ଅବଶିଷ୍ଟ ପ୍ରାପ୍ୟ ପରିମାଣ ହେଉଛି ୩୦.୧୯ କୋଟି ଟଙ୍କା, ଯାହା ପାରସ୍ପରିକ (ଗ୍ରୀଡକୋ ଓ ଆନ୍ଧ୍ର ପ୍ରଦେଶ ରାଜ୍ୟ ବିଦ୍ୟୁତ ବୋର୍ଡ) ବୁଝାମଣା ଜନିତ ନିଷ୍ପତ୍ତି ପ୍ରକ୍ରିୟାଧିନ ଅଛି, କାରଣ ମାମଲାଟି ଏଟିଇଙ୍କ ପାଖରେ ଫଇସଲା ପାଇଁ

ସ୍ଥଗିତାସ୍ଥାନରେ ଅଛି। ଇମ୍ଫା (ଆଇସିସିଏଲ) ଠାରୁ ୧୯.୫୫ କୋଟି ଟଙ୍କାର ବାକିଆ ଦେୟ ହିସାବ ଅଧିକାରୀଙ୍କ ଦ୍ୱାରା ସ୍ୱୀକୃତ ହୋଇନାହିଁ ଏବଂ ତାହା ଗ୍ରୀଡକୋ ପାଇ ନ ପାରେ। ଏ ସଂପର୍କରେ ଗ୍ରୀଡକୋ ଭୁବନେଶ୍ୱର ଏସଡିଜେଏମଙ୍କ କୋର୍ଟରେ ଅପିଲ କରିଛି, ଯାହା ନିଷ୍ପତ୍ତି ଅପେକ୍ଷାରେ ସ୍ଥଗିତାବସ୍ଥାରେ ଅଛି। ଅତଏବ, ହିସାବ ଅଧିକାରୀ ବା ଆର୍‌ବିଟ୍ରେଟରଙ୍କ ଦ୍ୱାରା ଗ୍ରହଣୀୟ ହୋଇ ନଥିବା ବିବାଦୀୟ ପରିମାଣ ଗ୍ରୀଡକୋର ଏଆର୍‌ଆର୍‌ରେ ବିବେଚିତ ହେବା ଉଚିତ ନୁହେଁ।

**ବାସ୍ତବାୟନ**

୨୨୬. ଆୟୋଗଙ୍କ ଦ୍ୱାରା ତାରିଫ (ସ୍ଥୁଳ ଯୋଗାଣ ଦର) ସ୍ଥିରୀକରଣ ବାଦ୍ ସବୁ ଅନୁମତିଧାରୀଙ୍କ ପାଇଁ ବାସ୍ତବାୟନ ପ୍ରକ୍ରିୟା ସଂପାଦନ କରିବା ହେଉଛି ଏକ ଶୃଙ୍ଖଳିତ ଅନୁଶୀଳନ। ୨୦୦୭-୦୮ ଆର୍ଥିକ ବର୍ଷ ପର୍ଯ୍ୟନ୍ତ, ଅର୍ଥାତ୍ ଯେଉଁ ସମୟ ପର୍ଯ୍ୟନ୍ତ ଅଡିଟ କରାଯାଇଥିବା ହିସାବ ଉପଲବ୍ଧ, ପ୍ରୋଭିଜିନାଲ ବା ସାମୟିକ ଭିତ୍ତିରେ ଆୟୋଗ ଗ୍ରୀଡକୋର ବାସ୍ତବାୟନ ପ୍ରକ୍ରିୟାକୁ ହାତକୁ ନେଇଛନ୍ତି। ଅବଶ୍ୟ, ୨୦୦୮-୦୯ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ତା'ର ଅଡିଟ କରାଯାଇଥିବା ଆକାଉଣ୍ଟକୁ ଗ୍ରୀଡକୋ ଆୟୋଗଙ୍କ ନିକଟରେ ଦାଖଲ କରିଛି। ତେଣୁ ୨୦୦୮-୦୯ ପର୍ଯ୍ୟନ୍ତ ଆୟୋଗ ତା'ର ବାସ୍ତବାୟନ ହିସାବକୁ ନିର୍ବାହନ କରନ୍ତୁ ବୋଲି ଗ୍ରୀଡକୋ ଚାହେଁ। କିନ୍ତୁ, ଅଭିଯୋଗକାରୀଙ୍କ ପରାମର୍ଶ ଅନୁଯାୟୀ, ବାସ୍ତବାୟନ ଅନୁଶୀଳନକୁ ଗ୍ରହଣ କରାଯାଇନପାରେ।

**ଉଠାଣ-ଆଧିକ୍ୟ ଦେୟ-ଦର ସମୂହ**

୨୨୭. ଶକ୍ତି କ୍ରୟର ଶୃଙ୍ଖଳିତ ନୀତି ଅନୁଯାୟୀ, ରାଜ୍ୟ ମଧ୍ୟରେ ଉପଯୋଗ ପାଇଁ ସବୁଠାରୁ ଶସ୍ତା ଦରର ଶକ୍ତିକୁ ପ୍ରଥମେ ବିବେଚନା କରାଯାଇଥାଏ। ଶକ୍ତିର ନିଅଣ୍ଟିଆ ସ୍ଥିତିରେ, କୌଣସି ବିତରକ କଂପାନୀ ଅନୁମୋଦିତ ଉଠାଣ ପରିମାଣଠାରୁ ଅଧିକ ଉଠାଣ କଲେ, ତାହା ପରୋକ୍ଷରେ ଗ୍ରୀଡକୋକୁ ସିଜିପି ଉତ୍ସରୁ କିମ୍ବା ଖୋଲା ବଜାରରୁ ଉଚ୍ଚା ଦରରେ ଶକ୍ତି କିଣିବାକୁ ବାଧ୍ୟ କରିଥାଏ। ଅତଏବ, ବର୍ଷଶେଷ ସହ-ସାମିଲକରଣ ସହ ସର୍ତ୍ତାଧିନ ଭାବେ ମାସିକିଆ ବିଲ୍‌ରେ ଏଆର୍‌ଆର୍ ଦରଖାସ୍ତରେ ପ୍ରସ୍ତାବିତ ମତେ ଯେ କୌଣସି ଅଧିକ ପରିମାଣର ଉଠାଣକୁ ଉଚ୍ଚା ଦାମରେ ବିଲ୍ କରିବାକୁ ପଡିବ।

**ରିହାତି**

୨୨୮. ଆଶୁ ଦେୟ ପ୍ରଦାନ ଓ ରିହାତି ଅନୁମତିକୁ ନିଶ୍ଚିତ କରିବା ପାଇଁ ୨୦୧୦-୧୧ ଆର୍ଥି କ ବର୍ଷ ପାଇଁ ଏଆର୍‌ଆର୍ ଓ ବିଏସପି ଦରଖାସ୍ତରେ ରିହାତି ପ୍ରଦାନ ସଂପର୍କିତ ପ୍ରସ୍ତାବକୁ ଆୟୋଗ ସଦୟ ବିବେଚନା ଓ ଅନୁମୋଦନ କରିପାରନ୍ତି। ତିନି କାର୍ଯ୍ୟ ଦିବସ ମଧ୍ୟରେ ୨ ପ୍ରତିଶତର ରିହାତିକୁ ଅନୁମୋଦନ ଦେବା ନିମନ୍ତେ ବିତରକ କଂପାନୀମାନଙ୍କର ପ୍ରସ୍ତାବକୁ ଗ୍ରହଣ କରାଯାଇ ନ ପାରେ, ଯେହେତୁ ଏହା ପୂର୍ବ ବର୍ଷମାନଙ୍କର ନିୟମଠାରୁ ପୃଥକ ହେବ ଏବଂ ପରିଣାମତଃ ଗ୍ରୀଡକୋର ଅର୍ଥନୀତି ପ୍ରଭାବିତ ହେବ।

**ଏନ୍‌ଟିପିସି ବନ୍ଧକ**

୨୨୯. ତିନି ବିତରକ କଂପାନୀ ୱେସକୋ, ନେସକୋ ଓ ସାଉଥକୋ ଦ୍ୱାରା ପ୍ରଦତ୍ତ ୪୦୦କୋଟି ଟଙ୍କାର ବନ୍ଧକ ମୂଳେ ଏନଟିପିସିକୁ ଦେବାକୁ ଥିବା ଦେୟକୁ ଗ୍ରୀଡକୋ ଧାର୍ଯ୍ୟ କରିଛି। ଧାର୍ଯ୍ୟ ତାରିଖ ଅନୁଯାୟୀ ଗ୍ରୀଡକୋ ଏହି ବନ୍ଧକକୁ ଧାରଣ କରୁଛି। କିନ୍ତୁ ବିତରକ କଂପାନୀମାନେ ଏହି ବଂଧକ ସହ ସର୍ତ୍ତାଧିନ ଦାୟିତ୍ୱର ଖିଲାପ କରିଛନ୍ତି। କଂପାନୀ ଆଇନ, ୧୯୫୬, ର ବିଭାଗ -୧୧୭ (ଗ) ଅଧିନରେ , ବିତରକ କଂପାନୀଙ୍କର ବନ୍ଧକ-ଦେୟ ପ୍ରଦାନର ଖିଲାପ ବିରୁଦ୍ଧରେ ଗ୍ରୀଡକୋ କଂପାନୀ ଆଇନ ବୋର୍ଡ, ପୂର୍ବାଞ୍ଚଳ ବେଞ୍ଚ, କୋଲକତାଙ୍କ ଠାରେ ଅଭିଯୋଗ କରିଛି ଏବଂ ପ୍ରସଂଗଟି ବିଚାରାଧିନ ଅବସ୍ଥାରେ ଅଛି। ତେଣୁ ବନ୍ଧକ ସହ ସର୍ତ୍ତ ଖିଲାପ ହୋଇଛି ଏବଂ ବିତରକ କଂପାନୀମାନେ ଗ୍ରୀଡକୋକୁ ସଂପର୍କିତ ଦେୟ ଦେଇ ନାହାନ୍ତି, ତେଣୁ ବାସ୍ତବରେ ଗ୍ରୀଡକୋ କୌଣସି ଆର୍ଥିକ ଉପକାର ପାଉନାହିଁ। ତେଣୁ, ବିତରକ କଂପାନୀଙ୍କୁ ରିହାତି ଦେବାର ପ୍ରଶ୍ନ ଉଠୁନାହିଁ। ତେବେ ସେ ଯା' ହେଉନା କାହିଁକି, ଅଡିଟ କରାଯାଇଥିବା ଆକାଉଣ୍ଟକୁ ଭିତ୍ତି କରି ଗ୍ରୀଡକୋର ସବୁ ରାଜସ୍ୱ/ ଲାଭକୁ ଆୟୋଗ ତାଙ୍କର ବାସ୍ତବାୟନ ପଦ୍ଧତିର ବାସ୍ତବାୟନ କରିଛନ୍ତି।

**ପିପିଏ ନ୍ୟସ୍ତକରଣ**

୨୩୦. ୨୦୦୮-୦୯ ଆର୍ଥିକ ବର୍ଷ ଠାରୁ ଆରମ୍ଭ କରି ପରବର୍ତ୍ତୀ ୫ ବର୍ଷର ସମୟ ପାଇଁ ବିତରକ କଂପାନୀଙ୍କର ବ୍ୟବସାୟିକ ଖସତା (୨୦୦୮-୦୯ ଆର୍ଥିକ ବର୍ଷ ଠାରୁ ୨୦୧୨-୧୩ ଆର୍ଥିକ ବର୍ଷ ପର୍ଯ୍ୟନ୍ତ)ର ଅନୁମୋଦନ ସହ ସଂଯୋଗିତ ଭାବେ ପିପିଏ ନ୍ୟସ୍ତକରଣ ଓ ବଂଟୁଆରା ସଂପର୍କିତ ପ୍ରସଂଗ ଉପରେ ଅଭିଯୋଗକାରୀମାନେ ଆୟୋଗଙ୍କ ସମକ୍ଷରେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଆୟୋଗଙ୍କର ବିଚାର ନିମନ୍ତେ ଗ୍ରୀଡକୋ ଏ ପ୍ରସଂଗରେ ତା'ର ମତ ଦେଇ ସାରିଛି। ଏଆର୍‌ଆର୍ ଅନୁମୋଦନ ଓ ବିଏସପି ନିର୍ଦ୍ଧାରଣର ସାଂପ୍ରତିକ ଉଦ୍ଦେଶ୍ୟ ପାଇଁ ଏହି ପ୍ରସଂଗ ଅପ୍ରାସଙ୍ଗିକ ଅଟେ।

**ଏସକ୍ରୋ ମେକାନିଜିମ୍**

୨୩୫. ଓଇଆରସି ଆଦେଶନାମା ଅନୁଯାୟୀ, ସମୟକୁ ସମୟ ଗ୍ରୀଡକୋକୁ ଦେୟ ପ୍ରଦାନରେ ବିତରକ କଂପାନୀମାନେ ବିଫଳ ହୋଇଛନ୍ତି। ଯେଣୁ, ବିତରକ କଂପାନୀଙ୍କଠାରୁ ଆଦାୟ କରାଯାଉଥିବା ସମୁଦାୟ ରାଜସ୍ୱ ଏସକ୍ରୋ ଆକାଉଣ୍ଟରେ ଜମା କରାଯାଉଛି ଏବଂ ଓଇଆରସିଙ୍କ ଆଦେଶନାମା ମୁତାବକ ଏସ୍‌କ୍ରୋ ରିହାତି ମଧ୍ୟ ପ୍ରଦାନ କରାଯାଉଛି, ତେଣୁ, ବିତରକ କଂପାନୀଙ୍କଠାରୁ ଗ୍ରୀଡକୋ ତା'ର ଦେୟ ଆଦାୟ କରିବାରେ କୌଣସି ଅବହେଳା କରୁନାହିଁ।

୨୩୨. ଏସ୍‌କ୍ରୋ ଚୁକ୍ତିନାମାରେ ବର୍ଣ୍ଣିତ ମତେ ଏସ୍‌କ୍ରୋ ମେକାନିଜିମ ତ୍ରୁଟିପୂର୍ଣ୍ଣ ଅଟେ। ଅଭିଯୋଗକାରୀମାନେ (ୱେସ୍‌କୋ, ନେସ୍‌କୋ ଓ ସାଉଥ୍‌କୋ) ଏ ସଂପର୍କରେ ଓଇଆରସିଙ୍କ ସମକ୍ଷରେ ଏକ ମାମଲା ଦାୟର କରିଛନ୍ତି, ଯାହା ୨୦୧୦ର କେଶ ନଂ-୩ ରେ ପଂଜିକରଣ କରାଯାଇଛି। ୧୮.୧.୨୦୧୦ରେ ଏହି ମାମଲାର ଶୁଣାଣି କରାଯାଇଥିଲା। ଶୁଣାଣି ପରେ, ଆୟୋଗ ଗ୍ରୀଡକୋକୁ ତା'ର ଜବାବୀ ଉତ୍ତର ଦେବାକୁ କହିଥିଲେ, ଯାହା ଫଳରେ ମାମଲାଟି ଶେଷ ଶୁଣାଣି ଆଡକୁ ଆଗେଇ ପାରିବ। ଟାରିଫ ଓ ବିଏସପି ଅନୁମୋଦନ ପାଇଁ ଗ୍ରୀଡକୋର ବର୍ତ୍ତମାନର ପ୍ରସ୍ତାବ ପାଇଁ ଏସକ୍ରୋ ମେକାନିଜିମ୍‌ର ପୁନଃ ସଂରଚନାକୁ ବିବେଚନା କରାଯାଇ ନପାରେ ଓ ପୂର୍ବବତ୍ ଗ୍ରହଣ କରାଯାଇପାରେ।

**ସ୍ଥୁଳ ଯୋଗାଣ ଦର**

୨୩୩. ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ତା'ର ଏଆରଆର୍ ଓ ବିଏସପିରେ ଶକ୍ତି କ୍ରୟ ଜନିତ ବ୍ୟୟ ପରିମାଣ ଓ ଅନ୍ୟାନ୍ୟ ବ୍ୟୟ ପରିମାଣର ଅଟକଳିତ ପରିସଂଖ୍ୟାନକୁ ଗ୍ରୀଡକୋ ପ୍ରଦର୍ଶନ କରିଛି ଏବଂ ସେହି ଅନୁସାରେ, ଆଗାମୀ ବର୍ଷରେ ୫୦୮୦.୨୨ କୋଟି ଟଙ୍କାର ପ୍ରସ୍ତାବିତ ଏଆରଆରକୁ ଭରଣା କରିବା ପାଇଁ ୟୁନିଟ ପିଛା ୨୬୨.୮୯ ପଇସାର ପ୍ରସ୍ତାବିତ ବିଏସପିରେ ଉପନୀତ ହୋଇଛି। ୟୁନିଟ ପିଛା ୧୨୨.୨୦ ପଇସାର ଚଳିତ ହାରାହାରି ବିଏସପି ଯଦି ଅଧିକ ଭାବେ ସଂଶୋଧିତ ନ ହୁଏ, ତେବେ ଏଆରଆର୍ ଓ ବିଏସ୍‌ପି ଦରଖାସ୍ତରେ ପ୍ରଦର୍ଶନ ମତେ ଗ୍ରୀଡକୋକୁ ୨୯୬୦.୬୧ କୋଟି ଟଙ୍କାର ନିଅଣ୍ଟ ପରିମାଣକୁ ସହିବାକୁ ପଡିବ।

୨୩୪. ବାସ୍ତବରେ ୨୦୦୪-୦୫ ଠାରୁ ହାରାହାରି ସ୍ଥୁଳ ଯୋଗାଣ ଦର କମିଛି। ୨୦୦୪-୦୫ରେ ଏହା ୟୁନିଟ ପିଛା ୧୩୦.୮୮ ପଇସା ଥିଲା ବେଳେ ୨୦୦୮-୦୯କୁ ଏହା କମି ୟୁନିଟ ପିଛା ୧୨୨.୨୨ ପଇସା ହୋଇଛି।

୨୩୫. ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଗ୍ରୀଡକୋର ପ୍ରଦର୍ଶିତ ଏଆରଆରକୁ ଭରଣା କରିବା ପାଇଁ ୟୁନିଟ ପିଛା ୧୨୨.୨୦ ପଇସାର ବର୍ତ୍ତମାନର ହାରାହାରି ସ୍ଥୁଳ ଯୋଗାଣ ଦର ସ୍ଥୁଳତଃ ଯଥେଷ୍ଟ ନୁହେଁ, କାରଣ ୨୦୦୯-୧୦ ଆର୍ଥିକ ବର୍ଷରେ ଏହା ୧୬୫୩.୨୩ କୋଟି ଟଙ୍କାର ଏକ ଅଟକଳିତ ନିଅଣ୍ଟିଆ ସ୍ଥିତି ସୃଷ୍ଟି କରିଛି।

**ଜାଳେଣି ସରଚାର୍ଜ**

୨୩୬. ଅଭିଯୋଗକାରୀଙ୍କ ମତ ସହ ଗ୍ରୀଡକୋ ଏକମତ ଯେ, ସବୁମାସର ଜାଳେଣି ସରଚାର୍ଜ କିମ୍ବା ଉତ୍ପାଦନକାରୀ କଂପାନୀଙ୍କଠାରୁ ବିଲ୍ ପାଇବାର ପରବର୍ତ୍ତୀ ମାସର ଜାଳେଣି ସରଚାର୍ଜକୁ ଭରଣା କରିବାକୁ ଗ୍ରୀଡକୋ ପାଇଁ ଆୟୋଗ ଏକ ଗ୍ରହଣୀୟ ସୂତ୍ରକୁ ଅନୁମୋଦନ ଦେବା ଉଚିତ୍। ଏ ସଂପର୍କିତ ସବିଶେଷ ପ୍ରସ୍ତାବ ଗ୍ରୀଡକୋର ଏଆରଆର୍ ଓ ବିଏସପି ଦରଖାସ୍ତରେ ଆୟୋଗଙ୍କୁ ଉପସ୍ଥାପନ କରାଯାଇଛି।

**ଦୁଇ-ଅଂଶ ଟାରିଫ**

୨୩୭. ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଦୁଇ-ଅଂଶ ଦେୟ-ଦର (ଶକ୍ତି ଦେୟ-ଦର ଓ ଚାହିଦା ଦେୟ-ଦର) ଜରିଆରେ ଏଆର୍‌ଆରର ଭରଣା ପାଇଁ ଗ୍ରୀଡକୋ ଅସଲରେ ତାର ପ୍ରସ୍ତାବ ଉପସ୍ଥାପନ କରିଛି। ଯେତେବେଳେ, ବାର୍ଷିକ ଭିତ୍ତିରେ ବଂଟନାକରୀ କଂପାନୀମାନଙ୍କର ହିସାବ କରାଯାଇଥିବା ପ୍ରକୃତ ସମତାଳିକ ସର୍ବାଧିକ ଚାହିଦା ଅନୁମତି ପ୍ରାପ୍ତ 'ସମତାଳିକ ଚାହିଦା' ବା ଏସଏମଡିକୁ ବଳେଇଯାଏ, ସେତେବେଳେ ଶକ୍ତି ଦେୟ-ଦର ସହ ମାସିକ କେଭିଏ ପିଛା ଟ୨୦୦/- ଦର-ହାରରେ ଶକ୍ତି ଦେୟ-ଦରର ପ୍ରସ୍ତାବ କରାଯାଇଛି।

**ବିବିଧ**

୨୩୮. ଉତ୍ପାଦନକାରୀଂକ ଠାରୁ କ୍ରୟିତ ଶକ୍ତି ଏବଂ ବିତରକ କଂପାନୀମାନଙ୍କୁ ବିକ୍ରୀ କରାଯାଉଥିବା ଶକ୍ତିକୁ ବିବରଣୀଭୁକ୍ତ କରିବାକୁ ମିଟରିଂ ପଦ୍ଧତି ସଠିକତାର ଗ୍ରହଣୀୟ ସ୍ତର ସହ ସଂପୂର୍ଣ୍ଣ ଅବଧାରିତ। ବର୍ଷକୁ ଥରେ, ଏହି ମିଟରଗୁଡିକୁ ବିତରକ କଂପାନୀ ଓ ଉତ୍ପାଦନକାରୀ କଂପାନୀଙ୍କ ମଧ୍ୟରେ ପରୀକ୍ଷା କରାଯାଉଛି।

୨୩୯. ୱେସକୋ, ନେସକୋ ଓ ସାଉଥକୋ ରେ ଗ୍ରୀଡକୋର ୪୯% ଭାଗୀଦାରୀ ନିବେଶ ଅଛି। ଅବଶିଷ୍ଟ ୫୫% ରିଲିଆନ୍‌ସ୍ ଗ୍ରୁପ ଅଫ୍ କଂପାନୀଜଙ୍କ ଦ୍ୱାରା ଧାରିତ ଅଟେ। ଉପରୋକ୍ତ ତିନି ବିତରକ କଂପାନୀଙ୍କ ଉପରେ ରିଲିଆନ୍‌ସ୍ ଗ୍ରୁପ ଅଫ୍ କଂପାନୀଜ୍‌ଙ୍କର ନିୟନ୍ତ୍ରଣ ଅଛି। ପ୍ରତି ୧୦ ପ୍ରତିଶତର ଅଂଶୀଦାରତ୍ୱ ଉପରେ ଗ୍ରୀଡକୋ ନିର୍ଦ୍ଦେଶକଙ୍କୁ ମନୋନୀତ କରିବାର ଅଧିକାର ଅଛି। ସେହି ଅନୁଯାୟୀ, ତିନି ବିତରକ କଂପାନୀଙ୍କର 'ବୋର୍ଡ ଅଫ ଡାଇରେକ୍ଟର' ବା 'ନିର୍ଦ୍ଦେଶକ ପରିଷଦ' କୁ ୪ ଜଣ ନିର୍ଦ୍ଦେଶକଂକୁ ମନୋନୀତ କରିଛି। ବିତରକ କଂପାନୀଙ୍କର 'ନିର୍ଦ୍ଦେଶକ ପରିଷଦ' କୁ ଗ୍ରୀଡକୋରେ ଅଧକ୍ଷ ବାଛିବାର (ମନୋନୀତ ନିର୍ଦ୍ଦେଶକଙ୍କ ମଧ୍ୟରୁ) ମଧ୍ୟ ଅଧିକାର ରିହଛି।

୨୪୦. ବିବିଧ ଉପାୟ ଜରିଆରେ ଗ୍ରୀଡକୋର କାର୍ଯ୍ୟକ୍ରମ ପରିଚାଳନା ଜନିତ ନିର୍ବାହନର ବିକାଶ କରିବାକୁ ନିର୍ଦ୍ଦେଶକ ପରିଷଦରେ ଗ୍ରୀଡକୋ ତା'ର ପ୍ରତିନିଧିତ୍ୱ ମାଧ୍ୟମରେ ପରିଚାଳନା ସଦସ୍ୟମାନଙ୍କୁ ପରାମର୍ଶ ଦେଇଆସୁଛି। ଗ୍ରୀଡକୋର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ, ଯିଏ କି ସବୁ ବିତରକ କଂପାନୀଙ୍କର ଅଧକ୍ଷ ଅଟନ୍ତି, ଜଣେ ପୂରା ସମୟ ପାଇଁ ଅଧକ୍ଷ ନୁହନ୍ତି। ଓଇଆରସିଙ୍କ ପ୍ରଦତ୍ତ ଧାର୍ଯ୍ୟ ଲକ୍ଷ୍ୟ ଅନୁଯାୟୀ, କ୍ଷତି ହ୍ରାସ କରିବାକୁ ବିବିଧ ଉପାୟ ଲାଗୁ କରିବା ପାଇଁ ଅଧକ୍ଷ ବାରମ୍ବାର ପରିଚାଳନା ନିର୍ଦ୍ଦେଶକ ଓ ମୁଖ୍ୟ ବିଦ୍ୟୁତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଆସୁଛନ୍ତି। ତେଣୁ, ମିଳିତ ଔଦ୍ୟୋଗିକ ଅଂଶୀଦାର ଭାବରେ ଗ୍ରୀଡକୋ ବିତରକ କଂପାନୀମାନଙ୍କର ବିକଶିତ ନିର୍ବାହନ ନିମନ୍ତେ ତା'ର କର୍ତ୍ତବ୍ୟ ଓ ଦାୟିତ୍ୱର ସୁଚାରୁ-ସଂପାଦନ କରିଆସୁଛି।

୨୪୧. ଚାହିଦା ପାର୍ଶ୍ୱ ପରିଚାଳନା ଓ ଶକ୍ତି ସଂରକ୍ଷଣର ଉପାୟ ସମୂହ ଉପରେ ଅଭିଯୋଗକାରୀଙ୍କର ପରାମର୍ଶ ଶକ୍ତି ଚାହିଦା କମାଇବାକୁ ବିତରକ କଂପାନୀଙ୍କର କାର୍ଯ୍ୟସୂଚୀ ସହ ସଂପର୍କିତ ଅଟେ। ସର୍ବନିମ୍ନ ଦରର ଶକ୍ତି କ୍ରୟର ଉପରେ ଆଧାରିତ ଉପଭୋକ୍ତାଙ୍କର ଚାହିଦା ଓ ଆବଶ୍ୟକତା ଅନୁଯାୟୀ ' ନିମ୍ନ ଦରରୁ କ୍ରମ -ଉର୍ଦ୍ଧ୍ୱ ଦରର ଶୃଙ୍ଖଳା' କୁ ଗ୍ରହଣ କରି ଗ୍ରୀଡକୋ ବିତରକ କଂପାନୀଙ୍କର ମାସିକିଆ ଶକ୍ତି ଚାହିଦାକୁ ଭେଟିବା ନିମେନ୍ତ ପ୍ରାୟତଃ ସମର୍ଥ ଅଟେ। ତେବେ, ଗ୍ରୀଡକୋ ଅଭିଯୋଗକାରୀଙ୍କର ପରାମର୍ଶକୁ ଗ୍ରହଣ କରିବାକୁ ସାଧ୍ୟମନ୍ତେ ପ୍ରୟାସ କରିବ।

୨୪୨. ୨୧ ଟି ଆଇପିପି ସହ ଗ୍ରୀଡକୋ ପିପିଏ କାର୍ଯ୍ୟକାରୀ କରିଛି, ଯେଉଁମାନେ ରାଜ୍ୟର ତାପଜ ଶକ୍ତି ଷ୍ଟେସନମାନଙ୍କୁ କମିଶନ ଦେଉଛନ୍ତି ଏବଂ ରାଜ୍ୟ ସରକାରଙ୍କ ଗାଇଡ ଲାଇନ ବା ପରାମର୍ଶ ଧାରା ଅନୁଯାୟୀ ପ୍ରତି ଉତ୍ପାଦନକାରୀ ଷ୍ଟେସନରୁ ଗ୍ରୀଡକୋର ଭାଗ ଅଛି। ଆଶୁ ସମୟର ବ୍ୟବଧାନରେ ଗ୍ରୀଡକୋ ଆଇପିପିମାନଙ୍କର ସମୁନ୍ନତିକୁ ମତାୟନ କରିଆସୁଛି ଏବଂ ପ୍ରୋଜେକ୍ଟମାନଙ୍କର ସହଳ କମିଶନଂକୁ ତ୍ୱରାନ୍ୱିତ କରୁଛି। ତେବେ, ସେମିତି କିଛି ବାଧକ କାରଣ ପାଇଁ ବିକାଶ କାରୀମାନେ ପ୍ରୋଜେକ୍ଟସମୂହର ସହଳ କମିଶନିଂ ପାଇଁ ସେମାନଙ୍କର ସର୍ବୋତ୍ତମ ପ୍ରୟାସ ପ୍ରୟୋଗ କରିବାରେ ପଛେଇ ଯାଉଛନ୍ତି।

**ଜନଶୁଣାଣିରେ ନିର୍ଦ୍ଦେଶକ (ତାରିଫ)ଙ୍କ ଦ୍ୱାରା ଉଦ୍ରେକିତ ଯାଞ୍ଚକାରୀ ପ୍ରଶ୍ନ ସମୂହର ଜବାବରେ ଗ୍ରୀଡକୋର ଉତ୍ତର (ପରିଚ୍ଛେଦ ୨୪୩ ରୁ ୨୬୭)**

**ଶକ୍ତି ଚାହିଦା**

୨୪୩. ବିତରକ କଂପାନୀମାନଙ୍କର ପାଞ୍ଚ ବର୍ଷିଆ ବ୍ୟବସାୟିକ ଖସଡା (ଆର୍ଥିକ ବର୍ଷ ୨୦୦୮-୦୯ ଠାରୁ ଆର୍ଥିକ ବର୍ଷ ୨୦୧୨-୧୩) ଅନୁଯାୟୀ ୨୦୮୪୬ ଲକ୍ଷ ୟୁନିଟର ପ୍ରଦର୍ଶନକୁ ଭିତ୍ତି କରି (ଯାହା ଓପିଟିଏସଏଲର ବ୍ୟବସାୟିକ ଖସଡାରେ ପ୍ରତିଫଳିତ) ଓପିଟିସିଏଲ ପଦ୍ଧତିରେ ୪.୩୦%ର  ସରବରାହ କ୍ଷତିକୁ ମିଶାଇ ଗ୍ରୀଡକୋ ଆବଶ୍ୟକୀୟ ଉପଲବ୍ଧ ଶକ୍ତି କ୍ରୟ ପରିମାଣକୁ ୨୧୭୯୩.୧୦ ଲକ୍ଷ ୟୁନିଟ ଭାବେ ପ୍ରଦର୍ଶନ କରିଛି। ଏଭଳି ଏକ ପରିମାଣ କ୍ରୟର ପ୍ରଦର୍ଶନ ଏହି ଆଶା ନେଇ କରାଯାଇଛି ଯେ, ବିଭିନ୍ନ ଷ୍ଟେସନରୁ ଗ୍ରୀଡକୋର ଭାଗ-ପରିମାଣ ସହିତ ସିଜିପିସମୂହ, ଆଇପିପିସମୂହ, କୋ-ଜେନେରେସନ ପ୍ଲାଣ୍ଟ ସମୂହ ଓ ରିନ୍ୟୁଏବଲ ଶକ୍ତି ଉତ୍ସମାନଙ୍କରୁ ଏକ ଆଖିଦୃଶିଆ ପରିମାଣର ଶକ୍ତି ପାଇବାକୁ ଗ୍ରୀଡକୋ ଏକ ସକ୍ଷମ-ସ୍ଥିତିରେ ରହିବେ। ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଏଆର୍‌ଆର୍ ଏବଂ ବିଏସପି ଆବେଦନ ପତ୍ରରୁ ପ୍ରାପ୍ତ ତଥ୍ୟ ମୂଳେ , ଉପରୋକ୍ତ ୨୧୭୯୩.୧୦ ଲକ୍ଷ ୟୁନିଟର ଶକ୍ତିର କ୍ରୟ ଦାମ ହିସାବ କଲେ ୪୦୯୬.୦୯ କୋଟି ଟଙ୍କା ହେବ। ଏଭଳି ଏକ ଉଚ୍ଚା କ୍ରୟ ଦରକୁ ଭରଣା କରିବା ନିମନ୍ତେ ୨୦୦୯-୧୦ଆର୍ଥିକ ବର୍ଷ ପାଇଁ ଅନୁମୋଦିତ ୟୁନିଟ ପିଛା ୧୨୨.୨୦ ପଇସାର ଏକ ସ୍ଥୁଳ ଯୋଗାଣ ଦର ବିପକ୍ଷରେ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ୟୁନିଟ ପିଛା ୨୬୨.୮୯ ପଇସାର ଏକ ସ୍ଥୁଳ ଯୋଗାଣ ଦରକୁ ଗ୍ରୀଡକୋ ପ୍ରଦର୍ଶନ କରିଛି।

୨୪୪. ଯେତେବେଳେ ବିତରକ କଂପାନୀଙ୍କର ଅଧିକ ପରିମାଣର ଶକ୍ତି ଚାହିଦାକୁ ଭେଟିବା ନିମନ୍ତେ ଅତିରିକ୍ତ ଶକ୍ତି କ୍ରୟ ପାଇଁ ଆୟୋଗ ସ୍ୱୀକୃତି ଦିଅନ୍ତି, ସେତେବେଳେ ଗ୍ରୀଡକୋକୁ ଏହି ଅତିରିକ୍ତ ଆବଶ୍ୟକୀୟ ଶକ୍ତିକୁ ସିଜିପିମାନଙ୍କ ଠାରୁ କିମ୍ବା ବାହାର ରାଜ୍ୟରୁ ଅଧିକ ଦାମରେ ଆମଦାନୀ କରି ଆଣିବାକୁ ପଡିଥାଏ। ଅତଏବ ରାଜ୍ୟର ୨୦୧୦-୧୧ ଆ.ବ. ପାଇଁ ଶକ୍ତି ଆବଶ୍ୟକତାର ଅନୁମୋଦନ ନିମନ୍ତେ, ଗ୍ରୀଡକୋର ଏଆରଆର୍‌ରେ ୪୦୯୬.୯୯ କୋଟି ଟଙ୍କାର ପ୍ରଦର୍ଶିତ ପରିମାଣ ନିମେନ୍ତ ଆୟୋଗ ବିଚାର କରିବା ବାଂଛନୀୟ। ଏହି ପରିପ୍ରେକ୍ଷୀରେ ଗ୍ରୀଡକୋ ଆୟୋଗଙ୍କୁ ଲିଖିତ ଉପସ୍ଥାପନା ଦେଇଛି ଯେ, ପ୍ରଦର୍ଶିତ ମତେ ଏହା ଅଧିକ ପରିମାଣର ଶକ୍ତି ଯୋଗାଇବାକୁ ସମର୍ଥ ହୋଇପାରିବ, ଯଦି ଏହି ଉଚ୍ଚା ଦାମକୁ ସ୍ଥୁଳ ଯୋଗାଣ ଦରରେ ଆୟୋଗ ଅନୁମତି ଦିଅନ୍ତି।

**<u>ଓପିଜିସିର ସଂଶୋଧିତ ପିପିଏର ଆଇନଗତ ସ୍ଥିତି</u>**

୨୪୫. ୨୧.୬.୦୮ର ଜାରି କରାଯାଇଥିବା ସରକାରୀ ବିଜ୍ଞପ୍ତି ମୂଳେ, ୧୩.୮.୯୬ ରେ ସେମାନଙ୍କ ମଧ୍ୟରେ ହୋଇଥିବା ପ୍ରଚଳିତ ପିପିଏର ସଂଶୋଧନ ପାଇଁ ଗ୍ରୀଡକୋ ଏବଂ ଓପିଜିସି ବଦ୍ଧପରିକର ହୋଇଥିଲେ। ଏହି ମିଳିତ ରାଜିନାମାରେ ପ୍ରଚଳିତ ପିପିଏର ଡ୍ରାଫ୍ଟ ସଂଶୋଧନକୁ ଗ୍ରୀଡକୋ ପୁନଃବିଚାର ପାଇଁ ୨.୪.୨୦୦୯ରେ ରାଜ୍ୟ ସରକାରଙ୍କ ନିକଟକୁ ପଠାଇ ଦେଇଛି। ରାଜ୍ୟ ସରକାରଙ୍କ ଠାରୁ ଉପଯୁକ୍ତ ସ୍ପଷ୍ଟିକରଣ ପାଇ ସାରିଲା ପରେ, ସଂଶୋଧିତ ପିପିଏକୁ କାର୍ଯ୍ୟକାରୀ କରାଯିବ ଏବଂ ଓପିଜିସି ଓ ଗ୍ରୀଡକୋ ମିଳିତ ଭାବେ ଓଇଆରସିଙ୍କର ଅନୁମୋଦନ ନିମନ୍ତେ ତାହାକୁ ଆଗତ କରିବେ।

୨୪୬. ଗ୍ରୀଡକୋ, ଓପିଜିସି ଏବଂ ରାଜ୍ୟ ସରକାର ୧୫.୧୦.୧୯୯୮ରେ ଏକ ତ୍ରିପାକ୍ଷିକ ରାଜିନାମା ସ୍ୱାକ୍ଷର କରିଥିଲେ। ସ୍ୱାକ୍ଷରିତ ଏହି ମିଳିତ ତଥ୍ୟାବଳୀର ସଂଶୋଧନ ପାଇଁ ବିଚାର କରାଯାଇଥିଲା ଏବଂ ଉପରୋକ୍ତ ବର୍ଣ୍ଣିତ ମତେ ସମାନ ଢାଞ୍ଚାରେ ପିପିଏ ସହ ତାହାକୁ ଓଇଆରସିଙ୍କ ସମକ୍ଷରେ ଆଗତ କରାଯାଇଥିଲା। ତା'ପରେ , ୯.୪.୨୦୦୯ରେ ଏହି ତ୍ରିପାକ୍ଷିକ ରାଜିନାମା ସମ୍ବଳିତ ଡ୍ରାଫ୍ଟକୁ ରାଜ୍ୟ ସରକାରଙ୍କ ଅନୁମୋଦନ ନିମନ୍ତେ ଗ୍ରୀଡକୋ ପଠାଇଥିଲା। ରାଜ୍ୟ ସରକାର ପୂର୍ବବର୍ତ୍ତୀ ୨୧.୬.୨୦୦୮ ର ବିଜ୍ଞପ୍ତିରେ ଆଂଶିକ ସଂଶୋଧନ ସହ ୧୨.୧୦.୨୦୦୯ରେ ଆଉ ଏକ ବିଜ୍ଞପ୍ତି ଜାରି କଲେ। ଫଳରେ, ଗ୍ରୀଡକୋ ରାଜ୍ୟ ସରକାରଙ୍କୁ ପଠାଇଥିବା ତ୍ରିପାକ୍ଷିକ ରାଜିନାମା ସମ୍ବଳିତ ଡ୍ରାଫ୍ଟର ନିହିତ ଉଦ୍ଦେଶ୍ୟ ସମାଧିତ ହୋଇ ପାରିଲା ନାହିଁ, ଯେଣୁ ୧୨.୧୦.୨୦୦୯ର ସରକାରୀ ବିଜ୍ଞପ୍ତିରେ ନିହିତ ବ୍ୟବସ୍ଥା ପାଇଁ ଏହା ସଂଶୋଧନ ଆବଶ୍ୟକ କରୁଥିଲା। ଓପିଜିସି ସହ ପରାମର୍ଶ କ୍ରମେ ତ୍ରିପାକ୍ଷିକ ରାଜିନାମାର ସଂପର୍କିତ ଅଂଶ ବିଶେଷର ସଂଶୋଧନ କରାଯାଇଛି, ଏବଂ ସଂଶୋଧନ କରିବାର କ୍ଷମତା-ସୀମା ମଧ୍ୟରେ ଅପ୍ -ଡେଟ କରାଯାଇଛି। ଏହା ଏବେ ଆଇନାନୁବନ୍ଧ-ଯାଞ୍ଚ ଅପେକ୍ଷାରେ ଅଛି;ଏବଂ ଯାଞ୍ଚ ପରେ ଏହାକୁ ରାଜ୍ୟ ସରକାରଙ୍କ ନିକଟକୁ ଅନୁମୋଦନ ପାଇଁ ପଠାଇ ଦିଆଯିବ। ମୂଳ ତ୍ରିପାକ୍ଷିକ ରାଜିନାମା ସହ ଏହାର ସଂପର୍କ ଦୃଷ୍ଟିରୁ ୬.୧୦.୧୯୯୮ରେ ରାଜ୍ୟ ସରକାର, ଓପିଜିସି ଏବଂ ଏଇଏସ୍ କର୍ପୋରେସନ ମଧ୍ୟରେ ସ୍ୱାକ୍ଷରିତ ଭାଗୀଦାରୀ-ରାଜିନାମା ସଂପର୍କିତ କୌଣସି ପରିବର୍ତ୍ତନକୁ ସରକାରୀ ସ୍ତରରେ ଗ୍ରହଣ କରାଯାଇ ପାରିବ। ସଂପ୍ରତି ତ୍ରିପାକ୍ଷିକ ରାଜିନାମା ସମ୍ବଳିତ ଡ୍ରାଫ୍ଟର ଚୂଡାନ୍ତକରଣ ପାଇଁ ଓପିଜିସି ଓ ଗ୍ରୀଡକୋ ପ୍ରୟାସ

କରୁଛନ୍ତି, ଯାହାଫଳରେ ରଜ୍ୟ ସରକାରଙ୍କ ଦ୍ୱାରା ଯଥୋଚିତ କ୍ଲିଏରାନ୍ସ ପରେ ସଂଶୋଧିତ ପିପିଏ ଏବଂ ତ୍ରିପାକ୍ଷିକ ରାଜିନାମାକୁ ଓଇଆରସିଙ୍କ ସମକ୍ଷରେ ଆଗତ କରାଯାଇ ପାରିବ।

**ଟିଟିପିଏସ୍‌ର ସ୍ଥିର ଦର**

୨୪୭. ୨୦୦୪-୦୫ ଆର୍ଥିକ ବର୍ଷ ଠାରୁ ୨୦୦୬-୦୭ ଆର୍ଥିକ ବର୍ଷ ମଧ୍ୟରେ 'ମରାମତି ଓ ତୁଲାଜମା' ପାଇଁ ଅତିରିକ୍ତ ମୂଳଧନୀକୃତ ବ୍ୟୟର ପ୍ରଭାବକୁ ବିବେଚନା କଲା ପରେ କେନ୍ଦ୍ରୀୟ ବିଦ୍ୟୁତ୍ ନିୟାମକ ଆୟୋଗ ତାଙ୍କର ୩.୨.୨୦୦୯ର ଆଦେଶନାମାରେ ୨୦୦୪-୦୫ ଆର୍ଥିକ ବର୍ଷ ଠାରୁ ୨୦୦୮-୦୯ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଟିଟିପିଏସ୍ ବାର୍ଷିକ ସ୍ଥିର ଦରକୁ ସଂଶୋଧନ କରିଥିଲେ। ତେଣୁ କାର୍ଯ୍ୟକାରୀ ମୂଳଧନ ଉପରେ ସୁଧ ହିସାବର ସଂଶୋଧନ ଯୋଗୁ ପୁନର୍ବାର କେନ୍ଦ୍ରୀୟ ଆୟୋଗ ତାଙ୍କର ୧୧.୧.୨୦୧୦ ଓ ୯.୨.୨୦୧୦ର ପିଟିସନ ନଂ-୩୧/୨୦୦୮ରେ ଟିଟିପିଏସର ସ୍ଥିର ଦରକୁ ସଂଶୋଧନ କରିଛନ୍ତି ଏବଂ ଏହା ଏନଟିପିସି ଦ୍ୱାରା ପ୍ରବର୍ତ୍ତିତ ହେବାକୁ ତଥାପି ବାକି ଅଛି। ପୁନଶ୍ଚ, ୨୦୦୭-୦୮ ଆର୍ଥିକ ବର୍ଷ ଓ ୨୦୦୮-୦୯ ଆର୍ଥିକ ବର୍ଷ ପାଇଁ ଅତିରିକ୍ତ ମୂଳଧନୀକରଣକୁ ବିବେଚନା କରି ୨୪.୮.୨୦୦୯ରେ ଟିଟିପିଏସର ସ୍ଥିର ଦରର ସଂଶୋଧନ ପାଇଁ ଏନଟିପିସି କେନ୍ଦ୍ରୀୟ ଆୟୋଗ ବା ସିଆଇଆରସି ସମକ୍ଷରେ ଆବେଦନ କରିଛି ଏବଂ ଏହା ପିଟିସନ ନଂ -୧୮୪/୨୦୦୯ରେ ସିଇଆରସିଙ୍କ ଦ୍ୱାରା ଚୂଡାନ୍ତ ହେବାକୁ ତଥାପି ବାକି ଅଛି। ନିମ୍ନ ସାରଣୀରେ ଏହାର ପୁଙ୍ଖାନୁପୁଙ୍ଖତାର ପ୍ରଦର୍ଶନ କରାଗଲା।

ସାରଣୀ-୧୫

(କୋଟି ଟଙ୍କାରେ)

| ବର୍ଷ | ୨୦୦୪-୦୫ | ୨୦୦୫-୦୬ | ୨୦୦୬-୦୭ | ୨୦୦୭-୦୮ | ୨୦୦୮-୦୯ |
|---|---|---|---|---|---|
| ୦୩.୦୨.୨୦୦୪ର ସିଇଆରସି ଆଦେଶନାମା ଅନୁଯାୟୀ | ୧୮୬.୮୭ | ୧୯୩.୩୮ | ୧୯୫.୭୩ | ୧୯୮.୬୩ | ୧୯୯.୩୭ |
| ୧୧.୦୧.୨୦୧୦ ଓ ୦୯.୦୨.୨୦୧୦ ର ସିଇଆରସି ଆଦେଶନାମା ଅନୁଯାୟୀ | ୧୮୬.୮୭ | ୧୯୩.୩୮ | ୧୯୫.୭୩ | ୧୯୯.୩୮ | ୨୦୦.୮୮ |
| ୨୪.୦୮.୨୦୦୯ର ଏନ୍.ଟି.ପି.ସି ଦାଖଲନାମା ଅନୁଯାୟୀ | ୧୮୮.୩୫ | ୧୯୫.୬୭ | ୧୯୮.୬୯ | ୨୦୭.୬୬୫ | ୨୧୭.୩୯ |

୨୪୮. ପୁନଶ୍ଚ, ୨୦୦୯ର ନୂଆ ସିଇଆରସି ତାରିଫ ନିୟମାବଳୀ ଅନୁଯାୟୀ ପିଟିସନ ନଂ -୩୦୪/୨୦୦୯ ମୂଳେ, ୨୦୦୯-୧୦ ଆର୍ଥିକ ବର୍ଷ ଠାରୁ ଆରମ୍ଭ କରି ଆଗାମୀ ୫ ବର୍ଷ ପାଇଁ ସ୍ଥିର ଦେୟ-ଦରର ସଂଶୋଧନ ତଥା ଟିଟିପିଏସଠାରୁ ପାଇବାକୁ ଥିବା ବାକିଆ ପରିମାଣ ଶକ୍ତିର ଦେୟ-ଦର ହାରର ସଂଶୋଧନ ପାଇଁ ୩୦.୧୧.୨୦୦୯ରେ ଏନଟିପିସି ସିଇଆରସିଙ୍କ ସମକ୍ଷରେ ଆବେଦନ କରିଛି। ସିଇଆରସିଙ୍କର ଫଇସଲା ଉଦ୍ଦେଶ୍ୟରେ ପିଟିସନଟି ସ୍ଥଗିତ ଅବସ୍ଥାରେ ପଡିରହିଛି। ଏହାର ଏକ ସାରଣୀ ନିମ୍ନରେ ଦିଆଗଲା।

ସାରଣୀ-୧୬

| ବର୍ଷ | ୨୦୦୯-୧୦ | ୨୦୧୦-୧୧ | ୨୦୧୧-୧୨ | ୨୦୧୨-୧୩ | ୨୦୧୩-୧୪ |
|---|---|---|---|---|---|
| ସ୍ଥାୟୀ ଦେୟ (କୋଟି ଟଙ୍କାରେ) | ୩୩୮.୫୭ | ୩୫୩.୧୮ | ୩୬୮.୩୧ | ୩୮୧.୬୯ | ୩୭୮.୯୦ |

| | | | | | |
|---|---|---|---|---|---|
| ଏକ୍ସ-ବସ୍ ଶକ୍ତି ଦେୟ (ପଇସା/କିଲୋୱାଟ୍ ) | ୧୦୮.୬୪ | ୧୦୮.୬୪ | ୧୦୮.୬୪ | ୧୦୮.୬୪ | ୧୦୮.୬୪ |

୨୪୯. ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ଗ୍ରୀଡକୋର ଏଆର୍‌ଆର୍‌ରେ ଅତିରିକ୍ତ ଆର୍ଥିକ ପ୍ରଭାବର ବିବେଚନା ପାଇଁ ଆୟୋଗଙ୍କ ଦ୍ୱାରା ଉତଥାପିତ ପ୍ରଶ୍ନର ସନ୍ତୋଷଜନକ ଉତ୍ତରରେ 'ବାର୍ଷିକ ସ୍ଥିର ଦର', 'ଶକ୍ତି ଦେୟ-ଦର', 'ମୂଲ୍ୟ-ହ୍ରାସର ହିସାବ', 'ଋଣ ଉପରେ ସୁଧ', 'ନିବେଶିତ ମୂଳଧନର ଲାଭାଂଶ ଫେରସ୍ତ', 'କାର୍ଯ୍ୟସୂଚୀ ପରିଚାଳନାର ମାପଦଣ୍ଡ ସମୂହ', 'ମାଧ୍ୟମିକ ଜାଳେଣି ତେଲର ଦର', 'କାର୍ଯ୍ୟକାରୀ ମୂଳଧନ ଉପରେ ସୁଧ', 'ପ୍ରସ୍ତାବିତ ଅତିରିକ୍ତ ମୂଳଧନୀକୃତ ଜମାର ବର୍ଷ-ୱାରୀ ହିସାବର ବିବରଣୀ' ଆଦି ଏନଟିପିସି ଦ୍ୱାରା ଆଗତ କରାଯାଇଥିବା ଏନଟିପିସି ପିଟିସନର ସଂପର୍କିତ ସାରାଂଶସମୂହକୁ ୨୫.୧.୨୦୧୦ରେ ଓଇଆରସିଙ୍କ ସମକ୍ଷରେ ଉପସ୍ଥାପନ କରାଯାଇଛି। ଉପରୋକ୍ତ ଅବତାରଣାମନ୍ତେ, ଗ୍ରୀଡକୋ ଉପସ୍ଥାପନ କରିଛି ଯେ, ଆୟୋଗ ୨୭୫.୬୬ କୋଟି ଟଙ୍କା ପରିବର୍ତ୍ତେ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଟିଟିପିଏସ୍ ଉଦ୍ଦେଶ୍ୟରେ ୩୫୩.୧୮ କୋଟି ଟଙ୍କାର ସ୍ଥିର ଦରକୁ ସାମୟିକ ଭାବେ ବିବେଚନା କରିପାରନ୍ତି; ଅନ୍ୟଥା ଟିଟିପିଏସ୍ ର ଶକ୍ତି ଦାମର ଭରଣାରେ ଏକ ବଡ ଧରଣର ପାର୍ଥକ୍ୟ ସୃଷ୍ଟି ହେବ।

**<u>କେନ୍ଦ୍ରୀୟ ଉତ୍ପାଦନକାରୀ ଷ୍ଟେସନ ମାନଙ୍କର ସ୍ଥିର ଦରରେ ଆୟକରର ଭରଣା</u>**

୨୫୦. ୨୦୦୯, ଏପ୍ରିଲ ୧ ଠାରୁ ଆରମ୍ଭ କରି ୨୦୧୪ ,ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଆଗାମୀ ୫ ବର୍ଷର ସମୟ ଅବଧି ପାଇଁ ସିଇଆରସି ଟାରିଫ ନିୟମାବଳୀ, ୨୦୦୯ର ସମୟକୁ ସମୟ ନିୟମ ସମୂହ ଓ ସର୍ତ୍ତାବଳୀକୁ ଚୂଡାନ୍ତ କରିଛନ୍ତି। ଯେଣୁ, ଏକକ ଷ୍ଟେସନଗୁଡିକ ପାଇଁ ନୂଆ ଟାରିଫ ଆଦେଶନାମା ସିଇଆରସିଙ୍କ ଦ୍ୱାରା ତଥାପି ଚୂଡାନ୍ତକରଣ ହୋଇନାହିଁ, ତେଣୁ ଟାରିଫ ନିୟମାବଳୀର ମାପକ/୨୦୦୪ ର ଆଦେଶନାମା ସହ ସମତାଳରେ ଏବଂ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ୨୦୦୮-୦୯ ଆର୍ଥିକ ବର୍ଷର ସ୍ଥିର ଦରକୁ ବିବେଚନା କରି ଏନଟିପିସି ବିଲ୍ ପ୍ରସ୍ତୁତ କରୁଛି। ଅତଏବ, ଆର୍ଥିକ ବର୍ଷ ୨୦୧୦-୧୧ ପାଇଁ ତା'ର ଏଆର୍‌ଆର୍ ଆବେଦନପତ୍ରରେ ୨୦୦୮-୦୯ ଆର୍ଥିକ ବର୍ଷ ପାଇଁ ଯଥା ଉଦ୍ଦିଷ୍ଟ ଷ୍ଟେସନମାନଙ୍କ ଉଦ୍ଦେଶ୍ୟରେ ସିଇଆରସିଙ୍କ ଅନୁମୋଦନ ମତେ କେନ୍ଦ୍ରୀୟ ଉତ୍ପାଦନକାରୀ ଷ୍ଟେସନସମୂହ ପାଇଁ ଗ୍ରୀଡକୋ ସ୍ଥିର ଦରର ବିବେଚନା କରିଛି।

୨୫୧. ଟାରିଫ ନିୟମାବଳୀ/ଆଦେଶନାମା, ୨୦୦୪ର ମାପଦଣ୍ଡ ଅନୁଯାୟୀ, ଆୟକର ସ୍ଥିର ଦାମରେ ଅନ୍ତର୍ଭୁକ୍ତ ନୁହେଁ ଏବଂ ଏହା ଏନଟିପିସି ଦ୍ୱାରା କରାଯାଉଥିବା ପ୍ରକୃତ ଦେୟ ପ୍ରଦାନ ଅନୁଯାୟୀ ଦିଆଯାଇଥାଏ। କିନ୍ତୁ ଟାରିଫ ନିୟମାବଳୀ/ଆଦେଶନାମା , ୨୦୦୯ ଅନୁଯାୟୀ, ଆୟକର ହେଉଛି ନିବେଶିତ ମୂଳଧନ ଉପରେ ଲାଭାଂଶ ଫେରସ୍ତ ପରିମାଣର ଏକ ଅଂଶବିଶେଷ, ଯାହା ସ୍ଥିର ଦରର ଏକ ଉପାଦାନ ଅଟେ। ତେଣୁ, ନୂଆ ମାପଦଣ୍ଡ ଅନୁଯାୟୀ, ଆୟକର ବାବଦକୁ କୌଣସି ସ୍ୱତନ୍ତ୍ର ବିଲ୍ ପ୍ରସ୍ତୁତ କରାଯିବା ଉଚିତ ନୁହେଁ। ସେ ଯା' ହେଉ ନା କାହିଁକି, ଯେହେତୁ ନୂଆ ମାପଦଣ୍ଡ ଅନୁଯାୟୀ ଆୟ କର ଶୀର୍ଷକରେ କୌଣସି ବିଲ ପ୍ରସ୍ତୁ ତ କରାଯିବାର ଅବକାଶ ନାହିଁ ଏବଂ ଆୟକର ବାବଦରେ ଏନଟିପିସି ବାସ୍ତବରେ ଅଧିକ ପରିମାଣର ଅର୍ଥ ହେଉଛି, ସେହେତୁ ଏନଟିପିସି 'ଅତିରିକ୍ତ ମୂଳଧନୀକରଣ' ଶୀର୍ଷକରେ ସେହି ପରିମାଣକୁ ଦେଖାଉଛି। ଏହି ପରିପ୍ରେକ୍ଷୀରେ, ଗ୍ରୀଡକୋ ଓ ଏନଟିପିସି ମଧ୍ୟରେ ଏକ ବୈଠକର ଅନୁଷ୍ଠାନ ହୋଇଥିଲା, ଯେଉଁଥିରେ ଏନଟିପିସି ସ୍ପଷ୍ଟ କରିଦେଇଥିଲା ଯେ, ଆୟକରର ପରିମାଣ ଯେଣୁ ଅତି ଅଧିକ ଅଟେ ଏବଂ ସିଧାସଳଖ ଦେୟ ପ୍ରଦାନ କିମ୍ବା ଲାଭାଂଶଫେରସ୍ତ ଜରିଆରେ ଗ୍ରୀଡକୋକୁ ଏହା ଦେବାକୁ ପଡିବ, ତେଣୁ ଗ୍ରୀଡକୋ ଉପରେ ଏକାକାଳୀନ ଅପ୍ରତ୍ୟାଶିତ ଆର୍ଥିକ ବୋଝକୁ ଏଡାଇବା ନିମନ୍ତେ ଆୟକର ବାବଦକୁ ଦେୟ-ଯୋଗ୍ୟ ପରିମାଣକୁ 'ଅତିରିକ୍ତ ମୂଳଧନୀକରଣ' ଶୀର୍ଷକ ଜରିଆରେ ଦେଖାଇ ଦିଆଯାଇଛି। ଏନଟିପିସି ଷ୍ଟେସନସମୂହ ପାଇଁ ଏକକ ଆଦେଶନାମାସମୂହ ଜାରି କରାଯାଇସାରିଲା ପରେ ଗ୍ରୀଡକୋ ଦେଇଥିବା ଅର୍ଥ ପରିମାଣ ଯଥା ଉର୍ଦ୍ଦିଷ୍ଟ ଷ୍ଟେସନର ସ୍ଥିର ଦାମ ବାବଦକୁ ଯଥାଭାବେ ସହ-ସାମିଲକରଣ କରାଯିବ। ଉପରୋକ୍ତ ଅବତାରଣା ମୂଳେ, ସ୍ଥିର ଦାମ ସହ ଯୋଗକାରକ ଭାବେ ଅତିରିକ୍ତ ମୂଳଧନୀକରଣ ବାବଦକୁ

ଟିଏସଟିପିଏସ୍ -୧ ପାଇଁ ୯୪.୨୨ କୋଟି, ଟିଏସଟିପିଏସ-୨ ପାଇଁ ୧୬୩.୭୨ କୋଟି, ଏଫଏସଟିପିଏସ ପାଇଁ ୧୦୮.୩୬ କୋଟି ଏବଂ କେଏଚ୍ ଏସଟିପିଏସ୍ ପାଇଁ ୫୧.୬୮ କୋଟି ଟଙ୍କାର ଆୟକରକୁ ଗ୍ରୀଡକୋ ବିବେଚନା କରିଛି।

୨୫୨. ଇତି ମଧ୍ୟରେ, ଆର୍ଥିକ ବର୍ଷ ୨୦୦୯-୧୦ରୁ ଆର୍ଥିକ ବର୍ଷ ୨୦୧୩-୧୪ ପର୍ଯ୍ୟନ୍ତ ସମୟ ଅବଧି ପାଇଁ ଉପରୋକ୍ତ ଉତ୍ପାଦନକାରୀ ଷ୍ଟେସନମାନଙ୍କର ତାରିଫ ସ୍ଥିରୀକରଣ ପାଇଁ ଏନ୍‌ଟିପିସି ଆବେଦନ ଉପସ୍ଥାପନ କରିଛି, ଲକ୍ଷ୍ୟ କରାଯାଇଛି ଯେ, ଭିନ୍ନ ଭିନ୍ନ ଷ୍ଟେସନ ପାଇଁ ଏନଟିପିସି ଦ୍ୱାରା ଦାବୀ କରାଯାଇଥିବା ବାର୍ଷିକ ସ୍ଥିର ଦେୟ-ଦର ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଗ୍ରୀଡକୋ ତା'ର ଏଆରଆର୍‌ରେ ଦର୍ଶାଇଥିବା ପରିମାଣଠାରୁ ଯଥେଷ୍ଟ ଅଧିକ ଅଟେ। ସେହି ଅନୁଯାୟୀ, ଏନଟିପିସି ଆୟୋଗଙ୍କୁ ଅନୁରୋଧ କରିଛି ଯେ, ସ୍ଥୁଳ ଯୋଗାଣ ଦର ନିର୍ଦ୍ଧାରଣ ପାଇଁ ପୂର୍ବରୁ ଗ୍ରୀଡକୋ ଉପସ୍ଥାପନ କରିଥିବା ପରିମାଣ ପରିବର୍ତ୍ତେ, ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଯଥା-ଉଦ୍ଦିଷ୍ଟ ଷ୍ଟେସନ ଉଦ୍ଦେଶ୍ୟରେ ଏନଟିପିସି ତା'ର ଉପସ୍ଥାପନାରେ ଦାବୀ କରିଥିବା ସ୍ଥିର ଦେୟ-ଦରକୁ ଆୟୋଗ ବିବେଚନା କରିପାରନ୍ତି।

ସାରଣୀ-୧୭

| ଉତ୍ପାଦନକାରୀଙ୍କ ନାମ | ୨୦୧୦-୧୧ ଆର୍ଥିକ ବର୍ଷରେ ଏନ୍‌ଟିପିସି ଦ୍ୱାରା ଦାବୀ କରିଥିବା ସ୍ଥାୟୀ ଦେୟ (କୋଟି ଟଙ୍କାରେ) (ଋସଙ୍ଘରଯ ମଛ୍ଷଗ୍ପ ବସ୍ମ ମକ୍ଷବସଙ୍କରଯ ଈଛ ଘଞ୍ଚଡ ସଭ ସପ୍ପସ୍ମ ଚରପ୍ପସପ୍ପସଷ୍ଟଭ ଲଷ୍ଟକ୍ସ ପ୍ପଷର ଋଣ ୨୦୧୦-୧୧) | ଗ୍ରୀଡ଼କୋର ଭାଗ (%) | ଗ୍ରୀଡ଼କୋ (କୋଟି ଟଙ୍କାରେ) |
|---|---|---|---|
| ଏଫଏସଟିପିଏସ | ୮୪୬.୦୪ | ୧୩.୬୩ | ୧୧୫.୩୨ |
| କେଏଚଏସଟିପିଏସ-୧ | ୫୧୯.୮୧ | ୧୫.୨୪ | ୭୯.୨୨ |
| କେଏଚଏସଟିପିଏସ-୨ | ୧୨୪୦.୬୫ | ୦.୬୦ | ୭.୪୪ |
| ଟିଏସ୍‌ଟିପିଏସ (ଷ୍ଟେଜ-୧) | ୫୬୧.୨୩ | ୩୧.୮୦ | ୧୭୮.୪୭ |
| ଟିଏସଟିପିଏସ (ଷ୍ଟେଜ-୨) | ୧୧୪୫.୦୧ | ୧୦.୦୦ | ୧୧୪.୫୦ |
| ସମୁଦାୟ | **୪୩୧୨.୭୪** | | **୪୯୪.୯୫** |

**<u>ବାକିଆ ସ୍ଥୁଳ ଯୋଗାଣ ଦେୟ-ଦର</u>**

୨୫୩. ବିତରକ କଂପାନୀଙ୍କ ଦ୍ୱାରା ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ(୨୩.୨.୨୦୧୦ ସୁଦ୍ଧା)ନିମ୍ନ ସାରଣୀରେ ପ୍ରଦର୍ଶନମତେ ବାକିଆ ସ୍ଥୁଳ ଯୋଗାଣ ଦେୟ-ଦର ନିର୍ଦ୍ଧାରଣ କରାଯାଇଛି।

ସାରଣୀ-୧୮

| ବଣ୍ଟନକାରୀ କମ୍ପାନୀମାନଙ୍କ ନାମ | ଓଇଆରସି ଦ୍ୱାରା ଅନୁମୋଦନ (କୋଟି ଟଙ୍କାରେ) | ବାସ୍ତବ ଅର୍ଥ ପ୍ରଦାନ (କୋଟି ଟଙ୍କାରେ) |
|---|---|---|
| ସେସୁ | ୧୫୧.୦୦ | ୭୪.୨୦ |
| ସାଉଥ୍‌କୋ | ୧୯.୦୦ | ୮.୯୦ |
| ସମୁଦାୟ | ୧୭୦.୦୦ | ୮୩.୧୦ |

**<u>ୟୁଆଇ ଏବଂ ବିପଣନ</u>**

୨୫୪. ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ୨୦.୩.୨୦୦୯ ର ଏଆରଆର୍ ଏବଂ ସ୍ଥୁଳ ଯୋଗାଣ ଦର ଆଦେଶ ନାମାରେ ୮୮୨.୮୫ କୋଟି ଟଙ୍କାର ଏକ ପାର୍ଥକ୍ୟକୁ (୩୨.୬୩ କୋଟି ଟଙ୍କାର ପେନସନ ଟ୍ରଷ୍ଟ ବଂଧକ ପରିଶୋଧ୍ୟ ପରିମାଣକୁ ବାଦ୍ ଦେଇ) ୟୁଆଇ ଏବଂ ବିପଣନରୁ ଅର୍ଜିତ ରାଜସ୍ୱ ଜରିଆରେ ଭରଣା କରିବାକୁ ଆୟୋଗ ଅନୁମତି ଦେଇଥିଲେ। ୨୦୦୯-୧୦ ଆର୍ଥିକ ବର୍ଷରେ ରାଜ୍ୟର ବର୍ଦ୍ଧିତ ଚାହିଦା ସହ ଅନୁପଯୁକ୍ତ ପରିମାଣର ବୃଷ୍ଟିପାତ ଯୋଗୁ ଜଳ ବିଦ୍ୟୁତ ଶକ୍ତିର ଉତ୍ପାଦନ ଯଥେଷ୍ଟ କମିଥିଲା। ତେଣୁ, ୟୁଆଇ କିମ୍ବା ବିପଣନରୁ ରାଜସ୍ୱ ଆୟ କରିବାର ସୁଯୋଗ ନ ଥିଲା। ଅପର ପକ୍ଷରେ , ରାଜ୍ୟର ଶକ୍ତି ଚାହିଦାର ଆବଶ୍ୟକତାକୁ ପୂରଣ କରିବା ନିମନ୍ତେ ବରଂ ୟୁଆଇ ଏବଂ ବିପଣନ ବା ଟ୍ରେଡ଼ିଂ ଜରିଆରେ ପଡୋଶୀ ରାଜ୍ୟରୁ ଶକ୍ତି କ୍ରୟ (ଆମଦାନୀ) କରିଛି, ଯାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

- ଗୀଡକୋର ନକରାତ୍ମକ ଶକ୍ତି ଉଠାଣ ଅର୍ଥାତ୍ ପରିସ୍ଥିତିର ବାଧକତାରେ ଶକ୍ତି ଉଠାଣ
- ଅନୁରୋଧ/ଅନୁନୟ ଦ୍ୱାରା ଶକ୍ତି ଉଠାଣ
- ଅଧିକ ଦର ଦେଇ ଶକ୍ତି ଉଠାଣ
- ବିତରକ କଂପାନୀଙ୍କୁ ନକରାତ୍ମକ ଦେୟ-ଦର ବା ଅଧିକ ଦର ଲାଗୁ କରିବା

ସାରଣୀ- ୧୯

ବ୍ୟାପାର

| କ୍ର.ସଂ | ବ୍ୟାପାର ମଞ୍ଚ **Trading Platform** | ଶକ୍ତି ବ୍ୟାପାର(ଏମ୍.ୟୁ) | ପରିମାଣ (କୋଟି ଟଙ୍କାରେ) |
|---|---|---|---|
| ୧ (କ) | ଭାରତୀୟ ଶକ୍ତି ଏକ୍ସଚେଞ୍ଜ (ବିକ୍ରି) Indian Energy Exchange (Sale) | ୦.୯ | ୦.୭୮୩ |
| ୧ (ଖ) | ଭାରତୀୟ ଶକ୍ତି ଏକ୍ସଚେଞ୍ଜ (କ୍ରୟ) Indian Energy Exchange (Purchase) | -୨୦.୯୧୯୨୫ | -୫.୧୫୮ |
| | ବାସ୍ତବିକ କ୍ରୟ | -୨୦.୦୧୯୨୫ | -୪.୩୭୫ |
| ୨ | ନାଲ୍‌କୋ ଦ୍ୱାରା ଦ୍ୱି-ପାକ୍ଷିକ ବ୍ୟାପାର (କ୍ରୟ) | -୨୦.୭ | -୮.୦୨୦ |
| | ସମୁଦାୟ | -୪୦.୭୧୯୨୫ | -୧୨.୩୯୫ |

ସାରଣୀ- ୨୦ ଆର୍ଥିକ ବର୍ଷ ୨୦୦୯-୧୦ ପାଇଁ ଏ.ବି.ଟି ଢାଞ୍ଚାର କାର୍ଯ୍ୟ ସମ୍ପାଦନ ଅନୁଯାୟୀ ମାସିକ ୟୁ.ଆଇ ଦେୟ ପ୍ରାପ୍ତବ୍ୟ/ପ୍ରଦେୟ

**(MONTH-WISE UI CHARGES RECEIVABLE / PAYABLE FOR FY 2009-10 UNDER ABT MODE OF OPERATION)**

| ମାସ | ଅନୁସୂଚିତ ଉଠାଣ (ଏମ୍.ୟୁ) **Scheduled Drawl** | ବାସ୍ତବିକ ଉଠାଣ (ଏମ୍.ୟୁ) **Actual Drawl** | ବାସ୍ତବିକ ଅଣ-ଅନୁସୂଚିତ ଅଦଳବଦଳ (ଏମ୍.ୟୁ) **Net Unscheduled** | ବାସ୍ତବିକ ୟୁଆଇ ପ୍ରାପ୍ତବ୍ୟ (ଲକ୍ଷ ଟଙ୍କାରେ) **Net UI Receivable** |
|---|---|---|---|---|
| ଏପ୍ରିଲ-୦୯ | -୫୧୫.୪୩୬୬୯୧ | -୫୪୧.୧୮୭୪୯୦ | [illegible] | [illegible] |
| ମେ-୦୯ | -୫୬୮.୮୧୭୫୭୫ | -୬୯୪.୨୦୩୯୪୦ | -[illegible] ଓଭଗ୍ଧରକ୍ସମଷବଭଶଲ୍ଲ | -୩୫୦୬.୪୭୩୪୯ |

| | | | | |
|---|---|---|---|---|
| ଜୁନ୍-୦୯ | -୬୩୭.୨୧୭୫୫୨ | -୭୫୯.୬୯୪୫୮୫ | -୧୨୨.୪୭୭୦୩୩ | -୫୦୭୬.୬୩୫୧୬ |
| ଜୁଲାଇ-୦୯ | -୫୭୩.୯୪୬୨୨୮ | -୬୫୮.୨୩୭୫୬୮ | -୮୪.୨୯୧୩୪୦ | -୨୬୦୨.୫୮୫୨୬ |
| ଅଗଷ୍ଟ-୦୯ | -୪୯୪.୦୭୫୧୬୬ | -୪୪୬.୮୦୭୭୯୩ | ୪୭.୨୬୭୩୭୩ | ୪୬୩୬.୦୮୮୪୮ |
| ସପ୍ଟେମ୍ବର -୦୯ | -୫୦୫.୩୬୧୧୭୩ | -୬୧୦.୮୪୭୭୯୧ | -୧୦୫.୪୮୬୬୧୮ | -୨୮୬୬.୩୦୮୫୧ |
| ଅକ୍ଟୋବର-୦୯ | -୪୯୦.୬୪୭୫୧୨ | -୫୩୯.୨୪୪୦୯୪ | -୪୮.୫୯୬୫୮୨ | -୮୮୭.୧୭୦୩୭ |
| ନଭେମ୍ବର -୦୯ | -୪୮୪.୧୯୭୨୭୫ | -୬୭୨.୨୨୮୬୦୬ | -୧୮୮.୦୩୧୩୩୧ | -୪୩୩୦.୨୦୨୪୪ |
| ଡିସେମ୍ବର-୦୯ | -୫୨୩.୭୮୬୬୫୭ | -୭୦୧.୫୦୧୫୯୬ | -୧୭୭.୭୧୪୯୩୯ | -୬୪୫୦.୮୭୨୯୦ |
| ଜାନୁୟାରୀ -୧୦ | -୫୪୨.୫୫୧୦୧୬ | -୬୬୭.୦୭୮୨୦୭ | -୧୨୪.୫୨୭୧୯୧ | -୫୨୫୩.୨୪୪୯୮ |
| ସମୁଦାୟ | -୫୩୩୬.୦୩୯୮୪୫ | -୬୨୯୧.୦୩୧୬୭୦ | -୯୫୪.୯୯୧୮୨୫ | -୨୬୭୫୮.୩୬୭୧୬୦ |

(-) ମାନେ ଗ୍ରୀଡ଼କୋ ଦ୍ୱାରା ଉଠାଣ
(+)ଗ୍ରୀଡ଼କୋ ଦ୍ୱାରା ଭରଣ
(-) ମାନେ ଗ୍ରୀଡ଼କୋ ଦ୍ୱାରା ପ୍ରଦେୟ
(+)ଗ୍ରୀଡ଼କୋ ଦ୍ୱାରା ପ୍ରାପ୍ତବ୍ୟ

୨୫୫. ରାଜ୍ୟରେ ଶକ୍ତି ଚାହିଦା ବଢ଼ିବା ସାଂଗକୁ ୨୦୦୯-୧୦ ଆର୍ଥିକ ବର୍ଷରେ କମ ବୃଷ୍ଟିପାତ ଯୋଗୁ ଗ୍ରୀଡକୋକୁ ୟୁଆଇ ଏବଂ ବାହାର ରାଜ୍ୟରୁ ଶକ୍ତି ଆଣିବା ସହ ସିଜିପି ଭଳି ଉତ୍ସମାନଙ୍କରୁ ଉଚ୍ଚା ଦାମରେ ଶକ୍ତି କିଣିବାକୁ ପଡୁଛି। ଫଳରେ ଗ୍ରୀଡକୋ ପାଇଁ ବଡଧରଣର ରାଜସ୍ୱ ପାର୍ଥକ୍ୟ ସୃଷ୍ଟି ହେଉଛି। ବାସ୍ତବରେ, ୨୦୦୯ ଏପ୍ରିଲ ଠାରୁ ଡିସେମ୍ବର ମଧ୍ୟରେ ୬୬୨.୧୪ କୋଟି ଟଙ୍କାର ଆନୁପାତିକ ରାଜସ୍ୱ ପାର୍ଥକ୍ୟ ପରିମାଣ ବିପକ୍ଷରେ ସେହି ସମୟ ମଧ୍ୟରେ ପରିଶୋଧ୍ୟ ଋଣକୁ ମିଶାଇ ପ୍ରକୃତ ରାଜସ୍ୱ ପାର୍ଥକ୍ୟ

ପରିମାଣ ହେଉଛି ୧୪୬୮.୮୯ କୋଟି ଟଙ୍କା । ମୋଟ ଉପରେ ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ପୂର୍ବ ଅଟକଳିତ ୧୬୫୩.୨୩ କୋଟି ଟଙ୍କା ନୁହେଁ, ବରଂ ସାରାବର୍ଷ ପାଇଁ ଗ୍ରୀଡକୋର ସମୁଦାୟ ନିଅଣ୍ଟ ହେଉଛି ୧୮୦୦ କୋଟି ଟଙ୍କା।

୨୫୬. ବିତରକ କଂପାନୀମାନଙ୍କଠାରୁ ବାକିଆ ଦେୟ ବାବଦକୁ ଗ୍ରୀଡକୋର ୧୭୦ କୋଟି ଟଙ୍କା ମଧ୍ୟରୁ ଅଦ୍ୟାବଧି ସେମାନେ ସମୁଦାୟ ୮୩.୧୦ କୋଟି ଟଙ୍କା ଦେଇଛନ୍ତି। ନିକଟ ଭବିଷ୍ୟତରେ ଗ୍ରୀଡକୋର ନିଅଣ୍ଟିଆ ସ୍ଥିତି ସୁଧୁରିବାର ନାହିଁ ଏବଂ ଆଗାମୀ ଦିନମାନଙ୍କରେ ଗ୍ରୀଡକୋ ବଡଧରଣର ଅଭାବନୀୟ ପରିସ୍ଥିତିର ସମ୍ମୁଖୀନ ହେବ ବୋଲି ଆଶଙ୍କା କରାଯାଉଛି। ଉପରୋକ୍ତ ସମସ୍ୟାସମୂହକୁ ଆୟୋଗ ବିଚାର କରି ଗ୍ରୀଡକୋର ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଉପସ୍ଥାପିତ ଏଆର୍‌ଆର୍ ଓ ବିଏସ୍ ପି କୁ ଅନୁମୋଦନ କରିବା ଉଚିତ୍, ଯାହା ଫଳରେ ଏଭଳି ନିଅଣ୍ଟିଆ ସ୍ଥିତିରୁ ମୁକୁଳିବାକୁ ଗ୍ରୀଡକୋ କିଛି ଅଂଶରେ ଆଶ୍ୱାସନା ପାଇବ।

**<u>ବିବିଧ ଆୟ</u>**

୨୫୭. ମେସର୍ସ ନାଲ୍‌କୋ ଏବଂ ମେସର୍ସ ଇମଫା ଦେଉଛନ୍ତି ଦୁଇଟି ଶିଳ୍ପସଂସ୍ଥା , ଯାହାର ନିଜର କାପ୍‌ଟିଭି ଜେନେରେଟିଂ ପ୍ଲାଣ୍ଟ ଅଛି। ସେଥିରୁ ଉତ୍ପାଦିତ ଶକ୍ତିରୁ ସେମାନଙ୍କର ନିଜ ପାଇଁ ଉପଯୋଗ ପରେ ଳଳିବା ଶକ୍ତିକୁ ଗ୍ରୀଡକୋକୁ ଦେଇଥା'ନ୍ତି ଏବଂ ଆବଶ୍ୟକ ପଡିଲେ ଗ୍ରୀଡରୁ ମଧ୍ୟ ଜରୁରୀ ଓ ଫେରସ୍ତ ଶକ୍ତି ଉଠାଇଥାନ୍ତି। ଅତୀତର ବିବରଣୀରୁ ଜଣାପଡିଛି ଯେ, ଏହି ଜରୁରୀକାଳୀନ ଓ ଫେରସ୍ତ ଶକ୍ତି ଉଠାଣର ସୀମା ୨୦୦୭-୦୮ ରେ ୧୦ ଲକ୍ଷ ୟୁନିଟ ପର୍ଯ୍ୟନ୍ତ ହୋଇଛି ଏବଂ ୨୦୦୮-୦୯ ଆର୍ଥିକ ବର୍ଷ ଓ ୨୦୦୯-୧୦ ଆର୍ଥିକ ବର୍ଷରେ (ଡିସେମ୍ବର ୨୦୦୯ପର୍ଯ୍ୟନ୍ତ) କେବଳ ନାଲକୋ କୋଇଲାର ଅଭାବ ଯୋଗୁ ନିଜସ୍ୱ କ୍ୟାପଟିଭ୍ ପ୍ଲାଣ୍ଟରୁ କମ ଶକ୍ତି ଉତ୍ପାଦନ ଯୋଗୁ ଗ୍ରୀଡରୁ ଯଥାକ୍ରମେ ୧୪୪୨.୦୬ ଲକ୍ଷ ୟୁନିଟ୍ ଓ ୨୭୪.୭୮ ଲକ୍ଷ ୟୁନିଟର ଶକ୍ତି ଉଠାଣ କରିଛି। ଗ୍ରୀଡରୁ ଇମ୍ ଫା ର ଶକ୍ତି ଉଠାଣ ସବୁ ସମୟ ପାଇଁ ଅବଶ୍ୟ ନଗଣ୍ୟ ଅଟେ। ୨୦୦୮-୦୯ ଆର୍ଥିକ ବର୍ଷ ଓ ୨୦୦୯-୧୦ ଆର୍ଥିକ ବର୍ଷ (୨୦୦୯ ଡିସେମ୍ବର ପର୍ଯ୍ୟନ୍ତ) ଇମ୍ ଫା ଗ୍ରୀଡରୁ ଯଥାକ୍ରମେ ୦.୩୬ ଲକ୍ଷ ୟୁନିଟ ଓ ୦.୧୨ ଲକ୍ଷ ୟୁନିଟରେ ଶକ୍ତି ଉଠାଇଛି। ଉପରୋକ୍ତ ଦୁଇ ଆର୍ଥିକ ବର୍ଷକୁ ବ୍ୟତିକ୍ରମ ବର୍ଷ ଭାବେ ବିବେଚନା କରି ଗ୍ରୀଡକୋ ଆଶା ରଖିଛି ଯେ, ୨୦୧୦-୧୧ ରେ ଏଭଳି ସ୍ଥିତି ଉପୁଜି ନ ପାରେ ଏବଂ ସେହି ଅନୁଯାୟୀ ୨୦୦୭-୦୮ ଆ.ବ ଏବଂ ୨୦୦୮-୦୯ ମଝି ସମୟ ପର୍ଯ୍ୟନ୍ତ ପରିଲକ୍ଷିତ ଧାରା ଅନୁସାରେ ନାଲକୋ ଓ ଇମଫାକୁ ୧୦ ଲକ୍ଷ ୟୁନିଟ୍ ଜରୁରୀକାଳୀନ ଓ ଫେରସ୍ତ ଶକ୍ତି ପରିମାଣକୁ ବିଚାର କରିଛି। ଏ ବାବାଦୀୟ ଶକ୍ତି ବିକ୍ରୀରୁ ଗ୍ରୀଡକୋ ୪.୨୦ କୋଟି ଟଙ୍କା ରାଜସ୍ୱ ପ୍ରଦର୍ଶନ କରିଛି।

**<u>ଏକ-ଅଂଶ ବନାମ ଦୁଇ-ଅଂଶ ଟାରିଫ</u>**

୨୫୮. ୨୦୧୦-୧୧ ଆର୍ଥିକ ବର୍ଷରେ ଏହାର ଏଆର୍‌ଆର୍‌ରେ ଭରଣା ପାଇଁ ଚାହିଦା ଦେୟ-ଦର ଓ ଶକ୍ତି ଦେୟ-ଦରକୁ ସାମିଲ କରି ଗ୍ରୀଡକୋ ତା'ର ୨୦୧୦-୧୧ ଆର୍ଥିକ ବର୍ଷର ଆବେଦନ ପତ୍ରରେ ଦୁଇ-ଅଂଶ ସ୍ଥୁଳ ଯୋଗାଣ ଟାରିଫର ଅତିରିକ୍ତ ଦର ପାଇଁ ଆୟୋଗଙ୍କୁ ପ୍ରସ୍ତାବ ଦେଇଛି। ଗ୍ରୀଡକୋର ଏଆର୍‌ଆର୍ ଏବଂ ବିଏସପି ଦରଖାସ୍ତରୁ ଏହା ସ୍ପଷ୍ଟ ଯେ, ଯେତେବେଳେ ବାର୍ଷିକ ଭିତ୍ତିରେ ହିସାବ କରାଯାଇଥିବା ବିତରକ କଂପାନୀମାନଙ୍କର ପ୍ରକୃତ ' ସମତାଳିକ ସର୍ବାଧିକ ଚାହିଦା' ବା ଏସ୍‌ଏମ୍‌ଡି ଅନୁମତିପ୍ରାପ୍ତ ଏସଏମଡି ନିର୍ଦ୍ଦିଷ୍ଟ ବିତରକ କଂପାନୀ ପାଇଁ ଅନୁମୋଦିତ ଏସଏମଡିର ୧୦୦ ପ୍ରତିଶତକୁ ବଳେଇଯାଏ, ସେତେବେଳେ ଶକ୍ତି ଦେୟ-ଦର ସହ ମାସିକ କେଭିଏ ପିଛା ଟ୨୦୦/- ଦର-ହାରକୁ ଅତିରିକ୍ତ ଦେୟ-ଦର ଭାବେ ଲାଗୁ କରାଯିବାକୁ ପ୍ରସ୍ତାବ ରଖାଯାଇଛି। ତେଣୁ, ଗ୍ରୀଡକୋ ଏକ-ଅଂଶ ଟାରିଫର 'ଅତିରିକ୍ତ ଦେୟ-ଦର' ବା ଲେଭି ଲାଗୁ କରିବାକୁ ପ୍ରସ୍ତାବ ଦେଇଥିବା ଆରୋପ ପ୍ରକୃତିରେ ସତ୍ୟ ନୁହେଁ।

**<u>ଓଏଚପିସିର ପୁରୁଣା ଶକ୍ତି ଷ୍ଟେସନସମୂହ ପାଇଁ ପିପିଏ</u>**

୨୫୯. ରେଙ୍ଗାଲି ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ ପାଇଁ ସଂଶୋଧିତ ପିପିଏ ଏବଂ ବାଲିମେଳା, ଅପର କୋଲାବ, ହୀରାକୁଦ ଓ ଚିପିଲିମା ପାୱାର ହାଉସ୍ ପାଇଁ ପିପିଏ ୨୦, ନଭେମ୍ବର ୨୦୦୯ରେ ଓଏଚପିସି ଓ ଗ୍ରୀଡକୋ ମଧ୍ୟରେ ସଂପାଦିତ ହୋଇଛି ଖୁବ୍ ଶୀଘ୍ର ଆୟୋଗଙ୍କ ସମକ୍ଷରେ ସବୁ ପିପିଏର ଉପଯୁକ୍ତ ଯାଞ୍ଚ କରାଯିବ।

**<u>ଋଣସମୂହ ଏବଂ ପରିଶୋଧର ବର୍ତ୍ତମାନ ସମୟ ପର୍ଯ୍ୟନ୍ତ ସ୍ଥିତି</u>**

୨୬୦. ୩୧.୩.୨୦୦୯ ଓ ୩୧.୧୨.୨୦୦୯ ପର୍ଯ୍ୟନ୍ତ ୬ ମାସରୁ ଉର୍ଦ୍ଧ୍ୱ ସମୟ ଧରି ପରିଶୋଧ୍ୟ ଦେୟ ଦେବାକୁ ଥିବା ସଂସ୍ଥାନ / ପ୍ରତିଷ୍ଠାନମାନଙ୍କ ଠାରୁ ପୁଂଖାନୁପୁଂଖ ହିସାବ ନିମ୍ନ ସାରଣୀରେ ପ୍ରଦର୍ଶନ କରାଗଲା କରାଗଲା ।

ସାରଣୀ- ୨୧

| କ୍ର.ସଂ | ସବିଶେଷ ବିବରଣୀ/ଋଣୀମାନଙ୍କ ୟୁନିଟ୍ **Particulars / Units of Debtors** | ୩୧.୦୩.୨୦୦୯ ସୁଦ୍ଧା ଅସୁଲି ପରିମାଣ (କୋଟି ଟଙ୍କାରେ) |
|---|---|---|
| ୧ | ଆଇସିସିଏଲ୍ (ଇମଫା) | ୧୯.୫୫ |
| ୨ | ସେସୁ | ୫୯୩.୦୧ |
| ୩ | ୱେସ୍‌କୋ, ନେସ୍‌କୋ ଓ ସାଉଥ୍‌କୋ | ୩୮.୮୧ |
| ୪ | ସରକାରୀ ବିଭାଗ / ସରକାରୀ ଶିଳ୍ପ ଉଦ୍ୟୋଗ ସମୂହ | ୨୦୪.୦୫ |
| ୫ | ଏମ୍.ପି.ଏସ୍.ଇ.ବି | ୭୧.୭୮ |
| ୬ | ଏ.ପି.ଏସ୍.ଇ.ବି | ୩୦.୧୯ |
| ୭ | ଡି.ପି.ଏସ୍ | ୪.୨୬ |
| ୮ | ଅନ୍ୟାନ୍ୟ | ୦.୬୪ |
| ୯ | ସମୁଦାୟ | ୯୬୨.୨୯ |

୨୬୧. ଗ୍ରୀଡକୋର ଦେୟ ପରିଶୋଧ କରିବାକୁ ଥିବା ଅଧିକାଂଶ ସଂସ୍ଥାନ/ପ୍ରତିଷ୍ଠାନମାନଙ୍କର ଗ୍ରୀଡକୋ ସହ ଆର୍ଥିକ ଦେଣ-ନେଣ ସ୍ଥିତି ବିବାଦୀୟ ଅବସ୍ଥାରେ ଅଛି କିମ୍ବା ନ୍ୟାୟାଳୟରେ ବିଚାରାଧିନ ଅବସ୍ଥାରେ ଅଛି, ଯାହାର ଫଇସଲା ନିକଟ ଭବିଷ୍ୟତରେ ହୋଇ ନପାରେ । କେବଳ ଆନ୍ଧ୍ର ପ୍ରଦେଶ ରାଜ୍ୟ ବିଦ୍ୟୁତ ବୋର୍ଡ ଠାରୁ ପାଇବାକୁ ଥିବା ୩୦.୧୯ କୋଟି ଟଙ୍କା ସଂପର୍କରେ ଗ୍ରୀଡ୍‌କୋ ଓ ଆନ୍ଧ୍ର ପ୍ରଦେଶ ରାଜ୍ୟ ବିଦ୍ୟୁତ୍ ବୋର୍ଡ ମଧ୍ୟରେ ବୁଝାମଣା ହୋଇ ସାରିଛି । ତେବେ ଆନ୍ଧ୍ର ପ୍ରଦେଶ ରାଜ୍ୟ ବିଦ୍ୟୁତ ବୋର୍ଡ ଏହି ଅର୍ଥକୁ ଅଦ୍ୟାବଧି ମଧ୍ୟ ପରିଶୋଧ କରିନାହିଁ ।

୨୬୨. ଇମଫା (ଆଇସିସିଏଲ) ଠାରୁ ୧୯.୫୫ କୋଟି ଟଙ୍କାର ବାକିଆ ଦେୟ ହିସାବ-ଅଧିକାରୀଙ୍କ ଦ୍ୱାରା ଯଦିଓ ହିସାବ କରାଯାଇଛି, ତେବେ ତାହା ଗ୍ରୀଡକୋ ପାଇବା-ଯୋଗ୍ୟ ସଂପର୍କରେ ଗ୍ରୀଡକୋ ସମକ୍ଷରେ ଯାଇନାହିଁ । ତେଣୁ, ଗ୍ରୀଡକୋ ସେହି 'ହିସାବ' ବିରୁଦ୍ଧରେ ଭୁବନେଶ୍ୱର ଏସଡିଜେମ୍ ଙ୍କ କୋର୍ଟରେ ମାମଲା ଦାୟର କରିଛି, ଯାହା ଫଇସଲା ପାଇଁ ସ୍ଥଗିତାବସ୍ଥାରେ ଅଛି ।

୨୬୩. ଓଇଆରସିଙ୍କର ୧.୧୨.୨୦୦୮ର ଆଦେଶନାମା ମୂଳେ, ବିତରକ କଂପାନୀଙ୍କଠାରୁ ପାଇବାକୁ ଥିବା ବାକିଆ ଦେୟ ଆୟୋଗଙ୍କ ଦ୍ୱାରା ନିରାପତ୍ତାକରଣୀତ କରାଯାଇଛି ଓ ସେହି ପରିମାଣକୁ ୨୦୦୬,ଏପ୍ରିଲ ଠାରୁ ଆରମ୍ଭ କରି ୧୨୦ଟି ମାସିକିଆ କିସ୍ତିରେ ପରିଶୋଧ କରିବାକୁ ଆୟୋଗଙ୍କ ଆଦେଶନାମାରେ ନିହିତ ଅଛି । କିନ୍ତୁ ଆୟୋଗକଙ୍କର ନିର୍ଦ୍ଦେଶ ମତେ ବିତରକ କଂପାନୀମାନେ ସେହି ପରିମାଣକୁ ଗ୍ରୀଡକୋକୁ ଦେବାକୁ ଏପର୍ଯ୍ୟନ୍ତ ସକ୍ଷମ ହୋଇନାହାନ୍ତି । ୨୦୦୯-୧୦ ଆର୍ଥିକ ବର୍ଷର ଗ୍ରୀଡକୋ ଏଆର୍‌ଆର୍ ଓ ବିଏସପି ଆଦେଶନାମା ଅନୁଯାୟୀ, ସେସୁ ଓ ସାଉଥକୋ ଗ୍ରୀଡକୋକୁ ଯଥାକ୍ରମେ ୧୫୧ କୋଟି ଓ ୧୯ କୋଟି ଟଙ୍କା ଦେବାକୁ ଅଛି । ୧୫୧ କୋଟି + ୧୯ କୋଟି =୧୭୨ କୋଟି ମଧ୍ୟରୁ ଏପର୍ଯ୍ୟନ୍ତ ସେସୁ ଓ ସାଉଥକୋ ଗ୍ରୀଡକୋକୁ ମାତ୍ର ୮୩.୧୦ କୋଟି ଟଙ୍କା ପରିଶୋଧ କରିଛନ୍ତି ।

୨୬୪. ସରକାରୀ ବିଭାଗ ଏବଂ ପବ୍ଲିକ ସେକ୍ଟର ୟୁନିଟ/ ୟୁଏଲବିମାନେ ଦେବାକୁ ଥିବା ବିଦ୍ୟୁତ୍ ଦେୟ ଗ୍ରୀଡକୋ ଆଦାୟ କରିବ ବୋଲି ୨୬.୧୧.୧୯୯୮ର ଟ୍ରାନ୍‌ସଫର ସ୍କିମ୍‌ରେ ନିର୍ଦ୍ଧାରଣ କରାଯାଇଛି । ଉପରୋକ୍ତ ବିଭାଗ ଓ ୟୁନିଟମାନେ ଯେଣୁ ବିତରକ କଂପାନୀମାନଙ୍କର ଉପଭୋକ୍ତା ଅଟନ୍ତି, ତେଣୁ ବିତରକ କଂପାନୀମାନେ ସେହି ସବୁ ଉପଭୋକ୍ତାଙ୍କର ତାଲିକା, ଏବଂ କାହାଠାରୁ କେତେ ବାକିଆ ଦେୟ ପାଇବାକୁ ଅଛି ତା'ର ସବିଶେଷ ବିବରଣୀ ଗ୍ରୀଡକୋକୁ ଦେବାକୁ ଗ୍ରୀଡକୋ ବିତରକ କଂପାନୀମାନଙ୍କୁ

ଅନୁରୋଧ କରିଛି, କାରଣ ସେହିସବୁ ବିଭାଗ ବା ୟୁନିଟମାନେ ବିତରକ କଂପାନୀମାନଙ୍କର ଉପଭୋକ୍ତା ଅଟନ୍ତି। କିନ୍ତୁ ଅଦ୍ୟାବଧି କୌଣସି ତାଲିକା ବା ବିବରଣୀ ଗ୍ରୀଡକୋ ପାଖରେ ପହଂଚି ନଥିବାରୁ ଗ୍ରୀଡକୋ ଏ ପ୍ରସଂଗରେ କୌଣସି ପଦକ୍ଷେପ ଗ୍ରହଣ କରିପାରୁ ନାହିଁ। ତେବେ, ଗ୍ରୀଡକୋ ସରକାରଙ୍କୁ କିଛି ଦେୟ ପରିଶୋଧ କରିବାର ଅଛି ଏବଂ ପାଇବାକୁ ଥିବା ଦେୟ ଦେବାକୁ ଥିବା ଦେୟ ବାବଦକୁ ଭରଣା କରିନେବା ପାଇଁ ସରକାରଙ୍କୁ ପ୍ରସ୍ତାବ ଦେଇଛି; କିନ୍ତୁ ଏହି ପ୍ରସ୍ତାବ ଏ ପର୍ଯ୍ୟନ୍ତ ଗ୍ରହଣ କରାଯାଇନାହିଁ।

୨୬୫. ଗ୍ରୀଡକୋର ହିସାବ ଅନୁଯାୟୀ, ମଧ୍ୟପ୍ରଦେଶ ରାଜ୍ୟ ବିଦ୍ୟୁତ ବୋର୍ଡଠାରୁ ପାଇବାକୁ ଥିବା ୭୧.୭୮ କୋଟି ଟଙ୍କାର ଦେୟ ସଂପର୍କରେ ଏ ପର୍ଯ୍ୟନ୍ତ ଚୂଡାନ୍ତ ସ୍ଥିରୀକରଣ ହୋଇସାରିନାହିଁ ଏବଂ ଏହା ଫଇସଲା ଅପେକ୍ଷାରେ ମାନ୍ୟବର ଏଟିଇଙ୍କ ପାଖରେ ବିଚାର ପାଇଁ ସ୍ଥଗିତାବସ୍ଥାରେ ଅଛି।

୨୬୬. ୪.୯୦ କୋଟି ଟଙ୍କାର ଡିପିଏସ ଓ ଆନୁଷଙ୍ଗିକ ଅନ୍ୟାନ୍ୟ ପୁରୁଣା ଦେୟକୁ ସଂପୃକ୍ତ ପକ୍ଷମାନେ ୨୦୧୦-୧୧ ସୁଦ୍ଧା ଗ୍ରୀଡକୋକୁ ଦେବାର ସମ୍ଭାବନା ଯଥେଷ୍ଟ କମ।

**<u>ଋଣ ପାଇବା ପାଇଁ ସିକ୍ୟୁରିଟି ଓ ସରକାରୀ ଗ୍ୟାରେଣ୍ଟି</u>**

୨୬୭. ନିମ୍ନ ଲିଖିତ ସିକ୍ୟୁରିଟି ସହ ଗ୍ରୀଡକୋ ବିଭିନ୍ନ ବ୍ୟାଙ୍କରୁ ଟର୍ମ -ଋଣ ଆଣିଛି।

ଗ୍ରୀଡକୋର ପ୍ରାପ୍ୟ-ପରିମାଣ ଉପରେ ‘ପାରି -ପାସୁ ଦେୟ-ଦର’

ତ୍ରୁଟି ଯୁକ୍ତ ଏସକ୍ରୋ ବ୍ୟବସ୍ଥା

ଯଦିଓ ଉପରୋକ୍ତ ଋଣ ପାଇଁ ଗ୍ରୀଡକୋ ସରକାରଙ୍କୁ ସରକାରୀ ଗ୍ୟାରେଣ୍ଟି ପାଇଁ ଅନୁରୋଧ କରିଥିଲା, ସରକାର ଅଦ୍ୟାବଧି କୌଣସି ଗ୍ୟାରେଣ୍ଟିର ବ୍ୟବସ୍ଥା କରିନାହାନ୍ତି। କେବଳ ସରକାରୀ ଗ୍ୟାରେଣ୍ଟି ପାଇଲେ ହିଁ ଗ୍ରୀଡକୋ ଏହି ଋଣ ପାଇବାକୁ ସକ୍ଷମ ହେବ।

**<u>ଓଡ଼ିଶା ସରକାରଙ୍କର ମତାୟନ (ପରିଚ୍ଛେଦ ୨୬୮ ରୁ ୨୭୧)</u>**

୨୬୮. ଗ୍ରୀଡକୋ ଦ୍ୱାରା ଉଦ୍ରେକିତ ବିଭିନ୍ନ ପ୍ରସଂଗର ଉତ୍ତର ଦେଇ ରାଜ୍ୟ ସରକାରଙ୍କର ପ୍ରତିନିଧି କହିଥିଲେ ଯେ, ଗ୍ରୀଡକୋ ତା’ର ନିଅଣ୍ଟିଆ ସ୍ଥିତିକୁ ସୁଧାରିବା ଉଦ୍ଦେଶ୍ୟରେ ୪ ବର୍ଷରେ ପରିଶୋଧ୍ୟ ସର୍ତ୍ତରେ ୪୭୦୦ କୋଟି ଟଙ୍କାର ଏକ ସୁଧମୁକ୍ତ ଋଣ ପାଇଁ ଆବେଦନ କରିଥିଲା। ତେବେ, ଆରଇସିରୁ ଋଣ ପାଇବାକୁ ସରକାରଙ୍କ ଗ୍ୟାରେଣ୍ଟି ପ୍ରସଂଗ ବିଚାରାଧିନ ଅଛି। ଇତି ମଧ୍ୟରେ, ୨୩.୩.୨୦୧୦ ରେ ଏକ ହଜାର କୋଟି ଟଙ୍କାର ଋଣ ପାଇଁ ସରକାରୀ ଗ୍ୟାରେଣ୍ଟି ଦେବାକୁ ସରକାର ରାଜି ହୋଇଛନ୍ତି।

୨୬୯. ଗ୍ରୀଡକୋ/ଓଏଚପିସିର ଆସେଟସମୂହର ଉର୍ଦ୍ଧ୍ୱ-ମୂଲ୍ୟାୟନ ସଂପର୍କରେ ରାଜ୍ୟ ସରାକରଙ୍କ ପ୍ରତିନିଧି କହିଥିଲେ ଯେ, ସେକ୍ଟରର ସବୁ ଅଂଶୀଦାରଙ୍କ ଗୋଚରାର୍ଥେ ଗ୍ରୀଡକୋ ଏବଂ ଓଏଚପିସିର ଆସେଟସମୂହର ଉର୍ଦ୍ଧ୍ୱ-ମୂଲ୍ୟାୟନ କରଣକୁ ୨୦୧୦-୧୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ସ୍ଥଗିତ ଅବସ୍ଥାରେ ରଖିବାକୁ ବିଜ୍ଞପ୍ତି ଜାରି କରାଯାଇଛି। ତେବେ, ୨୭.୧.୨୦୧୦ ରେ ଚିଠି ନଂ -ଜେଡି (ଏଫ୍) -୧୭୫/୦୨/୩୨୩୫ ମୂଳେ ଓଇଆରସିଙ୍କର ପରାମର୍ଶ କ୍ରମେ ଉପରୋକ୍ତ ବିଜ୍ଞପ୍ତିର ସଂଶୋଧନ ପାଇଁ ସରକାରୀ ଆଦେଶନାମା ହାସଲ କରାଯିବ।

୨୭୦. ସରକାରୀ ପ୍ରତିନିଧି କହିଥିଲେ ଯେ, ରାଜ୍ୟ ସରକାର ୨୧ ଟି ଆଇପିପି ସହ ତାପଜ ଶକ୍ତି ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ବୁଝାମଣା ପତ୍ର ସ୍ୱାକ୍ଷର କରିସାରିଛନ୍ତି। ତା’ଛଡା ,କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ଲାଣ୍ଟ ପ୍ରତିଷ୍ଠା ଉଦ୍ଦେଶ୍ୟରେ ‘ଘରୋଇ ଉଦ୍ୟୋଗ’ ଙ୍କ ସହ ୩୨ ଟି ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି। ୨୧ ଟି ଆଇପିପି ମଧ୍ୟରୁ ମେସର୍ସ ଷ୍ଟେରଲାଇଟ ଏନର୍ଜି (ପ୍ରା)ଲିଃ ମାର୍ଚ୍ଚ,୨୦୧୦ରେ ତା’ର ପ୍ରଥମ ୟୁନିଟରୁ ୬୦୦ ମେଗାୱାଟ ଏବଂ ୨ୟ ୟୁନିଟରୁ ୨୦୧୦ର ଶେଷ ଆଡକୁ ୬୦୦ ମେଗାୱାଟର ଶକ୍ତି ଉତ୍ପାଦନ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ତା’ର ନିଜସ୍ୱ ଗୌଣ-ଉପଯୋଗ ପରେ, ଷ୍ଟେରଲାଇଟ୍ ଏନର୍ଜି ୧ମ ୟୁନିଟର ଉତ୍ପାଦନରୁ ରାଜ୍ୟକୁ ୫୦୦ ରୁ ୬୦୦ ମେଗାୱାଟର ଶକ୍ତି ବିକିବାକୁ ରାଜି ହୋଇଛି। ସେହିଭଳି , ଆରତୀ ଷ୍ଟିଲ ଓ ଶ୍ୟାମ ଡିଆରଆଇ୍ ସେମାନଙ୍କର ଯଥାକ୍ରମେ ୫୦ ମେଗାୱାଟ ଓ ୩୦ ମେଗାୱାଟ ଶକ୍ତି ବିଶିଷ୍ଟ ଶକ୍ତି ପ୍ଲାଣ୍ଟରୁ ପୂରା ଉତ୍ପାଦିତ ଶକ୍ତିକୁ ରାଜ୍ୟକୁ ଦେବାକୁ ରାଜି ହୋଇଛନ୍ତି। ଏହି ସବୁ ଶକ୍ତି ପ୍ଲାଣ୍ଟମାନଙ୍କରୁ ଶକ୍ତି ଆହରଣ ନିମନ୍ତେ ଆବଶ୍ୟକୀୟ ସରବରାହ ନେଟୱର୍କର ନିର୍ମାଣକୁ ତ୍ୱରାନ୍ୱିତ କରିବାକୁ ରାଜ୍ୟ ସରକାର ଓପିଟିସିଏଲକୁ ନିର୍ଦ୍ଦେଶ ଦେଇଛନ୍ତି।.

୨୭୧. ସରକାରୀ ପ୍ରତିନିଧି ପୁନଶ୍ଚ କହିଥିଲେ ଯେ, ସହନୀୟ ଦର-ହାରରେ ଶକ୍ତି ଯୋଗାଣ ପାଇଁ ଗ୍ରୀଡକୋର ପ୍ରୟାସକୁ ରାଜ୍ୟ ସରକାର ସହାୟତା ଦେବେ, ମାତ୍ର ସବସିଡି-ପ୍ରତ୍ୟାହାର ନୀତିକୁ ଜରି ରଖାଯିବ।

**<u>'ରାଜ୍ୟ ଉପଦେଷ୍ଟା କମିଟି' ର ନିରୀକ୍ଷଣ</u>**

୨୭୨. ଓଏଚପିସି, ଓପିଟିସିଏଲ,ଗ୍ରୀଡକୋ, ଏସ୍‌ଏଲଡିସି, ସେସୁ, ନେସକୋ, ସାଉଥକୋ ଏବଂ ୱେସକୋ ନାମଧାରୀ ବିଦ୍ୟୁତ୍ ବିନିଯୋଗକାରୀ କର୍ତ୍ତୃପକ୍ଷମାନଙ୍କର ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ବାର୍ଷିକ ରାଜସ୍ୱ ଆବଶ୍ୟକତା ଓ ଦରସୂଚୀ ନିର୍ଦ୍ଧାରଣ ଜନିତ ଆବେଦନ ପତ୍ର ଉପରେ ନିଜର ମତାମତ ଉପସ୍ଥାପନ ପାଇଁ ବିଦ୍ୟୁତ ଆଇନ, ୨୦୦୩ର ବିଭାଗ -୮୭ ଅଧିନରେ ଗଠିତ ରାଜ୍ୟ ଉପଦେଷ୍ଟା କମିଟିର ଏକ ବୈଠକ ୨୦୧୦ର ଫେବୃୟାରୀ ୧୮ରେ ଆହୂତ ହୋଇଥିଲା।

୨୭୩. ନିର୍ଦ୍ଦେଶକ (ଟାରିଫ ) ଉପରୋକ୍ତ ଉଲ୍ଲେଖିତ ବିଦ୍ୟୁତ୍ ବିନିଯୋଗ କର୍ତ୍ତୃପକ୍ଷଙ୍କର ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ବାର୍ଷିକ ରାଜସ୍ୱ ଆବଶ୍ୟକତା ବା ଏଆର୍‌ଆର୍ ଏବଂ ଦରସୂଚୀ ନିର୍ଦ୍ଧାରଣ (ଟାରିଫ) ଉଦ୍ଦେଶ୍ୟରେ ଉପସ୍ଥାପନ କରିଥିବା ଆବେଦନ ପତ୍ର ଉପରେ ଏକ ସଂକ୍ଷିପ୍ତ ଓ ସାରଗର୍ଭିକ ମତାୟନ କରିଥିଲେ। ରାଜ୍ୟ ଉପଦେଷ୍ଟା କମିଟି ବା 'ସାକ୍' ର ସଦସ୍ୟମାନେ ବିନିଯୋଗକାରୀ କର୍ତ୍ତୃପକ୍ଷମାନଙ୍କର ନିକୃଷ୍ଟ ନିର୍ବାହନ-ମୁଖ୍ୟତଃ ବଂଟନ କ୍ଷତି , ନିକୃଷ୍ଟ ମାନର ଉପଭୋକ୍ତା ସେବା ଓ ନିବେଶର ଅଭାବ ସଂପର୍କରେ କ୍ଷୋଭ ପ୍ରକାଶ କରିଥିଲେ।

୨୭୪. ସାକ୍ ର ସଦସ୍ୟମାନେ ଗ୍ରୀଡକୋର ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଏଆର୍‌ଆର୍ ଏବଂ ବିଏସପି ଦରଖାସ୍ତ ଉପରେ ନିମ୍ନଲିଖିତ ମତ /ପରାମର୍ଶ ଉପସ୍ଥାପନ କରିଥିଲେ।

(କ) ବିତରକ କଂପାନୀମାନେ ସ୍ଥୁଳ ଯୋଗାଣ ଦରରେ ଶକ୍ତି କିଣନ୍ତି। ଗ୍ରୀଡକୋ ସେହି ଶକ୍ତିକୁ ବିଭିନ୍ନ ଉତ୍ପାଦନକାରୀ ଶକ୍ତି ଉତ୍ସମାନଙ୍କରୁ ଆଣି ବଂଟନକାରୀ କଂପାନୀଙ୍କୁ ଯୋଗାଇଥାଏ। ବିତରକ କଂପାନୀମାନେ ଯଦି ଠିକ ସମୟରେ ଗୀଡକୋକୁ ସ୍ଥୁଳ ଯୋଗାଣିତ ଦେୟ-ଦର ନ ଦିଅନ୍ତି, ଗ୍ରୀଡକୋର ଅଡୁଆରେ ପଡିବ ଓ ଉତ୍ପାଦନକାରୀ ସଂସ୍ଥାନ/ପ୍ରତିଷ୍ଠାନ/ଷ୍ଟେସନମାନଙ୍କୁ ଠିକ ସମୟରେ ଦେୟ ଦେଇ ପାରିବ ନାହିଁ ଏବଂ ଉପଯୁକ୍ତ ପରିମାଣର ଶକ୍ତି କିଣି ରାଜ୍ୟକୁ ଯୋଗାଇ ଦେଇ ପାରିବ ନାହିଁ। ଏମିତି ପରିସ୍ଥିତି ସୃଷ୍ଟି ହେଉଛି ଯେ, ବିତରକ କଂପାନୀମାନେ ଠିକ ସମୟରେ ଦେୟ ନଦେବା ସତ୍ତ୍ୱେ ଗ୍ରୀଡକୋ ତା'ର ସ୍ଥୁଳ ଯୋଗାଣ ବନ୍ଦ କରିନାହିଁ, କାରଣ ରାଜ୍ୟର ଉପଭୋକ୍ତାଙ୍କ ସ୍ୱାର୍ଥ ଏହା ସହ ଜଡିତ ରହୁଛି। ଗ୍ରୀଡକୋ ବିଭିନ୍ନ ବ୍ୟାଙ୍କ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଆର୍ଥିକ ସଂସ୍ଥାନମାନଙ୍କଠାରୁ ଏଥିପାଇଁ ଋଣ ଆଣୁଛି। ଋଣର ସୁଧ ପରିଶୋଧ କରିବାକୁ ତ ପଡିବ । ଏହି ପରିଶୋଧ ପରିମାଣକୁ ପରୋକ୍ଷରେ ଉପଭୋକ୍ତାଙ୍କ ଉପରେ ଲାଗୁ କରିବାକୁ ପଡୁଛି। ବିତରକ କଂପାନୀଙ୍କ ସହ ଗୀଡକୋର ଦେଣ-ନେଣ ସଂପର୍କ ପାଇଁ ଉପଭୋକ୍ତାମାନେ ବୋଝ ବୋହିବେ କାହିଁକି ? ଅର୍ଥାତ୍ ଋଣର ସୁଧ ତଥା ଅନ୍ୟାନ୍ୟ ଆନୁସଂଗିକ ଦେୟ-ଦର ପାଇଁ ଗ୍ରୀଡକୋର ଦାୟବଦ୍ଧତାକୁ ନେଇ ଉପଭୋକ୍ତାଙ୍କ ଉପରେ ଅଧିକ ଦରର ବୋଝ ଲଦି ଦେବାକୁ ଆୟୋଗ ଅନୁମତି ଦେବା ଉଚିତ ନୁହେଁ। ସେହିଭଳି, ଉତ୍ପାଦନକାରୀ କଂପାନୀମାନଙ୍କୁ ଦେବାକୁ ଥିବା ବାକିଆ ଦେୟର ନିରାପତ୍ତାକରଣ ଉପରେ ସୁଧ ଓ ପ୍ରିମିୟମ ଦେୟକୁ ମଧ୍ୟ ଉପଭୋକ୍ତାଙ୍କ ଉପରେ ଲଦି ଦିଆଯିବା ଉଚିତ ନୁହେଁ। ପରିତାପର ପ୍ରସଂଗ ଯେ, ବିତରକ କଂପାନୀମାନେ ଗୀଡକୋକୁ ସେମାନଙ୍କର ଯଥୋଚିତ ଦେୟ ଠିକ ସମୟରେ ନ ଦେଇ କିମ୍ବା କୌଣସି ବୁଝାମଣା ସଂପାଦନ ନ କରି ନାମପତ୍ର ସମସ୍ୟାରେ ନ୍ୟାୟାଳୟର ଆଶ୍ରୟ ନେଉଛନ୍ତି ଏବଂ ଏହା ହିଁ ଗ୍ରୀଡକୋର ନିଅଣ୍ଟିଆ ଆର୍ଥିକ ବୋଝକୁ ଅଧିକ ଓଜନିଆ କରୁଛି। ଏହିଭଳି ଆଚରଣକୁ ସବୁ ମନ୍ତ୍ରେ ନିରୁତ୍ସାହିତ କରାଯିବା ଉଚିତ୍।

(ଖ) ସବୁ ମାସରେ ବିତରକ କଂପାନୀମାନଙ୍କ ଠାରୁ ଜାଳେଣି ସରଚାର୍ଜ ଭରଣା କରିବାକୁ ଆୟୋଗ ଏକ ଗ୍ରହଣୀୟ କୌଶଳ ଆବିଷ୍କାର କରିବା ଉଚିତ।

(ଗ) ଋଣ ପରଶୋଧ, ତଜ୍ଜନିତ ସୁଧ ପରିଶୋଧ ଏବଂ ୩୧.୩.୨୦୦୫ ସୁଦ୍ଧା ଡିପିଏସ ସହ ବିଏସଟି ଦେୟ-ଦର ଉଦ୍ଦେଶ୍ୟରେ ଗ୍ରୀଡକୋର ପ୍ରାପ୍ୟ-ପରିମାଣକୁ ବିତରକ କଂପାନୀମାନେ ନ ଦେଲେ ସେମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ କରାଯିବା ଉଚିତ।

(ଘ) ବାର୍ଷିକ ଲାଭ ଓ କ୍ଷତିର ହିସାବ ଉପରେ ଆୟୋଗଙ୍କ ଦ୍ୱାରା ବାସ୍ତବାୟନ ପଦ୍ଧତିର ଅନୁଶୀଳନକୁ ବର୍ତ୍ତମାନର ସାମୁଦାୟିକ ପାର୍ଥକ୍ୟରେ ଉପନୀତ ହେବା ନିମନ୍ତେ ଅପ-ଡେଟ୍ ବା ଅଦ୍ୟ ତାରିଖାନୁସାରୀ କରାଯିବା ଉଚିତ ଏବଂ ବଡ ପରିମାଣର ଅତୀତ ଦିନର କ୍ଷତି ଭାବରେ ଗ୍ରୀଡକୋ ଯେଉଁ ପରିମାଣକୁ ତା'ର ଏଆରଆର୍ ରେ ପାସ୍ କରାଇ ନେବାକୁ ପ୍ରସ୍ତାବ ଦେଇଛି, ତାହାକୁ ଅନୁମତି ଦିଆଯିବା ଉଚିତ ନୁହେଁ।

(ଙ) ଅତ୍ୟାଧିକ ଆର୍ଥିକ ବୋଝକୁ କମାଇବା ନିମନ୍ତେ , ଅଫ୍ ପିକ ଓ ଉଚ୍ଚ ଫ୍ରିକ୍ୱେନସି ନିର୍ଘଣ୍ଟରେ ଅଧିକ ୟୁଆଇ ଶକ୍ତି ଉଠାଣ ଏବଂ ପିକ୍ ନିର୍ଘଣ୍ଟରେ କମ ଉଠାଣର ବ୍ୟବସାୟିକ କୌଶଳକୁ ଗ୍ରୀଡକୋ ଅନୁସରଣ କରିବା ଉଚିତ।

(ଚ) ପୂର୍ବ ବର୍ଷମାନଙ୍କରେ , ସେମାନଙ୍କର ରାଜସ୍ୱ ପାର୍ଥକ୍ୟ ପରିମାଣରେ ଅନୁମତିଧାରୀମାନେ ସେହି ପରିମାଣକୁ ଯୋଗ କରୁଛନ୍ତି, ଯାହା ଆୟୋଗଙ୍କ ଦ୍ୱାରା ଅନୁମତିପ୍ରାପ୍ତ ନୁହେଁ। 'ମନ୍ଦ ଋଣ ଗୁଡିକ' ବର୍ଷକୁ ବର୍ଷ ବୃଦ୍ଧି ପାଉଛି। ଅତଏବ, ଏହାକୁ ଏଆର୍ଆର୍‌ରେ ପାସ୍ କରାଇବାକୁ ଅନୁମତି ଦିଆଯିବା ଉଚିତ ନୁହେଁ।

୨୭୫. ରାଜ୍ୟର ବିଦ୍ୟୁତ୍ ସେକ୍ଟର ତା'ର ସଂସ୍କାର ଜନିତ କୌଣସି ଲାଭ କେନ୍ଦ୍ର ସରକାରଙ୍କଠାରୁ ପାଉନାହାନ୍ତି ଏବଂ ରାଜ୍ୟ ସରକାର ମଧ୍ୟ ସେକ୍ଟରରେ କୌଣସି ନିବେଶ କରୁନାହାନ୍ତି। ସ୍ୱଷ୍ଟ ଭାବରେ କହିବାକୁ ଗଲେ , ରାଜ୍ୟରେ ବିଦ୍ୟୁତ ସେକ୍ଟରର ଘରୋଇକରଣ ପ୍ରକ୍ରିୟା ଠିକ ଭାବରେ କାର୍ଯ୍ୟ କରୁନାହିଁ ଏବଂ ବିଦ୍ୟୁତ୍ ସେକ୍ଟର ଦାୟିତ୍ୱର ଚାପ ପୁଣି ସରକାରଙ୍କ ଉପରେ ପଡିପାରେ। ଯଦି, ଏବେ ଟାରିଫ ବୃଦ୍ଧି କରା ନଯାଏ, ସେକ୍ଟରର ଶୃଙ୍ଖଳାଗତ ପଦ୍ଧତି ଭୁଶୁଡି ପଡିବ। ଅପରପକ୍ଷରେ, ରାଜ୍ୟର ମୁଣ୍ଡପିଛା ଆୟର ହିସାବ ଦୃଷ୍ଟିରୁ ଓଡ଼ିଶା ଏକ ଗରୀବ ରାଜ୍ୟ ଅଟେ। ଅତଏବ, ଟାରିଫ ବୃଦ୍ଧି ସଂପର୍କରେ ଏକ ବୈଚାରିକ ନିଷ୍ପତ୍ତି ନେବାକୁ ପଡିବ। ବିଗତ ୯ ବର୍ଷ ଧରି ଘରୋଇ ଉପଭୋକ୍ତାଙ୍କ କ୍ଷେତ୍ରରେ ଟାରିଫରେ ବୃଦ୍ଧି କରାଯାଇନାହିଁ। ରାଜ୍ୟ ସରକାରଙ୍କର ଦୂରଦୃଷ୍ଟିର ଅଭାବରୁ ଏବେ ଏହା ଅତ୍ୟାବଶ୍ୟକୀୟ ହୋଇପଡିଛି। ରାଜ୍ୟରେ ଶୀତ ଋତୁରେ ଯେତେବେଳେ ଶକ୍ତି ଯୋଗାଣରେ କଟକଣା କରାଯିବା କଥା, ସେତେବେଳେ ତାହା କରାଯାଇନାହିଁ। ବାହାରୁ ଅଧିକ ଦାମରେ ଶକ୍ତି କିଣିବା ଫଳରେ ଗ୍ରୀଡକୋ ଉପରେ କ୍ଷତିର ବୋଝ ଲଦି ହୋଇ ପଡୁଛି। ଏବେ ସମୟ ଆସିଛି, ଯେତେବେଳେ ଆମର ସୀମିତ ସମ୍ବଳକୁ ଉପଯୁକ୍ତ ଭାବେ ସନ୍ତୁଳନ ଓ ବଂଟନ କରାଯାଇ ପାରିବ। ଅତଏବ, ଟାରିଫ ବୃଦ୍ଧି ମଧ୍ୟମ ସ୍ତରର ହେବା ଉଚିତ ଏବଂ ଗ୍ରୀଡକୋର ଅତ୍ୟଧିକ କ୍ଷତିକୁ ସମ୍ଭାଳିବା ପାଇଁ ଶକ୍ତି କଟକଣାରେ ମଧ୍ୟ ମଧ୍ୟମ ସ୍ତରକୁ ଅବଲମ୍ବନ କରାଯିବା ଉଚିତ। ସେକ୍ଟରର ସବୁ ଅଂଶୀଦାର ଗଠନମୂଳକ ଭାବେ ଚିନ୍ତା ଓ କାର୍ଯ୍ୟ କରିବା ଦରକାର ଯେପରିକି ଶକ୍ତି ସେକ୍ଟରର ବିକାଶ ଏକ ସ୍ଥିତିଶୀଳ ଓ ଗତିଶୀଳ ଢାଞ୍ଚାରେ ପଡିପାରିବ।

୨୭୬. ବିଦ୍ୟୁତ୍ ସେକ୍ଟର ଲାଭରେ ରହିବା ପାଇଁ ସେକ୍ଟରର ଘରୋଇ କରଣ କରାଯାଇଥିଲା। କିନ୍ତୁ ଏହା ହୋଇପାରିନାହିଁ। ଏଥିପାଇଁ ରାଜ୍ୟ ସରକାର ଓ ବିତରକ କଂପାନୀମାନେ ଉଭୟ ଦାୟୀ। ଗ୍ରୀଡକୋ ଜରିଆରେ ସରକାର ସେକ୍ଟରର ୪୯ ପ୍ରତିଶତର ଓ ବିତରକ କଂପାନୀମାନେ ୫ ପ୍ରତିଶତର ଅଂଶୀଦାର ଅଟନ୍ତି। ସେକ୍ଟରର ପଦ୍ଧତିଗତ ବିକାଶ ପାଇଁ ଉଭୟ ସରକାର ଓ ବଂଟନକାରୀ କଂପାନୀମାନେ ଅର୍ଥ ନିବେଶ କରିବା ଉଚିତ। ଓଇଆରସି ସେକ୍ଟରର ପଦ୍ଧତିଗତ ବିକାଶ ନିମନ୍ତେ ମୂଳଧନ ଖଟାଇବାକୁ ନା ବିନିଯୋଗକାରୀ କର୍ତ୍ତୃପକ୍ଷଙ୍କ ଉପରେ ଚାପ ସୃଷ୍ଟି କରିଛନ୍ତି ନା କୌଣସି ନିୟାମକ ଆଦେଶନାମା ବଳରେ ପୁଂଜି ମଂଜୁର କରାଇବାକୁ ସରକାରଙ୍କୁ ପ୍ରବର୍ତ୍ତାଇ ପାରିଛନ୍ତି।

୨୭୭. ଉପଭାକ୍ତାଙ୍କୁ ଶକ୍ତି ଯୋଗାଣ ପାଇଁ ବିତରକ କଂପାନୀମାନଙ୍କ ଉଦ୍ଦେଶ୍ୟରେ ଶକ୍ତିର ଦର ହେଉଛି ଇନପୁଟ୍ ଦାମ୍। ଏହି ଇନପୁଟ୍ ଦାମ୍ ମଧ୍ୟରେ ଗ୍ରୀଡକୋର ସ୍ଥୁଳ ଯୋଗାଣ ଦର, ଓପିଟିସିଏଲର ସରବରାହ ଦାମ ଓ ବିତରକ କଂପାନୀଙ୍କର ବଂଟନ ଦାମ ଅନ୍ତର୍ଭୁକ୍ତ ଅଟେ। ଓଏଚପିସି, ଓପିଜିସି ଓ ଅନ୍ୟାନ୍ୟ ଉତ୍ପାଦନକାରୀ କଂପାନୀମାନଙ୍କର ଉତ୍ପାଦନ ଦାମ ଉପରେ ଗ୍ରୀଡକୋର ଇନପୁଟ୍ ଦାମ ନିର୍ଭର କରେ। ଯେତେବେଳେ ଗ୍ରୀଡକୋ, ସରବରାହକାରୀ କଂପାନୀମାନେ ଓ ଉତ୍ପାଦନକାରୀ କଂପାନୀମାନେ ସେମାନଙ୍କର ଦର ବଢାଉଛନ୍ତି, ସେତେବେଳେ ବିତରକ କଂପାନୀମାନେ ଦର ବଢାଇବାକୁ ବାଧ୍ୟ ଅଟନ୍ତି।

୨୭୮. ସରକାରୀ କଂପାନୀ, ଗ୍ରୀଡକୋ, ଓପିଟିସିଏଲ ଓ ବଂଟନକାରୀ କଂପାନୀମାନେ -କେହି ବି ଉତ୍କୃଷ୍ଟ ନିର୍ବାହନ ପ୍ରତି ଧ୍ୟାନ ଦେଉନାହାନ୍ତି। ଗ୍ରୀଡକୋ ତା'ର ସ୍ଥୁଳ ଯୋଗାଣ ଟାରିଫରେ ୧୫୦ ପ୍ରତିଶତର ଟାରିଫ ବୃଦ୍ଧିର ପ୍ରସ୍ତାବ ଦେଇଛି। ଓଏଚପିସି ଏବଂ

ଓପିଟିସିଏଲ୍ ମଧ୍ୟ ଏହି ସ୍ଥୁଳ ଯୋଗାଣ ତାରିଫ ବୃଦ୍ଧି ପ୍ରସ୍ତାବରୁ ବାଦ୍ ଯାଇନାହାନ୍ତି। ଆୟୋଗ ସେମାନଙ୍କ ତାରିଫ ବୃଦ୍ଧି ପ୍ରସ୍ତାବରେ ସନ୍ତୁଳନ ରକ୍ଷା କରି ଅନୁମୋଦନ ଦେବା ଉଚିତ, ନଚେତ ସାଧାରଣ ଉପଭୋକ୍ତା ଏବଂ ବିଶେଷରେ ଘରୋଇ ଉପଭୋକ୍ତାଙ୍କର ସ୍ୱାର୍ଥ ବ୍ୟାହତ ହେବ।

୨୭୯. ଜାଳେଣି ଦର ବଢିବାରୁ ତାପଜ ଶକ୍ତିର ଦର ବଢିବାକୁ ବାଧ୍ୟ ହେବ। ତେବେ ତାରିଫ ସଂରଚନା ଓ ଜାଳେଣି ସରଚାର୍ଜର ନିର୍ଦ୍ଧାରଣ ଆୟୋଗ ଏଭଳି ସନ୍ତୁଳିତ ଢାଞ୍ଚାରେ କରିବା ଉଚିତ ଯେ, ଜାଳେଣି ଦର ବୃଦ୍ଧି ବାବଦକୁ ଯେଉଁ ଅତିରିକ୍ତ ଦାମ ଦେବାକୁ ପଡିବ, ତାହାକୁ ବିତରକ କଂପାନୀଙ୍କ ଉପରେ ପକାଯିବ ଓ ବିତରକ କଂପାନୀମାନେ ଉପଭୋକ୍ତାଙ୍କୁ ଠାରୁ ଭରଣା କରିବେ; କିନ୍ତୁ ତାହା ଉପଭୋକ୍ତାଙ୍କୁ ସୁହାଇଲା ଭଳି ହୋଇଥିବା ବାଂଛନୀୟ।

୨୮୦. କର୍ମଚାରୀ ଓ ପେନସନଧାରୀଙ୍କ ପାଇଁ ୬ଷ୍ଠ ବେତନ ଆୟୋଗଙ୍କ ସଂଶୋଧିତ ବେତନ ହାରର ପ୍ରବର୍ତ୍ତନ ଅଧାରରେ ଶକ୍ତିର ଉତ୍ପାଦନ , କ୍ରୟ ଓ ବଂଟନର ପ୍ରସ୍ତାବିତ ବର୍ଦ୍ଧିତ ଦରର ପ୍ରସ୍ତାବନା ହୋଇଛି। ସାବଧାନତା ଗ୍ରହଣ ନ କଲେ କର୍ମଚାରୀ ଓ ପେନସନଧାରୀଙ୍କର ବର୍ଦ୍ଧିତ ବେତନ ପରିମାଣକୁ ପରୋକ୍ଷରେ ସାଧାରଣ ଉପଭୋକ୍ତାଙ୍କୁ ହିଁ ଦେବାକୁ ପଡିବ। ସରକାରୀ / ବେସରକାରୀ କର୍ମଚାରୀଙ୍କ ସକାଶେ ଏଭଳି ଏକ ବର୍ଦ୍ଧିତ ବେତନ ହାରର ନିର୍ଦ୍ଧାରଣ କ'ଣ ସାଧାରଣ ଜନତା/ଉପଭୋକ୍ତାଙ୍କ ପେଟରୁ କାଟି ଭରଣା କରାଯିବ ? ବରଂ ସେକ୍ଟରର ଉତ୍ପାଦନ ବୃଦ୍ଧି ଓ ବିନିଯୋଗକାରୀ କର୍ତ୍ତୃପକ୍ଷଙ୍କର ପଦ୍ଧତିଗତ ନିର୍ବାହନରେ ଉତ୍କୃଷ୍ଟତା ସହିତ କର୍ମଚାରୀଙ୍କର ବର୍ଦ୍ଧିତ ବେତନକୁ ସାପେକ୍ଷ କରାଯିବ।

୨୮୧. ଗ୍ରୀଡକୋ ଏବଂ ବିତରକ କଂପାନୀମାନେ ସେମାନଙ୍କର ଏଆର୍ଆର୍ ଆବେଦନରେ ଆବଶ୍ୟକୀୟ ସମୟ ପାଇଁ ଶକ୍ତି ଯୋଗାଣରେ ବିରତିକୁ ଅନୁମୋଦନ ପାଇଁ ପ୍ରସ୍ତାବ ଦେଇଥିଲେ। ଏ ସଂପର୍କରେ ଏକ ଶୁଣାଣି କରାଯାଇଥିଲା ରାଜ୍ୟ ସରକାର ଓ ସବୁ ଅଂଶୀଦାର ମଧ୍ୟ ଏହି ପ୍ରସ୍ତାବରେ ସହମତି ପ୍ରକାଶ କରିଥିଲେ। ତେଣୁ, ଆୟୋଗ ୧୪.୧.୨୦୧୦ ଏକ ନିର୍ଦ୍ଧାରିତ ସୂଚୀଭୁକ୍ତ ସମୟ ପାଇଁ ଶକ୍ତି ବିରତିକୁ ଅନୁମୋଦନ କରିଥିଲେ। ଏଭଳି ଅନୁମୋଦନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗ୍ରୀଡକୋକୁ ଅଧିକ ପରିମାଣର କ୍ଷତିରୁ ବଂଚାଇବା, କାରଣ ପ୍ରଥମତଃ ଗ୍ରୀଡକୋକୁ ଅଧିକ ଦର ଦେଇ ଶକ୍ତି କିଣିବାକୁ ପଡୁଛି ଏବଂ ଦ୍ୱିତୀୟତଃ ଆୟୋଗଙ୍କ ଦ୍ୱାରା ନିର୍ଦ୍ଧାରିତ ଅନୁମୋଦିତ ଦର-ହାରରେ ଉପଭୋକ୍ତାଙ୍କୁ ଶକ୍ତି ଯୋଗାଇବାକୁ ପଡୁଛି। ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ଗ୍ରୀଡକୋକୁ ଏହା କରିବାକୁ ପଡୁଛି।

୨୮୨. ଉପସ୍ଥିତ ସଦସ୍ୟମାନଙ୍କର ନିରୀକ୍ଷଣ ଜନିତ ମତାୟନ ବିପକ୍ଷରେ ଗ୍ରୀଡକୋର ପ୍ରତିନିଧି ନିମ୍ନ ପ୍ରକାରରେ ତାଙ୍କର ଯୁକ୍ତି ଉପସ୍ଥାପନ କରିଥିଲେ।

(କ) ୨୦୦୬-୦୭ର ବିତରକ କଂପାନୀମାନଙ୍କୁ ଗ୍ରୀଡକୋର ସ୍ଥୁଳ ଯୋଗାଣ ଦର ଥିଲା ୟୁନିଟ ପିଛା ୧୨୦.୮୫ ପଇସା। ୨୦୦୭-୦୮ କୁ ଏହା ୧୩୫.୬୫ ପଇସାକୁ ବୃଦ୍ଧି କରାଯାଇଥିଲା। କିନ୍ତୁ ସେହି ବର୍ଷ ପାଇଁ ଅର୍ଥାତ୍ ୨୦୦୭-୦୮ର ଅଧା ସମୟ ବେଳକୁ ପୁଣି ଏହି ଦରକୁ ୟୁନିଟ ପିଛା ୧୨୧.୫୯ ପଇସାକୁ କମାଇ ଦିଆଗଲା। ଏହି ଆର୍ଥିକ ବର୍ଷର ଯେଉଁ ସମୟ ପାଇଁ ଅଧିକ ଦର ଦିଆଯାଇଥିଲା, ସେହି ଅତିରିକ୍ତ ପରିମାଣକୁ ବିତରକ କଂପାନୀମାନେ ଗ୍ରୀଡକୋକୁ ଦେବାକୁ ଥିବା ବାକିଆ ଦେୟ ବାବଦକୁ ଭରଣା କରି ନିଆଗଲା। ପରବର୍ତ୍ତୀ ଆର୍ଥିକ ବର୍ଷ ୨୦୦୮-୦୯ ଓ ୨୦୦୯-୧୦ ରେ ଆୟୋଗଙ୍କ ଦ୍ୱାରା ଅନୁମୋଦିତ ସ୍ଥୁଳ ଯେଗାଣ ତାରିଫ ଦର ଯଥାକ୍ରମେ ୟୁନିଟ ପିଛା ୧୨୨.୫ ପଇସା ଓ ୧୨୨.୨୦ ପଇସାରେ ରହିଲା, ଯଦିଓ ଗୀଡକୋର ଶକ୍ତି କ୍ରୟ ଦର ଓ ଆନୁଷଙ୍ଗିକ ବ୍ୟୟ ଭାର ବୃଦ୍ଧି ପାଇଥିଲା।

(ଖ) ବିତରକ କଂପାନୀଙ୍କୁ କମ ଦରରେ ଶକ୍ତି ଯୋଗାଇବାକୁ ଗ୍ରୀଡକୋ ସମର୍ଥ ହୋଇପାରୁଥିଲା। ଏଥିପାଇଁ ତାକୁ ଯେଉଁ କ୍ଷତି ସହିବାକୁ ପଡୁଥିଲା, ତାହାକୁ ସେ ବଳକା ଶକ୍ତିକୁ ବିକ୍ରୀ କରି ଓ ଉତ୍ତମ ୟୁଆଇ ପରିଚାଳନାରୁ ଭରଣା କରିନେଉଥିଲା। ଏହି ଭଳି ଭାବେ, ୩୦୦୦କୋଟି ଟଙ୍କାର ସାମୁଦାୟିକ କ୍ଷତିରୁ ୧୮୦୦ କୋଟି ଟଙ୍କାର ପରିମାଣକୁ କମାଇ ଦେଇପାରିଥିଲା।

(ଗ) ୨୦୦୯-୧୦ ଆର୍ଥିକ ବର୍ଷରେ ବିତରକ କଂପାନୀମାନଙ୍କୁ ଗ୍ରୀଡକୋ ଯୋଗାଇଥିବା ହାରାହାରି ସ୍ଥୁଳ ଯୋଗାଣ ଦର ହେଉଛି ୟୁନିଟ ପିଛା ୧୨୨.୨୦ ପଇସା, ଯାହା ଆୟୋଗ ଅନୁମୋଦିତ କରିଥିଲେ। ଅଥଚ,୨୦୦୯, ଡିସେମ୍ବର ପର୍ଯ୍ୟନ୍ତ

ଗ୍ରୀଡକୋର ସ୍ଥୁଳ ଯୋଗାଣ କ୍ରୟ ଦର ହେଉଛି ୟୁନିଟ ପିଛା ୧୯୫ ପଇସା। ତେବେ, ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଗ୍ରୀଡକୋ ୟୁନିଟ ପିଛା ୧୮୭ ପଇସା ଦରରେ ବିତରକ କଂପାନୀଙ୍କୁ ଦେଇଥିବା ଦରଠାରୁ କମ, କିନ୍ତୁ ୨୦୦୯-୧୦ ପାଇଁ ଅନୁମୋଦିତ ହାରାହାରି କ୍ରୟ ଦର ଠାରୁ ବେଶୀ ଅଟେ।

(ଘ) ୨୦୦୮-୦୯ ଓ ୨୦୦୯-୧୦ ରେ ଜଳ ବିଦ୍ୟୁତ ଶକ୍ତିର ଉତ୍ପାଦନ କମିଥିଲା। ୨୦୧୦-୧୧ ଆର୍ଥିକ ବର୍ଷରେ ସେହିଭଳି ଅବସ୍ଥା ସୃଷ୍ଟି ହେବାକୁ ଯାଉଛି। ତେଣୁ, ୨୦୧୦-୧୧ ପାଇଁ ସ୍ଥୁଳ ଯୋଗାଣ ଦରରେ ବୃଦ୍ଧି ପ୍ରସ୍ତାବ ଦିଆଯାଇଛି। ରାଜ୍ୟର ସମୁଦାୟ ଶକ୍ତି ଚାହିଦା ପ୍ରତି ଜଳଜ ଶକ୍ତିର ଅବଦାନ କମିଯାଉଛି। ୨୦୦୪-୦୫ରେଏହି ପରିମାଣ ସମୁଦାୟ ଶକ୍ତି ଚାହିଦାର ୫୬.୬୭% ଥିଲା ବେଳେ ୨୦୦୮-୦୯କୁ ହୋଇଛି ୩୦.୩୩% ଏବଂ ୨୦୦୯-୧୦ ଓ ୨୦୧୦-୧୧ ରେ ଏହା ୩୦% ରୁ କମ ହୋଇପାରେ।

(ଙ) ଗ୍ରୀଡକୋ ରାଜ୍ୟର ଚାହିଦାର ପରିପୂର୍ତ୍ତି ପାଇଁ ଶକ୍ତି କ୍ରୟ ବାବଦକୁ ଯେଉଁ ଋଣ କରୁଛି, ତାହାର ପରିମାଣକୁ ଆୟୋଗ ସଂପୂର୍ଣ୍ଣ ଭାବେ ଅନୁମୋଦନ ଦେଉନାହାନ୍ତି। ଅୟୋଗଙ୍କର ଅନୁମୋଦିତ ପରିମାଣ କମ ରହୁଛି। ଏଥି ନେଇ ଏବେ ମାସିକ ୧୫୦ କୋଟି ଟଙ୍କାର ପାର୍ଥକ୍ୟ ସୃଷ୍ଟି ହୋଇଛି ଏବଂ ଏହି ପାର୍ଥକ୍ୟ ପରିମାଣକୁ ଗ୍ରୀଡକୋକୁପୁଣି ଋଣ କରି ଭରଣା କରିବାକୁ ପଡିବ। ୨୦୦୯, ମାର୍ଚ୍ଚ ପର୍ଯ୍ୟନ୍ତ ଉଚ୍ଚା ଦାମ୍‌ର ଶକ୍ତି କିଣିବାକୁ ଗ୍ରୀଡକୋ ୩୦୦ କୋଟି ଟଙ୍କା ଋଣ କରିଛି ଏବଂ ୨୦୦୯, ସେପ୍ଟେମ୍ବର ପର୍ଯ୍ୟନ୍ତ ଗ୍ରୀଡକୋ ୯୦୦ କୋଟି ଟଙ୍କାର ଋଣ କରିଛି, ଯାହା ୨୦୦୯, ଡିସେମ୍ବର ବେଳକୁ ୧୪୬୦ କୋଟିରେ ପହଞ୍ଚିଛି। ଗ୍ରୀଡକୋର ଶକ୍ତି କ୍ରୟ ଦାମ ଓ ଆୟୋଗଙ୍କ ଦ୍ୱାରା ଅନୁମୋଦିତ ଶକ୍ତି କ୍ରୟ ଦାମ୍ ମଧ୍ୟରେ ପାର୍ଥକ୍ୟଗତ ଦାମ୍ ର ଭରଣା ପାଇଁ ୩୧.୩.୨୦୧୦ ସୁଦ୍ଧା ଗ୍ରୀଡକୋ ଋଣ ପରିମାଣ ପାଖାପାଖି ୧୮୦୦ କୋଟି ଟଙ୍କା ହେବ। ଏହି ଋଣକୁ ଗ୍ରୀଡକୋ ତା'ର ଏଆରଆର୍‌ରେ ପ୍ରତିଫଳନ କରିଛି ଏବଂ ଏହି ଋଣ ଉପରେ ସୁଧ ପରିମାଣକୁ ମଧ୍ୟ ଗ୍ରୀଡକୋ ତା'ର ଏଆର୍‌ଆର୍ ରେ ଦାବୀ କରିଛି। ତା' ସହ ବିଗତ ସମୟର କ୍ଷତି ପରିମାଣକୁ ମଧ୍ୟ ଏଆର୍‌ଆର୍‌ରେ ପାସ କରିବାକୁ ଆୟୋଗଙ୍କୁ ଦାବୀ କରିଛି।

୨୮୩. ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗର ସଚିବ ସଦସ୍ୟମାନଙ୍କର ନିରୀକ୍ଷଣର ଉତ୍ତରରେ ନିମ୍ନ ପ୍ରକାରର ମତାବତାରଣା କରିଥିଲେ।

(କ) ରାଜ୍ୟରେ ଶକ୍ତି ଉପଭୋକ୍ତାଙ୍କ ସଂଖ୍ୟା ବର୍ଷକୁ ବର୍ଷ ବୃଦ୍ଧି ପାଉଛି। ୧୯୯୯-୨୦୦୦ ରେ ଉପଭୋକ୍ତାଙ୍କ ସଂଖ୍ୟା ଥିଲା ୧୬ ଲକ୍ଷ। ୨୦୦୮-୦୯ ର ଶେଷ ବେଳକୁ ଏହା ହୋଇଥିଲା ୨୭.୫୧ ଲକ୍ଷ। ୩୦.୯.୨୦୦୯ ସୁଦ୍ଧା ଉପଭୋକ୍ତାଙ୍କ ସଂଖ୍ୟା ୨୮.୩୬ ଲକ୍ଷରେ ପହଂଚିଥିଲା। ରାଜୀବ ଗାନ୍ଧୀ ଗ୍ରାମ ବିକାଶ ଯୋଜନା ଓ ବିଜୁ ଗ୍ରାମ ଜ୍ୟୋତି ଯୋଜନାର ପ୍ରବର୍ତ୍ତନ ପରେ ୨୦୧୧-୧୨ ସୁଦ୍ଧା ରାଜ୍ୟର ଉପଭୋକ୍ତାଙ୍କ ସଂଖ୍ୟା ୬୮ ଲକ୍ଷରେ ପହଂଚିବାର ସମ୍ଭାବନା ରହିଛି। ଜାତୀୟ ସରକାରଙ୍କ ନିଷ୍ପତ୍ତି ଅନୁସାରେ ଆଗାମୀ ୫ ବର୍ଷରେ ଦେଶର ସବୁ ପରିବାରକୁ ବିଦ୍ୟୁତ୍ ଶକ୍ତି ଯୋଗାଇ ଦିଆଯିବ। ଅପର ପକ୍ଷରେ , ରାଜ୍ୟରେ ଜଳ ବିଦ୍ୟୁତ ଶକ୍ତିର ଉତ୍ପାଦନ ୨୦୦୪-୦୫ରେ ସମୁଦାୟ ଉତ୍ପାଦନର ୫୬.୬୭% ଥିଲା ବେଳେ ୨୦୦୮-୦୯ ବେଳକୁ ୩୦.୩୩%କୁ ଖସିଆସିଛି। ଉପଭୋକ୍ତା ସଂଖ୍ୟା ବୃଦ୍ଧି ଓ ପରିଣାମତଃ ବର୍ଦ୍ଧିତ ଚାହିଦା ଯୋଗୁ ଏହି ଅନୁପାତ ଆହୁରି କମି ଯାଇପାରେ। ସେହି ପରିପ୍ରେକ୍ଷୀରେ, ଉପଭୋକ୍ତାଙ୍କର ବର୍ଦ୍ଧିଷ୍ଣୁ ଚହିଦାର ପରିପୂରଣ ପାଇଁ ଅଧିକ ଦାମ ଦେଇ ତାପଜ ଶକ୍ତି କିଣିବା ଛଡା ଅନ୍ୟ ଉପାୟ ନାହିଁ। ଏଭଳି ସ୍ଥିତିରେ ବର୍ତ୍ତମାନର ଦରରେ ଟାରିଫର ଦର ସ୍ଥିର ରଖିବା ଆଉ ସମ୍ଭବ ନୁହେଁ।

(ଖ) କୋଇଲା ଦର ବଢିଯିବାରୁ ତାପଜ ଶକ୍ତିର ମୂଲ୍ୟ ଦିନକୁ ଦିନ ବଢୁଛି। ଶକ୍ତିର ଦାମ ବଢିଗଲେ ଟାରିଫ ଉପରେ ତା'ର ପ୍ରତ୍ୟକ୍ଷ ପ୍ରଭାବ ପଡିବ। ଏହି ପରିପ୍ରେକ୍ଷୀରେ ବିତରକ କଂପାନୀଙ୍କୁ ଉଚ୍ଚା ସ୍ତରରେ ହେଉଥିବା ହାରାହାରି ବୈଷୟିକ ଓ ବ୍ୟବସାୟିକ କ୍ଷତିକୁ କମାଇବାକୁ ପଡିବ, ଯାହା ୨୦୦୮-୦୯ ଶେଷ ସୁଦ୍ଧା ୪୧.୩୧ % ହିସାବରେ ଅଛି(୩୦.୯.୨୦୦୯ ସୁଦ୍ଧା ୪୦.୨୭% ହୋଇଛି)। ଏହି ହାରାହାରି ବୈଷୟିକ ଓ ବ୍ୟବସାୟିକ କ୍ଷତି ହ୍ରାସ ଯଦି ୧ ପ୍ରତିଶତ କମାଯାଇ ପାରିବ , ତେବେ ୪୮ କୋଟି ଟଙ୍କା ବଂଚାଇ ଦିଆଯାଇ ପାରିବ। ହାରାହାରି ବୈଷୟିକ ଓ ବ୍ୟବସାୟିକ କ୍ଷତିକୁ ବର୍ତ୍ତମାନର ସ୍ତର ୪୧%ରୁ ଯଦି ୩୦%କୁ କମାଇ ଦିଆଯାଇ ପାରିବ,ତେବେ ରାଜ୍ୟର ବିଦ୍ୟୁତ ସେକ୍ଟର ୫୨୮ କୋଟି ଟଙ୍କା ଲାଭରେ ରହିବ ଏବଂ ସେହି ପରିପ୍ରେକ୍ଷୀରେ ଟାରିଫ

ବୃଦ୍ଧିକୁ ସର୍ବନିମ୍ନ ସ୍ତରରେ ରଖାଯାଇ ପାରିବ। ଯଦି ଶୃଙ୍ଖଳିତ ଓ ଅନୁବଦ୍ଧ ଭାବେ ହାରାହାରି ବୈଷୟିକ ଓ ବ୍ୟବସାୟିକ କ୍ଷତିକୁ କମାଇ ଦିଆଯାଇ ପାରିବ, ତେବେ ଏମିତି ଏକ ସମୟ ଆସିପାରେ, ଯେତେବେଳେ ଟାରିଫ ବୃଦ୍ଧିର ଆଉ ଆବଶ୍ୟକତା ପଡି ନପାରେ। ୧୯୯୦-୯୧ ରେ ହାରାହାରି ବୈଷୟିକ ଓ ବ୍ୟବସାୟିକ କ୍ଷତି ୫୨.୧% ଥିଲା, ଯାହା ୧୯୯୮-୯୯ ର ଶେଷ ବେଳକୁ, ଅର୍ଥାତ୍ ବଂଟନକାରୀ କଂପାନୀଗୁଡିକୁ ଘରୋଇ କରଣ ହେବାର ଅବ୍ୟବହିତ ପୂର୍ବ ସମୟକୁ ୬୦.୯% କୁ ବୃଦ୍ଧି ପାଇଲା।

(ଗ) ୬ଷ୍ଠ ବେତନ ଆୟୋଗଙ୍କ ସଂଶୋଧିତ ବେତନ ହାରର ପ୍ରବର୍ତ୍ତନ ଫଳରେ କର୍ମଚାରୀଙ୍କ ବେତନ ଓ ପେନସନର ପରିମାଣ ଅତ୍ୟଧିକ ବଢ଼ିଛି, ଯାହା ବିତରକ କଂପାନୀଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ହୋଇଛି। ପ୍ରସ୍ତାବିତ ଟାରିଫ ବୃଦ୍ଧିର ଏହା ହେଉଛି ଅନ୍ୟତମ ମୁଖ୍ୟ କାରଣ।

(ଘ) ଯେଣୁ, ସଂପ୍ରତି ବିତରକ କଂପାନିମାନେ ବଂଟନ-ନେଟୱାର୍କର ପଦ୍ଧତିଗତ ବିକାଶ ପାଇଁ ଅର୍ଥ ନିବେଶ କରିବାକୁ ଏପର୍ଯ୍ୟନ୍ତ ସମର୍ଥ ହୋଇ ନାହାନ୍ତି, ତେଣୁ ଗ୍ରୀଡକୋ ଜରିଆରେ ସରକାର ବିତରକ କଂପାନୀମାନଙ୍କୁ ଏହି ଉଦ୍ଦେଶ୍ୟରେ ୨୦୦୦ କୋଟି ଟଙ୍କାର ଏକ ଋଣ ଚଳନୀୟ ସୁଧ ହାରରେ ଦେବାକୁ ବିଚାର କରୁଛି। ଏହି ଋଣ ପରିଶୋଧ କଲାବେଳେ ଏହାର ମୂଳ ଓ ସୁଧକୁ ଗ୍ରୀଡକୋ ଜରିଆରେ ହିଁ କରିବାକୁ ପଡିବ। ତା'ଛଡା, ବିତରକ କଂପାନୀମାନଙ୍କୁ ଯେଉଁ ଋଣ ପରିମାଣ ସରକାର ସମୟକୁ ସମୟ ମଂଜୁର କରୁଥିବେ, ତାହାକୁ ଗ୍ରୀଡକୋର ଏସ୍‌କ୍ରୋ ଆକାଉଣ୍ଟରେ ଜମା କରାଯିବ ଓ କଂପାନୀମାନେ ସେହି ଆକାଉଣ୍ଟରୁ ଆବଶ୍ୟକତାମତେ ଉଠାଣ କରି ନିବେଶ କରିବେ। ଅବଶ୍ୟ ସରକାରଙ୍କର ଏହି ପ୍ରସ୍ତାବ ପ୍ରାରମ୍ଭିକ ପର୍ଯ୍ୟାୟରେ ଅଛି। ଏ ପର୍ଯ୍ୟନ୍ତ କୌଣସି ଆଦେଶନାମା ପାସ୍ କରାଯାଇନାହିଁ। ତେବେ ରାଜ୍ୟର ଉପଭୋକ୍ତାଙ୍କ ସ୍ୱାର୍ଥର ସୁରକ୍ଷା ଓ ବିକାଶ ପାଇଁ ସରକାରଙ୍କର ଆନ୍ତରିକତା ଅଛି ବୋଲି ଏହି ପ୍ରସ୍ତାବରୁ ସୂଚନା ମିଳୁଛି।

(ଙ) ଚଳିତ ବର୍ଷର ଶକ୍ତି ସୂଚୀକରଣ ସଂପର୍କରେ କୁହାଯାଇପାରେ ଯେ, ଆମର ଜଳଭଣ୍ଡାରମାନଙ୍କରେ ଅଧିକ ଜଳ ଥିବାରୁ ସରକାରଙ୍କର ପ୍ରସ୍ତୁତି ଉତ୍ତମ ସ୍ଥିତିରେ ଅଛି। ଅପର ପକ୍ଷରେ, ଅଭିଯୋଗ ଆସୁଛି ଯେ, ଗ୍ରାମାଞ୍ଚଳମାନଙ୍କରେ ଦୈନିକ ୫ ରୁ ୭ ଘଣ୍ଟା ପର୍ଯ୍ୟନ୍ତ ଶକ୍ତି କାଟ କରାଯାଉଛି। କିନ୍ତୁ ଏହା ସୂଚାଇ ଦିଆଯାଇପାରେ ଯେ, ଏହି ଶକ୍ତି କାଟ ପିକ୍ ନିର୍ଘଣ୍ଟରେ ନୁହେଁ, ବରଂ ଅଫ-ପିକ୍ ନିର୍ଘଣ୍ଟରେ କରାଯାଉଛି। ତେବେ, ବିତରକ କଂପାନୀମାନେ ଗ୍ରୀଡକୋକୁ ଯେଉଁ ଅତିରିକ୍ତ ଦାମ ଦେଉଛନ୍ତି, ତାହା ସେମାନଙ୍କର ଅଧିକ ଉଠାଣ ଯୋଗୁ ହିଁ ହେଉଛି। ଯଦି ରାଜ୍ୟ ଉପଦେଷ୍ଟା କମିଟି ରାଜି ହୁଅନ୍ତି, ତେବେ ଏହି ବର୍ଷ ଶକ୍ତି ଉପଯୋଗ ଉପରେ କଟକଣା କରାଯାଇପାରିବ। ଅନ୍ୟୂନ ଆଉ ୨ ବର୍ଷ, ଅର୍ଥାତ୍ ୨୦୧୨ ପର୍ଯ୍ୟନ୍ତ ଓଡ଼ିଶା ଶକ୍ତି ସଂକଟର ସମ୍ମୁଖୀନ ହେବ। ଏହି ନିଅଣ୍ଟିଆ ସ୍ଥିତିକୁ ମୁକାବିଲା କରିବାକୁ ରାଜ୍ୟ ସରକାର ସାଧ୍ୟମତେ ପ୍ରୟାସ କରୁଛନ୍ତି। କେନ୍ଦ୍ରୀୟ ଉତ୍ପାଦନକାରୀ ଷ୍ଟେସନ ମାନଙ୍କଠାରୁ ଅଣ-ଅଟକଳିତ ଶକ୍ତି କ୍ରୟ ପାଇଁ ରାଜ୍ୟ ସରକାର ଉଦ୍ୟମ କରୁଛନ୍ତି। ଯେଣୁ, ଅନ୍ୟ ରାଜ୍ୟମାନଙ୍କରେ ମଧ୍ୟ ଶକ୍ତି ସ୍ଥିତି ଭଲ ନୁହେଁ, ତେଣୁ ଓଡ଼ିଶା ଯେ ଅତିରିକ୍ତ ଶକ୍ତି ପାଇବ, ସେ ସମ୍ଭାବନା କମ ବୋଲି ମଧ୍ୟ କୁହାଯାଇପାରେ। ତେବେ, ଓଡ଼ିଶାର ଦାବୀ ୩୫% ରୁ ୧୦% ଅର୍ଥାତ୍ ୨୦୦ ମେଗାୱାଟର ଶକ୍ତି ଟିଏସ୍ ଟିପିଏସକୁ ମଂଜୁର ହୋଇପାରିଛି। ଟିଏସଟିପିଏସର ଉନ୍ନତିକରଣ ପାଇଁ ଏବଂ ନୂଆ ଶକ୍ତି ଷ୍ଟେସନର ପ୍ରତିଷ୍ଠା ପାଇଁ ଓଡ଼ିଶା ରାଜ୍ୟରେ ଉତ୍ପାଦିତ ଶକ୍ତିର ୫୦% ଦାବୀ କରୁଛି। ତା'ଛଡା, ରାଜ୍ୟ ସରକାର ଅନ୍ୟ ରାଜ୍ୟମାନଙ୍କରୁ ଶକ୍ତି ବ୍ୟାକିଙ୍ଗ ପାଇଁ ମଧ୍ୟ ଚେଷ୍ଟା କରୁଛନ୍ତି। ପଂଜାବ ଓ ଆସାମରୁ ୩୦୦ ମେଗାୱାଟର ଶକ୍ତି ଆଣାଯାଇ ପାରିଛି। ରାଜ୍ୟରେ ଥିବା ସବୁ ଜଳଭଣ୍ଡାରମାନଙ୍କର ଜଳକୁ ଜଳସେଚନ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇ ଅଧିକ ଶକ୍ତି ଉତ୍ପାଦନ ପାଇଁ ମଧ୍ୟ ସବୁ ପ୍ରକାର ପ୍ରୟାସ ହେଉଛି।

**ଅନୁମତିଧାରୀଙ୍କର ପ୍ରସ୍ତାବ ଉପରେ ଆୟୋଗଙ୍କର ପର୍ଯ୍ୟବେକ୍ଷଣ ଓ ବିଶ୍ଳେଷଣ (ପରିଚ୍ଛେଦ ୨୮୪ ରୁ ୫୪୪)**

**ଗ୍ରୀଡକୋ ଲିଃ ର ଆଇନଗତ ସ୍ଥିତି ଏବଂ ଏହାର ଆବେଦନର ପ୍ରକୃତି**

୨୮୪. 'ବିଦ୍ୟୁତ୍ ଆଇନ, ୨୦୦୩' (ପରବର୍ତ୍ତୀ ଅବତାରଣାରେ କେବଳ 'ଆଇନ' ବୋଲି କୁହାଯାଇଛି) କାର୍ଯ୍ୟକାରୀ ହେବା ପୂର୍ବରୁ 'ଓଡ଼ିଶା ବିଦ୍ୟୁତ ସଂସ୍କାର ଆଇନ, ୧୯୯୫'(ପରବର୍ତ୍ତୀ ଅବତାରଣାରେ କେବଳ 'ସଂସ୍କାର ଆଇନ' ଭାବେ କୁହାଯାଇଛି) ଅଧିନରେ ଗ୍ରୀଡକୋ କେବଳ ଏକ ସରବରାହକାରୀ ଓ ସ୍ଥୁଳ ଯୋଗାଣ ଅନୁମତିଧାରୀ ଥିଲା। ଓପିଜିସି, ଓଏଚପିସି, ଏନଟିପିସି ଆଦ

ଉତ୍ପାଦନକାରୀ କଂପାନୀଙ୍କ ସହ ଗ୍ରୀଡକୋ ଦୀର୍ଘକାଳୀନ 'ଶକ୍ତି କ୍ରୟ ଚୁକ୍ତିନାମା' ଆବଦ୍ଧ ଥିଲା ଏବଂ ନେସ୍‌କୋ, ଓ୍ୱେସକୋ, ସେସ୍‌କୋ (ବର୍ତ୍ତମାନର 'ସେସୁ') ଏବଂ ସାଉଥ୍‌କୋ ନାମଧାରୀ କଂପାନୀଙ୍କ ସହ ସ୍ଥୁଳ ଯୋଗାଣ ଚୁକ୍ତିନାମାରେ ଆବଦ୍ଧ ଥିଲା। ପ୍ରୋକ୍ତ ଚୁକ୍ତିନାମା ଅନୁଯାୟୀ, ପ୍ରାଥମିକତା ଭିତ୍ତିରେ ଗ୍ରୀଡକୋ ଉପରୋକ୍ତ ୪ ଟି କଂପାନୀଙ୍କୁ ସେମାନଙ୍କର ପୂର୍ଣ୍ଣ ଆବଶ୍ୟକତା ପର୍ଯ୍ୟନ୍ତ ଶକ୍ତି ବିକିବାକୁ ବାଧ୍ୟ ଥିଲା ଏବଂ ସେହିଭଳି ୪ ଟି ଯାକ କଂପାନୀ କେବଳ ଗ୍ରୀଡକୋଠାରୁ ଶକ୍ତି କିଣିବାକୁ ବାଧ୍ୟ ଥିଲେ। ଏହି ବ୍ୟବସ୍ଥା ଓଡ଼ିଶାର ବିତରକ କଂପାନୀଙ୍କ ପାଇଁ ଶକ୍ତି କ୍ରୟର 'ଏକକ କ୍ରେତା ନମୁନା ଭାବେ ପରିଚିତ। ଏହି ବ୍ୟବସ୍ଥା ସୁବିଧାଜନକ ଥିଲା, କାରଣ ଗ୍ରୀଡକୋ ମଧ୍ୟ ସରବରାହ ଅନୁମତିଧାରୀ ଥଲା। ଦୀର୍ଘକାଳୀନ ସ୍ଥୁଳ ଯୋଗାଣ ଚୁକ୍ତିନାମା ଅଧିନରେ ଗ୍ରୀଡକୋ ଓ ବିତରକ କଂପାନୀଙ୍କ ମଧ୍ୟରେ ପାରସ୍ପରିକ ପ୍ରତିବଦ୍ଧତାରେ ବିକାଶ ଘଟିଛି ଏବଂ ଏକ ଐତିହାସିକ ଉତ୍ତରାଧିକାରୀତ୍ୱର ସ୍ମାରକୀ ଭାବେ 'ଏକକ କ୍ରେତା ନମୁନା' ଏବେ ବି ରାଜ୍ୟରେ ପ୍ରଚଳିତ ଅଟେ।

୨୮୫. ୨୦.୪.୧୯୯୫ ଠାରୁ ଗ୍ରୀଡକୋର ଆଇନଗତ ଭିତ୍ତି ଓ ସ୍ଥିତି ଏକ ବଣୀକ ଭାବେ ସ୍ୱୀକୃତ ହେଲା ଏବଂ କଂପାନୀ ଆଇନ, ୧୯୫୬ ମୂଳେ ଏକ ସରକାରୀ କଂପାନୀ ଭାବରେ ତା'ର ଅନ୍ତର୍ଭୁକ୍ତିକରଣ ବିବେଚିତ ହେଲା। ଏହାର ମୁଖ୍ୟ କାର୍ଯ୍ୟ ହେଲା -ଶକ୍ତିର କ୍ରୟ, ସରବରାହ ଓ ସ୍ଥୁଳ ଯୋଗାଣ ବ୍ୟବସାୟ। ୧.୪.୧୯୯୬ ଠାରୁ 'ସଂସ୍କାର ଆଇନ' କାର୍ଯ୍ୟକାରୀ ହେଲା। ଏଥିରେ ଗ୍ରୀଡକୋକୁ କିଛି ଅତିରିକ୍ତ କ୍ଷମତା ଦିଆଗଲା। ପ୍ରୋକ୍ତ ଆଇନର ବିଭାଗ -୧୩ ମୂଳେ ଏହା ତା'ର କାର୍ଯ୍ୟ ପରିଚାଳନା କଲା। ତା'ପରେ , ବିଦ୍ୟୁତ ସଂସ୍କାର ଆଇନ, ୧୯୯୫ ର ବିଭାଗ -୨୩(୫) ଅଧିନରେ ଗଠିତ 'ଓଡ଼ିଶା ବିଦ୍ୟୁତ ନିୟାମକ' (ଆସେଟ୍ ହସ୍ତାନ୍ତରଣ, ଉତ୍ତର-ଦାୟିତ୍ୱ ପ୍ରତି ଦାୟବଦ୍ଧତା, କାର୍ଯ୍ୟକ୍ରମ ସମୂହର ଅନ୍ୱୟନ ଏବଂ ବିତରକ କଂପାନୀଙ୍କ ପ୍ରତି ଗ୍ରୀଡକୋର ବ୍ୟକ୍ତିଗତ ସଂପୃକ୍ତିରେ ନିବିଡ଼ତା) ନିୟମାବଳୀ, ୧୯୯୮ ଅନୁଯାୟୀ ଗ୍ରୀଡକୋ ଠାରୁ ବିଦ୍ୟୁତ୍ ଶକ୍ତିର ବଂଟନ ଦାୟିତ୍ୱ କାଢି ନିଆଗଲା ଏବଂ କଂପାନୀ ଆଇନ, ୧୯୫୬ ଅଧିନରେ ପଂଜିକୃତ ଓ୍ୱେସକୋ, ନେସକୋ, ସାଉଥକୋ ଓ ସେସୁ ନାମଧାରୀ ୪ ଟି ବିତରକ କଂପାନୀଙ୍କ ଉପରେ ନ୍ୟସ୍ତ କରାଗଲା। ତା'ପର ଠାରୁ ଅର୍ଥାତ୍ ୧.୪.୧୯୯୭ ଠାରୁ ' ସଂସ୍କାର ଆଇନର ବିଭାଗ -୧୫(୧) ଅଧିନରେ ଆୟୋଗଙ୍କ ଦ୍ୱାରା ଏକ ଲାଇସେନସ୍ ବା ଅନୁମତି ପତ୍ର ମୂଳେ ଶକ୍ତିର ସ୍ଥୁଳ ଯୋଗାଣ ଓ ସରବରାହ କାର୍ଯ୍ୟ ନିର୍ବାହନ ପୂର୍ବକ ଏକ ସରକାରୀ କଂପାନୀ ଭାବେ ତା'ର କାର୍ଯ୍ୟ ପରିଚାଳନା କଲା। 'ସଂସ୍କାର ଆଇନ'ରେ 'ଯୋଗାଣ' ଶବ୍ଦ କିମ୍ବା 'ସ୍ଥୁଳ ଯୋଗାଣ' ଶବ୍ଦର ସଜ୍ଞାୟନ କରାଯାଇନାହିଁ; କିନ୍ତୁ ଗ୍ରୀଡକୋକୁ ପ୍ରଦତ୍ତ ଉପରୋକ୍ତ 'ସ୍ଥୁଳ ଯୋଗାଣ ଓ ସରବରାହ ଅନୁମତି ପତ୍ର, ୧୯୯୭' ସୂଚାଇ ଦିଏ ଯେ, 'ସେ ଶକ୍ତି ସରବରାହ ବ୍ୟବସାୟ ବାଦ୍ 'ସ୍ଥୁଳ ପରିମାଣର ଶକ୍ତି କ୍ରୟ କରି ସ୍ଥୁଳ ପରିମାଣର ଶକ୍ତି ବିତରକ କଂପାନୀଙ୍କୁ ଯେଗାଇ ଦେବ, କିନ୍ତୁ ଉପଭୋକ୍ତାଙ୍କୁ ନୁହେଁ। ଅତଏବ, ସ୍ଥୁଳ ଯୋଗାଣ ବ୍ୟବସାୟର ପରିଚାଳନା ପାଇଁ ଗ୍ରୀଡକୋ ଉତ୍ପାଦନକାରୀ କଂପାନୀମାନଙ୍କ ସହ ସଂଖ୍ୟାଧିକ ଦୀର୍ଘକାଳୀନ 'ଶକ୍ତି କ୍ରୟ ଚୁକ୍ତିନାମା' (ପିପିଏ) ଏବଂ ବିତରକ କଂପାନୀଙ୍କ ସହ ମଧ୍ୟ ସଂଖ୍ୟାଧିକ ଦୀର୍ଘକାଳୀନ 'ଶକ୍ତି କ୍ରୟ ଚୁକ୍ତିନାମା' (ବିଏସଏ)ରେ ଆବଦ୍ଧ ହେଲା। ୨୬.୫.୨୦୦୩ ରେ ଉପରୋକ୍ତ ଆଇନ ବଳବତ୍ତର ହେବା ଫଳରେ ଉପଭୋକ୍ତାଙ୍କୁ ଗ୍ରୀଡକୋ ଶକ୍ତି ବିକ୍ରୀ କରିପାରିବ ନାହିଁ ବୋଲି ଏକ କଟକଣା ଥିବା ସହିତ ଆଇନର ବିଭାଗ -୨ (୭୧) ମୂଳେ ଗ୍ରୀଡକୋକୁ ଶକ୍ତି ବ୍ୟବସାୟର ଏକ 'ବଣୀକ' ଭାବେ ସଜ୍ଞାୟନକୁ ସିଦ୍ଧ ବିବେଚନା କରାଗଲା।

୨୦୦୫ରେ ଆଇନର ବିଭାଗ -୧୩୧(୪) ଅଧିନସ୍ଥ 'ଓଡ଼ିଶା ବିଦ୍ୟୁତ ନିୟାମକଙ୍କ ଦାୟିତ୍ୱ ହସ୍ତାନ୍ତରଣ କାର୍ଯ୍ୟସୂଚୀ (ସରବରାହ ସଂପର୍କିତ କାର୍ଯ୍ୟସୂଚୀସମୂହ), ୨୦୦୫' ବଳରେଆଇନର ବିଭାଗ -୩୯ରେ ନିହିତ ୧ମ ସର୍ତ୍ତ ଏବଂ ବିଭାଗ-୪୧ରେ ନିହିତ ୩ୟ ସର୍ତ୍ତ ଯୋଗୁ ଗ୍ରୀଡକୋ ଠାରୁ ସରବରାହ ବ୍ୟବସାୟକୁ କାଢି ନିଆଗଲା। ସୁତରାଂ , ଆଉ ଯେଉଁ ଦାୟିତ୍ୱ ଗ୍ରୀଡକୋ ପାଖରେ ରହିଲା, ତାହା ହେଲା -ବିଦ୍ୟୁତ ଶକ୍ତି ବିପଣନ ବା ଟ୍ରେଡିଂ। ସାଧାରଣ ଭାବେ କୁହାଗଲେ, ବିଦ୍ୟୁତ୍ ଆଇନର ବିଭାଗ -୧୪(ଗ) ମୂଳେ ଗ୍ରୀଡକୋକୁ ଏକ ଟ୍ରେଡିଂ ଲାଇସେନ୍‌ସ୍ ବା 'ବିପଣନ ଅନୁମତି ପତ୍ର' ହାସଲ କରିବା ଉଚିତ ହୋଇଥାନ୍ତା, କିନ୍ତୁ ଆଇନର ବିଭାଗ-୧୪ର ୫ମ ସର୍ତ୍ତ ଏହାକୁ ବିରୋଧ କରୁଥିବାରୁ ଗ୍ରୀଡକୋ ପ୍ରୋକ୍ତ ଆଇନ ଅଧିନରେ କେବଳ ଏକ 'ମତାବଲମ୍ବୀ ଅନୁମତିଧାରୀ ଭାବେ ପରିଚିତ ହେବ।

- ଆଇନର ସର୍ତ୍ତ ନିମ୍ନମତେ ବାଖ୍ୟା ପ୍ରକଟ କରେ -

"ଆଇନର ବିଭାଗ -୧୩୧ ର ଉପ-ବିଭାଗ (୨)ରେ ପ୍ରସଂଗିତ ମତେ କଂପାନୀ କିମ୍ବା ସରକାରୀ କଂପାନୀ ଏବଂ ସିଡ୍ୟୁଲରେ ସୂଚିତ ଆଇନ ସହ ସମ୍ବନ୍ଧିତ କଂପାନୀ ବା କଂପାନୀସମୂହ ଏହି ଆଇନ ଅଧିନରେ ଏକ ଅନୁମତିଧାରୀ ଭାବେ ମତାବଲମ୍ବନୀୟ ହେବେ"।

ଉପରୋକ୍ତ ସର୍ତ୍ତ ଅଧିନରେ ଗ୍ରୀଡକୋ ଏକ ଅନୁମତିଧାରୀ ଭାବେ ବିବେଚିତ ହେବ, କାରଣ ଏହା ଏକ ସରକାରୀ କଂପାନୀ ଏବଂ ବିଦ୍ୟୁତ ସଂସ୍କାର ଆଇନ ସହ ସମ୍ବନ୍ଧିତ ମତେ ଏହି କଂପାନୀର ସୃଷ୍ଟି କରାଯାଇଛି, ଯାହା ଆଇନର ସିଡ୍ୟୁଲରେ ସୂଚିତ ହୋଇଛି (ଆଇନର ବିଭାଗ-୧୩୧ର ଉପ-ବିଭାଗ(୨) ସହ ପ୍ରସଂଗିତ ମତେ ଏକ କଂପାନୀ ଯୋଗୁ କେବଳ ନୁହେଁ)। ଆଇନର ୫ମ ସର୍ତ୍ତ 'ଆଇନ ଅଧିନରେ ଅନୁମତିଧାରୀ' (ମତାବଲମ୍ବୀ) ସଂପର୍କରେ କହେ; ବିଶେଷ ଭାବରେ ଏହା ଆନ୍ତଃ-ରାଜ୍ୟ ବା ଅନ୍ତଃ-ରାଜ୍ୟ ଅନୁମତିଧାରୀ ସଂପର୍କରେ କହେ ନାହିଁ। ତେଣୁ, ଏହି ଆୟୋଗ ଏବଂ କେନ୍ଦ୍ରୀୟ ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ଅଧିନରେ ଗ୍ରୀଡକୋ ଏକ ମତାବଲମ୍ବୀ ଅନୁମତିଧାରୀ ବା ଡିମ୍ଡ ଲାଇସେନ୍ସୀ ଭାବେ ପରିଚିତ ହେବ। ଏହି ସଂଜ୍ଞାୟନ ଯୋଗୁ ଗ୍ରୀଡକୋ କାହାଲଗାଁଓ, ଫାରକକା, ଚୁଖା , ଟିଷ୍ଟା ଓ ତଲା ଆଦି ଶକ୍ତି ପ୍ଲାଣ୍ଟରୁ ଶକ୍ତି କିଣି ଓଡ଼ିଶାକୁ ଯୋଗାଣ ପାଇଁ ନିଜକୁ ଯଥାର୍ଥ ସାବ୍ୟସ୍ତ କରାଯିବ। ଯଦିଓ ଆଇନର ବିଭାଗ -୧୪ର ୫ମ ସର୍ତ୍ତ ଅନୁଯାୟୀ, ଗ୍ରୀଡକୋ ଏକ ଡିମ୍ଡ ଲାଇସେନ୍ସୀ ଭାବେ ପରିଚିତ ହୋଇଛି, ତଥାପି ଏହାର ସ୍ଥିତି ଆଇନର ବ୍ୟବସ୍ଥାସମୂହ ସହ ସହ-ସମ୍ବନ୍ଧାନୁସାରୀ ଅଟେ। ଆଇନର ବିଭାଗ -୧୪ର ଧାରା (କ), (ଖ) କିମ୍ବା (ଗ)ରେ ନିହିତ "ପ୍ରକାର" ବା କ୍ୟାଟେଗୋରୀଗୁଡିକ ମଧ୍ୟରୁ ଗୋଟିଏ ଭାବେ ପରିଗଣିତ ହେବ। ଅବଶ୍ୟ ବିଦ୍ୟୁତ୍ ସଂସ୍କାର ଆଇନ ଯୋଗୁ ଏହା 'ସରବରାହ ଓ ସ୍ଥୁଳ ଯୋଗାଣ ଅନୁମତିଧାରୀ' ଭାବେ ଏହାର ସ୍ଥିତି ଜାରି ରଖିପାରିଲା ନାହିଁ। ସରବରାହ ଦାୟିତ୍ୱ ଓପିଟିସିଏଲକୁ ହସ୍ତାନ୍ତରଣ ହୋଇଯିବା ପରେ ଗ୍ରୀଡକୋ ପାଖରେ କେବଳ ସ୍ଥୁଳ ଯୋଗାଣ ଦାୟିତ୍ୱ ରହିଲା। ସ୍ଥୁଳ ପରିମାଣର ଶକ୍ତି ଉତ୍ପାଦନକାରୀ କଂପାନୀଙ୍କଠୁ କିଣିବ ଓ ଓଡ଼ିଶା ରାଜ୍ୟର ବିତରକ କଂପାନୀଙ୍କୁ ସ୍ଥୁଳ ଯୋଗାଣ ଦରରେ ଶକ୍ତି ବିକିବ। ଆଇନର ବିଭାଗ -୨୭ (୧)ରେ ନିହିତ 'ଟ୍ରେଡିଂ'ର ସଜ୍ଞାକୁ ଏହା ସୁଝାଇଥାଏ। ଅତଏବ, ଆଇନର ବିଭାଗ -୧୪ର ୫ମ ସର୍ତ୍ତମୂଳେ ଗ୍ରୀଡକୋର ସ୍ଥିତି ହେଉଛି ଏକ'ମତାବଲମ୍ବୀ ବିପଣନ ଅନୁମତିଧାରୀ' ବା 'ଡିମ୍ଡ ଟ୍ରେଡିଂ ଲାଇସେନ୍ସୀ, ଯାହା ସ୍ଥୁଳ ପରିମାଣର ବିଦ୍ୟୁତ୍ ଶକ୍ତିର ବିପଣନ କାର୍ଯ୍ୟକୁ ପରିଚାଳନା କରିବ।

୨୮୬. ଇଂରାଜୀ 'ଆକ୍ଟ' ଓ ଲ' ଶବ୍ଦର ଓଡ଼ିଆ ଅନୁବାଦ କଲେ ଆମେ ସାଧାରଣତଃ ଉଭୟର ଅର୍ଥ 'ଆଇନ' ବୋଲି କହିଥାଉ ବା ଲେଖିଥାଉ। କିନ୍ତୁ ପ୍ରକୃତରେ 'ଆକ୍ଟ ଓ ଲ'ଦୁଇଟି -ଶବ୍ଦର ଅର୍ଥ ଏକା ନୁହେଁ। କୌଣସି ବିଲ୍ ବା ବିଧେୟକ ବିଧାନସଭା ବା ସଂସଦରେ ସରକାରୀ ଦଳ ଦ୍ୱାରା ଆଗତ ହୋଇଥାଏ। ଏହା ସଂସଦର ଉଭୟ ସଦନ (ଲୋକସଭା ଓ ରାଜ୍ୟସଭା)ର ଦୁଇ-ତୃତୀୟାଂଶ ସଦସ୍ୟଙ୍କ (ପ୍ରତି ସଭାର) ଦ୍ୱାରା ସମର୍ଥିତ ହେଲେ ତାହା 'ଆକ୍ଟ'ରେ ପରିଣତ ହୁଏ। କିନ୍ତୁ ଲ' ଏକ ତର୍କଣାମୂଳକ ବ୍ୟାପାର ବୋଲି କୁହାଯାଇପାରେ। 'ଜଣେ ବଣିକ ଶକ୍ତିର ସ୍ଥୁଳ ଯୋଗାଣ କାର୍ଯ୍ୟ ସଂପାଦନ ଆକ୍ଟ'ର ବ୍ୟବସ୍ଥାନୁମୋଦିତ ନୁହେଁ; କିନ୍ତୁ ଲ'ର ବ୍ୟବସ୍ଥାନୁମୋଦିତ। ଅବଶ୍ୟ ବିଦ୍ୟୁତ ସଂସ୍କାର ଆଇନ ଅଧିନରେ ସଂସ୍କାର ସମୟଠାରୁ ଗ୍ରୀଡକୋର ସ୍ଥୁଳ ଯୋଗାଣ କାର୍ଯ୍ୟ ପରିଚାଳନା ଏକ ଐତିହାସିକ ଉତ୍ତରାଧିକାରତ୍ୱ ସୂତ୍ରରେ ଗଢିଆସୁଛି। ଯେ ପର୍ଯ୍ୟନ୍ତ ବିତରକ କଂପାନୀଙ୍କ ସହ ସ୍ଥୁଳ ଯୋଗାଣ ଚୁକ୍ତିନାମା ଚାଲୁଥିବ, ସେ ପର୍ଯ୍ୟନ୍ତ ଏହି ଧାରା ଅବ୍ୟାହତ ରହିଥିବ। କେତେକ ଅଭିଯୋଗକାରୀ ମତ ପ୍ରଦାନ କରିଛନ୍ତି ଯେ, 'ଏକକ କ୍ରେତା ନମୁନା' ବା 'ସିଙ୍ଗଲ୍ ବାୟର୍ ମଡେଲ' ଆକ୍ଟର ନିର୍ଯାସ-ବିରୋଧି ଅଟେ ଏବଂ ଏହା ସାଂଘାତିକ ଭାବେ ଉପଭୋକ୍ତାଙ୍କର କ୍ଷତି ସାଧନ କରେ। ଏହି ପ୍ରକ୍ରିୟାରେ, ବର୍ତ୍ତମାନ ଭଳି ଆୟୋଗଙ୍କୁ ଦର ନିର୍ଦ୍ଧାରଣ କରିବାକୁ ପଡେ; ଏବଂ ତେଣୁ ଆୟୋଗ ଏହି ବୃହତ୍ ପ୍ରସଂଗଟିକୁ ସୂଚାଇବାରୁ ନିଜକୁ କ୍ଷାନ୍ତ କରିଛନ୍ତି। ତେବେ ସେ ଯା ହେଉ, ଆୟୋଗ ଏହି ମତ ପୋଷଣ କରନ୍ତି ଯେ, ଆକ୍ଟ ବଳବତ୍ତର ହେବା ପରେ ମଧ୍ୟ, ଏକ ମତାବଲମ୍ବୀ ବିପଣନ-ଅନୁମତିଧାରୀ ବା ଡିମ୍ଡ ଟ୍ରେଡିଂ ଲାଇସେନସି ଭାବରେ ଗ୍ରୀଡକୋର ସ୍ଥିତି ଉତ୍ତମ ଅଟେ , ଯଦିଓ 'ଶକ୍ତି କ୍ରୟ ଚୁକ୍ତିନାମା' ଓ 'ସ୍ଥୁଳ ଯୋଗାଣ ଚୁକ୍ତିନାମା' ଆଧାରରେ ଏହାର ବିପଣନ ବା ଟ୍ରେଡିଂ କାର୍ଯ୍ୟ ଅଣ-ପ୍ରତିଦ୍ୱନ୍ଦିତାକ୍ଷମ ବୋଲି ଯୌକ୍ତିକ ଭାବେ ପ୍ରଶ୍ନ କରାଯାଇପାରେ ଏବଂ ଏହା ମଧ୍ୟ ପ୍ରୋକ୍ତ ଆଇନ(ଆକ୍ଟ)ର ବଭାଗ -୨୧(୧) ଅଧିନରେ ଏକ 'ପ୍ରାସଗିଂକତା' କୁ ଉପଲକ୍ଷ୍ୟ କରି 'ପ୍ରତିଦ୍ୱନ୍ଦିତା ଆକ୍ଟ,୨୦୦୨' ର ଉପବିଭାଗ ୩(୧) ଓ ୪(୧) ତଥା ଆକ୍ଟର

ବିଭାଗ -୬୦କୁ ଉଲଂଘନ କରେ। ଏହି ଶେଷ ପ୍ରଶ୍ନ ସଂପର୍କରେ ଆୟୋଗ କୌଣସି ମତ ପ୍ରକାଶ କରିନାହାନ୍ତି। ସୁନିର୍ଦ୍ଦିଷ୍ଟ ଭାବେ ସଂଶିତ ପ୍ରଶ୍ନଟିକୁ ଉଠାଯାଇ ନ ଥିବାରୁ ଆୟୋଗ ସେ ସଂପର୍କିତ ଆଲୋଚନାକୁ ବା ଯୁକ୍ତିକୁ ଶୁଣିବାକୁ ସୁଯୋଗ ନେଇ ନାହାନ୍ତି। ଆୟୋଗ ବଦ୍ଧମୂଳ ଭାବେ ଆଲୋଚନାକୁ ଆଗେଇ ନେଇଛନ୍ତି ଯେ, ଜଣେ ବଣିକ ବା ଟ୍ରେଡର ଭାବରେଗ୍ରୀଡକୋର ଆଇନଗତ ସ୍ଥିତି ଅଛି ଏବଂ ବର୍ତ୍ତମାନ ସମୟର ସତ୍ୟ ଏହି ଯେ, ବିତରକ କଂପାନୀମାନେ ମୁଖ୍ୟତଃ ଗ୍ରୀଡକୋକୁ ଶକ୍ତି କ୍ରୟ କରନ୍ତି। ସମୁଦାୟ ବାସ୍ତବ ଉଦ୍ଦେଶ୍ୟ ମୂଳେ, ବିତରକ କଂପାନୀମାନଙ୍କୁ ଆୟୋଗଙ୍କ ନିର୍ଦ୍ଧାରିତ ଦରରେ ସ୍ଥୁଳ ପରିମାଣର ଶକ୍ତି ଯୋଗାଣ କରି ଗ୍ରୀଡକୋ ଓଡ଼ିଶା ଶକ୍ତି ସେକ୍ଟରର ମୁଖ୍ୟ ଅଂଶୀଦାର ଭାବରେ ନିଜର ସ୍ଥିତି ଜାହିର କରିଛି, ଯଦିଓ ନିଜେ କ୍ଷତି ସହି ବିଭିନ୍ନ ଉତ୍ସରୁ ଏପରିକି ଅଧିକ ବା ଉଚ୍ଚା ଦାମରେ ତାକୁ ଶକ୍ତି କିଣିବାକୁ ପଡୁଛି। ସର୍ବଶେଷ ଓ ଅପରିହାର୍ଯ୍ୟ ହିତାଧିକାରୀ ହେଉଛନ୍ତି ଓଡ଼ିଶାର ଉପଭୋକ୍ତାମାନେ।

୨୮୭. ଜଣେ ବଣିକ ବା ଟ୍ରେଡର ହିସାବରେ ଗ୍ରୀଡକୋର ଆଇନଗତ ସ୍ଥିତି ସହ ପ୍ରାସଂଗିକ ଭାବେ ତା'ର କାର୍ଯ୍ୟକଳାପ ଓ କାର୍ଯ୍ୟ ପରିଚାଳନା ମଧ୍ୟରେ ଏକ ଉଲ୍ଲେଖ ଯୋଗ୍ୟ ପାର୍ଥକ୍ୟ ରହିଛି। " ଆକ୍ଟର ବିଭାଗ -୧୩୧(୨) ଏବଂ (୪) ଉତ୍ପାଦନକାରୀ କଂପାନୀ, ସରବରାହ ଅନୁମତିଧାରୀ କିମ୍ବା ବଂଟନ-ଅନୁମତିଧାରୀଙ୍କ ସଂପର୍କରେ ଉଲ୍ଲେଖ କରେ, କିନ୍ତୁ ବିପଣନ-ଅନୁମତିଧାରୀଙ୍କ ସଂପର୍କରେ ନୁହେଁ -ତେଣୁ ଗ୍ରୀଡକୋର ଆଇନଗତ ସ୍ଥିତି ଅଛି ବୋଲି କୁହାଯାଇ ପାରିବ ନାହିଁ" ର ଆରୋପକୁ ଆୟୋଗ ଖଣ୍ଡନ କରିଛନ୍ତି। ବିଦ୍ୟୁତ୍ ଶିଳ୍ପର ପୁନଃ-ପ୍ରତିଷ୍ଠାର ପ୍ରକ୍ରିୟାରେ 'ଦାୟିତ୍ୱ ହସ୍ତାନ୍ତରଣ' ଏବଂ ସଂପତ୍ତି, ଲାଭ, ଅଧିକାର ଓ ଅପରିହାର୍ଯ୍ୟ-ଦାୟବଦ୍ଧତାର ନ୍ୟସ୍ତତା ଉପରେ ଆକ୍ଟର ବିଭାଗ -୧୩୧ଚର୍ଚ୍ଚା କରେ। ତେବେ ଆକ୍ଟର ବିଭାଗ -୧୪ , ବିଭାଗ -୨(୭୧) , ବିଭାଗ -୧ (ଙ) ଏବଂ ବିଭାଗ -୮୬ (୧)(ଘ) ବିପଣନକାରୀ ବା ଟ୍ରେଡର ସଂପର୍କରେ ବିଶ୍ଳେଷଣ କରେ। ଏହା ସତ୍ୟ ଯେ, ଆକ୍ଟର ବିଭାଗ ୧୩୧ ମୂଳେ ସଂପତ୍ତି , ଲାଭ ଅଧିକାର ଓ ଅପରିହାର୍ଯ୍ୟ-ଦାୟବଦ୍ଧତାକୁ ବିପଣନ ଅନୁମତିଧାରୀଙ୍କୁ ହସ୍ତାନ୍ତରଣ କରାଯାଇ ପାରିବ ନାହିଁ, କିନ୍ତୁ ଏଭଳି ପରାମର୍ଶ ଦେବା ଭୁଲ ହେବ ଯେ, 'ଆକ୍ଟ ପ୍ରଣୟନ ହେବା ସମୟରେ ସ୍ଥିତି ସଂପନ୍ନ କୌଣସି ସରକାରୀ କଂପାନୀ, ଯାହାର ବ୍ୟବସାୟିକ କାର୍ଯ୍ୟସୂଚୀ ଆକ୍ଟର ବିଭାଗ -୨ (୭୧)ମୂଳେ 'ବିପଣନ' ବା ଟ୍ରେଡିଂ'ର ସଂଜ୍ଞାକୁ ଚରିତାର୍ଥ କରୁଥିବ, ତାହା ଆକ୍ଟର ବିଭାଗ -୧୪ର ୫ମ ସର୍ତ୍ତମତେ ଏକ 'ମତାବଲମ୍ବୀ ଅନୁମତିଧାରୀ' ହୋଇ ପାରିବ ନାହିଁ।

୨୮୮. ବିତରକ କଂପାନୀମାନଙ୍କୁ ଗ୍ରୀଡକୋ ଏକକ ଭାବେ ସ୍ଥୁଳ ଯୋଗାଣ ଶକ୍ତି ବିକୁଥିବାରୁ ସେ ପ୍ରଭୁପଣିଆ ମଧ୍ୟ ଜାହିର କରୁଛି। ତେବେ, ଆକ୍ଟ ବା ଆଇନର ଉପ ବିଭାଗ -୬୦ରେ ଗ୍ରୀଡକୋକୁ ତା'ର ଏହି ପ୍ରଭୁପଣିଆରୁ ବିରତ ରହିବାକୁ ସ୍ୱୀକାର କରିବାକୁ କୁହାଯାଇଛି। ଅର୍ଥାତ୍, ରାଜ୍ୟରେ ଶକ୍ତିର ନିଅଣ୍ଟିଆ ସ୍ଥିତିରେ ବା ରାଜ୍ୟର ଉତ୍ପାଦନକାରୀ କଂପାନୀମାନେ ରାଜ୍ୟର ଚାହିଦା ମୁତାବକ ଶକ୍ତି ଉତ୍ପାଦନ କରିବାକୁ କୌଣସି ସମୟରେ ଅସମର୍ଥ ହେଉଥିଲେ ଓ ସେମାନଙ୍କର ଶକ୍ତି କ୍ରୟ ଚୁକ୍ତିନାମା ଅନୁଯାୟୀ ଗ୍ରୀଡକୋକୁ ସ୍ଥୁଳ ଶକ୍ତି ଯୋଗାଇବାକୁ ଅସମର୍ଥ ହେଉଥିଲେ, ସେହି ପରିପ୍ରେକ୍ଷୀରେ ଗ୍ରୀଡକୋ ଏହି ନିଅଣ୍ଟିଆ ସ୍ଥିତିର ସୁଯୋଗ ନେଇ ନିଜର ଏକଚାଟିଆ କାରବାର ଜାହିର କରିବା ଜାରି ରଖିବା ଉଚିତ ନୁହେଁ, କାରଣ ଏହି ସମୟରେ ଗ୍ରୀଡକୋକୁ ଖୋଲା ବଜାରରୁ ଅଧିକ ଦାମରେ ଶକ୍ତି କିଣିବାକୁ ପଡିଥାଏ। ଖୋଲା ବଜାରରୁ ଶକ୍ତି କିଣା ଜନିତ ପ୍ରକୃତି ଦାମ ବା ସାମୁଦାୟିକ ତଥ୍ୟକୁ ଗ୍ରୀଡକୋ ଆୟୋଗଙ୍କ ସମକ୍ଷରେ ଉପସ୍ଥାପନ କରିବା ଉଚିତ, ନଚେତ୍ ଆୟୋଗଙ୍କ ଦ୍ୱାରା ଟାରିଫ ନିର୍ଦ୍ଧାରଣରେ ଅସନ୍ତୁଳିତ ଅବସ୍ଥା ସୃଷ୍ଟି ହୋଇପାରେ। ଆଇନର ବିଭାଗ -୨୩ ମୂଳେ ଗ୍ରୀଡକୋ ଆୟୋଗଙ୍କର ନିର୍ଦ୍ଦେଶନାମାକୁ ମାନି ଚଳିବା ଉଚିତ। ଏହି ପରିପ୍ରେକ୍ଷୀରେ, କେଶ୍ ନଂ -୧/୨୦୧୦ ରେ ୧୪.୧.୨୦୧୦ର ଆୟୋଗଙ୍କ ଆଦେଶନାମାକୁ ପ୍ରସଂଗିତ କରାଯାଇପାରେ। ଯଦି ଏମିତି ହୋଇଥାଏ ଯେ, ଗ୍ରୀଡକୋ ଆୟୋଗଙ୍କୁ କୌଣସି ସୂଚନା ନ ଦେଇ ନିଜ ଇଚ୍ଛାନୁଯାୟୀ ଉଚ୍ଚା ଦାମରେ ଶକ୍ତି କିଣିଥାଏ, ତେବେ ସେ କଥା ସେ ନିଜେ ବୁଝିବ। ଉପଭୋକ୍ତାଙ୍କ ଉପରେ ବୋଝ ନ ଲଦିବା ପାଇଁ ଆୟୋଗ ଉଚ୍ଚା ଦାମରେ ଶକ୍ତି କୁ ଅନୁମତି ଦେଇ ନ ପାରନ୍ତି।ଆୟୋଗଙ୍କ ପାଖରେ ଉପଲବ୍ଧତା ଥିବା ପରିସଂଖ୍ୟାନରୁ ଜଣା ପଡେ ଯେ, ୨୦୦୯ ଏପ୍ରିଲ ଠାରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଚୁକ୍ତିବଦ୍ଧ ଶକ୍ତି ପରିମାଣ ବାଦ ଅତିରିକ୍ତ ୮୭୦.୨୦ ଲକ୍ଷ ୟୁନିଟର ଶକ୍ତି କିଣା ବାବଦକୁ ୫୦୪ .୦୧ କୋଟି ଟଙ୍କା ବ୍ୟୟ କରିଛି।

୨୮୯. ଆକ୍ଟର ବିଭାଗ -୮୬(୧)(ଖ) ଅନୁଯାୟୀ, ଆୟୋଗଂକୁ ସେହି ନିର୍ଦ୍ଧାରଣ-ଯୋଗ୍ୟ ଦରରେ ଦର ନିୟନ୍ତ୍ରଣ କରିବାକୁ ପଡିବ, ଯେଉଁ ଦରରେ ବଂଟନକାରୀ କଂପାନୀମାନେ ଉତ୍ପାଦନକାରୀ କଂପାନୀ କିମ୍ବା ଅନୁମତିଧାରୀ (ଯଥା-ଗ୍ରୀଡକୋ, ଯିଏ ଏକ ଡିମ୍ଡ୍ ଟ୍ରେଡିଂ ଅନୁମତିଧାରୀ)ଙ୍କ ଠାରୁ କିମ୍ବା ଅନ୍ୟ ଉତ୍ସରୁ ଚୁକ୍ତିନାମା ମାଧ୍ୟମରେ ଶକ୍ତି କିଣି ପାରନ୍ତି। ଦର ନିୟାମକ-ଯୋଗ୍ୟ ଶକ୍ତି ସମୟକୁ ସମୟ ନିୟାମକ-ଦର ନିର୍ଦ୍ଧାରଣ ଉଦ୍ଦେଶ୍ୟରେ ଶକ୍ତିକୁ ହିଁ ବୁଝାଇବ। ଗ୍ରୀଡକୋ ସହ ପ୍ରଚଳିତ ସ୍ଥୁଳ ଯୋଗାଣ ଚୁକ୍ତିନାମା ଅଧିନରେ ବିତରକ କଂପାନୀମାନଙ୍କ ଦ୍ୱାରା ଶକ୍ତି କ୍ରୟ ପାଇଁ ଏକ ନିୟାମକ ଦର ନିର୍ଦ୍ଧାରଣରେ ଆୟୋଗଙ୍କୁ ଏହି ବ୍ୟବସ୍ଥା ସମର୍ଥ କରାଏ। ପ୍ରତ୍ୟୟଗତ ଭାବେ, ଯେ କୌଣସି କ୍ରେତାଙ୍କୁ ଗ୍ରୀଡକୋ ଦ୍ୱାରା ଶକ୍ତି ବିକ୍ରୀ ପାଇଁ ସାଧାରଣ ତାରିଫ ଧାର୍ଯ୍ୟକରଣଠାରୁ ପୃଥକ ଅଟେ (ଯେଉଁଥିପାଇଁ ଆୟୋଗଙ୍କର କୌଣସି କ୍ଷମତା ନାହିଁ)।

୨୯୦. ଆକ୍ଟର ବିଭାଗ -୬୨ମୂଳେ, ଜଣେ ବଣିକ ଦ୍ୱାରା ବିଦ୍ୟୁତ୍ ଶକ୍ତିର ବିକ୍ରୀ ପାଇଁ ଆୟୋଗ ତାରିଫ ସ୍ଥିର କରନ୍ତି ନାହିଁ ଏବଂ କରିପାରିବେ ନାହିଁ ମଧ୍ୟ ଏବଂ ଜଣେ ବଣିକ ହିସାବରେ ଗ୍ରୀଡକୋ ପାଇଁ ସେଭଳି କରିବାକୁ ଆୟୋଗ ମଧ୍ୟ ଉଦ୍ଦେଶ୍ୟ ରଖନ୍ତି ନାହିଁ; ଯଦିଓ ଆକ୍ଟର ବିଭାଗ -୬୨ ସହ ପଠିତ ବିଭାଗ -୮୬(୧) ମୂଳେ, ଉତ୍ପାଦନକାରୀ କିମ୍ବା ବିତରକମାନଙ୍କ ଦ୍ୱାରା (ବଣିକ ବାଦ୍ ଅନ୍ୟ ଅନୁମତିଧାରୀ) ବିଦ୍ୟୁତ୍ ଶକ୍ତିର ସାମୁଦାୟିକ -ବିକ୍ରୀ କିମ୍ବା ସ୍ଥୁଳଯୋଗାଣ ପାଇଁ ଆୟୋଗ ତାରିଫ ନିର୍ଦ୍ଧାରଣ କରିପାରନ୍ତି। ଆକ୍ଟର ବିଭାଗ -୬୨ ଏବଂ ବିଭାଗ -୮୬(୧) (କ) ଏବଂ ବିଭାଗ-୮୬(୧) (ଞ)ର ସୁ-ସଂହତ ବିଶ୍ଳେଷଣରୁ ଏହା ସ୍ପଷ୍ଟ ହୁଏ। କିନ୍ତୁ 'ଏକକ କ୍ରେତା ନମୁନା' ବା 'ସିଙ୍ଗଲ ବାୟର ମଡେଲ'ର ସାଂପ୍ରତିକ ସ୍ଥିତିରେ ଏମିତି ସଂଘଟନ ହେଉଛି ଯେ, ବିଭାଗ -୮୬(୧)(ଖ) ଅନୁଯାୟୀ, ବିତରକ କଂପାନୀଙ୍କ ପାଇଁ ନିୟାମକ କ୍ରୟ ଦର ଓଡ଼ିଶାର କେବଳ ବର୍ତ୍ତମାନର ବିତରକ କଂପାନୀମାନଙ୍କୁ ଶକ୍ତି ବିକ୍ରୀ ପାଇଁ ଜଣେ ବଣିକ ଭାବରେ ଗ୍ରୀଡକୋର ବିକ୍ରୀ ଦର ସହ ସମାନ ହୋଇଯାଏ। ସ୍ଥିତ ସ୍ଥୁଳ ଯୋଗାଣ ଚୁକ୍ତିନାମା ଅନୁଯାୟୀ, ଚୁକ୍ତି ଭିତ୍ତିକ ଦାୟବଦ୍ଧତାର ପରିପୂରଣ ପରେ ଯଦି ଗ୍ରୀଡକୋ ବଳକା ଶକ୍ତି କୁ ଆକ୍ଟର ବିଭାଗ --୪୯ ସହ ପଠିତ ବିଭାଗ -୪୨ ମୂଳେ, ସିଧାସଳଖ ଅନ୍ୟ କୌଣସି ଉପଭୋକ୍ତା କିମ୍ବା ଅନ୍ୟ କୌଣସି ବଣିକ, ଏବଂ ଏପରିକି ଆକ୍ଟର ବିଭାଗ -୧୪ ଅଧିନରେ ୬ଷ୍ଠ ସର୍ତ୍ତ ମୂଳେ ଅନୁମତିପ୍ରାପ୍ତ ଅନ୍ୟ ଏକ ବଂଟନକାରୀଙ୍କୁ ବିକ୍ରୀ କରେ, ତେବେ ସେହିମାନଙ୍କର କ୍ରୟ ଦର,ଯାହା ଗ୍ରୀଡକୋର ବିକ୍ରୀ ଦର ସହ ସମାନ ହୋଇଯାଏ, ତାହାକୁ ଏହି ଆଦେଶନାମାର ସ୍ଥିରୀକରଣ ଅନୁଯାୟୀ ସମାନ ହୋଇଗଲା ବୋଲି ବୁଝାଯିବ ନାହିଁ।

୨୯୧. ସ୍ଥୁଳ ଯୋଗାଣ ଚୁକ୍ତିନାମା ସହ ସମ୍ବନ୍ଧିତ ଭାବେ ବର୍ତ୍ତମାନର ବିତରକ କଂପାନୀମାନଙ୍କ ପାଇଁ ଆଇନର ବିଭାଗ -୮୬(୧)(ଖ) ମୂଳେ ଗ୍ରୀଡକୋ ଆବେଦନ ପତ୍ର ଦାଖଲ କରିଛି ଏ୍ବଂ ସ୍ଥୁଳ ଶକ୍ତିର ବିକ୍ରୀ ଦର ନିର୍ଦ୍ଧାରଣ ପାଇଁ ଆୟୋଗଙ୍କୁ ପ୍ରାର୍ଥନା କହିବା ସହ ତା'ର ଏଆର୍ଆର୍ ମଧ୍ୟ ଆଗତ କରିଛି। ୨୦୦୯ର କେଶ୍ ନଂ-୧୪୦,୧୪୧,୧୪୨ ଏବଂ ୧୪୩ ରେ ବିତରକ କଂପାନୀମାନେ ସେମାନଙ୍କର ତାରିଫ ଦରଖାସ୍ତରେ ଶକ୍ତି କ୍ରୟର ଦର ସ୍ଥିରୀକରଣ ପାଇଁ ପ୍ରାର୍ଥନା କରିନାହାନ୍ତି, କିନ୍ତୁ ଏହି ସ୍ଥିରୀକରଣ ତାରିଫର ମୌଳିକ ନିର୍ଦ୍ଧାରକ ହୋଇଥିବାରୁ ଏହା ସେମାନଙ୍କର ପ୍ରାର୍ଥନାରେ ସ୍ୱତଃ ତାରିଫ ନିର୍ଦ୍ଧାରଣକୁ ସୂଚାଉଛି। କେତେକ ସ୍ଥଳରେ, ଗ୍ରୀଡକୋର ଦରଖାସ୍ତ ଏକ ତାରିଫ ଦରଖାସ୍ତ ଭାବେ ବିବେଚିତ ହେଉନାହିଁ, କିନ୍ତୁ ପ୍ରଚଳିତ ସ୍ଥୁଳ ଯୋଗାଣ ଚୁକ୍ତିନାମା ଅନୁଯାୟୀ ବର୍ତ୍ତମାନର ବଂଟନକାରୀ କଂପାନୀଙ୍କ ଦ୍ୱାରା ଶକ୍ତି କ୍ରୟ ପାଇଁ ଏକ ନିୟାମକ ଦରର ସ୍ଥିରୀକରଣ ଉଦ୍ଦେଶ୍ୟରେ ଆୟୋଗଙ୍କୁ କାର୍ଯ୍ୟାନ୍ୱୟନରେ ଆଗେଇବା ପାଇଁ ତାହା ସହାୟକ ସାମଗ୍ରୀ ଭାବେ ସାବ୍ୟସ୍ତ ହୋଇଥାଏ। ଏହି ପରିପ୍ରେକ୍ଷୀରେ, ସର୍ବଶେଷରେ ଆୟୋଗ ଗ୍ରୀଡକୋର ପ୍ରାର୍ଥନାକୁ ଗ୍ରହଣ କରିଛନ୍ତି , କାରଣ ପ୍ରଚଳିତ 'ଏକକ କ୍ରେତା ନମୁନା' ବା 'ସିଙ୍ଗିଲ୍ ବାୟର ମଡେଲ'ରେ ବର୍ତ୍ତମାନର ବିତରକ କଂପାନୀଙ୍କର ଶକ୍ତିର କ୍ରୟ ଦର ଗ୍ରୀଡକୋର ବିକ୍ରୀ ଦର ସହ ମେଳ ଖାଇ ଯାଉଛି। ତେଣୁ, ସଂଶିତ ପ୍ରସଂଗ ଉପରେ ଗ୍ରୀଡକୋର ଆତ୍ମପକ୍ଷ ସମର୍ଥନ ପୂର୍ବକ କହିବା ବା ଉପସ୍ଥାପନ କରିବା ଔଚିତ୍ୟପୂର୍ଣ୍ଣ ଅଟେ ଏବଂ ଯଦିଓ ବି ଆୟୋଗ ବର୍ତ୍ତମାନର ବିତରକ କଂପାନୀଙ୍କ ପାଇଁ ବାଂଛିତ ଭାବେ କ୍ରୟ ଦରକୁ ସ୍ଥିର କରୁଛନ୍ତି, ତେବେ ବି ଗ୍ରୀଡକୋର ଉପସ୍ଥାପନାକୁ ବିଚାର କରିବା ଔଚିତ୍ୟପୂର୍ଣ୍ଣ ଅଟେ। ଯେ ପର୍ଯ୍ୟନ୍ତ ଗ୍ରୀଡକୋର ଏଆର୍ଆର୍‌କୁ ବିଚାର ଓ ଅନୁମୋଦନ କରାଯାଇନାହିଁ, ସେ ପର୍ଯ୍ୟନ୍ତ ଏହି ପରିପ୍ରେକ୍ଷୀରେ ଗ୍ରୀଡକୋ ଆବେଦନର କୌଣସି ଅର୍ଥବୋଧ-ସଂପନ୍ନ ଶୁଣାଣି ପ୍ରଦାନ କରାଯାଇ ପାରିବ ନାହିଁ। ଅତଏବ, ଏହି

ମର୍ମରେ ଗ୍ରୀଡକୋର ଏଆର୍‌ଆରକୁ ବିଚାର ଓ ବିଶ୍ଳେଷଣ କରାଯାଇଥିଲା, କିନ୍ତୁ ଗ୍ରୀଡକୋ ପାଇଁ ଏକ ସାଧାରଣ ତାରିଫର ସ୍ଥିରୀକରଣ ପରିପ୍ରେକ୍ଷୀରେ ନୁହେଁ।

୨୯୨. ବିଦ୍ୟୁତ୍ ଶିଳ୍ପର ପୁନଃ-ପ୍ରତିଷ୍ଠା ପ୍ରକ୍ରିୟାରେ, ଗ୍ରୀଡକୋ ଏକ ବିପଣନ ଅନୁମତିଧାରୀ ଭାବରେ ସେତେବେଳକାର ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡ କିମ୍ବା ଆକ୍ଟର ବିଭାଗ -୧୩୧ ମୂଳେ ବଂଟନ ଓ ସରବରାହ କାର୍ଯ୍ୟ ପରିଚାଳନା କରୁଥିବା ସେତେବେଳକାର ଗ୍ରୀଡକୋ କୌଣସି ଉତ୍ତର -ଦାୟିତ୍ୱକୁ ପ୍ରାପ୍ତ ହୋଇପାରିଲା ନାହିଁ। ତେଣୁ, ଆରୋପ କରାଯାଉଛି ଯେ, ଏକ ବିପଣନ-ଅନୁମତିଧାରୀ ଭାବରେ ଗ୍ରୀଡକୋର ଦରଖାସ୍ତରେ ଦର୍ଶାଯାଇଥିବା 'ବିଗତ ଦିନର କ୍ଷତି' ବାକିଆଦେୟର ନିରାପତ୍ତାକରଣ ଓ ଅନ୍ୟାନ୍ୟ ସଂପର୍କିତ ଦାମ୍ କୁ ଆୟୋଗ ବିଚାର କରିବା ଯୁକ୍ତି ସଂଗତ ନୁହେଁ। ପୁନଶ୍ଚ, ଏକ ଗଭୀର ଅନୁଧ୍ୟାନ ଓ ବିଶ୍ଳେଷଣ ପ୍ରତିଫଳନ ଓ ପ୍ରତିପାଦନ କରୁଛି ଯେ, ଏହି ସବୁ ବିଗତ ଦିନର କ୍ଷତି, ଦାୟିତ୍ୱ ସମୂହର ନିରାପତ୍ତାକରଣ ଏବଂ ଅନ୍ୟାନ୍ୟ ସଂପର୍କିତ ଦାମ୍ ସମୂହ ବାସ୍ତବରେ ବିତରକ କଂପାନୀଙ୍କର ହିଁ ଉତ୍ତର-ଦାୟିତ୍ୱ ଏବଂ ସେହିମାନଙ୍କ ଦ୍ୱାରା ହିଁ ସେବା-ସାଧନ କରାଯାଉଛି, ଏହି ଉତ୍ତର ଦାୟିତ୍ୱ ସମୂହକୁ ନିମ୍ନ ପ୍ରକାରର ଶ୍ରେଣୀକରଣ କରାଯାଇପାରେ।

(କ) ଯେତେବେଳେ ବଂଟନ ଦାୟିତ୍ୱ ବିତରକ କଂପାନୀମାନଙ୍କୁ ହସ୍ତାନ୍ତରଣ କରାଗଲା ସେତେବେଳେ, ଅର୍ଥାତ୍ ୧.୪.୧୯୯୯ ସୁଦ୍ଧା ଗ୍ରୀଡକୋ ପାଖରେ ସବୁ ଉତ୍ତର-ଦାୟିତ୍ୱ ନ୍ୟସ୍ତ ଥିଲା। ଉତ୍ପାଦନକାରୀ କଂପାନୀମାନଙ୍କୁ ଦେବାକୁ ଥିବା ଶକ୍ତି କ୍ରୟ ଜନିତ ଅର୍ଥ ଏବଂ ଗ୍ରୀଡକୋ ବଂଟନ ଦାୟିତ୍ୱ ପରିଚାଳନା କରୁଥିବା ବେଳେ ଉପଭୋକ୍ତାଦିଙ୍କ ଠାରୁ ପ୍ରାପ୍ୟ ବାକିଆ ଦେୟ ଆଦି ଏହି ଦାୟିତ୍ୱ ମଧ୍ୟରେ ଅନ୍ତର୍ଭୁକ୍ତ ଅଟେ। ଏହି ସବୁ ଦାୟିତ୍ୱ ବିତରକ କଂପାନୀଙ୍କୁ ହସ୍ତାନ୍ତରଣ କରାଯାଇ ପାରିଲା ନାହିଁ, କାରଣ ସେମାନେ ଏହାକୁ ଗ୍ରହଣ କରିବାକୁ ଅରାଜି ହେଲେ। ତେଣୁ, ଗ୍ରୀଡକୋ ଏକ ମତାବଲମ୍ବୀ ଅନୁମତିଧାରୀ ହେଲା ପରେ ବି ତାହା ଗ୍ରୀଡକୋ ପାଖରେ ରହିଲା।

(ଖ) ୧.୪.୧୯୯୯ ଠାରୁ ଏ ପର୍ଯ୍ୟନ୍ତ ବିତରକ କଂପାନୀମାନଙ୍କର ନିରାପତ୍ତାକରଣୀତ ଉତ୍ତର-ଦାୟିତ୍ୱ ସମୂହ ହେଲା- ଏନଟିପିସି-୩ ଏବଂ ଏନଟିପିସି -୪ ବନ୍ଧକ ସମୂହ, ଓଏଚପିସି ବନ୍ଧକ ସମୂହ, ନାଲକୋ -୧ ଓ ନାଲକୋ-୨ ବନ୍ଧକ ସମୂହ, ଶକ୍ତି ବଂଧକ ସମୂହ -୧ ଏବଂ -୨ ଓପିଜିସି -୧ ବଂଧକ ଆଦି ପଛକୁ ପଛ ବ୍ୟବସ୍ଥା ମାଧ୍ୟରେ ଏହି ବଂଧକଗୁଡିକ ଗ୍ରୀଡକୋ ଜରିଆରେ ବିତରକ କଂପାନୀଙ୍କ ଦ୍ୱାରା ସେବା-ସାଧନ କରାଯାଉଛି।

(ଗ) ଋଣ ଲଗାଣକାରୀ ସଂସ୍ଥାନ ଗୁଡିକ ଠାରୁ ଋଣର (ଯଥା -ଆରଇସି, ପିଏଫ୍‌ସି ଓ ବିଶ୍ୱବ୍ୟାଙ୍କ ଆଦିରୁ )ଉତ୍ତର-ଦାୟିତ୍ୱକୁ ପଛକୁ ପଛ ବ୍ୟବସ୍ଥା ଭିତ୍ତିରେ ଗ୍ରୀଡକୋ ଜରିଆରେ ବିତରକ କଂପାୀନମାନେ ମଧ୍ୟ ସେମାନଙ୍କର ସେବା ସାଧନ କରୁଛନ୍ତି।

୨୯୩. ଓଡ଼ିଶା ବିଦ୍ୟୁତ ନିୟାମକ(ଆସେଟ୍ ହସ୍ତାନ୍ତରଣ, ଉତ୍ତର-ଦାୟିତ୍ୱ ହସ୍ତାନ୍ତରଣ, ପ୍ରକ୍ରିୟାନ୍ୱୟନ ହସ୍ତାନ୍ତରଣ ଏ୍ବଂ ଗ୍ରୀଡକୋର ବ୍ୟକ୍ତିଗତ-ତଥ୍ୟାଦି ବିତରକ କଂପାନୀଙ୍କୁ ହସ୍ତାନ୍ତରଣ)ନିୟମାବଳୀ, ୧୯୯୮ ଅଧିନରେ ଯେତେବେଳେ ଗ୍ରୀଡକୋର ବଂଟନ ଦାୟିତ୍ୱ ୪ ଟି ବିତରକ କଂପାନୀଙ୍କୁ ହସ୍ତାନ୍ତରଣ କରାଗଲା, ସେତେବେଳେ ଗ୍ରୀଡକୋ ବଂଟନ-ଦାୟିତ୍ୱ ତୁଲାଉଥିବା ପର୍ଯ୍ୟନ୍ତ ନିଜ ଦ୍ୱାରା ଆହରିତ କେବଳ 'ସାମୁଦାୟିକ କ୍ଷତି'କୁ ବାଦ୍ ଦେଇ ଅନ୍ୟାନ୍ୟ ବଂଟନ-ସଂପର୍କିତ ଉତ୍ତର-ଦାୟିତ୍ୱ ସମୂହକୁ (ଉପରୋକ୍ତ ବର୍ଣ୍ଣିତ ଶ୍ରେଣୀକରଣରେ (କ)ରେ ସୂଚିତ) ମଧ୍ୟ ପ୍ରୋକ୍ତ ବିତରକ କଂପାନୀମାନଙ୍କୁ ହସ୍ତାନ୍ତରଣ କରିଦିଆଗଲା। ତା'ପର ଠାରୁ ବଂଟନ ସଂପର୍କିତ ଉତ୍ତର-ଦାୟିତ୍ୱ ସବୁ ପ୍ରତ୍ୟେକ୍ଷ ଭାବେ ବିତରକ କଂପାନୀମାନେ ତୁଲାଇଲେ। ତା'ପରେ ଯେତେବେଳେ ଓଡ଼ିଶା ବିଦ୍ୟୁତ୍ ନିୟାମକ (ସରବରାହ ସଂପର୍କିତ କାର୍ଯ୍ୟସୂଚୀର ହସ୍ତାନ୍ତରଣ) ସ୍କିମ ଅଧିନରେ ଗ୍ରୀଡକୋର ସରବରାହ କାର୍ଯ୍ୟସୂଚୀସମୂହକୁ ଓପିଟିସିଏଲ୍ କୁ ହସ୍ତାନ୍ତରଣ କରିଦିଆଗଲା, ସେତେବେଳେ ଆଇନ ଅନୁଯାୟୀ ଗ୍ରୀଡକୋ କେବଳ ଜଣେ ବଣିକ ବା ଟ୍ରେଡର ହୋଇଗଲା। କିନ୍ତୁ ଜଣେ ବଣିକ ବା ଟ୍ରେଡର ହିସାବରେ ଗ୍ରୀଡକୋର ମୁଖ୍ୟ ଦାୟିତ୍ୱ ହେଲା ବିତରକ କଂପାନୀଙ୍କୁ ସ୍ଥୁଳ ଯୋଗାଣ ଚୁକ୍ତିନାମା ମୂଳେ ଶକ୍ତିର ସ୍ଥୁଳ ଯୋଗାଣ କରିବା। ୩୧.୩.୧୯୯୯ ଠାରୁ ଅର୍ଥାତ୍ ଗ୍ରୀଡକୋ ଏକ ବଣିକ ଭାବେ ସଂପୂର୍ଣ୍ଣ ପରିଚିତ ହେବା ତାରିଖି ଠାରୁ ବିତରକ କଂପାନୀଙ୍କୁ ତା'ର ସ୍ଥୁଳ ଯୋଗାଣ କାର୍ଯ୍ୟ ତୁଲାଇ ଆସୁଅଛି। ସ୍ଥୁଳ ଯୋଗାଣ ଚୁକ୍ତିନାମା, ଋଣ ଚୁକ୍ତିନାମା ଏବଂ ସବସିଡିଭୁକ୍ତ ପ୍ରୋଜେକ୍ଟ ପ୍ରଣୟନ ଚୁକ୍ତିନାମା ମୂଳେ ତଥା ଏସକ୍ରୋ ଆକାଉଣ୍ଟ ଜରିଆରେ ଗ୍ରୀଡକୋ ବିତରକ କଂପାନୀଙ୍କ ସହ

ସଂପର୍କ-ଆବଦ୍ଧ। ବଂଟନାକରୀ କଂପାନୀମାନେ ଯେଉଁ ରାଜସ୍ୱ ଆଦାୟ କରିବେ, ତାହାକୁ ଗ୍ରୀଡକୋ ମାଧ୍ୟମରେ ଶକ୍ତି ଉତ୍ପାଦନକାରୀ କଂପାନୀ ଓ ଋଣ ଦାତା ଅନୁଷ୍ଠାନ (ଆରଇସି/ପିଏଫ୍ ସି/ବିଶ୍ୱବ୍ୟାଙ୍କ ଆଦି)ମାନଙ୍କୁ ଦିଆଯିବ। ଯଦିଓ ଋଣଦାତାମାନେ ଆଇନଗତ ଭାବେ ଗ୍ରୀଡକୋର ଋଣ ଦାତା ଅଟନ୍ତି, ତେବେ ପରୋକ୍ଷରେ ଏହି ଦାୟିତ୍ୱ ବିତରକ କଂପାନୀମାନେ ହିଁ ସଂପାଦନ କରିଥାନ୍ତି ଏବଂ ସେହି ଦୃଷ୍ଟିରୁ ବାସ୍ତବରେ ଋଣଦାତା ମାନେ ବରଂ ବିତରକ କଂପାନୀମାନଙ୍କର ହିଁ ଋଣଦାତା ଅଟନ୍ତି। ମୁଖ୍ୟତଃ କାରଣ ହେଉଛି ଯେ ଗ୍ରୀଡକୋର ନିଜର କୌଣସି ଆସେଟ୍ ବା ଆନୁଷଙ୍ଗିକ ସଂପତ୍ତି/ସାମଗ୍ରୀ ନାହିଁ। ଗ୍ରୀଡକୋ ତା'ର ବିପଣନ କାର୍ଯ୍ୟସୂଚୀସମୂହର ସ୍ୱଚ୍ଛ ଓ ଶୃଙ୍ଖଳିତ ନିର୍ବାହନ ଜନିତ ସ୍ୱାର୍ଥ ନିମନ୍ତେ ବିତରକ କଂପାନୀଂକର ଋଣ ଦାତା ବା ଶକ୍ତି ଦାତା (ଉତ୍ପାଦନକାରୀ କଂପାନୀ)ଙ୍କୁ ନିଶ୍ଚିତ ଦେୟ ପ୍ରଦାନର ଏକ ଉପାୟ ଯୋଗାଇ ଦେଉଛି ମାତ୍ର। ଅବଶ୍ୟ ଏହି ବ୍ୟବସ୍ଥାକୁ ଏକ ଆଇନସିଦ୍ଧ ବ୍ୟବସ୍ଥା ଭାବରେ ଆୟୋଗ ସ୍ୱୀକୃତି ଦେଇଛନ୍ତି (ପ୍ରାଥମିକତା ଭିତ୍ତିରେ ବିପଣନ ବ୍ୟବସ୍ଥାକୁ) ଏବଂ ଗ୍ରୀଡକୋର ଆବେଦନ ପତ୍ରରେ ଉପରୋକ୍ତ ଉତ୍ତର-ଦାୟିତ୍ୱ ସମୂହର ପ୍ରତିଫଳନକୁ ଅନୁମତି ଦେଇଛନ୍ତି, ଯାହା ଫଳରେ ବିତରକ କଂପାନୀମାନଙ୍କଠାରୁ ଋଣଦାତା ବା ଶକ୍ତି ଦାତା(ଉତ୍ପାଦନକାରୀ କଂପାନୀ)ଙ୍କୁ ଦିଆଯିବାକୁ ଥିବା ଅର୍ଥ ପରିମାଣ ଗ୍ରୀଡକୋ ଠାରୁ ସହଜ ଭାବରେ ଏସ୍‌କ୍ରୋ ମେକାନିଜିମ (ଆକାଉଣ୍ଟ)ଜରିଆରେ ଭରଣା କରାଯାଇପାରିବ।

୨୯୪. ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଗ୍ରୀଡକୋର 'ବାର୍ଷିକ ରାଜସ୍ୱ ଆବଶ୍ୟକତା' ଓ 'ସ୍ଥୁଳ ଯୋଗାଣ ଦରସୂଚୀ' ନିର୍ଦ୍ଧାରଣ ଜନିତ ଆବେଦନ ପତ୍ରର ପୁଙ୍ଖାନୁପୁଙ୍ଖ ଯାଞ୍ଚ ଓ ପରୀକ୍ଷଣ ତଥା ଅଭିଯୋଗକାରୀମାନଙ୍କର ଲିଖିତ ଓ ମୌଖିକ ଅଭିଯୋଗସମୂହର ତର୍ଜମା ପରେ ଆୟୋଗ ପରବର୍ତ୍ତୀ ପରିଚ୍ଛେଦ ଗୁଡିକରେ ବର୍ଣ୍ଣିତ ମତେ ତାଙ୍କର ଆଦେଶନାମାକୁ ପାସ୍ କରିଛନ୍ତି।

**୨୦୧୦-୧୧ ଆର୍ଥିକବର୍ଷ ପାଇଁ ସ୍ଥୁଳ ଯୋଗାଣ ଦରର ହିସାବ**

୨୯୫. ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଗ୍ରୀଡକୋର ବାର୍ଷିକ ରାଜସ୍ୱ ଆବଶ୍ୟକତା ବା ଏଆର୍‌ଆର୍ ନିର୍ଦ୍ଧାରଣ ଓ ଅନୁମୋଦନ କ୍ଷେତ୍ରରେ ପୂର୍ବ ବର୍ଷର ଶୃଙ୍ଖଳାକୁ ଅନୁସରଣ କରିଛନ୍ତି। ଟାରିଫ ନିର୍ଦ୍ଧାରଣ ସକାଶେ ଉଦ୍ଦିଷ୍ଟ ସର୍ତ୍ତାବଳୀ ଓ ନିୟମାବଳୀକୁ ଗ୍ରହଣ କରି ଆୟୋଗ ଗ୍ରୀଡକୋର ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଟାରିଫ ନିର୍ଦ୍ଧାରଣ କରିଛନ୍ତି। ତା'ଛଡା , ଜାତୀୟ ଟାରିଫ ନୀତି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଆଇନଗତ ବ୍ୟବସ୍ଥାକୁ ପ୍ରୟୋଗ କରି ରାଜ୍ୟର ବିଦ୍ୟୁତ୍ ସେକ୍ଟରରେ ଥିବା ଜଟିଳ ସମସ୍ୟାସମୂହକୁ ମଧ୍ୟ ମୁକାବିଲା କରିଛନ୍ତି।

୨୯୬. ଏକ ଆଗାମୀ ଆର୍ଥିକ ବର୍ଷ ପାଇଁ ଟାରିଫ ନିର୍ଦ୍ଧାରଣ କଲା ବେଳେ ଆୟୋଗଙ୍କୁ କେତେକ ମୌଳିକ ଆକଳନ ଓ ଶୃଙ୍ଖଳାକୁ ଅନୁସରଣ କରିବାକୁ ହୋଇଥାଏ। ତେଣୁ, ଅନୁମତିଧାରୀମାନେ ଯେଉଁ ପ୍ରକାର ତଥ୍ୟାବଳୀର ପ୍ରଦର୍ଶନ ଓ ଉପସ୍ଥାପନ କରିଥା'ନ୍ତି, ତାହାର ବାସ୍ତବାୟନ କରାଯିବାର ଆବଶ୍ୟକତା ପଡିଥାଏ ଏବଂ ଆୟୋଗ ପୂର୍ବ ବର୍ଷମାନଙ୍କ ପରି ସବୁ ଘଟଣା ଓ ତଥ୍ୟାବଳୀର ବାସ୍ତବାୟନ କରି ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଗ୍ରୀଡକୋର ଟାରିଫ ନିର୍ଦ୍ଧାରଣ କରିଛନ୍ତି।

୨୯୭. ଗ୍ରୀଡକୋ ତା'ର ସମୁଦାୟ ବ୍ୟୟଭାର ମଧ୍ୟରୁ ୮୬.୫% ଶକ୍ତି କିଣା ବାବଦକୁ ବ୍ୟୟ ହୋଇଥାଏ ବୋଲି ପ୍ରସ୍ତାବ ଦେଇଛି, ଯାହାକୁ ଆୟୋଗ 'ଆନୁପାତିକ ଶୃଙ୍ଖଳା' ଆଧାରରେ ବିବେଚନା କରିଛନ୍ତି। ଅର୍ଥାତ୍ ଗ୍ରୀଡକୋ ଜଳଜ ବିଦ୍ୟୁତ୍ ଶକ୍ତି କିଣୁଛି, ତାପଜ ବିଦ୍ୟୁତ୍ ଶକ୍ତି କିଣୁଛି, ସିଜିପି ଏବଂ କୋ-ଜେନେରେଟିଂ ପ୍ଲାଣ୍ଟ ମାନଙ୍କଠାରୁ ଶକ୍ତି କିଣୁଛି ଏବଂ ସିଜିଏସ୍ ଉତ୍ସରୁ ମଧ୍ୟ ଶକ୍ତି  କିଣେ। ତେବେ, ଓଏଚପିସି ଏବଂ ଓପିଜିସି ଗ୍ରୀଡକୋ ଯେଉଁ ଉତ୍ପାଦନ ଖସଡା ଦେଇଥାନ୍ତି, ତା'ରି ଆଧାରରେ ହିସାବ କରାଯାଇ ଜଳଜ ଶକ୍ତି ବା ତାପଜ ଶକ୍ତି ଗ୍ରୀଡକୋକୁ ମିଳିଥାଏ ଏବଂ ଶକ୍ତି କ୍ରୟ ଚୁକ୍ତିନାମା (ପିପିଏ/ସଇଆରସି ଗାଇଡ ଲାଇନ ଅନୁସାରେ ଦର ନିର୍ଦ୍ଧାରଣ ହୋଇଥାଏ। ସିଜିପି ଓ କୋ-ଜେନେରେଟିଂ ପ୍ଲାଣ୍ଟମାନଙ୍କର କିଣାଯାଇଥିବା ଶକ୍ତି ଦରକୁ ଅବଶ୍ୟ ଉଚ୍ଚା କରାଯାଇଛି। ପୂର୍ବାଞ୍ଚଳ ସିଜିଏସ୍ ମାନଙ୍କରୁ ରାଜ୍ୟର ଭାଗ ହିସାବରେ ଗ୍ରୀଡକୋକୁ  ମିଳିବାକୁ ଥିବା ପରିମାଣକୁ ବିବେଚନା କରାଯାଇଛି ଏବଂ ସିଇଆରସି ନିୟମାବଳୀକୁ ଏଥିପାଇଁ ଅନୁସରଣ କରାଯାଇଛି।

୨୯୮. ବିଭିନ୍ନ ଋଣ ଲଗାଣକାରୀ ସଂସ୍ଥାନ ଓ ଆର୍ଥିକ ଅନୁଷ୍ଠାନମାନଙ୍କୁ ପରିଶୋଧ୍ୟ ଋଣକୁ ଠିକ ସମୟରେ ବିତରକ କଂପାନୀମାନେ ଗ୍ରୀଡକୋକୁ ଦେବା କଥା। କିନ୍ତୁ ବିତରକ କଂପାନୀମାନେ ତାହା କରୁନାହାନ୍ତି। ଫଳରେ ଗ୍ରୀଡକୋ ସେହିସବୁ ଦାୟିତ୍ୱର

ସେବା ସାଧନ ନିଜେ ହିଁ କରୁଛି। ସେହି ସବୁ ସେବା ସାଧନର 'ସେବା-ଦର' ଶଂସିତ ଋଣ ଆଦି ଦାୟବଦ୍ଧତାର ସଂପୃକ୍ତ ସୁଧ ଜନିତ ଦେୟ-ଦର) ସ୍ଥୁଳ ଯୋଗାଣ ଦରର ଏକ ଅଂଶ ବିଶେଷ ହୋଇପଡେ ଏବଂ ତାହା ଗ୍ରୀଡକୋ ପ୍ରଦାନ କରୁଛି। ଅତଏବ, ଆୟୋଗ ଅନୁଭବ କରିଛନ୍ତି ଯେ, ଗ୍ରୀଡକୋ ଦ୍ୱାରା ସାଧିତ ଉପରୋକ୍ତ ସୁଧାଦି ସେବା-ଦରକୁ ଯଦି ସ୍ଥୁଳ ଯୋଗାଣ ଦରର ଉର୍ଦ୍ଧ୍ୱରେ ବିତରକ କଂପାନୀଙ୍କ ଉପରେ ଲଦି ଦିଆଯାଏ,  ତେବେ ପରୋକ୍ଷରେ ତାହା ସାଧାରଣ ଉପଭୋକ୍ତାଙ୍କ ଉପରେ ଦୁଇଗୁଣର ଦେୟ ଆଦାୟ ଜନିତ ବୋଝ ହେବ। ତେଣୁ ଆୟୋଗ ସେହି ପରିମାଣକୁ ସ୍ଥୁଳ ଯୋଗାଣ ଦରର ବାହାରେ ପୃଥକ ଭାବେ ହିସାବକୁ ନେଇ ନାହାନ୍ତି।

୨୯୯. ୧.୪.୨୦୦୫ଠାରୁ ଶକ୍ତିର ସରବରାହ ବ୍ୟବସାୟ ଗ୍ରୀଡକୋଠାରୁ ପୃଥକ ହୋଇଗଲା ପରେ ଏ୍ବଂ ଓପିଟିସିଏଲକୁ ଆନୁଷଙ୍ଗିକ ସଂପର୍କିତ ଆସେଟସମୂହ ସହ ହସ୍ତାନ୍ତରଣ କରିଦିଆଗଲା ପରେ ଗ୍ରୀଡକୋ ପାଖରେ ଆଉ କିଛି ଆସେଟ୍ ରହିଲା ନାହିଁ। କିନ୍ତୁ  ଏକ ଦୀର୍ଘ-ଅବଧିର ସମୟ ପାଇଁ ପରିଚାଳନା ଜନିତ କ୍ଷତିର ବୋଝ ଓ ବିତରକ କଂପାନୀଙ୍କ ବାକିଆ ଦେୟ ପାଇ ନଥିବାର ବୋଝ ଗ୍ରୀଡ଼କୋ ଏ ପର୍ଯ୍ୟନ୍ତ ବୋହି ଚାଲିଛି। ତେବେ, ଏହି ସବୁ ଉତ୍ତର-ଦାୟିତ୍ୱକୁ ସହୃଦୟତାର ସହ ଚିହ୍ନଟ କରି ଆୟୋଗ ସ୍ୱୀକୃତି ଦେଇଛନ୍ତି ଯେ, ଏହା ସେକ୍ଟର ମଧ୍ୟରୁ ଭରଣା ହେବା ବାଂଛନୀୟ। ଅଧିକନ୍ତୁ, ଉପରୋକ୍ତ କ୍ଷତି ଓ ବାକିଆ ଅନାଦାୟ ଦେୟ ଜନିତ ବୋଝର ଦାୟବଦ୍ଧତାକୁ ପରିପୂରଣ କରିବା ସକାଶେ ଗ୍ରୀଡକୋକୁ କୌଣସି 'ମୂଲ୍ୟ-ହ୍ରାସ ବ୍ୟବସ୍ଥା'ର ସୁଯୋଗ ମଧ୍ୟ ଦିଆଯାଇନାହିଁ। ଆମର ପୂର୍ବବର୍ତ୍ତୀ ଆଦେଶନାମାର ନିର୍ଯ୍ୟାସକୁ ଦୃଷ୍ଟିରେ ରଖି, ଅର୍ଥାତ୍ ଉପଭୋକ୍ତାଙ୍କ ଉପରେ କୌଣସି ଅବାଂଛିତ ବୋଝ ଲଦିବାକୁ ପରିହାର କରିବା ପାଇଁ ଆୟୋଗ ଏହି ସବୁ କ୍ଷତିକୁ ଗ୍ରୀଡକୋ 'ଗୌଣ-ଉପାର୍ଜନ'ରୁ ଭରଣା କରିବା ପାଇଁ ବ୍ୟବସ୍ଥା କରିଛନ୍ତି ଅର୍ଥାତ୍ ରପ୍ତାନୀ ଜନିତ ଆୟ (ଯାହା ଏବେ ଖୁବ ସୀମିତ) ରୁ  ଏବଂ ଅଣ-ସୂଚୀଭୁକ୍ତ 'ଅନ୍ତଃ-ବଦଳ' ରୁ ଏହି ସବୁ କ୍ଷତିର ଭରଣା ପାଇଁ ଆୟୋଗ ବ୍ୟବସ୍ଥା କରିଛନ୍ତି।

୩୦୦. ଆର୍ଥିକ ବର୍ଷ ୨୦୧୦-୧୧ ପାଇଁ ବଂଟନାକରୀ କଂପାନୀମାନଙ୍କ ଦ୍ୱାରା ପ୍ରସ୍ତାବିତ ଶକ୍ତି ଆବଶ୍ୟକତାକୁ ପୁଂଖାନୁପୁଂଖ ଭାବେ ଆୟୋଗ ଯାଞ୍ଚ କରିଛନ୍ତି। ଶକ୍ତିର ଉପଲବଧତାକୁ ଆଧାର କରି, ଆୟୋଗ ଏହି ସୈଦ୍ଧାନ୍ତିକ ମତରେ ଉପନୀତ ହୋଇଛନ୍ତି ଯେ, ରାଜ୍ୟ ମାଲିକାନାରେ ଥିବା ସବୁ ଉଭୟ ଜଳଜ ଓ ତାପଜ ଉତ୍ପାଦନକାରୀ ଷ୍ଟେସନରୁ, କେନ୍ଦ୍ରୀୟ ଉତ୍ପାଦନକାରୀ ଷ୍ଟେସନମାନଙ୍କରୁ ରାଜ୍ୟର ଭାଗରୁ ଏବଂ ରିନ୍ୟୁଏବଲ ଓ କ୍ୟାପିଟିଭ ଉତ୍ସରୁ ଶକ୍ତି  ଉଠାଣ ପରେ, ୨୦୧୦-୧୧ ଆର୍ଥିକ ବର୍ଷ  ପାଇଁ ରାଜ୍ୟର ଶକ୍ତି ଚାହିଦାର ପରିପୂର୍ତ୍ତି ପରେ କିଛି ବଳକା ଶକ୍ତି ଉପଲବ୍ଧ ହେବ, ଯାହାର ବ୍ୟବସାୟିକ କ୍ଷତିକୁ ନଗଣ୍ୟ ଭାବେ ବିବେଚନା କରାଯାଇଛି। ତେବେ ଯେଉଁ ବର୍ଷ କମ ବୃଷ୍ଟିପାତ ହେଉଥିବ, ସେ ବର୍ଷରେ ଏହି ବଳକା ଶକ୍ତିକୁ ବିପଣନ କରା ନ ଯାଇ ରାଜ୍ୟର ଆବଶ୍ୟକତାକୁ ମେଣ୍ଟାଇବାରେ ବିନିଯୋଗ କରାଯିବ। ସେହିଭଳି, ଅଟକଳନ ଅନୁଯାୟୀ ଯଦି ସିଜିପି/କୋ-ଜେନେରେସନ ପ୍ଲାଣ୍ଟରୁ ଶକ୍ତି ପରିମାଣର ଉଠାଣ ହୋଇ ନ ପାରେ, ତେବେ ସେହି ସବୁ ଉତ୍ସରୁ ଉଠାଣ ପରିମାଣକୁ ମଧ୍ୟ କମାଇ ଦିଆଯାଇପାରେ।

୩୦୧. ଗ୍ରୀଡକୋ ଉପରେ ବିଗତ ସମୟର ଉତ୍ତର ଦାୟିତ୍ୱର ବୋଝ ଖୁବ ଅଧିକ ହୋଇଛି। ଅତୀତରେ ୟୁଆଇ ଏବଂ ଟ୍ରେଡିଂରୁ ଉପାର୍ଜିତ ରାଜସ୍ୱ ଏହି ବୋଝକୁ କମାଇବାରେ ଯଥେଷ୍ଟ ସାହାଯ୍ୟ କରିଥିଲା। ବିଗତ ମାସମାନଙ୍କରେ ଦୁର୍ବଳ ମୌସୁମୀ ପ୍ରବାହ ଯୋଗୁ କମ ବୃଷ୍ଟିପାତ ହେବା କାରଣରୁ ଜଳଜ ବିଦ୍ୟୁତ ଶକ୍ତି ଉତ୍ପାଦନରେ ହ୍ରାସ ଘଟିଲା। ତେଣୁ ୟୁଆଇ  ଏବଂ ଟ୍ରେଡିଂରୁ ଉପାର୍ଜିତ ରାଜସ୍ୱ ପ୍ରାୟତଃ ଶୂନ୍ୟ ହୋଇଗଲା। କାରଣ ରାଜ୍ୟର ଚାହିଦା ତ ମେଣ୍ଟିଲା ନାହିଁ, ୟୁଆଇ ଓ ଟ୍ରେଡିଂ ପାଇଁ ବଳକା ଶକ୍ତି ଆସିବ କେଉଁଠୁ ? ତେବେ, ୟୁଆଇ ମେକାନିଜିମ ଅଧିନରେ ୨୦୦୯-୧୦ ଆର୍ଥିକ ବର୍ଷର ୨୦୧୦, ଜାନୁୟାରୀ ପର୍ଯ୍ୟନ୍ତ ଗ୍ରୀଡକୋ ୯୫୪.୯୯ ଲକ୍ଷ ୟୁନିଟର ଶକ୍ତି ପରିମାଣ ଅଧିକ ଉଠାଣ କରିଛି।  ରାଜ୍ୟର କଟକଣିତ ଶକ୍ତି ଆବଶ୍ୟକତାର ପରିପୂରଣ ପାଇଁ ଏହା କରାଯାଇଛି।

୩୦୨. କୋଇଲାର ଦର ଅତ୍ୟଧିକ ବଢିଛି। ତା'ଛଡା ଭିନ୍ନ ଭିନ୍ନ ସମୟରେ କୋଇଲା ଉପଲବ୍ଧତାରେ ଭାରସାମ୍ୟ ରହୁନାହିଁ। ଫଳରେ ଅତିରିକ୍ତ ଶକ୍ତି ଉତ୍ପାଦନର ଏକ ଯୋଜନାୟନ ଖସଡା ସମ୍ଭବ ହୋଇପାରୁନାହିଁ, ଯାହା ରାଜ୍ୟର ଶକ୍ତି ଆବଶ୍ୟକତାକୁ ତୁଲାଇ ପାରନ୍ତା। ତେଣୁ, ଉତ୍ପାଦନକାରୀମାନେ ରାଜ୍ୟରୁ ଉତ୍ପାଦିତ କୋଇଲା ସହ ଆମଦାନୀ କରାଯାଉଥିବା କୋଇଲାକୁ ମିଶାଇ ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି, ଯାହା ଜାଳେଣି ଦାମକୁ ଆଖିଦୃଶିଆ ଭାବେ ବଢାଇ ଦେଉଛି। ୨୦୧୦-୧୧ ରେ ସବୁ କୋଇଲା

କଂପାନୀ ପୁନର୍ବାର ଦର ବଢାଇବାର ଆଶଙ୍କା ରହୁଛି। ଅତଏବ, ଜାଳେଣି ଦର ବୃଦ୍ଧି ଯୋଗୁ ଉତ୍ପାଦନକାରୀମାନଙ୍କର ବିବିଧ ଦର ବହୁଗୁଣରେ ବୃଦ୍ଧି ପାଇଛି।

୩୦୩. ଆୟୋଗ ତାଙ୍କର ୨୮.୨.୨୦୦୯ର ଆଦେଶନାମାରେ ଦର୍ଶାଇଛନ୍ତି ଯେ, ସିଜିପି/କୋ-ଜେନେରେଟିଂ ପ୍ଲାଣ୍ଟମାନେ ସେମାନଙ୍କର ପୂରା ଉତ୍ପାଦିତ ଶକ୍ତିକୁ ବିନିଯୋଗ କରିବା ନିମନ୍ତେ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଟ୍ରେଡିଂ ପାଇଁ ବ୍ୟବହୃତ ଶକ୍ତି କ୍ଷେତ୍ରରେ ସେମାନଙ୍କୁ ଏକ ପାରିତୋଷିକ ଦର ଗ୍ରୀଡକୋ ଯାଚିବା ଉଚିତ। ଶକ୍ତି -ବିନିମୟ କ୍ଷେତ୍ରରେ ପ୍ରଚଳିତ ଦର, ୟୁଆଇ ଦର-ହାର ଏବଂ ବିଡିଂରେ ଉଲ୍ଲେଖିତ ଦରକୁ ଦୃଷ୍ଟିରେ ରଖି ଟ୍ରେଡିଂ ଉଦ୍ଦେଶ୍ୟିତ ଶକ୍ତିର ଦରକୁ କିଲୋହ୍ୱାଟ ପିଛା ଟ. ୩.୫୦ ପଇସାର ଏକ ସୂଚକ ଦରରେ ସ୍ଥିର ରଖିବାକୁ ଗ୍ରୀଡକୋ, ସିଜିପି ଓ କୋ-ଜେନେରେଟିଂ ପ୍ଲାଣ୍ଟମାନଙ୍କ ମଧ୍ୟରେ ଏକ ନ୍ୟାୟୋଚିତ ସ୍ୱଚ୍ଛ ନିଷ୍ପତ୍ତି ନିଆଯିବା ଉଚିତ ହେବ। ଅବଶ୍ୟ ଏହି ଦର ଆୟୋଗଙ୍କ ଦ୍ୱାରା ପରାମର୍ଶିତ ଏକ ସୂଚକ ଦର ମାତ୍ର। ତେବେ, ଯଦି ଗ୍ରୀଡକୋ, ସିଜିପି ସମୂହ ଓ କୋ-ଜେନେରେଟିଂ ପ୍ଲାଣ୍ଟମାନେ ଚାହାନ୍ତି, ତେବେ ଉପରୋକ୍ତ ସୂଚକ ଦରର ଉର୍ଦ୍ଧ୍ୱରେ ଏକ ସହମତି ଭିତ୍ତିକ ଦର ସ୍ଥିର କରିପାରନ୍ତି। କିନ୍ତୁ , ଏକ ମଧ୍ୟବର୍ତ୍ତୀ ନିଷ୍ପତ୍ତି ହିସାବରେ ଆୟୋଗଙ୍କର ପରାମର୍ଶିତ କିଲୋହ୍ୱାଟ ପିଛା ଏହି ଟ ୩.୫୦ ପଇସାର ସୂଚକ ଦର (ବିପଣନ ବା ଟ୍ରେଡିଂ ଉଦ୍ଦେଶ୍ୟରେ)ର ଅଯଥା ପରିବର୍ତ୍ତନ କରାଯିବା ଉଚିତ ନୁହେଁ। ରାଜ୍ୟର ଉପଭୋକ୍ତାଙ୍କର ସ୍ୱାର୍ଥ ପାଇଁ ଏହା ଆବଶ୍ୟକ ଅଟେ, କାରଣ ବିପଣନରୁ ଗ୍ରୀଡକୋ ଯେଉଁ ଲାଭ କରିବ, ତାହାକୁ ତା'ର ରାଜସ୍ୱ ଆବଶ୍ୟକତା ଓ ଏଆର୍ଆରର ପାର୍ଥକ୍ୟ ଭରଣା ପାଇଁ 'ଅନ୍ୟାନ୍ୟ ଆଦାୟ-ଦେୟ'ଭାବେ ଗ୍ରହଣ କରାଯିବ। ପୁନଶ୍ଚ, ଆୟୋଗ ତାଙ୍କର ୨୮.୨.୨୦୦୯ର ଆଦେଶନାମାରେ ଦର୍ଶାଇଥିଲେ ଯେ, ସିଜିପି/କୋ-ଜେନେରେଟିଂ ପ୍ଲାଣ୍ଟମାନେ ଗ୍ରୀଡକୋକୁ ଯେଉଁ ଶକ୍ତି ଯୋଗାଣ କରୁଛନ୍ତି, ତାହା ବିତରକମାନଙ୍କୁ ବିକ୍ରୀ ଉଦ୍ଦେଶ୍ୟରେ ଏବଂ ରାଜ୍ୟର ଉପଭୋକ୍ତାଙ୍କ ଉପଯୋଗ -ଚାହିଦା ଉଦ୍ଦେଶ୍ୟରେ ଅଭିପ୍ରେତ ହୋଇଥିବାରୁ ସିଜିପିମାନଙ୍କଠାରୁ ରାଜ୍ୟ-ଉତ୍ପାଦିତ ଶକ୍ତିର ଦର ୧.୩.୨୦୦୯ ଠାରୁ କିଲୋହ୍ୱାଟ ପିଛା ଟ ୩/- ହେବ। ତା'ଛଡା , ବିଦ୍ୟୁତ୍ ଆଇନ ୨୦୦୩ରେ ଅବଧାରିତ ମତେ କୋ-ଜେନେରେସନକୁ ପ୍ରୋତ୍ସାହନ ଦେବା ନିମନ୍ତେ ସେମାନଙ୍କୁ ଏକ ପାରିତୋଷିକ ଦର ଦିଆଯାଇପାରେ ଏବଂ ଏହି ଦର ୧.୩.୨୦୦୯ ଠାରୁ ଟ ୩.୧୦ପଇସା ହେବ।

୩୦୪. କମ ବୃଷ୍ଟିପାତ ଯୋଗୁ ବାଞ୍ଛିତ ପରିମାଣଠାରୁ ଖୁବ କମ ଜଳଜ ଶକ୍ତି ଉତ୍ପାଦନ ହେଉଥିବାରୁ, କୋଇଲା ଦର ବୃଦ୍ଧି ଯୋଗୁ ତାପଜ ଶକ୍ତି ଉତ୍ପାଦନ କମ ହେଉଥିବାରୁ, ୟୁଆଇ ଏବଂ ପାୱାର ଏକସ୍‌ଚେଞ୍ଜ ବା 'ଶକ୍ତି ବିନିମୟ ସୂତ୍ର'ରୁ ଉଚ୍ଚା ଦାମର ଶକ୍ତି କିଣିବାକୁ ପଡୁଥିବାରୁ ଆୟୋଗ ତାଙ୍କର ୨୮.୧୦.୨୦୦୯ର ଆଦେଶନାମାର କେଶ ନଂ -୬/୦୯ ରୁ ୨୦/୦୯ ମୂଳେ ସିଜିପି ବଳକା ଶକ୍ତିର ଦର ଭିନ୍ନ ଭିନ୍ନ ସ୍ଲାବର ଯୋଗାଣ ପାଇଁ ୟୁନିଟ ପିଛା ଟ ୩.୧୦ ପଇସା /ଟ ୩.୪୦/ଟ ୩.୭୦/ ଟ ୪.୦୫ ପଇସାକୁ ସଂଶୋଧନ କରିଛନ୍ତି। ଏହି ଦର ୧, ନଭେମ୍ବର ୨୦୦୯ ଠାରୁ ଲାଗୁ କରିବାକୁ ଆୟୋଗ ଆଦେଶନାମାରେ କହିଛନ୍ତି। ସେହିଭଳି, ସେହି ଏକାଆଦେଶନାମାରେ କୋ-ଜେନେରେଟିଂ ପ୍ଲାଣ୍ଟମାନଙ୍କର ବଳକା ଶକ୍ତି ପାଇଁ ୨୦୦୯, ନଭେମ୍ବର ୧ ଠାରୁ ୟୁନିଟ ପିଛା ଶକ୍ତି ଦରକୁ ଟ ୩.୨୦/ ଟ ୩.୪୦ /ଟ ୩.୭୦/ଟ୪.୫ କୁ ଆୟୋଗ ସଂଶୋଧନ କରିଛନ୍ତି। ଏହି କ୍ରୟ ଦରକୁ ଆୟୋଗ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ସିଜିପି/କୋ-ଜେନେରେଟିଂ ପ୍ଲାଣ୍ଟମାନଙ୍କ ସକାଶେ ଆୟୋଗ ୨୮.୧୦.୨୦୦୯ର ଆଦେଶନାମାରେ ସ୍ଥିର କରିଛନ୍ତି।

**ଶକ୍ତି କ୍ରୟର ପରିମାଣ**

୩୦୫. ରାଜ୍ୟର ଉପଭୋକ୍ତାଙ୍କର ଶକ୍ତି ଚାହିଦାକୁ ମେଣ୍ଟାଇବା ପାଇଁ ଗ୍ରୀଡକୋ ଏକ'ମତାବଲମ୍ବୀ ବିପଣନ-ଅନୁମତିଧାରୀ' ଭାବରେ ରାଜ୍ୟ ମଧ୍ୟରୁ ଓ ରାଜ୍ୟ ବାହାରୁ ଉତ୍ପାଦନକାରୀ ଷ୍ଟେସନମାନଙ୍କଠାରୁ ଶକ୍ତି କିଣେ। ଗ୍ରୀଡକୋ ଦ୍ୱାରା କ୍ରୟିତ ଏହି ଶକ୍ତିକୁ ଓପିଟିସିଏଲ ପଦ୍ଧତି ଜରିଆରେ ସରବରାହ କରାଯାଏ ଏବଂ ବିତରକ କଂପାନୀମାନଙ୍କୁ ଯୋଗାଣ କରାଯାଏ। ରାଜ୍ୟ ମଧ୍ୟରେ ୪ ଟି ବିତରକ କଂପାନୀ କାର୍ଯ୍ୟ କରୁଛନ୍ତି। ସେମାନେ ଉପଭୋକ୍ତାମାନଙ୍କୁ ଯୋଗାଇ ଦେବା ପାଇଁ ଗ୍ରୀଡକୋ ଠାରୁ ସ୍ଥୁଳ ଆକାରରେ ଶକ୍ତି କିଣନ୍ତି।

୩୦୬. ଓଇଆରସି (ଟାରିଫ ନିର୍ଦ୍ଧାରଣର ସର୍ତ୍ତାବଳୀ) ନିୟମାବଳୀ, ୨୦୦୪ ରେ ନିହିତ ନିମ୍ନଲିଖିତ ଶୃଙ୍ଖଳା ଅନୁଯାୟୀ ଏକ ଆର୍ଥିକ ବର୍ଷ ପାଇଁ ଶକ୍ତି କ୍ରୟର ଅଟକଳନ କରାଯାଇଥାଏ।

(କ) ସଦ୍ୟ ବିଗତ ପୂର୍ବ ବର୍ଷରେ /ବର୍ଷମାନଙ୍କର ପ୍ରକୃତ କ୍ରୟର ଆଧାର ଉପରେ ଆଗାମୀ ଆର୍ଥିକ ବର୍ଷ ପାଇଁ ଶକ୍ତି କ୍ରୟର ପରିମାଣକୁ ଅଟକଳନ କରାଯିବ। ତା'ଛଡା , ଚଳିତ ବର୍ଷର ନିର୍ଦ୍ଦିଷ୍ଟ ସମୟ-ସୀମା ପର୍ଯ୍ୟନ୍ତ ଉପଲବାଧ ପ୍ରକୃତ ଶକ୍ତି ପରିମାଣ ଏବଂ ସେହି ଚଳିତ ବର୍ଷର ଅବଶିଷ୍ଟ ସମୟ ପାଇଁ କୌଣସି ପ୍ରଦର୍ଶିତ ପରିମାଣ (ସେହି ଅବଶିଷ୍ଟ ସମୟରେ କୌଣସି ଅସନ୍ତୁଳିତ ପାର୍ଥକ୍ୟଗତ ଉପଲବ୍ଧ ପରିମାଣର ଉପଯୁକ୍ତ ସହ-ସାମିଲକରଣ ସହ) କୁ ଆଧାର କରି ଶକ୍ତି କ୍ରୟ ପରିମାଣକୁ ମଧ୍ୟ ଅଟକଳନ କରାଯିବ। ତେବେ, ସବୁ ଅସନ୍ତୁଳିତ ପାର୍ଥକ୍ୟଗତ ଉପଲବଧ ପରିମାଣକୁ ପ୍ରମାଣିତ ସାବ୍ୟସ୍ତ କରିବାକୁ ଅନୁମତିଧାରୀଙ୍କୁ ଉପଯୁକ୍ତ ତଥ୍ୟଗତ ବିବରଣୀ ଉପସ୍ଥାପନ କରିବାକୁ ପଡିବ। ଆୟୋଗଙ୍କ ସହମତି ମୂଳେ ଶକ୍ତି କ୍ରୟ ଚୁକ୍ତିନାମା, ସ୍ଥୁଳ ଯୋଗାଣ ଚୁକ୍ତିନାମା ଆଦି ଆଧାରିତ ଦରରେ ପ୍ରୋକ୍ତ ପରିମାଣର ମୂଲ୍ୟାଙ୍କନ କରାଯିବ।

(ଖ) ଅନୁମୋଦିତ ସ୍ତରର ଶକ୍ତି କ୍ରୟର ଉର୍ଦ୍ଧ୍ୱରେ କୌଣସି ଅତିରିକ୍ତ ପରିମାଣର କ୍ରୟକୁ ଆୟୋଗ ସାଧାରଣ ଭାବେ ଗ୍ରହଣ କରିବେ ନାହିଁ। ତେବେ, ଯଦି ଆୟୋଗଙ୍କର ଆଦେଶନାମା ବହିର୍ଭୁତ ଶକ୍ତି କ୍ରୟ ପାଇଁ କୌଣସି ଅପରିହାର୍ଯ୍ୟ ଓ ଯୁକ୍ତିସଂଗତ କାରଣ ଥାଏ, ଏବଂ ତାହା ଆୟୋଗଙ୍କର ସନ୍ତୁଷ୍ଟିକରଣ ସାପେକ୍ଷ ହେଉଥାଏ, ତେବେ ଅତିରିକ୍ତ ଶକ୍ତି କ୍ରୟ ଜନିତ ଫଳାଫଳକୁ ପରବର୍ତ୍ତୀ ହିସାବ-ବର୍ଷରେ ହିସାବକୁ ନିଆଯିବ। ତେବେ, ଶକ୍ତିର ଅତିରିକ୍ତ ଆବଶ୍ୟକତା ଜନିତ ବ୍ୟୟ ଭାର ତୁଲାଇବା ପାଇଁ ଅନୁମତିଧାରୀମାନେ ଶକ୍ତି କ୍ରୟର 'ସର୍ବନିମ୍ନ ଦର-ସଂଯୋଗ' ସୂତ୍ରକୁ ଅନୁସରଣ କରିବା ଉଚିତ।

୩୦୭. ଗ୍ରୀଡକୋ ଲିଃ ଏବଂ ବିତରକ କଂପାନୀମାନେ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ସେମାନଙ୍କର ଏଆର୍‌ଆରକୁ ଆୟୋଗଙ୍କର ଅନୁମୋଦନ ଉଦ୍ଦେଶ୍ୟରେ ଉପସ୍ଥାପନ କରିଛନ୍ତି। ବିତରକ କଂପାନୀମାନେ ଗ୍ରୀଡକୋ ଠାରୁ ଉଠାଉଥିବା ସ୍ଥୁଳ ଶକ୍ତିର ପରିମାଣକୁ ସେମାନଙ୍କର ନିର୍ଦ୍ଦିଷ୍ଟ ଏଆର୍‌ଆର୍ ଉପସ୍ଥାପନାରେ ଦର୍ଶାଇଛନ୍ତି। ତା'ଛଡା, ଗ୍ରୀଡକୋ ମଧ୍ୟ ସ୍ୱତନ୍ତ୍ର ଭାବେ ସେହି ଉଠାଣ ପରିମାଣକୁ ତା'ର ଏଆର୍‌ଆର୍ ଆବେଦନରେ ଦର୍ଶାଇଛି। ତେବେ, ବିତରକ କଂପାନୀ ଓ ଗ୍ରୀଡକୋ ଉଭୟଙ୍କର ପ୍ରଦର୍ଶନର ପରିସଂଖ୍ୟାନକୁ ଆୟୋଗ ଯାଞ୍ଚ କରିଛନ୍ତି ଏବଂ ବିତରକ ବର୍ତ୍ତମାନର ଧାରା ଓ ଇଏଚଟି ଏବଂ ଏଚଟି ଶିଳ୍ପସଂସ୍ଥାଙ୍କ ପାଇଁ ୨୦୧୦-୧୧ ଆର୍ଥିକ ବର୍ଷରେ ଅତିରିକ୍ତ ଲୋଡ ବୃଦ୍ଧିର ଭିତ୍ତିରେ ଉଠାଣ ପରିମାଣ-ସାପେକ୍ଷ ଅଟକଳନ କରିଛନ୍ତି। ଏଲ୍‌ଟି ଉପଭୋକ୍ତାଙ୍କ ପାଇଁ ଲୋଡ ବୃଦ୍ଧିକୁ ବିତରକ କଂପାନୀଙ୍କମାନଙ୍କ ଦ୍ୱାରା କ୍ଷତି ହ୍ରାସ ଜରିଆରେ ମୁକାବିଲା କରାଯାଇପାରେ।

୩୦୮. ଗ୍ରୀଡକୋଠାରୁ ଶକ୍ତି ଉଠାଣ ପାଇଁ ୨୦୧୦-୧୧ ଆର୍ଥିକ ବର୍ଷ ଉଦ୍ଦେଶ୍ୟରେ ବିତରକ କଂପାନୀମାନେ ସେମାନଙ୍କ ପରିମାଣର ପ୍ରଦର୍ଶନ କରିଛନ୍ତି ଏବଂ ବିତରକ କଂପାନୀଙ୍କର ଆବଶ୍ୟକୀୟ ପରିମାଣ ଏବଂ ସିଜିପି ମାଲିକାନାପ୍ରାପ୍ତ ଶିଳ୍ପସଂସ୍ଥାମାନଙ୍କର ଜରୁରୀ ଶକ୍ତି ଆବଶ୍ୟକତା ଓପିଟିସିଏଲର ସରବରାହ ପଦ୍ଧତିର କ୍ଷତିକୁ ହିସାବକୁ ନେବା ପରେ ଗ୍ରୀଡକୋ ଉତ୍ପାଦନକାରୀମାନଙ୍କଠାରୁ ଅଣାଯିବାକୁ ଥିବା ସମୁଦାୟ ଶକ୍ତି କ୍ରୟ ପରିମାଣକୁ ପ୍ରଦର୍ଶନ କରିଛି। ତେବେ, ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଦାଖଲ କରାଯାଇଥିବା ଗ୍ରୀଡକୋ ଓ ବଂଟନକାରୀ କଂପାନୀଙ୍କର ଏଆର୍‌ଆର୍‌ରେ ଉପଭୋକ୍ତାଙ୍କର ଚାହିଦା ପରିମାଣ ସଂପୂର୍ଣ୍ଣ ପୃଥକ ଦର୍ଶାଯାଇଥିବା ଜଣାପଡିଥିଲା।

୩୦୯. କେଶ ନଂ-୧୪୦/୨୦୦୯ (ସେସୁ), କେଶ୍ ନଂ-୧୪୧/୨୦୦୯ (ୱେସକୋ), କେଶ ନଂ - ୧୪୨/୨୦୦୯ (ନେସକୋ) ଏବଂ କେଶ୍ ନଂ-୧୪୩/୨୦୦୯ (ସାଉଥକୋ)ରେ ବିତରକ କଂପାନୀଙ୍କ ପାଇଁ ରାଜସ୍ୱ ଆବଶ୍ୟକତା ଓ ଟାରିଫ ନିର୍ଦ୍ଧାରଣ କଲାବେଳେ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ୪ ଟି ବିତରକ କଂପାନୀଙ୍କ କ୍ଷେତ୍ରରେ ଶକ୍ତି କ୍ରୟ ପରିମାଣ ଆକଳନ କରି ଆୟୋଗ ଅନୁମୋଦନ କରିଛନ୍ତି। ୱେସକୋ, ନେସକୋ, ସାଉଥକୋ ଏବଂ ସେସୁ ପାଇଁ (୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ) ଆୟୋଗ ଯଥାକ୍ରମେ ୬୨୪୪ ଲକ୍ଷ ୟୁନିଟ୍, ୫୧୨୨ ଲକ୍ଷ ୟୁନିଟ୍, ୨୩୬୮ ଲକ୍ଷ ୟୁନିଟ ଓ ୬୪୨୦ ଲକ୍ଷ ୟୁନିଟ୍ -ସର୍ବମୋଟ ୨୦୧୫୪ ଲକ୍ଷ ୟୁନିଟର ଶକ୍ତିକୁ ଅନୁମୋଦନ ଦେଇଛନ୍ତି।

୩୧୦. ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଓପିଟିଏଲ ପଦ୍ଧତିରେ ସରବରାହ କ୍ଷତି ବାବଦକୁ ଆୟୋଗ ୪ ପ୍ରତିଶତର ଅନୁମୋଦନ ଦେଇଛନ୍ତି। ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ଏହି ସ୍ତରରେ ସରବରାହ କ୍ଷତି ଅନୁମୋଦିତ ହୋଇଥିଲା। କେଶ ନଂ -

୧୪୫/୨୦୦୯ରେ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଓପିଟିସିଏଲର ଟାରିଫ ଆଦେଶନାମାରେ ସରବରାହ କ୍ଷତିର ପୁଂଖାନୁପୁଂଖତା ଦର୍ଶାଯାଇଛି।

୩୧୧. ଉତ୍ପାଦନକାରୀମାନଙ୍କ ଠାରୁ ଗ୍ରୀଡକୋ ଶକ୍ତି କିଣିବ ଏବଂ ରାଜ୍ୟ ବାହାରର ଶକ୍ତି ଉତ୍ସରୁ ଶକ୍ତି କିଣାଯିବା ପରିପ୍ରେକ୍ଷୀରେ ସରବରାହ ଦେୟ-ଦର ସଂପର୍କରେ କୁହାଗଲେ ଏହା ହେବ ଯେ, ଓପିଟିସିଏଲ ଡେଲିଭରି ପଏଣ୍ଟରେ ତା'ର ଉପଭୋକ୍ତାଙ୍କୁ ବିଲ୍ ଦେବ। ଆୟୋଗଙ୍କ ଦ୍ୱାରା ଅନୁମୋଦିତ ସ୍ଥିରୀକୃତ-ମାପଦଣ୍ଡ ଭିତ୍ତିରେ ଉପଭୋକ୍ତାଙ୍କୁ ବିଲ୍ ଦେବା ଯୋଗୁ କ୍ଷତିଗ୍ରସ୍ତ ବିବେଚିତ ୟୁନିଟ ଏବଂ ପ୍ରକୃତ ପରିସଂଖ୍ୟାନ ମଧ୍ୟରେ ଏକ ପାର୍ଥକ୍ୟ ସୃଷ୍ଟି ହେବ। ତେଣୁ, ପ୍ରକୃତ କ୍ଷତି ଭିତ୍ତିରେ ପ୍ରଚଳିତ ବିଲିଂ ପଦ୍ଧତି ବରଂ ବାଂଛନୀୟ ଅଟେ ଏବଂ ଆୟୋଗଙ୍କ ଦ୍ୱାରା ଅନୁମୋଦିତ ସ୍ଥିରୀକୃତ-ମାପଦଣ୍ଡ ଭିତ୍ତିକୁ ଗ୍ରହଣ କରି ୨୦୧୦-୧୧ ଆର୍ଥିକ ବର୍ଷର ଶେଷ ଭାଗରେ ଗ୍ରୀଡକୋ ଏବଂ ଓପିଟିସିଏଲ ମଧ୍ୟରେ ସର୍ବଶେଷ ସହ-ସାମିଲକରଣକୁ ଚୂଡ଼ାନ୍ତ ବୋଲି ଧରିନିଆଯିବ। ଶକ୍ତି ରପ୍ତାନୀ ଯୋଗୁ ଯେତିକି ୟୁନିଟ୍ କ୍ଷତି ହେଉଥିବାର ଆଭାସ ଆସୁଥିବ (ଯଦି କିଛି ଥାଏ), ସେଥିପାଇଁ ଗ୍ରୀଡକୋ ଓପିଟସିଏଲକୁ ସେହି କ୍ଷତି ଜନିତ ଅର୍ଥ ପ୍ରଦାନ କରିବ; କାରଣ ରପ୍ତାନୀକାରୀ ଓପିଟିସିଏଲକୁ କେବଳ ଗ୍ରହଣ କରିଥିବା ପ୍ରକୃତ ପରିମାଣ ଉପରେ ଅର୍ଥ ପ୍ରଦାନ କରିବ।

୩୧୨. ବିତରକ କଂପାନୀଙ୍କ ଉଦ୍ଦେଶ୍ୟରେ କିଣାଯିବାକୁ ଥିବା ଶକ୍ତି ପରିମାଣକୁ ନିର୍ଦ୍ଧାରଣ କରିସାରିବା ପରେ ବିତରକ କଂପାନୀଙ୍କୁ ଡେଲିଭରୀ ପାଇଁ ରାଜ୍ୟ ମଧ୍ୟରେ ଇଏଚଟିରେ ସରବରାହ ଜନିତ କ୍ଷତି ହେଉଥିବା ଶକ୍ତି ପରିମାଣର ଅଟକଳନ ଆୟୋଗଙ୍କୁ କରିବାକୁ ପଡିବ। ସିଜିପିମାନଙ୍କୁ ବିକ୍ରୀ ହିସାବକୁ ଆୟୋଗ ବିବେଚନାର ପରିସର ଭୁକ୍ତ କରିଛନ୍ତି ଏବଂ ଗ୍ରୀଡକୋର ପ୍ରଦର୍ଶନମତେ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ସିଜିପିସମୂହର ଜରୁରୀକାଳୀନ ଉଠାଣ ୧୦ ଲକ୍ଷ ୟୁନିଟକୁ ଅନୁମୋଦନ ଦେଇଛନ୍ତି। ନିମ୍ନରେ ଏହାର ସାରଣୀକୃତ ପ୍ରଦର୍ଶନ ପ୍ରଦାନ କରାଗଲା।

ସାରଣୀ- ୨୨

୨୦୧୦-୧୧ ଆ.ବ. ପାଇଁ ରାଜ୍ୟର ଉପଯୋଗିତା ଉଦ୍ଦେଶ୍ୟରେ ଗ୍ରୀଡକୋର ଶକ୍ତି-କ୍ରୟ

(ଏମ୍. ୟୁ)

| ବଣ୍ଟନକାରୀ କମ୍ପାନୀମାନଙ୍କ ନାମ | ୨୦୦୯-୧୦ ପାଇଁ କମିଶନଙ୍କ ଅନୁମୋଦନ | ୨୦୧୦-୧୧ ପାଇଁ ଗ୍ରୀଡ଼କୋର ପ୍ରସ୍ତାବ | ୨୦୧୦-୧୧ ପାଇଁ କମିଶନଙ୍କ ଅନୁମୋଦନ |
|---|---|---|---|
| ସେସୁ | ୬୦୪୫.୦ | ୬୬୭୦.୦୦ | ୬୪୨୦.୦ |
| ନେସ୍କୋ | ୪୨୮୫.୦ | ୫୧୪୦.୦୦ | ୫୧୨୨.୦ |
| ୱେସ୍କୋ | ୬୪୩୦.୦ | ୬୪୫୧.୦୦ | ୬୨୪୪.୦ |
| ସାଉଥ୍କୋ | ୨୧୬୧.୦ | ୨୫୮୫.୦୦ | ୨୩୬୮.୦ |
| ସମୁଦାୟ | ୧୮୯୨୧.୦ | ୨୦୮୪୬.୦୦ | ୨୦୧୫୪.୦ |
| **ସିଜିପି ସମୂହ** | ୧୦.୦୦ | ୧୦.୦୦ | ୧୦ |
| ସମୁଦାୟ ବିକ୍ରି | ୧୮୯୩୧.୦ | ୨୦୮୫୬.୦୦ | ୨୦୧୬୪.୦ |
| ଇଏଚଟିରେ ସଂଚାରଣ କ୍ଷତି (ଏମ୍.ୟୁ)(ବଣ୍ଟନକାରୀ କମ୍ପାନୀଙ୍କ କ୍ରୟ କେବଳ) | ୭୮୮.୩୮ (୪.୦ % ହାରରେ ସଂଚାରଣ କ୍ଷତି) | ୯୩୭.୧ (୪.୩ % ହାରରେ ସଂଚାରଣ କ୍ଷତି) | ୮୩୯.୭୫ (୪.୦ % ହାରରେ ସଂଚାରଣ କ୍ଷତି) |
| ସମୁଦାୟ କ୍ରୟ | ୧୯୭୧୯.୩୮ | ୨୧୭୯୩.୧୦ | ୨୧୦୦୩.୭୫ |

୩୧୩. ବିତରକ କଂପାନୀଙ୍କ ପ୍ରଦତ୍ତ ପ୍ରଦର୍ଶନକୁ ବିବେଚନା କରିବା ପରେ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଶକ୍ତି ଉଠାଣକୁ ଆୟୋଗ ଅନୁମୋଦନ କରୁଛନ୍ତି। ତେଣୁ , ଅନୁମୋଦିତ ଉଠାଣ ପରିମାଣଠାରୁ ସାଧାରଣ ଭାବେ କୌଣସି ପାର୍ଥକ୍ୟ ରହିବା ଉଚିତ ନୁହେଁ। ବିତରକ କଂପାନୀଙ୍କର ଉପରୋକ୍ତ ପାଇକାରୀ ଯୋଗାଣ ଟାରିଫ ଆଦେଶନାମାରେ ପ୍ରତ୍ୟେକ ଅନୁମତିଧାରୀଙ୍କ ପାଇଁ ମଧ୍ୟ ଆୟୋଗ ମାସିକିଆ ଉଠାଣ ପରିମାଣର ସୀମା ସ୍ଥିର କରିଛନ୍ତି। ବଂଟନ-କ୍ଷତିକୁ ହ୍ରାସ କରି ଅନୁମୋଦିତ ପରିମାଣର ଶକ୍ତି ସହ

ଅନୁମତିଧାରୀମାନେ ସେମାନଙ୍କର ମାସିକ ଉଠାଣକୁ ସସୀମ କରିବା ଉଚିତ। ଆୟୋଗଙ୍କର ଅନୁମୋଦନ ଅନୁଯାୟୀ, ଅନୁମତିଧାରୀମାନେ ସେମାନଙ୍କର ବାର୍ଷିକ ଶକ୍ତି ଉଠାଣର ସୀମାକୁ ମଧ୍ୟ ନିୟନ୍ତ୍ରଣରେ ରଖିବାକୁ ପ୍ରୟାସ କରିବା ଉଚିତ।

**ଏମଭିଏରେ ସମତାଳିକ ସର୍ବାଧିକ ଚାହିଦାର ସ୍ଥିରୀକରଣ**

୩୧୪. ସ୍ଥୁଳ ଯୋଗାଣ ଦରରେ ଚାହିଦା ଦେୟ-ଦରର ଏକ ଉପାଦାନ ନିହିତ ଅଛି, ଯାହା ବିତରକ କଂପାନୀଙ୍କର 'ହାରାହାରି ପଦ୍ଧତିଗତ ଚାହିଦା' ର ଆଧାରରେ ହିସାବ କରାଯାଇଥାଏ। ଗ୍ରୀଡକୋ ଦ୍ୱାରା ପ୍ରଦର୍ଶିତ ସମତାଳିକ ସର୍ବାଧିକ ଚାହିଦା ବିତରକକଂପାନୀଙ୍କର ସମତାଳିକ ସର୍ବାଧିକ ଚାହିଦାଠାରୁ ପାର୍ଥକ୍ୟ ଆଣେ। ରାଜୀବ ଗାନ୍ଧୀ ଗ୍ରାମ ବିକାଶ ଯୋଜନା ଓ ବିଜୁ ଗ୍ରାମ ଜ୍ୟୋତି ଯୋଜନା ଅଧିନରେ ଦ୍ରୁତ ଶିଳ୍ପାୟନ ଓ ଗ୍ରାମାଞ୍ଚଳ ବିଦ୍ୟୁତକରଣ ଯୋଗୁ ଅଧିକ ଲୋଡ ବୃଦ୍ଧିକୁ ଦୃଷ୍ଟିରେ ରଖି ବିତରକ କଂପାନୀମାନେ ଏକ ଉଚ୍ଚତର ସର୍ବାଧିକ ଚାହିଦାର ପ୍ରଦର୍ଶନ କରିଛନ୍ତି। ନିମ୍ନ ସାରଣୀରେ ଏହାର ସବିଶେଷତାର ପ୍ରଦର୍ଶନ କରାଗଲା।

ସାରଣୀ- ୨୩

୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ଏମଭିଏରେ ଚାହିଦା

| ବଣ୍ଟନକାରୀ କମ୍ପାନୀମାନଙ୍କ ନାମ | ଏପ୍ରିଲ-୦୯ | ମେ-୦୯ | ଜୁନ୍-୦୯ | ଜୁଲାଇ-୦୯ | ଅଗଷ୍ଟ-୦୯ | ସେପ୍ଟେମ୍ବର-୦୯ | ଅକ୍ଟୋବର-୦୯ | ନଭେମ୍ବର -୦୯ | ହାରାହାରି (୪/୦୯ ରୁ ୧୧/୦୯ ପର୍ଯ୍ୟନ୍ତ) |
|---|---|---|---|---|---|---|---|---|---|
| ସେସୁ | ୯୮୨.୦୬ | ୯୮୮.୫୨ | ୯୮୬.୬୬ | ୯୬୦.୨୬ | ୯୪୦.୫୫ | ୯୪୪.୬୪ | ୯୬୩.୯୨ | ୯୬୯.୩୦ | **୯୬୬.୯୯** |
| ନେସ୍କୋ | ୭୦୬.୪୩ | ୬୭୧.୬୯ | ୬୮୧.୮୦ | ୭୦୮.୧୭ | ୭୦୫.୪୨ | ୭୦୨.୫୩ | ୬୯୭.୬୯ | ୬୭୩.୯୩ | **୬୯୩.୪୬** |
| ୱେସ୍କୋ | ୯୦୧.୫୨ | ୮୮୭.୦୭ | ୭୬୧.୫୬ | ୮୭୧.୪୯ | ୮୪୨.୩୪ | ୯୭୧.୧୮ | ୯୦୨.୮୯ | ୭୮୭.୪୭ | **୮୬୫.୬୯** |
| ସାଉଥ୍‌କୋ | ୩୭୫.୭୪ | ୩୭୨.୦୪ | ୩୬୦.୦୮ | ୩୬୭.୨୨ | ୩୭୫.୫୭ | ୩୭୧.୪୨ | ୩୭୬.୪୨ | ୩୬୮.୬୩ | **୩୭୦.୮୯** |
| ସମଗ୍ର ଓଡ଼ିଶା | **୨,୯୬୫.୭୫** | **୨,୯୧୯.୩୨** | **୨,୭୯୦.୧୦** | **୨,୯୦୭.୧୪** | **୨,୮୬୩.୮୮** | **୨,୯୮୯.୭୭** | **୨,୯୪୦.୯୨** | **୨,୭୯୯.୩୩** | **୨,୮୯୭.୦୩** |

୩୧୫. ପରୀକ୍ଷଣରୁ ଜଣାଯାଇଛି ଯେ, ୨୦୦୯ ସେପ୍ଟେମ୍ବର ଠାରୁ ନଭେମ୍ବର ମଧ୍ୟରେ ଏକ ଅବରୋହ ଗତି ସହ ବିଲିଂ ଚାହିଦାରେ ମାସକୁ ମାସ ପାର୍ଥକ୍ୟ ଆସୁଛି ଏବଂ ୨୦୦୯, ସେପ୍ଟେମ୍ବରରେ ୨୯୮୯.୭୭ ଏମଭିଏରେ ସର୍ବୋଚ୍ଚ ସୀମାକୁ ଛୁଇଁଛି। ୨୦୦୯, ନଭେମ୍ବରରେ ବିବରଣୀଭୁକ୍ତ କରାଯାଇଥିବା ବିଲିଂ ଚାହିଦା (୨୭୯୯.୩୩ ଏମଭିଏ),୨୦୦୯ ସେପ୍ଟେମ୍ବରର ବିଲିଂ ଚାହିଦାଠାରୁ ବି କମ (୨୯୮୯.୭୭ ଏମଭିଏ) ଅଟେ; ଅର୍ଥାତ୍ ୧୯୦.୪୪ ଏଭିଏର ପାର୍ଥକ୍ୟ ଆସୁଛି। ସାଂପ୍ରତିକ ଶକ୍ତି ନିଅଣ୍ଟ ଦୃଶ୍ୟପଟ୍ଟରେ ୨୦୦୯, ଡିସେମ୍ବର ଠାରୁ ୨୦୧୦, ମାର୍ଚ୍ଚ ମଧ୍ୟରେ ଶକ୍ତି ଉଠାଣର ପରିମାଣ ୨୦୦୯, ସେପ୍ଟେମ୍ବରର ସ୍ତରକୁ ଟପିଯାଇ ନ ପାରେ।

୩୧୬. ଗ୍ରୀଡକୋ ତା'ର ମତାମତ ଉପସ୍ଥାପନାରେ ଦର୍ଶାଇଛି ଯେ, ସମତାଳିକ ସର୍ବାଧିକ ଚାହିଦାର ପ୍ରଦର୍ଶନକୁ ଅଧିକ ବାସ୍ତବ କରିବା ନିମନ୍ତେ ୨୦୦୯-୧୦ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ପ୍ରତି ବିତରକ କଂପାନୀର ସର୍ବୋଚ୍ଚ ସମତାଳିକ ସର୍ବାଧିକ ଚାହିଦା ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ପ୍ରତି ବଂଟନକାରୀ କଂପାନୀର ସମତାଳିକ ଚାହିଦା ଭାବରେ ବିବେଚନା କରାଯାଇଛି। ଏହି ଉପପାଦ୍ୟକୁ ଭିତ୍ତି କରି ସେମାନେ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ସମୁଦାୟ ସମତାଳିକ ସର୍ବାଧିକ ଚାହିଦାକୁ ମାସିକ ୩୦୪୩.୬୧୭ ଏମଭିଏରେ ପ୍ରଦର୍ଶନ କରିଛନ୍ତି। ନିମ୍ନରେ ଏହାର ସାରଣୀକୃତ ଚିତ୍ର ପ୍ରଦତ୍ତ ହେଲା।

### ସାରଣୀ- ୨୪
### ବିକଳ୍ପ ସର୍ବାଧିକ ଚାହିଦା (ମାସିକ ଏମ.ଭି.ଏ)
### ଝଗଉ ସଭ ଗଠଇ କ୍ଷ୍ଟରଲ୍ଲ ଙ୍କ୍ଷ୍ଟଭଗ୍ପଷ

| ବଣ୍ଟନକାରୀ କମ୍ପାନୀମାନଙ୍କ ନାମ | ଆ.ବ ୨୦୦୮-୦୯ (ଆକ୍ୟୁଆଲ୍) | ୨୦୦୯-୧୦ ପାଇଁ ଓଇଆରସି ଅନୁମୋଦନ | ୨୦୦୯-୧୦ର ପ୍ରଥମ ୬ ମାସ ପାଇଁ ହାରାହାରି ବିକଳ୍ପ ସର୍ବାଧିକ ଚାହିଦା | ଗ୍ରୀଡକୋର ଦ୍ୱାରା ଆର୍ଥିକ ବର୍ଷ ୨୦୧୦-୧୧ ପାଇଁ ପ୍ରଦର୍ଶିତ (୨୦୦୯-୧୦ର ପ୍ରଥମ ୬ ମାସର ସର୍ବାଧିକ ବିକଳ୍ପ ଚାହିଦା ଉପରେ ଆଧାରିତ) **Projection of GRIDCO for FY 2010 –11 Considering the highest SMD of first Six months of FY 2009-10** |
|---|---|---|---|---|
| ସେସୁ | ୯୧୧.୧୩୮ | ୯୭୬.୯୯୦ | ୯୬୭.୧୧୪ | ୯୮୮.୫୨୩ |
| ନେସ୍କୋ | ୬୮୨.୫୨୬ | ୬୭୯.୭୦୦ | ୬୯୬.୦୦୮ | ୭୦୮.୧୭୩ |
| ୱେସ୍କୋ | ୯୬୦.୦୧୮ | ୧୦୦୭.୬୭୦ | ୮୭୨.୫୨୬ | ୯୭୧.୧୮୧ |
| ସାଉଥ୍କୋ | ୩୫୮.୦୮୭ | ୩୬୨.୨୪୦ | ୩୭୦.୩୪୪ | ୩୭୫.୭୪୦ |
| ସମୁଦାୟ | ୨୯୧୧.୭୬୯ | ୩୦୨୬.୬୦୦ | ୨୯୦୫.୯୯୨ | ୩୦୪୩.୬୧୭ |

୩୧୭. ଏଚଟି ଏବଂ ଇଏଚଟି ଉପଭୋକ୍ତାଙ୍କର ଉଠାଣ ଢାଞ୍ଚାକୁ ଆୟୋଗ ବିଶ୍ଲେଷଣ କରିବା ସହ 'କ୍ଷେତ୍ରୀୟ ଲୋଡ'ର ଆବଶ୍ୟକତାକୁ ମଧ୍ୟ ବିଶ୍ଲେଷଣ କରିଥିଲେ। ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ଶକ୍ତିର ଅଟକଳିତ ଆବଶ୍ୟକତାକୁ ପୁନରୁଧ୍ୟାନ କଲା ପରେ ଜଣାପଡିଥିଲା ଯେ, ଶିଳ୍ପାୟନର ଅଭିବୃଦ୍ଧି ଯୋଗୁ ଏଚଟି ଏବଂ ଇଏଚଟି ବର୍ଗର ଉପଭୋକ୍ତାଙ୍କ ଦ୍ୱାରା ୨୦୧୦-୧୧ ଆର୍ଥିକ ବର୍ଷରେ ୪୩୧.୬୯ ଲକ୍ଷ ୟୁନିଟ ଶକ୍ତିର ଅତିରିକ୍ତ ଆବଶ୍ୟକତା ଉପୁଜିପାରେ। ଅବଶ୍ୟ ୱେସକୋ ଏଥିରୁ ବାଦ୍ ପଡିବ, ଯେହେତୁ ୨୦୧୦-୧୧ ଆ.ବ ରେ ଏହା ୧୪୧.୦୯ ଲକ୍ଷ ୟୁନିଟର ଏକ ନକରାତ୍ମକ ବୃଦ୍ଧି ଘଟାଇବାର ସମ୍ଭାବନା ଅଛି। କମ ଭୋଲଟେଜରେ ଶକ୍ତିଯୋଗାଣ ହେଉଥିବା ଉପଭୋକ୍ତାଙ୍କ ସଂପର୍କରେ ଆଶା କରାଯାଉଛି ଯେ, ବଂଟନ କ୍ଷତି ହ୍ରାସ ଦ୍ୱାରା ଯେଉଁ ଶକ୍ତି ସଂଚୟ ହେବ, ତାହା ଦ୍ୱାରା ଏହି ବର୍ଗର ଉପଭୋକ୍ତାଙ୍କର ଅତିରିକ୍ତ ଲୋଡ ବୃଦ୍ଧିକୁ ଭରଣା କରାଯାଇପାରିବ। ସୁତରାଂ, ୪୩୧.୬୯ ଲକ୍ଷ ୟୁନିଟର ଅତିରିକ୍ତ ଚାହିଦାକୁ ତୁଲାଇବା ପାଇଁ ଅତିରିକ୍ତ ଏମ୍ ଭିଏ ଆବଶ୍ୟକତାକୁ ୦.୯୦ ର ଏକ ପଦ୍ଧତିଗତ ପାୱାର ଫାକ୍ଟର ଦ୍ୱାରା ହିସାବ କରାଯାଇଛି। ଅତଏବ, ୨୦୦୯, ସେପ୍ଟେମ୍ବରର ପ୍ରକୃତ ଚାହିଦା ସହ ୨୦୧୦-୧୧ଆ.ବ ପାଇଁ ଅତିରିକ୍ତ ଲୋଡ ବୃଦ୍ଧିକୁ ମିଶାଇ ଓ ହିସାବକୁ ନେଇ ଆୟୋଗ ବିତରକ କଂପାନୀକଂର ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଚାହିଦାକୁ ଅଟକଳନ କରିଛନ୍ତି। କିନ୍ତୁ ସେସୁ କ୍ଷେତ୍ରରେ , ୨୦୦୯ ଏପ୍ରିଲରୁ ୨୦୦୯, ନଭେମ୍ବର ପର୍ଯ୍ୟନ୍ତ ପ୍ରକୃତ ହାରାହାରି ଚାହିଦା ସହ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଅତିରିକ୍ତ ଲୋଡ ବୃଦ୍ଧିକୁ ମିଶାଇ ଓ ହିସାବକୁ ନେଇ ଆୟୋଗ  ଚାହିଦାର ଅନୁମୋଦନ କରିଛନ୍ତି, ଯେଣୁ ୨୦୦୯, ସେପ୍ଟେମ୍ବର ଅବଧିରେ ସେସୁର ଚାହିଦା ସର୍ବନିମ୍ନ ଥିଲା। ତେବେ, ଆମର ଅଟକଳିତ ପରିସଂଖ୍ୟାନ ଠାରୁ ୨୦୧୦-୧୧ ପାଇଁ

ନେସ୍କୋର ପ୍ରଦର୍ଶନ ନିମ୍ନତର ଥିଲା ଏବଂ ସେହି ପରିସଂଖ୍ୟାନକୁ ଆୟୋଗ ଅନୁମୋଦନ କରିଛନ୍ତି। ବିତରକ କଂପାନୀମାନଂକ ଉଦ୍ଦେଶ୍ୟରେ ଏମଭିଏରେ ସମୁଦାୟ ଅଟକଳିତ ଚାହିଦାକୁ ନିମ୍ନ ସାରଣୀରେ ପ୍ରଦର୍ଶନ କରାଗଲା।

ସାରଣୀ-୨୫

୨୦୧୦-୧୧ ପାଇଁ ଏମ୍.ଭି.ଏ ର ଚାହିଦା

| ଇଣ୍ଟନ କମ୍ପାନୀମାନଙ୍କ ନାମ | ୨୦୦୯-୧୦ ପାଇଁ ଓଇଆରସି ଅନୁମୋଦନ | ୨୦୧୦-୧୧ ପାଇଁ ବଣ୍ଟନ କମ୍ପାନୀମାନଙ୍କ ନାମ ପ୍ରସ୍ତାବ | ୨୦୧୦-୧୧ ପାଇଁ ଗ୍ରୀଡ଼କୋର ପ୍ରସ୍ତାବ | ୪/୦୯ ରୁ ୧୧/୦୯ ର ବାସ୍ତବିକ ହାରାହାରୀ ଏସ୍.ଏମ.ଡ଼ି | ସେପ୍ଟେମ୍ବର ୨୦୦୯ ର ବାସ୍ତବିକ | ୨୦୧୦-୧୧ରେ ଏଚ୍.ଟି ଓ ଇଏଚ୍.ଟି ଉପଭୋକ୍ତା ମାନଙ୍କ ପାଇଁ ଅଟକଳ ଅତିରିକ୍ତ ବୋଝ ବୃଦ୍ଧି (ଏମ୍.ୟୁ) **Additional Load growth for HT & EHT consumer as estimated for 2010-11** | ଏମ୍.ଭି.ଏ କୁ ୦.୯ ପାୱାର ଫାକ୍ଟରରେ ପରିବର୍ତ୍ତିକ ଅତିରିକ୍ତ ବୋଝ ବୃଦ୍ଧି **Additional load growth converted to MVA at a power factor 0.9** | ବାସ୍ତବିକ ସେପ୍ଟେମ୍ବର ୨୦୦୯ ସୁଦ୍ଧା + ଅତିରିକ୍ତ ବୋଝ ବୃଦ୍ଧି **Actual for 9/09 + Additional load growth** | ୨୦୧୦-୧୧ ପାଇଁ ଓଇଆରସି ଅନୁମୋଦନ |
|---|---|---|---|---|---|---|---|---|---|
| ସେସୁ | ୯୭୬.୯୯ | ୧୦୭୨.୦ | ୯୮୮.୫୨ | ୯୬୬.୯୯ | ୯୪୪.୬୪ | ୪୨.୭୨ | ୫.୪୨ | ୯୫୦.୦୬ | ୯୭୨.୦ (୧୧/୦୯ ପର୍ଯ୍ୟନ୍ତ ହାରାହାର + ଅତିରିକ୍ତ ବୋଝ (Avg. upto 11/09+ addl load) |
| ନେସ୍କୋ | ୬୭୯.୭୦ | ୭୩୦.୦ | ୭୦୮.୧୭ | ୬୯୩.୪୬ | ୭୦୨.୫୩ | ୩୩୮.୧୫ | ୪୨.୮୯ | ୭୪୫.୪୨ | ୭୩୦.୦ (ବଣ୍ଟନକାରୀ ସଂସ୍ଥାମାନଙ୍କ ଦ୍ୱାରା |

| | | | | | | | | | |
|---|---|---|---|---|---|---|---|---|---|
| | | | | | | | | | ପ୍ରକ୍ଷେପଣ ) (As projected by Discoms) |
| ୱେସ୍କୋ | ୧୦୦୭.୬୭ | ୧୦୫୦.୦ | ୯୭୧.୧୮ | ୮୬୫.୬୯ | ୯୭୧.୧୮ | | | ୯୭୧.୧୮ | ୯୭୧.୦ |
| ସାଉଥ୍କୋ | ୩୬୨.୨୪ | ୪୧୦.୦ | ୩୭୫.୭୪ | ୩୭୦.୮୯ | ୩୭୧.୪୨ | ୫୦.୮୨ | ୬.୪୫ | ୩୭୭.୮୭ | ୩୭୭.୦ |
| ସମଗ୍ର ଓଡ଼ିଶା | ୩୦୨୬.୬୦ | ୩୨୬୨.୦ | ୩୦୪୩.୬୨ | ୨୮୯୭.୦୩ | ୨୯୮୯.୭୭ | ୪୩୧.୬୯ | ୫୪.୭୬ | ୩୦୪୪.୫୩ | ୩୦୫୦.୦ |

୩୧୮. ୨୦୦୯-୧୦ ର ଭିନ୍ନ ଭିନ୍ନ ମାସରେ 'ସମତାଳିକ ସର୍ବାଧିକ ଚାହିଦା' ବା ଏସଏମଡିକୁ ଏବଂ ବଂଟନାକରୀ କଂପାନୀଙ୍କ ଦ୍ୱାରା ପ୍ରଦର୍ଶିତ ଅତିରିକ୍ତ ଲୋଡକୁ ହିସାବକୁ ନେଇ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଏସଏମଡିକୁ ୩୦୫୦ ଏମଭିଏରେ ସ୍ଥିର କରାଯାଇଛି, ଯେଉଁ ସୀମା ମଧ୍ୟରେ ବିତରକ କଂପାନୀମାନେ ଉଠାଣ କରିବେ। ତେବେ ସର୍ବାଧିକ ୧୦ ପ୍ରତିଶତର ଏକ 'ଅଧିକ-ଉଠାଣ' ବା ଓଭରଡ୍ରୟାଲକୁ ଅନୁମତି ଦିଆଯାଇଛି। ନିର୍ଦ୍ଧାରିତ ଚାହିଦା ସୀମାକୁ ଅତିକ୍ରମ କରି ଉଠାଣ କଲେ ଦଣ୍ଡ ବିଧାନର ବ୍ୟବସ୍ଥା ମଧ୍ୟ ରହିଛି।

**<u>ବିଭିନ୍ନ ଉତ୍ପାଦନକାରୀ ଷ୍ଟେସନମାନଙ୍କରୁ ଶକ୍ତି କ୍ରୟ</u>**

**<u>ରାଜ୍ୟ ଜଳ ବିଦ୍ୟୁତ ଷ୍ଟେସନ</u>**

୩୧୯. ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଓଏଚପିସିର ଭିନ୍ନ ଭିନ୍ନ ଷ୍ଟେସନ ପାଇଁ ଗ୍ରୀଡକୋର ପ୍ରସ୍ତାବ ଓ ଆୟୋଗଙ୍କ ଅନୁମୋଦନର ପୁଂଖାନୁପୁଂଖତା ଓଏଚପିସିର ରାଜସ୍ୱ ଆବଶ୍ୟକତା ଓ ତାରିଫ ନିର୍ଦ୍ଧାରଣ ନିମନ୍ତେ କେଶ ନଂ-୧୪୭/୨୦୦୯ ରେ ଆଲୋଚିତ ହୋଇଛି ଏବଂ ଏଥିରେ ଆୟୋଗ ଓଏଚପିସିର ବର୍ତ୍ତମାନର 'ଆକାରାୟିତ ଶକ୍ତି' କୁ ଉପରୋକ୍ତ ଉଦ୍ଦେଶ୍ୟରେ ବିବେଚନା କରିଛନ୍ତି।

ସାରଣୀ-୨୬

ରାଜ୍ୟ ଜଳବିଦ୍ୟୁତ ଷ୍ଟେସନମାନଙ୍କରୁ ଉଠାଣ (ମିଲିୟନ ୟୁନିଟରେ)

| ଉତ୍ପାଦନ ଉତ୍ସ | ଆର୍ଥିକ ବର୍ଷ ୨୦୦୯-୧୦ | ଆର୍ଥିକ ବର୍ଷ ୨୦୧୦-୧୧ | |
|---|---|---|---|
| | କମିଶନଙ୍କ ଅନୁମୋଦନ | ଗ୍ରୀଡ଼କୋର ପ୍ରସ୍ତାବ | କମିଶନଙ୍କ ଅନୁମୋଦନ |
| ଓଏଚପିସ (ପୁରୁଣା ଷ୍ଟେସନ) | ୩୯୪୮.୩୫ | ୩୬୮୬.୦୦ | ୩୬୭୬.୮୬ |
| **ଉପର ଇନ୍ଦ୍ରାବତୀ** | ୧୯୭୧.୦୯ | ୧୯୪୪.୩୬ | ୧୯୪୨.୩୮ |
| **ମାଛକୁଣ୍ଡ** | ୨୬୫.୦୦ | ୨୬୨.୫୦ | ୨୬୨.୫୦ |
| ସମୁଦାୟ ଜଳ ବିଦ୍ୟୁତ | ୬୧୮୪.୪୪ | ୫୮୯୨.୮୬ | ୫୮୮୧.୭୪ |

୩୨୦. ଆୟୋଗ ଉଲ୍ଲେଖ କରିଥିଲେ ଯେ, ୨୦୦୮-୦୯ ରେ ଉଦ୍ଦିଷ୍ଟ ରାଜ୍ୟମାନଙ୍କ ମଧ୍ୟରେ ଭାଗ ବଂଟୁଆରା ଉଦ୍ଦେଶ୍ୟରେ ମାଛକୁଣ୍ଡ ଜଳ ବିଦ୍ୟୁତ ଷ୍ଟେସନରେ ନିଟ୍ ଶକ୍ତି ପରିମାଣ ୫୬୧.୪୫ ଲକ୍ଷ ୟୁନିଟ ମଧ୍ୟରୁ ଓଡ଼ିଶାର ଭାଗ ହେଉଛି ୨୪୨.୮୫ ଲକ୍ଷ ୟୁନିଟ(୪୩.୨୫%)। ଚଳିତ ୨୦୦୯-୧୦ଆର୍ଥିକ ବର୍ଷର ୨୦୦୯, ଡିସେମ୍ବର ପର୍ଯ୍ୟନ୍ତ ଭାଗ ବଂଟୁଆରା ନିମନ୍ତେ ଉଦ୍ଦିଷ୍ଟ

ମାଛକୁଣ୍ଡର ନିଟ୍ ଶକ୍ତି ପରିମାଣ ୪୦୫.୦୬ ଲକ୍ଷ ୟୁନିଟ ମଧ୍ୟରୁ ଓଡ଼ିଶାର ଭାଗ ଥିଲା ୧୯୯.୯୨ ଲକ୍ଷ ୟୁନିଟ (୪୯.୨୮%)। ଦକ୍ଷିଣାଞ୍ଚଳ ଗ୍ରୀଡ ସହ ସହ-ସମ୍ବନ୍ଧିତ ଭାବେ ମାଛକୁଣ୍ଡ ଶକ୍ତି ଷ୍ଟେସନ ପରିଚାଳିତ। ନିୟମିତ ଭାବେ ଓଡ଼ିଶା ମାଛକୁଣ୍ଡରୁ ଶକ୍ତି ଆଣିଥାଏ। ଆୟୋଗ ମତ ଦିଅନ୍ତି ଯେ, ପୂର୍ବାଞ୍ଚଳ ଗ୍ରୀଡ ସହ ମାଛକୁଣ୍ଡର ସମ୍ବନ୍ଧ ଛିନ୍ନ କରିଦିଆଗଲେ, ବରଂ ଓଡିଶା ମାଛକୁଣ୍ଡରୁ ଦୈନିକ ୫୦ ପ୍ରତିଶତ ପରମାଣର ଶକ୍ତି ପାଇବ। ଗ୍ରୀଡକୋ/ଓପିଟିସିଏଲ ଏବଂ ସାଉଥ୍କୋ ମାଛକୁଣ୍ଡରୁ ଓଡ଼ିଶାକୁ ଅଧିକ ଉଠାଣ ଦିଗରେ ସମ୍ମିଳିତ ପ୍ରୟାସ କରିବା ଉଚିତ।

**<u>ତାଳଚେର ତାପଜ ବିଦ୍ୟୁତ ଷ୍ଟେସନ(ଟିଟିପିଏସ୍)</u>**

୩୨୧. ତାଳଚେର ତାପଜ ବିଦ୍ୟୁତ ଶକ୍ତି ଷ୍ଟେସନର ଉତ୍ପାଦନ କ୍ଷମତା ହେଉଛି ୪୬୦ ମେଗାୱାଟ। ଏହା ଜାତୀୟ ତାପଜ ଶକ୍ତି ନିଗମ ଦ୍ୱାରା ମାଲିକାନାତ୍ୱ ପ୍ରାପ୍ତ ଓ ପରିଚାଳିତ। କିନ୍ତୁ ଏଥିରୁ ଉତ୍ପାଦିତ ସମୁଦାୟ ଶକ୍ତି ରାଜ୍ୟ ଉଦ୍ଦେଶ୍ୟରେ ବିନିଯୁକ୍ତ ହୋଇଥାଏ। ୨୦୦୯, ଏପ୍ରିଲରୁ ପରବର୍ତ୍ତୀ ସମୟ ପାଇଁ ପ୍ରଯୋଜ୍ୟ ସିଇଆରସି ମାପଦଣ୍ଡ ଅନୁଯାୟୀ, ୧୦.୫୦%ର ଗୌଣ-ଉପଯୋଗର ସହ-ସାମିଲକରଣ ସହ ୮୨.୦%ର ଏକ ମାପଦଣ୍ଡ ଭିତ୍ତିକ ପ୍ଲାଣ୍ଟ ଉପଲବ୍ଧତାରେ ତାଳଚେର ତାପଜ ଷ୍ଟେସନରୁ ଗ୍ରୀଡକୋକୁ ଉପଲବ୍ଧ ହେଉଥିବା ନିଟ୍ ଶକ୍ତିର ପରିମାଣକୁ ୨୯୫୭.୩୨ ଲକ୍ଷ ୟୁନିଟରେ ପ୍ରଦର୍ଶନ କରାଯାଇଛି। ୮୨%ର ଏକ ମାପଦଣ୍ଡ ଭିତ୍ତିକ ପ୍ଲାଣ୍ଟ ଉପଲବ୍ଧତାରେ ଏନଟିପିସି ପୂରା କ୍ଷମତା (ଶକ୍ତି ପରିମାଣ)ର ଦେୟ-ଦର ପାଇବ ଏବଂ ମାପଦଣ୍ଡ ଭିତ୍ତିକ ପ୍ଲାଣ୍ଟ ଉପଲବଧତାରେ ପାର୍ଥକ୍ୟ ଆସିଲେ ତାହା ନିମ୍ନତର କ୍ଷମତାର ଦେୟ-ଦରକୁ ଆପଣେଇବ କିମ୍ବା ପାରିତୋଷିକ ଦେୟକୁ ଆକର୍ଷଣ କରିବ। ତେଣୁ, ଗ୍ରୀଡକୋର ପ୍ରଦର୍ଶନ ମତେ, ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଟିଟିପିଏସ୍ରୁ ୨୯୫୭.୩୨ ଲକ୍ଷ ୟୁନିଟର ନିଟ୍ ଉଠାଣକୁ ଆୟୋଗ ଅନୁମୋଦନ ଦେଇଛନ୍ତି।

**<u>ଓପିଜିସିର ଇବ୍ ତାପଜ ଶକ୍ତି ଷ୍ଟେସନ</u>**

୩୨୨. ଇବ୍ ତାପଜ ଶକ୍ତି ଷ୍ଟେସନ ଓଡ଼ିଶାର ଝାରସୁଗୁଡା ଜିଲ୍ଲାର ବନହରପାଲୀଠାରେ ଅବସ୍ଥିତ। 'ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ' ମାଲିକାନାରେ ଏହା ପରିଚାଳିତ। ଏହାର ସମୁଦାୟ ଉତ୍ପାଦନ କ୍ଷମତା ହେଉଛି ୨× ୨୧୦ମୋଗୱାଟ୍।

୩୨୩. ୧୩.୧୧.୨୦୦୯ର ଚିଠି ନଂ ୨୫୪୮ରେ ଆୟୋଗ ଓପିଜିସିକୁ ୩୦.୧୧.୨୦୦୯ ସୁଦ୍ଧା ସୂଚିତ ଟାରିଫ ଫାଇଲିଂ ଫର୍ମାଟରେ ଏଆର୍ଆର୍ ଆଗତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଓପିଜିସି ୩୦.୧୧.୨୦୦୯ର ଚିଠି ନଂ ୩୧୦୫ ରେ ଆୟୋଗଙ୍କୁ ଜଣାଇଦେଲା ଯେ, ୨.୨.୨୦୦୯ ତାରିଖଷର ଚିଠି ନଂ-୩୧୯ ମୂଳେ ତା'ର ଯୋଗାଯୋଗ ଜନିତ ସ୍ଥିତିକୁ ସେ ଦୋହରାଇଛି ଏବଂ ପୁନର୍ବାର ଆୟୋଗଙ୍କୁ ଜଣାଇଲା ଯେ, ପ୍ରତିପକ୍ଷମାନଙ୍କ ମଧ୍ୟରେ ତ୍ରି-ପାକ୍ଷିକ ଚୁକ୍ତିନାମାକୁ ପୁନଃ ସମ୍ବନ୍ଧିତ କରାଯାଉଛି (୨୧.୬.୨୦୦୮ ର ପୂର୍ବବର୍ତ୍ତୀ ବିଜ୍ଞପ୍ତିକୁ ସଂସ୍କରିତ କରି ଓ ୧୨.୧୦.୨୦୦୯ର ଓଡ଼ିଶା ସରକାରଙ୍କ ବିଜ୍ଞପ୍ତିକୁ ବିଚାର କରି)। ଶକ୍ତି କ୍ରୟ ଚୁକ୍ତିନାମା ଏ୍ବଂ ତ୍ରିପାକ୍ଷିକ ଚୁକ୍ତିନାମାର ଚୂଡାନ୍ତକରଣ ପରେ ଉପରୋକ୍ତ ଯୋଗାଯୋଗରେ ବର୍ଣ୍ଣିତ ମତେ ପୁନଃପଦକ୍ଷେପକୁ ଅନୁସରଣ କରାଯିବ। ଏହି ଚିଠିରେ ଓପିଜିସି ଏହା ମଧ୍ୟ ଉଲ୍ଲେଖ କରିଛି ଯେ, ଉପରୋକ୍ତ ଅବତାରଣା ଦୃଷ୍ଟିରୁ , ବର୍ତ୍ତମାନ ସମୟ ପରିପ୍ରେକ୍ଷୀରେ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ 'ଉତ୍ପାଦନ ଟାରିଫର' ନିର୍ଦ୍ଧାରଣ ପାଇଁ ତା'ର ଆଉ କୌଣସି ସୂଚନା ଆଗତ ରକିବାର ଆବଶ୍ୟକତା ନାହିଁ।

୩୨୪. ଓପିଜିସି ଆୟୋଗଙ୍କ ସମକ୍ଷରେ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ତା'ର ଏଆର୍ଆର୍ ଉପସ୍ଥାପନ କଲା ନାହିଁ, ଏହି ଯୁକ୍ତିରେ ଯେ ସେ କୌଣସି ବିତରକ କଂପାନୀଙ୍କୁ ଶକ୍ତି ବିକ୍ରୀ କରୁନାହିଁ, ଗ୍ରୀଡକୋକୁ ବିକୁଛି; ଏବଂ ଗ୍ରୀଡକୋ ସଂପ୍ରତି ଏକ ବଣୀକ ମାତ୍ର। ୧୩.୮.୯୬ ର ଏକ ଦ୍ୱି-ପାକ୍ଷିକ ଚୁକ୍ତିନାମା (ଶକ୍ତି କ୍ରୟ ଚୁକ୍ତିନାମା) ଦ୍ୱାରା ଓପିଜିସିର ଗ୍ରୀଡକୋକୁ ଶକ୍ତି ବିକ୍ରୀ ପରିଚାଳିତ ଅଟେ। ଓଡ଼ିଶା ବିଦ୍ୟୁତ ସଂସ୍କାର ଆଇନ, ୧୯୯୫ ର ବିଭାଗ-୨୧(୪) ଅନୁଯାୟୀ, ଆୟୋଗଙ୍କର ସହମତି ଅଭାବରେ ଏହି ଚୁକ୍ତିନାମା ଠିକ ନୁହେଁ ବୋଲି ଓଡ଼ିଶାର ମାନ୍ୟବର ଉଚ୍ଚ ନ୍ୟାୟାଳୟ ତାଙ୍କର ୨୨.୨.୨୦୦୯ର ଓଜେସି ନଂ - ୧୩୩୩୮/୨୦୦୧ରେ ଏକ ବୈଚାରିକ ଆଦେଶନାମା ଜାରି କଲେ ଏବଂ ସେହି ଆଦେଶନାମାରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଲେ ଯେ, କେଶ ନଂ -୧୩/୦୨ ରେ ଗ୍ରୀଡକୋ ଦ୍ୱାରା ଆଗତ କରାଯାଇଥିବା ଏକ ସଦ୍ୟ ଚୁକ୍ତିନାମା ଉପରେ ଆୟୋଗ

ତାଙ୍କର ଫଇସଲା ଦେବା ଉଚିତ। ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କର ଉପରୋକ୍ତ ଆଦେଶନାମା ତାଙ୍କର ବିରୁଦ୍ଧରେ ଓପିଜିସି ମାନ୍ୟବର ଉଚ୍ଚତମ ନ୍ୟାୟାଳୟରେ ଅପିଲ କଲା। ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ୨୯.୪.୨୦୦୫ର ଆଦେଶନାମା ଏସ୍‌ଏଲ୍ ପି (ସି)- ସଂଖ୍ୟା -୬୮୧୨-୬୮୧୩/୨୦୦୫ ରେ ପ୍ରୋକ୍ତ ପରବର୍ତ୍ତୀ ଚୁକ୍ତିନାମା ଉପରେ ଆୟୋଗ ଫଇସଲା ଦେବା ନେଇ ଅଧିକ ନ ଆଗେଇବାକୁ ସ୍ଥଗିତ ଦେଶ ଜାରିକଲେ। ଆଇନର ବିଭାଗ -୬୨(୧) (କ) ଅନୁଯାୟୀ, କଂପାନୀମାନଙ୍କୁ ଶକ୍ତି ବିକ୍ରୀ କ୍ଷେତ୍ରରେ ଉତ୍ପାଦନକାରୀ କଂପାନୀଙ୍କ ପାଇଁ ଟାରିଫ ସ୍ଥିର କରିବାକୁ ଆୟୋଗଙ୍କର କ୍ଷମତାକୁ ପ୍ରୋକ୍ତ ମାମଲାରେ ଉଚ୍ଚ ନ୍ୟାୟାଳୟ ଏବଂ ଉଚ୍ଚତମ ନ୍ୟାୟାଳୟରେ ଏକ ପ୍ରସଂଗ କରାଯାଇନାହିଁ। ଉଚ୍ଚତମ ନ୍ୟାୟାଳୟରେ, ଓପିଜିସି ଦୃଢ଼ ଯୁକ୍ତି ଦର୍ଶାଇଛି ଯେ, ୧୩.୮.୯୬ ର ଶକ୍ତି କ୍ରୟ ଚୁକ୍ତିନାମାର ଔଚିତ୍ୟ ଅଛି ଏବଂ ଉଚ୍ଚ ନ୍ୟାୟାଳୟ ଭୁଲ ଭାବେ ନିଷ୍ପତ୍ତି ଦେଇଛନ୍ତି ଯେ ଚୁକ୍ତିନାମା ତ୍ରୁଟିଯୁକ୍ତ ଅଟେ। ଉଚ୍ଚତମ ନ୍ୟାୟାଳୟରେ ଓପିଜିସିର ଆତ୍ମପକ୍ଷ ସମର୍ଥନ ପୂର୍ବକ ଦୃଢ଼ ଯୁକ୍ତି ଦୃଷ୍ଟିରୁ ଆୟୋଗ ଏହି ମର୍ମାର୍ଥକୁ ନେଇ ଆଗେଇଛନ୍ତି ଯେ, ଚୁକ୍ତିନାମାର ବୈଧ ପ୍ରସଂଗ ଫଇସଲା ହେବା ପର୍ଯ୍ୟନ୍ତ ଓପିଜିସି ଗ୍ରୀଡକୋକୁ ବିକ୍ରୀ କରିବାକୁ ଥିବା ଶକ୍ତି ପ୍ରସଂଗ ୧୩.୮.୧୯୯୬ର ପ୍ରୋକ୍ତ ଚୁକ୍ତିନାମାର ବ୍ୟବସ୍ଥାସମୂହ ଦ୍ୱାରା ପରିଚାଳିତ ହେବ ଏବଂ ଟାରିଫ ହିସାବର ଆନୁଷଙ୍ଗିକ ନିୟମ-ସୂଚୀ ସହ ସଂପର୍କିତ ବ୍ୟବସ୍ଥାସମୂହ ସହ ପ୍ରସଂଗଟି ଓପିଜିସି ଓ ଗ୍ରୀଡକୋର ଦ୍ୱି-ପାକ୍ଷିକ ଚୁକ୍ତି ଉପରେ ନିର୍ଭର କରୁଛି।

୩୨୫. ୟୁନିଟ୍ ୧ ଓ ୨ ରୁ ଶକ୍ତି କ୍ରୟ ପାଇଁ ଟାରିଫ ସଂପର୍କରେ ଗ୍ରୀଡକୋ ଏବଂ ଓପିଜିସି ମଧ୍ୟରେ ବିବାଦର ସମାଧାନ କରିବା ନିମନ୍ତେ ଓଡ଼ିଶା ସରକାର ୭.୫.୨୦୦୭ ତାରିଖର ରିଜଲ୍ୟୁସନ ନଂ -୩୮୯୫ ମୂଳେ ଏକ ଟାସ୍କ ଫୋର୍ସ ଗଠନ କଲେ। ଏହି ଟାସ୍କ ଫୋର୍ସ ରାଜ୍ୟ ସରକାରଙ୍କୁ ତାଙ୍କର ସୁପାରିଶ ପ୍ରଦାନ କରିଛନ୍ତି ଏବଂ ଏହାର ବିଚାର କରି ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ ତା୨୧.୬.୨୦୦୮ ର ବିଜ୍ଞପ୍ତି ମୂଳେ (୭.୯.୨୦୦୮ର ଓଡ଼ିଶା ରାଜପତ୍ର ସଂଖ୍ୟା ୧୨୮୦ ରେ ପ୍ରକାଶିତ) ନିମ୍ନ ପ୍ରକାରରେ ନିଷ୍ପତ୍ତି ନେଇଛନ୍ତି।

(କ) ଆନ୍ତର୍ଜାତୀୟ ତାପଜ ଶକ୍ତି ଷ୍ଟେସନର ୟୁନିଟ ୧ ଓ ୨ ପାଇଁ ଶକ୍ତି କ୍ରୟ ଚୁକ୍ତିନାମାର ଅନୁମୋଦନ ନିମନ୍ତେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗଙ୍କ କ୍ଷମତା ବଳୟ ସଂପର୍କରେ ଓଡ଼ିଶାର ମାନ୍ୟବର ଉଚ୍ଚ ନ୍ୟାୟାଳୟ ବିରୁଦ୍ଧରେ ଭାରତର ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ ନିକଟରେ ଫାଇଲ କରିଥିବା ଏସ୍‌ଏଲ୍‌ପିକୁ ଓପିଜିସି ପ୍ରତ୍ୟାହାର କରିବ।

(ଖ) ୟୁନିଟ୍ ୧ ଓ ୨ ପାଇଁ ଟାରିଫ ସଂପର୍କିତ ଆନୁଷଂଗିକ ମାପଦଣ୍ଡ ଓ ନିୟମ ସୂଚୀର ଅପଭ୍ରଂଶତାର ଦୂରୀକରଣ ନିମନ୍ତେ, ୬୮.୪୯% ରୁ ୮୦% କୁ ପ୍ଲାଣ୍ଟ ଲୋଡ ଫାକ୍ଟରକୁ ବୃଦ୍ଧି କରିବାକୁ ସ୍ଥିତ ଶକ୍ତିକ୍ରୟ ଚୁକ୍ତିନାମାରେ ପାରିତୋଷିକତା ହିସାବର ବ୍ୟବସ୍ଥାସମୂହ ସଂଶୋଧନ ବାଂଛନୀୟ।

(ଗ) ସହମତି /ଅନୁମୋଦନ ପାଇଁ ସଂଶୋଧିତ ଚୁକ୍ତିନାମା (ପିପିଏ) କୁ ଆୟୋଗ ସମକ୍ଷରେ ଆଗତ କରାଯିବ।

(ଘ) ୨×୬୦୦ ମେଗାୱାଟର ଉତ୍ପାଦନ କ୍ଷମତା ବିଶିଷ୍ଟ ୟୁନିଟ ୩ ଓ ୪ର କମିଶନିଂ ପାଇଁ ଓପିଜିସି ଆଭିଯାନିକ ପଦକ୍ଷେପ ଗ୍ରହଣ କରିବ ଏବଂ ଏହି ୟୁନିଟଗୁଡ଼ିକରୁ ଉତ୍ପାଦିତ ଶକ୍ତିର ୫୦ ପ୍ରତିଶତ ପରିମାଣର ଶକ୍ତିକୁ ଗ୍ରୀଡକୋକୁ ଉପଲବ୍ଧ କରାଇବ।

(ଙ) ରାଜ୍ୟ ଗ୍ରୀଡକୋକୁ ଉପଲବ୍ଧ ପରିମାଣର ଶକ୍ତି ପାଇଁ 'ଶକ୍ତି କ୍ରୟ ଚୁକ୍ତିନାମା' ବା ପିପିଏ ଓଇଆରସିଙ୍କର ଅନୁମୋଦନ ସାପେକ୍ଷ ହେବ, ଏବଂ ସିଇଆରସିଙ୍କର ସମୟକୁ ସମୟ ବିଜ୍ଞପିତମତେ ଟାରିଫର ମାପଦଣ୍ଡ ଓ ଆନୁଷଙ୍ଗିକ ନିୟମ-ସୂଚୀ ଅନୁଯାୟୀ ଟାରିଫର ମାପଦଣ୍ଡ ଓ ନିୟମ-ସୂଚୀ ସମୂହର ସ୍ଥିରୀକରଣ ହେବ।

୩୨୬. ଓପିଜିସି ୨.୬.୨୦୦୯ର ଚିଠି ନଂ-୩୧୯ ରେ ଆୟୋଗଙ୍କୁ ଜଣାଇଛନ୍ତି ଯେ, ଓଡ଼ିଶା ସରକାର ଓ ଗ୍ରୀଡକୋ ସହ ଉପଯୁକ୍ତ ବିଚାର ବିମର୍ଶ ପରେ ସେ ଶକ୍ତି କ୍ରୟ ଚୁକ୍ତିନାମା ଓ ତ୍ରିପାକ୍ଷିକ ଚୁକ୍ତିନାମାରେ ଉପଯୁକ୍ତ ସଂଶୋଧନ ଆଣିବ, ଯାହାକି ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ ଠାରୁ ସ୍ଥଗିତ ମାମଲାର ଯଥୋପଯୁକ୍ତ ପ୍ରତ୍ୟାହାର ପରେ ଆୟୋଗଙ୍କ ସମକ୍ଷରେ ଆଗତ କରାଯିବ। କିନ୍ତୁ, ଅଦ୍ୟାବଧି , ସେହି ଏସ୍‌ଏଲ୍‌ପିକୁ ଓପିଜିସି ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କଠାରୁ ପ୍ରତ୍ୟାହାର କରି ନାହିଁ।

୩୨୭. ଆୟୋଗଙ୍କୁ ବିତରକ କଂପାନୀଙ୍କର ଶକ୍ତି କ୍ରୟର ଦର ନିର୍ଦ୍ଧାରଣ କରିବାକୁ ପଡିଥାଏ, ଯେଉଁ ଦର ଓଡ଼ିଶାର ପ୍ରଚଳିତ 'ଏକକ-କ୍ରେତା-ନମୁନା' ପରିସ୍ଥିତିରେ ଏକକ କ୍ରେତା ଅର୍ଥାତ୍ ଗ୍ରୀଡକୋର ବିକ୍ରୀ ଦର ସହ ସମାନ ହୋଇଥାଏ। ଅବଶ୍ୟ ଗ୍ରୀଡକୋ ଏହି

ବିକ୍ରୀ ଦର ପାଇଁ ବିତରକ  କଂପାନୀଙ୍କ ସହ ସ୍ଥୁଳ ଯୋଗାଣ ଚୁକ୍ତିନାମାରେ ସମ୍ବନ୍ଧିତ ହୋଇଥାଏ। ଅଧିକନ୍ତୁ, ଓପିଜିସି ଏବଂ ଗ୍ରୀଡକୋର ଶକ୍ତି କ୍ରୟ ଚୁକ୍ତିନାମାର ମିଳିତ ପରିଚାଳନା ଦ୍ୱାରା ସୃଷ୍ଟ ପ୍ରଚଳିତ ସିଙ୍ଗଲ ବାୟର ମଡେଲ ଯୋଗୁ ଏବଂ ଗ୍ରୀଡକୋର ବିତରକ  କଂପାନୀଙ୍କ ସହ ସ୍ଥୁଳ ଯୋଗାଣ ଚୁକ୍ତିନାମା ଯୋଗୁ ଓପିଜିସିରୁ ବିତରକ କଂପାନୀମାନଙ୍କୁ ଶକ୍ତି ବିକ୍ରୀ କରିବାର ଜଣେ ସାମାନ୍ୟ ଓ ଏକମାତ୍ର ମଧ୍ୟସ୍ଥି ମାତ୍ର। ଗ୍ରୀଡକୋର ବିତରକ  କଂପାନୀଙ୍କ ସହ  ସ୍ଥୁଳ ଯୋଗାଣ ଚୁକ୍ତିନାମା ସହ ଉପରୋକ୍ତ ଶକ୍ତି କ୍ରୟ ଚୁକ୍ତିନାମା ମିଶିଯିବା ଫଳରେ ଏମିତି ଏକ ପରିସ୍ଥିତିର ଉଦ୍‌ଭବ ହେଲା -ଯାହାର ପରିଣାମ ହେଲା ଓପିଜିସିର ବିତରକ କଂପାନୀମାନଙ୍କୁ ଶକ୍ତି ଯୋଗାଣ। ବିଦ୍ୟୁତ ଆଇନର ବିଭାଗ ୬୨(୧) (ଗ) ଅନୁଯାୟୀ, ଏକ  ଉତ୍ପାଦନକାରୀ କଂପାନୀ ଏକ ବଂଟନ- ଅନୁମତିଧାରୀଙ୍କୁ ଶକ୍ତି ଯୋଗାଣ କରୁଥିଲେ, ସେହି ଯୋଗାଣ ପାଇଁ ଟାରିଫ ନିର୍ଦ୍ଧାରଣ କରିବା ଆୟୋଗଙ୍କର କର୍ତ୍ତବ୍ୟ ଅଟେ। ନିର୍ଦ୍ଧାରିତ ଏହି ଟାରିଫକୁ ଆୟୋଗ ଏକମାତ୍ର ବଣିକ ବା ଟ୍ରେଡର ଗ୍ରୀଡକୋ ପ୍ରତି  ପ୍ରୟୋଗ କରିପାରିବେ,ଯାହାର ବିପଣନ କେବଳ ଓପିଜିସିରୁ ସମୁଦାୟ ଶକ୍ତିକୁ କିଣି  ବଂଟନର   ଆବାଶ୍ୟକତାର ସଂପୂର୍ଣ୍ଣ ପରିପୂର୍ତ୍ତି ପର୍ଯ୍ୟନ୍ତ ସେହିମାନଙ୍କୁ ବିକିବାରେ ହିଁ ସୀମାବଦ୍ଧ, ଏବଂ ବିତରକ କଂପାନୀମାନେ ଅନ୍ୟ କୌଣସି ମାଧ୍ୟମରୁ ଶକ୍ତି କିଣିବା ଆଇନାନୁମୋଦିତ ନୁହେଁ। ଅୟୋଗ ତେଣୁ ଓପିଜିସିର ୨୭.୧୧.୨୦୦୮ ର ଚିଠି ନଂ-୩୫୩୧ ର ଯୁକ୍ତିକ ବୁଡାଇ ପକାଇଲେ ଯେ, ଆଇନର ବିଭାଗ ୬୨(୨) ଅନୁଯାୟୀ, ଆୟୋଗ ଓପିଜିସିକୁ ଏଆର୍‌ଆର୍ ଦାଖଲ କରିବାକୁ ଆବଶ୍ୟକ ମନେ କରିବେ ନାହିଁ। ଓପିଜିସିର ଏଆର୍‌ଆର୍ ଦାଖଲ କରିବା ମଧ୍ୟ ଏକ ଆଇନଗତ ବାଧକତା ଅଟେ। ଏସବୁ ସତ୍ତ୍ୱେ, ଯେଣୁ ଗ୍ରୀଡକୋ ତାହା କଲା ନାହିଁ, ତେଣୁ ଆୟୋଗଙ୍କୁ ୧୩.୮.୧୯୯୬ ର ଉପରୋକ୍ତ  ଶକ୍ତି କ୍ରୟ ଚୁକ୍ତିନାମା ଓ ୭.୯.୨୦୦୮ର ଓଡ଼ିଆ ରାଜପତ୍ର ସଂଖ୍ୟା-୧୨୮୦ ଅନୁଯାୟୀ ସାମୟିକ ଭାବେ ଟାରିଫର ନିୟମସୂଚୀ ସମୂହକୁ ପ୍ରୟୋଗ କରିବାକୁ ପଡିଲା ଏବଂ ଅନ୍ୟ ଚୁକ୍ତିବଦ୍ଧ ପକ୍ଷ ଗ୍ରୀଡକୋ ଦ୍ୱାରା ପ୍ରଦତ୍ତ ଉପଲବଧ୍ ସୂଚନା ଉପରେ ବିତରକ  କଂପାନୀଙ୍କ ଉଦ୍ଦେଶ୍ୟରେ ଆଇନର ବିଭାଗ -୬୨(୧)(କ) ଅନୁଯାୟୀ ଏହାର ଟାରିଫ ସ୍ଥିରୀକରଣ ପାଇଁ ସ୍ଥିର-ଦର, ପରିବର୍ତ୍ତନୀୟ ଦେୟ-ଦର, ଜାଳେଣି ଦରର ଆଡଜଷ୍ଟମେଣ୍ଟ ବା ସହ-ସାମିଲକରଣକୁ ହିସାବ କରିବା ପାଇଁ ଆଗେଇଲେ। ଆୟୋଗ ପୁନଶ୍ଚ ନିର୍ଦ୍ଦେଶ ଦେଲେ ଯେ, ସିଙ୍ଗ୍‌ଲ ବାୟର ମଡେଲ ଅନୁଯାୟୀ, ଓପିଜିସିର ଶକ୍ତି ଗ୍ରୀଡକୋକୁ ବିକ୍ରୀ ପାଇଁ ସଂପ୍ରତି ନିର୍ଦ୍ଧାରିତ ଟାରିଫ ଉପରେ ଆଧାର କରି ସ୍ଥୁଳ ଯୋଗାଣ ଦର ପ୍ରଯୋଜ୍ୟ ହେବ।

୩୨୮. ଓପିଜିସି ତା'ର ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଉତ୍ପାଦନ ଖସଡାରେ ୩୧୫୩.୦୧ ଲକ୍ଷ ୟୁନିଟ ପରିମାଣର ଶକ୍ତି ଉତ୍ପାଦନର ଧାର୍ଯ୍ୟ ଲକ୍ଷ୍ୟ ପ୍ରଦର୍ଶନ କରିଥିଲା। ଗ୍ରୀଡକୋ ଓ ଓପିଜିସି ମଧ୍ୟରେ  ସ୍ୱାକ୍ଷରିତ ଶକ୍ତି କ୍ରୟ ଚୁକ୍ତିନାମା ଅନୁଯାୟୀ,ଗୌଣ ଉପଯୋଗକୁ ୯.୫୦% ରେ ନିଆଯାଇଛି। ସେହି ଅନୁସାରେ, ୮୫.୭% ର ପ୍ରଦର୍ଶିତ ପିଏଲ୍‌ଏଫ୍‌କୁ ବିବେଚନା କରି ଗ୍ରୀଡକୋ ଓପିଜିସିଠାରୁ ୨୮୫୩.୪୭୪ ଲକ୍ଷ ୟୁନିଟର ନିଟ୍ ଉତ୍ପାଦିତ ଉପଲବ୍ଧତାକୁ ପ୍ରସ୍ତାବ ଦେଇଛି। ଅତଏବ, ୮୫.୭%ର ପିଏଲ୍‌ଏଫ୍ ଏବଂ ୯.୫୦%ର ଗୌଣ ଉପଯୋଗକୁ ବିବେଚନା କରି ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଆୟୋଗ ୨୮୫୩.୫୩ ଲକ୍ଷ ୟୁନିଟର ଏକ ନିଟ୍ ଉଠାଣକୁ ଅନୁମୋଦନ ଦେଇଛନ୍ତି।

**<u>କ୍ୟାପଟିଭ୍ ଜେନେରେଟିଂ ପ୍ଲାଣ୍ଟ ସମୂହ (ସିଜିପି) ଏବଂ କୋ-ଜେନେରେଟିଂ ପ୍ଲାଣ୍ଟ ସମୂହ</u>**

୩୨୯. ଗ୍ରୀଡକୋ ତା'ର ଅବେଦନ ପତ୍ରରେ ଉପସ୍ଥାପନ କରିଛି ଯେ, କେଶ୍ ନଂ -୭୨/୨୦୦୭ରେ ସିଜିପିମାନଙ୍କର ବଳକା ଶକ୍ତିକୁ ବିକିବା ପାଇଁ ୧୪.୩.୨୦୦୮ର ଓଇଆରସି ଦର ନିର୍ଦ୍ଧାରଣ ନୀତିରେ ନିର୍ଦ୍ଧାରିତ ନିୟମାବଳୀ ଅନୁଯାୟୀ, ରାଜ୍ୟର ବିଭିନ୍ନ କ୍ୟାପଟିଭ୍ ଜେନେରେଟିଂ ପ୍ଲାଣ୍ଟ ଓ କୋ-ଜେନେରେଟିଂ ପ୍ଲାଣ୍ଟରୁ ବଳକା ଶକ୍ତିକୁ ଆହରଣ କରିବା ପାଇଁ ଦାୟବଦ୍ଧ ଅଟେ। ସେହ ଅନୁଯାୟୀ, ୨୦୦୯ ମାର୍ଚ୍ଚ ଠାରୁ, କେଶ ନଂ -୬/୦୯ ରୁ ୨୦/୦୯ ରେ ୨୮.୨.୨୦୦୯,୩୦.୬.୨୦୦୯ ଏବଂ ୨୮.୧୦.୨୦୦୯ ତାରିଖର ମଧ୍ୟବର୍ତ୍ତୀ ଆଦେଶନାମାରେ ସମୟକୁ ସମୟ ଆୟୋଗଙ୍କ ଦ୍ୱାରା ନିର୍ଦ୍ଧାରିତ ଟାରିଫ ଓ ଆନୁଷଙ୍ଗିକ ବ୍ୟବସ୍ଥା ସମୂହ ସହ ସମତାଳରେ ଗ୍ରୀଡକୋ ବିଭିନ୍ନ ସିଜିପି ଓ କୋ-ଜେନେରେଟିଂ ପ୍ଲାଣ୍ଟମାନଙ୍କଠାରୁ ଶକ୍ତି କ୍ରୟ କରିଆସୁଛି।

୩୩୦. କେଶ ନଂ -୫୯/୨୦୦୯ରେ ୨୭.୬.୦୯ ର ଆୟୋଗଙ୍କର ଆଦେଶନାମାର ନିର୍ଦ୍ଦେଶ ଅନୁଯାୟୀ, ୬.୧୧.୧୯୯୬ ର ଭାରତ ସରକାରଙ୍କ ବିଜ୍ଞପ୍ତିକୁ ଆଧାର କରି ୨୩.୯.୨୦୦୯ ର ମୁଖ୍ୟ ବୈଦ୍ୟୁତିକ ପରିଦର୍ଶକଙ୍କ ରିପୋର୍ଟ ଭିତ୍ତିରେ ଗ୍ରୀଡକୋ ୧୫ ଟି କ୍ୟାପଟିଭ୍ ଜେନେରେଟିଂ ପ୍ଲାଣ୍ଟକୁ ଶ୍ରେଣୀକରଣ କରିଛି ।

୩୩୧. ଚଳିତ ଆର୍ଥିକ ବର୍ଷର ପ୍ରଥମ ଅଧାରେ ଗ୍ରୀଡକୋ ସିଜିପିମାନଙ୍କଠାରୁ ୭୭୬ ଲକ୍ଷ ୟୁନିଟ ଏବଂ କୋ-ଜେନେରେଟିଂ ପ୍ଲାଣ୍ଟମାନଙ୍କଠାରୁ ୨୮୬ ଲକ୍ଷ ୟୁନିଟର ଶକ୍ତି କିଣିଛି । ଏନବିଭିଏଲ ଏବଂ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡରୁ ସର୍ବାଧିକ ପରିମାଣ ଏହା ମଧ୍ୟରେ ଅନ୍ତର୍ଭୁକ୍ତ । ୨୦୦୯-୧୦ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ସିଜିପି ଓ କୋ-ଜେନେରେଟିଂ ପ୍ଲାଣ୍ଟମାନଙ୍କଠାରୁ ୧୦୩୫ ଲକ୍ଷ ୟୁନିଟ ଓ କୋ-ଜେନେରେଟିଂ ପ୍ଲାଣ୍ଟମାନଙ୍କଠାରୁ ୫୪୫ ଲକ୍ଷ ୟୁନିଟର ଶକ୍ତି କିଣିବାକୁ ପ୍ରସ୍ତାବ ରଖିଛି । ନିମ୍ନ ସାରଣୀରେ ତାହାର ସବିଶେଷତା ପ୍ରଦାନ କରାଗଲା ।

ସାରଣୀ-୨୭

କେନ୍ଦ୍ରୀୟ ଉତ୍ପାଦନକାରୀ ସଂସ୍ଥା (ସିଜିପି) ଠାରୁ ଶକ୍ତି ଉଠାଣ

| ସିଜିପି | ଶକ୍ତି ଉଠାଣ ୨୦୦୮-୦୯ (ଏମ୍.ୟୁ) | ୨୦୦୯-୧୦ର ପ୍ରଥମ ୬ ମାସ ପାଇଁ ଶକ୍ତି ଉଠାଣ (ଏମ୍.ୟୁ) | ୨୦୧୦-୧୧ ପାଇଁ ପ୍ରସ୍ତାବିତ ଶକ୍ତି (ଏମ୍.ୟୁ) |
|---|---|---|---|
| ନାଲକୋ | ୮୦.୨୮ | ୧୩.୬୨ | ୨୬ |
| ଇମ୍ଫା | ୪୫.୩୨୩ | ୧୩୬.୬୯ | ୨୬୦ |
| ହିଣ୍ଡାଲକୋ | ୪୯.୯୪୧ | ୩୯.୨୦ | ୭୪ |
| ଆରଏସପି | ୧୪.୦୦ | ୭.୯୪ | ୧୫ |
| ଏନ୍‌ବିଭିଏଲ୍ | ୧୭୯.୩୬ | ୧୩୯.୦୩ | ୧୬୮ |
| ବଦାନ୍ତ (ଝାରସୁଗୁଡ଼ା) | ୨୮.୫୫୩ | ୧୨୨.୯୨ | ୨୩୩ |
| ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ଼୍ | ୨୮୦.୦୧ | ୩୧୭.୦୮ | ୨୫୯ |
| ହ୍ଵା | ୩.୧୦୩ | ୦ | ୦ |
| ସମୁଦାୟ | ୬୮୧ | ୭୭୬ | ୧୦୩୫ |

ସାରଣୀ-୨୮

କୋ-ଜେନେରେସନ ଷ୍ଟେସନଙ୍କ ଠାରୁ ଶକ୍ତି ଉଠାଣ

| ସିଜିଏସ୍ | ଶକ୍ତି ଉଠାଣ ୨୦୦୮-୦୯ (ଏମ୍.ୟୁ) | ୨୦୦୯-୧୦ର ପ୍ରଥମ ୬ ମାସ ପାଇଁ ଶକ୍ତି ଉଠାଣ (ଏମ୍.ୟୁ) | ୨୦୧୦-୧୧ ପାଇଁ ପ୍ରସ୍ତାବିତ ଶକ୍ତି (ଏମ୍.ୟୁ) |
|---|---|---|---|
| ଏନଆଇଏନଏଲ | ୭୬.୪୯ | ୪୧.୯୦ | ୮୦ |
| ଆରତୀ ଷ୍ଟିଲ | ୧୨୭.୩୯ | ୬୮.୩୧ | ୧୩୦ |
| ଟାଟା ସ୍ପଞ୍ଜ | ୧୨୬.୧୧ | ୬୧.୬୬ | ୧୧୭ |
| ଏସ୍.ଏମ୍.ସି ପାୱାର | ୩୩.୫୪ | ୧୨.୫୩ | ୨୪ |
| ପଟନାୟକ ଷ୍ଟିଲ | ୧୫.୧୯ | ୧୬.୮୩ | ୩୨ |
| ଇଫକୋ | ୦.୦୦ | ୮.୨୭ | ୧୬ |
| ଭିସା ଷ୍ଟିଲ | ୧.୯୭ | ୩.୫୪ | ୭ |
| ବେଦାନ୍ତ, ଲାଞ୍ଜିଗଡ଼ | ୧୫.୦୧ | ୧୧.୪୪ | ୨୨ |

| | | | |
|---|---|---|---|
| ଶ୍ୟାମ ଡିଆରଆଇ | ୩୧.୦୧୨ | ୯.୫୧ | ୧୮ |
| ଭୂଷଣ ଷ୍ଟିଲ ଲିମିଟେଡ୍ | ୬୨.୬୯୭ | ୧୨.୪୮ | ୨୪ |
| ରଥ୍ ଷ୍ଟିଲ ଓ ପାୱାର | ୦.୩୮ | ୯.୩୩ | ୧୮ |
| ଶ୍ରୀ ମହାବୀର ଫେରୋ ଆଲୋଏସ୍ | ୦.୧୫ | ୧୫.୫୪ | ୩୦ |
| ଆକ୍ସନ ଇସ୍ପାତ | ୦.୦୦ | ୫.୩୨ | ୧୦ |
| ଆର୍ଯ୍ୟନ ଇସ୍ପାତ | ୦.୦୦ | ୦.୫୫ | ୧ |
| ଭୂଷଣ ପାୱାର ଓ ଷ୍ଟିଲ ଲିମିଟେଡ୍ | ୩୫.୩୮୨ | ୮.୫୮ | ୧୬ |
| ସମୁଦାୟ | **୫୨୫.୩୨** | **୨୮୫.୭୯** | **୫୪୫.୦୦** |

୩୩୨. ପୁନଶ୍ଚ, ୨୮.୧.୨୦୧୦ ର ଅତିରିକ୍ତ ଉପସ୍ଥାପନାରେ ଗ୍ରୀଡକୋ ଦର୍ଶାଇଛି ଯେ, ଭୂଷଣ ପାୱାର ଆଣ୍ଡ ଷ୍ଟିଲ ଲିମିଟେଡରୁ ୧୬ ଲକ୍ଷ ୟୁନିଟର ଶକ୍ତି ଉଠାଣକୁ ତା'ର ମୂଳ ଦରଖାସ୍ତରେ କୋ-ଜେନେରେଟିଂ ପ୍ଲାଣ୍ଟରୁ ଶକ୍ତି ଉଠାଣ ବୋଲି ଦର୍ଶାଯାଇଥିଲା। କିନ୍ତୁ ଏହି ଉଠାଣକୁ କୋ-ଜେନେରେଟିଂ ପ୍ଲାଣ୍ଟରୁ ଉଠାଣ ପରିବର୍ତ୍ତେ ସିଜିପିରୁ ଉଠାଣ ବୋଲି ବିବେଚନା କରିବାକୁ ପଡିବ, କାରଣ ଭୂଷଣ ପାୱାର ଆଣ୍ଡ ଷ୍ଟିଲ ଲିମିଟେଡ୍ ପ୍ରକୃତରେ ଏକ ସିଜିପି ୟୁନିଟ୍ ଅଟେ। ଅତଏବ, ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ସିଜିପି ଓ କୋ-ଜେନେରେଟିଂ ପ୍ଲାଣ୍ଟରୁ ଗ୍ରୀଡକୋ ଶକ୍ତି ଉଠାଣ ପରିମାଣ ଯଥାକ୍ରମେ ୧୦୫୧ ଲକ୍ଷ ୟୁନିଟ ଓ ୫୨୯ ଲକ୍ଷ ୟୁନିଟ୍ ଭାବେ ସାବ୍ୟସ୍ତ ହୋଇଛି।

୩୩୩. ଆୟୋଗ ଗ୍ରୀଡକୋର ପ୍ରସ୍ତାବକୁ ଯାଞ୍ଚ କରିଥିଲେ ଏବଂ ବିତରକ କଂପାନୀଙ୍କ ଦ୍ୱାରା ରାଜ୍ୟର ଶକ୍ତି ଆବଶ୍ୟକତାକୁ ଭିତ୍ତିକରି ସିଜିପିସମୂହରୁ ୧୦୫୧ ଲକ୍ଷ ୟୁନିଟ ଏବଂ କୋ-ଜେନେରେଟିଂ ପ୍ଲାଣ୍ଟରୁ ୫୨୯ ଲକ୍ଷ ୟୁନିଟର ଶକ୍ତି ଉଠାଣକୁ ଅନୁମୋଦନ ଦେଇଥିଲେ। ଅବଶ୍ୟ, ସିଜିପି ଓ କୋ-ଜେନେରେଟିଂ ପ୍ଲାଣ୍ଟରୁ ଟ୍ରେଡିଂ ଉଦ୍ଦେଶ୍ୟରେ କ୍ରୟିତ ବଳକା ଶକ୍ତି ଏହି ଅନୁମୋଦନ ମଧ୍ୟରେ ଆସୁନାହିଁ।

୩୩୪. ତେବେ ରାଜ୍ୟର ଚାହିଦା ପରିପୂରଣ ପାଇଁ ଉପରୋକ୍ତ ଅନୁମୋଦିତ ପରିମାଣ ଗ୍ରୀଡକୋ ପାଇଁ 'ସସୀମ ଫାକ୍ଟର' ରୂପେ ବିବେଚିତ ହେବନାହିଁ। ଆବଶ୍ୟକ ସ୍ଥଳେ ଅଧିକ ଶକ୍ତି ଉଠାଣ ପାଇଁ (ସିଜିପି ଓ କୋ-ଜେନେରେଟିଂ ପ୍ଲାଣ୍ଟରୁ) ଗ୍ରୀଡକୋ ଆୟୋଗଙ୍କୁ ଜଣାଇବ। ପୁନଶ୍ଚ, ଟ୍ରେଡିଂ ବା ବିପଣନ ଉଦ୍ଦେଶ୍ୟରେ ସିଜିପି ଓ କୋ-ଜେନେରେଟିଂ ପ୍ଲାଣ୍ଟମାନେ ଅଧିକ ଶକ୍ତି ଯୋଗାଇ ଦେବାକୁ ଗ୍ରୀଡକୋ ସେମାନଙ୍କ ସହ ସକରାତ୍ମକ ଆଲୋଚନା ଜାରି ରଖିବା ବାଂଛନୀୟ।

**<u>ଉଦ୍ଧାରିତ ବା ରିନ୍ୟୁଏବଲ୍ ଶକ୍ତି</u>**

୩୩୫. ୨୦୦୯-୧୦ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ ମେସର୍ସ ମୀନାକ୍ଷୀ ପାୱାର ଲିମିଟେଡରୁ ୯୬.୫୦ ଲକ୍ଷ ୟୁନିଟର ରିନ୍ୟୁଏବଲ ବା ଉଦ୍ଧାରିତ ଶକ୍ତି ଉଠାଣ କରିବାକୁ ସମର୍ଥ ହୋଇଥିବା ଗ୍ରୀଡକୋ ତା'ର ଉପସ୍ଥାପନାରେ ଦର୍ଶାଇଛି। ତେବେ, ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ କ୍ଷୁଦ୍ର ଜଳ ବିଦ୍ୟୁତ୍ ଶକ୍ତି ଉତ୍ସରୁ ପାଖାପାଖି ୩୦୦ ଲକ୍ଷ ୟୁନିଟ୍ ର ଶକ୍ତି ଉଠାଣ କରିବ ବୋଲି ଗ୍ରୀଡକୋ ଉପସ୍ଥାପନା କରିଛି। ନିମ୍ନରେ ତା'ର ଏକ ସାରଣୀକୃତ ବିବରଣୀ ପ୍ରଦନା କରାଗଲା।

ସାରଣୀ- ୨ ୯

ପ୍ରସ୍ତାବିତ ନବୀକରଣୀୟ ଶକ୍ତି ଉତ୍ସରୁ ଉଠାଣ

ଚକ୍ସ୍ବକ୍ଟକ୍ଟ୍ରକ୍ଟଗ୍ତରଯ ଉକ୍ସବଙ୍ଗବକ୍ଷ ଲକ୍ସକ୍ଟଙ୍କ ଜରଭରଙ୍ଗବଭକ୍ଷର ରଭରକ୍ସଶଛ ଝକ୍ଟଙ୍କଙ୍କ୍ସମରଗ୍ଧ

| ନବୀକରଣୀୟ ଶକ୍ତି ଉତ୍ସ | ୨୦୦୮-୦୯ ପାଇଁ ଶକ୍ତି ଉଠାଣ (ଏମ୍.ୟୁ) | ୨୦୦୯-୧୦ ପ୍ରଥମ ୬ ମାସ ପାଇଁ ଶକ୍ତି ଉଠାଣ (ଏମ୍.ୟୁ) | ୨୦୧୦-୧୧ ପାଇଁ ପ୍ରସ୍ତାବିତ ଶକ୍ତି (ଏମ୍.ୟୁ) |
|---|---|---|---|

| | | | |
|---|---|---|---|
| ମୀନାକ୍ଷୀ କ୍ଷୁଦ୍ର ହାଇଡ୍ରୋ | 0.00 | ୯୬.୫୨୧ | ୧୫୦ |
| ସାମଲ କ୍ଷୁଦ୍ର ହାଇଡ୍ରୋ | 0.00 | 0.00 | ୧୫୦ |
| ସମୁଦାୟ | 0.00 | ୯୬.୫୨୧ | ୩୦୦ |

୩୩୬. ପୁନଶ୍ଚ, ଆୟୋଗଙ୍କ ଯାଞ୍ଚକାରୀ ପ୍ରଶ୍ନର ଉତ୍ତରରେ ଗ୍ରୀଡକୋ କହିଛି ଯେ, ମୀନାକ୍ଷୀ ଓ ସାମଲ କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରୋଜେକ୍ଟରୁ ଉତ୍ପାଦନ ଖୁବ୍ ଶୀଘ୍ର ଆଶା କରାଯାଉଥିଲା, ଯେଉଁଥିପାଇଁ ୨୦୦୯-୧୦ ର ଏଆର୍ଆର୍ ଫାଇଲିଂ ବେଳେ ଗ୍ରୀଡକୋ ସେଥିରୁ ଶକ୍ତି ପାଇବା ପାଇଁ ବଡ ଆଶା ରଖିଥିଲା; କିନ୍ତୁ ମୀନାକ୍ଷୀ ଓ ସାମଲ ସେମାନଙ୍କ ଉତ୍ପାଦନରେ ବିଳମ୍ବ ଘଟାଇଛନ୍ତି। ଉତ୍ପାଦନ କ୍ଷମତା, ଆକାରାୟିତ ଶକ୍ତି ଏବଂ ବ୍ୟବସାୟିକ ନିର୍ବାହନ ପ୍ରକ୍ରିୟାରମ୍ଭର ସବିଶେଷତା ନିମ୍ନ ସାରଣୀରେ ପ୍ରଦନା କରାଗଲା।

ସାରଣୀ-୩୦

| କେନ୍ଦ୍ରମାନଙ୍କର ନାମ | ସଂସ୍ଥାପନ କ୍ଷମତା (ମେଗାୱାଟ୍) **Installed Capacity (MW)** | ଡିଜାଇନ କ୍ଷମତା (ଏମ୍.ୟୁ) **Design Energy** | ସମକାଳୀନ ହେବା/ବ୍ୟବସାୟୀକ କର୍ମ ସମ୍ପାଦନର ତାରିଖ **Date of Synchronisation/ Commercial Operation** |
|---|---|---|---|
| ମୀନାକ୍ଷୀ କ୍ଷୁଦ୍ର ଜଳ ବିଦ୍ୟୁତ | ୩ଘ୪+୨ଘ ୧୨.୫ = ୩୭ | ୧୪୧.୫୭ | ୧୪.୦୭.୨୦୦୯ |
| ସାମଲ କ୍ଷୁଦ୍ର ଜଳ ବିଦ୍ୟୁତ | ୫ଘ୪=୨୦ | ୧୧୩.୮୪ | ୨୦.୧୦.୨୦୦୯ |

୩୩୭. ଏହି ରାଜ୍ୟ ଜଳ ବିଦ୍ୟୁତ୍ ପ୍ରୋଜେକ୍ଟରୁ ଶକ୍ତି ଉତ୍ପାଦନ ଯଥାକ୍ରମେ କୋଲାବ ଓ ରେଙ୍ଗାଲିରୁ ଜଳ ଆସିବା ଦ୍ୱାରା ସମ୍ଭବ ହୋଇଥାଏ। ଯେଣୁ , ଉପରୋକ୍ତ ୟୁନିଟ୍‌ଗୁଡିକର ଜଳଭଣ୍ଡାରର ଜଳସ୍ତର ୨୦୦୯-୧୦ ଆର୍ଥିକ ବର୍ଷରେ ଖୁବ କମ ଅଛି, ତେଣୁ ଜଳ ପ୍ରବାହ ନିମ୍ନ ସ୍ତରରେ ରହୁଛି, ଯେଉଁଥିପାଇଁ ଏହି ୨ ଟି ରାଜ୍ୟ ଜଳ ବିଦ୍ୟୁତ୍ ପ୍ରୋଜେକ୍ଟରୁ ଉତ୍ପାଦନ କମ ରହୁଛି। ୨୦୦୯, ଡିସେମ୍ବର ସୁଦ୍ଧା ଗ୍ରୀଡକୋ 'ମିନାକ୍ଷୀ' ଓ 'ସାମଲ' କ୍ଷୁଦ୍ର ଜଳ ବିଦ୍ୟୁତ୍ ଷ୍ଟେସନରୁ ଯଥାକ୍ରମେ ୧୩୯ ଲକ୍ଷ ୟୁନିଟ ଏବଂ ୬.୧୨୬ ଲକ୍ଷ ୟୁନିଟ ବିଦ୍ୟୁତ୍ ଶକ୍ତି ପାଇଛି। ୨୦୦୯-୧୦ ଆର୍ଥିକ ବର୍ଷରେ ଗ୍ରୀଡକୋ ଏହି ୨ ଟି ଷ୍ଟେସନରୁ ୨୫୦ ଲକ୍ଷ ୟୁନିଟର ଶକ୍ତି ପାଇବାକୁ ଆଶା ରଖିଛି। ସେହିଭଳି, ୨୦୧୦-୧୧ଆର୍ଥିକ ବର୍ଷ ପାଇଁ ଗ୍ରୀଡକୋ ଏହି ୨ ଟି ଷ୍ଟେସନରୁ ୩୦୦ ଲକ୍ଷ ୟୁନିଟର ବିଦ୍ୟୁତ୍ ଶକ୍ତି ପାଇବାକୁ ଆଶା ରଖିଛି।

୩୩୮. ଅତଏବ, ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଉପରୋକ୍ତ ଏହି ୨ଟି କ୍ଷୁଦ୍ର ଜଳ ବିଦ୍ୟୁତ୍ ଷ୍ଟେସନର ରିନ୍ୟୁଏବଲ ଶକ୍ତି ଭାବରେ ଗ୍ରୀଡକୋର ୩୦୦ ଲକ୍ଷ ୟୁନିଟର ଶକ୍ତି କ୍ରୟକୁ ଆୟୋଗ ଅନୁମୋଦନ କରିଛନ୍ତି।

୩୩୯. କେଶ ନଂ -୧୪/୨୦୦୫ରେ ୨୦.୮.୦୫ ର ଆଦେଶନାମା ମୂଳେ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି ଯେ, ଅଣ - ପାରଂପରିକ ଓ ରିନ୍ୟୁଏବଲ ବା ଉଦ୍ଧାରିତ ଉତ୍ସରୁ ଯଥା-କ୍ଷୁଦ୍ର ଜଳ ବିଦ୍ୟୁତ ପ୍ରୋଜେକ୍ଟ, ପବନ ଚାଳିତ ପ୍ରୋଜେକ୍ଟ,ଜୈବ ବସ୍ତୁରୁ ବିଦ୍ୟୁତ ଶକ୍ତି ଆହରଣ, ବର୍ଜ୍ୟ ବସ୍ତୁକୁ ଉତ୍ତପ୍ତ କରି ତହିଁରୁ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରୁଥିବା ଉତ୍ସ ଆଦିରୁ ଶକ୍ତି କ୍ରୟ ପାଇଁ ଯୋଗାଣ ଅନୁମତିଧାରୀମାନଙ୍କୁ ରାଜ୍ୟ ମଧ୍ୟରେ ଉପଭୋକ୍ତାଙ୍କର ବ୍ୟବହାର ନିମନ୍ତେ ୨୦୦୭-୦୮ ଆର୍ଥିକ ବର୍ଷ ପାଇଁ ରାଜ୍ୟର ସମୁଦାୟ ବିଦ୍ୟୁତ୍ ଶକ୍ତି ଚାହିଦାର ୩ ପ୍ରତିଶତ ପର୍ଯ୍ୟନ୍ତ ପରିମାଣକୁ ଅନୁମତି ଦିଆଯିବ ଏବଂ ଏହି ଅନୁମତିର ପ୍ରତିଶତ ହାରକୁ ପ୍ରତି ପରବର୍ତ୍ତୀ ବର୍ଷ ପାଇଁ ବର୍ଷକୁ ବର୍ଷ ୦.୫% ହରରେ ବୃଦ୍ଧି କରାଯିବ, ଯଦ୍ଦ୍ୱାରା ଆର୍ଥିକ ବର୍ଷ ୨୦୧୧-୧୨ ସୁଦ୍ଧା ଏହି ହାର ୫%ର ସ୍ତରରେ ପହଞ୍ଚି ପାରିବ।

୩୪୦. ଆୟୋଗ ଅନୁଧ୍ୟାନ କରିଛନ୍ତି ଯେ, କୋ-ଜେନେରେସନ ପ୍ଲାଣ୍ଟରେ ଶକ୍ତି ଉତ୍ପାଦନ 'ୱେଷ୍ଟ ହିଟ୍ ରିକଭରି ପ୍ରୋସେସ' ରେ କରାଯାଇଥାଏ। ଯାହାକୁ ସବୁଜ ଶକ୍ତି ଭାବରେ ବିବେଚନା କରାଯାଇ ପାରିବ କିନ୍ତୁ ଅଣ-ପାରଂପରିକ କିମ୍ବା ରିନ୍ୟୁଏବଲ ନୁହେଁ। ଏହା

ଏଇଥିପାଇଁ ଗ୍ରୀନ୍ ପାୱାର ବା ସବୁଜ ଶକ୍ତି ଯେ ଗ୍ରୀନ ହାଉସ ଗ୍ୟାସ ବିଛୁରଣ ହ୍ରାସ ହୋଇଥାଏ। ଯେଣୁ, ଆମ ରାଜ୍ୟର କୋ-ଜେନେରେସନ ପ୍ଲାଣ୍ଟମାନଙ୍କର ଚୁଲାରେ ଫସିଲ ବା ଜୈବ ଜାଳେଣି ବ୍ୟବହାର କରାଯାଏ , ତେଣୁ ଏହାକୁ ରିନ୍ୟୁଏବଲ ବା ଉଦ୍ଧାରିତ ଶକ୍ତି କୁହାଯାଇପାରିବ ନାହିଁ। କୋ-ଜେନେରେସନ ହେଉଛି ଏକ ପଦ୍ଧତି , ଯାହା ଏକ ସମୟରେ ବିଦ୍ୟୁତ୍ ଶକ୍ତି ସହ ଦୁଇଟି କିମ୍ବା ତତୋଽଧିକ ଉତ୍ପାଦନ ଦେଇଥାଏ। ବିଦ୍ୟୁତ୍ ଆଇନର ବିଭାଗ -୮୬(୪)(ଙ) ଅନୁଯାୟୀ, ଆୟୋଗ କୋ-ଜେନେରେସନର ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ ଅଟନ୍ତି। ଯେହେତୁ କୋ-ଜେନେରେସନ ପ୍ଲାଣ୍ଟଗୁଡିକ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରନ୍ତି ଏବଂ ଶକ୍ତି ବ୍ୟବହାରରେ ଉତ୍କୃଷ୍ଟତାର ବିକାଶ ଘଟାନ୍ତି, ତେଣୁ ସେଗୁଡିକ ପ୍ରତି ସବୁ ପ୍ରକାର ପ୍ରୋତ୍ସାହନ ପ୍ରୟୋଜନ। ଅତଏବ, ସେହିସବୁ ପ୍ଲାଣ୍ଟ କୋ-ଜେନେରେସନ ପ୍ଲାଣ୍ଟ ଶ୍ରେଣୀର ଅନ୍ତର୍ଭୁକ୍ତ ହେବ, କ୍ୟାପଟିଭ ଜେନେରେସନ ନୁହେଁ।

୩୪୧. ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ କୋ-ଜେନେରେସନ ପ୍ଲାଣ୍ଟରୁ ୫୨୯ ଲକ୍ଷ ୟୁନିଟ୍ ଏବଂ ରିନ୍ୟୁଏବଲ ଉତ୍ସ (କ୍ଷୁଦ୍ର ଜଳ ବିଦ୍ୟୁତ୍) ରୁ ୩୦୦ ଲକ୍ଷ ୟୁନିଟର ଶକ୍ତି ପାଇବାକୁ ଗ୍ରୀଡକୋ ପ୍ରଦର୍ଶନ କରିଛି। ତେଣୁ, ଆୟୋଗଙ୍କର ଉପରୋକ୍ତ ୨୮.୮.୨୦୦୫ ର ଆଦେଶନାମାର ପରିପୂରଣ ନିମନ୍ତେ ଗ୍ରୀଡକୋ ଦ୍ୱାରା ପ୍ରଦର୍ଶିତ ସମୁଦାୟ କ୍ରୟ ପରିମାଣ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ୮୨୯ ଲକ୍ଷ ୟୁନିଟ ହେବ।

**<u>ସ୍ୱାଧୀନ ଶକ୍ତି ଉତ୍ପାଦନକାରୀ ସଂସ୍ଥାନ</u>**

୩୪୨. ଗ୍ରୀଡକୋ ଉପସ୍ଥାପନାରେ କହିଛି ଯେ, ଯେଉଁ ସ୍ୱାଧୀନ ଶକ୍ତି ଉତ୍ପାଦନକାରୀ ସଂସ୍ଥାନ ବା ଆଇପିପିମାନଙ୍କ ସହ ସେ ଶକ୍ତି କ୍ରୟ ଚୁକ୍ତିନାମା ସଂପାଦନ କରିଛି, ସେମାନେ ଉତ୍ପାଦନଜନିତ କାର୍ଯ୍ୟକାରୀତାର ଭିନ୍ନ ଭିନ୍ନ ସୋପାନରେ ଅଛନ୍ତି। ମେସର୍ସ ଷ୍ଟେର ଲାଇଟ୍ ଏନର୍ଜି (ପ୍ରା) ଲିଃ (୪× ୬୦୦ ମେଗାୱାଟ୍)ରୁ ଉତ୍ପାଦନ ୨୦୧୦, ଅକ୍ଟୋବରରୁ ଆଶା କରାଯାଏ। ମେସର୍ସ ଷ୍ଟେରଲାଇଟ ଏନର୍ଜି ପ୍ରା ଲିଃ ୬୦୦ ମେଗାୱାଟ ଉତ୍ପାଦକ କ୍ଷମତା ବିଶିଷ୍ଟ ତା'ର ପ୍ରଥମ ୟୁନିଟରୁ ଉତ୍ପାଦିତ ସମୁଦାୟ ଶକ୍ତିକୁ ରାଜ୍ୟର ଉପଯୋଗ ନିମନ୍ତେ ଗ୍ରୀଡକୋକୁ ବିକିବାକୁ ଗ୍ରୀଡକୋ ସହ ଏକ ଚୁକ୍ତିନାମାରେ ସ୍ୱାକ୍ଷର କରିଛି। ୮୦ ପ୍ରତିଶତର ଏକ ପ୍ରତ୍ୟାଶିତ ପିଏଲଏଫ ଏବଂ ୧୦ ପ୍ରତିଶତର ଏକ ଗୌଣ-ଉପଯୋଗ ସହ ମେସର୍ସ ଷ୍ଟେରଲାଇଟ ଏନର୍ଜି (ପ୍ରା)ଲିଃ ୪୩୦ ମେଗାୱାଟର ଶକ୍ତି ଦେବା ନେଇ ଗ୍ରୀଡକୋ ଆଶାବାଦୀ। ଅତଏବ, ୨୦୧୦ର ଅକ୍ଟୋବର ୧ ଠାରୁ ୨୦୧୧ ର ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ୪୩୦ ମେଗାୱାଟ ବା ୧୮୮୬.୫୯ ଲକ୍ଷ ୟୁନିଟର ଶକ୍ତି ମେସର୍ସ ଷ୍ଟେରଲାଇଟ୍ ଏନର୍ଜି ଲିଃ ରୁ ପାଇବାକୁ ଗ୍ରୀଡକୋ ଆଶା ରଖିଛି।

୩୪୩. ଗ୍ରୀଡକୋର ଉପରୋକ୍ତ ପ୍ରସ୍ତାବକୁ ଆୟୋଗ ବିବେଚନା କରିଥିଲେ ଏବଂ ଅନୁଧ୍ୟାନ କରିଥିଲେ ଯେ, ମେସର୍ସ ଷ୍ଟେରଲାଇଟି ଏନର୍ଜି(ପ୍ରା) ଲିମିଟେଡରୁ ଉତ୍ପାଦନ ଅଦ୍ୟାବଧି ହୋଇନାହିଁ। ତେଣୁ, ବିତରକ କଂପାନୀମାନଙ୍କ ଦ୍ୱାରା ପୂରଣ ହେବାକୁ ଥିବା ରାଜ୍ୟର ଶକ୍ତି ଚାହିଦାର ଆବଶ୍ୟକତାକୁ ଭିତ୍ତି କରି ଗ୍ରୀଡକୋର ୧୮୮୬.୫୯ ଲକ୍ଷ ୟୁନିଟର ଆନୁମାନିକ ଆକଳନ ବିପକ୍ଷରେ ଆୟୋଗ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ମାତ୍ର ୬୪୬.୨୩ ଲକ୍ଷ ୟୁନିଟର ଶକ୍ତି କ୍ରୟକୁ ଅନୁମୋଦନ ଦେଇଛନ୍ତି। ତେବେ, ଆବଶ୍ୟକତା, ଦାମ ଓ ଉପଲବଧତା ଉପରେ ନିର୍ଭରଶୀଳ ଭାବେ ଗ୍ରୀଡକୋ ମେସର୍ସ ଷ୍ଟେରଲାଇଟ ଏନର୍ଜିରୁ ଅଧିକ ପରିମାଣର ଶକ୍ତି କିଣିପାରେ। ବାସ୍ତବରେ, ସଂଶୋଧିତ ଶକ୍ତି କ୍ରୟ ଚୁକ୍ତିନାମା ଅନୁଯାୟୀ, ଆଇପିପି (ଷ୍ଟେରଲାଇଟ)ର ପ୍ରଥମ ୟୁନିଟରୁ ଉତ୍ପାଦିତ ସମୁଦାୟ ପରିମାଣର ଶକ୍ତିକୁ ଗ୍ରୀଡକୋ କିଣିପାରେ ଏବଂ ରାଜ୍ୟର ଆବଶ୍ୟକତା ମେଣ୍ଟିବା ପରେ ବଳକା ଶକ୍ତିକୁ ରପ୍ତାନୀ କରିପାରେ।

୩୪୪. ଆୟୋଗ ଜାଣିପାରିଛନ୍ତି ଯେ, ମେସର୍ସ ଷ୍ଟେରଲାଇଟ ଏନର୍ଜି (ପ୍ରା) ଲିଃ, ୨୦୧୦, ଏପ୍ରିଲରେ ୬୦୦ ମେଗାୱାଟ ଉତ୍ପାଦନ କ୍ଷମତା ବିଶିଷ୍ଟ ତା'ର ୧ମ ୟୁନିଟକୁ ୨୨୦ଡିସି ଲାଇନ ଜରିଆରେ ମେସର୍ସ ଷ୍ଟେରଲାଇଟ ଆଇପିପି ସବ-ଷ୍ଟେସନ - ମେସର୍ସ ବେଦାନ୍ତ ଆଲୁମିନିୟମ ଲିମିଟେଡ ସିଜିପି ସବଷ୍ଟେସନ୍ ଏବଂ ଓପିଟିସିଏଲର ବୁଢ଼ୀପଦର ୨୨୦ କେଭି ସବ୍-ଷ୍ଟେସନ ମଧ୍ୟରେ ସହ-ସମନ୍ଵିତ ଭାବେ ସଂଯୋଗ କରିବାକୁ ଚାହୁଁଛି। 'ଅସ୍ଥିର ଶକ୍ତି' ଏବଂ ଆଇପିପି (ଷ୍ଟେରଲାଇଟ)ର ସ୍ଥିର ନିର୍ଘଣ୍ଟରେ ୧ମ ୟୁନିଟରୁ ଉତ୍ପାଦିତ ଶକ୍ତି, ୨୦୧୦,ଏପ୍ରିଲରୁ ରାଜ୍ୟ ଗ୍ରୀଡକୁ ପ୍ରବାହିତ ହେବାକୁ ଆରମ୍ଭ କରିପାରେ। ତେଣୁ, ମେସର୍ସ ଷ୍ଟେରଲାଇଟ ଓ ମେସର୍ସ ବେଦାନ୍ତ ଆଲୁମିନିୟମ (ସିଜିପି)ର ପୃଥକ ଉତ୍ପାଦନକୁ ଚିହ୍ନଟ କରିବାକୁ ମେସର୍ସ ଷ୍ଟେରଲାଇଟ୍ ଏନର୍ଜି ଲିମିଟେଡ(ଆଇପିପି)ର 'ବସ-ବାର' ଠାରେ ମିଟରିଂ ବ୍ୟବସ୍ଥା ସହ ସବୁ ପ୍ରକାର ଆବଶ୍ୟକୀୟ ବ୍ୟବସ୍ଥା କରିବାକୁ ଆୟୋଗ

ଗ୍ରୀଡକୋ/ଓପିଟିସିଏଲକୁ ନିର୍ଦ୍ଦେଶ ଦେଇଛନ୍ତି । ଉଭୟ ଆଇପିପି ଏବଂ ସିଜିପିରୁ ସର୍ବାଧିକ ଶକ୍ତି ଉତ୍ପାଦନ ନିମନ୍ତେ ସବୁ ପ୍ରକାର ପ୍ରୟାସ ପାଇଁ ମଧ୍ୟ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି ।

**କେନ୍ଦ୍ରୀୟ ଉତ୍ପାଦନକାରୀ ଷ୍ଟେସନମାନଙ୍କରୁ ଶକ୍ତି କ୍ରୟ**

**ସରବରାହ କ୍ଷତି**

୩୪୫. ପୂର୍ବାଞ୍ଚଳର ବିନିଯୋଗକାରୀ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଅଂଶୀଦାରମାନେ କେନ୍ଦ୍ରୀୟ ସରବରାହ ଶୃଙ୍ଖଳାରେ ସୃଷ୍ଟି ହେଉଥିବା କ୍ଷତିକୁ ବଣ୍ଟୁଆରା କରି ସହ୍ୟ କରିଥା'ନ୍ତି । ୨୦୦୯-୧୦ ଆର୍ଥିକ ବର୍ଷର ଏଆର୍ଆର୍‌ରେ ଓଇଆରସିଙ୍କ ଦ୍ୱାରା ଅନୁମୋଦିତ ମତେ ୨୦୦୯-୧୦ ପାଇଁ କେନ୍ଦ୍ରୀୟ ସେକ୍ଟର ସରବରାହ କ୍ଷତି ଉପରେ ଭିତ୍ତି କରି ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଏଆର୍ଆର୍‌ରେ ୩.୮୭%ରେ ଗ୍ରୀଡକୋ କେନ୍ଦ୍ରୀୟ ସେକ୍ଟରର ପଦ୍ଧତିଗତ କ୍ଷତିକୁ ବିବେଚନା କରିଥିଲା । ଆୟୋଗଙ୍କର ଯାଞ୍ଚକାରୀ ପ୍ରଶ୍ନର ଉତ୍ତରରେ ଗ୍ରୀଡକୋ ଉପସ୍ଥାପନ କରିଥିଲା ଯେ, ୨୦୦୮-୦୯ ଆର୍ଥିକବର୍ଷ ଏବଂ ୨୦୦୯-୧୦ ଆର୍ଥିକ ବର୍ଷ (୨୦୦୯ର ଡିସେମ୍ବର ପର୍ଯ୍ୟନ୍ତ)କେନ୍ଦ୍ରୀୟ ସେକ୍ଟର ସରବରାହ କ୍ଷତି ଯଥାକ୍ରମେ ୩.୭୩% ଏବଂ ୩.୦୯% ସ୍ତରରେ ଥିଲା । ଇଆରଏଲଡିସି ଦ୍ୱାରା ପ୍ରସାରିତ ତଥ୍ୟରୁ ଅନୁଧ୍ରାନ କରାଯାଇଛି ଯେ, ଇଆର୍ ପଦ୍ଧତି ପାଇଁ ସାପ୍ତାହିକ ପଦ୍ଧତିଗତ କ୍ଷତି ଚଳିତ ବର୍ଷର ଫେବୃୟାରୀ ମାସର ୨ୟ ସପ୍ତାହ ପର୍ଯ୍ୟନ୍ତ ୨.୩% ରୁ ୩.୮%କୁ ପାର୍ଥକ୍ୟ ଆଣିଥିଲା । ତେବେ, ଉପରୋକ୍ତ ସେହି ସାପ୍ତାହିକ ପଦ୍ଧତିଗତ କ୍ଷତି (ଇଆର ପଦ୍ଧତି ପାଇଁ) ୨୦୦୮-୦୯ ଆର୍ଥିକ ବର୍ଷ ପାଇଁ ୨.୮%ରୁ ୪.୫% ମଧ୍ୟରେ ପାର୍ଥକ୍ୟ ସୃଷ୍ଟି କରିଥିଲା । ଗ୍ରୀଡକୋ ଏବଂ ଇଆରଏଲଡିସି ତଥ୍ୟାବଳୀ ଦ୍ୱାରା ଉପସ୍ଥାପିତ ପ୍ରସ୍ତାବର ପରୀକ୍ଷା ନିରୀକ୍ଷା ଉପରେ ଏହା ଅନୁଧ୍ୟାନ କରାଯାଇଛି ଯେ, ପଦ୍ଧତିଗତ ବିକାଶ ଯୋଗୁ ହାରାହାରି କେନ୍ଦ୍ରୀୟ ସରବରାହ କ୍ଷତି ଅବରୋଧ ଗତି ଅନୁସାରୀ ହୋଇଛି । ଗ୍ରୀଡକୋ ଦ୍ୱାରା ଉପସ୍ଥାପିତ ତଥ୍ୟାବଳୀ ଭିତ୍ତିରେ ହିସାବ ଅନୁଯାୟୀ, ୨୦୦୮-୦୯ ଆର୍ଥିକବର୍ଷରେ କେନ୍ଦ୍ରୀୟ ସେକ୍ଟର ଶକ୍ତିର ଗ୍ରୀଡକୋ ଉଠାଣ ପାଇଁ ପ୍ରକୃତ କେନ୍ଦ୍ରୀୟ ସେକ୍ଟରର ପଦ୍ଧତିଗତ କ୍ଷତି ୩.୬୫% ହାରରେ ଥିଲା ଏବଂ ସେହି ପଦ୍ଧତିଗତ କ୍ଷତି ୨୦୦୯-୧୦ର ଅକ୍ଟୋବର ପର୍ଯ୍ୟନ୍ତ ମାତ୍ର ୩.୦୯%ଥିଲା । ଇଆର ପଦ୍ଧତିରେ ଉଚ୍ଚ ପରିମାଣର କ୍ଷତି ଗ୍ରୀଡକୋର ପ୍ରକୃତ ଶକ୍ତି ଉଠାଣ ଉପରେ ପ୍ରଭାବ ରହିଛି, କିନ୍ତୁ ସମୁଦାୟ ଦାମ ଉପରେ ନୁହେଁ, ଯେଣୁ ସମୁଦାୟ ଉଠାଣ ଉପରେ ଦାମର ହିସାବ କରାଯାଇଥାଏ । ଯେହେତୁ ଏବିଟି ଶୃଙ୍ଖଳା କାର୍ଯ୍ୟ କରୁଛି ଏବଂ ସାପ୍ତାହିକ ଭିତ୍ତିରେ ଇଆରଏଲଡିସି ଦ୍ୱାରା କ୍ଷତିର ହିସାବ କରାଯାଇଛି, ତେଣୁ ୨୦୦୯, ଏପ୍ରିଲ ଠାରୁ ୨୦୧୦, ଫେବୃୟାରୀ ୨ୟ ସପ୍ତାହର ସମୟ ଅବଧିରେ ୨.୩%ରୁ ଆରମ୍ଭ କରି ୩.୮% ପର୍ଯ୍ୟନ୍ତ ସପ୍ତାହକୁ ସପ୍ତାହ ପ୍ରତିଶତ-କ୍ଷତିର ପାର୍ଥକ୍ୟ ଆସୁଛି । ପଦ୍ଧତିରେ ନିର୍ଦ୍ଦିଷ୍ଟ ପ୍ରକୃତି ଓ ପରିମାଣର ଶକ୍ତି ପ୍ରବାହ ଯୋଗୁ ଏହି ପ୍ରକାରର କ୍ଷତି ପାର୍ଥକ୍ୟ ସୃଷ୍ଟି ହୋଇଥାଏ । ତେଣୁ, ୨୦୦୯ର ଏପ୍ରିଲ ରୁ ଅକ୍ଟୋବର ମଧ୍ୟରେ କେନ୍ଦ୍ରୀୟ ସରବରାହ ପଦ୍ଧତିରେ ପ୍ରକୃତ କ୍ଷତିର ହାରାହାରି ଉପରେ ଭିତ୍ତିକରି ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ୩.୦୯%ର କେନ୍ଦ୍ରୀୟ ସେକ୍ଟର କ୍ଷତିକୁ ଆୟୋଗ ଗ୍ରହଣ କରିଛନ୍ତି ।

**କେନ୍ଦ୍ରୀୟ ଉତ୍ପାଦନକାରୀ ଷ୍ଟେସନ ସମୂହ(ସିଜିଏସ୍)**

୩୪୬. ଦେଶର ପୂର୍ବାଞ୍ଚଳରେ ଥିବା ସବୁ 'ଜାତୀୟ ତାପଜ ଶକ୍ତି ନିଗମ' (ଏନଟିପିସି) ଅଧିନସ୍ଥ ଶକ୍ତି ଷ୍ଟେସନମାନଙ୍କରୁ ଓଡ଼ିଶାର ଭାଗ ଧାର୍ଯ୍ୟ କରାଯାଇଛି । ଏହା ସହିତ ଭୁଟାନର 'ତଲା' ଜଳ ବିଦ୍ୟୁତ ପ୍ରୋଜେକ୍ଟ ଓ ସିକିମର 'ଟିଷ୍ଟା' ଜଳ ବିଦ୍ୟୁତ୍ ପ୍ରୋଜେକ୍ଟରୁ ମଧ୍ୟ ଓଡ଼ିଶାର ଭାଗ ନିର୍ଦ୍ଧାରଣ କରାଯାଇଛି । ସମୟକୁ ସମୟ 'କେନ୍ଦ୍ରୀୟ ବିଦ୍ୟୁତ୍ କର୍ତ୍ତୃପକ୍ଷ' (ସିଇଏ) ଏବଂ ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ଦ୍ୱାରା ଏହି ସବୁ ଷ୍ଟେସନମାନଙ୍କରୁ ବିଭିନ୍ନ ରାଜ୍ୟକୁ ନିର୍ଦ୍ଧାରିତ ଶକ୍ତି ପରିମାଣକୁ ମଂଜୁର କରାଯାଇଥାଏ । ପୂର୍ବାଞ୍ଚଳ ଶକ୍ତି କମିଟି ଦ୍ୱାରା ପ୍ରସ୍ତୁତ 'ଆଞ୍ଚଳିକ ଶକ୍ତି ହିସାବ' ବା ଆରଇଏକୁ ଭିତ୍ତି କରି ଏବିଟି ଅନୁଯାୟୀ ମାସିକିଆ ହିସାବରେ ଏହି ସବୁ ଷ୍ଟେସନମାନଙ୍କରୁ ଶକ୍ତିର ହିସାବ କରାଯାଇଥାଏ । ଯେଣୁ, ପୂର୍ବାଞ୍ଚଳରେ ୧.୪.୨୦୦୩ ଠାରୁ ଏବିଟିର କାର୍ଯ୍ୟକାରିତା ଆରମ୍ଭ ହୋଇଛି, ତେଣୁ ବିଭିନ୍ନ ପିଏଲ୍ଏଫ୍‌ରେ ଉତ୍ପାଦନକୁ ବିବେଚନା କରି ପୂର୍ବାଞ୍ଚଳ ଏନଟିପିସିରୁ ସମୁଦାୟ ଶକ୍ତିକୁ କ୍ରୟ କରିବାକୁ ଗ୍ରୀଡକୋ ପ୍ରସ୍ତାବ ରଖିଛି । ସିଇଆରସି ଟାରିଫ ନିୟମାବଳୀ, ୨୦୦୯ ଅନୁଯାୟୀ, ୮୫% ର ମାପଦଣ୍ଡ ଭିତ୍ତିକ ଉପଲବ୍ଧତା ପରିବର୍ତ୍ତେ ଏହି ପିଏଲ୍ଏଫ୍ ଗୁଡିକ ହେଲା - ୮୫% ରେ ଟିଏସଟିପିଏସ୍ ଷ୍ଟେଜ -୧ , ୮୫% ରେ ଟିଏସ୍ ଟିପିଏସ୍ -ଷ୍ଟେଜ -୨,

୭୫% ରେ ଏଫଏସଟିପିଏସ୍, ୭୦% ରେ ଏକ ଏଚଏସଟିପିଏସ୍ -ଷ୍ଟେଜ -୧ ଓ ଷ୍ଟେଜ -୨। ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଶକ୍ତି ଉପଲବଧତାର ପ୍ରଦର୍ଶନ ବେଳେ ଗ୍ରୀଡକୋ ୩.୮୭% ର କେନ୍ଦ୍ରୀୟ ସେକ୍ଟର ସରବରାହ କ୍ଷତିକୁ ବିବେଚନା କରିଛି।

୩୪୭. ଗ୍ରୀଡକୋ ଦର୍ଶାଇଛି ଯେ, ଟିଏସଟିପିଏସ୍-୧ ଓ ୨ କ୍ଷେତ୍ରରେ ପ୍ଲାଣ୍ଟ ଦ୍ୱାରା ବିଗତ ବର୍ଷ /ଚଳିତ ବର୍ଷ (୨୦୦୯ର ସେପ୍ଟେମ୍ବର ପର୍ଯ୍ୟନ୍ତ) ରେ ହାସଲ କରାଯାଇଥିବା 'ମାପଦଣ୍ଡ ଭିତ୍ତିକ ଉପଲବ୍ଧତା' ମତେ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ 'ମାପଦଣ୍ଡ ଭିତ୍ତିକ ଉତ୍ପାଦନ' କୁ ବିବେଚନା କରାଯାଇଛି। ତେବେ, କୋଇଲା ଅଭାବ ଜନିତ ପ୍ରେକ୍ଷାପଟ୍ଟରେ ବିଗତ ବର୍ଷ/ଚଳିତ ବର୍ଷ (୨୦୦୯ର ସେପ୍ଟେମ୍ବର ପର୍ଯ୍ୟନ୍ତ)ରେ ଏଫଏସଟିପିଏସ ଏବଂ କେତଜ ଏସଟିପିଏସ ୧ ଓ ୨ ପାଇଁ ଧାର୍ଯ୍ୟ-ଲକ୍ଷ୍ୟର ଉପଲବଧତା ହାସଲ କରାଯାଇ ପାରିଲା ନାହିଁ। ଆଗାମୀ ଆର୍ଥିକ ବର୍ଷ ୨୦୧୦-୧୧ ପାଁଇ ମଧ୍ୟ ଏହି ଏକା ପରିସ୍ଥିତି ଆଶା କରାଯାଉଛି। ତେଣୁ, କେନ୍ଦ୍ରୀୟ ସେକ୍ଟର ସରବରାହ କ୍ଷତି ସହ ସିଇଆରସି ନିୟମାବଳୀ, ୨୦୦୯କୁ ଆଧାର କରି ଗୌଣ ଉପଯୋଗର ପ୍ରତିଶତ ପରିମାଣ ଏବଂ ପିଏଲଏଫ ପ୍ରତିଶତକୁ ବିବେଚନା କରି କେନ୍ଦ୍ରୀୟ ସେକ୍ଟର ତାପଜ ଶକ୍ତି ଷ୍ଟେସନମାନଙ୍କରୁ ଗ୍ରୀଡକୋ ଉଠାଣ ପରିମାଣକୁ ଅଟକଳନ କରିଛି।

୩୪୮. ୨୦୦୯, ଜାନୁୟାରୀ ୧୯ ରେ କେନ୍ଦ୍ରୀୟ ବିଦ୍ୟୁତ ନିୟାମକ ଆୟୋଗ ସିଇଆରସି(ଟାରିଫର ବ୍ୟବଧାନିକ ସମୟର ନିୟମ ସୂଚୀ ଓ ସର୍ତ୍ତାବଳୀ) ନିୟମାବଳୀ, ୨୦୦୯ର ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ନୂଆ ଟାରିଫ ନିୟମାବଳୀ, ୨୦୦୯ ଅନୁଯାୟୀ, ୮୫% ପିଏଲଏଫରେ 'କେନ୍ଦ୍ରୀୟ ଉତ୍ପାଦନକାରୀ ଷ୍ଟେସନ' ବା ସିଜିଏସମାନଙ୍କଠାରୁ ଉପଲବ୍ଧତା ପୂରା 'କ୍ଷମତା' (ପରିମାଣ) ଦେୟ-ଦରର ଭରଣା ପାଇଁ ସେମାନଙ୍କୁ ସମର୍ଥ କରାଇବ। ଯଦି କୌଣସି ଷ୍ଟେସନ ମାନଦଣ୍ଡ ଭିତ୍ତିକ ଉପଲବ୍ଧତା ହାସଲ କରି ନ ପାରନ୍ତି, ସେମାନଙ୍କ ସ୍ଥିର ଦରରେ ହ୍ରାସ ଘଟିବ। ସେଥିପାଇଁ, ୨୦୧୦-୧୧ ଆର୍ଥିକ ବର୍ଷ ଉଦ୍ଦେଶ୍ୟରେ ୮୫% ର ପିଏଲଏଫକୁ ହିସାବକୁ ନେଇ ଉପରୋକ୍ତ କେନ୍ଦ୍ରୀୟ ସେକ୍ଟର ଷ୍ଟେସନମାନଙ୍କଠାରୁ ଶକ୍ତି ଉଠାଣର ଅଟକଳନ କରାଯାଇଛି। ପୂର୍ବରୁ ଆଲୋଚିତ ହୋଇଥିବା ମତେ, ଉପରୋକ୍ତ ଉଠାଣ ପାଇଁ ୩.୦୯%ର ଦର-ହାରରେ ଆୟୋଗ କେନ୍ଦ୍ରୀୟ ସେକ୍ଟର ସରବରାହ କ୍ଷତିକୁ ବିବେଚନା କରିଛନ୍ତି।

୩୪୯. ବିଦ୍ୟୁତ୍ ଆଇନ, ୨୦୦୩ ର ବିଭାଗ-୭୯ ରେ ନିହିତ କର୍ତ୍ତୃପକ୍ଷତ୍ୱ-ଅଧିକାର ବଳରେ ସିଇଆରସିଙ୍କ ଦ୍ୱାରା ସିଜିଏସମାନଙ୍କର ଟାରିଫ ନିର୍ଦ୍ଧାରଣ କରାଯାଇଥାଏ। ଭାରତ ସରକାର/ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ କେନ୍ଦ୍ରୀୟ ବିଦ୍ୟୁତ୍ କର୍ତ୍ତୃପକ୍ଷ ଏବଂ କେନ୍ଦ୍ରୀୟ ବିଦ୍ୟୁତ୍ ନିୟାମକ ଆୟୋଗଙ୍କର ଭିନ୍ନ ଭିନ୍ନ ଆଦେଶନାମା ଏବଂ ଆବେଦନକାରୀଙ୍କ ଦ୍ୱାରା ସେହିସବୁ ଆଦେଶନାମାର ଉତ୍ତରରେ ଆବେଦନକାରୀଙ୍କ ଦ୍ୱାରା ବ୍ୟବସ୍ଥିତ ସ୍ପଷ୍ଟୀକରଣ ଆଧାରରେ ସିଜିଏସ୍ ଶକ୍ତି ପାଇଁ ଗ୍ରୀଡକୋ ଦ୍ୱାରା ଉଦ୍ରେକିତ ଦାବୀ ସମୂହର ଔଚିତ୍ୟ ଓ ସଠିକତାକୁ ପରୀକ୍ଷା ନିରୀକ୍ଷା କରି ଆୟୋଗ ଏହି ସବୁ ନିଷ୍ପତ୍ତିକୁ କାଏମ ବିବେଚନା କରିଛନ୍ତି। ଉପରୋକ୍ତ ନିର୍ଦ୍ଧାରଣ ସମୂହ ମତେ ଆୟୋଗ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ କେନ୍ଦ୍ରୀୟ ତାପଜ ଷ୍ଟେସନମାନଙ୍କରୁ ଗ୍ରୀଡକୋର ଉଠାଣକୁ ଅନୁମୋଦନ କରିଛନ୍ତି। ନିମ୍ନ ସାରଣୀରେ ଏହାର ସବିଶେଷ ବିବରଣୀ ପ୍ରଦତ୍ତ ହେଲା।

ସାରଣୀ-୩୧

ଆର୍ଥିକ ବର୍ଷ ୨୦୧୦-୧୧ ପାଇଁ ସେଣ୍ଟ୍ରାଲ ଥର୍ମାଲ ଜେନେରେଟିଂ ଷ୍ଟେସନମାନଙ୍କରୁ ଉଠାଣ

| ସେଣ୍ଟ୍ରାଲ ଥର୍ମାଲ ଷ୍ଟେସନ | ସଂସ୍ଥାପନ କ୍ଷମତା (ମେଗାୱାଟ୍) **Installed Capacity (MW)** | ଅଜ୍ୟୁଲାରି ବ୍ୟବହାର (%) **Aux. Cons.** | ୮୫% ପିଏଲ.ଏଫ ଅନୁଯାୟୀ ଉପଲବ୍ଧି (ଏମ୍.ୟୁ) **Availability considering ୮୫%** | ଗ୍ରୀଡ଼କୋର ଭାଗ (%) | ଗ୍ରୀଡ଼କୋର ଭାଗ (ଏମ୍.ୟୁ) | ୩.୦୯% କେନ୍ଦ୍ରୀୟ କ୍ଷେତ୍ରର ସଂଚାରଣ କ୍ଷତି ବାଦ୍ ଦେଲାପରେ ଅନୁମୋଦିତ ଅଟକଳ ଭାଗ (ଏମ୍.ୟୁ) **Approved estimated** | ୩.୮୭% କେନ୍ଦ୍ରୀୟ କ୍ଷେତ୍ରର ସଂଚାରଣ କ୍ଷତି ବାଦ୍ ଦେଲାପରେ ଗ୍ରୀଡ଼କୋର ପ୍ରସ୍ତାବ (ଏମ୍.ୟୁ)**GRIDCO's proposal excluding** |
|---|---|---|---|---|---|---|---|

| | | (%) | PLF | | | **Share excluding Central Sector Transmission Loss of 3.09%** (ଏମ୍.ୟୁ) | **Central Sector Transmission Loss of 3.87%** (ଏମ୍.ୟୁ) |
|---|---|---|---|---|---|---|---|
| ଟିଏସଟିପିଏସ-୧ | ୧୦୦୦ | ୬.୫୦ | ୭୪୪୬ | ୩୧.୮୦ | ୨୨୧୩.୯୨ | ୨୧୪୫.୫୪ | ୨୧୨୮.୨୪ |
| ଟିଏସଟିପିଏସ-୨ | ୨୦୦୦ | ୬.୫୦ | ୧୪୮୯୨ | ୧୦.୦୦ | ୧୩୯୨.୪୦ | ୧୩୪୯.୩୯ | ୧୩୩୮.୫୨ |
| ଏଫଏସଟିପିଏସ | ୧୬୦୦ | ୬.୯୪ | ୧୧୯୧୩.୬ | ୧୩.୬୩ | ୧୫୧୧.୧୭ | ୧୪୬୪.୪୯ | ୧୨୮୧.୮୯ |
| କେଏଚଏସଟିପିଏସ-୧ | ୮୪୦ | ୯.୦୦ | ୬୨୫୪.୬ | ୧୫.୨୪ | ୮୬୭.୪୨ | ୮୪୦.୬୩ | ୬୮୬.୬୨ |
| କେଏଚଏସଟିପିଏସ-୨ | ୧୫୦୦ | ୬.୫୦ | ୧୧୧୬୯.୦ | ୦.୬୦ | ୬୨.୬୬ | ୬୦.୭୨ | ୪୯.୬୦ |
| ସମୁଦାୟ | **୬୯୪୦** | | **୫୧୬୭୫.୨** | | **୬୦୪୭.୫୭** | **୫୮୬୦.୭୭** | **୫୪୮୪.୮୭** |

୩୫୦. ଚୁଖା : ଭୁଟାନସ୍ଥ 'ଚୁଖା' ଜଳବିଦ୍ୟୁତ ଷ୍ଟେସନରୁ ଓଡ଼ିଶାକୁ ପୂର୍ବାଞ୍ଚଳ ଭାଗର ୧୫.୧୯% ଅର୍ଥାତ୍ ୨୭୦ ମେଗାୱାଟ ଶକ୍ତି ମିଳିବାକୁ ନିର୍ଦ୍ଧାରିତ ହୋଇଛି। ସଦ୍ୟ ବିଗତ ୫ ବର୍ଷର ହାରାହାରି ଉଠାଣକୁ ବିବେଚନା କରି (ଆର୍ଥିକବର୍ଷ ୨୦୦୪-୦୫ ଠାରୁ ଆର୍ଥିକ ବର୍ଷ ୨୦୦୮-୦୯) ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ 'ଚୁଖା'ରୁ ଗ୍ରୀଡକୋ ୨୬୧ ଲକ୍ଷ ୟୁନିଟର ଶକ୍ତି ଉଠାଣ ପାଇଁ ପ୍ରଦର୍ଶନ କରିଛି।

୩୫୧. ଆୟୋଗ ଗ୍ରୀଡକୋର ପ୍ରସ୍ତାବକୁ ଯାଞ୍ଚ କରିଥିଲେ ଏବଂ ଜାଣିବାକୁ ପାଇଥିଲେ ଯେ, ୨୦୦୮-୦୯ ଆର୍ଥିକ ବର୍ଷ ପାଇଁ ଗ୍ରୀଡକୋ 'ଚୁଖା'ଷ୍ଟେସନରୁ ୨୮୩.୩୭ ଲକ୍ଷ ୟୁନିଟର ଉଠାଣ କରିଥିଲା ଏବଂ ୨୦୦୯-୧୦ ଆର୍ଥିକ ବର୍ଷର ଜାନୁଆରୀ , ୨୦୧୦ ପର୍ଯ୍ୟନ୍ତ ଉଠାଣ ପରିମାଣ ଥିଲା ୨୬୫.୪୩ ଲକ୍ଷ ୟୁନିଟ।  ଏହା ସମସ୍ତେ ମଧ୍ୟ ଜାଣନ୍ତି ଯେ, ଗ୍ରୀଷ୍ମ ଋତୁରେ ଚୁଖାରୁ ଉତ୍ପାଦନ ଖୁବ ଅଧିକ ହୋଇଥାଏ ଏବଂ ଶୀତ ଋତୁରେ ଖୁବ କମିଯାଏ। ୨୦୦୯-୧୦ ରେ ଆୟୋଗ ଚୁଖାରୁ ଗ୍ରୀଡକୋ ପାଇଁ ୨୮୧.୧୪ ଲକ୍ଷ ୟୁନିଟର ଶକ୍ତି ଉଠାଣକୁ ଅନୁମୋଦନ କରିଥିଲେ। ଏହି ଅନୁମୋଦିତ ପରିମାଣର ଉଠାଣ ୨୦୦୯-୧୦ ଆର୍ଥିକ ବର୍ଷର ଶେଷ ଆଡକୁ ହାସଲ ହେବାର ଆଶାକରାଯାଏ। ତେଣୁ ବିଗତ ୩ ବର୍ଷର ଅର୍ଥାତ୍ ୨୦୦୬-୦୭ ଆର୍ଥିକ ବର୍ଷ ଠାରୁ ୨୦୦୮-୦୯ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ସମୟ ଅବଧିର ହାରାହାରି ଉଠାଣକୁ ବିବେଚନା କରି ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଚୁଖା ଜଳ ବିଦ୍ୟୁତ ଷ୍ଟେସନରୁ ଗ୍ରୀଡକୋ ପାଇଁ ୨୮୦.୪୬ ଲକ୍ଷ ୟୁନିଟର ଶକ୍ତି ଉଠାଣକୁ ଆୟୋଗ ଅନୁମୋଦନ ଦେଇଛନ୍ତି। ୩.୦୯% ର କେନ୍ଦ୍ରୀୟ କ୍ଷତିକୁ ବାଦ୍ ଦେଲେ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଗ୍ରୀଡକୋର ନିଟ ଉଠାଣ ପରିମାଣ ହେବ ୨୭୧.୭୯ ଲକ୍ଷ ୟୁନିଟ।

୩୫୨. <u>ତଲା</u> : 'ତଲା' ଜଳ ବିଦ୍ୟୁତ ଷ୍ଟେସନର ସମୁଦାୟ ଉତ୍ପାଦନ କ୍ଷମତା ହେଉଛି ୧୦୨୦ ମେଗାୱାଟ (୬×୧୭୦ ମେଗାୱାଟ)। 'ତଲା'ରୁ ଗ୍ରୀଡକୋର ଭାଗ ହେଉଛି ୪.୨୫% ସଦ୍ୟ ବିଗତ ୨ ବର୍ଷର ଉଠାଣ ତଥ୍ୟର ହାରାହାରି ହିସାବକୁ ବିଚାରକୁ ନେଇ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଗ୍ରୀଡକୋ 'ତଲା' ଜଳ ବିଦ୍ୟୁତ୍ ଷ୍ଟେସନରୁ ୧୫୦ ଲକ୍ଷ ୟୁନିଟର ଶକ୍ତି କ୍ରୟ ପାଇଁ ପ୍ରସ୍ତାବ

ରଖିଛି। ୩.୮୭% ର ସେଣ୍ଟ୍ରାଲ  ସେକ୍ଟର କ୍ଷତିକୁ ବାଦ୍ ଦେଲେ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ତଲାକୁ ଗ୍ରୀଡକୋର ନିଟ୍ ଉପଲବଧ ପରିମାଣ ହେବ ୧୪୪ ଲକ୍ଷ ୟୁନିଟ।

୩୫୩. ୧୫୦ ଲକ୍ଷ ୟୁନିଟର ଅଟକଳିତ ଉଠାଣ ପାଇଁ  ଗ୍ରୀଡକୋର ପ୍ରସ୍ତାବକୁ ଆୟୋଗ ଗ୍ରହଣ କରିଛନ୍ତି ଏବଂ ୩.୦୯%ର କେନ୍ଦ୍ରୀୟ ସେକ୍ଟର ସରବରାହ କ୍ଷତିକୁ ବିବେଚନା କରି ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ 'ତଲା' ଜଳ ବିଦ୍ୟୁତ୍ ପ୍ରୋଜେକ୍ଟରୁ ନିଟ ଉଠାଣ ପରିମାଣ ୧୪୫.୧୭ ଲକ୍ଷ ୟୁନିଟ୍‌କୁ ଆୟୋଗ ଅନୁମୋଦନ କରିଛନ୍ତି।

୩୫୪. ଟିଷ୍ଟା : 'ଟିଷ୍ଟା-୫' ଜଳ ବିଦ୍ୟୁତ୍ ପ୍ରୋଜେକ୍ଟର ସମୁଦାୟ ଉତ୍ପାଦନ କ୍ଷମତା ହେଉଛି ୫୧୦ ମେଗାୱାଟ୍ (୩×୧୭୦ମେଗାୱାଟ)। ଟିଷ୍ଟା -୫ ରୁ ଗ୍ରୀଡକାର ଭାଗ ହେଉଛି ୨୦.୫୯ % । ଟିଷ୍ଟା ଜଳ ବିଦ୍ୟୁତ୍ ପ୍ରୋଜେକ୍ଟର ବାର୍ଷିକ ବିକ୍ରୀ-ଧାର୍ଯ୍ୟ ଶକ୍ତିକୁ ବିବେଚନା କରି ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଗ୍ରୀଡକୋ ୪୬୧ ଲକ୍ଷ ୟୁନିଟର ଶକ୍ତି ଉଠାଣ ପାଇଁ ପ୍ରସ୍ତାବ ରଖିଛି। ୩.୮୭%ର କେନ୍ଦ୍ରୀୟ ସେକ୍ଟର କ୍ଷତିକୁ ବାଦ୍ ଦେଲା ପରେ , ଟିଷ୍ଟାରୁ ଗ୍ରୀଡକୋର ନିଟ୍ ଉପଲବ୍ଧ ପରିମାଣ ୪୪୩ଲକ୍ଷ ୟୁନିଟ ଭାବେ ପ୍ରଦର୍ଶିତ ହୋଇଛି।

୩୫୫. ପୂର୍ବାଞ୍ଚଳ ଶକ୍ତି ନିଗମ ଦ୍ୱାରା ପ୍ରସ୍ତୁତ 'ଆଂଚଳିକ ଶକ୍ତି ହିସାବ' ସହ ସଂପର୍କିତମତେ ଆୟୋଗ ଗ୍ରୀଡକୋର ପ୍ରସ୍ତାବକୁ ଯାଞ୍ଚ କରିଥିଲେ। ଗୌଣ ଉପଯୋଗ ବାଦ୍ ସମୁଦାୟ ଉତ୍ପାଦନରୁ ୨୦.୫୯%ର ଭାଗ ଗ୍ରୀଡକୋ ପାଇବାକୁ ହକ୍‌ଦାର ବୋଲି ଅନୁଧାନ ରୁ ଜଣାପଡିଥିଲା। ଅତଏବ, ୨୫୪୧.୮୦ ଲକ୍ଷ ୟୁନିଟ ଉପରେ ୨୦.୫୯% ର ଭାଗ ହିସାବରେ ୫୨୩.୩୬ ଲକ୍ଷ ୟୁନିଟର ଉଠାଣକୁ ଆୟୋଗ ଅଟକଳନ କରିଛନ୍ତି; ଅର୍ଥାତ୍ ଏହି ପରିମାଣ (୫୨୩.୩୬ ଲକ୍ଷ ୟୁନିଟ୍) ହେଉଛି 'ଆକାରାୟିତ ଶକ୍ତି' ବିଯୁକ୍ତ ୧.୨%ର ଗୌଣ ଉପଯୋଗ। ୩.୦୯%ର କେନ୍ଦ୍ରୀୟ ସେକ୍ଟର କ୍ଷତିକୁ ବିବେଚନା କଲା ପରେ ଆୟୋଗ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ 'ଟିଷ୍ଟା' ଜଳ ବିଦ୍ୟୁତ୍ ପ୍ରୋଜେକ୍ଟରୁ ଗ୍ରୀଡକୋ ପାଇଁ ୫୦୭.୧୯ ଲକ୍ଷ ୟୁନିଟର ନିଟ୍ ଉଠାଣକୁ ଅନୁମୋଦନ କରିଛନ୍ତି।

**ଶକ୍ତିକ୍ରୟ ପାଇଁ ପ୍ରସ୍ତାବ ଏବଂ ଓଇଆରସିଙ୍କ ଦ୍ୱାରା ଅନୁମୋଦନର ସାରାଂଶ**

୩୫୬. ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ବିଭିନ୍ନ ଉତ୍ପାଦନକାରୀ ଷ୍ଟେସନରୁ ଶକ୍ତି କ୍ରୟ ପାଇଁ ଗ୍ରୀଡକୋର ପ୍ରସ୍ତାବ ଏବଂ ଆୟୋଗଙ୍କର ଅନୁମୋଦିତ କ୍ରୟ ପରିମାଣକୁ  ନିମ୍ନ ସାରଣୀରେ ପ୍ରଦର୍ଶନ ମତେ ସାରାଂଶୀକରଣ କରାଯାଇଛି।

ସାରଣୀ-୩୨

୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ବିଭିନ୍ନ ଉତ୍ସରୁ ଶକ୍ତି କ୍ରୟର ପରିମାଣ

(ଏମ୍.ୟୁ)

| ବିଭିନ୍ନ କ୍ରୟର ଉତ୍ସ **Sources of Purchase** | ୨୦୦୯-୧୦ ପାଇଁ ଆୟୋଗଙ୍କ ରାଜ୍ୟ ଉଠାଣ ଅନୁମୋଦନ **Commission's Approval for State Drawl for** ୨୦୦୯-୧୦ | ୨୦୧୦-୧୧ ପାଇଁ ଗ୍ରୀଡ଼କୋର ପ୍ରସ୍ତାବ | ୨୦୧୦-୧୧ ଉପଲବ୍ଧିର ଅଟକଳ **Estimated Availability for** ୨୦୧୦-୧୧ | ୨୦୧୦-୧୧ ପାଇଁ ଆୟୋଗଙ୍କ ରାଜ୍ୟ ଉଠାଣ ଅନୁମୋଦନ **Commission's Approval for State Drawl for** ୨୦୧୦-୧୧ |
|---|---|---|---|---|
| ଓଏଚପିସି (ପୁରୁଣା) | ୩୯୪୮.୩୫ | ୩୬୮୬.୦୦ | ୩୬୭୬.୮୬ | ୩୬୭୬.୮୬ |
| ଇନ୍ଦ୍ରାବତୀ | ୧୯୭୧.୦୯ | ୧୯୪୪.୩୬ | ୧୯୪୨.୩୮ | ୧୯୪୨.୩୮ |
| ମାଛକୁଣ୍ଡ | ୨୬୫.୦୦ | ୨୬୨.୫୦ | ୨୬୨.୫୦ | ୨୬୨.୫୦ |
| ଜଳବିଦ୍ୟୁତ (ଓଡ଼ିଶା) | **୬୧୮୪.୪୪** | **୫୮୯୨.୮୬** | **୫୮୮୧.୭୪** | **୫୮୮୧.୭୪** |
| ଟିଟିପିଏସ | ୩୦୮୫.୦୭ | ୨୯୫୭.୩୨ | ୨୯୫୭.୩୨ | ୨୯୫୭.୩୨ |

| | | | | |
|---|---|---|---|---|
| ଓପିଜିସି | ୨୯୫୫.୬୬ | ୨୮୫୩.୪୭ | ୨୮୫୩.୫୩ | ୨୮୫୩.୫୩ |
| କେନ୍ଦ୍ରୀୟ ଉତ୍ପାଦନକାରୀ ସଂସ୍ଥା | ୧୨୪.୬୪ | ୧୦୫୧.୦୦ | ୧୦୫୧.୦୦ | ୧୦୫୧.୦୦ |
| କୋ-ଜେନେରେସନ ପ୍ଲାଣ୍ଟ | | ୫୨୯.୦୦ | ୫୨୯.୦୦ | ୫୨୯.୦୦ |
| ରିନ୍ୟୁଏବଲ ଏନର୍ଜି | ୫୩୦.୦୦ | ୩୦୦.୦୦ | ୩୦୦.୦୦ | ୩୦୦.୦୦ |
| ଆଇ.ପି.ପି (ଷ୍ଟେରଲାଇଟ ଏନର୍ଜି ) | | ୧୮୮୬.୫୯ | ୧୮୮୬.୫୯ | ୬୪୬.୨୩ |
| ସମୁଦାୟ ଓଡିଶା | ୧୨୮୭୯.୮୧ | ୧୫୪୭୦.୨୪ | ୧୫୪୫୯.୧୮ | ୧୪୨୧୮.୮୨ |
| ଚୁଖା | ୨୭୦.୨୬ | ୨୫୧.୦୦ | ୨୭୧.୭୯ | ୨୭୧.୭୯ |
| ତାଲା | ୧୭୪.୦୨ | ୧୪୪.୦୦ | ୧୪୫.୧୭ | ୧୪୫.୧୭ |
| ଟିଷ୍ଟା | ୪୯୦.୦୬ | ୪୪୩.୦୦ | ୫୦୭.୧୯ | ୫୦୭.୧୯ |
| ଜଳଜ (ସେଣ୍ଟ୍ରାଲ) | **୯୩୪.୩୪** | **୮୩୮.୦୦** | **୯୨୪.୧୫୬** | **୯୨୪.୧୬** |
| ଟିଏସଟିପିଏସ-୧ | ୨୧୦୫.୫୨ | ୨୧୨୮.୭୪ | ୨୧୪୫.୫୪ | ୨୧୪୫.୫୪ |
| ଟିଏସଟିପିଏସ-୨ | ୧୩୨୪.୨୨ | ୧୩୩୮.୫୨ | ୧୩୪୯.୩୯ | ୧୩୪୯.୩୯ |
| ଏଫଏସଟିପିଏସ୍ | ୧୪୪୩.୦୦ | ୧୨୮୧.୮୯ | ୧୪୬୪.୪୯ | ୧୪୬୪.୪୯ |
| କେଏଚଏସଟିପିଏସ-୧ | ୮୩୩.୮୬ | ୬୮୬.୬୧ | ୮୪୦.୬୩ | ୮୪୦.୬୩ |
| କେଏଚଏସଟିପିଏସ-୨ | ୧୯୮.୬୩ | ୪୯.୬୦ | ୬୦.୭୨ | ୬୦.୭୨ |
| ତାପଜ (ସେଣ୍ଟ୍ରାଲ) | **୫୯୦୫.୨୩** | **୫୪୮୪.୮୬** | **୫୮୬୦.୭୭** | **୫୮୬୦.୭୭** |
| ସମୁଦାୟ ଇଆରଇବି | **୬୮୩୯.୫୭** | **୬୩୨୨.୮୬** | **୬୭୮୪.୯୩** | **୬୭୮୪.୯୩** |
| ଗ୍ରୀଡକୋର ସମୁଦାୟ କ୍ରୟ ପରିମାଣ | ୧୯୭୧୯.୩୮ | ୨୧୭୯୩.୧୦ | ୨୨୨୪୪.୧୧ | ୨୧୦୦୩.୭୫ |

**<u>ଶକ୍ତି କ୍ରୟ ଦାମ୍</u>**

୩୫୭. ଗ୍ରୀଡକୋର ରାଜସ୍ୱ ଆବଶ୍ୟକତାରେ ଶକ୍ତିର ଦାମ୍ ହେଉଛି ସବୁଠାରୁ ବଡ ଉପାଦାନ। ସଂପର୍କିତ ନିୟମ, ନିୟାମକ ଓ ଉପଲବ୍ଧ ତଥ୍ୟାବଳୀକୁ ଭିତ୍ତି କରି ପ୍ରତି ଶକ୍ତି ଷ୍ଟେସନ କ୍ଷେତ୍ରରେ ଶକ୍ତିର ଦର(ଦାମ୍) ନିର୍ଦ୍ଧାରଣରେ ଉପନୀତ ହେବାକୁ ଆୟୋଗ ଉପଯୁକ୍ତ ଅନୁଧ୍ୟାନ ଓ ବିଶ୍ଳେଷଣର ଆଶ୍ରୟ ନେଇଛନ୍ତି।

୩୫୮. ଅନ୍ୟ ସବୁ ବିଭାବ ମଧ୍ୟରେ ବିଦ୍ୟୁତ୍ ଆଇନ, ୨୦୦୩ର ବିଭାଗ -୮୬ ଆୟୋଗଙ୍କ ପାଇଁ ଉତ୍ପାଦନ-ଟାରିଫ ନିର୍ଦ୍ଧାରଣରେ ସହାୟକ ହୋଇଥାଏ। ପୁନଶ୍ଚ, ବିଦ୍ୟୁତ୍ ଆଇନ , ୨୦୦୩ର ବିଭାଗ -୬୧ ଅନୁଯାୟୀ, ଉତ୍ପାଦନକାରୀ କଂପାନୀଙ୍କ ପ୍ରତି ପ୍ରଯୋଜ୍ୟ ଟାରିଫ ନିର୍ଦ୍ଧାରଣ ପାଇଁ ସିଇଆରସିଙ୍କ ଦ୍ୱାରା ସୂଚିତ ଶୃଙ୍ଖଳା ଓ ପଦ୍ଧତିସମୂହ ଦ୍ୱାରା ଓଇଆରସି ପରିଚାଳିତ ହେବେ।

୩୫୯. କେଶ ନଂ -୧୪୭/୨୦୦୯ ଭାବେ ପଂଜିକୃତ ବିଦ୍ୟୁତ୍ ଆଇନ, ୨୦୦୩ର ବିଭାଗ -୬୨, ୬୪ଏବଂ ୮୬ ଅନୁଯାୟୀ ଆର୍ଥିକ ବର୍ଷ ୨୦୧୦-୧୧ ନିମନ୍ତେ ଓଏଚପିସି ପୃଥକ ଭାବେ ତା'ର ପ୍ରତି ଶକ୍ତି ଷ୍ଟେସନର ବାର୍ଷିକ ରାଜସ୍ୱ ଆବଶ୍ୟକତା ଓ ଦରସୂଚୀର ଅନୁମୋଦନ ପାଇଁ ଆବେଦନ ପତ୍ର ଉପସ୍ଥାପନ କରିଥିଲା। ଓଏଚପିସିର ସବୁ ଷ୍ଟେସନରୁ ଶକ୍ତି କ୍ରୟର ଦର ନିର୍ଦ୍ଧାରଣ ପାଇଁ ମୂଳ ଭିତ୍ତି ଭାବେ ଏହି ଆଦେଶନାମାରେ ଅନୁମୋଦିତ ଟାରିଫକୁ ବିନିଯୋଗ କରାଯିବ।

୩୬୦. ବିଧିବଦ୍ଧ ଭାବେ, ଓଏଚପିସିର ପ୍ରତି ଶକ୍ତି ଷ୍ଟେସନ ପାଇଁ ଶକ୍ତିର ଦର/ ଦର-ହାରକୁ ନିମ୍ନ ସାରଣୀରେ ପ୍ରଦତ୍ତ ମତେ ଆୟୋଗ ଅନୁମୋଦନ କଲେ।

ସାରଣୀ-୩୩

୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଓଏଚପିସିର ଷ୍ଟେସନମାନଙ୍କ ପାଇଁ ଟାରିଫର ସିଡ୍ୟୁଲ

| ପାୱାର ଷ୍ଟେସନଗୁଡ଼ିକର ନାମ | ୨୦୧୦-୧୧ରେ ଶକ୍ତି କ୍ରୟର ପରିମାଣ (ଏମୟୁ) | ୨୦୦୯-୧୦ ପାଇଁ ଆଭେରେଜ୍ ଟାରିଫ (ୟୁନିଟ ପିଛା ପଇସା) | ଦର (କୋଟି ଟଙ୍କାରେ) |
|---|---|---|---|
| ବୁର୍ଲା | ୬୬୭.୧୬ | ୮୯.୫୪ | ୬୦.୬୪ |
| ଚିପିଲିମା | ୪୮୫.୧୦ | ୪୬.୯୮ | ୨୨.୭୯ |
| ବାଲିମେଳା | ୧୧୭୧.୧୭ | ୫୮.୪୧ | ୬୮.୪୦ |
| ରେଙ୍ଗାଲି | ୫୧୯.୭୫ | ୬୯.୦୯ | ୩୫.୯୧ |
| ଅପରକୋଲାବ | ୮୨୩.୬୮ | ୩୩.୧୭ | ୨୭.୩୨ |
| ଅପର ଇନ୍ଦ୍ରାବତୀ | ୧୯୪୨.୩୮ | ୭୫.୫୯ | ୧୪୬.୮୨ |
| ସମୁଦାୟ | ୫୬୧୯.୨୪ | ୬୪.୪୦ | ୩୬୧.୮୮ |

**<u>ମାଛକୁଣ୍ଡ ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ</u>**

୩୬୧. ୨୬୨.୫୦ ଲକ୍ଷ ୟୁନିଟର ଶକ୍ତି ଉଠାଣକୁ ଭିତ୍ତି କରି, ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ମାଛକୁଣ୍ଡ ଜଳ ବିଦ୍ୟୁତ୍ ଷ୍ଟେସନର ଶକ୍ତି କ୍ରୟ ଉଦ୍ଦେଶ୍ୟରେ ୟୁନିଟ ପିଛା ୨୧.୯୫ ପଇସାର ଏକ ଦର-ହାରର ଅନୁମୋଦନ ପାଇଁ ଓଏଚପିସି ଆୟୋଗଙ୍କୁ ଅନୁରୋଧ କରିଥିଲା। ମାଛକୁଣ୍ଡରୁ ଶକ୍ତି ଉଠାଣ ପାଇଁ 'ନିର୍ବାହନ ଓ ତୁଳାଜମା' ଦେୟ-ଦର ବାବଦକୁ ଓଡ଼ିଶାକୁ ୩୦% ଏବଂ ୩୦% ରୁ ୫୦% ପର୍ଯ୍ୟନ୍ତ ପରିମାଣ ପାଇଁ ୟୁନିଟ ପିଛା ୮ ପଇସା ହାରରେ ଦେବାକୁ ପଡିବ। ୦.୫୨ କୋଟି ଟଙ୍କାର ଏକ ବାକିଆ ରାଜସ୍ୱକୁ ଗ୍ରୀଡକୋଠାରୁ ଭରଣା କରାଇ (ଯେଉଁ ପରିମାଣ ରାଜ୍ୟ ସରକାରଙ୍କୁ ଦେବାକୁ ଅଛି) ପାସ କରାଇବାକୁ ଓଏଚପିସି ଆୟୋଗଙ୍କୁ ଅନୁରୋଧ କରିଛି। ଏହି ନିୟମାନୁସାରୀ ବ୍ୟବସ୍ଥା ସହ ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ୟୁନିଟ ପିଛା ୧୩.୯୦ ପଇସା ବିପକ୍ଷରେ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ୨୬୨.୫ ଲକ୍ଷ ୟୁନିଟର ଶକ୍ତି ଉଠାଣକୁ ବିବେଚନା କରି ମାଛକୁଣ୍ଡ ଶକ୍ତିର ଦାମ ୟୁନିଟ ପିଛା ୨୧.୯୫ ପଇସା ହେଉଛି।

୩୬୨. ୩୦% ର ଭାଗ ଯୋଗୁ ୨୦୦୮-୦୯ ଆର୍ଥିକ ବର୍ଷ ପାଇଁ 'ନିର୍ବାହନ ଓ ତୁଳାଜମା' ବ୍ୟୟ ବାବଦକୁ (ଆକଚ୍ୟୁଆଲ) ଓଡ଼ିଶା ଦ୍ୱାରା ଦେବାକୁ ଥିବା ନିଟ୍ ପରିମାଣ (ଅର୍ଥ)କୁ ଆୟୋଗ ବିଚାରକୁ ନେଇଛନ୍ତି, ଯାହାର ପରିମାଣ ହେଉଛି ୩.୯୪ କୋଟି ଟଙ୍କା। ୨୦୦୯-୧୦ ଏବଂ ୨୦୧୦-୧୧ ପାଇଁ ୫.୭୨% ର ଏକ ବୃଦ୍ଧିକୁ ଅନୁମତି ଦେଲେ ନିର୍ବାହନ ଓ ତୁଳାଜମା ବ୍ୟୟ ୪.୪୦୪ କୋଟି ଟଙ୍କା ହେବ। ୟୁନିଟ ପିଛା ୮ ପଇସା ଦର-ହାରରେ ୩୦%ରୁ ଉର୍ଦ୍ଧ୍ୱ ଏବ ୫୦% ପର୍ଯ୍ୟନ୍ତ ଶକ୍ତି କ୍ରୟର ହିସାବକୁ ୦.୮୪ କୋଟି ଟଙ୍କା ଧରାଗଲେ ଏବଂ ଓଏଚପିସି ଦ୍ୱାରା ପ୍ରସ୍ତାବିତ ମତେ ୦.୫୨ କୋଟି ଟଙ୍କାର ବାକିଆ ରାଜସ୍ୱକୁ ହିସାବକୁ ନେଲେ, ସମୁଦାୟ ଶକ୍ତି କ୍ରୟ ଦାମ ୫.୭୬ କୋଟି ଟଙ୍କା ହେବ। ତେଣୁ, ୨୬୨.୫୦ ଲକ୍ଷ ୟୁନିଟର ଶକ୍ତି ଉଠାଣକୁ ବିବେଚନା କରି ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ମାଛକୁଣ୍ଡ ଜଳ ବିଦ୍ୟୁତ୍ ପ୍ରୋଜେକ୍ଟର ୟୁନିଟ ପିଛା ଶକ୍ତରି ଦର-ହାର ୨୧.୯୫ ପଇସାର ହିସାବକୁ ଆସୁଛି। ସେହି ଅନୁସାରେ, ଗ୍ରୀଡକୋ ଦ୍ୱାରା ମାଛକୁଣ୍ଡରୁ ଶକ୍ତ କ୍ରୟର ଦାମ ୨୬୨.୫୦ ଲକ୍ଷ ୟୁନିଟର ଏକ ଅନୁମୋଦିତ ପରିମାଣ ପାଇଁ ୫.୭୬ କୋଟି ଟଙ୍କାର ହିସାବକୁ ଆସୁଛି।

**<u>ତାଳଚେର ତାପଜ ବିଦ୍ୟୁତ୍ ଷ୍ଟେସନ(ଟିଟିପିଏସ୍)</u>**

୩୬୩. ଜାତୀୟ ତାପଜ ଶକ୍ତି ନିଗମ ବା ଏନଟିପିସି ହେଉଛି ତାଳଚେର ତାପଜ ଶକ୍ତି ଷ୍ଟେସନର ମାଲିକ ଏବଂ ଏହା ଏନିଟିପିସି ଦ୍ୱାରା ପରିଚାଳିତ। କେନ୍ଦ୍ରୀୟ ବିଦ୍ୟୁତ୍ ନିୟାମକ ଆୟୋଗ ବା ସିଇଆରସି ଏହି ଉତ୍ପାଦନକାରୀ ଷ୍ଟେସନର ଟାରିଫ ନିର୍ଦ୍ଧାରଣ କରିଥା'ନ୍ତି।

୩୬୪. **ସ୍ଥିର ଦର:** ଅତିରିକ୍ତ 'ମୂଳଧନୀକରଣ' କୁ ବିବେଚନା କଲା ପରେ,୨୦୦୮-୦୯ ଆର୍ଥିକ ବର୍ଷ ପାଇଁ ସିଇଆରସି ସମକ୍ଷରେ ଏନଟିପିସିର ସଦ୍ୟ ବିଗତ ତଥ୍ୟାବଳୀ ଉପସ୍ଥାପନା ଅନୁଯାୟୀ, ଗ୍ରୀଡକୋ ତା'ର ଏଆର୍‌ଆର୍ ଆବେଦନ ପତ୍ରରେ ଟିଟିପିଏସର ସ୍ଥିର ଦରକୁ ୨୧୭.୩୯ କୋଟି ଟଙ୍କା ଭାବେ ପ୍ରଦର୍ଶନ କରିଛି। ଅଧିକନ୍ତୁ, ୧.୪.୨୦୦୯ ଠାରୁ ପ୍ରଣୀତ ନୂଆ ସିଇଆରସି ନିୟମାବଳୀ, ୨୦୦୯ ଅନୁଯାୟୀ, ମେଗାୱାଟ ପିଛା ୩୪.୬୨ ପଇସା ଦର-ହାରରେ 'ନିର୍ବାହନ ଓ ତୁଲାଜମା'ବ୍ୟୟ ଭାର ଯୋଗୁ, କେବଳ ଅତିରିକ୍ତ 'ନିର୍ବାହନ ଓ ତୁଲାଜମା' ବ୍ୟୟଭାରକୁ ବାର୍ଷିକ ୫୮.୨୭ କୋଟି ଟଙ୍କା ଭାବେ ପ୍ରସ୍ତାବ ରଖାଯାଇଛି। ଅତଏବ, ସଂଶୋଧିତ 'ନିର୍ବାହନ ଓ ତୁଲାଜମା' ଦେୟ ଦରକୁ ହିସାବକୁ ନିଆଗଲେ ଗ୍ରୀଡକୋ ଦ୍ୱାରା ପ୍ରସ୍ତାବିତ ସମୁଦାୟ ସ୍ଥିର ଦର ହେଉଛି ୨୭୫.୬୬ କୋଟି ଟଙ୍କା। ପୁନଶ୍ଚ, ନିର୍ଦ୍ଦେଶକ (ଟାରିଫ)ଙ୍କର ଯାଞ୍ଚକାରୀ ପ୍ରଶ୍ନର ଉତ୍ତରରେ ସନ୍ତୋଷ ଜନକ ଉତ୍ତର ସ୍ୱରୂପ ଗ୍ରୀଡକୋ ତା'ର ଆବଦନ ପତ୍ରରେ ଦର୍ଶାଇଛି ଯେ, ନୂଆ ସିଇଆରସି ନିୟମାବଳୀ, ୨୦୦୯ ଅନୁଯାୟୀ, ୨୦୦୯-୧୦ ଆର୍ଥିକ ବର୍ଷଠାରୁ ଆରମ୍ଭ କରି ଆଗାମୀ ୫ ବର୍ଷ ପାଇଁ ଟିଟିପିଏସ୍ ର ସ୍ଥିର ଦେୟ-ଦରସମୂହର ସଂଶୋଧନ ପାଇଁ ୩୦.୧୧.୨୦୦୯ରେ ଏନଟିପସି ସିଇଆରସିଙ୍କୁ ଦରଖାସ୍ତ କରିଛି। ଏନଟିପିସିର ଏହି ଆବେଦନ ଅନୁଯାୟୀ, ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଟିଟିପଏସ୍ ର ସ୍ଥିର ଦର ୩୫୩.୧୮ କୋଟି ଟଙ୍କାରେ ପ୍ରସ୍ତାବ କରାଯାଇଛି। ତେଣୁ, ମୂଳ ଦରଖାସ୍ତରେ ପ୍ରସ୍ତାବିତ ୨୭୫.୬୬ କୋଟି ପରିବର୍ତ୍ତେ , ଟିଟିପିଏସ ପାଇଁ ୩୫୩.୧୮ କୋଟି ଟଙ୍କାର ସ୍ଥିର ଦରକୁ ଚୂଡାନ୍ତ ଭାବେ ଗ୍ରହଣ କରିବାକୁ ଗ୍ରୀଡକୋ ଆୟୋଗଙ୍କୁ ଅନୁରୋଧ କରିଥିଲା।

୩୬୫. ଏ ସଂପର୍କରେ ଗ୍ରୀଡକୋର ସବୁ ଉପସ୍ଥାପନାକୁ ଯାଞ୍ଚ କରିବା ପରେ, ଆୟୋଗ ଅନୁଧ୍ୟାନରୁ ଜାଣିବାକୁ ପାଇଥିଲେ ଯେ, ୩.୨.୨୦୦୯ର ସିଇଆରସିଙ୍କ ଆଦେଶନାମା ଅନୁଯାୟୀ, ୨୦୦୮-୦୯ ଆର୍ଥିକ ବର୍ଷ ପାଇଁ ଟିଟିପିଏସ୍ ଉଦ୍ଦେଶ୍ୟରେ ବାର୍ଷିକ ସ୍ଥିର ଦର ୧୯୯.୩୭ କୋଟି ଟଙ୍କା ଥିଲା ଏବଂ ୧୧.୧.୨୦୧୦ ର ଆଦେଶନାମାରେ ସିଇଆରସି ଟିଟିପିଏସର ସ୍ଥିର ଦରକୁ ୨୦୦୮-୦୯ ଆ.ବ ପାଇଁ ୨୦୦.୮୮ କୋଟି ଟଙ୍କାକୁ ସଂଶୋଧନ କରିଛନ୍ତି। ସିଇଆରସି ନିୟମାବଳୀ , ୨୦୦୪ ଅନୁଯାୟୀ, ୨୦୦୮-୦୯ ଆର୍ଥିକ ବର୍ଷ ପାଇଁ ଟିଟିପିଏସ୍ ର ସ୍ଥିର ଦରକୁ ୨୧୭.୩୯ କୋଟି ଟଙ୍କାକୁ ସଂଶୋଧନ କରିବାକୁ ସିଇଆରସିଙ୍କ ସମକ୍ଷରେ ଏନଟିପିସିର ଉପସ୍ଥାପନା ଏବଂ ନୂଆ ସିଇଆରସି ନିୟମାବଳୀ, ୨୦୦୯ ଅନୁଯାୟୀ, ଆର୍ଥିକ ବର୍ଷ ୨୦୦୯-୧୦ ରୁ ୨୦୧୩-୧୪ ପର୍ଯ୍ୟନ୍ତ ସମୟ ଅବଧି ପାଇଁ ଟିଟିପିଏସର ସ୍ଥିର ଦେୟ-ଦରର ନିର୍ଦ୍ଧାରଣ ସିଇଆରସିଙ୍କ ଦ୍ୱାରା ଚୂଡାନ୍ତ ହେବାକୁ ତଥାପି ବାକି ଅଛି। ତେଣୁ, ୨୦୦୮-୦୯ ଆର୍ଥିକ ବର୍ଷ ପାଇଁ ଟିଟିପିଏସର ସ୍ଥିର ଦର ସଂପର୍କରେ ସିଇଆରସିଙ୍କର ୧୧.୧୦.୨୦୧୦ର ସଦ୍ୟ ବିଗତ ଆଦେଶନାମା ଅନୁଯାୟୀ, ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଟିଟିପିଏସର ସ୍ଥିର ଦେୟ-ଦରକୁ ଆୟୋଗ ସାମୟିକ ଭାବେ ୨୦୦.୮୮ କୋଟି ଟଙ୍କାରେ ଅନୁମୋଦନ ଦେଇଛନ୍ତି।

**ପରିବର୍ତ୍ତନୀୟ ଦେୟ-ଦର**

୩୬୬. ଗ୍ରୀଡକୋ ପ୍ରସ୍ତାବ ଦେଇଛି ଯେ, ସିଇଆରସି ନିୟମାବଳୀ, ୨୦୦୪ ସହ ସମତାଳରେ ସଦ୍ୟ ବିଗତ ସିଇଆରସି ଆଦେଶନାମା ଅନୁଯାୟୀ, ସଂପ୍ରତି ଏନଟିପିସି ଟିଟିପିଏସ୍ ର ମୂଳ ପରିବର୍ତ୍ତନୀୟ ଦେୟ-ଦରକୁ ୟୁନିଟ ପିଛା ୪୬.୦୫ ପଇସାରେ ଦାବୀ କରୁଛି। ୨୦୦୯-୧୪ ଟାରିଫ ପରିଅଡ ପାଇଁ ପ୍ରଯୋଜ୍ୟ ହେବାକୁ କୌଣସି ଦର-ହାର ସହ ସିଇଆରସି ଅଦ୍ୟାପି ଆଗେଇ ଆସିନାହିଁ । ତେଣୁ, ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଟିଟିପିଏସର ପରିବର୍ତ୍ତନୀୟ ଦେୟ-ଦର ବାବଦକୁ ଗ୍ରୀଡକୋ ୟୁନିଟ ପିଛା ୪୬.୦୫ ପଇସାର ଏକା ଦର-ହାରରେ ପ୍ରସ୍ତାବ ଦେଇଛି। ଗ୍ରୀଡକୋର ଉପରୋକ୍ତ ପ୍ରସ୍ତାବକୁ ଯାଞ୍ଚ କଲା ପରେ,୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଆୟୋଗ ଟିଟିପିଏସର ପରିବର୍ତ୍ତନୀୟ ଦେୟ-ଦରକୁ ୟୁନିଟ ପିଛା ୪୬.୦୫ ପଇସାରେ ଗ୍ରହଣ କରିଛନ୍ତି।

**ଜାଳେଣି ଦରର ସହ-ସାମିଲକରଣ (ଏଫପିଏ)**

୩୬୭. ଗ୍ରୀଡକୋ ତା'ର ଏଆର୍ଆର୍‌ରେ ଦର୍ଶାଇଥିଲା ଯେ, ୨୦୦୯-୧୦ ଆର୍ଥିକ ବର୍ଷରେ ପ୍ରଥମ ୬ ମାସ ପାଇଁ ଟିଟିପିଏସର ଦାବୀ ମତେ 'ହାରାହାରି ଜାଳେଣି ଦର ସହ -ସାମିଲକରଣ' ୟୁନିଟ ପିଛା ୪୩.୮୧ ପଇସା ହେଉଛି। ଏହି ୪୩.୮୧ ପାଇଁ ଏଫପିଏ ୟୁନିଟ ପିଛା ୪୮.୬୩ ପଇାସା ହେବ। ଟିଟିପିଏସର ଦାବୀ ଅନୁଯାୟୀ ମାସିକ ଓ୍ୱାରୀ ଜାଳେଣି ଦରର ସହ-ସାମିଲକରଣର ସବିଶେଷତା ନିମ୍ନ ସାରଣୀରେ ପ୍ରଦର୍ଶନ କରାଗଲା।

ସାରଣୀ-୩୪

ଟିଟିପିଏସ୍‌ର ତୈଳ ଦର ବ୍ୟବସ୍ଥାପନ

**Fuel Price Adjustment (FPA) OF TTPS** (ୟୁନିଟ୍ ପ୍ରତି ପଇସା)

| ଏପ୍ରିଲ-୦୯ | ମେ-୦୯ | ଜୁନ୍-୦୯ | ଜୁଲାଇ-୦୯ | ଅଗଷ୍ଟ-୦୯ | ସେପ୍ଟେମ୍ବର -୦୯ | ହାରାହାରୀ | ୨୦୧୦-୧୧ ପାଇଁ ଗ୍ରୀଡ଼କୋର ପ୍ରସ୍ତାବ ହାରାହାରୀ ୧୧% ଏସ୍କାଲେସନ ଅନୁଯାୟୀ GRIDCO proposal for FY 2010-11 considering 11% escalation over the avg. |
|---|---|---|---|---|---|---|---|
| ୫୪.୭୮ | ୩୬.୬୯ | ୩୬.୯୨ | ୩୪.୬୪ | ୪୬.୮୯ | ୫୨.୯୫ | ୪୩.୮୧ | ୪୮.୬୩ |

୩୬୮. ଗ୍ରୀଡକୋ ପୁନର୍ବାର ଦର୍ଶାଇଛି ଯେ, ରାଜ୍ୟରେ ଅପରିହାର୍ଯ୍ୟ କୋଇଲାର ଅନୁପଲବଧତା ଏବଂ ଅଧିକ ଦାମର ଆମଦାନୀ କରାଯାଇଥିବା କୋଇଲାର ବ୍ୟବହାର ଯୋଗୁ ପ୍ରସ୍ତାବିତ ଦେୟ-ଦର ବୃଦ୍ଧି ପାଇବାର ସମ୍ଭାବନା ଅଛି। ତେଣୁ, ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଗ୍ରୀଡକୋର ଏଆର୍ଆର୍ ଓ ବିଏସ୍ ପି ଅନୁମୋଦନ କଲାବେଳେ ଆୟୋଗ ତାଙ୍କର ବୈଚାରିକ କ୍ଷମତା ପ୍ରୟୋଗ କରି ପ୍ରୋକ୍ତ ଦେୟ-ଦରର ଏକ ଉଚ୍ଚା ଦର-ହାରକୁ ଅନୁମୋଦନ କରିପାରନ୍ତି।

୩୬୯. ଆୟୋଗ ଗ୍ରୀଡକୋର ପ୍ରସ୍ତାବକୁ ଯାଞ୍ଚ କରିଥିଲେ ଏବଂ ଗ୍ରୀଡକୋର ଅଟକଳନମତେ ଟିଟିପିଏସ୍ କ୍ଷେତ୍ରରେ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ୟୁନିଟ ପିଛା ୪୮.୬୩ ପଇସାର ଏଫପିଏ ଦର-ହାରକୁ ଅନୁମୋଦନ କରିଥିଲେ।

**<u>ବର୍ଷ ଶେଷ ଦେୟ-ଦର</u>**

୩୭୦. ଗ୍ରୀଡକୋ ଉପସ୍ଥାପନ କରିଛି ଯେ, ଟିଟିପିଏସ୍ ର ବର୍ଷ-ଶେଷ ଦେୟ-ଦର ମଧ୍ୟରେ ପାଣି ଉପରେ ସେସ୍, ପାଣି ଦେୟ-ଦର, ବିଦ୍ୟୁତ୍ ଡ୍ୟୁଟି, ପାରିତୋଷିକତା ଏବଂ ଆୟ କର ଆଦି ଅନ୍ତର୍ଭୁକ୍ତ ଅଟେ। ଆୟକର ବାବଦକୁ ୧୮.୯୨ କୋଟି ଟଙ୍କା, ବିଦ୍ୟୁତ୍ ଡ୍ୟୁଟି ବାବଦକୁ ୭.୨୪ କୋଟି ଟଙ୍କା, ପାଣି /ପଲ୍ୟୁସନ ସେସ୍ ଚାର୍ଜ ବାବଦକୁ ୦.୧୨୪ କୋଟି ଟଙ୍କା ଏବଂ ମାପଦଣ୍ଡ ଭିତ୍ତିକ ଉତ୍ପାଦାନର ଉର୍ଦ୍ଧ୍ୱରେ ଅତିରିକ୍ତ ଉତ୍ପାଦନ ଉପରେ ଭିତ୍ତି କରି ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ପାରିତୋଷିକତା ବାବଦକୁ ୟୁନିଟ ପିଛା ୨୫ ପଇସାର ଦର-ହାରରେ ୩.୧୯ କୋଟି ଟଙ୍କା ଗ୍ରୀଡକୋ ଦାବୀ କରିଛି। ଏହା ବାଦ୍, ୟୁଆଇ ଓଭର ଡ୍ରୟାଲ ବାବଦକୁ ୬କୋଟି ଟଙ୍କାର ଏକ ପରିମାଣକୁ ମଧ୍ୟ ଗ୍ରୀଡକୋ ଦାବୀ କରିଛି। ଅତଏବ, ୨୦୧୦-୧୧ ଆ.ବ ପାଇଁ ଗ୍ରୀଡକୋ ଦ୍ୱାରା ପ୍ରସ୍ତାବିତ ମତେ ବର୍ଷ-ଶେଷ ଦେୟ-ଦର ହେଉଛି ୬୧.୨୫ କୋଟି ଟଙ୍କା। ଉପରୋକ୍ତ ଦାବୀ ଗୁଡିକର ଉପଯୁକ୍ତ ପରୀକ୍ଷା ନିରୀକ୍ଷା ପରେ ଆୟୋଗ (କ) ଆୟକର ବାବଦକୁ ୧୮.୯୨ କୋଟି ଟଙ୍କା, (ଖ) ୮୨%ର ପିଏଲଏଫରେ ଉତ୍ପାଦନର ଗୌଣ ଉପଯୋଗ ଉପରେ ୟୁନିଟ ପିଛା ୨୦ ପଇସାର ଦର-ହାରରେ ହିସାବ ଅନୁଯାୟୀ ୬.୯୪ କୋଟି ଟଙ୍କାର ବିଦ୍ୟୁତ୍ ଡ୍ୟୁଟି (ଗ) ୦.୧୨୪ କୋଟି ଟଙ୍କାର ପାଣି ସେସ୍/ଦେୟ-ଦରକୁ ଅନୁମୋଦନ ଦେଇଛନ୍ତି। ତେବେ, ୮୨% ର ପିଏଲଏଫ୍‌ର ଉର୍ଦ୍ଧ୍ୱରେ ଯେଣୁ ଅତିରିକ୍ତ

ଉତ୍ପାଦନ ନାହିଁ ,ତେଣୁ କୌଣସି ପାରିତୋଷିକତାକୁ ଅନୁମୋଦନ ଦିଆଯାଇନାହିଁ। ଅତଏବ, ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ବର୍ଷ-ଶେଷ ଦେୟ-ଦରର ଅନୁମୋଦିତ ପରିମାଣ ୨୫.୯୮ କୋଟି ଟଙ୍କା ହେଉଛି। ୟୁଆଇ ଓଭରଡ୍ରୟାଲର ଦାବୀକୁ ତାରିଫରେ ଅନୁମତି ଦିଆଯାଇନାହିଁ। ଯେଣୁ ଓଭରଡ୍ରୟାଲ କିମ୍ବା ଅଣ୍ଡର ଡ୍ରୟାଲର ସମ୍ଭାବନାକୁ ଏବେଠାରୁ କଳନା କରିବା କଷ୍ଟକର ଅଟେ।

ସାରଣୀ-୩୫

ଟିଟିପିଏସର ବର୍ଷ ଶେଷ ଚାର୍ଜ

(କୋଟି ଟଙ୍କାରେ)

| ଆଇଟମ | ୨୦୦୯-୧୦ ପାଇଁ ଓଇଆରସିଙ୍କ ଅନୁମୋଦନ | ୨୦୧୦-୧୧ ପାଇଁ ଗ୍ରୀଡ଼କୋର ପ୍ରସ୍ତାବ | ୨୦୧୦-୧୧ ପାଇଁ ଓଇଆରସିଙ୍କ ଅନୁମୋଦିତ |
|---|---|---|---|
| ଆୟକର | ୧୮.୯୨ | ୧୮.୯୨ | ୧୮.୯୨ |
| ବିଦ୍ୟୁତ ଡ୍ୟୁଟି ଅ୨୦ ୟୁନିଟ୍ ପ୍ରତି ପଇସା | ୭.୨୪ | ୭.୨୪ | ୬.୯୪ |
| ପାଣି ସେସ୍ / ଚାର୍ଜ | ୦.୧୨ | ୦.୧୨ | ୦.୧୨ |
| ପ୍ରୋତ୍ସାହନ | ୩.୧୯ | ୩.୧୯ | ୦.୦୦ |
| ଆର୍ଥିକ ବର୍ଷ ୨୦୦୪-୦୫ ରୁ ୨୦୦୮-୦୯ସ୍ଥିର ମୂଲ୍ୟର ବାକେୟା (ସିଇଆରସି ଦାଖଲନାମା ଅନୁଯାୟୀ) FC arrears from FY 2004-05 to 2008-09 (CERC filing) | | ୩୩.୭୮ | ୦.୦୦ |
| ୟୁ.ଆଇ. ଅତିରିକ୍ତ ଉଠାଣ | ୦.୦୦ | ୬.୦୦ | ୦.୦୦ |
| ସମୁଦାୟ | ୨୯.୪୭ | ୬୯.୨୫ | ୨୫.୯୮ |

**<u>ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ (ଓପିଜିସି)</u>**

୩୭୧. ପୂର୍ବ ବର୍ଷ, ଅର୍ଥାତ୍ ୨୦୦୯-୧୦ ଆର୍ଥିକ ବର୍ଷରେ ଯେଉଁ ଆଳ ଦେଖାଇ ଓପିଜିସି ତା'ର ଏଆରଆର ଦାଖଲ କରି ନଥିଲା, ସେହି ଆଳରେ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ମଧ୍ୟ ଓଇଆରସିଙ୍କ ସମକ୍ଷରେ ଏଆର୍ଆର୍ ଦାଖଲ କଲା ନାହିଁ। ଓଜେସି ନଂ - ୧୩୩୩୮/୨୦୦୧ ରେ ଓଡ଼ିଶାର ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କର ଆଦେଶନାମା ବିରୁଦ୍ଧରେ ଓପିଜିସି ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟରେ ଅପିଲ କରିଥିବାରୁ ମାମଲାଟି ସ୍ଥଗିତା ବସ୍ଥାରେ ଅଛି। ତେବେ ମାମଲାଟିର ନିଷ୍ପତ୍ତି ହେବା ପର୍ଯ୍ୟନ୍ତ, ଗ୍ରୀଡକୋ ଓ ଓପିଜିସି ମଧ୍ୟରେ ପ୍ରଚଳିତ ଶକ୍ତି କ୍ରୟ ଚୁକ୍ତିନାମାର ନିୟମ-ସୂଚୀକୁ ଭିତ୍ତି କରି ତଥା ୨୧.୬.୨୦୦୮ର 'ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଦତ୍ତ ବିଜ୍ଞପ୍ତି' (ନ୍ୟାୟାଳୟର ଆଦେଶନାମା ଅନୁଯାୟୀ ଯାହା ପରିବର୍ତ୍ତନ-ସାପେକ୍ଷ)କୁ ଭିତ୍ତିକରି ଓପିଜିସିରୁ ୟୁନିଟ ପିଛା ଉଠାଣର ଦର ହାରକୁ ସାମୟିକ ଭାବେ ଅଟକଳନ କରାଯାଇଛି।

୩୭୨. **<u>ସ୍ଥିର ଦର :</u>** ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଇବ୍ ତାପଜ ଶକ୍ତି ଷ୍ଟେସନରୁ ଉତ୍ପାଦିତ ଶକ୍ତି କ୍ଷେତ୍ରରେ (ଗ୍ରୀଡକୋ ଦ୍ୱାରା ପ୍ରସ୍ତାବମତେ) ହେଉଛି ୧୫୮.୭୯ କୋଟି ଟଙ୍କା । ଯାଞ୍ଚ ପରେ ଆୟୋଗ ଏହି ଦରକୁ ଅନୁମୋଦନ ଦେଇଛନ୍ତି।

୩୭୩. **<u>ପରିବର୍ତ୍ତନୀୟ ଦେୟ-ଦର :</u>** ଇବ୍ ତାପଜ ଶକ୍ତି ଷ୍ଟେସନରୁ ଉତ୍ପାଦିତ ଶକ୍ତି କ୍ଷେତ୍ରରେ ଗ୍ରୀଡକୋ ଦ୍ୱାରା ପ୍ରସ୍ତାବିତ ୟୁନିଟ ପିଛା ୭୯.୨୫ ପଇସାର ପରିବର୍ତ୍ତନୀୟ ଦେୟ-ଦରକୁ ଆୟୋଗ ଅନୁମୋଦନ କରିଛନ୍ତି।

୩୭୪. **<u>ବର୍ଷ-ଶେଷ ଦେୟ-ଦର:</u>** ଭୂମି ଶୁଳ୍କ , ପାଣି ସେସ୍, ବିଦ୍ୟୁତ୍ ଡ୍ୟୁଟି, ଆୟକର ଏବଂ ଓପିଜିସିକୁ ଦିଆଯିବାକୁ ଥିବା ପାରିତୋଷିକତା ଆଦି ଯୋଗୁ ବର୍ଷ-ଶେଷ ଦେୟ-ଦର ବାବଦକୁ ଗ୍ରୀଡକୋ ୫୦.୫୫ କୋଟି ଟଙ୍କାର ପ୍ରସ୍ତାବ ଦେଇଛି।

୩୭୫. **<u>ଆୟ କର:</u>** ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଆୟକର ପେମେଣ୍ଟ ବାବଦକୁ ଗ୍ରୀଡକୋ ୩୭.୦୭ କୋଟି ଟଙ୍କା ଦାବି କରିଛି। ପୂର୍ବ ବର୍ଷ , ଅର୍ଥାତ୍ ୨୦୦୯-୧୦ ଆର୍ଥିକ ବର୍ଷରେ ଏ ବାବଦକୁ ଗ୍ରୀଡକୋ ୯.୭୬ କୋଟି ଟଙ୍କାର ପ୍ରସ୍ତାବ ଦେଇଥିଲା। ୨୦୧୦-୧୧ ଆ.ବ ପାଇଁ ଏତେ ଅଧିକ ପରିମାଣର ଆୟକର ବାବାଦୀୟ ପ୍ରସ୍ତାବ ଗ୍ରୀଡକୋ କାହିଁକି ଦେଇଛି, ସେ ନେଇ ଗ୍ରୀଡକୋ ତା'ର ଦରଖାସ୍ତରେ କୌଣସି ସ୍ୱଷ୍ଟିକରଣ ଦେଇନାହିଁ। ଦାବୀ ଉପରେ ପରୀକ୍ଷଣ କରି ଆୟୋଗ ଜାଣିବାକୁ ପାଇଛନ୍ତି ଯେ, ଆୟକର ବାବଦକୁ ମାସିକିଆ ବିଲର ପ୍ରକୃତ ପେମେଣ୍ଟ ପାଖାପାଖି ୯୦.୯୯ ଲକ୍ଷ ଟଙ୍କା ହେଉଛି। ତେଣୁ, ୨୦୦୮-୦୯ ଆର୍ଥିକ ବର୍ଷ ପାଇଁ ଏ ବାବଦରେ ସମୁଦାୟ ବାର୍ଷିକ ପେମେଣ୍ଟକୁ ୧୨ କୋଟି ଟଙ୍କାରେ ଅଟକଳନ କରାଯାଇଛି। ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ୨୦୦୮-୦୯ର ଅଟକଳନକୁ ଭିତ୍ତି କରି ଆୟୋଗ ଗ୍ରୀଡକୋର ଆୟକର ପେମେଣ୍ଟ ବାବଦକୁ ସେହି ୧୨ କୋଟି ଟଙ୍କାର ପରିମାଣକୁ ଅନୁମୋଦନ କରିଛନ୍ତି, କିନ୍ତୁ ପେମେଣ୍ଟ ଯେତେବେଳେ କରାଯିବ, ସେତେବେଳର ସ୍ଥିତିକୁ ନେଇ ଉପରୋକ୍ତ ଅନୁମୋଦିତ ପରିମାଣ ପରିବର୍ତ୍ତନ ସାପେକ୍ଷ ଅଟେ।

୩୭୬. **<u>ବିଦ୍ୟୁତ୍ ଡ୍ୟୁଟି:</u>** ୮୫.୭୦%ର ପିଏଲଏଫରେ ଉତ୍ପାଦନର ଗୌଣ-ଉପଭୋଗ ଉପରେ ୟୁନିଟ ପିଛା ୨୦ ପଇସାର ଦର-ହାରରେ ୫.୯୯ କୋଟି ଟଙ୍କାର ବିଦ୍ୟୁତ୍ ଡ୍ୟୁଟିକୁ ଆୟୋଗ ଅନୁମୋଦନ କରିଛନ୍ତି।

୩୭୭. **<u>ପାରିତୋଷିକତା:</u>** ଓପିଜିସିର ବିବାଦ ଚୂଡାନ୍ତକରଣ ସଂପର୍କିତ ଓଡ଼ିଶା ସରକାରଙ୍କ ୨୧.୬.୨୦୦୮ର ବିଜ୍ଞପ୍ତି ସହ ସମତାଳରେ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ୮୦% ପିଏଲଏଫର ମାପଦଣ୍ଡ ଭିତ୍ତିକ ଉତ୍ପାଦନର ଉର୍ଦ୍ଧ୍ୱରେ ଉତ୍ପାଦିତ ଶକ୍ତି ପାଇଁ ୬.୩୪ କୋଟି ଟଙ୍କାର ପାରିତୋଷିକତାକୁ ଆୟୋଗ ଅନୁମୋଦନ ଦେଇଛନ୍ତି।

୩୭୮. ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଅଟକଳିତ ସମୁଦାୟ ବର୍ଷ -ଶେଷ ଦେୟ-ଦର ହେଉଛି ୨୫.୩୯ କୋଟି ଟଙ୍କା ଯାହାର ସବିଶେଷତା ନିମ୍ନ ସାରଣୀରେ ପ୍ରଦର୍ଶନ କରାଗଲା।

ସାରଣୀ-୩୬

ଓପିଜିସିର ବର୍ଷ-ଶେଷ ଚାର୍ଜ ସମୂହ

(କୋଟି ଟଙ୍କାରେ)

| ଆଇଟମ | ୨୦୦୯-୧୦ ପାଇଁ ଓଇଆରସିଙ୍କ ଅନୁମୋଦନ | ୨୦୧୦-୧୧ ବର୍ଷ-ଶେଷ ଚାର୍ଜ | ୨୦୧୦-୧୧ ପାଇଁ ଓଇଆରସିଙ୍କ ଅନୁମୋଦିତ |
|---|---|---|---|
| ଆୟକର | ୯.୨୦ | ୩୭.୦୭ | ୧୨.୦୦ |
| ପାଣି ସେସ୍ / ଚାର୍ଜ | ୦.୦୦ | ୦.୭୬ | ୦.୭୬ |
| ଜମି କର ଓ ସେସ୍ | - | ୦.୧୩ | ୦.୧୩ |
| ବିଦ୍ୟୁତ ଡ୍ୟୁଟି ଅ ୨୦ ୟୁନିଟ୍ ପ୍ରତି ପଇସା | ୬.୨୧ | ୫.୬୮ | ୫.୯୯ |
| ପ୍ରୋତ୍ସାହନ | ୯.୭୬ | ୬.୩୪ | ୬.୩୪ |
| ବିଦ୍ୟୁତ ନିରୀକ୍ଷଣ ଫିସ୍ | - | ୦.୧୭ | ୦.୧୭ |
| ସମୁଦାୟ | **୨୫.୧୭** | **୫୦.୧୫** | **୨୫.୩୯** |

**କ୍ୟାପଟିଭ୍ ଜେନେରେଟିଂ ପ୍ଲାଣ୍ଟସମୂହ ଏବଂ କୋ-ଜେନେରେଟିଂ ପ୍ଲାଣ୍ଟ ସମୂହ**

୩୭୯. ବିଦ୍ୟୁତ୍ ଆଇନ, ୨୦୦୩ ରେ ଉଲ୍ଲେଖିତ , କୋ-ଜେନେରେଟିଂ ପ୍ଲାଣ୍ଟଗୁଡିକୁ ପ୍ରୋତ୍ସାହନ ଦେବା ନିମନ୍ତେ, କୋ-ଜେନେରେସନର ସୁବିଧା ସୁଯୋଗ ନଥିବା ସିଜିପିମାନଙ୍କ ତୁଳନାରେ କୋ-ଜେନେରେସନର୍ ସ୍ଥିତି ଓ ଭିତ୍ତି ଥିବା ସିଜିପିମାନଙ୍କ ପାଇଁ ଏକ ଚଳନୀୟ ସ୍ତରର ଦରବୃଦ୍ଧିକୁ ଅନୁମତି ଦିଆଯାଇପାରେ ବୋଲି କେଶ୍ ନଂ-୬/୦୯ ରୁ ୨୦/୦୯ରେ ୨୮.୨.୨୦୦୯ ର ମଧ୍ୟବର୍ତ୍ତୀ ଆଦେଶନାମାରେ ଆୟୋଗ ନିର୍ଦ୍ଧାରଣ କରିଥିବା ପ୍ରସଂଗ ଗ୍ରୀଡକୋ ଦର୍ଶାଇଛି । ସେହି ଅନୁସାରେ, କୋ-ଜେନେରେଟିଂ ପ୍ଲାଣ୍ଟ ଓ ସିଜିପିମାନଙ୍କ ଠାରୁ ବଳକା ଶକ୍ତିର କ୍ରୟ ଦରକୁ ଆୟୋଗ ଯଥାକ୍ରମେ କିଲୋହ୍ୱାଟ ପିଛା ଟ ୩.୧୦ ପଇସା ଓ ଟ ୩.୦୦ ରେ ସ୍ଥିର କରିଛନ୍ତି । କେଶ ନଂ -୫୯/୨୦୦୯ରେ ୨୭.୬.୨୦୦୯ ର ଆଦେଶନାମାରେ ଆୟୋଗଙ୍କର ନିର୍ଦ୍ଦେଶ ଅନୁଯାୟୀ, ୬.୧୧.୧୯୯୬ ର ଭାରତ ସରକାରଙ୍କ ବିଜ୍ଞପ୍ତି ଭିତ୍ତିରେ ୨୩.୯.୦୯ ର ମୁଖ୍ୟ ବିଦ୍ୟୁତ୍ ପରିଦର୍ଶକଙ୍କ ରିପୋର୍ଟ ଅନୁସାରେ ଗ୍ରୀଡକୋ କୋ-ଜେନେରେଟିଂ ପ୍ଲାଣ୍ଟ ଭାବରେ ୧୫ ଟି ସିଜିପିକୁ ଚିହ୍ନଟ କରିଛି ।

୩୮୦. ପୁନଶ୍ଚ, କେଶ୍ ନଂ -୬/୦୯ରୁ ୨୦/୦୯ରେ ଆୟୋଗ ତାଙ୍କର ମଧ୍ୟବର୍ତ୍ତୀ ଆଦେଶନାମାରେ ୧, ନଭେମ୍ବର ୨୦୦୯ଠାରୁ ୩୧,ମାର୍ଚ୍ଚ ୨୦୧୦ ମଧ୍ୟରେ ଭିନ୍ନ ଭିନ୍ନ ସ୍ଲାବର ଶକ୍ତି ଯୋଗାଣ ପାଇଁ ସିଜିପି ଶକ୍ତିର ଦରକୁ ୟୁନିଟ ପିଛା ଟ୩.୧୦/ଟ୩.୭୦/ଟ୪.୦୫ ପଇସାକୁ ସଂଶୋଧନ କରିଛନ୍ତି ଏବଂ ସେହି ଆଦେଶନାମାରେ ୧ , ନଭେମ୍ବର ୨୦୦୯ ଠାରୁ ୩୧, ମାର୍ଚ୍ଚ ୨୦୧୦ ମଧ୍ୟରେ ଭିନ୍ନ ଭିନ୍ନ ସ୍ଲାବର ଶକ୍ତି ଯୋଗାଣ ପାଇଁ କୋ-ଜେନେରେସନ ପ୍ଲାଣ୍ଟ ପାଇଁ ଶକ୍ତିର ଦରକୁ ୟୁନିଟ ପିଛା ଟ ୩.୨୦/ଟ ୩.୪୦/ ଟ ୩.୭୦ /ଟ ୪.୦୫ ପଇସାକୁ ସଂଶୋଧନ କରିଛନ୍ତି । ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ କୋ-ଜେନେରେଟିଂ ପ୍ଲାଣ୍ଟ ଓ ସିଜିପିମାନଙ୍କ ଉଦ୍ଦେଶ୍ୟରେ ଏକ ଅନୁମୋଦିତ ଟାରିଫ ଅଭାବରେ ପ୍ରଚଳିତ ଅନୁମୋଦିତ ଦର-ହାର ଭିତ୍ତିରେ ଏକ ହାରାହାରି ଦରକୁ ଗ୍ରୀଡକୋ ବିବେଚନା କରିଛି, ଯାହା ଆୟୋଗଙ୍କର ଅନୁମୋଦନ-ସାପେକ୍ଷ ଅଟେ ।

୩୮୧. ଗ୍ରୀଡକୋ ଦର୍ଶାଇଥିଲା ଯେ, ୨୦୦୯-୧୦ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ବିଭିନ୍ନ ସିଜିପି ଓ କୋ-ଜେନେରେଟିଂ ପ୍ଲାଣ୍ଟରୁ ଆହରିତ ଶକ୍ତିର ପରିମାଣକୁ ବିବେଚନା କରି ଅନୁଧାନ କରାଯାଇଥିଲା ଓ ଜଣାପଡିଥିଲା ଯେ ଅଧିକ ସଂଖ୍ୟକ ସିଜିପି ଓ କୋ-ଜେନେରେଟିଂ ପ୍ଲାଣ୍ଟ ୫ ମେଗାୱାଟ ରୁ କମ କିମ୍ବା ଅତିବେଶୀରେ ୫୦ ମେଗାୱାଟ ମଧ୍ୟରେ ଶକ୍ତି ଯୋଗାଣ କରୁଛନ୍ତି । ତେଣୁ, ୟୁନିଟ ପିଛା ଟ ୩.୨୫ ପଇସାର ଏକ ହାରାହାରି ଦର (ୟୁନିଟ ପିଛା ଟ ୩.୧୦ ପଇସା ଓ ଟ ୩.୪୦ ର ହାରହାରି) କୁ ସିଜିପି ମାନଙ୍କ ପାଇଁ ଏବଂ ୟୁନିଟ ପିଛା ଟ୩.୩୦ର ଏକ ହାରହାରି ଦର ୟୁନିଟ ପିଛା ଟ ୩.୨୦ ଓ ଟ ୩.୪୦ ର ହାରାହାରି କୁ ହିସାବ କରାଯାଇଛି ଏବଂ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଯଥାକ୍ରମେ ସିଜିପି ଓ କୋ-ଜେନେରେଟିଂ ପ୍ଲାଣ୍ଟ ପାଇଁ ବିବେଚନା କରାଯିବାକୁ ପ୍ରସ୍ତାବ କରାଯାଇଛି । ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଗ୍ରୀଡକୋ ସିଜିପିମାନଙ୍କ ଠାରୁ ୩୩୬.୩୮ କୋଟି ଟଙ୍କାର ୧୦୩୫ ଲକ୍ଷ ୟୁନିଟ ଏବଂ କୋ-ଜେନେରେଟିଂ ପ୍ଲାଣ୍ଟମାନଙ୍କଠାରୁ ୧୭୯.୮୪ କୋଟି ଟଙ୍କାର ୫୪୫ ଲକ୍ଷ ୟୁନିଟର ଶକ୍ତି କିଣିବାକୁ ପ୍ରସ୍ତାବ ରଖିଛି ।

୩୮୨. ପୁନଶ୍ଚ, ୨୫.୧.୨୦୧୦ର ଏହାର ଅତିରିକ୍ତ ଆବେଦନ ପତ୍ରରେ ଗ୍ରୀଡକୋ ଉପସ୍ଥାପନ କରିଥିଲା ଯେ, ଭୂଷଣ ପାୱାର ଆଣ୍ଡ ଷ୍ଟିଲ ଲିମିଟେଡରୁ ଉଠାଣ କରାଯାଇଥିବା ୧୬ ଲକ୍ଷ ୟୁନିଟର ଶକ୍ତିକୁ ତା'ର ମୂଳ ଦରଖାସ୍ତରେ କୋ-ଜେନେରେସନ ପ୍ଲାଣ୍ଟରୁ ଉଠାଣ ବୋଲି ଦର୍ଶାଯାଇଥିଲା । କିନ୍ତୁ ଏହି ଉଠାଣକୁ ସିଜିପିରୁ ଉଠାଣ ବୋଲି ବିବେଚନା କରିବାକୁ ହେବ, କାରଣ ଭୂଷଣ ପାୱାର ଆଣ୍ଡ ଷ୍ଟିଲ ଲିମିଟେଡ ପ୍ରକୃତରେ ଏକ ସିଜିପି ୟୁନିଟ । ଅତଏବ, ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଗ୍ରୀଡକୋର ସିଜିପି ଓ କୋ-ଜେନେରେଟିଂ ପ୍ଲାଣ୍ଟରୁ ଉଠାଣ ପରିମାଣ ଯଥାକ୍ରମେ ୧୦୫୧ ଲକ୍ଷ ୟୁନିଟ ଓ ୫୨୯ ଲକ୍ଷ ୟୁନିଟ ବୋଲି ହିସାବକୁ ଆସୁଛି ।

୩୮୩. ସିଜିପି ଓ କୋ-ଜେନେରେଟିଂ ପ୍ଲାଣ୍ଟରୁ ଉପରୋକ୍ତ ବଳକା ଶକ୍ତିର ଉଠାଣର ପ୍ରସ୍ତାବକୁ ଆୟୋଗ ଯାଞ୍ଚ କରିଥିଲେ । ସିଜିପିସମୂହଠାରୁ ଉଠାଣ ବା କ୍ରୟ କରାଯାଇଥିବା ଏହି ବଳକା ଶକ୍ତିର ବିକ୍ରୀ ସଂପର୍କରେ କେଶ୍ ନଂ -୬/୨୦୦୯ ରୁ ୨୦/୨୦୦୯ ରେ ଆୟୋଗ ୨୮.୧୦.୨୦୦୯ର ପରବର୍ତ୍ତୀ ଆଦେଶନାମାରେ ଯାହା ନିର୍ଦ୍ଦେଶ ଦେଇଥିଲେ , ତା'ର ଉଦ୍ଧୃତାଂଶ ନିମ୍ନରେ ପ୍ରଦାନ କରାଗଲା ।

"୧୮. ଜଳ ବିଦ୍ୟୁତ୍ ଉତ୍ପାଦନ ଉତ୍ସରୁ ଶକ୍ତି ଉପଲବଧତା ଜନିତ ନିଅଣ୍ଟିଆ ଅବସ୍ଥା ଯୋଗୁ ରାଜ୍ୟ ଏବେ ସାଂଘାତିକ ଭାବେ ଶକ୍ତି ସଂକଟର ସମ୍ମୁଖୀନ ହୋଇଛି । ତା'ଛଡା ଆସନ୍ତା ରବି ଋତୁରେ କୃଷି ପାଇଁ ଜଳସେଚନର ଆବଶ୍ୟକତା ଦୃଷ୍ଟିରୁ ସେହି ଉଦ୍ଦେଶ୍ୟରେ ଉପଯୁକ୍ତ ପରିମାଣର ଜଳ ଜଳଭଣ୍ଡାରରେ ଗଚ୍ଛିତ ରଖିବାକୁ ପଡିବ । ତେଣୁ, ଜଳ ବିଦ୍ୟୁତ୍ ଉତ୍ସରୁ ଉତ୍ପାଦନ ପୁନର୍ବାର ମଧ୍ୟ କମିବାର ଆଶଂକା ଅଛି । ୟୁଆଇ ଜରିଆରେ କିମ୍ବା 'ଶକ୍ତି ବିନିମୟ' ଜରିଆରେ କ୍ରୟ କରାଯାଉଥିବା ଶକ୍ତିର ଦାମ ହାରାହାରି ଉପରେ କିଲୋହ୍ୱାଟ ପିଛା ଟ ୪.୦୦/-ରୁ ଅଧିକ ହେବ । ଏହା ଏକ ସ୍ୱୀକୃତ ସତ୍ୟ ଯେ, କୋଇଲା ଦର ସମୟକୁ ସମୟ ବଢୁଛି ଏବଂ କୋଇଲା କିଣାରେ ସିଜିପିମାନେ ଯେଉଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ତାହା ଅବଶ୍ୟ ଉଲ୍ଲେଖଯୋଗ୍ୟ । ରାଜ୍ୟ ଘୋର ଶକ୍ତି ସଂକଟର ସମ୍ମୁଖୀନ ହୋଇଥିଲା ବେଳେ କ୍ୟାପଟିଭ୍ ଜେନେରେଟିଂ ପ୍ଲାଣ୍ଟରୁ ଗ୍ରୀଡକୋ ବଳକା ଶକ୍ତିର ଯୋଗାଣକୁ ନିଶ୍ଚିତ କରିବା ନିମନ୍ତେ କ୍ୟାପଟିଭ୍ ଜେନେରେଟିଂ ପ୍ଲାଣ୍ଟରୁ ଉତ୍ପାଦିତ ପୂରା ପରିମାଣର ଶକ୍ତିର ଉପଯୁକ୍ତ ବିନିଯୋଗ ଜରିଆରେ ସେଗୁଡିକର ଉତ୍ପାଦନକୁ ପାରିତୋଷିକ ପ୍ରଦାନ କରାଯିବା ଆବଶ୍ୟକ ଅଟେ ।

୧୯. ସେହି ଅନୁସାରେ , ୩୦.୬.୨୦୦୯ର ପୁନଃ ମତାୟନ ଆଦେଶନାମା ସହ ସଂପର୍କିତ ଭାବେ ଆୟୋଗ ନିମ୍ନମତେ ନିର୍ଦ୍ଦେଶ ଦେଇଛନ୍ତି ଓ ନିର୍ଦ୍ଧାରଣ କରିଛନ୍ତି ।

(କ) ମାସିକ ୩.୬ ଲକ୍ଷ ୟୁନିଟ( ~ ୫୦ ମେଗାୱାଟ ହାରାହାରି) ପର୍ଯ୍ୟନ୍ତ ଶକ୍ତି ଯୋଗାଣର ଦର କିଲୋହ୍ୱାଟ ପିଛା ଟ ୩.୧୦ ପଇସା ହେବ ।

(ଖ) ମାସିକ ୩.୬ ଲକ୍ଷ ୟୁନିଟର ଉର୍ଦ୍ଧ୍ୱରେ ମାସିକ ୩୬ ଲକ୍ଷ ୟୁନିଟ( ~ ୫୦ ମେଗାୱାଟ ହାରାହାରି)ର ବର୍ଦ୍ଧିତ ଦର-ଯୁକ୍ତ ଶକ୍ତିର ଯୋଗାଣ ଦର କିଲୋହ୍ୱାଟ ପିଛା ଟ ୩.୪୦ ପଇସା ହେବ ।

(ଗ) ମାସିକ ୩୬ ଲକ୍ଷ ୟୁନିଟରୁ ଉର୍ଦ୍ଧ୍ୱରେ ମାସିକ ୭୨ ଲକ୍ଷ ୟୁନିଟ ପର୍ଯ୍ୟନ୍ତ ( ~ ୧୦୦ ମେଗାୱାଟ ହାରାହାରି) ବର୍ଦ୍ଧିତ ଦର-ଯୁକ୍ତ ଶକ୍ତିର ଯୋଗାଣ ଦର କିଲୋହ୍ୱାର୍ଟ ପିଛା ଟ ୩.୭୦ ପଇସା ହେବ ।

(ଘ) ମାସିକ ୭୨ ଲକ୍ଷ ୟୁନିଟରୁ ଉର୍ଦ୍ଧ୍ୱ ପରିମାଣର ବର୍ଦ୍ଧିତ ଦର-ଯୁକ୍ତ ଶକ୍ତିର ଯୋଗାଣ ଦର କିଲୋହ୍ୱାଟ ପିଛା ଟ୪.୦୫ ପଇସା ହେବ ।

(ଙ) ସେହିଭଳି, କୋ-ଜେନେରେଟିଂ ପ୍ଲାଣ୍ଟଗୁଡିକ ଦ୍ୱାରା ଶକ୍ତି ଯୋଗାଣ ଦର ସଂପର୍କରେ କୁହାଯାଇପାରେ ଯେ, ମାସିକ ୩.୬ ଲକ୍ଷ ୟୁନିଟର ଶକ୍ତି ଯୋଗାଣ ପାଇଁ ୟୁନିଟ ପିଛା ଦର ହେବ ଟ ୩.୨୦ ପଇସା ଏବଂ ୩.୬ ଲକ୍ଷ ୟୁନିଟର ଉର୍ଦ୍ଧ୍ୱରେ ଅତିରିକ୍ତ ପରିମାଣର ଶକ୍ତି ଯୋଗାଣ ପାଇଁ ଯୋଗାଣ ଦର ଉପରୋକ୍ତ (ଖ) , (ଗ) ଏବଂ (ଘ) ସହ ଏକା ଭାବେ ସାବ୍ୟସ୍ତ ହେବ ।

୨୦. ଉପରୋକ୍ତ ପରିଚ୍ଛେଦ -୧୯ରେ ବର୍ଣ୍ଣିତ ସଂଶୋଧିତ ସିଜିପି ଦର ୧.୧୧.୨୦୦୯ ଠାରୁ ପ୍ରଯୋଜ୍ୟ ହେବ ଏବଂ ପରବର୍ତ୍ତୀ ଆଦେଶନାମା ପର୍ଯ୍ୟନ୍ତ ବଳବତ୍ତର ରହିବ ।

୩୮୪. ଆୟୋଗ ନିରୀକ୍ଷଣ ଜନିତ ଅନୁଧ୍ୟାନରୁ ଜାଣିପାରିଥିଲେ ଯେ, ୨୮.୧୦.୨୦୦୯ ତାରିଖର ଉପର ଉଲ୍ଲେଖିତ ଆଦେଶନାମାରେ ସିଜିପି ଓ କୋ-ଜେନେରେଟିଂ ପ୍ଲାଣ୍ଟମାନଙ୍କରୁ ବଳକା ଶକ୍ତିର କ୍ରୟ ପାଇଁ ସ୍ଥିରୀକୃତ ଦର ଅଦ୍ୟାବଧି ବଳବତ୍ତର ଅଛି, ଯେଣୁ ଏ ସଂପର୍କରେ ଆୟୋଗ କୌଣସି ପରବର୍ତ୍ତୀ ଆଦେଶନାମା ଜାରି କରିନାହାନ୍ତି । ଅତଏବ, ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଗ୍ରୀଡକୋର ଏଆର୍ଆର୍ ହିସାବରେ ଆୟୋଗ ସାମୟିକ ଭାବେ ସେହି କ୍ରୟ ଦରକୁ ଗ୍ରହଣ କରିଛନ୍ତି । ତେବ, ସିଜିପି ଓ କୋ-ଜେନେରେସନ ପ୍ଲାଣ୍ଟରୁ କ୍ରୟିତ ବଳକା ଶକ୍ତିକୁ ବିକ୍ରୀ କଲାବେଳେ ବିକ୍ରୀ ଦରରେ ଯଦି କିଛି ସଂଶୋଧନ କରାଯାଇଥାଏ, ସେହି ସଂଶୋଧିତ ଦର ଗ୍ରୀଡକୋର କ୍ରୟ ଦର ପାଇଁ ମଧ୍ୟ ପ୍ରଯୋଜ୍ୟ ହେବ ଏବଂ ଏହା ଦ୍ୱାରା କ୍ରୟ ଦରରେ ଯେଉଁ ପାର୍ଥକ୍ୟ ସୃଷ୍ଟି ହେଲା ଓ ସହ-ସାମିଲକରଣର ଆବଶ୍ୟକତା ସୃଷ୍ଟି ହେଲା, ତାହାକୁ ୨୦୧୦-୧୨ ଆର୍ଥିକ ବର୍ଷ ପାଇଁ ଟାରିଫ ସ୍ଥିରୀକରଣ ବେଳେ ବିଚାରକୁ ନିଆଯିବ ।

୩୮୫. ସେହି ଅନୁସାରେ,୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ୟୁନିଟ ପିଛା ଟ ୩.୨୫ ର ହାରାହାରି ଦରରେ ୧୦୫୧ ଲକ୍ଷ ୟୁନିଟ୍ର ଅନୁମୋଦିତ ପରିମାଣର ଶକ୍ତିର ଉଠାଣ ପାଇଁ ସିଜିପିମାନଙ୍କଠାରୁ ଶକ୍ତି କ୍ରୟର ମୋଟ ଦାମ୍ ୩୪୧.୫୮ କୋଟି ଟଙ୍କା

ହେଉଛି। ସେହିଭଳି, ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ୟୁନିଟ ପିଛା ଟ ୩.୩୦ ପଇସାର ହାରାହାରି ଦରରେ କୋ-ଜେନେରେଟିଂ ପ୍ଲାଣ୍ଟମାନଙ୍କଠାରୁ ୫୨୯ ଲକ୍ଷ ୟୁନିଟର ଅନୁମୋଦିତ ପରିମାଣର ଶକ୍ତିର ଉଠାଣ ପାଇଁ ଶକ୍ତି କ୍ରୟର ମୋଟ ଦାମ ୧୭୪.୫୭ କୋଟି ଟଙ୍କା ହେଉଛି। ପୁନଶ୍ଚ, ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି ଯେ, ୧୪.୩.୨୦୦୮ରେ ବିଜ୍ଞପିତ ମତେ ଏବଂ ୨୮.୧୦.୨୦୦୯ର ମଧ୍ୟବର୍ତ୍ତୀ ଆଦେଶନାମା ଅନୁଯାୟୀ ସିଜିପି ଦର-ଦିର୍ଦ୍ଧାରଣ ନୀତି ଯୋଗୁ ଯଦି ଦର ନିର୍ଦ୍ଧାରଣରେ କୌଣସି ପରିବର୍ତ୍ତନ ଘଟେ, ତେବେ, ବାସ୍ତବାୟନ ଶୃଙ୍ଖଳାରେ ନିର୍ଦ୍ଧାରିତ ଦରର ସମତୁଲକରଣ କରାଯିବ (ଯଦି ଆବଶ୍ୟକତା ଉପୁଜେ); କିନ୍ତୁ ବାସ୍ତବାୟନ କରାଯାଇସାରି ନାହିଁ ଆଳରେ ସିଜିପି ଓ କୋ-ଜେନେରେଟିଂ ପ୍ଲାଣ୍ଟମାନଙ୍କୁ ଦେୟ ପ୍ରଦାନ ସ୍ଥଗିତ ରଖାଯିବ ନାହିଁ।

**<u>ଉଦ୍ଧାରିତ ଉତ୍ସସମୂହରୁ ଶକ୍ତି କ୍ରୟ</u>**

୩୮୬. ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ୟୁନିଟ ପିଛା ଟ ୩.୧୦ ପଇସା ଦର-ହାରରେ ମୀନାକ୍ଷୀ କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରୋଜେକ୍ଟରୁ ୧୫୦ ଲକ୍ଷ ୟୁନିଟ୍ ଏବଂ ୟୁନିଟ୍ ପିଛା ଟ ୩.୧୦ ପଇସା ଦର-ହାରରେ ସାମଲ କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରୋଜେକ୍ଟରୁ ୧୫୦ ଲକ୍ଷ ୟୁନିଟର ଶକ୍ତି କ୍ରୟ ପାଇଁ ଗ୍ରୀଡକୋ ତା'ର ଏଆରଆର୍‌ରେ ପ୍ରଦର୍ଶନ କରିଛି। ୟୁନିଟ୍ ପିଛା ଟ ୩.୦୫ ପଇସାର ଏକ ହାରାହାରି ଟାରିଫରେ ଏହି ୩୦୦ ଲକ୍ଷ ୟୁନିଟର ଶକ୍ତିର କ୍ରୟ ଦର ହେଉଛି ୯୧.୫୦ କୋଟି ଟଙ୍କା।

୩୮୭. କେଶ୍ ନଂ -୩୪/୨୦୦୯ରେ ଆୟୋଗ ତାଙ୍କର ୯.୬.୨୦୦୯ର ଅଦେଶନାମାରେ , ୟୁନିଟ ପିଛା ଟ ୩.୦୦ ର ଏକ ସାମଗ୍ରିକ ବା ପ୍ରୋଭିଜିନାଲ ଦର-ହାରରେ ମୀନାକ୍ଷୀ କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରୋଜେକ୍ଟରୁ ଗ୍ରୀଡକୋ କିଣିବାକୁ ଥିବା ଶକ୍ତିକୁ ଅନୁମୋଦନ କରିଥିଲେ ଏବଂ କେଶ୍ ନଂ-୧୦୧/୨୦୦୯ରେ ୧.୧୦.୨୦୦୯ର ଆଦେଶନାମାରେ ସାମଲ କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରୋଜେକ୍ଟରୁ ଗ୍ରୀଡକୋ କିଣିବାକୁ ଥିବା ଶକ୍ତିକୁ ୟୁନିଟ ପିଛା ଟ ୩.୧୦ ପଇସାର ଦର-ହାରରେ ସାମୟିକ ଭାବେ ଅନୁମୋଦନ କରିଥିଲେ। ପିଟିସିର ଟ୍ରେଡିଂ ମାର୍ଜିନ ୟୁନିଟ୍ ପିଛା ୪ ପଇସା ହିସାବରେ ଉଭୟ ଦର-ହାର ମଧ୍ୟରେ ଅନ୍ତର୍ଭୁକ୍ତ ଅଟେ। ଅତଏବ, ଏହି ଉଭୟ କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରୋଜେକ୍ଟରୁ ଗ୍ରୀଡକୋରୁ ଗ୍ରୀଡକୋର ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ସମୁଦାୟ କ୍ରୟ କରାଯିବାକୁ ଥିବା ୩୦୦ ଲକ୍ଷ ୟୁନିଟର ଶକ୍ତି ବାବଦକୁ ୟୁନିଟ ପିଛା ହାରାହାରି ଦର-ହାର ୩୦୫ ପଇସାରେ ମୋଟ ୯୧.୫୦ କୋଟି ଟଙ୍କାର ପରିମାଣକୁ ଆୟୋଗ ଅନୁମୋଦନ କରିଥିଲେ।

**<u>ଆଇପିପି ସମୂହ(ମେସର୍ସ ଷ୍ଟେରଲାଇଟ୍ ଏନର୍ଜି ଲିମିଟେଡ)</u>**

୩୮୮. ମେସର୍ସ ଷ୍ଟେରଲାଇଟ ଏନର୍ଜି (ପ୍ରା)ଲି୫ ସଂପାଦିତ ଶକ୍ତି କ୍ରୟ ଚୁକ୍ତିନାମା ସହ ସମ୍ବନ୍ଧିତ ଏବଂ ଓଇଆରସିଙ୍କର ଅନୁମୋଦନ ସହ ସଂପର୍କିତ ମତେ , ମେସର୍ସ ଷ୍ଟେରଲାଇଟ ଏନର୍ଜି ଲିମିଟେଡରୁ ଶକ୍ତି କ୍ରୟର ଦାମ ଓଇଆରସିଙ୍କ ଅନୁମୋଦିତ ଦର-ହାର ଅନୁଯାୟୀ ନିର୍ଦ୍ଧାରଣ କରାଯିବ ବୋଲି ଗ୍ରୀଡକୋ ଦର୍ଶାଇଛି। ତେବେ, ଅନୁମୋଦନକୁ ଅପେକ୍ଷା ନ ରଖି ଗ୍ରୀଡକୋ ୟୁନିଟ ପିଛା ୨୫୭.୨୪ ପଇସାର ଏକ ହାରାହାରି ଦରର ପ୍ରସ୍ତାବ ଦେଇଛି, ଯାହା କେନ୍ଦ୍ରୀୟ ତାପଜ ଶକ୍ତି ପ୍ଲାଣ୍ଟଗୁଡିକରୁ ୧୮୮୬.୫୯ ଲକ୍ଷ ୟୁନିଟ୍ (ପାଖାପାଖି ୪୩୦ ମେଗାୱାଟ) ର ଶକ୍ତି କ୍ରୟ ପାଇଁ ପ୍ରସ୍ତାବିତ ହାରାହାରି ଦର/ଦର-ହାର ଅଟେ। ଅତଏବ, ସମୁଦାୟ କ୍ରୟ ଦାମକୁ ୪୮୫.୩୧ କୋଟି ଟଙ୍କାର ଅଟକଳନ କରାଯାଇଛି।

୩୮୯. ଆୟୋଗଙ୍କର ଯାଞ୍ଚକାରୀ ପ୍ରଶ୍ନର ଉତ୍ତରରେ ଗ୍ରୀଡକୋ କହିଛି ଯେ, ଯେତେବେଳେ ଷ୍ଟେରଲାଇଟ ଏନର୍ଜି ତା'ର ଉତ୍ପାଦିତ ସମୁଦାୟ ଶକ୍ତି ପରିମାଣର ୨୫ ପ୍ରତିଶତ ଓଡ଼ିଶା ରାଜ୍ୟକୁ ଦେବାକୁ ସହବଂଧନ ସଂପାଦନ କରିଛ, ସେହି ପରିପ୍ରେକ୍ଷୀରେ ତା'ର ଅବଶିଷ୍ଟ ଶକ୍ତିକୁ ସେ ଓଡ଼ିଶା ରାଜ୍ୟ ବାହାରକୁ ବିକି ଦେବାର ସମ୍ଭାବନା ରହୁଛି। କିନ୍ତୁ, ଯାହା ଜଣାପଡୁଛି , ମେସର୍ସ ଷ୍ଟେରଲାଇଟ ସିଇଆରସିଙ୍କ ସମକ୍ଷରେ କୌଣସି ଦରଖାସ୍ତ ଦାଖଲ କରିନାହିଁ। ୨୦୧୦, ଏପ୍ରିଲ ଠାରୁ ମେସର୍ସ ଷ୍ଟେରଲାଇଟରୁ ଶକ୍ତି ଆଣିବା ଉଦ୍ଦେଶ୍ୟରେ ସାମୟିକ ଟାରିଫ ନିର୍ଦ୍ଧାରଣ ସକାଶେ ଓଇଆରସିଙ୍କ ସମକ୍ଷରେ ଟାରିଫ ଦରଖାସ୍ତ ଉପସ୍ଥାପନ କରିବାର ପ୍ରକ୍ରିୟାରେ ଅଛି। ସିଇଆରସିଙ୍କ ଟାରିଫ ନିର୍ଦ୍ଧାରଣ କରିଦେବା ପରେ, ତାହା ଓଇଆରସିଙ୍କର ଅନୁମୋଦନ ପରେ ଗ୍ରହଣୀୟ ହେବ। ସେ ପର୍ଯ୍ୟନ୍ତ ସାମୟିକ ଦର-ହାରରେ ଗ୍ରୀଡକୋକୁ ଦେୟ ଦେବାକୁ ପଡିବ। ସିଇଆରସିଙ୍କ ଟାରିଫ ନିର୍ଦ୍ଧାରଣ ନିୟମ ସୂଚୀ ଓ ସର୍ତ୍ତାବଳୀ ଅନୁଯାୟୀ, ବ୍ୟବସାୟିକ ନିର୍ବାହନର ତାରିଖ ପୂର୍ବରୁ ଯଦି ଏକ ଉତ୍ପାଦନକାରୀ ଷ୍ଟେସନର ଟାରିଫ ନିର୍ଦ୍ଧାରଣ ହୋଇ ନଥାଏ, ତେବେ

ପ୍ରୋଜେକ୍ଟ ଦାମ ଭିତ୍ତିରେ ସାମୟିକ ଭାବେ ଦେୟ ଦେଇ ହେବ। ସିଇଆରସି ଆଦେଶନାମା ଉପଲବ୍ଧ ହେବା ପର୍ଯ୍ୟନ୍ତ ପ୍ରୋଭିଜିନାଲ ପେମେଣ୍ଟ ପାଇଁ ଉପରୋକ୍ତ ଭିତ୍ତିରେ ଖୁବଶୀଘ୍ର ଗ୍ରୀଡକୋ ଏକ ଟାରିଫ ଦରଖାସ୍ତ ଦାଖଲ କରୁଛି। ମେସର୍ସ ଷ୍ଟେରଲାଇଟ ଏନର୍ଜି(ପ୍ରା) ଲିମିଟେଡ ର ୪×୬୦୦ ମେଗାୱାଟ ବିଶିଷ୍ଟ ଷ୍ଟେରଲାଇଟ ତାପଜ ଶକ୍ତି ଷ୍ଟେସନମାନଙ୍କ ଠାରୁ (କ) ସମୁଦାୟ ସହ ବନ୍ଧିତ ଶକ୍ତି (ଖ) ରାଜ୍ୟ ବାହାରକୁ ଯାଉଥିବା ଶକ୍ତିର ୨୫ ପ୍ରତିଶତ ପର୍ଯ୍ୟନ୍ତ (ଗ) ରାଜ୍ୟ ମଧ୍ୟରେ ଗଚ୍ଛିତ କୋଇଲା ପରିମାଣର ଅନୁପାତ ଭିତ୍ତିରେ ବାହାର ରାଜ୍ୟକୁ ଯାଉଥିବା ଶକ୍ତି ପରିମାଣର ୭ ପ୍ରତିଶତ ୫ ପ୍ରତିଶତର ଶକ୍ତି ପାଇବାକୁ ଓଡ଼ିଶାର ସହ-ବନ୍ଧନ -ଦାବୀ ରହିଛି।

୩୯୦. ୨୦୧୦-୧୧ ଆର୍ଥିକ ବର୍ଷରେ ରାଜ୍ୟର ଉପଯୋଗ ପାଇଁ ମେସର୍ସ ଷ୍ଟେରଲାଇଟ ଏନର୍ଜିରୁ ଗ୍ରୀଡକୋ କ୍ରୟ କରିବାକୁ ଥିବା ୬୪୬.୨୩ ଲକ୍ଷ ୟୁନିଟ୍‌କୁ ଆୟୋଗ ଅନୁମୋଦନ କରିଛନ୍ତି ଏବଂ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ୟୁନିଟ ପିଛା ୨୪୩.୫୪ ପଇସାର ଦର-ହାରରେ କେନ୍ଦ୍ରୀୟ ତାପଜ ଶକ୍ତି ଉତ୍ପାଦନକାରୀ ଷ୍ଟେସନମାନଙ୍କ ଶକ୍ତି କ୍ରୟର ହାରାହରି ଦରକୁ ଅଟକଳନ କରିଛନ୍ତି। ଅତଏବ, ମେସର୍ସ ଷ୍ଟେରଲାଇଟ ଏନର୍ଜିରୁ ୬୪୬.୨୩ ଲକ୍ଷ ୟୁନିଟର କ୍ରୟ ଦାମ ହେଉଛି ୧୫୭.୩୮ କୋଟି ଟଙ୍କା ଏବଂ ଏହାକୁ ଆୟୋଗ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଅନୁମୋଦନ କରିଛନ୍ତି।

__କେନ୍ଦ୍ରୀୟ ଉତ୍ପାଦନକାରୀ ଷ୍ଟେସନସମୂହ__

୩୯୧. ଚୁଖା : ଗ୍ରୀଡକୋ ଦର୍ଶାଇଛି ଯେ, ଶକ୍ତି ମନ୍ତ୍ରଣାଳୟ/ ଭାରତ ସରକାରଙ୍କ ସଂଶୋଧିତ ଦର-ହାରକୁ ଭିତ୍ତି କରି ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ "ଚୁଖା" ରୁ ଶକ୍ତି କ୍ରୟର ଦର ହିସାବ କରାଯାଇଛି, ଯାହା ପିଟିସି ଇଣ୍ଡିଆଙ୍କର ୭.୩.୨୦୦୮ ତାରିଖର ଚିଠି ଅନୁଯାୟୀ, ୧.୪.୨୦୦୮ ଠାରୁ ଲାଗୁ କରାଯାଇଛି ଏବଂ ସାରା ବର୍ଷ ପାଇଁ ୟୁନିଟ ପିଛା ୧୫୫ ପଇସାରେ ସ୍ଥିର କରାଯାଇଛି।

୩୯୨. ପୁନଶ୍ଚ, ନୋଡାଲ ଏଜେନସି ଭାବେ ପିଟିସି, ଇଣ୍ଡିଆକୁ ଦେବାକୁ ଥିବା ପରିମାଣ (ଅର୍ଥ) ପାଇଁ ଉପରୋକ୍ତ ଦର-ହାର ସହ ୟୁନିଟ ପିଛା ୪ ପଇସାର ଏକ ଦର-ହାରକୁ ମଧ୍ୟ ମିଶାଇବାକୁ ପଡିବ। ପିଜିସିଆଇଏଲ୍ ନେଟ୍‌ୱାର୍କରେ ସୃଷ୍ଟ ସରବରାହ ଦେୟ-ଦର ଓ କେନ୍ଦ୍ରୀୟ ସରବରାହ କ୍ଷତି ଯୋଗୁ ଗ୍ରୀଡକୋକୁ ମଧ୍ୟ ବ୍ୟୟ ଭାର ବହନ କରିବାକୁ ପଡିବ। ତେଣୁ, ୟୁନିଟ ପିଛା ୨୨.୦୭ ପଇସାର ପିଜିସିଆଇଏଲ ସରବରାହ ଦେୟ-ଦର ଓ ୩.୮୭% କେନ୍ଦ୍ରୀୟ ସରବରାହ କ୍ଷତିକୁ ମିଶାଇ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ୟୁନିଟ ପିଛା ୧୮୭.୪୭ ପଇସାର ଏକ ଦର-ହାରକୁ ଗ୍ରୀଡକୋ ପ୍ରସ୍ତାବ ଦେଇଛି। ଅତଏବ, ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଚୁଖା ଜଳ ବିଦ୍ୟୁତ୍ ଷ୍ଟେସନରୁ ୟୁନିଟ ପିଛା ୧୮୭.୪୭ ପଇସାର ଦର-ହାରରେ ୨୫୧ ଲକ୍ଷ ୟୁନିଟର ଶକ୍ତି କ୍ରୟ ଦାମକୁ ୪୭.୦୬ କୋଟି ଟଙ୍କାରେ ହିସାବ କରାଯାଇଛି।

୩୯୩. ଆୟୋଗ ଗ୍ରୀଡକୋର ଦରଖାସ୍ତକୁ ଯାଞ୍ଚ କରିଥିଲେ ଏବଂ ୨୦୧୦-୧୧ଆର୍ଥିକ ବର୍ଷ ପାଇଁ ଚୁଖାରୁ ଶକ୍ତି କ୍ରୟ ପାଁଇ ୩.୦୯%ର କେନ୍ଦ୍ରୀୟ ସରବରାହ କ୍ଷତି ଓ ପ୍ରଯୋଜ୍ୟ ସରବରାହ ଦେୟ-ଦରକୁ ମଶାଇ ୟୁନିଟ ପିଛା ୧୮୩.୩୨ ପଇସାକୁ ଅନୁମୋଦନ ଦେଇଥିଲେ। ତେଣୁ, ୨୦୧୦-୧୧ ଆର୍ଥି କ ବର୍ଷ ପାଇଁ ୟୁନିଟ ପିଛା ୧୮୩.୩୨ପଇସାର ଦର-ହାରେ ଚୁଖାରୁ କ୍ରୟିତ ମୋଟ ୨୭୧.୭୯ ଲକ୍ଷ ୟୁନିଟର ଦାମ ହେଉଛି ୪୯.୮୩ କୋଟି ଟଙ୍କା। ଏହାର ସବିଶେଷତା ନିମ୍ନ ସାରଣୀରେ ପ୍ରଦନା କରାଗଲା।

ସାରଣୀ-୩୭

| | ୨୦୧୦-୧୧ ପାଇଁ ଗ୍ରୀଡ଼କୋର ପ୍ରସ୍ତାବ | ୨୦୧୦-୧୧ ପାଇଁ କମିଶନଙ୍କ ଅନୁମୋଦନ |
|---|---|---|
| ବାସ୍ତିବିକ ଶକ୍ତି ଉଠାଣ (ଏମୟୁ) ଘରସ୍ତ ରଭରକ୍ସଶଚ ଉକ୍ସବଙ୍ଗବକ୍ଷ | ୨୫୧.୦ | ୨୭୧.୭୯ |
| ଶକ୍ତି ଦେୟ (ୟୁନିଟ୍ ପ୍ରତି ପଇସା) ରଭରକ୍ସଶଚ ଉଷବକ୍ସଶର | ୧୫୯.୦ | ୧୫୯.୦ |

| | | |
|---|---|---|
| ଶକ୍ତି ଦେୟ ସହିତ ସଂଚାରଣ କ୍ଷତି (ୟୁନିଟ୍ ପ୍ରତି ପଇସା) ରଭରକ୍ସଶଛ ଉଷବକ୍ସଶର ସଭମକ୍ଷ. ଊକ୍ସ.ଖଟ୍ଟଗ୍ଧଗ୍ଧ | ୧୬୫.୪୦ | ୧୬୪.୦୭ |
| ସଂଚାରଣ ଦର ସହିତ କ୍ଷତି (ୟୁନିଟ୍ ପ୍ରତି ପଇସା) ଉଟ୍ଟଗ୍ଧଗ୍ଧ ଟ୍ଟଲ ଊକ୍ସ ମଷବକ୍ସଶର ସଭମକ୍ଷ. ଖଟ୍ଟଗ୍ଧଗ୍ଧ | ୨୨.୦୭ | ୧୯.୨୬ |
| ସମୁଦାୟ ଦର (ୟୁନିଟ୍ ପ୍ରତି ପଇସା) | ୧୮୭.୪୭ | ୧୮୩.୩୨ |
| ଚୁଖା ଶକ୍ତିର ଦର (କୋଟି ଟଙ୍କାରେ) | ୪୭.୦୬ | ୪୯.୮୩ |

୩୯୪. ୨୮.୭.୨୦୦୬ରେ ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ଏବଂ ଭୁଟାନର ରୟାଲ୍ ସରକାରଙ୍କ ମଧ୍ୟରେ ହୋଇଥିବା ଚୁକ୍ତିନାମାକୁ ଭିତ୍ତି କରି , ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ 'ତଲା' ରୁ ଉଭୟ 'ମୁଖ୍ୟ' ଓ 'ଗୌଣ' ଶକ୍ତିର କ୍ରୟ ଦରକୁ ୟୁନିଟ ପିଛା ୧୮୦ ପଇସାର ଦର-ହାରରେ ହିସାବ କରାଯାଇଛି ।

୩୯୫. ପୁନଶ୍ଚ, ତତ୍ତ୍ୱାବଧାନ ଦେୟ-ଦର ବାବଦକୁ ନୋଡାଲ ଏଜେନସି ଭାବେ ପିଟିସି, ଇଣ୍ଡିଆକୁ ଦିଆଯିବାକୁ ଥିବା ଦେୟ ପାଇଁ ଉପରୋକ୍ତ ଦର-ହାର ସହ ୟୁନିଟ ପିଛା ୪ ପଇସାର ଦର-ହାରରେ ଏକ ସରବରାହ ଦେୟ-ଦର ମିଶାଇବାକୁ ପଡିବ। ପିଜିସିଆଇଏଲ ନେଟୱାର୍କରେ ସରବରାହ ଦେୟ-ଦର ଓ କେନ୍ଦ୍ରୀୟ ସରବରାହ କ୍ଷତି ଯୋଗୁ ଗ୍ରୀଡକୋକୁ ମଧ୍ୟ ବ୍ୟୟ ଭାର ବହନ କରିବାକୁ ପଡିବ। ତେଣୁ, ୩.୮୭%ର କେନ୍ଦ୍ରୀୟ ସରବରାହ କ୍ଷତି ଏବଂ ୟୁନିଟ ପିଛା ୨୨.୦୭ ପଇସାର ପିଜିସିଆଇଏଲ ସରବରାହ ଦେୟ-ଦରକୁ ବିବେଚନା କରି ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଗ୍ରୀଡକୋ ୟୁନିଟ ପିଛା ୨୧୩.୪୮ ପଇସାର ଏକ ଦରର ପ୍ରସ୍ତାବ ଦେଇଛି। ଅତଏବ, ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ୟୁନିଟ ପିଛା ୨୧୩.୪୮ ପଇସା ଦର-ହାର ତଲା ଜଳ ବିଦ୍ୟୁତ୍ ଷ୍ଟେସନରୁ ମୋଟ ୧୪୪ ଲକ୍ଷ ୟୁନିଟର ଶକ୍ତି ପାଇଁ ଗ୍ରୀଡକୋକୁ ୩୦.୭୪ କୋଟି ଟଙ୍କା ଦେବାକୁ ପଡିବ ବୋଲି ହିସାବ କରାଯାଇଛି।

**୩୯୬. ଗ୍ରୀଡକୋର** ଉପସ୍ଥାପନାକୁ ଯାଞ୍ଚ କରାଯାଇଥିଲା। ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ୩.୦୯% ର କେନ୍ଦ୍ରୀୟ ସରବରାହ କ୍ଷତି ଓ ପ୍ରଯୋଜ୍ୟ ସରବରାହ ଦେୟ-ଦରକୁ ମିଶାଇ 'ତଲା' ଶକ୍ତିର ୟୁନିଟ ପିଛା ହାରାହାରି ଦର-ହାରକୁ ୨୦୯.୧୨ ପଇସାରେ ହିସାବ କରାଯାଇଛି । ଅତଏବ, ୨୦୧୦-୧୧ ଆ.ବ. ପାଇଁ 'ତଲା'ରୁ କ୍ରୟ କରାଯିବାକୁ ଥିବା ସମୁଦାୟ ୧୪୫.୧୭ଲକ୍ଷ ୟୁନିଟର ଶକ୍ତିର ଦାମ ହେଉଛି ୩୦.୩୬ କୋଟି ଟଙ୍କା ଏବଂ ଏହାକୁ ଆୟୋଗ ଅନୁମୋଦନ ଦେଇଛନ୍ତି । ଏହାର ପୁଂଖାନୁପୁଂଖତା ନିମ୍ନ ସାରଣୀରେ ପ୍ରଦତ୍ତ ହେଲା।

ସାରଣୀ-୩୮

| | ୨୦୧୦-୧୧ ପାଇଁ ଗ୍ରୀଡ଼କୋର ପ୍ରସ୍ତାବ | ୨୦୧୦-୧୧ ପାଇଁ କମିଶନଙ୍କ ଅନୁମୋଦନ |
|---|---|---|
| ବାସ୍ତିବିକ ଶକ୍ତି ଉଠାଣ (ଏମୟୁ) Net Energy Drawal | ୧୪୪.୦ | ୧୪୫.୧୭ |
| ଶକ୍ତି ଦେୟ (ୟୁନିଟ୍ ପ୍ରତି ପଇସା) Energy Charge | ୧୮୪.୦ | ୧୮୪.୦ |
| ଶକ୍ତି ଦେୟ ସହିତ ସଂଚାରଣ କ୍ଷତି (ୟୁନିଟ୍ ପ୍ରତି ପଇସା) | ୧୯୧.୪୧ | ୧୮୯.୮୬ |
| ସଂଚାରଣ ଦର ସହିତ କ୍ଷତି (ୟୁନିଟ୍ ପ୍ରତି ପଇସା) Cost of Tr charge incl. Loss | ୨୨.୦୭ | ୧୯.୨୬ |
| ସମୁଦାୟ ଦର (ୟୁନିଟ୍ ପ୍ରତି ପଇସା) | ୨୧୩.୪୮ | ୨୦୯.୧୨ |
| ଚାଲା ଶକ୍ତିର ଦର (କୋଟି ଟଙ୍କାରେ) | ୩୦.୭୪ | ୩୦.୩୬ |

୩୯୭) ଟିଷ୍ଟା: ସୂଚୀଭୁକ୍ତ ବିକ୍ରୀ-ଯୋଗ୍ୟ ଶକ୍ତି ଉପରେ ୟୁନିଟ ପିଛା ୧.୬୨ ପଇସା ଦର-ହାରରେ 'ଟିଷ୍ଟା' ଶକ୍ତି ପାଇଁ ସିଇଆଇସି ତାଙ୍କର ୩୧.୩.୨୦୦୮ର ଆଦେଶନାମା ମୂଳେ ପ୍ରୋଭିଜିନାଲ ବା ସାମୟିକ ତାରିଫକୁ ହିସାବ କରିଥିବା ଗ୍ରୀଡ୍‌କୋ କହିଛି । ଏହି ଦର ବ୍ୟବସାୟିକ ନିର୍ବାହନ ତାରିଖ ଠାରୁ ଲାଗୁ କରାଯିବ । ବର୍ତ୍ତମାନର ଆଦେଶନାମା ଅନୁଯାୟୀ, ୩.୮୭%ର କେନ୍ଦ୍ରୀୟ ସେକ୍ଟର କ୍ଷତି ଓ ୟୁନିଟ ପିଛା ୨୨.୦୭ ପଇସାର ପିଜିସିଆଇଏଲ ଦେୟ-ଦରକୁ ମିଶାଇ ଟିଷ୍ଟା-୫ରୁ ଶକ୍ତିର ୟୁନିଟ ପିଛା ଦରକୁ ୧୯୦.୫୯ ପଇସାରେ ପ୍ରଦର୍ଶନ କରାଯାଇଛି । ସୁତରାଂ, ୨୦୧୦-୧୧ ଆ.ବ. ପାଇଁ ୟୁନିଟ ପିଛା ୧୯୦.୫୯ ପଇସାର ଦର-ହାରରେ ଟିଷ୍ଟା-୫ ଜଳ ବିଦ୍ୟୁତ ପ୍ରୋଜେକ୍ଟରୁ ମୋଟ ୪୪୩ ଲକ୍ଷ ୟୁନିଟର ଶକ୍ତିର ଦାମ ୮୪.୪୩ କୋଟି ଟଂକା ବୋଲି ହିସାବକୁ ଆସୁଛି ।

୩୯୮) ଉପଯୁକ୍ତ ଯାଞ୍ଚ ପରେ, ୩.୦୯%ର କେନ୍ଦ୍ରୀୟ ସରବରାହ କ୍ଷତି ଓ ପ୍ରଯୋଜ୍ୟ ସରବରାହ ଦେୟ-ଦରକୁ ମିଶାଇ ୨୦୧୦-୧୧ ଆ.ବ. ପାଇଁ 'ଟିଷ୍ଟା' ଶକ୍ତିର ୟୁନିଟ ପିଛା ହାରାହାରି ଦର-ହାରକୁ ୧୮୬.୪୨ ପଇସାରେ ଆୟୋଗ ଅନୁମୋଦନ ଦେଇଛନ୍ତି । ୨୦୧୦-୧୧ ଆ.ବ. ପାଇଁ ସମୁଦାୟ ୫୦୭.୧୯ ଲକ୍ଷ ୟୁନିଟ 'ଟିଷ୍ଟା' ଶକ୍ତିର ଦାମ ୯୪.୫୫ କୋଟି ଟଙ୍କା ବୋଲି ହିସାବକୁ ଆସୁଛି ।

ସାରଣୀ-୩୯

| | ୨୦୧୦-୧୧ ପାଇଁ ଗ୍ରୀଡ୍‌କୋର ପ୍ରସ୍ତାବ | ୨୦୧୦-୧୧ ପାଇଁ କମିଶନଙ୍କ ଅନୁମୋଦନ |
|---|---|---|
| ବାସ୍ତବିକ ଶକ୍ତି ଉଠାଣ (ଏମୟୁ) Net Energy Drawal | ୪୪୩.୦ | ୫୦୭.୧୯ |
| ଶକ୍ତି ଦେୟ (ୟୁନିଟ୍ ପ୍ରତି ପଇସା) Energy Charge | ୧୬୨.୦ | ୧୬୨.୦ |
| ଶକ୍ତି ଦେୟ ସହିତ ସଂଚାରଣ କ୍ଷତି (ୟୁନିଟ୍ ପ୍ରତି ପଇସା) | ୧୬୮.୫୨ | ୧୬୭.୧୬ |
| ସଂଚାରଣ ଦର ସହିତ କ୍ଷତି (ୟୁନିଟ୍ ପ୍ରତି ପଇସା) Cost of Tr charge incl. Loss | ୨୨.୦୭ | ୧୯.୨୬ |
| ସମୁଦାୟ ଦର (ୟୁନିଟ୍ ପ୍ରତି ପଇସା) | ୧୯୦.୫୯ | ୧୮୬.୪୨ |
| ତିସ୍ତା ଶକ୍ତିର ଦର (କୋଟି ଟଙ୍କାରେ) | ୮୪.୪୩ | ୯୪.୫୫ |

**କେନ୍ଦ୍ରୀୟ ସେକ୍ଟର ତାପଜ ବିଦ୍ୟୁତ୍ ଷ୍ଟେସନସମୂହ:**

୩୯୯) ଗ୍ରୀଡ୍‌କୋ ତା'ର ଏଆର୍‌ଆର୍ ଉପସ୍ଥାପନାରେ ଦର୍ଶାଇଛି ଯେ, ୨୦୦୯ ଏପ୍ରିଲ ୧ ଠାରୁ ୨୦୧୪, ମାର୍ଚ୍ଚ ପର୍ଯ୍ୟନ୍ତ ସମୟ ଅବଧି ପାଇଁ ଅର୍ଥାତ୍ ଆଗାମୀ ୫ ବର୍ଷ ପାଇଁ ସିଇଆରସି 'ତାରିଫ ନିୟମାବଳୀ, ୨୦୦୯'ର ନିୟମ-ସୂଚୀ ଓ ସର୍ତ୍ତସମୂହର ଚୂଡ଼ାନ୍ତକରଣ କରିଛନ୍ତି । ସିଇଆର୍‌ସିଙ୍କ ସମକ୍ଷରେ ଏନ୍‌ଟିପିସି ତା'ର ବିଭିନ୍ନ ଷ୍ଟେସନଗୁଡିକ ଉଦ୍ଦେଶ୍ୟରେ ତାରିଫ ଅନୁମୋଦନ ନିମନ୍ତେ ଦରଖାସ୍ତ ଉପସ୍ଥାପନ କରିଛି । ତେଣୁ ଏନ୍‌ଟିପିସି (ପୂର୍ବାଞ୍ଚଳ)ର ଏକକ ଷ୍ଟେସନ୍‌ଗୁଡିକ ପାଇଁ ତାରିଫ ଏ ପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ, ତେଣୁ ପୂର୍ବ ସିଇଆର୍‌ସି ତାରିଫ ନିୟମାବଳୀ, ୨୦୦୪ ଅନୁଯାୟୀ ଏନ୍‌ଟିପିସି ବିଲ୍ ଦେଇ ଆସୁଛି । ଯେହେତୁ, ଏହି ପ୍ରସଂଗରେ କୌଣସି ସଦ୍ୟ ଆଦେଶନାମା ଉପଲବ୍ଧ ନୁହେଁ, ସେହେତୁ ୨୦୧୦-୧୧ ଆ.ବ. ପାଇଁ ତାରିଫ ପ୍ରସ୍ତାବରେ ୨୦୦୮-୦୯ ଆ.ବ. ପାଇଁ ପ୍ରତି ଉଦ୍ଦିଷ୍ଟ ଷ୍ଟେସନ ପାଇଁ ସିଇଆରସିଙ୍କ ଅନୁମୋଦନ ମତେ ସ୍ଥିର ଦରକୁ ଗ୍ରହଣ କରିବାକୁ ଗ୍ରୀଡ୍‌କୋ ଉଚିତ ମନେ କରିଛି । ସୁତରାଂ, ଏନ୍‌ଟିପିସି ଷ୍ଟେସନସମୂହର ଶକ୍ତି କ୍ରୟ ଦରରେ, ନୂଆ ନିୟମାବଳୀ ଅନୁଯାୟୀ, କୌଣସି ଅତିରିକ୍ତ ପ୍ରତିଫଳନକୁ (ଯଦି କିଛି ଥାଏ) ବିବେଚନା କରାଯାଇନାହିଁ ।

୪୦୦) ନିର୍ଦ୍ଦେଶକଙ୍କର ଯାଞ୍ଚକାରୀ ପ୍ରଶ୍ନର ଉତ୍ତରରେ ଗ୍ରୀଡ୍‌କୋ କହିଥିଲା ଯେ, ତାରିଫ ନିୟମାବଳୀ, ୨୦୦୪ର ମାପଦଣ୍ଡ ଅନୁଯାୟୀ ସ୍ଥିର ଦର ମଧ୍ୟରେ ଆୟକର ଅନ୍ତର୍ଭୁକ୍ତ ନୁହେଁ ଏବଂ ଏନ୍‌ଟିପିସି ଦ୍ୱାରା ପ୍ରକୃତ ପେମେଣ୍ଟ ପ୍ରଦାନ ଅନୁଯାୟୀ ତାହାକୁ ଫେରସ୍ତ ଦିଆଯାଇଥାଏ ; ଅଥଚ ସିଇଆର୍‌ସିଙ୍କର ତାରିଫ ନିୟମାବଳୀ, ୨୦୦୯ରେ ଆୟକର ନିବେଶିତ ମୂଳଧନ ଉପରେ ଲାଭାଂଶ ଫେରସ୍ତର ଏକ ଅଂଶବିଶେଷ ଥିଲା, ଯାହା ସ୍ଥିର ଦରର ଏକ ଉପାଦାନ ଥିଲା । ଅତଏବ, ନୂଆ ମାପଦଣ୍ଡ ଅନୁଯାୟୀ, ଆୟକର ବାବଦକୁ କୌଣସି ସ୍ୱତନ୍ତ୍ର ବିଲ୍ ହେବା ଉଚିତ୍ ନୁହେଁ । ତେବେ ସେ ଯା'ହେଉ ନା କାହିଁକି, ନୂଆ ମାପଦଣ୍ଡରେ 'ଆୟକର' ଶୀର୍ଷକରେ ଯେଣୁ ବିଲ୍ ପ୍ରସ୍ତୁତି ପାଇଁ କୌଣସି ଅବକାଶ ନାହିଁ ଏବଂ ଏନ୍‌ଟିପିସି ପ୍ରକୃତରେ ଏ ବାବଦକୁ ଅଧିକ ପରିମାଣ ଦେଉଛି, ଏହା ବରଂ 'ଅତିରିକ୍ତ ମୂଳଧନୀକରଣ' ଶୀର୍ଷକରେ ଏହାର (ଆୟକରର) ଭଦ୍ରେକ ହେବାର ଔଚିତ୍ୟ ଆସୁଛି । ଏହି ପରିପ୍ରେକ୍ଷୀରେ, ଗ୍ରୀଡ୍‌କୋ ଓ ଏନ୍‌ଟିପିସି ମଧ୍ୟରେ ଏକ ବୈଠକ ବସିଥିଲା । ସେହି ବୈଠକରେ ଏନ୍‌ଟିପିସ ସ୍ପଷ୍ଟ କରିଦେଇଥିଲା ଯେ, ଯେଣୁ ପରିମାଣଟି ଅଧିକ ଏବଂ ଲାଭାଂଶ ଫେରସ୍ତ କିମ୍ବା ପ୍ରତ୍ୟକ୍ଷ ଫେରସ୍ତ ଦ୍ୱାରା ଗ୍ରୀଡ୍‌କୋକୁ ଏହା ଦେବାକୁ ପଡିବ, ତେଣୁ ଆୟକର ବାବଦକୁ ଦେୟ ପରିମାଣକୁ 'ଅତିରିକ୍ତ ମୂଳଧନୀକରଣ' ଶୀର୍ଷକରେ ବିଲ୍ ଜରିଆରେ ପ୍ରସଂଗିତ କରାଯାଉଛି ଏବଂ ଗ୍ରୀଡ୍‌କୋ ଉପରେ ଏକକାଳୀନ ଆର୍ଥିକ ବୋଝକୁ ଏଡାଇବା ନିମନ୍ତେ ଏଭଳି କରାଯାଉଛି । ଥରେ, ଏନ୍‌ଟିପିସି ଷ୍ଟେସନଗୁଡିକ ଉଦ୍ଦେଶ୍ୟରେ ଏକକ ଆଦେଶନାମା ସ୍ଥିର ହୋଇସାରିଲା ପରେ ଗ୍ରୀଡ୍‌କୋ ଦ୍ୱାରା ପ୍ରଦତ୍ତ/ଫେରସ୍ତ ପରିମାଣ ଯଥା-ଉଦ୍ଦିଷ୍ଟ ଷ୍ଟେସନଗୁଡ଼ିକର ସ୍ଥିର ଦର ବାବଦକୁ ଯଥୋପଯୋଗୀ ଭାବେ ସହ-ସାମିଲକରଣ କରାଯିବ ।

୪୦୧) ଉପରୋକ୍ତ ଅବତାରଣାକୁ ଦୃଷ୍ଟିରେ ରଖି, ଏନ୍‌ଟିପିସି ତାପଜ ଷ୍ଟେସନସମୂହର ସ୍ଥିର ଦର ସହ ଯୋଗକ ଭାବେ ଅତିରିକ୍ତ ପୁଞ୍ଜି ବାବଦକୁ ଟିଷ୍ଟା ଶକ୍ତି ଷ୍ଟେସନ (ଟିଏସ୍‌ଟିପିଏସ)-୧ ପାଇଁ ୯୪.୨୨ କୋଟି ଟଙ୍କା, ଟିଏସ୍‌ଟିପିଏସ୍-୨ ପାଇଁ ୧୬୩.୭୨ କୋଟି ଟଙ୍କା, ଏଫ୍‌ଏସ୍‌ଟିପିଏସ୍ ପାଇଁ ୧୦୮.୩୬ କୋଟି ଟଙ୍କା ଏବଂ କେଏଚଏସ୍‌ଟିପିଏସ୍ ପାଇଁ ୫୧.୬୮ କୋଟି ଟଙ୍କାର ଆୟକର ପରିମାଣକୁ ଗ୍ରୀଡ୍‌କୋ ବିବେଚନା କରିଛି । ୨୦୧୦-୧୧ ଆ.ବ. ପାଇଁ ଏହି ପରିମାଣକୁ ଆୟୋଗ ବିଚାର କରିପାରନ୍ତି ।

୪୦୨) ପୁନଶ୍ଚ, ଗ୍ରୀଡ୍‌କୋ ଦର୍ଶାଇଛି ଯେ, ଇତିମଧ୍ୟରେ ସିଇଆଇସିଙ୍କ ସମକ୍ଷରେ ଆ.ବ. ୨୦୦୯-୧୦ ଠାରୁ ଆ.ବ. ୨୦୧୩-୧୪ ପର୍ଯ୍ୟନ୍ତ ର ସମୟ ଅବଧି ପାଇଁ ଉପରୋକ୍ତ ଉତ୍ପାଦନକାରୀ ଷ୍ଟେସନ୍‌ସମୂହର ତାରିଫ ସ୍ଥିରୀକରଣ ପାଇଁ ଏନ୍‌ଟିପିସି ଆବେଦନ ଉପସ୍ଥାପନ କରିଛି । ଉପସ୍ଥାପନାକୁ ପରୀକ୍ଷା ନିରୀକ୍ଷା କରାଯାଇ ଲକ୍ଷ୍ୟ କରାଯାଇଛି ଯେ, ୨୦୧୦-୧୧ ଆ.ବ. ପାଇଁ ଗ୍ରୀଡ୍‌କୋ ଦ୍ୱାରା ତା'ର ଏଆର୍‌ଆର୍‌ରେ ବିବେଚନା କରାଯାଇଥିବା ପରିମାଣ ଠାରୁ ବିଭିନ୍ନ ଷ୍ଟେସନ ପାଇଁ ଏନ୍‌ଟିପିସି ଦ୍ୱାରା ଦାବୀ କରାଯାଉଥିବା ବାର୍ଷିକ ସ୍ଥିର ଦେୟ-ଦର ଖୁବ୍ ଅଧିକ ହେଉଛି । ସେହି ଅନୁସାରେ, ସ୍ଥୁଳ ଯୋଗାଣ ଦରର ନିର୍ଦ୍ଧାରଣ ପାଇଁ ପୂର୍ବରୁ ଗ୍ରୀଡ୍‌କୋ ଦ୍ୱାରା ଉପସ୍ଥାପିତ ସ୍ଥିର ଦେୟ-ଦର ପରିବର୍ତ୍ତେ, ୨୦୧୦-୧୧ ଆ.ବ. ପାଇଁ ଯଥା-ଉଦ୍ଦିଷ୍ଟ ଷ୍ଟେସନଗୁଡିକ ପାଇଁ ତା'ର ଉପସ୍ଥାପନାରେ ଏନ୍‌ଟିପିସି ଦ୍ୱାରା ଦାବୀ କରାଯାଇଥିବା ସ୍ଥିର ଦେୟ-ଦରକୁ ଆୟୋଗ ସଦୟ ବିଚାର କରିବାକୁ ଅନୁରୋଧ କରାଯାଇଛି । ସିଇଆରସିଙ୍କ ସମକ୍ଷରେ ତା'ର ଯଥା-ଉଦ୍ଦିଷ୍ଟ ତାରିଫ ପିଟିସନରେ ଏନ୍‌ଟିପିସିର ଦାବୀମତେ ୨୦୧୦-୧୧ ପାଇଁ ଭିନ୍ନ ଭିନ୍ନ ଷ୍ଟେସନଗୁଡ଼ିକର ସ୍ଥିର ଦେୟ-ଦର ନିମ୍ନରେ ପ୍ରଦାନ କରାଗଲା । ଯାହା ୨୦୧୦-୧୧ ଆ.ବ. ପାଇଁ ଗ୍ରୀଡ୍‌କୋର ଏଆର୍‌ଆର୍ ଓ ବିଏସ୍‌ପି ଅନୁମୋଦନ କଲାବେଳେ ଆୟୋଗ ବିଚାର କରିପାରନ୍ତି ।

ସାରଣୀ-୪୦

| ଷ୍ଟେସନ ମାନଙ୍କର ନାମ | ଆ.ବ ୨୦୧୦-୧୧ ପାଇଁ ଏନଟିପିସି ଦ୍ୱାରା ସିଇଆରସି ଦାଖଲ କରାଯାଇଥିବା ସ୍ଥାୟୀ ମୂଲ୍ୟ **Fixed Cost as claimed by NTPC in its Petition before CERC for the FY 2010-11** (କୋଟି ଟଙ୍କାରେ) | ଗ୍ରୀଡ଼କୋର ଭାଗ (%) | ଗ୍ରୀଡ଼କୋ ଦ୍ୱାରା ସ୍ଥିର ମୂଲ୍ୟର ଦେୟ ପ୍ରଦାନ **Fixed cost to be paid by GRIDCO** (କୋଟି ଟଙ୍କାରେ) |
|---|---|---|---|
| ଏଫଏସଟିପିଏସ୍ | ୮୪୬.୦୪ | ୧୩.୬୩ | ୧୧୫.୩୨ |
| କେଏଚଏସଟିପିଏସ- | ୫୧୯.୮୧ | ୧୫.୨୪ | ୭୯.୨୨ |

| | | | |
|---|---|---|---|
| ୧ | | | |
| କେଏଚଏସଟିପିଏସ-୨ | ୧୨୪୦.୬୫ | ୦.୬୦ | ୭.୪୪ |
| ଟିଏସଟିପିଏସ-୧ | ୫୬୧.୨୩ | ୩୧.୮୦ | ୧୭୮.୪୭ |
| ଟିଏସଟିପିଏସ-୨ | ୧୧୪୫.୦୧ | ୧୦.୦୦ | ୧୧୪.୫୦ |
| ସମୁଦାୟ | ୪୩୧୨.୭୪ | | ୪୯୪.୯୫ |

୪୦୩) ଏକ ଆଗାମୀ-ଆର୍ଥିକ ବର୍ଷ ଉଦ୍ଦେଶ୍ୟରେ ଏକକ ଏଆର୍‌ଆର୍-ଉପାଦାନରେ ଉପନୀତ ହେବା ନିମନ୍ତେ ଟାରିଫ ନିର୍ଦ୍ଧାରଣରେ ବିବିଧ ଅନୁମାନସିଦ୍ଧ ପ୍ରତ୍ୟୟ ଓ ଶୃଙ୍ଖଳାର ବ୍ୟବହାର କରାଯିବାକୁ ପଡିଥାଏ, ଏବଂ ତେଣୁ ଘଟଣାର ମୋଡ ଉପରେ ନିର୍ଭର ଶୀଳ ଭାବେ ଏଥିରେ ପାର୍ଥକ୍ୟ ଆସିବା ଅସ୍ୱଭାବିକ ହୋଇ ନ ପାରେ । ଏହିଭଳି ଅପ୍ରତ୍ୟାଶିତ ବା ପ୍ରତ୍ୟାଶିତ ଘଟଣାସମୂହର ମୋଡକୁ ମୁକାବିଲ କରିବା ନିମନ୍ତେ, ଆୟୋଗ 'ବାସ୍ତବାୟନ' ଭଳି ଅବଧାରଣାକୁ ଆପଣେଇଛନ୍ତି । ତେଣୁ, ସିଇଆର୍‌ସି ଟାରିଫ ନିୟମାବଳୀ, ୨୦୦୪କୁ ଭିତ୍ତି କରି ସାମୟିକ ଭାବେ କେନ୍ଦ୍ରୀୟ ସେକ୍ଟର ଷ୍ଟେସନସମୂହର ଶକ୍ତି କ୍ରୟର ଦାମ୍‌କୁ ହିସାବ କରିବା ବର୍ତ୍ତମାନ ସମୟ ପାଇଁ ଉପଯୋଗୀ ହେବ ବୋଲି ଆୟୋଗ ଅନୁଭବ କରିଛନ୍ତି ଏବଂ ଏହା ସହ ଅତିରିକ୍ତ ମୂଳ ଦେୟ-ଦର ଭାବେ ସ୍ଥିର ଦରରେ ଆୟକରର ଯୋଗକରଣ ପାଇଁ ଗ୍ରୀଡ୍‌କୋର ପ୍ରସ୍ତାବକୁ ଆୟୋଗ ଗ୍ରହଣ କଲେ ନାହିଁ । କିନ୍ତୁ, ବର୍ଷ-ଶେଷ ଦେୟ -ଦର ଭାବେ ଏନ୍‌ଟିପିସି ଦ୍ୱାରା ବିଲ୍ କରାଯାଇଥିବାମତେ ଆୟକରକୁ ଭରଣା କରିବାକୁ ଆୟୋଗ ଅନୁମତି ଦେଇଛନ୍ତି ।

୪୦୪) **ସ୍ଥିର ଦର:** ସିଇଆରସି ଟାରିଫ ବିଜ୍ଞପ୍ତି ଦ୍ୱାରା କେନ୍ଦ୍ରୀୟ ତାପଜ ଶକ୍ତି ଉତ୍ପାଦନକାରୀ ଷ୍ଟେସନମାନଙ୍କର ଟାରିଫ ନିୟନ୍ତ୍ରିତ ହୋଇଥାଏ । ୨୦୦୮-୦୯ ପାଇଁ ପ୍ରଯୋଜ୍ୟ ସିଇଆର୍‌ସି ଟାରିଫ ବିଜ୍ଞପ୍ତି ଏବଂ ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ଦ୍ୱାରା କେନ୍ଦ୍ରୀୟ ତାପଜ ଶକ୍ତି ଉତ୍ପାଦନକାରୀ ଷ୍ଟେସନମାନଙ୍କ ଠାରୁ ଭାଗ ବଣ୍ଟୁଆରାକୁ ଭିତ୍ତି କରି ବିଭିନ୍ନ କେନ୍ଦ୍ରୀୟ ତାପଜ ଶକ୍ତି ଉତ୍ପାଦନ ଷ୍ଟେସନମାନଙ୍କ ପାଇଁ ଗ୍ରୀଡ଼କୋ ସ୍ଥିର ଦର ଦାବୀ କରିଛି ।

- ୩୦.୧୨.୨୦୦୮ରେ କେଏଚ୍‌ଏସ୍‌ଟିପିଏସ୍‌ର ଷ୍ଟେଜ - ୨ (ୟୁନିଟ ୧ ଓ ୨) ପାଇଁ ସିଇଆରସି ପ୍ରୋଭିଜିନାଲ ବା ସାମୟିକ ଟାରିଫକୁ ଅନୁମୋଦନ କରିଛନ୍ତି । ତେବେ, କେଏଚଏସ୍‌ଟିପିଏସ୍‌ର ୩ୟ ୟୁନିଟ ପାଇଁ ଟାରିଫ ଅଦ୍ୟାବଧି ସିଇଆରସିଙ୍କ ଦ୍ୱାରା ବିଜ୍ଞପିତ ହୋଇନାହିଁ । କିନ୍ତୁ ଗ୍ରୀଡ୍‌କୋ ତାର ୨୦୧୦-୧୧ର ଏଆର୍‌ଆର୍‌ରେ ୟୁନିଟ-୧ ସହ ପାଖାପାଖି ସମାନ ସ୍ତରର ଟାରିଫ ୟୁନିଟ-୨ ଓ ୟୁନିଟ-୩ ପାଇଁ ବିଚାର କରିବାକୁ ପ୍ରସ୍ତାବ ଦେଇଛି । ଯାଞ୍ଚ ପରେ, କେବଳ ୟୁନିଟ ୧ ଓ ୟୁନିଟ-୨ର ସ୍ଥିର ଦରର ଅନୁପାତିକ ମୂଲ୍ୟାୟନ କରି କେଏଚଏସ୍‌ଟିପିଏସ୍‌ର ୟୁନିଟ୍-୧, ୟୁନିଟ -୨ ଓ ୟୁନିଟ -୩ ପାଇଁ ୪.୬୩୯ କୋଟି ଟଙ୍କାର ସ୍ଥିର ଦରକୁ ଆୟୋଗ ଅନୁମତି ଦେଇଛନ୍ତି । ନିମ୍ନସାରଣୀରେ ତା'ର ପ୍ରଦର୍ଶନ କରାଗଲା ।

ସାରଣୀ-୪୧

୨୦୧୦-୧୧ ପାଇଁ କେନ୍ଦ୍ରୀୟ ତାପଜ କେନ୍ଦ୍ର ମାନଙ୍କର 'ସ୍ଥିର ଦର'

**Fixed Cost of Central Thermal Stations for 2010-11**

| ଷ୍ଟେସନ ମାନଙ୍କର ନାମ | ୨୦୦୯-୧୦ର ସ୍ଥିତ ମୂଲ୍ୟ ସିଇଆରସି ଦ୍ୱାରା ଅନୁମୋଦନ (କୋଟି ଟଙ୍କାରେ) | ଗ୍ରୀଡ଼କୋର ଭାଗ (%) | ଗ୍ରୀଡ଼କୋର ପ୍ରସ୍ତାବ ଅନୁଯାୟୀ ଆୟକର ସମେତ ସ୍ଥାୟୀ ମୂଲ୍ୟର ଭାଗ **GRIDC** | ଗ୍ରୀଡ଼କୋର ପ୍ରସ୍ତାବ (୩.୮୭% ର କେନ୍ଦ୍ରୀୟ ସଂଚାରଣ କ୍ଷତିକୁ ମିଶାଇ) **GRIDC** | ୨୦୧୦-୧୧ର ଆୟୋଗଙ୍କ ଦ୍ୱାରା ଅନୁମୋଦିତ ସ୍ଥିର ଦର **Commission's** | ଶକ୍ତି ଉଠାଣର ଅଟକଳ **Estimated energy Drawa** | ଆୟୋଗଙ୍କ ଦ୍ୱାରା ଅନୁମୋଦିତ ୩.୦୯%ର ସେଣ୍ଟ୍ରାଲ ସଂଚାରଣ କ୍ଷତିକୁ ମିଶାଇ **Commis** |
|---|---|---|---|---|---|---|---|

| | Fixed cost approved by CERC for ୨୦୦୮-୦୯ | | O’s proposal for its share of Fixed Cost including Income Tax (କୋଟି ଟଙ୍କାରେ) | O’s proposal including Central Tr. Loss of ୩.୮୭% (ୟୁନିଟ୍ ପ୍ରତି ପଇସା) | approval for Fixed Cost for ୨୦୧୦-୧୧ (କୋଟି ଟଙ୍କାରେ) | l (ଏମୟୁ) | sion’s approval including Central Tr. Loss of ୩.୦୯% (ୟୁନିଟ୍ ପ୍ରତି ପଇସା) |
|---|---|---|---|---|---|---|---|
| ଟିଏସଟିପିଏସ-୧ | ୩୯୭.୩୦ | ୩୧.୮୦ | ୧୫୬.୩୦ | ୭୩.୪୪ | ୧୨୬.୩୪ | ୨୧୪୫.୫୪ | ୫୮.୮୯ |
| ଟିଏସଟିପିଏସ-୨ | ୯୫୫.୫୭ | ୧୦.୦୦ | ୧୦୨.୭୨ | ୭୬.୭୪ | ୯୫.୫୬ | ୧୩୪୯.୩୯ | ୭୦.୮୧ |
| ଏଫଏସଟିପିଏସ୍ | ୫୧୮.୩୩ | ୧୩.୬୩ | ୭୭.୧୧ | ୬୦.୧୫ | ୭୦.୬୫ | ୧୪୬୪.୪୯ | ୪୮.୨୪ |
| କେଏଚଏସଟିପିଏସ -୧ | ୩୧୬.୭୯ | ୧୫.୨୪ | ୪୭.୬୪ | ୬୯.୩୮ | ୪୮.୨୮ | ୮୪୦.୬୩ | ୫୭.୪୩ |
| କେଏଚଏସଟିପିଏସ -୨ | ୫୧୫.୩୮ (ୟୁନିଟ୍ ୧ ଓ ୨) | ୦.୬୦ | ୩.୭୫ | ୭୫.୬୦ | ୪.୬୩୯ (*) | ୬୦.୭୨ | ୭୬.୩୯ |

**ପରିବର୍ତ୍ତନୀୟ ଦେୟ-ଦର:**

୪୦୫) ୨୦୦୮-୦୯ ପାଇଁ ସିଇଆର୍‌ସି ବିଜ୍ଞପ୍ତି ଭିତ୍ତିରେ ୨୦୧୦-୧୧ ଆ.ବ. ପାଇଁ ପରିବର୍ତ୍ତନୀୟ ଦେୟ-ଦର ସ୍ଥିର କରାଯାଇଥିବା ଗ୍ରୀଡ୍‌କୋ କହିଛି । ସିଇଆର୍‌ସି ବିଜ୍ଞପ୍ତି ମୂଳେ ଗ୍ରୀଡ୍‌କୋ ଦ୍ୱାରା ପ୍ରସ୍ତାବିତ ପରିବର୍ତ୍ତନୀୟ ଦେୟ-ଦରକୁ ଆୟୋଗ ଗ୍ରହଣ କରିଛନ୍ତି । ତେବେ, ଗ୍ରୀଡ୍‌କୋର ପ୍ରସ୍ତାବ କ୍ରମେ, ୩.୮୭% ପରିବର୍ତ୍ତେ ୩.୦୯%ର ଏକ ସରବରାହ କ୍ଷତିକୁ ଆୟୋଗ ଗ୍ରହଣ କରିଥିବା ଯୋଗୁ ୟୁନିଟ ପିଛା ପରିବର୍ତ୍ତନୀୟ ଦାମ୍‌ର ପରିବର୍ତ୍ତନ ହୋଇଥାଏ ।ପ୍ରସ୍ତାବିତ ଓ ଅନୁମୋଦିତ ପରିବର୍ତ୍ତନୀୟ ନିମ୍ନ ସାରଣୀରେ ତା’ର ପ୍ରଦର୍ଶନ କରାଗଲା ।

ସାରଣୀ-୪୨

୨୦୦୯-୧୦ ପାଇଁ କେନ୍ଦ୍ରୀୟ ତାପଜ ଶକ୍ତି କେନ୍ଦ୍ର ମାନଙ୍କର ‘ପରିବର୍ତ୍ତନୀୟ ଦେୟ’

**Variable Charges of Central Thermal Power Stations**

| ଷ୍ଟେସନ ମାନଙ୍କର ନାମ | (ୟୁନିଟ୍ ପ୍ରତି ପଇସା) ସିଇଆରସି ଆଦେଶନାମା ଅନୁଯାୟୀ ପରିବର୍ତ୍ତନୀୟ ମୂଲ୍ୟ | ୨୦୧୦-୧୧ ପାଇଁ ଗ୍ରୀଡ଼କୋର ପ୍ରସ୍ତାବ (୩.୮୭%ର କେନ୍ଦ୍ରୀୟ ସଂଚାରଣ କ୍ଷତିକୁ ମିଶାଇ) | ୨୦୧୦-୧୧ର ଆୟୋଗଙ୍କ ଅନୁମୋଦିନ ପରିବର୍ତ୍ତି ମୂଲ୍ୟ (୩.୦୯ ର କେନ୍ଦ୍ରୀୟ ସଂଚାରଣ କ୍ଷତିକୁ ମିଶାଇ) (ୟୁନିଟ୍ ପ୍ରତି |
|---|---|---|---|

| | (କେନ୍ଦ୍ରୀୟ ସଂଚାରଣ କ୍ଷତି ବାଦେ) **Variable Cost as per CERC order (excluding central transmission loss)** | (ୟୁନିଟ୍ ପ୍ରତି ପଇସା) **GRIDCO's Proposal for 2010-11 (Including Central Tr. Loss of 3.87%)** | ପଇସା) **Variable Cost Approved by the Commission for 2010-11 (Including Central Tr. Loss of 3.09%)** |
|---|---|---|---|
| ଟିଏସଟିପିଏସ-୧ | ୪୧.୧୦ | ୪୨.୭୬ | ୪୨.୪୧ |
| ଟିଏସଟିପିଏସ-୨ | ୫୮.୭୩ | ୬୧.୦୯ | ୬୦.୬୦ |
| ଏଫଏସଟିପିଏସ୍ | ୯୮.୫୭ | ୧୦୨.୫୩ | ୧୦୧.୭୧ |
| କେଏଚଏସଟିପିଏସ-୧ | ୧୦୮.୫୦ | ୧୧୨.୮୭ | ୧୧୧.୯୬ |
| କେଏଚଏସଟିପିଏସ-୨ | ୧୨୫.୩୭ | ୧୩୦.୪୨ | ୧୨୯.୩୭ |

**ଜାଳେଣି ଦରର ସହ-ସାମିଲକରଣ:**

୪୦୬) ଗ୍ରୀଡ୍‌କୋ ତା'ର ଏଆର୍‌ଆର୍ ଦରଖାସ୍ତରେ ଦର୍ଶାଇଛି ଯେ ୧୧ ପ୍ରତିଶତରେ କୋଇଲା ଦର ବଢ଼ିଥିବାରୁ ଏବଂ କେନ୍ଦ୍ରୀୟ ତାପଜ ଶକ୍ତି ଉତ୍ପାଦନକାରୀ ଷ୍ଟେସନମାନେ ୩୦ ପ୍ରତିଶତ ପରିମାଣ ପର୍ଯ୍ୟନ୍ତ ଆମଦାନୀ କରାଯାଉଥିବା ଦାମୀ କୋଇଲା ବ୍ୟବହାର କରିବାକୁ ଭାରତ ସରକାରଙ୍କ ନିର୍ଦ୍ଦେଶ ଥିବାରୁ, ଗ୍ରୀଡ୍‌କୋ ୨୦୦୯-୧୦ ଆ.ବ.ର ପ୍ରଥମ ୬ମାସର ହାରାହାରି ପ୍ରକୃତ ଏଫ୍‌ପିଏ ଉର୍ଦ୍ଧ୍ୱରେ ୧୧ ପ୍ରତିଶତ ଏଫ୍‌ପିଏ ବୃଦ୍ଧିର ପ୍ରସ୍ତାବ ଦେଇଛି । ୩.୮୭%ର କେନ୍ଦ୍ରୀୟ ସରବରାହ କ୍ଷତି ସହ ୨୦୧୦-୧୧ ଆ.ବ. ପାଇଁ ଏଫ୍‌ପିଏର ପ୍ରଦର୍ଶନ ନିମ୍ନସାରଣୀରେ ପ୍ରଦର୍ଶିତ ହୋଇଛି ।

ସାରଣୀ-୪୩

ତୈଳ ଦର ବ୍ୟବସ୍ଥାପନ

**Fuel Price Adjustment (FPA)**

| ଷ୍ଟେସନ ମାନଙ୍କର ନାମ | ୨୦୦୯-୧୦ ପାଇଁ ଓଇଆରସିଙ୍କ ଅନୁମୋଦନ(କେନ୍ଦ୍ରୀୟ କ୍ଷତି ବିଚାର କରି) **(factoring central Loss)** (ୟୁନିଟ୍ ପ୍ରତି ପଇସା) | ଆର୍ଥିକ ବର୍ଷ ୨୦୦୯-୧୦ ର ପ୍ରଥମ ୬ ମାସର ହାରାହାରୀ ଏଫ.ପି.ଏ **Average FPA of 1st six months of FY2009-10** (ୟୁନିଟ୍ ପ୍ରତି ପଇସା) | ଆର୍ଥିକ ବର୍ଷ ୨୦୦୯-୧୦ର ପ୍ରଥମ ୬ ମାସ ପାଇଁ ୧୧% ଏକ୍ସାଲେସନରୁ ୩.୮୭% କେନ୍ଦ୍ରୀୟ କ୍ଷେତ୍ରର କ୍ଷତିକୁ ବାଦ୍ ଦେଇ ୨୦୧୦-୧୧ର ପ୍ରକ୍ଷେପଣ **Projection for 10-11 considering 11% escalations over 1st six months of FY 2009-10 excluding C.S. Loss of 3.87%** (ୟୁନିଟ୍ ପ୍ରତି ପଇସା) | ୨୦୧୦-୧୧ର ପ୍ରକ୍ଷେପଣ ୩.୮୭% ଦର ହାରରେ କେନ୍ଦ୍ରୀୟ ସଂଚାରଣ କ୍ଷତିକୁ ମିଶାଇ **Projection for FY 10-11 including Central Transmission Loss of 3.87%** (ୟୁନିଟ୍ ପ୍ରତି ପଇସା) |
|---|---|---|---|---|
| ଟିଏସଟିପିଏସ-୧ | ୩୨.୬୪ | ୭୩.୧୯ | ୮୧.୨୪ | ୮୪.୫୧ |
| ଟିଏସଟିପିଏସ-୨ | ୧୬.୬୪ | ୫୫.୫୬ | ୬୧.୬୭ | ୬୪.୧୬ |

| | | | | |
|---|---|---|---|---|
| ଏଫଏସଟିପିଏସ୍ | ୩୩.୭୮ | ୧୧୩.୩୭ | ୧୨୫.୮୪ | ୧୩୦.୯୦ |
| କେଏଚଏସଟିପିଏସ-୧ | ୩୧.୨୨ | ୭୧.୫୩ | ୭୯.୪୦ | ୮୨.୫୯ |
| କେଏଚଏସଟିପିଏସ-୨ | ୦ | ୪୮.୩୮ | ୫୩.୭୦ | ୫୫.୮୬ |

୪୦୭) ଏନ୍‌ଟିପିସି ଗ୍ରୀଡ୍‌କୋକୁ ଦେଇଥିବା ପ୍ରକୃତ ବିଲ୍‌ସମୂହର ଯାଞ୍ଚ କରାଯାଇଛି ଏବଂ ଅନୁଧାନ କରି ଦର୍ଶାଯାଇଛି ଯେ, କୋଇଲା ଓ ତେଲର ଦର ସ୍ଥୁଳ ପରିମାଣକୁ ବଢ଼ିଛି । ୨୦୦୯, ଏପ୍ରିଲରୁ ୨୦୧୦, ଜାନୁଆରୀ ପର୍ଯ୍ୟନ୍ତ ସମୟ ଅବଧି ପାଇଁ ତେଲ ଓ କୋଇଲା ଦରର ସବିଶେଷତା ତଥା ଏନ୍‌ଟିପିସି ଦାଖଲ କରିଥିବା ମତେ ଏଫ୍‌ପିଏ ଦର-ହାର ନିମ୍ନ ସାରଣୀରେ ପ୍ରଦତ୍ତ ହେଲା ।

ସାରଣୀ-୪୪

ତେଲ ଓ କୋଇଲା ଦର ଏବଂ ସିଜିଏସମାନଙ୍କର ଏଫପିଏ ଦର

**Coal & Oil Prices and FPA Rates of CGSs**

| | ଏଫଏସଟିପିଏସ୍ | | | କେଏଚଏସଟିପିଏସ-୧ | | | କେଏଚଏ ସଟିପିଏସ -୨ | ଟିଏସଟିପିଏସ-୧ | | | ଟିଏସଟି ପିଏସ-୨ |
|---|---|---|---|---|---|---|---|---|---|---|---|
| ମାସ | ତୈଳ ଦର (ଲି. ପ୍ରତି ଟଙ୍କା) | କୋଇଲା ଦର(ମେଟ୍ରିକ ଟନ୍ ପ୍ରତି ଟଙ୍କା) | ଏଫପିଏ (ୟୁନିଟ୍ ପ୍ରତି ପଇସା) | ତୈଳ ଦର(ଲି. ପ୍ରତି ଟଙ୍କା) | କୋଇଲା ଦର(ମେଟ୍ରିକ ଟନ୍ ପ୍ରତି ଟଙ୍କା)) | ଏଫପିଏ (ୟୁନିଟ୍ ପ୍ରତି ପଇସା) | ଏଫପିଏ (ୟୁନିଟ୍ ପ୍ରତି ପଇସା) | ତୈଳ ଦର (ଲି. ପ୍ରତି ଟଙ୍କା) | କୋଇଲା ଦର(ମେଟ୍ରିକ ଟନ୍ ପ୍ରତି ଟଙ୍କା) | ଏଫପିଏ (ୟୁନିଟ୍ ପ୍ରତି ପଇସା) | ଏଫପିଏ (ୟୁନିଟ୍ ପ୍ରତି ପଇସା) |
| ଏପ୍ରିଲ-୦୯ | ୨୩,୭୧୮.୩୯ | ୨,୪୩୩.୯୪ | ୧୦୫.୬୯ | ୨୦,୫୪୦.୨୦ | ୧,୭୦୭.୦୫ | ୬୭.୧୮ | ୪୪.୦୯ | ୨୦,୭୬୭.୮୨ | ୧,୫୬୯.୮୮ | ୯୩.୫୦ | ୭୫.୮୭ |
| ମେ-୦୯ | ୨୩,୭୧୮.୩୯ | ୨,୫୭୩.୭୭ | ୧୧୪.୮୭ | ୨୦,୫୪୦.୨୦ | ୧,୬୭୦.୧୭ | ୫୯.୫୭ | ୩୭.୦୮ | ୨୧,୩୨୬.୫୩ | ୧,୪୮୮.୦୪ | ୮୬.୯୫ | ୬୯.୪୬ |
| ଜୁନ୍-୦୯ | ୨୩,୬୪୮.୬୭ | ୩,୦୬୮.୧୫ | ୧୩୪.୮୬ | ୨୩,୧୩୧.୨୮ | ୧,୯୮୪.୭୭ | ୮୪.୪୮ | ୬୦.୮୧ | ୨୧,୨୫୯.୮୨ | ୧,୧୮୧.୮୧ | ୭୦.୦୧ | ୫୩.୧୨ |
| ଜୁଲାଇ-୦୯ | ୨୪,୪୯୫.୩୨ | ୨,୩୯୪.୭୦ | ୧୪୪.୩୦ | ୨୬,୦୩୫.୧୧ | ୨,୦୯୦.୪୩ | ୧୦୫.୨୨ | ୮୦.୮୯ | ୨୨,୫୮୬.୭୦ | ୧,୪୨୬.୨୨ | ୧୦୫.୩୮ | ୮୭.୬୬ |
| ଅଗଷ୍ଟ-୦୯ | ୨୫,୮୩୨.୦୩ | ୧,୬୮୪.୬୨ | ୧୦୪.୫୪ | ୨୭,୨୨୦.୭୮ | ୧,୭୪୬.୬୪ | ୭୧.୮୨ | ୫୭.୨୬ | ୨୬,୩୯୪.୯୭ | ୮୧୩.୪୧ | ୪୩.୭୮ | ୨୬.୧୬ |
| ସେପ୍ଟେମ୍ବର -୦୯ | ୨୫,୮୩୨.୦ | ୧,୫୯୯.୪୮ | ୭୫.୯୫ | ୨୯,୩୫୮.୯୮ | ୧,୩୭୦.୫୩ | ୪୦.୯୦ | ୧୮.୭୮ | ୨୬,୪୯ | ୭୬୭.୯୬ | ୩୯.୩୮ | ୨୧.୭୫ |

| | | | | | | | | | | | |
|---|---|---|---|---|---|---|---|---|---|---|---|
| | ୩ | | | | | | | ୯.୫୨ | | | |
| ଅକ୍ଟୋବର-୦୯ | ୨୬,୫୪୪.୭୨ | ୧,୬୬୬.୬୧ | ୭୫.୮୦ | ୨୯,୩୫୩.୯୯ | ୧,୩୧୧.୮୭ | ୩୫.୬୮ | ୧୩.୭୪ | ୨୬,୬୮୮.୪୩ | ୭୭୮.୩୯ | ୩୯.୫୯ | ୨୧.୯୬ |
| ନଭେମ୍ବର-୦୯ | ୨୬,୫୪୪.୭୨ | ୧,୯୬୨.୨୯ | ୯୧.୨୪ | ୨୯,୧୩୩.୩୦ | ୧,୬୧୮.୬୮ | ୬୮.୦୪ | ୪୪.୯୩ | ୨୬,୯୨୧.୫୨ | ୮୧୩.୪୯ | ୪୪.୦୨ | ୨୬.୩୯ |
| ଡିସେମ୍ବର-୦୯ | ୨୬,୫୪୪.୭୨ | ୨,୩୫୭.୩୭ | ୧୧୨.୬୬ | ୩୨,୮୫୭.୦୧ | ୧,୮୨୭.୩୭ | ୭୭.୪୨ | ୫୪.୦୦ | ୨୬,୭୭୭.୪୦ | ୯୭୫.୧୨ | ୫୨.୭୫ | ୩୫.୧୩ |
| ଜାନୁୟାର 1-୧୦ | ୨୭,୩୯୮.୯୪ | ୨,୮୯୬.୨୭ | ୧୩୧.୯୬ | ୩୨,୫୪୦.୩୬ | ୧,୯୧୭.୦୦ | ୭୯.୯୪ | ୫୬.୪୨ | ୨୬,୭୬୦.୮୮ | ୧,୧୭୭.୮୯ | ୭୦.୪୧ | ୫୨.୭୮ |
| ହାରାହାର 1 ୪/୦୯ ଠାରୁ ୧/୧୦ ୧୦ ଇଙ୍ଗଶ ଲକ୍ସକ୍ଟଙ୍କ ୪/୦୯ ଗ୍ରକ୍ଟ ୧/୧୦ | ୨୫,୨୦୮.୭୮ | ୨,୧୯୩.୪୪ | ୧୧୦.୮୬ | ୨୬,୪୬୩.୪୩ | ୧,୭୦୩.୦୬ | ୬୯.୪୮ | ୪୭.୨୩ | ୨୪,୩୫୮.୦୮ | ୧,୦୯୦.୪୮ | ୬୫.୩୪ | ୪୭.୮୧ |

୪୦୮) ୨୦୦୯ ଏପ୍ରିଲ ଠାରୁ ୨୦୧୦, ଜାନୁଆରୀ ପର୍ଯ୍ୟନ୍ତ ସମୟ ଅବଧି ପାଇଁ ଏଫ୍‌ଏସ୍‌ଟିପିଏସ୍ ପାଇଁ ଏଫ୍‌ପିଏ ଦର-ହାର ୟୁନିଟ ପିଛା ୭୫.୮୦ ପଇସାରୁ ୧୪୪.୩୦ ପଇସାକୁ , ଟିଏସ୍‌ଟିପିଏସ୍-୧ ପାଇଁ ୟୁନିଟ ପିଛା ୩୯.୩୮ ପଇସାରୁ ୧୦୫.୩୮ ପଇସାକୁ ଏବଂ ଟିଏସ୍‌ଟିପିଏସ୍-୨ ପାଇଁ ୟୁନିଟ ପିଛା ୨୧.୭୫ ପଇସାରୁ ୮୭.୭୬ ପଇସାକୁ ପାର୍ଥକ୍ୟ ସୃଷ୍ଟି କରିଥାଏ । ଅନ୍ୟ ଅର୍ଥରେ କୁହାଗଲେ ଏହା ହେବ ଯେ, ଏଫ୍‌ପିଏ ଦର-ହାରକୁ ମନଇଛା ବା ବିରକ୍ତିକର ଭାବେ ପ୍ରୟୋଗ କରାଯାଉଛି । ତେଣୁ ଆଗାମୀ ୨୦୧୦-୧୧ ଆ.ବ. ପାଇଁ ପ୍ରକୃତ ଏଫ୍‌ପିଏ ଦର-ହାରକୁ ଆକଳନ କରିବା କଷ୍ଟକର ଅଟେ ।

୪୦୯) ଏନ୍‌ଟିପିସି ପାଇଁ ପ୍ଲାଣ୍ଟମାନଙ୍କରେ ଶକ୍ତି ଉତ୍ପାଦନ ପାଇଁ ଆମଦାନୀ କରାଯାଉଥିବା କିମ୍ବା ଉଚ୍ଚା ଦାମ୍‌ର କୋଇଲା ବ୍ୟବହାର କରୁଥିବା ଯୋଗୁ ସଂପ୍ରତି ଏଫ୍‌ପିଏ ଦର-ହାରରେ ଅଧିକତର ପାର୍ଥକ୍ୟ ପରିଲକ୍ଷିତ ହେଉଛି । ଆୟୋଗ ମତ ପୋଷଣ କରନ୍ତି ଯେ, ଆମଦାନୀଯୁକ୍ତ/ଉଚ୍ଚା ଦାମ୍‌ର କୋଇଲାର ବ୍ୟବହାର ଏକ ନିୟମିତ ଓ ସବୁଦିନିଆ ବ୍ୟାପାର ହୋଇ ନପାରେ । ପ୍ରକୃତରେ, ୨୦୧୦-୧୧ ଆ.ବ.ରେ ଏହି ପ୍ରକ୍ରିୟା ଜାରି ରହି ଥାଇ ନପାରେ । ଉପରୋକ୍ତ ଅବତାରଣାକୁ ବିବେଚନା କରି ଗ୍ରୀଡ୍‌କୋ ଦ୍ୱାରା ପ୍ରସ୍ତାବିତମତେ ୧୧%ର ଏକ ବୃଦ୍ଧି ବିପକ୍ଷରେ ସୃଷ୍ଟି ପାର୍ଥକ୍ୟକୁ ଭରଣା କରିବା କରିବା ପାଇଁ ହାରାହାରି ଏଫ୍‌ପିଏର ୧୦% ବୃଦ୍ଧି ସହ ୨୦୦୯, ଏପ୍ରିଲରୁ ୨୦୧୦ ଜାନୁଆରୀ ପର୍ଯ୍ୟନ୍ତ ସମୟ ଅବଧି ପାଇଁ କୋଇଲାର ହାରାହାରି ଦର ଓ ଜିସିଭିକୁ ଆଧାର କିର ଆୟୋଗ ହାରାହାରି ଏଫ୍‌ପିଏ ଦର-ହାରର ଅଟକଳନ କରିଛନ୍ତି । ତାହା ନିମ୍ନ ସାରଣୀରେ ଦର୍ଶାଯାଇଛି ।

ସାରଣୀ-୪୫

୨୦୧୦-୧୧ ପାଇଁ ସିଜିଏସମାନଙ୍କର ଜାଳେଣି ଦର ବ୍ୟବସ୍ଥାପନ ଦେୟ (ଏଫପିଏ)

## Fuel Price Adjustment Charges of CGSs for 2010-11

(ୟୁନିଟ ପିଛା ପଇସା)

| ଷ୍ଟେସନ ମାନଙ୍କର ନାମ | ଗ୍ରୀଡ଼କୋର ପ୍ରସ୍ତାବ (୩.୮୭%ର କେନ୍ଦ୍ରୀୟ ସଂଚାରଣ କ୍ଷତିକୁ ମିଶାଇ) | ହାରାହାରୀ ଏଫ.ପି.ଏ ଏପ୍ରିଲ ୦୯ ଠାରୁ ଜାନୁୟାରୀ ୨୦ ପର୍ଯ୍ୟନ୍ତ **Avg FPA for the Period from April,09 to Jan,10** | ଆୟୋଗଙ୍କ ଅନୁମୋଦିତ ହାରାହାରୀ ୧୦% ଏସ୍କାଲେସନ ଅନୁଯାୟୀ **Approval of the Commission with an escalation of 10%** | ଆୟୋଗଙ୍କ ଦ୍ୱାରା ଅନୁମୋଦିତ ୩.୦୯%ର କେନ୍ଦ୍ରୀୟ ସଂଚାରଣ କ୍ଷତିକୁ ମିଶାଇ |
|---|---|---|---|---|
| ଟିଏସଟିପିଏସ-୧ | ୮୪.୫୧ | ୬୫.୩୪ | ୭୧.୮୮ | ୭୪.୧୭ |
| ଟିଏସଟିପିଏସ-୨ | ୬୪.୧୬ | ୪୭.୮୧ | ୫୨.୫୯ | ୫୪.୨୭ |
| ଏଫଏସଟିପିଏସ୍ | ୧୩୦.୯୦ | ୧୧୦.୮୬ | ୧୨୧.୯୫ | ୧୨୫.୮୩ |
| କେଏଚଏସଟିପିଏସ-୧ | ୮୨.୫୯ | ୬୯.୪୮ | ୭୬.୪୨ | ୭୮.୮୬ |
| କେଏଚଏସଟିପିଏସ-୨ | ୫୫.୮୬ | ୪୭.୨୩ | ୫୧.୯୬ | ୫୩.୬୧ |

୪୧୦) ଆୟୋଗଙ୍କ ଦ୍ୱାରା ଆକଳିତ ୧୦%ରୁ ଉର୍ଦ୍ଧ୍ୱରେ ୨୦୧୦-୧୧ ଆ.ବ. ପାଇଁ ଏଫ୍‌ପିଏରେ ପୁନଶ୍ଚ ଯଦି କୌଣସି ପାର୍ଥକ୍ୟ ଆସେ, ତାହାକୁ ୨୦.୦୩.୨୦୧୦ର ପାଇକାରୀ ଯୋଗାଣ ଟାରିଫର ପରିଚ୍ଛେଦ-୩୭୧ରେ ବର୍ଣ୍ଣିତ ଢ଼ାଞ୍ଚା ଅନୁଯାୟୀ ଭରଣା କରାଯାଇପାରେ ।

"୩୭୧. ପରୀକ୍ଷା ନିରୀକ୍ଷାରୁ ଜଣାପଡିଛି ଯେ, ୨୦୦୯ ଏପ୍ରିଲ ଠାରୁ ୨୦୧୦ ଜାନୁଆରୀ ମଧ୍ୟସ୍ଥ ସମୟ ଅବଧି ପାଇଁ କୋଇଲା ଓ ତେଲର ଦରରେ ଏକ ବଡ଼ ଧରଣର ପାର୍ଥକ୍ୟ (ଉଭୟ ଆରୋହ ଓ ଅବରୋହ ଗତିରେ) ଆସିଛି । ତେଣୁ, ତାପଜ ଶକ୍ତି ଷ୍ଟେସନଗୁଡିକ ପାଇଁ ଏଫ୍‌ପିଏ ଦର-ହାରରେ ବିରକ୍ତିକର ଭାବରେ ପାର୍ଥକ୍ୟ ଆସିଛି । ଏନ୍‌ଟିପିସି ତା'ର ପ୍ଲାଣ୍ଟ ଗୁଡିକରୁ ଶକ୍ତି ଉତ୍ପାଦନ ପାଇଁ ଆମଦାନୀ କରାଯାଉଥିବା/ଉଚ୍ଚା ଦାମ୍‌ର କୋଇଲା ବ୍ୟବହାର କରୁଥିବା ଯୋଗୁ ସଂପ୍ରତି ଏଫ୍‌ପିଏ ଦର-ହାରରେ ପାର୍ଥକ୍ୟ ପରିଲକ୍ଷିତ ହୋଇଛି । ଆୟୋଗ ମତ ପୋଷଣ କରିଛନ୍ତି ଯେ, ଆମଦାନୀ ଯୁକ୍ତ କୋଇଲା ଓ ଉଚ୍ଚା ଦାମ୍‌ର କୋଇଲା ଶକ୍ତି ଉତ୍ପାଦନ ପାଇଁ ଏକ ନିୟମିତ ଓ ସବୁଦିନିଆ ପ୍ରକ୍ରିୟା ହୋଇ ନ ପାରେ । ବାସ୍ତବରେ, ୨୦୧୦-୧୧ରେ ଏହା ଜାରି ରହିପାରେ କିମ୍ବା ରହି ନ ପାରେ । ଉପରୋକ୍ତ ଅବତାରଣାକୁ ବିବେଚନା କରି, ଗ୍ରୀଡ୍‌କୋ ଦ୍ୱାରା ପ୍ରସ୍ତାବିତ ୧୧%ର ଏକ ବୃଦ୍ଧି ବିପକ୍ଷରେ ପାର୍ଥକ୍ୟକୁ ଭରଣା କରିବାକୁ ହାରାହାରି ଏଫପିଏର ଉର୍ଦ୍ଧ୍ୱରେ ୧୦%ର ବୃଦ୍ଧି ସହ ୨୦୦୯, ଏପ୍ରିଲରୁ ୨୦୧୦, ଜାନୁଆରୀ ମଧ୍ୟସ୍ଥ ସମୟ ଅବଧି ପାଇଁ ହାରାହାରି ଦର ଓ କୋଇଲାର ଜିସିଭିକୁ ଭିତ୍ତି କରି ଆୟୋଗ ହାରାହାରି ଏଫ୍‌ପିଏକୁ ଅଟ୍ଟକଳନ କରିଛନ୍ତି । ଯଦି, ଆୟୋଗଙ୍କ ଦ୍ୱାରା ଆକଳିତ ୧୦%ରୁ ଉର୍ଦ୍ଧ୍ୱରେ ୨୦୧୦-୧୧ରେ ଏଫପିଏରେ କୌଣସି ପାର୍ଥକ୍ୟ ଆସେ, ତେବେ ଓଇଆର୍‌ସି (ବ୍ୟବସାୟ ପରିଚାଳନା) ନିୟମାବଳୀ, ୨୦୦୪ର ନିୟମ - ୬୦ ସହ ପଠିତ ପରିଶିଷ୍ଟ-୭ରେ ନିର୍ଣ୍ଣିତ ପଦ୍ଧତି ଓ ପରାମର୍ଶବଳୀ ସହ ତାଳମେଳ ରଖି କୋଇଲାର ଏହି ଅତିରିକ୍ତ ଦାମକୁ ଗ୍ରୀଡ୍‌କୋ ଭରଣା କରିପାରେ । ପ୍ରଯୋଜ୍ୟ ସ୍ୱାଭାବିକ ଟାରିଫର ଉର୍ଦ୍ଧ୍ୱରେ ହିଁ ଏହା ହେବ ।

୪୧୧) ୨୦୦୮-୦୯ ଆ.ବ. ଏବଂ ୨୦୦୯-୧୦ ଆ.ବ. (ଏପ୍ରିଲ ୨୦୦୯ରୁ ସେପ୍ଟେମ୍ବର ୨୦୦୯) ପାଇଁ ପ୍ରକୃତ ବର୍ଷ-ଶେଷ ଦେୟ-ଦରକୁ ଭିତ୍ତି କରି କେନ୍ଦ୍ରୀୟ ସେକ୍ଟର କ୍ଷତିକୁ ମିଶାଇ ଗ୍ରୀଡ୍‌କୋ ୨୦୧୦-୧୧ ଆ.ବ. ପାଇଁ ବର୍ଷ-ଶେଷ ଦେୟ-ଦରର ପ୍ରସ୍ତାବ କରିଛି ।

୪୧୨) ଆୟୋଗ ପ୍ରସ୍ତାବରେ ଯାଞ୍ଚ କରିଥିଲେ ଏବଂ ୨୦୧୦-୧୧ ଆ.ବ. ପାଇଁ ବର୍ଷ ଶେଷ ଦେୟ-ଦରର ହିସାବ ଉଦ୍ଦେଶ୍ୟରେ ନିମ୍ନଲିଖିତ ଶୃଙ୍ଖଳାସମୂହକୁ ଗ୍ରହଣ କରିଥିଲେ ।

୪୧୩) ବର୍ଷ-ଶେଷ ଦେୟ-ଦରର ଏକ ମୁଖ୍ୟ ଅଂଶ ହେଉଛି ଆୟକର । ଯାଞ୍ଚରୁ ଏହା ଜଣାପଡିଛି ଯେ, ଏକ ଅତିରିକ୍ତ କ୍ଷମତା (ପରିମାଣ) ଦେୟ-ଦର ଭାବରେ ତା'ର ମାସିକିଆ ବିଲ୍‌ରେ ୨୦୦୯-୧୦ ଆ.ବ. ପାଇଁ ଆୟକର ବାବଦକୁ ଏନ୍‌ଟିପିସି ଗ୍ରୀଡ୍‌କୋ ଉପରେ ବିଲ୍ ବଢ଼ାଇଛି । ଅତିରିକ୍ତ କ୍ଷମତା (ପରିମାଣ) ଦେୟ-ଦର ଭାବରେ ଆୟକରକୁ ଗ୍ରୀଡ୍‌କୋ ବିବେଚନା କରିଛି ଏବଂ କେନ୍ଦ୍ରୀୟ ଉତ୍ପାଦନକାରୀ ଷ୍ଟେସନମାନଙ୍କର ସ୍ଥିର ଦରରେ ତାହାକୁ ଅନ୍ତର୍ଭୁକ୍ତ କରିଛି । ଅବଶ୍ୟ ଏହି ଅତିରିକ୍ତ ଦେୟ-ଦରକୁ କୌଣସି ଆଦେଶନାମା ବା ନିୟମ ବିରୋଧ କରିନାହିଁ । ଏ ସମ୍ପର୍କରେ ଆୟୋଗ ଯାଞ୍ଚ କରିବାରୁ, ୨୦୦୮-୦୯ ଏବଂ ୨୦୦୯-୧୦ର ଡିସେମ୍ବର ୨୦୦୯ ପର୍ଯ୍ୟନ୍ତ ସମୟ ଅବଧି ପାଇଁ ଗ୍ରୀଡ୍‌କୋ ଏନ୍‌ଟିପିସିକୁ ଦେବାକୁ ଥିବା ବର୍ଷ-ଶେଷ ଦେୟ ଦରର ପୁଂଖାନୁପୁଂଖତାକୁ ଦର୍ଶାଇ ତା'ର ୨୫.୧୧.୨୦୧୦ର ଫାଇଲିଂରେ ଏକ ବିବରଣୀ ଉପସ୍ଥାପନ କରିଛି । ବର୍ଷ-ଶେଷ ଦେୟ-ଦର ଜରିଆରେ ଆୟକରର ଭରଣା ପାଇଁ ଆୟୋଗ ସାମୟିକ ଭାବେ ଗ୍ରହଣ କରିଛନ୍ତି । ୨୦୦୯-୧୦ ଆର୍ଥିକ ବର୍ଷର ଡିସେମ୍ବର ୨୦୦୯ ପର୍ଯ୍ୟନ୍ତ ସମୟ ଅବଧି ପାଇଁ 'ପ୍ରକୃତ କର' ଉଦ୍ଦେଶ୍ୟରେ ୨୫.୧୦.୨୦୧୦ର ଫାଇଲିଂରେ ଗ୍ରୀଡ୍‌କୋ ଦ୍ୱାରା ପ୍ରସ୍ତାବିତ ପରିମାଣକୁ ସମୁଦାୟ ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ଆନୁପାତିକ ହିସାବଭୁକ୍ତ କରାଯାଇଛି ଏବଂ ୨୦୧୦-୧୧ ଆ.ବ. ପାଇଁ ଗ୍ରୀଡ୍‌କୋର ଏଆର୍‌ଆର୍‌ରେ ସେହି ପରିମାଣକୁ ବର୍ଷ-ଶେଷ ଦେୟ-ଦର ବାବଦକୁ ବିବେଚନା କରାଯାଇଛି ।

୪୧୪) ୨୦୧୦-୧୧ ଆ.ବ. ପାଇଁ ଗୌଣ-ଉପଯୋଗକୁ ଭିତ୍ତି କରି ୟୁନିଟ ପିଛା ୨୦ ପଇସାର ଦର-ହାରରେ ଟିଏସ୍‌ଟିପିଏସ୍ ଷ୍ଟେଜ - ୧ ଏବଂ ଷ୍ଟେଜ - ୨ ପାଇଁ ବିଦ୍ୟୁତ୍ ଡ୍ୟୁଟିର ହିସାବ କରାଯାଇଛି ।

୪୧୫) ୨୦୧୦-୧୧ ଆ.ବ. ପାଇଁ ୮୫%ର ପିଏଲ୍‌ଏଫ୍‌ରେ ଆୟୋଗ ଉତ୍ପାଦନକୁ ବିବେଚନା କରିଛନ୍ତି, ଯେଉଁଥିପାଇଁ ସିଜିଏସ୍‌ସମୂହ ପାଇଁ ସଂପ୍ରତି ପାରିତୋଷିକତା ବାବଦକୁ ପେମେଣ୍ଟକୁ ହିସାବକୁ ନିଆଯାଇଛି । ୮୦%ର ପିଏଲ୍‌ଏଫ ସହିତ ବଳକା ଶକ୍ତିର ସୁଚୀଭୁକ୍ତ ଉତ୍ପାଦନ ପାଇଁ ୟୁନିଟ ପିଛା ୨୫ ପଇସାର ଏକ ସମାନ ଦର-ହାରରେ ପାରିତୋଷିକତାକୁ ହିସାବ କରାଯାଇଛି । ଅର୍ଥାତ୍ ସିଇଆରସି ଟାରିଫ ନିୟମାବଳୀ, ୨୦୦୪ ଅନୁଯାୟୀ ଏହା ହେଉଛି 'ମାପଦଣ୍ଡ-ଭିତ୍ତିକ ଉପଲବ୍ଧତା' ।

୪୧୬) ୨୦୦୮-୦୯ ଆ.ବ. ଏବଂ ୨୦୦୯-୧୦ର ଡିସେମ୍ବର ୨୦୦୯ ପର୍ଯ୍ୟନ୍ତ ସିଜିଏସ୍‌ମାନଙ୍କ ପାଇଁ ଏନ୍‌ଟିପିସି ପାଣି ସେସ୍ ବିଲ୍‌କୁ ବୃଦ୍ଧି କରିଛି । ୨୦୦୯-୧୦ ଆ.ବ.ର ଡିସେମ୍ବର୨୦୦୯ ପର୍ଯ୍ୟନ୍ତ ସମୟ ଅବଧି ପାଇଁ ଏନ୍‌ଟିପିସି ବିଲ୍‌ର ଆନୁପାତିକ ହିସାବ ଉପରେ ୨୦୧୦-୧୧ ଆ.ବ. ପାଇଁ ପାଣି ବାବଦରେ ଅତିରିକ୍ତ ଦେୟକୁ ଆୟୋଗ ଅନୁମୋଦନ କରିଛନ୍ତି ।

୪୧୭) କେନ୍ଦ୍ରୀୟ ସରବରାହ କ୍ଷତିକୁ ମିଶାଇ ବର୍ଷ-ଶେଷ ଦେୟ-ଦରକୁ ଆୟୋଗ ଉପରୋକ୍ତ ଆଲୋଚିତ ଶୃଙ୍ଖଳାସମୂହକୁ ଅନୁସରଣ କରି ଅନୁମୋଦନ କରିଛନ୍ତି । ନିମ୍ନ ସାରଣୀରେ ତା'ର ସବିଶେଷତା ଦର୍ଶାଗଲା ।

ସାରଣୀ-୪୬

୨୦୧୦-୧୧ ବର୍ଷ ପାଇଁ ଅନୁମୋଦିତ ବର୍ଷ-ଶେଷ ଚାର୍ଜ (ୟୁନିଟ ପିଛା ପଇସାରେ)

**Approved Year-end Charges for 2010-11 (Paise/Unit)**

| କେନ୍ଦ୍ରୀୟ ତାପଜ କେନ୍ଦ୍ର | ଗ୍ରୀଡ୍‌କୋର ପ୍ରସ୍ତାବ (୩.୮୭%ର ସେଣ୍ଟ୍ରାଲ ଟ୍ରାନ୍ସମିଶନ କ୍ଷତିକୁ ମିଶାଇ) | ଆୟୋଗଙ୍କ ଦ୍ୱାରା ଅନୁମୋଦିତ ୩.୦୯%ର ସେଣ୍ଟ୍ରାଲ ସେକ୍ଟର କ୍ଷତିକୁ ମିଶାଇ<br>**Commission's Approval Including Central Sector Loss @ ୩.୦୯%** |
|---|---|---|

| | | |
|---|---|---|
| ଟିଏସଟିପିଏସ-୧ | ୨.୧୪ | ୧୨.୩୫ |
| ଟିଏସଟିପିଏସ-୨ | ୨.୧୬ | ୧୧.୦୭ |
| ଏଫଏସଟିପିଏସ୍ | ୧୦.୬୭ | ୭.୫୪ |
| କେଏଚଏସଟିପିଏସ-୧ | ୦.୦୫ | ୭.୮୧ |
| କେଏଚଏସଟିପିଏସ-୨ | ୦ | ୧.୦୧ |

**ପିଜିସିଆଇଏଲ୍ ପଦ୍ଧତି ପାଇଁ ସରବରାହ ଦେୟ-ଦର:**

୪୧୮) ସମୟକୁ ସମୟ ସିଇଆରସିଙ୍କ ଦ୍ୱାରା ନିର୍ଦ୍ଧାରିତ ଶୃଙ୍ଖଳାସମୂହ ଓ ମାପଦଣ୍ଡ ସମୂହ ଅନୁଯାୟୀ, କେନ୍ଦ୍ରୀୟ ସରବରାହ ପଦ୍ଧତି ପାଇଁ ଟାରିଫ ସ୍ଥିର କରାଯାଇଥାଏ । ୨୦୦୯, ଏପ୍ରିଲ ୧ ଠାରୁ ଆରମ୍ଭ କରି ୨୦୧୪, ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଆଗାମୀ ୫ବର୍ଷର ସମୟ ଅବଧି ପାଇଁ ସିଇଆରସି ଟାରିଫ ନିୟମାବଳୀ, ୨୦୦୯ର ନିୟମସୂଚୀ ଓ ସର୍ତ୍ତାବଳୀର ସିଦ୍ଧାନ୍ତ କରିଛନ୍ତି । ପିଜିସିଆଇଏଲ୍ର ଏକକ ଲାଇନ-ସମୂହ ଓ ସବ୍ଷ୍ଟେସନଗୁଡିକ ପାଇଁ ଟାରିଫ ଅଦ୍ୟାବଧି ଚୂଡାନ୍ତକରଣ କରାଯାଇନାହିଁ । ପୂର୍ବ ସିଇଆରସି ଟାରିଫ ନିୟମାବଳୀ, ୨୦୦୪ ଅନୁଯାୟୀ ପିଜିସିଆଇଏଲ ବିଲ୍ ପ୍ରସ୍ତୁତ କରିଆସୁଛି । ସେହି ଅନୁସାରେ, ଆ.ବ. ୨୦୧୦-୧୧ ପାଇଁ ଟାରିଫ ପ୍ରସ୍ତାବରେ ୨୦୦୮-୦୯ ଆ.ବ. ପାଇଁ ଯଥା-ଉଦ୍ଦିଷ୍ଟ ଷ୍ଟେସନଗୁଡିକ ପାଇଁ ସିଇଆରସିଙ୍କ ଅନୁମୋଦନ ମତେ ସ୍ଥିର ଦରକୁ ହିସାବକୁ ନେବାକୁ ଗ୍ରୀଡ୍କୋ ବିବେଚନା କରିଛି । ତେଣୁ ଏ ସମ୍ପର୍କରେ କୌଣସି ସଦ୍ୟ ଆଦେଶନାମା ଉପଲବ୍ଧ ନଥିଲା । ସିଇଆରସି ବିଜ୍ଞପ୍ତି ଓ ସିଇଏଙ୍କର ଭାଗ -ବଣକୁଆରା ଉପରେ ଆଧାର କରି ପୂର୍ବାଞ୍ଚଳ ଉପଭୋକ୍ତାଙ୍କ ଦ୍ୱାରା କେନ୍ଦ୍ରୀୟ ସରବରାହ ପଦ୍ଧତିର ବ୍ୟବହାର ପାଇଁ ପିଜିସିଆଇଏଲ ସରବରାହ ଦେୟ-ଦର ଦାବି କରିଛି । ପିଜିସିଆଇଏଲ୍ ସରବରାହ ଦେୟ-ଦର ବାବଦକୁ ସ୍ଥିର-ଦରର ପ୍ରତିଶତ-ଭାଗ-ବଣ୍ଟୁଆରାର ସଠିକ ହାରାହାରି ହିସାବ ଏବିଟି-ଆଧାରିତ ଆଞ୍ଚଳିକ ଶକ୍ତି ହିସାବରେ ମଧ ପ୍ରତିଫଳିତ ହୋଇଛି । ୨୦୧୦, ଜାନୁଆରୀର ଆଞ୍ଚଳିକ ଆକାଉଣ୍ଟ ଅନୁଯାୟୀ, ପିଜିସିଆଇଏଲ ସରବରାହ ଦେୟ-ଦର ଭାବରେ ଅନ୍ତଃ-ଆଞ୍ଚଳିକ ସରବରାହ ପଦ୍ଧତି ପାଇଁ ୨୨.୭୮୦ ପ୍ରତିଶତ ଏବଂ ଆଞ୍ଚଳିକ ସରବରାହ ପଦ୍ଧତି ବାବଦକୁ ସ୍ଥିର ଦରର ଭାଗ ୧୪.୭୩୨%ର ସଠିକ୍ ହାରାହାରି ପରିମାଣକୁ ଗ୍ରୀଡ୍କୋକୁ ଦେବାକୁ ପଡିବ ।

୪୧୯) ଏଆର୍ଆର୍ ଦରଖାସ୍ତରେ ଗ୍ରୀଡ୍କୋ ଉପସ୍ଥାପନ କରିଥିଲା ଯେ, ଆଞ୍ଚଳିକ ଆସେଟ୍ ବାବଦକୁ ପିଜିସିଆଇଏଲ୍ର ବାର୍ଷିକ ସ୍ଥିର ଦେୟ-ଦର ହେଉଛି ୭୮୧.୪୯୫ କୋଟି ଟଙ୍କା (୧.୪.୨୦୦୯ ଠାରୁ ବଳବତ୍ତର ଥିବା ନୂଆ ନିୟମାବଳୀ ଅନୁଯାୟୀ ପାରିତୋଷିକତା ଓ ଆୟକରକୁ ମିଶାଇ ଏବଂ ପିଜିସିଆଇଏଲ୍ର ନଗଦ ବିଲିଂ ଢ଼ାଞ୍ଚା ଅନୁଯାୟୀ) । ସେହିପରି, ଅନ୍ତଃ-ଆଞ୍ଚଳିକ ଆସେଟ୍ ବାବଦକୁ ପିଜିସିଆଇଏଲ୍ର ବାର୍ଷିକ ସ୍ଥିର ଦେୟ-ଦର ହେଉଛି ୧୮.୩୬୨ କୋଟି ଟଙ୍କା (୧.୪.୨୦୦୯ ଠାରୁ ବଳବତ୍ତର ଥିବା ନୂଆ ନିୟମାବଳୀ ଅନୁଯାୟୀ ପାରିତୋଷିକତା ଓ ଆୟକରକୁ ମିଶାଇ ଏବଂ ପିଜିସିଆଇଏଲ୍ର ନଗଦ ବିଲିଂ ଢ଼ାଞ୍ଚା ଅନୁଯାୟୀ) । ତେଣୁ, ପୂର୍ବାଞ୍ଚଳରେ ସରବରାହ ସୁବିଧା ସୁଯୋଗର ଉପଯୋଗ ପାଇଁ ଆଞ୍ଚଳିକ ସରବରାହ ଦେୟ-ଦର ବାବଦକୁ ୧୧୫.୧୩କୋଟି ଟଙ୍କା (୯୭୮୧.୪୯୫ କୋଟି ×୧୪.୭୩%) ଏବଂ ଅନ୍ତଃ-ଆଞ୍ଚଳିକ ସରବରାହ ଦେୟ-ଦର ବାବଦକୁ ୪୧୮ କୋଟି ଟଙ୍କା (୯୧୮.୩୬୨×୨୨.୭୮%) ଗ୍ରୀଡ୍କୋକୁ ଦେବାକୁ ପଡିବ ।

୪୨୦) ଏହା ସହ ଗ୍ରୀଡ୍କୋ ଦର୍ଶାଇଛି ଯେ, ଉଭୟ କେନ୍ଦ୍ରୀୟ ଓ ରାଜ୍ୟସ୍ତରୀୟ ସେକ୍ଟର ଉଦ୍ଦେଶ୍ୟରେ 'ସମ୍ମିଳିତ ଲୋନ୍ ବିତରଣ ଓ ଯୋଗାଯୋଗ ଅଧିଯୋଜନା' (United Load Despatch & Communication Scheme –ULDC) ପାଇଁ ସିଇଆର୍ସି ତାଙ୍କର ୨୭.୧୧.୦୬ର ଆଦେଶନାମାରେ 'ସାମୟିକ ଦେୟ-ଦର'କୁ ଅନୁମତି ଦେଇଛନ୍ତି । ସେହି ଅନୁସାରେ, ଉଭୟ ରାଜ୍ୟ ସ୍ତରୀୟ ଓ ସେଣ୍ଟ୍ରାଲ ସେକ୍ଟର ପାଇଁ ୟୁଏଲ୍ଡିସି ଚାର୍ଜ ବାବଦକୁ ପିଜିସିଆଇଏଲକୁ ଗ୍ରୀଡ୍କୋ ୧୩.୪୩ କୋଟି ଟଙ୍କାର ଏକ ପରିମାଣ ଦେବାକୁ ପଡିବ ।

୪୨୧) ପୁନଶ୍ଚ, କେନ୍ଦ୍ରୀୟ ସେକ୍ଟର ସରବରାହ ପଦ୍ଧତିର ଉପଯୋଗ ବାବଦକୁ 'ସ୍ୱଳ୍ପ ମିଆଦୀ ମୁକ୍ତ ପ୍ରବେଶ ଉପଭୋକ୍ତା' (Short term Open Access Customers)ଙ୍କ ଠାରୁ ଆଦାୟ ହୋଇଥିବା ୩.୧୮ କୋଟି ଟଙ୍କାର ଏକ ପରଶମାଣକୁ

ଗ୍ରୀଡ୍‌କୋକୁ ସହ-ସାମିଲକରଣ କରିବାକୁ ପଡିବ ଏବଂ ବର୍ଷ-ଶେଷ ଦେୟ-ଦର ବାବଦକୁ ୯.୪୫ କୋଟି ଟଙ୍କାର ଏକ ପରିମାଣକୁ ଦେବାକୁ ପଡିବ । ଅତଏବ, ନିଟ୍ ସରବରାହ ଦେୟ-ଦରର ହାରାହାରି ହିସାବ ୧୩୯.୦୧ କୋଟି ଟଙ୍କା ହେଉଛି । ଉପରୋକ୍ତ ଅବତାରଣାକୁ ବିବେଚନା କରି, ୬୩୨୨.୮୬ ଲକ୍ଷ ୟୁନିଟ ପରିମାଣର ଶକ୍ତି ଉଠାଣ ପାଇଁ କେନ୍ଦ୍ରୀୟ ସେକ୍ଟର ସରବରାହ କ୍ଷତିକୁ ମିଶାଇ ପିଜିସିଆଇଏଲ ସରବରାହ ପଦ୍ଧତିର ସରବରାହ ଦେୟ-ଦରର ହିସାବ ୟୁନିଟ ପିଛା ୨୨.୦୭ ପଇସାକୁ ଆସୁଛି ।

୪୨୨) ପିଜିସିଆଇଏଲ ଗ୍ରୀଡ୍‌କୋକୁ ଦାଖଲ କରିଥିବା ୨୦୧୦ର ଜାନୁଆରୀ ପାଇଁ ମାସିକିଆ ବିଲ୍‌କୁ ଆୟୋଗ ପରୀକ୍ଷା କରିଥିଲେ ଏବଂ ଜାଣିବାକୁ ପାଇଥିଲେ ଯେ, ଆଞ୍ଚଳିକ ସରବରାହ ପଦ୍ଧତି ପାଇଁ ସରବରାହ ଦେୟ-ଦର ବାବଦକୁ ବାର୍ଷିକ ସ୍ଥିର ଦର ଭାବରେ ପିଜିସିଆଇଏଲ ୬୯୬.୪୧କୋଟି ଟଙ୍କା ଦାବୀ କରିଛି ଓ ସମୁଦାୟ ଅଞ୍ଚଳ ପାଇଁ ଅନ୍ତଃ-ଆଞ୍ଚଳିକ ସରବରାହ ଦେୟ-ଦର ବାବଦକୁ ୧୪.୮୩୧ କୋଟି ଟଙ୍କା ଦାବୀ କରିଛି । ଏହା ବାଦ୍, ସିଇଆରସିଙ୍କ ୨୨.୧୨.୨୦୦୯ର ଆଦେଶନାମା ମୂଳେ ବାରିପଦା ସବ୍-ଷ୍ଟେସନ ଠାରେ ଆଇସିଟି-୨ ପାଇଁ ଗ୍ରୀଡ୍‌କୋ ପିଜିସିଆଇଏଲ୍‌କୁ ଦେଇଥିବା ଦ୍ୱି-ପାକ୍ଷିକ ଦେୟ ବାବଦକୁ ପିଜିସିଆଇଏଲ ମଧ୍ୟ ୨.୧୫୧ କୋଟି ଟଙ୍କାର ଏକ ପରିମାଣ ଦାବୀ କରିଛି । ତେଣୁ, ୨୦୧୦-୧୧ ଆ.ବ. ପାଇଁ ପିଜିସିଆଇଏଲ୍ ସରବରାହ ଦେୟ-ଦର ବାବଦକୁ ସ୍ଥିର ଦାମ୍ ଭାବରେ ଆୟୋଗ ସେହି ପରିମାଣକୁ ବିବେଚନା କରିଛନ୍ତି । ସେହି ଅନୁସାରେ, ୨୦୧୦-୧୧ ଆ.ବ. ପାଇଁ ବାରିପଦା ସବ୍-ଷ୍ଟେସନ୍‌ଠାରେ ଆଇସିଟି-୨ ପାଇଁ ଗ୍ରୀଡ୍‌କୋ ପିଜିସିଆଇଏଲ୍‌କୁ ଦେଇଥିବା ଦ୍ୱି-ପାକ୍ଷିକ ଦେୟ ବାବଦକୁ ୨.୧୫୧ କୋଟି ଟଙ୍କା ଏବଂ ଅନ୍ତଃ-ଆଞ୍ଚଳିକ ସରବରାହ ପଦ୍ଧତି ବାବଦକୁ ୩.୩୮ କୋଟି ଟଙ୍କା (୧୪.୮୩୧ କୋଟିର ୨୨.୭୮୧%) ଏବଂ ଆଞ୍ଚଳିକ ସରବରାହ ପଦ୍ଧତି ବାବଦକୁ ୧୦୨.୫୯ କୋଟି ଟଙ୍କା (୬୯୬.୪୧କୋଟିର ୧୪.୭୩%)କୁ ମିଶାଇ କେନ୍ଦ୍ରୀୟ ସରବରାହ ଦେୟ-ଦର ବାବଦକୁ ଗ୍ରୀଡ୍‌କୋ ପିଜିସିଆଇଏଲକୁ ଦେବା-ଯୋଗ୍ୟ ସ୍ଥିର ଦାମ୍‌ର ପରିମାଣ ୧୦୮.୧୨ କୋଟି ଟଙ୍କାର ହିସାବକୁ ଆସୁଛି ।

୪୨୩) ୫.୪୨ କୋଟି ଟଙ୍କାର ପାରିତୋଷିକତା ଏବଂ ୨୦୦୪-୨୦୦୭ ପାଇଁ ହୋଇଥିବା ଦୋଳାୟମାନ ସୁଧ-ହାରରେ ପ୍ରଦତ୍ତ ସୁଧ ଓ ଫର୍ଭ (ରରଜଠ) ବାବଦକୁ ୪.୦୩ କୋଟି ଟଙ୍କାକୁ ମିଶାଇ ବର୍ଷ -ଶେଷ ସହ-ସାମିଲକରଣ ଦେୟ-ଦର ଭାବରେ ଗ୍ରୀଡ୍‌କୋ ୯.୪୫ କୋଟି ଟଙ୍କାର ଏକ ପରିମାଣର ପ୍ରଦର୍ଶନ କରିଛ ।

୪୨୪) ସିଇଆରିସି ବିଜ୍ଞପ୍ତି ଅନୁଯାୟୀ, ୯୮%ରୁ ଉର୍ଦ୍ଧ୍ୱ ସରବରାହ ପଦ୍ଧତିର ଉପଲବ୍ଧତା ଉଦ୍ଦେଶ୍ୟରେ ପାରିତୋଷିକତା ପାଇଁ ପିଜିସିଆଇଏଲ ସମର୍ଥ ଅଟେ । ୨୦୦୭-୦୮ ଆ.ବ. ପାଇଁ ପିଜିସିଆଇଏଲ୍‌କୁ ପ୍ରଦତ୍ତ ପରିମାଣ ଉପରେ ଭିତ୍ତି କରି ୨୦୧୦-୧୧ ଆ.ବ. ପାଇଁ ପାରିତୋଷିକତା ବାବଦକୁ ଗ୍ରୀଡ୍‌କୋ ୫.୪୨ କୋଟି ଟଙ୍କାର ପରିମାଣକୁ ବିବେଚନା କରିଥିଲେ । ଆୟୋଗ ଗ୍ରୀଡ଼କୋର ପ୍ରସ୍ତାବକୁ ଯାଞ୍ଚ କରିଥିଲା ଏବଂ ପିଜିସିଆଇଏଲ୍ ଗ୍ରୀଡକୋ ଉଦ୍ଦେଶ୍ୟରେ ଉଠାଇଥିବା ପ୍ରକୃତ ବିଲ୍ ଅନୁଯାୟୀ ପାରିତୋଷିକତା ଭାବରେ ୨୦୧୦-୧୧ ଆ.ବ. ପାଇଁ ୫.୦୧୨ କୋଟି ଟଙ୍କାର ଏକ ପରିମାଣକୁ ଅନୁମୋଦନ କରିଥିଲେ ।

୪୨୫) ଆୟୋଗ ଅନୁଧାନରୁ ଜାଣିବାକୁ ପାଇଥିଲେ ଯେ, ୨୦୦୮-୦୯ ପାଇଁ ଆୟକର ବାବଦକୁ ଗ୍ରୀଡ଼କୋ ପିଜିସିଆଇଏଲ୍‌କୁ ଦେଇଥିବା ଅର୍ଥ ପରିମାଣକୁ ଗ୍ରୀଡ଼କୋ ସାମୟିକ ଭିତ୍ତିରେ ତା'ର ୨୦୧୦-୧୧ ପାଇଁ ଏଆର୍‌ଆରରେ୍ ପିଜିସିଆଇଏଲ୍ ଦେୟ-ଦରର ସ୍ଥିର ଦରରେ ମିଶାଇଛି । ସିଇଆର୍‌ସି ନିୟମାବଳୀ, ୨୦୦୯ ଅନୁଯାୟୀ, ଯେଣୁ ଆୟକରକୁ ଲାଭାଂଶ ଫେରସ୍ତ ପରିମାଣରେ ସାମିଲ କରାଯାଇଛି, ଯାହା ସ୍ଥିର ଦରର ଏକ ଉପାଦାନ ଅଟେ,ତେଣୁ ପ୍ରାକ୍-ଶୁଳ୍କ ଉପରେ ଲାଭାଂଶ ଫେରସ୍ତ ପରିମାଣକୁ କଂପ୍ୟୁଟ କରିବାକୁ ପଡିବ । ତେଣୁ ହିତାଧିକାରୀ ବା ଦୀର୍ଘ ମିଆଦୀ ସରବରାହ ଉପଭୋକ୍ତାଙ୍କ ଠାରୁ ଆୟକରର ଭରଣା କରାଯିବ ନାହିଁ । ଯେଣୁ, ସିଆର୍‌ଆର୍‌ସି ନିୟମାବଳୀ, ୨୦୦୪ ଅନୁଯାୟୀ ଗ୍ରୀଡ଼କୋ ଲାଭାଂଶ ଫେରସ୍ତ ପରିମାଣକୁ ଅଟକଳନ କରିଛି, ଅର୍ଥାତ୍ 'ପର-କର' ଆଧାରରେ ଅଟକଳିତ ହୋଇଛି, ତେଣୁ ଗ୍ରୀଡ଼କୋ ସ୍ଥିର ଦରରେ ଆୟ-କରର ଉପାଦାନକୁ ଅନ୍ତର୍ଭୁକ୍ତ କରିଛି । ଯେଣୁ, ଆ.ବ. ୨୦୦୮-୦୯ ପାଇଁ ଆୟକର ବାବଦକୁ ଗ୍ରୀଡ଼କୋ ୬.୫୯୩ କୋଟି ଟଙ୍କା ଦେଇଛି ଏବଂ ଏହି ପରିମାଣକୁ ୨୦୧୦-୧୧ ଆ.ବ. ପାଇଁ ପ୍ରଦର୍ଶନ କରିଛି, ତେଣୁ ବର୍ଷ-ଶେଷ ଦେୟ-ଦର ଭାବରେ ଆୟୋଗ ୨୦୧୦-୧୧ ଆ.ବ. ପାଇଁ ଏହି ୬.୫୯୩ କୋଟି ଟଙ୍କାର ପରିମାଣକୁ ଅନୁମୋଦନ ଦେଇଛନ୍ତି ।

୪୨୬) ବର୍ଷ-ଶେଷ ଦେୟ-ଦର ଶୀର୍ଷକ ଅଧିନରେ ଗ୍ରୀଡ଼କୋ ଫାଇଲ୍ କରିଥିବା ଫର୍ଭ ବାବଦକୁ ୪.୦୩ କୋଟି ଟଙ୍କାର ପରିମାଣକୁ ଏବଂ ୨୦୦୪ ଠାରୁ ୨୦୦୭ ପର୍ଯ୍ୟନ୍ତ ସମୟ ଅବଧି ପାଇଁ ହୋଇଥିବା 'ଦୋଳାୟମାନ ସୁଧ ହାର' (Floating Rate of Interest) ପାଇଁ ପ୍ରଦତ୍ତ ପାର୍ଥକ୍ୟଗତ ସୁଧ ପରିମାଣକୁ ଆୟୋଗ ଯାଞ୍ଚ କରିଥିଲେ । ଦୋଳାୟମାନ ସୁଧ-ହାର ପାଇଁ ପ୍ରଦତ୍ତ ହାରାହାରି ବାର୍ଷିକ ପାର୍ଥକ୍ୟ ଗତ ସୁଧର ପରିମାଣ ହେଉଛି ୧.୩୪୩ କୋଟି ଟଙ୍କା (ଅର୍ଥାତ୍ ୩ବର୍ଷ ପାଇଁ ୪.୦୩ କୋଟି

ବିଭକ୍ତ 'ગ')। ଅତଏବ, ୨୦୧୦-୧୧ ଆ.ବ. ପାଇଁ ପାର୍ଥକ୍ୟଗତ ସୁଧ ପରିମାଣ ବାବଦକୁ ଆୟୋଗ ୧.୩୪୩ କୋଟି ଟଙ୍କାର ପରିମାଣକୁ ଅନୁମୋଦନ କରିଛନ୍ତି ।

୪୨୭) ସବୁ ଆଇଟମ୍‌କୁ ଏକତ୍ରିତ କରାଯାଇ, ୨୦୧୦-୧୧ ଆ.ବ. ପାଇଁ 'ବର୍ଷ-ଶେଷ ସହ-ସାମିଲକରଣ' ଦେୟ-ଦର ବାବଦକୁ ଆୟୋଗ ୧୯.୨୫ କୋଟି ଟଙ୍କାର ଏକ ପରିମାଣକୁ ଅନୁମୋଦନ କରିଛନ୍ତି ।

୪୨୮) ପୂର୍ବାଞ୍ଚଳ ପାଇଁ ୟୁଏଲ୍‌ଡିସି କାର୍ଯ୍ୟସୂଚୀର ଏକ ଅଂଶ ଭାବରେ ଏସ୍‌ଏଲ୍‌ଡିସି 'ସମ୍ମିଳିତ ଲୋଡ ବିତରଣ ଓ ଯୋଗାଯୋଗ ଅଧିସୂଚୀ' (Unified Load Dispatch and Communication)ର ପ୍ରବର୍ତ୍ତନ କରିଛି । ଯାଞ୍ଚରୁ ଏହା ଜଣାପଡ଼ିଛି ଯେ, ରାଜ୍ୟ ସେକ୍ଟର ୟୁଏଲଡି ଏବଂ ଯୋଗାଯୋଗ ଦେୟ-ଦର ବାବଦକୁ ପିଜିସିଆଇଏଲ୍ ୮.୩୭୬ କୋଟି ଟଙ୍କାର ଏକ ପରିମାଣ ଦାବୀ କରିଛି । ସେହିଭଳି, କେନ୍ଦ୍ରୀୟ ସେକ୍ଟର ୟୁଏଲଡି ଏବଂ ଯୋଗାଯୋଗ ଦେୟ-ଦର ବାବଦକୁ ପିଜିସିଆଇଏଲ୍ ମଧ ୫.୦୧୪ କୋଟି ଟଙ୍କାର ଏକ ପରିମାଣକୁ ଦାବୀ କରିଛି । ଅତଏବ, ଏହି ଉଦ୍ଦେଶ୍ୟରେ, ଗ୍ରୀଡ୍‌କୋ ଉପରେ ପିଜିସିଆଇଏଲ୍‌ର ସମୁଦାୟ ବାର୍ଷିକ ଦାବୀ-ପରିମାଣ ହେଉଛି ୧୩.୩୯୦ କୋଟି ଟଙ୍କା । ତେଣୁ, ପିଜିସିଆଇଏଲ୍‌ର ଉପରୋକ୍ତ ଦାବୀକୁ ଆୟୋଗ ସାମୟିକ ଭାବେ ଗ୍ରହଣ କରିଛନ୍ତି ଏବଂ ୨୦୧୦-୧୧ ଆ.ବ. ପାଇଁ ଟାରିଫରେ ୧୩.୩୯୦ କୋଟି ଟଙ୍କାକୁ ପାସ୍ କରାଇଦେବାକୁ ଅନୁମତି ଦେଇଛନ୍ତି ।

୪୨୯) ଗ୍ରୀଡ଼କୋ ଉପସ୍ଥାପନ କରିଥିବା ବିବରଣୀକୁ ପର୍ଯ୍ୟବେକ୍ଷଣ କରି ଜଣାଯାଇଛି ଯେ, ୨୦୦୯ର ଏପ୍ରିଲରୁ ୨୦୦୯ର ଅଗଷ୍ଟ ମଧରେ ସମୟ ଅବଧି ପାଇଁ ସ୍ୱଳ୍ପମିଆଦୀ ମୁକ୍ତ ପ୍ରବେଶ ଦେୟ-ଦର ବାବଦକୁ ଗ୍ରୀଡ଼କୋ ଆକାଉଣ୍ଟରେ ୧.୫୮୮ କୋଟି ଟଙ୍କାର ଏକ ପରିମାଣକୁ ଜମା କରାଯାଇଛି । ଆୟୋଗ, ସାରା ବର୍ଷ ପାଇଁ ଏହି ପରିମାଣକୁ ଆନୁପାତିକ ହିସାବ ବାହାର କଲା ପରେ ପିଜିସିଆଇଏଲ୍‌ର ସରବରାହ ଜନିତ ଦେୟ-ଦରରୁ ୩.୮୧ କୋଟି ଟଙ୍କାର ଏକ ପରିମାଣକୁ ବିଯୋଗ କରିଛନ୍ତି। ଯାହା ନିମ୍ନ ସାରଣୀରେ ଦର୍ଶାଯାଇଛି।

୪୩୦) ଏହିଭଳି ଭାବେ ପିଜିସିଆଇଏଲ୍‌ର ସରବରାହ ଦେୟ-ଦର ବାବଦକୁ ସମୁଦାୟ ଦାମ୍‌କୁ ହିସାବକୁ ନିଆଯାଇଛି , ଯାହା ନିମ୍ନ ସାରଣୀରେ ଦର୍ଶାଯାଇଛି।

ସାରଣୀ-୪୭
୨୦୧୦-୧୧ ପାଇଁ ପିଜିସିଆଇଏଲ ସଂଚାରଣ ଦେୟ

**PGCIL Transmission Charges for FY 2010-11**

| | ଗ୍ରୀଡ଼କୋର ପ୍ରସ୍ତାବ | ଆୟୋଗଙ୍କ ଦ୍ୱାରା ଅନୁମୋଦିତ |
|---|---|---|
| ରିଜିଓନାଲ ଟ୍ରାନ୍ସମିଶନ ସିଷ୍ଟମ (କୋଟି ଟଙ୍କାରେ) | ୭୮୧.୫୦ | ୬୯୬.୪୧ |
| ଇଷ୍ଟର୍ଣ୍ଣ ରିଜିଅନଠାରୁ ଇଣ୍ଟର ରିଜିଓନାଲ ଟ୍ରାନ୍ସମିଶନ ସିଷ୍ଟମ ବାବଦରେ ଆଦାୟ ଦେୟ ପରିମାଣ (କୋଟି ଟଙ୍କାରେ) | ୧୮.୩୬ | ୧୪.୮୩ |
| ସମୁଦାୟ ସ୍ଥିର ଦର | ୭୯୯.୮୬ | ୭୧୧.୨୫ |
| ରିଜିଓନାଲ ଟ୍ରାନ୍ସମିଶନ ସିଷ୍ଟମରୁ ଗ୍ରୀଡକୋର ଭାଗ (କୋଟି ଟଙ୍କାରେ) (୧୪.୭୩୨%) | ୧୧୫.୧୩ | ୧୦୨.୫୯ |
| ଇଣ୍ଟର-ରିଜିଓନାଲ ଟ୍ରାନ୍ସମିଶନ ସିଷ୍ଟମରୁ ଗ୍ରୀଡକୋର ଭାଗ (କୋଟି ଟଙ୍କାରେ) (୨୨.୭୮୧%) | ୪.୧୮ | ୩.୩୮ |
| ଦ୍ୱି-ପାକ୍ଷିକ କାର୍ଯ୍ୟସମ୍ପାଦନ (ଆଇସିଟି – ୨ ବାରିପଦା ସବ୍-ଷ୍ଟେସନ ଠାରେ) Bi-Lateral Transaction (ICT –II at Baripada Substation ) | | ୨.୧୫ |
| ଅର୍ଦ୍ଧ-ସମୁଦାୟ | ୧୧୯.୩୧ | ୧୦୮.୧୨ |
| ବର୍ଷ-ଶେଷ ଚାର୍ଜ ପାଇଁ ଗ୍ରୀଡକୋର ଭାଗ (କୋଟି ଟଙ୍କାରେ) | ୯.୪୫ | ୧୨.୯୫ |
| ୟୁଏଲଡି ଏବଂ କମ୍ୟୁନିକେସନ ଚାର୍ଜସମୂହ | ୧୩.୪୩ | ୧୩.୩୯ |

| | ଗ୍ରୀଡ଼କୋର ପ୍ରସ୍ତାବ | ଆୟୋଗଙ୍କ ଦ୍ୱାରା ଅନୁମୋଦିତ |
|---|---|---|
| ସେଣ୍ଟ୍ରାଲ ଟ୍ରାନ୍ସମିଶନ ସିଷ୍ଟମ ପାଇଁ ଗ୍ରୀଡକୋ ଦ୍ୱାରା ପ୍ରଦତ୍ତ ସମୁଦାୟ ବାର୍ଷିକ ସଂଚାରଣ ଦେୟ ଚାର୍ଜ (କୋଟି ଟଙ୍କାରେ) | **୧୪୨.୧୯** | **୧୩୪.୪୬** |
| ଲେସ୍ : ସ୍ୱଳ୍ପ ମିଆଦୀ ଉପଭୋକ୍ତାଠାରୁ ଆଦାୟ ଟ୍ରାନ୍ସମିଶନ ଚାର୍ଜ | ୩.୧୮ | ୩.୮୧ |
| ଟ୍ରାନ୍ସମିଶନ ଚାର୍ଜ ବାବଦକୁ ଗ୍ରୀଡକୋର ନିଟ୍ ଦେୟ (କୋଟି ଟଙ୍କାରେ) | **୧୩୯.୦୧** | **୧୩୦.୬୫** |
| ଗ୍ରୀଡକୋ ଦ୍ୱାରା ଶକ୍ତି ଉଠାଣ (ଏମ୍.ୟୁ) | ୬୩୨୨.୮୬ | ୭୦୦୧.୧୮ |
| ପିଜିସିଆଇଏଲ ଟ୍ରାନ୍ସମିଶନ ଚାର୍ଜ (ୟୁନିଟ ପିଛା ପଇସା) | ୨୦.୮୭ | ୧୮.୬୬ |
| ୩.୮୭ ପ୍ରତିଶତର କେନ୍ଦ୍ରୀୟ କ୍ଷତିକୁ ମିଶାଇ ପିଜିସିଆଇଏଲ ସଂଚାରଣ ଦେୟ (ୟୁନିଟ ପିଛା ପଇସା) | **୨୨.୦୭** | **୧୯.୨୬** |

**୪୩୧) ବିଭିନ୍ନ ଶକ୍ତି ଉତ୍ପାଦନକାରୀ ଷ୍ଟେସନମାନଙ୍କରୁ ଶକ୍ତିକ୍ରୟର ଦାମ୍ ଉଦ୍ଦେଶ୍ୟରେ ଗ୍ରୀଡ଼କୋର ପ୍ରସ୍ତାବକୁ ୨୦୧୦-୧୧ ଆ.ବ. ପାଇଁ ସର୍ବନିମ୍ନ ଦାମ୍‌ର ଶକ୍ତିକ୍ରୟ ଆଧାରରେ ତଳ ଲିଖିତ ସାରଣୀରେ ପ୍ରଦର୍ଶନ ମତେ ଆୟୋଗ ଅନୁମୋଦନ ଦେଇଛନ୍ତି ।**

ସାରଣୀ-୪୮

**୨୦୧୦-୧୧ ପାଇଁ ଗ୍ରୀଡ଼କୋର ପ୍ରସ୍ତାବ ଓ କମିଶନଙ୍କ ଅନୁମୋଦନ**

| | ୨୦୧୦-୧୧ ପାଇଁ ଗ୍ରୀଡ଼କୋର ପ୍ରସ୍ତାବ | | | ୨୦୧୦-୧୧ ପାଇଁ କମିଶନଙ୍କ ଅନୁମୋଦନ | | |
|---|---|---|---|---|---|---|
| ଉତ୍ପାଦନକାରୀ ସଂସ୍ଥା | ଶକ୍ତି | ସମୁଦାୟ ଦର | ସମୁଦାୟ ଦାମ | ଶକ୍ତି | ସମୁଦାୟ ଦର | ସମୁଦାୟ ଦାମ |
| | (ଏମୟୁ) | (ୟୁନିଟ ପିଛା ପଇସା) | (କୋଟି ଟଙ୍କାରେ) | (ଏମୟୁ) | (ୟୁନିଟ ପିଛା ପଇସା) | (କୋଟି ଟଙ୍କାରେ) |
| ଜଳବିଦ୍ୟୁତ୍ (ପୁରୁଣା) | ୩,୬୮୬.୦୦ | ୫୪.୦୬ | ୧୯୯.୨୭ | ୩,୬୭୬.୮୬ | ୫୮.୪୯ | ୨୧୫.୦୬ |
| ଇନ୍ଦ୍ରାବତୀ | ୧,୯୪୪.୩୬ | ୭୭.୩୬ | ୧୫୦.୪୨ | ୧,୯୪୨.୩୮ | ୭୫.୫୯ | ୧୪୬.୮୨ |
| ମାଛକୁଣ୍ଡ | ୨୬୨.୫୦ | ୧୯.୯୮ | ୫.୨୪ | ୨୬୨.୫୦ | ୨୧.୯୫ | ୫.୭୬ |
| ସମୁଦାୟ ଜଳବିଦ୍ୟୁତ୍ | **୫,୮୯୨.୮୬** | **୬୦.୨୩** | **୩୫୪.୯୩** | **୫,୮୮୧.୭୪** | **୬୨.୫୧** | **୩୬୭.୬୫** |
| ଓପିଜିସି | ୨,୮୫୩.୪୭ | ୧୫୭.୭୩ | ୪୫୦.୦୮ | ୨,୮୫୩.୫୩ | ୧୪୯.୦୪ | ୪୨୫.୩୦ |
| ଟିଟିପିଏସ (ଏନ୍.ଟି.ପି.ସି) | ୨,୯୫୭.୩୨ | ୨୧୧.୩୧ | ୬୨୪.୯୧ | ୨,୯୫୭.୩୨ | ୧୭୧.୩୮ | ୫୦୬.୮୪ |
| ସମୁଦାୟ ଆଇ.ପି.ପି. ସମୂହ (ଷ୍ଟେରଲାଇଟ | ୧,୮୮୬.୫୯ | ୨୫୭.୨୪ | ୪୮୫.୩୧ | ୬୪୬.୨୩ | ୨୪୩.୫୪ | ୧୫୭.୩୮ |

| | ୨୦୧୦-୧୧ ପାଇଁ ଗ୍ରୀଡ଼କୋର ପ୍ରସ୍ତାବ | | | ୨୦୧୦-୧୧ ପାଇଁ କମିଶନଙ୍କ ଅନୁମୋଦନ | | |
|---|---|---|---|---|---|---|
| ଏନର୍ଜି ଲିମିଟେଡ୍) | | | | | | |
| ସମୁଦାୟ ସିଜିପି | ୧,୦୩୫.୦୦ | ୩୨୫.୦୦ | ୩୩୬.୩୮ | ୧,୦୫୧.୦୦ | ୩୨୫.୦୦ | ୩୪୧.୫୮ |
| କୋ-ଜେନେରେସନ ପ୍ଲାଣ୍ଟ | ୫୪୫.୦୦ | ୩୩୦.୦୦ | ୧୭୯.୮୫ | ୫୨୯.୦୦ | ୩୩୦.୦୦ | ୧୭୪.୫୭ |
| ସମୁଦାୟ ରିନ୍ୟୁଏବଲ ଏନର୍ଜି | ୩୦୦.୦୦ | ୩୦୫.୦୦ | ୯୧.୫୦ | ୩୦୦.୦୦ | ୩୦୫.୦୦ | ୯୧.୫୦ |
| ସମୁଦାୟ ରାଜ୍ୟ | **୧୫,୪୭୦.୨୪** | **୧୬୩.୦୮** | **୨,୫୨୨.୯୫** | **୧୪,୨୧୮.୮୨** | **୧୪୫.୨୨** | **୨,୦୬୪.୮୧** |
| ଚୁଖା | ୨୫୧.୦୦ | ୧୮୭.୪୭ | ୪୭.୦୫ | ୨୭୧.୭୯ | ୧୮୩.୩୨ | ୪୯.୮୩ |
| ତାଲା ଏଚ୍‌ପିଏସ | ୧୪୪.୦୦ | ୨୧୩.୪୮ | ୩୦.୭୪ | ୧୪୫.୧୭ | ୨୦୯.୧୨ | ୩୦.୩୬ |
| ଟିଷ୍ଟା-୫ | ୪୪୩.୦୦ | ୧୯୦.୫୯ | ୮୪.୪୩ | ୫୦୭.୧୯ | ୧୮୬.୪୨ | ୯୪.୫୫ |
| ସମୁଦାୟ କେନ୍ଦ୍ରୀୟ ଜଳବିଦ୍ୟୁତ୍ | ୮୩୮.୦୦ | **୧୯୩.୫୯** | **୧୬୨.୨୩** | ୯୨୪.୧୬ | ୧୮୯.୦୭ | **୧୭୪.୭୩** |
| ଟିଏସଟିପିଏସ-୧ | ୨,୧୨୮.୨୪ | ୨୨୪.୯୨ | ୪୭୮.୬୮ | ୨,୧୪୫.୫୪ | ୨୦୭.୦୮ | ୪୪୪.୨୯ |
| ଟିଏସଟିପିଏସ-୨ | ୧,୩୩୮.୫୨ | ୨୨୬.୨୨ | ୩୦୨.୮୦ | ୧,୩୪୯.୩୯ | ୨୧୬.୦୧ | ୨୯୧.୪୮ |
| ଏଫଏସଟିପିଏସ୍ | ୧,୨୮୧.୮୯ | ୩୨୬.୩୩ | ୪୧୮.୩୨ | ୧,୪୬୪.୪୯ | ୩୦୨.୫୭ | ୪୪୩.୧୨ |
| କେଏଚଏସଟିପିଏସ-୧ | ୬୮୬.୬୧ | ୨୮୬.୯୬ | ୧୯୭.୦୩ | ୮୪୦.୬୩ | ୨୭୫.୩୨ | ୨୩୧.୪୪ |
| କେଏଚଏସଟିପିଏସ-୨ | ୪୯.୬୦ | ୨୮୩.୯୫ | ୧୪.୦୮ | ୬୦.୭୨ | ୨୭୯.୬୩ | ୧୬.୯୮ |
| ସମୁଦାୟ କେନ୍ଦ୍ରୀୟ ତାପଜବିଦ୍ୟୁତ୍ | ୫,୪୮୪.୮୬ | ୨୫୭.୨୪ | ୧,୪୧୦.୯୨ | ୫,୮୬୦.୭୭ | ୨୪୩.୫୪ | ୧,୪୨୭.୩୧ |
| ସମୁଦାୟ କେନ୍ଦ୍ରୀୟ କ୍ଷେତ୍ର | ୬,୩୨୨.୮୬ | ୨୪୮.୮୦ | ୧,୫୭୩.୧୪ | ୬,୭୮୪.୯୩ | ୨୩୬.୧୨ | ୧,୬୦୨.୦୪ |
| ସମୁଦାୟ ଗ୍ରୀଡ଼କୋ | ୨୧,୭୯୩.୧୦ | ୧୮୭.୯୫ | ୪,୦୯୬.୦୯ | ୨୧,୦୦୩.୭୫ | ୧୭୪.୫୮ | ୩,୬୬୬.୮୫ |

**ଶକ୍ତି ଉତ୍ପାଦନକାରୀଙ୍କ ଠାରୁ କ୍ରୟିତ ଶକ୍ତି ପାଇଁ ଆଶୁ ଦେୟ ପ୍ରଦାନ ଯୋଗୁ ରିହାତି:**

୪୩୨) 'ଜମାକରଣର ଚିଠି' (Letter of Credit ) ଜରିଆରେ ଯଦି ଦେୟ ପ୍ରଦାନ କରାଯାଏ, ତେବେ ସାଧାରଣ ଭାବେ ସମୁଦାୟ ଶକ୍ତି ବିଲ୍ ବା ଗ୍ରସ୍ ପାୱାର ବିଲ୍ ଉପରେ ୨ ପ୍ରତିଶତର ଏକ ରିହାତି ଦିଆଯିବାକୁ ଗ୍ରୀଡ଼କୋ ଓ ଉତ୍ପାଦନକାରୀଙ୍କ ମଧ୍ୟରେ ହୋଇଥିବା ଶକ୍ତି କ୍ରୟ ଚୁକ୍ତିନାମାରେ ବ୍ୟବସ୍ଥା ହୋଇଛି । ଯଦି ୩୦ ଦିନ ମଧ୍ୟରେ ଦେୟ ପ୍ରଦାନ କରାଯାଏ, ତେବେ ବିଲ୍‌ଭୁକ୍ତ ପରିମାଣ ଉପରେ ୧ ପ୍ରତିଶତ ରିହାତିକୁ ଅନୁମତି ଦିଆଯାଇଛି । ଧାର୍ଯ୍ୟ ତାରିଖ ପରେ ଯଦି ବିଲ୍ ଦିଆଯାଏ, ତେବେ ଗ୍ରୀଡ଼କୋକୁ ଉତ୍ପାଦନକାରୀମାନଙ୍କୁ ମାସିକ ୧.୨୫% ହାରରେ ଏକ ବିଳମ୍ବିତ ଦେୟ-ପ୍ରଦାନ ଜନିତ ଅତିରିକ୍ତ ଶୁଳ୍କ ଦେବାକୁ ପଡିଥାଏ।

୪୩୩) 'ରାଜସ୍ୱ ଆବଶ୍ୟକତା'ର ହିସାବର ଉଦ୍ଦେଶ୍ୟ ପାଇଁ ଶକ୍ତିର ଦାମକୁ ତା'ର ସାମୁଦାୟିକ ମୂଲ୍ୟରେ ହିସାବ କରାଯିବା ଉଚିତ, ଯେଣୁ ଉତ୍ପାଦନକାରୀମାନଙ୍କ ଠାରୁ ଉପଲବ୍ଧ ରିହାତି 'ଜମାକରଣ ଚିଠି' (ଖରସ୍ୱସ୍ୱରକ୍ସ କ୍ସଲ ଉକ୍ସରୟସସ୍ୱ –ଖଉ) ଜରିଆରେ ଦେୟ ପ୍ରଦାନ ପାଇଁ ବଣ୍ଟନକାରୀ କମ୍ପାନୀମାନଙ୍କୁ ଅନୁମତି ଦିଆଯିବାକୁ ଥିବା ରିହାତିକୁ ନିଷ୍ପ୍ରଭ କରିଦେବାର ଆଶଙ୍କା ଥାଏ ।

**କର୍ମଚାରୀଙ୍କ ବାବଦକୁ ଗ୍ରୀଡ୍‌କୋର ବ୍ୟୟ:**

୪୩୪) ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ତା'ର କର୍ମଚାରୀଙ୍କ ବ୍ୟୟ ବାବଦକୁ ଏ ଆର୍‌ଆର୍‌ରେ ପାସ୍ କରାଇଦେବାକୁ ଗ୍ରୀଡ଼କୋ ୫.୯୮ କୋଟି ଟଙ୍କାର ପରିମାଣ ପ୍ରଦର୍ଶନ କରିଛି । ତଳ ଲିଖିତ ସାରଣୀରେ ତା'ର ସବିଶେଷତା ପ୍ରଦର୍ଶିତ ହୋଇଛି।

ସାରଣୀ-୪୯

(କୋଟି ଟଙ୍କାରେ)

| | ୨୦୦୯-୧୦ (ଅନୁମୋଦନ) | ୨୦୧୦-୧୧ ପାଇଁ ଗ୍ରୀଡ଼କୋର ପ୍ରସ୍ତାବ |
|---|---|---|
| ବେସିକ ପେ' | ୧.୧୫ | ୨.୦୪ |
| ଡି.ଏ. | ୦.୫୪ | ୦.୮୦ |
| ଏଚଆରଏ (ଘରଭଡା) | ୦.୧୮ | ୦.୨୪ |
| ମେଡିକାଲ ଖର୍ଚ୍ଚ | ୦.୦୬ | ୦.୧୫ |
| ଅନ୍ୟାନ୍ୟ | ୦.୮୫ | ୦.୭୬ |
| ଟର୍ମିନାଲ ବେନିଫିଟ | ୦.୪୬ | ୦.୬୧ |
| ୩୦% ପ୍ରସ୍ତାବିତ ବୃଦ୍ଧି 30% proposed hike | ୦.୫୬ | ଘଓଖ |
| ୬ଷ୍ଠ ବେତନ ଆୟୋଗଙ୍କ ଦ୍ୱାରା ସ୍ଥିରୀକୃତ ବାକିଆ ଦେୟ ପରିମାଣ Arrear 6th Pay | ଘଓଖ | ୧.୩୮ |
| ସମୁଦାୟ | ୩.୮୦ | ୫.୯୮ |

୪୩୫) ୨୦୦୮-୦୯ ପର୍ଯ୍ୟନ୍ତ ଗ୍ରୀଡ଼କୋ ତା'ର ବାର୍ଷିକ ଆକାଉଣ୍ଟ ଉପସ୍ଥାପନ କରିଛି । କିନ୍ତୁ, କର୍ମଚାରୀଙ୍କ ମୂଳ ବେତନ ସହ ଜିପି ଉଦ୍ଦେଶ୍ୟରେ ଭିତ୍ତି-ପରିସଂଖ୍ୟାନ ନିର୍ଦ୍ଧାରଣ କିରବାକୁ ୨୦୦୯, ଅକ୍ଟୋବର, ନଭେମ୍ବର, ଡିସେମ୍ବର ଏବଂ ୨୦୧୦ର ଜାନୁଆରୀର ପ୍ରକୃତ ବେତନ ଜନିତ ତଥ୍ୟାବଳୀ ଉପରେ ଆୟୋଗ ଆସ୍ଥା ପ୍ରକଟ କରିଥିଲେ । ନିମ୍ନରେ ତା'ର ସାରଣୀକୃତ ଚିତ୍ର ଉପସ୍ଥାପନ କରାଗଲା।

ସାରଣୀ-୫୦

(ଲକ୍ଷ ଟଙ୍କାରେ)

| ମାସ | ବେସିକ + ଜି.ପି Basic + GP |
|---|---|

| | |
|---|---|
| ୧୦/୨୦୦୯ | ୧୫.୪୬ |
| ୧୧/୨୦୦୯ | ୧୫.୫୬ |
| ୧୨/୨୦୦୯ | ୧୫.୪୮ |
| ୦୧/୨୦୧୦ | ୧୩.୭୫ |

୪୩୬) ଉପରୋକ୍ତ ୪ ମାସର ହାରାହାରି ପରିସଂଖ୍ୟାନ ହେଉଛି ୧୫.୦୬ ଲକ୍ଷ ଟଙ୍କା । ୧୨ ମାସର ସମୟ ଅବଧି ପାଇଁ ଏହି ଅନୁଯାୟୀ ଆକଳିତ ହିସାବକୁ ନେଇ ଏବଂ ସେହି ଆକଳିତ ପରିସଂଖ୍ୟାନ ଉପରେ ୩ ପ୍ରତିଶତର ସାଧାରଣ ବାର୍ଷିକ ବୃଦ୍ଧିକୁ ମିଶାଇ ହିସାବ କଲେ ୨୦୧୦-୧୧ ଆ.ବ. ପାଇଁ ମୂଳ ବେତନ ସହ ଜିପି ୧୮୬.୧୭ ଲକ୍ଷ ବା ୧.୮୬ କୋଟି ଟଙ୍କା ହେବ ।

୪୩୭) ଓଡ଼ିଶା ସରକାରଙ୍କ ଦ୍ୱାରା ବିଜ୍ଞପିତ ମତେ, ୧.୭.୨୦୦୯ ଠାରୁ ମହଙ୍ଗା ଭତ୍ତା ର ବର୍ତ୍ତମାନର ଦର-ହାର ହେଉଛି ୨୭% । ଅତୀତରେ, ସବୁ ବର୍ଷ ଜାନୁଆରୀ ୧ରୁ ଜୁଲାଇ ମଧ୍ୟରେ ମହଙ୍ଗା ଭତ୍ତାରେ ବୃଦ୍ଧି ଘଟୁଥିବା ଲକ୍ଷ୍ୟ କରାଯାଇଛି । ୩ ପ୍ରତିଶତର ଦର-ହାରରେ ଆନୁମାନିକ ବୃଦ୍ଧି ସହ ୨୦୧୦-୧୧ ଆ.ବ. ପାଇଁ ବାର୍ଷିକ ହାରାହାରି ମହଙ୍ଗା ଭତ୍ତାକୁ ପାଖାପାଖି ୩୩% ଭାବେ ମୂଲ୍ୟାଙ୍କନ କରାଯାଇଛି ।

୪୩୮) କର୍ମଚାରୀଙ୍କର ଚିକିତ୍ସା ଜନିତ ଡାକ୍ତରୀ ଖର୍ଚ୍ଚ ପାଇଁ ଭତ୍ତା, ଘର ଭଡ଼ା ପାଇଁ ଭତ୍ତା ଆଦି ମୁଖ୍ୟ ବ୍ୟୟ କ୍ଷେତ୍ରରେ ନିମ୍ନ ଲିଖିତ ଶୃଙ୍ଖଳା/ଉପାୟ ସମୂହକୁ ଗ୍ରହଣ କରାଯାଇଛି ।

୪୩୯) ଚିକିତ୍ସା ଜନିତ ଡାକ୍ତରୀ ଖର୍ଚ୍ଚ ପାଇଁ ଭତ୍ତା - ମୂଳ ବେତନର ୫% + ଜିପି

୪୪୦) ଘର ଭଡ଼ା ଭତ୍ତା - ମୂଳବେତନର ୨୦% + ଜିପି

୪୪୧) ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଟର୍ମିନାଲ ବେନିଫିଟ (ପେନ୍‌ସନ, ଗ୍ରାଚ୍ୟୁଇଟି ଆଦି) ବାବଦକୁ ଗ୍ରୀଡ଼କୋ ୦.୬୧ କୋଟି ଟଙ୍କା ଦାବୀ କରିଛି ଏବଂ ଉପଯୁକ୍ତ ଯାଞ୍ଚ ପରେ ଆୟୋଗ ୦.୫୬ କୋଟି ଟଙ୍କା ସେ ବାବଦରେ ଅନୁମୋଦନ ଦେଇଛନ୍ତି ।

୪୪୨) କର୍ମଚାରୀଙ୍କ ବାକିଆ ଦେୟ ତଥା ୩୧.୩ ୨୦୦୯ ପର୍ଯ୍ୟନ୍ତ କର୍ମଚାରୀଙ୍କ ପ୍ରାପ୍ୟ ଦେୟ ବାବଦକୁ ଗ୍ରୀଡ଼କୋ ୧.୩୮ କୋଟି ଟଙ୍କା ଦାବୀ କରିଛି ଏବଂ ଆୟୋଗ ସେହି ପରିମାଣକୁ ଅନୁମତି ଦେଇଛନ୍ତି ।

୪୪୩) ୨୦୧୦-୧୧ ଆ.ବ ପାଇଁ କର୍ମଚାରୀଙ୍କ ବାବଦକୁ ବ୍ୟୟ ଭାର ନିମନ୍ତେ ଗ୍ରୀଡ଼କୋର ପ୍ରସ୍ତାବ ଓ ଆୟୋଗଙ୍କର ଅନୁମୋଦନ ନିମ୍ନ ସାରଣୀରେ ଦର୍ଶାଯାଇଛି।

ସାରଣୀ-୫୧

(କୋଟି ଟଙ୍କାରେ)

| | ୨୦୦୯-୧୦ ପାଇଁ ଅନୁମୋଦନ | ୨୦୧୦-୧୧ ପାଇଁ ଗ୍ରୀଡ଼କୋର ପ୍ରସ୍ତାବ | କମିଶନଙ୍କ ଅନୁମୋଦନ (୨୦୧୦-୧୧) |
|---|---|---|---|
| ମୌଳିକ ବେତନ + ଜି.ପି (Basic Pay + GP) | ୧.୧୫ | ୨.୦୪ | ୧.୮୬ |
| ଡି ଏ | ୦.୫୪ | ୦.୮୦ | ୦.୬୧ |
| ଘରଭଡା (HRA) | ୦.୧୮ | ୦.୨୪ | ୦.୨୨ |
| ଡାକ୍ତିରୀ ଖର୍ଚ୍ଚ | ୦.୦୬ | ୦.୧୫ | ୦.୦୯ |
| ଅନ୍ୟାନ୍ୟ | ୦.୮୫ | ୦.୭୬ | ୦.୨୫ |
| ଅନ୍ତିକ ଫାଇଦା (Terminal Benefit) | ୦.୪୬ | ୦.୬୧ | ୦.୫୬ |
| ୨୦୦୯-୧୦ର ବାକିଆ/ପ୍ରସ୍ତାବିଦ ଦେୟ ପ୍ରଦାନ Arrear/Proposed hike | ୦.୫୬ | ୧.୩୮ | ୧.୩୮ |

| | | | |
|---|---|---|---|
| during 2009-10 | | | |
| ସମୁଦାୟ | ୩.୮୦ | ୫.୯୮ | ୪.୯୭ |

୪୪୪) କର୍ମଚାରୀଙ୍କ ବାବଦକୁ ବ୍ୟୟ ଭାରର ଅନୁମୋଦିତ ପରିମାଣ ୨୦୦୯-୧୦ରେ ୩.୮୦ କୋଟି ଥିବା ବେଳେ ୨୦୧୦-୧୧କୁ ଅନୁମୋଦିତ ପରିମାଣ ହୋଇଛି ୪.୯୭ କୋଟି ଟଙ୍କା ।

**ମରାମତି ଓ ତୁଳାଜମା :**

୪୪୫) ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଯାନବାହନ, ଆସବାବପତ୍ର ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସାମଗ୍ରୀର ମରାମତି ଓ ତୁଳାଜମା ବାବଦକୁ ଗ୍ରୀଡ଼କୋ ୦.୩୦ କୋଟି ଟଙ୍କା ଦାବୀ କରିଥିଲା। ପୂର୍ବବର୍ତ୍ତୀ ଆଦେଶନାମା ଭଳି ଆୟୋଗ ତାହାକୁ ଅନୁମତି ଦେଇ ନଥିଲେ ।

**ପ୍ରଶାସନିକ ଓ ସାଧାରଣ ବ୍ୟୟସମୂହ** (Administrative & General Expenses-A&G Expenses):

୪୪୬) ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ପ୍ରଶାସନିକ ଓ ସାଧାରଣ ବ୍ୟୟସମୂହ ବାବଦକୁ ଗ୍ରୀଡ଼କୋ ୩.୬୬ କୋଟି ଟଙ୍କାର ଏକ ପରିମାଣର ପ୍ରଦର୍ଶନ କରିଛି । ୨୦୦୮-୦୯ ପାଇଁ 'ପ୍ରଶାସନିକ ଓ ସାଧାରଣ ବ୍ୟୟ' ଶୀର୍ଷକରେ ୨.୭୧ କୋଟି ଟଙ୍କାର ଏକ ପରିମାଣର ଅଡିଟ ହିସାବରୁ ଜାଣିବାକୁ ମିଳିଥିଲା ସେ, ଏହି ପରଶମାଣ ମଧରେ ୦.୫୦ କୋଟି ଟଂକାର ଲାଇସେନ୍ସ ଫି' ଅଛି । ଅତଏବ, ଲାଇସେନ୍ସ ଫି'କୁ ବାଦ୍ ଦେଲେ ୨୦୦୮-୦୯ ପାଇଁ ପ୍ରକୃତ ଏ' ଆଣ୍ଡ୍ ଜି'ର ପରିମାଣ ହେଉଛି ୨.୨୧ କୋଟି ଟଙ୍କା । ୨୦୯-୧୦ ଓ ୨୦୧୦-୧୧ ପାଇଁ ମୁଦ୍ରାସ୍ଫୀତିକୁ ଯଥାକ୍ରମେ ୩.୪% ଓ ୫.୫% ହାରରେ ଗ୍ରହଣ କରାଯାଇ ୧କୋଟି ଟଙ୍କାର ଲାଇସେନ୍ସ ଫି'କୁ ବାଦ୍ ଦେଇ ୨୦୧୦-୧୧ ଆ.ବ. ପାଇଁ ଏ' ଆଣ୍ଡ ଜି' ବାବଦ ବ୍ୟୟ ଭାରକୁ ୨.୪୧ କୋଟିରେ ହିସାବ କରାଯାଇଛି । ଅତଏବ, ଏ' ଆଣ୍ଡ ଜି' ବା ପ୍ରଶାସନିକ ଓ ସାଧାରଣ ବ୍ୟୟର ସମୁଦାୟ ପରିମାଣକୁ ୨୦୧୦-୧୧ ଆ.ବ. ପାଇଁ ୩.୪୧ କୋଟି ଟଙ୍କାରେ ଅଟକଳନ କରାଯାଇଛି ଓ ଆୟୋଗ ତାହାକୁ ଅନୁମୋଦନ କରିଛନ୍ତି ।

**ଇଆର୍ଏଲ୍ଡିସି, ଏନ୍ଏଲ୍ଡିସି ଏବଂ ୟୁଏଲ୍ଡିସି ଦେୟସମୂହ:**

୪୪୭) ୨୦୧୦-୧୧ ଆ.ବ. ପାଇଁ ଏ ବାବଦରେ ଗ୍ରୀଡ଼କୋ ୧.୩୨ କୋଟି ଟଙ୍କାର ଏକ ପରିମାଣକୁ ଅଟକଳନ କରିଥିଲେ ଓ ଆୟୋଗ ପୂର୍ବବର୍ତ୍ତୀ ଆଦେଶନାମା ଭଳି ତାହାକୁ ଅନୁମୋଦନ ଦେଇଛନ୍ତି ।

**ଋଣ ଉପରେ ସୁଧ:**

୪୪୮) ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଋଣ ଉପରେ ସୁଧ ବାବଦକୁ ଗ୍ରୀଡ଼କୋ ୩୬୪.୪୧ କୋଟି ଟଙ୍କାର ପରିମାଣ ଅଟକଳନ କରିଛି । ଅନୁମତିଧାରୀଙ୍କ ଦ୍ୱାରା ଉପସ୍ଥାପିତ ଇଲେକ୍ଟ୍ରୋନିକ ନକଲ ଏବଂ ଟିଆର୍ଏଫ-୩ ଫର୍ମାଟରେ ଉଲ୍ଲେଖିତ ପରିସଂଖ୍ୟାନରୁ ଯାଞ୍ଚ ଦ୍ୱାରା ଜଣାପଡିଛି ଯେ, ପ୍ରସ୍ତାବିତ ଋଣର ପରିମାଣ ଯଥାକ୍ରମେ ୩୦୦କୋଟି ଓ ୧୬୫୦ କୋଟି ଟଙ୍କା । ଆୟୋଗଙ୍କ ଯାଞ୍ଚକାରୀ ପ୍ରଶ୍ନର ଉତ୍ତରରେ ଗ୍ରୀଡ଼କୋ ୨୦୦୮-୦୯ ଓ ୨୦୦୯-୧୦ ଅର୍ଥ ନେତାଦେଶର ହିସାବ ଉପସ୍ଥାପନ କରିଥିଲା ଏବଂ ସେଥିରୁ ଏହା ସ୍ପଷ୍ଟ ହୋଇଥିଲା ଯେ, ୨୦୦୮-୦୯ରେ ଗ୍ରୀଡ଼କୋ ୩୦୦କୋଟି ଟଙ୍କା ଋଣ କରିଛି ଏବଂ ୨୦୦୯-୧୦ ଆ.ବ.ର ୨୦୦୯, ଡିସେମ୍ବର ପର୍ଯ୍ୟନ୍ତ ୧୬୫୦ କୋଟି ଟଙ୍କାର ଅଟକଳିତ / ପ୍ରସ୍ତାବିତ ଋଣ ବିପକ୍ଷରେ ଗ୍ରୀଡ଼କୋ ପ୍ରକୃତ ପରିମାଣ ୯୦୦ କୋଟି ଟଙ୍କାର ଋଣ ଆଣିଛି । ୧୨.୩.୨୦୧୦ ତାରିଖର ପରବର୍ତ୍ତୀ ଚିଠି ନଂ-୩୧୦୧ରେ ଗ୍ରୀଡ଼କୋ ଆୟୋଗଙ୍କୁ ଜଣାଇଥିଲା ୯୦୦ କୋଟି ଟଙ୍କା ବାଦ୍, ସେ ଆଉ ୧୦୦୦ କୋଟି ଟଂକା ଆଣିବାର ସମ୍ଭାବନା ଅଛି । ସେହି ଅନୁସାରେ, ୨୦୧୦-୧୧ ଆ.ବ. ପାଇଁ ଗ୍ରୀଡ଼କୋ ଆୟୋଗଙ୍କୁ ଏହା ମଧ ସ୍ପଷ୍ଟ କରିଦେଇଥିଲା ଯେ, କମ୍ ବୃଷ୍ଟିପାତ ଯୋଗୁ କମ ପରିମାଣର ଜଳ ଦ୍ୱାରା ବିଦ୍ୟୁତ୍ ଶକ୍ତି ଉତ୍ପାଦନ ଓ ଉପଲବ୍ଧ ହେଉଥିବାରୁ ତାକୁ ଉଚ୍ଚା ଦାମ୍‌ରେ ବାହାରୁ ଶକ୍ତି କିଣିବାକୁ ପଡୁଛି ଏବଂ ରାଜସ୍ୱ ପାର୍ଥକ୍ୟକୁ ମୁକାବିଲା କରିବାକୁ ଆଗତ୍ୟା ଉପରୋକ୍ତ ପରିମାଣର ଋଣ କରିବାକୁ ପଡୁଛି । ଗ୍ରୀଡକୋ ଦ୍ୱାରା ଉପସ୍ଥାପିତମତେ (୩୧.୩.୨୦୧୧ ସୁଦ୍ଧା) ଋଣର ସ୍ଥିତିକୁ ନିମ୍ନ ସାରଣୀରେ ଦର୍ଶାଯାଇଛି।

ସାରଣୀ-୫୨

| .୧୧.୦୯ ସୁଧର ହାର Rate of erest as on .11.09 | ୦୧.୦୪.୦୮ ସୁଦ୍ଧା ଓବି **OB as on 01.04.08** | ୨୦୦୯-୦୯ | | | ୨୦୦୯-୧୦ | | |
|---|---|---|---|---|---|---|---|
| | ପ୍ରମୁଖ **Principal** | ସମିଷ୍ଟ **Addition** | ପରିଶୋଧ **Repayment** | **CB as on** ୩୧.୩.୦୯ | ସମିଷ୍ଟ **Addition** | ପରିଶୋଧ **Repayment** | ୩୧.୩.୦୯ ସୁଦ୍ଧା ଓବି **CB as or 31.3.0**୯ |
| ୧୩.୦ | ୧୨୦.୦୦ | - | - | ୧୨୦.୦୦ | - | - | ୧୨୦.୦୦ |
| ୦.୫୦% | ୪୨.୫୪ | - | - | ୪୨.୫୪ | - | - | ୪୨.୫୪ |
| .୫୦% | ୯୩୭.୪୪ | - | ୧୧୦.୨୯ | ୮୨୭.୧୫ | - | - | ୮୨୭.୧୫ |
| ୦.୬୧% | ୨୪.୫୧ | - | ୨୪.୫୧ | - | - | - | - |
| .୨୫% | ୨୯.୦୪ | - | ୧୬.୬୮ | ୧୨.୩୬ | - | ୧୨.୩୬ | - |
| ୦.୦୦% | ୭୭.୨୬ | - | ୧୪.୫୩ | ୬୨.୭୩ | - | ୧୪.୨୮ | ୪୮.୪୫ |
| ୧.୨୫% | ୯୯.୯୧ | - | ୧୮.୨୦ | ୮୧.୭୧ | - | ୧୬.୬୭ | ୬୫.୦୪ |
| .୨୫% | ୧୦.୬୯ | - | ୩.୬୭ | ୭.୧୨ | - | ୩.୫୭ | ୩.୫୫ |
| .୨୫% | ୪୯.୯୯ | - | ୧୦.୭୨ | ୩୯.୨୭ | - | ୧୦.୭୨ | ୨୮.୫୫ |
| .୨୫% | ୩୩.୩୩ | - | ୭.୧୪ | ୨୬.୧୯ | - | ୭.୧୪ | ୧୯.୦୫ |
| .୨୫% | ୫୧.୫୭ | - | ୨୦.୦୪ | ୩୧.୫୩ | - | ୨୦.୦୪ | ୧୧.୪୯ |
| .୨୫% | ୬୫.୬୦ | - | ୧୧.୫୨ | ୫୪.୦୮ | - | ୧୧.୫୨ | ୪୨.୫୬ |
| ୦.୫୦% | ୩୫.୭୧ | - | ୭.୧୭ | ୨୮.୫୪ | - | ୭.୧୪ | ୨୧.୪୦ |
| .୨୫% | ୪୦.୦୦ | - | ୧୦.୦୧ | ୨୯.୯୯ | - | ୧୦.୦୦ | ୧୯.୯୯ |
| .୭୫% | ୧୩.୬୩ | - | ୪.୫୫ | ୯.୦୮ | - | ୪.୫୫ | ୪.୫୩ |
| ୦.୦୦% | - | ୨୦୦.୦୦ | - | ୨୦୦.୦୦ | - | ୩୮.୮୯ | ୧୬୧.୧୧ |
| ୦.୦୦% | - | ୧୦୦.୦୦ | - | ୧୦୦.୦୦ | - | ୨.୭୮ | ୯୭.୨୨ |
| .୫୦% | ୨୦.୦୦ | - | - | ୨୦.୦୦ | - | ୨୦.୦୦ | - |
| .୦୦% | ୧୯୫.୭୮ | - | ୮୨.୪୧ | ୧୧୩.୩୭ | - | - | ୧୧୩.୩୭ |
| ୦.୦୦% | ୫୭.୨୫ | - | ୩୯.୯୨ | ୨୪.୩୩ | - | ୨୪.୩୩ | - |
| | ୧୯୦୪.୨୫ | ୩୦୦.୦୦ | ୩୭୪.୨୬ | ୧୮୨୯.୯୯ | - | ୨୦୩.୯୯ | ୧୬୨୬.୦( |

-୧୦ର ରେ ନିଆଯାଇଥିବା ନୂତନ କରଜ (୦୧.୧୧.୨୦୦୯ ପର୍ଯ୍ୟନ୍ତ) **New Loan availed during FY 2009-10 (upto 01.**

| | | | | | | | |
|---|---|---|---|---|---|---|---|
| [illegible].୫୦% | - | - | - | - | ୧୦୦.୦୦ | - | ୧୦୦.୦୦ |
| [illegible].୫୦% | - | - | - | - | ୨୦୦.୦୦ | - | ୨୦୦.୦୦ |
| [illegible].୫୦% | - | - | - | - | ୨୦୦.୦୦ | - | ୨୦୦.୦୦ |
| [illegible].୫୦% | - | - | - | - | ୧୦୦.୦୦ | - | ୧୦୦.୦୦ |
| [illegible].୫୦% | - | - | - | - | ୧୦୦.୦୦ | - | ୧୦୦.୦୦ |
| [illegible].୫୦% | - | - | - | - | ୫୦.୦୦ | - | ୫୦.୦୦ |
| [illegible].୫୦% | - | - | - | - | ୯୦୦.୦୦ | - | ୯୦୦.୦୦ |
| | - | - | - | - | ୧୬୫୦.୦୦ | - | ୧୬୫୦.୦( |
| | | | | | | | |
| | | | | | | | |
| | ୧୯୦୪.୨୫ | ୩୦୦.୦୦ | ୩୭୪.୨୬ | ୧୮୨୯.୯୯ | ୧୬୫୦.୦୦ | ୨୦୩.୯୯ | ୩୨୭୬.୦( |
| | | | | | | | |
| | | | | | | | |

୪୪୯. ୨୦୦୮-୦୯ ଏବଂ ୨୦୦୯-୧୦ର ଅଣାଯାଉଥିବା ନୂଆ ଋଣ ବାଦ୍ ଆଉ ସବୁ ଋଣ ପୁରୁଣା ଅଟେ । ପୂର୍ବବର୍ତ୍ତୀ ଆଦେଶନାମା ଭଳି, କେବଳ ରାଜ୍ୟ ସରକାରଙ୍କ ଠାରୁ ଅଣାଯାଇଥିବା ଋଣ ଓ ପେନ୍‌ସନ୍ ଟ୍ରଷ୍ଟ ଫଣ୍ଡ୍‌ରୁ ଅଣାଯାଇଥିବା ଋଣକୁ ବାଦ୍ ଦେଇ ଆଉ ସବୁ ପୁରୁଣା ଋଣ ଉପରେ ସୁଧକୁ ଆୟୋଗ ଅନୁମତି ଦେଇଥିଲେ । ରାଜ୍ୟ ସରକାରଙ୍କ ଠାରୁ ଅଣାଯାଇଥିବା ଋଣର ସୁଧ ଦେୟ ବାବଦରେ ଆୟୋଗ ତାଙ୍କର ୨୭.୧.୨୦୧୦ର ଚିଠି ନଂ-୩୨୩୫ ମୂଳେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି ଯେ, ରାଜ୍ୟ ସରକାର ଗ୍ରୀଡ଼କୋ ଓ ଓଏଚପିସି ସହିତ  କାରବାର କରୁଥିବା ଋଣ-ସେବା ଉପରେ ଆଇନଗତଗତ ଭାବେ କଟକଣା କରୁଥବାରୁ ବା ବିଳମ୍ବରେ ଋଣ  ଦେଉଥିବାରୁ, ସେଥିପାଇଁ କିଛି ବେନିଫିଟ ବା କୋହଳ ନୀତି ଅବଲମ୍ବନ କରନ୍ତୁ ଏବଂ ଏହି ପ୍ରକ୍ରିୟା ୨୦୧୨-୧୩ ପର୍ଯ୍ୟନ୍ତ ଜାରି ରଖନ୍ତୁ । ଏହାର ଉତ୍ତରରେ ରାଜ୍ୟ ସରକାର ତାଙ୍କର ୨୩.୨.୨୦୧୦ ତାରିଖର ଚିଠି - ନଂ-୧୫୬୭ ମୂଳେ ନିମ୍ନ ପ୍ରକାରରେ ସ୍ପଷ୍ଟିକରଣ ଦେଇଛନ୍ତି ।

"××× ୨୭.୧.୨୦୧୦ର ଚିଠି ନଂ - ଜେଡ଼ି (ଏଫ୍)-୧୭୫/୦୨/୩୨୩୫ର ସୂଚନା ମୂଳେ ଓଇଆର୍‌ସିଙ୍କ ପରାମର୍ଶ ଭିତ୍ତିରେ ଉପରୋକ୍ତ ବିଜ୍ଞପ୍ତିର ସଂଶୋଧନ ପାଇଁ ସରକାରୀ ଆଦେଶନାମାକୁ ଗ୍ରହଣ କରାଯିବ ।"

୪୫୦) ଉପରୋକ୍ତ ଆବତାରଣା ଦୃଷ୍ଟିରୁ, ୨୦୧୦-୧୧ ଆ.ବ.ର ରାଜସ୍ୱ ଆବଶ୍ୟକତାରେ ସରକାରୀ ଋଣର ସୁଧକୁ ପାସ୍ କରାଇବାକୁ ବର୍ତ୍ତମାନ ସମୟ ପାଇଁ  ଆୟୋଗ ଅନୁମତି ଦେଇନାହାନ୍ତି ।

୪୫୧) ୨୦୦୮-୦୯ ଆ.ବ.ରେ ଗ୍ରୀଡ଼କୋ ୩୦୦ କୋଟି ଟଙ୍କାର ଋଣ କରିଛି । ଏହି ଋଣର ପରିମାଣ ଆୟୋଗଙ୍କ ଅନୁମୋଦିତ ପୂର୍ବବର୍ତ୍ତୀ ଋଣଗୁଡିକ ଠାରୁ ଯଥେଷ୍ଟ ଅଧିକ । ରାଜ୍ୟରେ ପ୍ରତିକୂଳ ବୃଷ୍ଟିପାତ ଯୋଗୁ ଜଳ ବିଦ୍ୟୁତ୍ ଶକ୍ତିର ଉତ୍ପାଦନ ହ୍ରାସ ପାଇବା ଏବଂ ଅଧିକ ଦାମ ଦେଇ ଗ୍ରୀଡ଼କୋକୁ ଶକ୍ତି କିଣିବାକୁ ପଡିଥିବାରୁ, ତଜ୍ଜନିତ ବ୍ୟୟଭାରର ସମ୍ମୁଖୀନ ହେବାକୁ ଗ୍ରୀଡ଼କୋକୁ ଏହି ଋଣ କରିବାକୁ ପଡିଥିଲା । ଏହି ଋଣ ଉପରେ, ୨୦୧୦-୧୧ ଆ.ବ. ପାଇଁ ଗ୍ରୀଡ଼କୋ ୨୧.୨୬ କୋଟି ଟଙ୍କାର ସୁଧ ଦାବୀ କରିଛି ।

୪୫୨) ୨୦୦୮-୦୯ର ସ୍ଥୁଳ ଯୋଗାଣ ଦର ଆଦେଶନାମାର ପରିଚ୍ଛେଦ-୪୨୧ରେ ଆୟୋଗ ନିମ୍ନମତେ ବ୍ୟକ୍ତ କରିଛନ୍ତି ।

"ଆୟ ବ୍ୟୟ ବିବିରଣୀର ଅନୁଧାନରୁ ଜାଣିବାକୁ ମିଳିଛି ଯେ, ସବୁ ବ୍ୟୟ ଭାରକୁ ତୁଲାଇ ସାରିବା ପରେ ଗ୍ରୀଡ଼କୋ ପାଇଁ ତଥାପି ୯୪.୯୩ କୋଟି ଟଙ୍କାର ପାର୍ଥକ୍ୟ ରହିବ । ଆୟୋଗ ଆଶା କରନ୍ତି ଯେ, ୩୧୫.୧୨ କୋଟି ଟଙ୍କାର ପରିଶୋଧ - ଉତ୍ତର ଦାୟିତ୍ୱ ସହ ଉପରୋକ୍ତ ପାର୍ଥକ୍ୟକୁ ରପ୍ତାନୀ ଜନିତ ଆୟ, ୟୁଆଇ ଦେୟ ଏବଂ ବଣ୍ଟନକାରୀ କମ୍ପାନୀମାନଙ୍କ ଠାରୁ ପ୍ରାପ୍ୟ-ପରିମାଣ ଆଦାୟ ଦ୍ୱାରା ଭରଣା କରାଯାଇ ପାରିବ ।

୪୫୩) ୨୦୦୮-୦୯ ଆର୍ଥିକ ବର୍ଷର ଶେଷରେ, ୨୦୦୮-୦୯ ବର୍ଷ ପାଇଁ ଅର୍ଥ ନେଣ-ଦେଣ ପରିସଂଖ୍ୟାନରେ ପ୍ରଦର୍ଶନମତେ (ଆୟୋଗଙ୍କ ଯାଞ୍ଚର ଉତ୍ତରରେ ପରିଶିଷ୍ଟ-୨୨ରେ ଗ୍ରୀଡ଼କୋ ଦ୍ୱାରା ଉପସ୍ଥାପିତ) ଜମାର ସ୍ଥିତି ନିମ୍ନୋକ୍ତ ବିଭାବଗୁଡ଼ିକୁ ସ୍ୱଷ୍ଟ କରେ ।

ସାରଣୀ-୫୩

| କ. | | ଅନ୍ତଃପ୍ରବାହ Inflow | ପରିମାଣ (କୋଟି ଟଙ୍କାରେ) |
|---|---|---|---|
| | ୧. | ସଂଚାରଣ ଦେୟ ବାଦେ ବଣ୍ଟନକମ୍ପାନୀମାନଙ୍କଠାରୁ ରାଜସ୍ୱ ଆଦାୟ<br>Revenue from DISCOMs excluding Transmission charges | ୨୩୬୪.୭୫ |
| | ୨. | ୟୁ.ଆଇ ଦେୟ,, ବ୍ୟବସାୟ, ଆଇସିସିଏଲ୍, ନାଲୋକ ଠାରୁ ରାଜସ୍ୱ<br>Revenue from UI charges, trading, ICCL, NALCO | ୩୯୬.୫୭ |
| | ୩. | ବିବିଧ ଆୟ | ୩୪.୨୦ |
| | | ସମୁଦାୟ | ୨୭୯୫.୫୨ |
| ଖ. | | ବାହ୍ୟପ୍ରବାହ<br>Outflow | |
| | ୧. | ଶକ୍ତି କ୍ରୟ ବିଲ୍<br>Power Purchase Bill | ୨୮୨୭.୬୩ |
| | ୨. | କର୍ମଚାରୀଙ୍କ ଖର୍ଚ୍ଚ Employees Cost | ୨.୪୭ |
| | ୩. | ସାଧାରଣ ଓ ପ୍ରସାଶନ ଖର୍ଚ୍ଚ A&G expenses | ୭.୦୭ |
| | ୪. | ସୁଧ Interest | ୧୩୮.୨୫ |
| | ୫. | ବିବିଧ | ୪.୨୨ |
| | | ସମୁଦାୟ | ୨୯୭୯.୬୪ |
| | | ପାର୍ଥକ୍ୟ | (-)୧୮୪.୧୨ |

୪୫୪) ଆର୍ଥିକ ବର୍ଷର ପ୍ରାରମ୍ଭରେ ଗ୍ରୀଡ଼କୋର ବଳକା କ୍ୟାସ୍ ବାଲାନ୍ସ ଥିଲା ୨୭୯.୮୧ କୋଟି ଟଙ୍କା । ପରବର୍ତ୍ତୀ ବର୍ଷର ଆୟ ବ୍ୟୟର ସ୍ଥିତିରେ ସେହି ବଳକା ବାଲାନ୍ସ ପରିମାଣର ସାମିଲକରଣ ପରେ ନିଟ୍ ପାର୍ଥକ୍ୟ ପରିମାଣ (+) ୯୫.୯୬ କୋଟି ଟଙ୍କା ହୋଇଥିଲା ।

୪୫୫) ଉପରୋକ୍ତ ପରିଚ୍ଛେଦରେ ଆଲୋଚନାମତେ, ୨୦୦୮-୦୯ରେ ଆୟୋଗ ୪୧୦.୦୫ କୋଟି (୯୪.୯୩ କୋଟି + ୩୧୫.୧୨କୋଟି) ଟଙ୍କାର ଏକ ପାର୍ଥକ୍ୟ ଛାଡିଥିଲେ । ଅତଏବ, ଉପରୋକ୍ତ ପରିଚ୍ଛେଦରେ ଆଲୋଚନାମତେ ୯୫.୬୯କୋଟି ଟଙ୍କାର ନିଟ୍ ପାର୍ଥକ୍ୟର ସାମିଲକରଣ ପରେ ନିଟ୍ ପାର୍ଥକ୍ୟ ପରିମାଣର ହିସାବ ଆସୁଛି (-) ୩୧୪.୩୬ କୋଟି ଟଙ୍କା । ତେଣୁ, ଆୟୋଗ ୨୦୦୮-୦୯ରେ ଗ୍ରୀଡ଼କୋ ଆଣିଥିବା ୩୦୦କୋଟି ଟଙ୍କାର ଋଣକୁ ଗ୍ରହଣ କରିଛନ୍ତି ଏବଂ ୨୦୧୦-୧୧ ଆ.ବ. ପାଇଁ ଉପରୋକ୍ତ ଋଣ ଉପରେ ୨୧.୨୬ କୋଟି ଟଙ୍କାର ସୁଧ ପରିମାଣକୁ ଅନୁମତି ଦେଇଛନ୍ତି ।

୪୫୬) ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ରାଜ୍ୟର ନିଅଣ୍ଟିଆ ଶକ୍ତି ସ୍ଥିତିର ମୁକାବିଲା ପାଇଁ ଉଚ୍ଚା ଦରରେ ଶକ୍ତି କିଣିବାକୁ ପଡିଥିବାରୁ ଗ୍ରୀଡ଼କୋ ୯୦୦ କୋଟି ଟଙ୍କା ଋଣ ଆଣିଥିଲା । ପୁନଶ୍ଚ, ୨୦୦୯-୧୦ ଆ.ବ.ର ଅବଶିଷ୍ଟ ୨ମାସ ପାଇଁ ଗ୍ରୀଡ଼କୋ ୧୦୦୦କୋଟି ଟଙ୍କାର ଋଣ ଆଣିବାକୁ ପ୍ରସ୍ତାବ ରଖିଥିଲା । ୧୨.୩.୨୦୧୦ର ଅତିରିକ୍ତ ଉପସ୍ଥାପନାରେ ଗ୍ରୀଡ଼କୋ ଦର୍ଶାଇଥିଲା ଯେ, ୯୮୦କୋଟି ଟଙ୍କାର ସ୍ୱଳ୍ପ ମିଆଦୀ ଋଣ ଆଣି ଶକ୍ତି କ୍ରୟ ଦାୟିତ୍ୱ ତୁଲାଇବା ବାଦ୍, ବିଭିନ୍ନ ସିଜିପି, କେନ୍ଦ୍ରୀୟ ଶକ୍ତି ଉତ୍ପାଦନକାରୀ ଷ୍ଟେସନସମୂହ ଓ ଅନ୍ୟାନ୍ୟ ସୂତ୍ରରୁ ଆଣିଥିବା ଶକ୍ତି ପାଇଁ ୪୪୧.୫୦ କୋଟି ଟଙ୍କା ଦେଇ ନ ପାରି ସେ ଦେବାଳିଆ ହେଲା । ତେବେ, ଓଡ଼ିଶା ସରକାରଙ୍କ ବଣ୍ଡ, ଓଏଚ୍‌ପିସି ବଣ୍ଡ୍ ଓ ପେନ୍‌ସନ୍ ଟ୍ରଷ୍ଟ ବଣ୍ଡ୍ ଆଦି ଦାୟବଦ୍ଧତାକୁ ଏହା ସହ ମିଶାଯାଇନାହିଁ । ୨୦୦୯-୧୦ରେ ଏନ୍‌ଟିପିସି ବଣ୍ଡ୍ ଉପରେ ମୂଳ କିମ୍ବା ସୁଧର କିସ୍ତି ପରିମାଣକୁ ମଧ୍ୟ ଗ୍ରୀଡ଼କୋ ସୁଝି ପାରିଲା ନାହିଁ । ଋଣ ପରିଶୋଧ ଜନିତ ଏହି ଅସାମର୍ଥ୍ୟକୁ ଦୂର କରିବା ପାଇଁ ଜାନୁଆରୀ, ୨୦୧୦ ସୁଦ୍ଧା ଆଣିସାରିଥିବା ୯୦୦ କୋଟି ଟଙ୍କାର ଋଣର ଉର୍ଦ୍ଧ୍ୱରେ ପୁଣି ଗ୍ରୀଡ଼କୋ ୨୦୦୯-୧୦ ଆ.ବ.ରେ ୧୦୦୦ କୋଟି ଟଙ୍କାର ସ୍ୱଳ୍ପ ମିଆଦୀ ଋଣ ଆଣିବାକୁ ପ୍ରସ୍ତାବ କଲା ।

୪୫୭) ୨୦୦୯-୧୦ ଆ.ବ. ପାଇଁ (୨୦୧୦, ଜାନୁଆରୀ ପର୍ଯ୍ୟନ୍ତ) ଗ୍ରୀଡ଼କୋ ଦ୍ୱାରା ଉପସ୍ଥାପିତ ଆୟ ବ୍ୟୟର ବିବରଣୀକୁ ଆୟୋଗ ଯାଞ୍ଚ କରିଥିଲେ । ତା'ର ଏକ ଉଦ୍ଧୃତ ନିମ୍ନ ସାରଣୀରେ ଦର୍ଶାଯାଇଛି ।

ସାରଣୀ-୫୪

| କ. | | ଅନ୍ତଃପ୍ରବାହ<br>Inflow | ପରିମାଣ (କୋଟି ଟଙ୍କାରେ) |
|---|---|---|---|
| | ୧. | ସଂଚାରଣ ଦେୟ ବାଦେ ବଣ୍ଟନକମ୍ପାନୀମାନଙ୍କଠାରୁ ରାଜସ୍ୱ ଆଦାୟ | ୨୦୨୫.୧୪ |
| | ୨. | ୟୁ.ଆଇ ଦେୟ,, ବ୍ୟବସାୟ, ଆଇସିସିଏଲ୍, ନାଲୋକ ଠାରୁ ରାଜସ୍ୱ | ୧୯୫.୬୭ |
| | ୩. | ବିବିଧ ଆୟ Miscellaneous income | ୧୧୬.୮୧ |
| | | ସମୁଦାୟ | ୨୩୩୭.୬୨ |
| ଖ. | | ବାହ୍ୟପ୍ରବାହ<br>Outflow | |
| | ୧. | ଶକ୍ତି କ୍ରୟ ବିଲ୍ | ୩୦୬୭.୭୭ |
| | ୨. | କର୍ମଚାରୀଙ୍କ ଖର୍ଚ୍ଚ Employees Cost | ୨.୯୯ |
| | ୩. | ସାଧାରଣ ଓ ପ୍ରଶାସନ ଖର୍ଚ୍ଚ A&G expenses | ୮.୦୮ |
| | ୪. | ସୁଧ | ୧୦୩.୧୬ |
| | ୫. | ବିବିଧ | ୬.୬୩ |
| | | ସମୁଦାୟ | ୩୧୮୮.୬୩ |
| | | ପାର୍ଥକ୍ୟ | (-)୮୫୧.୦୧ |
| | | ପ୍ରାରମ୍ଭିକ ବଳକା ଟଙ୍କା ମିଶ୍ରଣ କରି<br>Add opening cash balance | (-)୬୪.୧୧ |
| | | ବାସ୍ତବିକ ଟଙ୍କା ନିଅଣ୍ଟି<br>Net cash deficit | (-)୯୧୫.୧୨ |

୪୫୮) ସ୍ଥୂଳ ଯୋଗାଣ ଆଦେଶନାମା ଅନୁଯାୟୀ ୨୦୦୯-୧୦ ଆ.ବ.ରେ (ଅନୁଚ୍ଛେଦ-୪୪୪ ମୂଳେ) ଆୟୋଗ ୬୩୭.୩୯ କୋଟି ଟଙ୍କାର ଏକ ପାର୍ଥକ୍ୟ ଛାଡିଥିଲେ, ଯାହା ୨୪୫.୧୬କୋଟି ଟଙ୍କାର ମୂଳଧନ ଜନିତ ପରିଶୋଧ ପରିମାଣ ସହ ମିଶିଲେ ୮୮୨.୫୫ କୋଟି ଟଙ୍କା ହେବ । ରପ୍ତାନୀ ଜନିତ ଆୟ, ୟୁଆଇ ଦେୟ ଓ ଅନ୍ୟାନ୍ୟ ରାଜସ୍ୱ ଜରିଆରେ ଆୟୋଗ ଏହି ପାର୍ଥକ୍ୟକୁ ପୂରଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ, ୨୦୦୯-୧୦ର ସ୍ଥୂଳେ ଯୋଗାଣ ଆୟ ବ୍ୟୟର ଗତିରୁ ଯାହା ଜଣାପଡ଼େ, ପ୍ରକୃତ ନିଅଣ୍ଟିଆ ସ୍ଥିତି (୨୦୧୦, ଜାନୁଆରୀ ପର୍ଯ୍ୟନ୍ତ) ହେଉଛି ୯୧୫.୧୨ କୋଟି ଟଙ୍କା । ଅତଏବ, ୨୦୧୦ ଜାନୁଆରୀ ଶେଷ ସୁଦ୍ଧା ମୂଳ ପରିମାଣକୁ ମିଶାଇ ନିଟ୍ ନିଅଣ୍ଟିଆ ଜମାର ପରିମାଣ ହେବ ୧୧୬୦.୨୮ କୋଟି ଟଙ୍କା, ଯାହାକୁ ଆୟୋଗ ନିୟାମକ ଆସେଟ୍

ଭାବରେ ବିବେଚନା କରିଛନ୍ତି ଏବଂ ଅଡିଟ୍ କରାଯାଇଥିବା ତଥ୍ୟର ଉପଲବ୍ଧ ହେବା ପରେ ଏହାର ସଂଶୋଧନ କରାଯାଇପାରେ । ଏବେ ଠାରୁ ୬ବର୍ଷର ଏକ ସମୟ ଅବଧି ପାଇଁ ଏହି ପରିମାଣକୁ ଧିରେ ଧିରେ ଭରଣା କରାଯିବ । ଉପରୋକ୍ତ ତଥ୍ୟାବଳୀକୁ ଦୃଷ୍ଟିରେ ରଖି, ଗ୍ରୀଡ଼କୋ ଦ୍ୱାରା ପ୍ରସ୍ତାବିତ ୯୦୦ କୋଟି ଟଙ୍କାର ଋଣ ପରିମାଣ ଉପରେ ୨୦୧୦-୧୧ ଆ.ବ. ପାଇଁ ୮୨.୩୧କୋଟି ଟଙ୍କାର ସୁଧ ପରିମାଣକୁ ଅନୁମତି ଦେବାକୁ ଆୟୋଗ ନ୍ୟାୟୋଚିତ ମଣିଛନ୍ତି ।

୪୫୯) ୧୦୦୦ କୋଟି ଟଙ୍କାର ପ୍ରସ୍ତାବିତ ନୂଆ ଋଣ ସମ୍ପର୍କରେ କୁହାଯାଇ ପାରେ ଯେ, ଏନ୍‌ଟିପିସି ବଣ୍ଡ ଉପରେ ଋଣ -ସେବା ଓ ଶକ୍ତି କ୍ରୟ ଜନିତ ଉତ୍ତର-ଦାୟିତ୍ୱ ତୁଲାଇବାରେ ଗ୍ରୀଡ଼କୋର ଆହୁରି ଅଭାବ ଥିବା ସତ୍ୟକୁ ବିବେଚନା କରି ୨୦୦୯-୧୦ ଆ.ବ.ର ଶେଷ ସୁଦ୍ଧା ପ୍ରକୃତରେ ପାଇଥିବା ଋଣ ଉପରେ ସୁଧ ପରିମାଣକୁ ଅନୁମତି ଦେବାକୁ ଆୟୋଗ ବିଚାର କରିବେ । ବର୍ତ୍ତମାନ, ପ୍ରସ୍ତାବିତ ୧୦୦୦ କୋଟି ଟଙ୍କା ମଧ୍ୟରୁ ଗ୍ରୀଡ଼କୋ କେତେ ଟଙ୍କାର ଋଣ ପାଇବାକୁ ଯାଉଛି, ସେ ସମ୍ପର୍କରେ ଆୟୋଗ ନିଶ୍ଚିତ ହୋଇପାରୁନାହାନ୍ତି । ତେଣୁ, ୨୦୦୯-୧୦ ଆର୍ଥିକ ବର୍ଷ ଶେଷରେ ଆୟୋଗ ଶକ୍ତି କ୍ରୟ ଦାମ୍‌ର ବାସ୍ତବାୟନ କରିବାକୁ ବାଧ ହେବେ ।

୪୬୦) ବାସ୍ତବାୟନ ପ୍ରକ୍ରିୟା ପ୍ରୟୋଗ କଲା ପରେ, ଏହାକୁ ୨୦୧୧-୧୨ ଆ.ବ.ର ଟାରିଫ ଆଦେଶନାମାରେ ପ୍ରତିଫଳିତ କରାଯିବ । ତେବେ, ୨୦୦୯-୧୦ରେ ଅନୁମୋଦିତ ଓ ଅନୁମତିପ୍ରାପ୍ତ ଋଣକୁ ୨୦୦୯-୧୦ ଆ.ବ. ପାଇଁ ପ୍ରକୃତ ଶକ୍ତି କ୍ରୟ ଦାମ୍‌ରୁ ଆଡଜଷ୍ଟ କରାଯିବ । ଅବଶିଷ୍ଟ ଯେଉଁ ପରିମାଣକୁ ଗ୍ରୀଡ଼କୋ ଦେଇ ନପାରିବ, ତାହାକୁ ଏକ ସ୍ୱଳ୍ପମିଆଦୀ ଋଣ ଭାବେ ବିବେଚନା କରାଯିବ ଏବଂ ସେହି ଅନୁସାରେ, ୨୦୧୧-୧୨ ଆ.ବ. ପାଇଁ ଗ୍ରୀଡ଼କୋର ରାଜସ୍ୱ ଆବଶ୍ୟକତାରେ ଆୟୋଗ ତା'ର ଋଣ-ସେବାକୁ ପାସ୍ କରାଇନେବାକୁ ଅନୁମତି ଦେବେ ।

୪୬୧) ଉପରୋକ୍ତ ପର୍ଯ୍ୟବେକ୍ଷଣମତେ ଗ୍ରୀଡ଼କୋ ଦ୍ୱାରା ପ୍ରସ୍ତାବିତ ୨୦୧୦-୧୧ ପାଇଁ ସୁଧର ଉତ୍ତର-ଦାୟିତ୍ୱ ଏବଂ ଆୟୋଗଙ୍କର ଅନୁମୋଦନ ସଂପାଦ ନିମ୍ନ ସାରଣୀରେ ଚିତ୍ରିତ ହୋଇଛି ।

ସାରଣୀ-୫୫

| କ୍ର.ସଂ | | ୦୧.୧୧.୦୯ ସୁଦ୍ଧା ସୁଧ ଦେୟ Rate of interest as on 01.11.09 | ୨୦୧୦-୧୧ | |
|---|---|---|---|---|
| | | | ଗ୍ରୀଡ଼କୋର ପ୍ରସ୍ତାବିତ ବାର୍ଷିକ ସୁଧ ଦେୟ Interest due for the year as per the revised proposal of GRIDCO | ଅନୁମୋଦିତ |
| କ. ୦୧.୦୪.୨୦୦୯ ପ୍ରଚଳିତ କରଜ | | | | |
| ୧ | ରାଜ୍ୟସରକାରଙ୍କଠାରୁ ଋଣ (ଡବ୍ଲ୍ୟୁସିଏଲ) State Govt. (WLC) | ୧୩.୦୦ % | ୧୫.୬୦ | - |
| ୨ | ରାଜ୍ୟସରକାର (ଓପିଜିସି ଆଡଜଷ୍ଟମେଣ୍ଟ) State Govt. (OPGC Adj.) | ୧୦.୫୦ % | ୪.୪୭ | - |
| ୩ | ଏନଟିପିସି (ସରକାରୀ) NTPC (Govt. Bonds) | ୮.୫୦% | ୧୪୦.୬୨ | ୭୦.୩୧ |
| ୪ | ଆରଇସି ଟର୍ମ ଲୋନ REC-Term Loan | ୧୦.୬୧ % | - | - |
| ୫ | ୟୁନିଅନ ବ୍ୟାଙ୍କ ଅଫ ଇଣ୍ଡିଆ-୧ | ୮.୨୫% | - | - |
| ୬ | ୟୁନିଅନ ବ୍ୟାଙ୍କ ଅଫ ଇଣ୍ଡିଆ-୩ | ୧୦.୦୦ | ୪.୧୯ | ୪.୧୯ |

| | | | | |
|---|---|---|---|---|
| | | % | | |
| ୭ | ୟୁନିଅନ ବ୍ୟାଙ୍କ ଅଫ ଇଣ୍ଡିଆ-୪ | ୧୧.୨୫ % | ୬.୪୬ | ୬.୪୬ |
| ୮ | ଆଲ୍ଲାହାବାଦ୍ ବ୍ୟାଙ୍କ-୧ | ୮.୨୫% | ୦.୧୮ | ୦.୧୮ |
| ୯ | ଆଲ୍ଲାହାବାଦ୍ ବ୍ୟାଙ୍କ-୨ | ୮.୨୫% | ୧.୯୫ | ୧.୯୫ |
| ୧୦ | ଆଲ୍ଲାହାବାଦ୍ ବ୍ୟାଙ୍କ-୩ | ୮.୨୫% | ୧.୩୦ | ୧.୩୦ |
| ୧୧ | ଦେନା ବ୍ୟାଙ୍କ -୧ | ୮.୨୫% | ୦.୨୭ | ୦.୨୭ |
| ୧୨ | ଦେନା ବ୍ୟାଙ୍କ -୨ | ୮.୨୫% | ୩.୦୭ | ୩.୦୭ |
| ୧୩ | ଆନ୍ଧ୍ର ବ୍ୟାଙ୍କ | ୧୦.୫୦ % | ୧.୯୦ | ୧.୯୦ |
| ୧୪ | ସିଣ୍ଡିକେଟ ବ୍ୟାଙ୍କ | ୮.୨୫% | ୧.୨୭ | ୧.୨୭ |
| ୧୫ | କର୍ଣ୍ଣାଟକ ବ୍ୟାଙ୍କ | ୯.୭୫% | ୦.୨୨ | ୦.୨୨ |
| ୧୬ | ୟୁକୋ ବ୍ୟାଙ୍କ-୧(୨୦୦ କୋଟି) | ୧୦.୦୦ % | ୧୩.୦୬ | ୧୩.୦୬ |
| ୧୭ | ୟୁକୋ ବ୍ୟାଙ୍କ-୨ (୧୦୦ କୋଟି) | ୧୦.୦୦ % | ୮.୨୦ | ୮.୨୦ |
| ୧୮ | ଓଏଚପିସି (୫୦ କୋଟି) | ୮.୫୦% | - | - |
| ୧୯ | ପେନ୍ସନ୍ ଟ୍ରଷ୍ଟ ବଣ୍ଡ | ୯.୦୦% | ୭.୯୯ | - |
| ୨୦ | ଏନଟିପିସ (୩୪୨.୮୫ କୋଟି ଟଙ୍କା) | ୧୦.୦୦ % | - | - |
| | ସମୁଦାୟ | | ୨୧୦.୭୫ | ୧୧୨.୩୮ |
| ଖ. ନିଅଣ୍ଟ ରାଜସ୍ୱ ଭରଣ ଭରିବା ପାଇଁ ଆର୍ଥିକ ବର୍ଷ ୨୦୦୯-୧୦ର ରେ ନିଆଯାଇଥିବା ନୂତନ କରଜ (୦୧.୧୧.୨୦୦୯ ପର୍ଯ୍ୟ | | | | |
| ୨୧ | ୟୁନିଅନ ବ୍ୟାଙ୍କ ଅଫ ଇଣ୍ଡିଆ-୫ - ୧୦୦କୋଟି | ୯.୫୦% | ୯.୫୦ | ୯.୫୦ |
| ୨୨ | ୟୁନିଅନ ବ୍ୟାଙ୍କ ଅଫ ଇଣ୍ଡିଆ-୬ - ୨୦କୋଟି | ୯.୫୦% | ୧୭.୮୨ | ୧୭.୮୨ |
| ୨୩ | ଆନ୍ଧ୍ର ବ୍ୟାଙ୍କ-୨- ୨୦୦ କୋଟି | ୯.୫୦% | ୧୮.୪୫ | ୧୮.୪୫ |
| ୨୪ | କାନାରା ବ୍ୟାଙ୍କ -୧-୧୦୦କୋଟି | ୯.୫୦% | ୮.୬୬ | ୮.୬୬ |
| ୨୫ | କାନାରା ବ୍ୟାଙ୍କ -୨-୧୦୦କୋଟି | ୯.୫୦% | ୮.୯୮ | ୮.୯୮ |
| ୨୬ | କଳିଙ୍ଗ ଗ୍ରାମ୍ୟ ବ୍ୟାଙ୍କ -୫୦କୋଟି | ୯.୫୦% | ୪.୭୫ | ୪.୭୫ |
| ୨୭ | କୌର ବୈଶ୍ୟ ବ୍ୟାଙ୍କ -୫୦କୋଟି | ୯.୫୦% | ୪.୭୫ | ୪.୭୫ |
| ୨୮ | କର୍ଣ୍ଣାଟକ ବ୍ୟାଙ୍କ – ୨ - ୧୦୦ କୋଟି | ୯.୫୦% | ୯.୪୦ | ୯.୪୦ |
| ୨୯ | ନୁଆ କରଜ ପ୍ରସ୍ତିବ ୧୦୦୦ କୋଟି | ୧୦.୦୦% | ୧୦୦.୦୦ | - |
| | ସମୁଦାୟ | | ୧୮୨.୩୧ | ୮୨.୩୧ |
| ଗ. | ଅର୍ଥ ଓ ଅନ୍ୟାନ୍ୟ ଦେୟ | | | |
| ଘ. | ସର୍ବ ସମୁଦାୟ (କ+ଖ+ଗ) | | ୩୯୩.୦୬ | ୧୯୪.୬୯ |

**ସ୍ୱତନ୍ତ୍ର ପରିପୂରକତା** (Special Appropriation):

୪୬୨) ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ନିମ୍ନଲିଖିତ ଶୀର୍ଷକସମୂହରେ ଗ୍ରୀଡ଼କୋ ୯୪୫.୨୨ କୋଟି ଟଙ୍କାର 'ସ୍ୱତନ୍ତ୍ର ପରିପୂରକତା'ର ପ୍ରଦର୍ଶନ କରିଛି ।

୧) ୩୧.୩.୨୦୦୯ ପର୍ଯ୍ୟନ୍ତ ଋଣ ପରିଶୋଧର ସ୍ୱତନ୍ତ୍ର ପରିପୂରକତା------- ୬୧୨.୦୩ କୋଟି

୨) ୨୦୦୯-୧୦ରେ ଆଣିଥିବା ଋଣ ପରିଶୋଧର ସ୍ୱତନ୍ତ୍ର ପରିପୂରକତା---- ୯୯.୫୨କୋଟି

୩) ଓଏଚପିସିର ବାକିଆ ଦେୟ ପ୍ରଦାନ ----- ୧୬୧.୧୦କୋଟି

୪) ଓପିଜିସିକୁ ବାକିଆ ଦେୟ ପ୍ରଦାନ -----୭୨.୫୭କୋଟି

**ସମୁଦାୟ - ୯୪୫.୨୨କୋଟି**

୪୬୩) ୧ ନଂ ଆଇଟମ୍, ଅର୍ଥାତ୍ ୬୧୨.୦୩କୋଟି ଟଙ୍କାର ପରିଶୋଧ ଋଣ ପରିମାଣର ସ୍ୱତନ୍ତ୍ର ପରିପୂରକତା ସକାଶେ ଟିଆର୍‌ଏଫ୍-୩ରେ ଗ୍ରୀଡ଼କୋ ଋଣ-ଓ୍ୱାରୀ ପରିଶୋଧ-ସୂଚୀକୁ ଉପସ୍ଥାପନ କରିଛି । ଯାଞ୍ଚରୁ ଜଣାପଡିଛି ଯେ, ୨୦୦୮-୦୯ରେ ଗ୍ରୀଡ଼କୋ ୟୁକୋ ବ୍ୟାଙ୍କରୁ ୩୦୦ କୋଟି ଟଙ୍କାର ନୂଆ ଋଣ ଆଣିଛି, ଯାହାକି ଆୟୋଗ ଗତ ତାରିଫ ଆଦେଶନାମାରେ ବିଚାରକୁ ନେଲେ ନାହିଁ । ୨୦୦୯-୧୦ରେ ଉପଯୁକ୍ତ ଋଣର ପରିଶୋଧ ପରିମାଣ ୧୦୦ କୋଟି ଟଙ୍କାକୁ ଅଟକଳନ କରାଯାଇଛି (୬୬.୬୭କୋଟି + ୩୩.୩୩କୋଟି) । ଆୟୋଗ ଅନୁଧ୍ୟାନ କରି ଜାଣିଛନ୍ତି ଯେ, ଶକ୍ତି କ୍ରୟ ଦାୟିତ୍ୱ ତୁଲାଇବାକୁ ଗ୍ରୀଡ଼କୋ ଉପରୋକ୍ତ ଋଣ କରିଥିଲେ । ତେଣୁ ସ୍ୱତନ୍ତ୍ର ପରିପୂରକତା ବାବଦକୁ ୧୦୦କୋଟି ଟଙ୍କାର ମୂଳ ପରିମାଣକୁ ସୁଝିବାକୁ ଅନୁମତି ଦେବାକୁ ଆୟୋଗ ଉଚିତ ମନେ କରିଛନ୍ତି । ୨୦୦୮-୦୯ରେ ଗ୍ରୀଡ଼କୋ ଆଣିଥିବା ୩୦୦କୋଟି ଟଙ୍କାର ଋଣକୁ ବାଦ୍ ଦେଲେ ଆଉ ସବୁ ଋଣ ହେଉଛି ପୁରୁଣା ଓ ଅନୁମୋଦିତ ଋଣ । ରାଜ୍ୟ ସରକାରଙ୍କ ଠାରୁ ଅଣାଯାଇଥିବା ଋଣ ଓ ପରିଶୋଧ୍ୟ ସୂଚୀକୁ ଆୟୋଗ ତାଙ୍କର ୨୦.୦୭.୨୦୦୬ର ନିରାପତ୍ତାକରଣିତ ଆଦେଶନାମାରେ ଅନୁମୋଦନ ଦେଇଥିଲେ । ଏହାର ସବିଶେଷତା ନିମ୍ନ ସାରଣୀରେ ପ୍ରଦତ୍ତ ହେଲା।

ସାରଣୀ-୫୬

| ଆର୍ଥିକ ବର୍ଷ | ଶକ୍ତି କ୍ରୟ ବକେୟା ପରିଶୋଧ ପାଇଁ ଅନୁମୋଦିତ (କୋଟି ଟଙ୍କାରେ) Repayment approved for liquidation of power purchase dues |
|---|---|
| ୨୦୦୫-୦୬ | ୪୦୬.୨୫ |
| ୨୦୦୬-୦୭ | ୪୮୦.୧୨ |
| ୨୦୦୭-୦୮ | ୪୮୦.୬୨ |
| ୨୦୦୮-୦୯ | ୩୦୬.୫୫ |
| ୨୦୦୯-୧୦ | ୨୨୬.୭୩ |
| ୨୦୧୦-୧୧ | ୧୬୬.୩୯ |
| ୨୦୧୧-୧୨ | ୧୪୬.୮୨ |
| ୨୦୧୨-୧୩ | ୧୪୦.୮୫ |
| ୨୦୧୩-୧୪ | ୧୧୮.୨୯ |
| ୨୦୧୪-୧୫ | ୧୧୦.୨୯ |
| ୨୦୧୫-୧୬ | ୧୧୦.୨୬ |
| ସମୁଦାୟ ପରିଶୋଧ ପରିମାଣ | **୨୬୯୩.୧୭** |

୪୬୪) ୨୦୧୦-୧୧ ଆ.ବ.ରେ ଆୟୋଗ ଋଣ ପରିମାଣ ବାବଦକୁ ୧୬୬.୩୯ କୋଟି ଟଙ୍କାର ଆଉ ଏକ ପରିମାଣକୁ ଅନୁମୋଦନ ଦେଇଥିଲେ । ଆଦେଶନାମା ସହ ସମତାଳରେ, ଏହି ୧୬୬.୩୯ କୋଟି ଟଙ୍କାର ପରିଶୋଧ ଋଣକୁ ସ୍ୱତନ୍ତ୍ର ପରିପୂରକତା ବାବଦକୁ ଅନୁମତି ଦେଇଥିଲେ । ସାରାଂଶ ଏହା ହେଉଛି ଯେ, ଗ୍ରୀଡ଼କୋର ପ୍ରସ୍ତାବିତ ୬୧୨.୦୩ କୋଟି ଟଙ୍କାର ପ୍ରସ୍ତାବିତ ପରିମାଣ ବିପକ୍ଷରେ ଆୟୋଗ ୨୦୧୦-୧୧ ଆ.ବ. ପାଇଁ ସ୍ୱତନ୍ତ୍ର ପରିପୂରକତା ବାବଦକୁ ୨୬୬.୩୯କୋଟି (୧୬୬.୩୯କୋଟି+୧୦୦କୋଟି) ଟଙ୍କାର ପରିମାଣକୁ ଅନୁମୋଦନ ଦେଇଛନ୍ତି ।

୪୬୫) ୨୦୦୯-୧୦ରେ ଗ୍ରୀଡ଼କୋ ଆଣିଥିବା ଋଣର ପରିଶୋଧନୀୟତା ସମ୍ପର୍କରେ କୁହାଯାଇପାରେ ଯେ, ୨୦୧୦-୧୧ ଆ.ବ.ରେ ୯୯.୫୨ କୋଟି ଟଙ୍କାର ମୂଳ ପରିଶୋଧ କରିବାକୁ ଗ୍ରୀଡ଼କୋ ପ୍ରଦର୍ଶନ କରିଛି । ପରବର୍ତ୍ତୀ ସମୟରେ ଏହି ପରିମାଣକୁ ୧୨୬.୧୮କୋଟିକୁ ସଂଶୋଧନ କରାଯାଇଛି । ଉପରୋକ୍ତ ପରିଚ୍ଛେଦମାନଙ୍କରେ ଆୟୋଗ ଦର୍ଶାଇଛନ୍ତି ଯେ, ୨୦୦୯-୧୦ରେ ଗ୍ରୀଡ଼କୋର ପ୍ରକୃତ ଋଣ ପ୍ରାପ୍ତି ପରିମାଣ ହେଉଛି ୯୦୦କୋଟି, ଯାହା ରାଜସ୍ୱ ଆବଶ୍ୟକତାରେ ପାସ୍ କରାଇ ନେବାକୁ ସୁଧ ପରିମାଣକୁ ଅନୁମତି ଦିଆଯାଇଛି । ସଂପ୍ରତି, ୨୦୧୦-୧୧ ଆ.ବ. ପାଇଁ ୯୦୦କୋଟି ଟଙ୍କାର ଋଣ-ମୂଲ୍ୟ ଉପରେ ୯୯.୯୨ କୋଟି ଟଙ୍କାର ମୂଳ ପରିମାଣ ପରିଶୋଧ କରିବାକୁ ଆୟୋଗ ଅନୁମତି ଦେଇଛନ୍ତି । ହିସାବର ସବିଶେଷ ବିବରଣୀ ନିମ୍ନ ସାରଣୀରେ ଦର୍ଶାଯାଇଛି।

ସାରଣୀ-୫୭

| ବ୍ୟାଙ୍କମାନଙ୍କର ନାମ | ଅନୁମୋଦନ ଅର୍ଥ ପରିମାଣ | ଉଠାଣ ତାରିଖ | ମୁଲତବୀ **Moratorium** | ପରିଶୋଧ କାର୍ଯ୍ୟକାଳ **Repayment term** | ମାସିକ କିସ୍ତି **Monthly instalment** | ୨୦୧୦-୧୧ ପାଇଁ ବାର୍ଷିକ ପରିଶୋଧ **Annual repayment for 10-11** |
|---|---|---|---|---|---|---|
| ୟୁନିୟନ ବ୍ୟାଙ୍କ | ୧୦୦ | ୦୧.୧୦.୦୯ | ୬ ମାସ | ମାସିକିଆ | ଘ.ଇ. | |
| କାନାରା ବ୍ୟାଙ୍କ | ୧୦୦ | ୦୧.୬.୦୯ | ୧ ବର୍ଷ | ମାସିକିଆ | ୨.୦୮ | ୨୦.୮୦ |
| ୟୁନିୟନ ବ୍ୟାଙ୍କ | ୨୦୦ | ୩୦.୬.୦୯ | ୧ ବର୍ଷ | ମାସିକିଆ | ୩.୩୩ | ୨୯.୯୭ |
| କାନାରା ବ୍ୟାଙ୍କ | ୧୦୦ | ୦୧.୮.୦୯ | ୧ ବର୍ଷ | ମାସିକିଆ | ୧.୬୭ | ୧୩.୩୬ |
| ଅନ୍ଧ୍ର ବ୍ୟାଙ୍କ | ୨୦୦ | ୦୧.୯.୦୯ | ୧ ବର୍ଷ | ମାସିକିଆ | ୩.୩୩ | ୨୩.୩୧ |
| କଳିଙ୍ଗ ଗ୍ରାମ୍ୟ ବ୍ୟାଙ୍କ | ୫୦ | ୩୧.୧୦.୦୯ | ୨ ବର୍ଷ | ମାସିକିଆ | ୦.୮୩ | ୪.୧୫ |
| କୌର ବୈଶ୍ୟ ବ୍ୟାଙ୍କ | ୫୦ | ୨୦.୧୧.୦୯ | ୨ ବର୍ଷ | ମାସିକିଆ | ୦.୮୩ | ୩.୩୨ |
| କର୍ଣ୍ଣାଟକ ବ୍ୟାଙ୍କ | ୧୦୦ | ୧୭.୧୨.୦୯ | ୧ ବର୍ଷ | ମାସିକିଆ | ୧.୬୭ | ୫.୦୧ |
| ସମୁଦାୟ | ୯୦୦ | | | | | ୯୯.୯୨ |

୪୬୬) ଅତଏବ, ୨୦୦୯-୧୦ରେ ଗ୍ରୀଡ଼କୋ ଆଣିଥିବା ୯୦୦କୋଟି ଟଙ୍କାର ଋଣ କ୍ଷେତ୍ରରେ ୨୦୧୦-୧୧ ଆ.ବ. ପାଇଁ ସ୍ୱତନ୍ତ୍ର ପରିପୂରକତା ବାବଦକୁ ଆୟୋଗ ୯୯.୯୨ କୋଟି ଟଙ୍କାର ମୂଳ ସୁଝିବାକୁ ଅନୁମୋଦନ ଦେଇଛନ୍ତି ।

**ଓପିଜିସିକୁ ବାକିଆ ଦେୟ ପ୍ରଦାନ:**

୪୬୭) ଗ୍ରୀଡ଼କୋ ଦର୍ଶାଇଛି ଯେ, ଓପିଜିସିକୁ ଶକ୍ତି କ୍ରୟ ଜନିତ ବାକିଆ ଦେୟ ବାବଦକୁ ତା'ର ୭୨.୫୭ କୋଟି ଟଙ୍କା ଦେବାକୁ ଥିଲା। କିନ୍ତୁ ଦରସୂଚୀ ନିର୍ଦ୍ଧାରଣ ଜନିତ ବିବାଦ ଯୋଗୁ ତାହା ସ୍ଥଗିତ ରଖାଯାଇଥିଲା । ଆୟୋଗଙ୍କ ପ୍ରଶ୍ନର ଉତ୍ତରରେ ଗ୍ରୀଡ଼କୋ ସ୍ୱଷ୍ଟ କରିଦେଇଥିଲା ଯେ, ଏହି ବାକିଆ ଦେୟ ପରିମାଣ ୨୦୦୮ର ସେପ୍ଟେମ୍ବର ଶେଷ ପର୍ଯ୍ୟନ୍ତ ଉଦ୍ଦିଷ୍ଟ । ତେବେ ସେ ଯାହା ହେଉ, ଆ.ବ. ୨୦୦୮-୦୯ର ଶେଷ ସୁଦ୍ଧା ଏହି ବାକିଆ ଦେୟ ବାବଦକୁ ଗ୍ରୀଡ଼କୋକୁ ୯୦.୯୫ କୋଟି ଟଙ୍କା ଦେବାକୁ ପଡିବ ।

୪୬୮) ଆୟୋଗ ମତ ଦେଇଛନ୍ତି ଯେ, ସଂଶୋଧିତ ଚୁକ୍ତିନାମାର ଅନୁମୋଦନ ପରେ ଓପିଜିସିର ଦେୟକୁ ବିଚାର କରାଯିବ । ତେଣୁ, ବର୍ତ୍ତମାନ ପାଇଁ ଗ୍ରୀଡ଼କୋ ଦାବୀ କରିଥିବା ପରିମାଣକୁ ତା'ର ଏଆର୍ଆର୍‌ରେ ପାସ୍ କରାଇବାକୁ ଆୟୋଗ ଅନୁମତି ଦେଇନାହାନ୍ତି ।

**ଓଏଚପିସିର ଶକ୍ତି କ୍ରୟ ସମ୍ପର୍କିତ ଦାମ୍‌ର ପାସ୍ ଥ୍ରୋ:**

୪୬୯) ୨୦୦୮-୦୯ ଆ.ବ.ରେ ଏବଂ ଚଳିତ ୨୦୦୯-୧୦ ଆ.ବ.ରେ ରାଜସ୍ୱର ନିଅଣ୍ଟିଆ ପରିସ୍ଥିତି ଯୋଗୁ ଖିଲାପି ଦେୟ ପ୍ରଦାନ ଉଦ୍ଦେଶ୍ୟରେ ଗ୍ରୀଡ୍‌କୋ ୧୬୧.୧୦ କୋଟି ଟଙ୍କାର ଏକ ପରିମାଣ ଦାବୀ କରିଛି । ଉପଯୁକ୍ତ ଯାଞ୍ଚ ପରେ, ଆୟୋଗ ଉପରୋକ୍ତ ୧୬୧.୧୦କୋଟି ଟଙ୍କା ବିପକ୍ଷରେ ଆୟକର, ଗୌଣ ଉପଯୋଗ ଉପରେ ବିଦ୍ୟୁତ୍ ଡ୍ୟୁଟି , ଏଆର୍ଆର୍ ଓ ସମ୍ପର୍କିତ ପ୍ରକାଶନ ଫି' ବାବଦକୁ ମାତ୍ର ୩.୦୮ କୋଟି ଟଙ୍କାର ପରିମାଣକୁ ଅନୁମତି ଦେଇଛନ୍ତି ।

**ଗୌଣ ଉପଯୋଗ ଉପରେ ବିଦ୍ୟୁତ୍ ଡ୍ୟୁଟି:**

୪୭୦) ଓଏଚପିସି ଏବଂ ଗ୍ରୀଡ୍‌କୋ ମଧ୍ୟରେ ସହମତିଭିତ୍ତିକ ଶକ୍ତିକ୍ରୟ ଚୁକ୍ତିନାମା ଅନୁଯାୟୀ, ଓଏଚପିସି ରାଜ୍ୟ ସରକାର ଓ ଅନ୍ୟାନ୍ୟ ଆଇନଗତ ସଂସ୍ଥାନମାନଙ୍କୁ ଦେବାକୁ ଥିବା ଶୁଳ୍କସମୂହ ଓ ଡ୍ୟୁଟିସମୂହ (ଗୌଣ ଯୋଗାଣ ଉପରେ ବିଦ୍ୟୁତ୍ ଡ୍ୟୁଟିକୁ ମିଶାଇ)କୁ ଅତିରିକ୍ତ ବିଲ୍ ଆକାରରେ ଗ୍ରୀଡ଼କୋ ଉପରେ ନ୍ୟସ୍ତ କରାଯିବ ଏବଂ ବିଲ୍ ପାଇବାର ୩୦ ଦିନ ମଧ୍ୟରେ ଗ୍ରୀଡ଼କୋ ତାହାର ପେମେଣ୍ଟ କରିବ । ବିଦ୍ୟୁତ ଡ୍ୟୁଟି ବା ଇଡିର ଭରଣାକୁ ତ୍ୱରାନ୍ୱିତକରଣ ପାଇଁ ବର୍ଷ ଆରମ୍ଭର ଅବ୍ୟବହିତ ପୂର୍ବରୁ ଗ୍ରୀଡ଼କୋ ତା'ର ଏଆର୍ଆର୍‌ରେ ଇଡିକୁ ଅନ୍ତର୍ଭୁକ୍ତ କରିବା ଉଚିତ (ଆକାରାୟିତ ଶକ୍ତିକୁ ଭିତ୍ତି କରି) । ସେହି ଅନୁସାରେ ସବୁ ଜଳ ବିଦ୍ୟୁତ୍ ପ୍ରୋଜେକ୍ଟର ଗୌଣ ଉପଯୋଗ ଉପରେ ୦.୫୭ କୋଟି ଟଙ୍କାର ଇଡିକୁ ସ୍ୱତନ୍ତ୍ର ବିଲିଂ ଜରିଆରେ ଗ୍ରୀଡ଼କୋ ଠାରୁ ଓଏଚପିସିକୁ ଫେରସ୍ତ ଆଣିବାକୁ ପଡିବ ଏବଂ ଆୟୋଗ ଏହି ପରିମାଣକୁ ଅନୁମୋଦନ ଦେଇଛନ୍ତି ।

**ଆୟକର:**

୪୭୧) ନୂଆ ସିଇଆରସି ନିୟମାଳବୀ, ୨୦୦୯ ଅନୁଯାୟୀ, ଉତ୍ପାଦନକାରୀ କମ୍ପାନୀ କିମ୍ବା ସରବରାହ ଅନୁମତିଧାରୀଙ୍କର ଆୟ ଉପରେ ଶୁଳ୍କ ବା କରକୁ ହିତାଧିକାରୀ କିମ୍ବା ଦୀର୍ଘ-ମିଆଦ-ସମ୍ପନ୍ନ ସରବରାହ-ଉପଭୋକ୍ତାଙ୍କ ଠାରୁ ଭରଣା କରାଯିବ ନାହିଁ । ତେବେ, ୩୧ମାର୍ଚ୍ଚ୨୦୦୯ ପର୍ଯ୍ୟନ୍ତ ସମୟ ଅବଧି ପାଇଁ ଅତିରିକ୍ତ ବେନିଫିଟ୍ ଶୁଳ୍କ ବାଦ୍ ପାର୍ଥକ୍ୟଗତ ଶୁଳ୍କ (ଯେଉଁ କ୍ଷେତ୍ରରେ ଏହା ପ୍ରତିଫଳିତ ହେଉଥିବ)କୁ ସିଧାସଳଖ ହିତାଧିକାରୀ ଏବଂ ଦୀର୍ଘ-ମିଆଦି ଉପଭୋକ୍ତାଙ୍କ ଠାରୁ ଭରଣା କରାଯିବ ।

ସେହି ଅନୁସାରେ, ଆୟକର ଦାୟବଦ୍ଧତା, ଅର୍ଥାତ୍ ୨୦୦୮-୦୯ରେ ଓଏଚ୍‌ପିସି ଦ୍ୱାରା ପ୍ରଦତ୍ତ ୨.୨୫ କୋଟି ଟଙ୍କାର ସର୍ବନିମ୍ନ ବିକଳ୍ପ ଶୁଳ୍କ ଗ୍ରୀଡ଼କୋ ଠାରୁ ପ୍ରତ୍ୟକ୍ଷ ଭାବେ ଓଏଚ୍‌ପିସିକୁ ଫେରସ୍ତ ଦିଆଯିବ । ଆୟୋଗ ଏହି ପରିମାଣକୁ ପାସ୍ ଥ୍ରୋ ଭାବରେ ଅନୁମୋଦନ କରିଛନ୍ତି ।

**ଏଆର୍ଆର୍ ଓ ତାରିଫ ଦରଖାସ୍ତ ଫି' ଏବଂ ସମ୍ପର୍କିତ ପ୍ରକାଶନ ବ୍ୟୟସମୂହ:**

୪୭୨) ସିଇଆରସି ତାରିଫ ନିୟମାବଳୀ, ୨୦୦୯ର ନିୟମ-୪୨ ଅନୁଯାୟୀ, ତାରିଫ ଅନୁମୋଦନ ନିମନ୍ତେ ଆବେଦନ ପତ୍ରରେ ବିଜ୍ଞାପନ ପ୍ରକାଶନ ଜନିତ ବ୍ୟୟ ଓ ଦରଖାସ୍ତ ଫାଇଲିଂ ଫି' ଆୟୋଗଙ୍କର ବୈଚାରିକ ଅନୁମତିମତେ ସିଧାସଳଖ ହିତାଧିକାରୀ ଓ ସରବରାହ ଉପଭୋକ୍ତାଙ୍କ ଠାରୁ ଉତ୍ପାଦନକାରୀ କମ୍ପାନୀ କିମ୍ବା ସରବରାହ-ଅନୁମତିଧାରୀଙ୍କ ଦ୍ୱାରା ଭରଣା କରାଯାଇପାରେ । ସେହି ଅନୁଯାୟୀ, ଏଆର୍ଆର୍ ଫାଇଲିଂ, ତାରିଫ ଦରଖାସ୍ତ ଫି' ଓ ସମ୍ପର୍କିତ ପ୍ରକାଶନ ବ୍ୟୟ ଭତ୍ତା ବାବଦକୁ ଓଏଚପିସି ଗ୍ରୀଡ୍‌କୋ ଠାରୁ ୦.୨୬ କୋଟି ଟଙ୍କାର ଫେରସ୍ତ ପରିମାଣ ଦାବୀ କରିଛି ଏବଂ ଆୟୋଗ ସେହି ପରିମାଣକୁ ଗ୍ରୀଡ଼କୋର ଏଆର୍ଆର୍‌ରେ ପାସ୍‌ଥ୍ରୋ ଭାବରେ ଅନୁମୋଦନ ଦେଇଛନ୍ତି ।

**ଏସ୍‌ଏଲ୍‌ଡିସି ଦେୟ-ଦରସମୂହ:**

୪୭୩) ଆୟୋଗ ଏସ୍‌ଏଲ୍‌ଡିସି (State Load Despatch Centre) ର ଏଆର୍‌ଆର୍, ଫି'ସମୂହ ଓ ଦେୟ-ଦର ସମୂହର ନିର୍ଦ୍ଧାରଣ ବେଳେ, ସିଇଆର୍‌ସି (ଆଞ୍ଚଳିକ ଲୋଡ୍ ଡେସ୍‌ପାଚ୍ ସେଣ୍ଟର ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସମ୍ପର୍କିତ ପ୍ରସଂଗସମୂହ) ନିୟମାବଳୀ, ୨୦୦୯ ଅନୁଯାୟୀ, କେଶ୍-ନଂ-୧୪୬/୨୦୦୯ରେ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ପଦ୍ଧତିଗତ ପରିଚାଳନାର ନିର୍ବାହନ ଓ ବଜାର ପରିଚାଳନା ନିର୍ବାହନ ବାବଦକୁ ଶକ୍ତି ବ୍ୟବହାରକାରୀଙ୍କ ଠାରୁ ଅତିରିକ୍ତ ଶୁଳ୍କ ଓ ବାର୍ଷିକ ଦେୟ-ଦର ସଂଗ୍ରହ କରିବାକୁ ଅନୁମତି ଦେଇଛନ୍ତି । ତେଣୁ, ଏସ୍‌ଏଲ୍‌ଡିସିର ବାର୍ଷିକ ଦେୟ-ଦର ବାବଦକୁ ଉତ୍ପାଦନକାରୀମାନଙ୍କ ଠାରୁ ବାର୍ଷିକ ମେଗାୱାଟ ପିଛା ୮୯୩୦ଟଙ୍କା ଆଦାୟ କରାଯିବାକୁ ଆୟୋଗ ସ୍ଥିର କରିଛନ୍ତି । ଓଏଚ୍‌ପିସିର ୨୦୨୭.୫୦ ମେଗାୱାଟର ଉତ୍ପାଦନ କ୍ଷମତାକୁ ବିବେଚନା କଲେ (ଏସ୍‌ଏଲ୍‌ଡିସି ତା'ର ଏଆର୍‌ଆର୍ ଦରଖାସ୍ତରେ ଉପସ୍ଥାପନ କରିଥିବା ମତେ), ୨୦୧୦-୧୧ ଆ.ବ. ପାଇଁ ଓଏଚ୍‌ପିସିର ସମୁଦାୟ ଏସ୍‌ଏଲ୍‌ଡିସି ଦେୟ-ଦର ହେବ ୧.୮୧ କୋଟି ଟଙ୍କା, ଯାହାକୁ ମାସିକ ହିସାବରେ ଓଏଚପିସିରୁ ଏସ୍‌ଏଲ୍‌ଡିସି ଆଦାୟ କରିବ ଏବଂ ଓଏଚପିସି ସେହି ପରିମାଣକୁ ଗ୍ରୀଡ଼କୋ ଠାରୁ ଫେରସ୍ତ ପରିମାଣ ହିସାବରେ ଆଣିବ । ସେହି ହିସାବରେ, ଆୟୋଗ ଓଏଚପିସିର ଶକ୍ତି କ୍ରୟ ସମ୍ପର୍କିତ ଦାମ ବାବଦକୁ ୨୦୧୦-୧୧ ଆ.ବ. ପାଇଁ ଗ୍ରୀଡ଼କୋର ଏଆର୍‌ଆର୍‌ରେ ଉପରୋକ୍ତ ୧.୮୧ କୋଟି ଟଙ୍କାକୁ 'ପାସ୍ ଥ୍ରୋ' ଭାବରେ ଅନୁମୋଦନ ଦେଇଛନ୍ତି ।

୪୭୪) ଓଏଚପିସିର ଗୌଣ-ଉପଯୋଗ ଉପରେ ବିଦ୍ୟୁତ୍ ଡ୍ୟୁଟି ବା ଇଡି, ଆୟକର, ଦରଖାସ୍ତ ଫି', ସମ୍ପର୍କିତ ପ୍ରକାଶନ ଜନିତ ବ୍ୟୟଭାର ଏବଂ ଏସ୍‌ଏଲ୍‌ଡିସି ଦେୟ-ଦର ଆଦିକୁ ନିମ୍ନ ସାରଣୀରେ ସାରାଂଶୀକରଣ କରାଯାଇଛି ।

ସାରଣୀ-୫୮

(କୋଟି ଟଙ୍କାରେ)

| ଦରର ଉପାଦାନ | ଆରଏଚଇପି | ୟୁକେଏଚଇପି | ବିଏଚଇପି | ଏଚ୍‌ଏଚଇପି | ସିଏଚଇପି | ୟୁଆଇଏଚଇପି | ସମୁଦାୟ |
|---|---|---|---|---|---|---|---|
| ଗୌଣ ଉପଯୋଗ ଉପରେ ବିଦ୍ୟୁତ ଡ୍ୟୁଟି **ED on Auxi. Consumption** | ୦.୦୫ | ୦.୦୮ | ୦.୧୨ | ୦.୦୭ | ୦.୦୫ | ୦.୨୦ | ୦.୫୭ |
| ଆୟକର (ମେଟ୍) **Income Tax (MAT)** | ୦.୦୦ | ୦.୦୦ | ୦.୦୮ | ୦.୦୦ | ୦.୦୦ | ୨.୧୭ | ୨.୨୫ |
| ଦରଖାସ୍ତ ଦେୟ ଓ ପ୍ରକାଶନ ଖର୍ଚ୍ଚ **Application fees & publication expenses** | | | | | | | ୦.୨୬ |
| ୨୦୧୦-୧୧ ପାଇଁ ଏସ୍.ଏଲ୍.ଡି.ସି ଚାର୍ଜ ସମୁଦାୟ **SLDC Charges for the FY 2010-11** | | | | | | | ୧.୮୧ |
| ସମୁଦାୟ | | | | | | | ୪.୮୯ |

**ଗ୍ରୀଡ଼କୋ ପାଇଁ ବାସ୍ତବାୟନ:**

୪୭୫) ଗତ ତାରିଫ ଆଦେଶନାମାରେ, ଅଡିଟ କରାଯାଇଥିବା ଆକାଉଣ୍ଟକୁ ଭିତ୍ତି କରି ୨୦୦୭-୦୮ ଆ.ବ. ପର୍ଯ୍ୟନ୍ତ ଆୟୋଗ ଗ୍ରୀଡ଼କୋର ବାସ୍ତବାୟନ କରିଥିଲେ । ଏବେ ୨୦୦୮-୦୯ ପର୍ଯ୍ୟନ୍ତ ଅଡିଟ କରାଯାଇଥିବା ଆକାଉଣ୍ଟ ଉପଲବ୍ଧ ହୋଇଛି । ଶକ୍ତି ଦାମ୍‌ର କେତେକ ଉପାଦାନ କ୍ଷେତ୍ରରେ ପୂର୍ବ ତାରିଫନାମାରେ ଗ୍ରହଣୀୟ ସ୍ଥିତି ଶୃଙ୍ଖଳାକୁ ସଂଶୋଧନ କରାଯାଇଛି ଏବଂ ସେହି ଅନୁସାରେ ଆୟୋଗ ୨୦୦୮-୦୯ ପର୍ଯ୍ୟନ୍ତ ବାସ୍ତବାୟନ ପ୍ରକ୍ରିୟାକୁ ବର୍ତ୍ତମାନର ତାରିଖାନୁସାରୀ କରିଛନ୍ତି । ୨୦୦୮-୦୯ ଆ.ବ ପର୍ଯ୍ୟନ୍ତ ବାସ୍ତବାୟନ ଅନୁଶୀଳନର ଏକ ସାରଣୀ ତଳେ ଦିଆଗଲା ।

## ସାରଣୀ-୫୯

(କୋଟି ଟଙ୍କାରେ)

| ଆର୍ଥିକ ବର୍ଷ | ରାଜସ୍ୱ ଆବଶ୍ୟକତାରେ ପାର୍ଥକ୍ୟ **Gap in revenue requirement** | ଶକ୍ତି ବିକ୍ରିରୁ ରାଜସ୍ୱ ପାର୍ଥକ୍ୟ **Gap in revenue from sale of power** | ବର୍ଷର ସମୁଦାୟ ପାର୍ଥକ୍ୟ **Total gap (for the year)** | ଯୋଗକରଣ : ଆୟୋଗଙ୍କ ଦ୍ୱାରା ଅନୁମତିପ୍ରାପ୍ତ ଏଆରଆରରେ ଅନୁମୋଦିତ ପାର୍ଥକ୍ୟ **Add : approved gap in ARR allowed by the Commission** | ବାସ୍ତବାୟନ ପାଇଁ ବିଚାରିତ ପାର୍ଥକ୍ୟ **Gap considered for true up** | ସମୁଦାୟ ପାର୍ଥକ୍ୟ ପରିମାଣ **Cumulative Gap (+/-)** |
|---|---|---|---|---|---|---|
| ୧୯୯୬-୯୭ | | | | | | -୨୯୫.୦୦ |
| ୧୯୯୭-୯୮ | -୩୧୦.୧୫ | ୫.୮୬ | -୩୦୪.୨୯ | ୦.୬୮ | -୩୦୩.୬୧ | -୫୯୮.୬୧ |
| ୧୯୯୮-୯୯ | -୨୩୬.୧୦ | -୪୨୦.୩୯ | -୬୫୬.୪୯ | ୦.୧୯ | -୬୫୬.୩୦ | -୧୨୫୪.୯୧ |
| ୧୯୯୯-୦୦ | -୨୩୦.୩୩ | ୨୪୪.୧୪ | ୧୩.୮୧ | -୩୦.୯୧ | -୧୭.୧୦ | -୧୨୭୨.୦୧ |
| ୨୦୦୦-୦୧ | -୩୫୯.୪୨ | ୧୯୪.୪୩ | -୧୬୪.୯୯ | ୦ | -୧୬୪.୯୯ | -୧୪୩୭.୦୦ |
| ୨୦୦୧-୦୨ | ୧୩.୭୪ | ୬୫.୬୧ | ୭୯.୩୫ | ୪୩.୫୯ | ୧୨୨.୯୪ | -୧୩୧୪.୦୬ |
| ୨୦୦୨-୦୩ | -୨୯୭.୮୬ | -୨୬୪.୧୧ | -୫୬୧.୯୭ | ୦ | -୫୬୧.୯୭ | -୧୮୭୬.୦୩ |
| ୨୦୦୩-୦୪ | -୭୯.୭୯ | ୫୮୬.୧୩ | ୫୦୬.୩୪ | ୦ | ୫୦୬.୩୪ | -୧୩୬୯. |

| | | | | | | |
|---|---|---|---|---|---|---|
| | | | | | | ୬୯ |
| ୨୦୦୪-୦୫ | -୭୩.୧୯ | ୩୨୨.୧୩ | ୨୪୮.୯୪ | ୨୧୭.୩୫ | ୪୬୬.୨୯ | -୯୦୩.୪୦ |
| ୨୦୦୫-୦୬ | -୪୦୩.୯୨ | ୩୮୪.୩୨ | -୧୯.୬୦ | ୧୫.୭୨ | -୩.୮୮ | -୯୦୭.୨୮ |
| ୨୦୦୬-୦୭ | -୧୭୫.୪୭ | ୭୨୩.୦୨ | ୫୪୭.୫୫ | -୫୦୪.୫୨ | ୪୩.୦୩ | -୮୬୪.୨୫ |
| ୨୦୦୭-୦୮ | ୧୪୯.୯୩ | ୯୦୨.୪୧ | ୧୦୫୨.୩୪ | -୪୬୪.୮୬ | ୫୮୭.୪୮ | -୨୭୬.୭୭ |
| ୨୦୦୮-୦୯ | -୪୧୦.୧୪ | ୯୩୮.୭୬ | ୫୨୮.୬୨ | -୪୧୦.୦୫ | ୧୧୮.୨୭ | -୧୫୮.୨୦ |

୪୭୬) ବାସ୍ତବାୟନ ପ୍ରକ୍ରିୟା ସମ୍ପାଦନ କଲାବେଳେ ନିମ୍ନଲିଖିତ ଶୃଙ୍ଖଳାସମୂହକୁ ଗ୍ରହଣ କରାଯାଇଛି ।

କ) ‘ପ୍ରକୃତ ଭିତ୍ତି’ (Actual Basis)ରେ ଶକ୍ତି କ୍ରୟର ଦାମ୍‌କୁ ଅନୁମତି ଦିଆଯାଇଛି ।

ଖ) ‘ପ୍ରକୃତ ଭିତ୍ତି’ (Actual Basis)ରେ କର୍ମଚାରୀଙ୍କ ବାବଦ ବ୍ୟୟ ପରିମାଣକୁ ଅନୁମତି ଦିଆଯାଇଛି ।

ଗ) ‘ପ୍ରକୃତ ଭିତ୍ତି’(Actual Basis)ରେ ମରାମତି ଓ ତୁଲାଜମା ବ୍ୟୟ ପରିମାଣକୁ ଅନୁମତି ଦିଆଯାଇଛି ।

ଘ) ଏଆର୍‌ଆର୍‌ରେ ଅନୁମୋଦିତ ସୀମା ସହ ସାପେକ୍ଷ ସମ୍ପର୍କ ରଖି ‘ପ୍ରକୃତ ଭିତ୍ତି’ (Actual Basis)ରେ ପ୍ରଶାସନିକ ଓ ସାଧାରଣ ବ୍ୟୟ ପରିମାଣକୁ ଅନୁମତି ଦିଆଯାଇଛି ।

ଙ) କେବଳ ରାଜ୍ୟ ସରକାରଙ୍କ ଠାରୁ ଅଣାଯାଇଥିବା ଋଣ ଉପରେ ସୁଧ ବାଦ୍ ଆଉ ସବୁ ଋଣର ସୁଧ ପରିମାଣକୁ ‘ପ୍ରକୃତ ଭିତ୍ତି’ (Actual Basis)ରେ ଅନୁମତି ଦିଆଯାଇଛି ।

ଚ) ୨୦୦୦-୦୧ ଆ.ବ. ପର୍ଯ୍ୟନ୍ତ ‘ପ୍ରକୃତ ଭିତ୍ତି’ରେ ‘ମୂଲ୍ୟ-ହ୍ରାସ’ କୁ ଅନୁମତି ଦିଆଯାଇଛି । ୨୦୦୧-୦୨ ଠାରୁ ପରବର୍ତ୍ତୀ ସମୟ ବା ଆର୍ଥିକ ବର୍ଷ ପାଇଁ ମାନ୍ୟବର ଉଚ୍ଚ ନ୍ୟାୟାଳୟଂକର ଆଦେଶନାମା ସହ ତାଳମେଳ ରଖି ‘ମୂଲ୍ୟ-ହ୍ରାସ’ର ହିସାବ କରାଯାଇଛି, ଅର୍ଥାତ୍ ଆସେଟ୍‌ର ପ୍ରାକ୍-ମୂଲ୍ୟାୟିତ ଦାମ୍ ଏବଂ ଭାରତ ସରକାରଙ୍କ ଦ୍ୱାରା ବିଜ୍ଞପିତ ପ୍ରାକ୍-୯୨ ଦର-ହାରରେ ‘କ୍ଷତି-ହ୍ରାସ’ର ହିସାବ କରାଯାଇଛି ।

ଛ) ୨୦୦୬-୦୭ ଆର୍ଥିକ ବର୍ଷର ଅଡିଟ କରାଯାଇଥିବା ଆକାଉଣ୍ଟରେ ପ୍ରଦର୍ଶିତ ୪୦୦ କୋଟି ଟଙ୍କାର ବନ୍ଧକ ମୂଲ୍ୟ ଉପରେ ୱେସ୍‌କୋ, ନେସ୍‌କୋ ଏବଂ ସାଉଥ୍‌କୋ ଦେବାକୁ ଥିବା ସୁଧରୁ ଆୟକୁ ବାସ୍ତବାୟନ ପ୍ରକ୍ରିୟାରେ ବିବେଚନା କରାଯାଇନାହିଁ, କାରଣ ପ୍ରସଂଗଟି ନ୍ୟାୟାଳୟରେ ବିଚାରାଧିନ ଅବସ୍ଥାରେ ଅଛି ।

୪୭୭) ବାସ୍ତବାୟନ ପ୍ରକ୍ରିୟାର ଫଳାଫଳରୁ ଜଣାପଡିଛି ଯେ, ୨୦୦୮-୦୯ ଆର୍ଥିକ ବର୍ଷର ଶେଷରେ ଗ୍ରୀଡ୍‌କୋ ୧୫୮.୨୦ କୋଟି ଟଙ୍କାର ନିଅଣ୍ଟିଆ ପାର୍ଥକ୍ୟର ସମ୍ମୁଖୀନ ହୋଇଛି। ତେବେ ନିମ୍ନୋକ୍ତ କାରଣ ପାଇଁ ପ୍ରକୃତରେ ଏହି ପାର୍ଥକ୍ୟ ଆହୁରି ବୃଦ୍ଧି ପାଇବାର ସମ୍ଭାବନା ଅଛି । ବଣ୍ଟନକାରୀ କମ୍ପାନୀମାନଙ୍କର ବାକିଆ ଦେୟକୁ ବିବେଚନା କରି ଗ୍ରୀଡ଼କୋର ରାଜସ୍ୱ ଆବଶ୍ୟକତା ଏବଂ ସ୍ଥୁଳ ଯୋଗାଣ ଦର ନିର୍ଦ୍ଧାରଣ କରାଯାଇଥିଲେ, ଯାହା ବର୍ଷର ଶେଷ ଆଡକୁ ଫଳପ୍ରଦ ହେଲା ନାହିଁ । ଅନୁମୋଦନ ବାକିଆ ପରିମାଣ ଓ ବିତରକ କଂପାନୀଂକ ଦ୍ୱାରା ପ୍ରକୃତ ପରିମାଣ ପ୍ରଦାନର ଏକ ସବିଶେଷ ସ୍ଥିତି ସାରଣୀରେ ଦର୍ଶାଯାଇଛି।

ସାରଣୀ-୬୦

| | | ଓ୍ୱେସ୍କୋ | ନସ୍କୋ | ସାଉଥ୍କୋ | ସେସୁ | ସମୁଦାୟ |
|---|---|---|---|---|---|---|
| କ | କମିଶନଙ୍କ **ଅନୁମୋଦନ ପରିମାଣ** | | | | | |
| | ୨୦୦୬-୦୭ | ୩୬.୮୩ | ୪୧.୩୬ | ୩୧.୯୧ | - | ୧୧୦.୧୦ |
| | ୨୦୦୭-୦୮ | ୩୬.୮୩ | ୪୧.୩୬ | ୩୧.୯୧ | ୪୩.୨୩ | ୧୫୩.୩୩ |
| | ୨୦୦୮-୦୯ | ୩୬.୮୩ | ୬୫.୦୦ | - | ୧୧୮.୦୦ | ୨୧୯.୮୩ |
| | ସମୁଦାୟ | ୧୧୦.୪୯ | ୧୪୭.୭୨ | ୬୩.୮୨ | ୧୬୧.୨୩ | ୪୮୩.୨୬ |
| ଖ | ବଣ୍ଟନ କମ୍ପାନୀମାନଙ୍କ ଦ୍ୱାରା ପରିଶୋଧ **ପରିମାଣ** | | | | | |
| | ୨୦୦୬-୦୭ | ୫୨.୦୦ | ୫୯.୮୪ | - | - | ୧୧୧.୮୪ |
| | ୨୦୦୭-୦୮ | ୪.୪୦ | ୫୭.୫୮ | ୯.୫୩ | - | ୭୧.୫୧ |
| | ୨୦୦୮-୦୯ | - | ୮୦.୭୨ | ୫.୮୬ | ୩୨.୪୭ | ୧୧୯.୦୫ |
| | ସମୁଦାୟ | ୫୬.୪୦ | ୧୯୮.୧୪ | ୧୫.୩୩ | ୩୨.୪୭ | ୩୦୨.୪୦ |
| | ବ୍ୟତିକ୍ରମ (ଖ-କ) Default | (-)୫୪.୦୯ | ୫୦.୪୨ | (-)୪୮.୪୯ | (-)୧୨୮.୭୬ | (-)୧୮୦.୮୬ |

୪୭୮) ୧୮୦.୮୬ କୋଟି ଟଙ୍କାର ଉପରୋକ୍ତ ଖିଲାପି ପରିମାଣକୁ ବିବେଚନା କଲେ, ୨୦୦୮-୦୯ର ଆର୍ଥିକ ବର୍ଷର ଶେଷ ଆଡକୁ ନିଟ୍ ନିଅଣ୍ଟ ପରିମାଣ ହେବ ୩୩୯.୦୬ କୋଟି ଟଙ୍କା (୧୫୮.୨୦କୋଟି + ୧୮୦.୮୬କୋଟି) ଯାହାକୁ ସାମୟିକ ଭିତ୍ତିରେ ଏକ ନିୟାମକ ଆସେଟ୍ ଭାବରେ ଆୟୋଗ ଗ୍ରହଣ କରିଛନ୍ତି ଏବଂ ୬ ବର୍ଷର ଏକ ସମୟ ଅବଧିରେ ଯାହାର 'ପ୍ରକୃତ ପରିମାଣ'କୁ ଭରଣା କରାଯିବ ।

୪୭୯) ତେବେ, ଆୟୋଗଙ୍କର ମତ ଏହି ଯେ, ମିଳିବାକୁ ଥିବା ଅଡିଟ ଉପରେ ଆଦେଶନାମାର ଫଳାଫଳ ଗ୍ରୀଡ଼କୋର ଆୟ ଉପରେ କିଛି ପ୍ରଭାବ ପକାଇବ । ତେଣୁ, ମିଳିବାକୁ ଥିବା ଅଡିଟ ଉପରେ ଆଦେଶନାମାର ଘୋଷଣା ପରେ ଆୟୋଗ ଚୂଡ଼ାନ୍ତ ବାସ୍ତବାୟନ ପ୍ରକ୍ରିୟା ସଂପାଦନ କରିବାକୁ ନିଷ୍ପତ୍ତି କରିଛନ୍ତି ।

**ନିବେଶିତ ମୂଳଧନ ଉପରେ ଲାଭାଂଶ ଫେରସ୍ତ:**

୪୮୦) ଆର୍ଥିକ ବର୍ଷ ୨୦୧୦-୧୧ ପାଇଁ ୪୩୨.୯୮ କୋଟି ଟଙ୍କାର ନିବେଶିତ ମୂଳଧନ ଉପରେ ୧୫.୫% ହାରରେ ଲାଭାଂଶ ଫେରସ୍ତ ପରିମାଣ ବାବଦକୁ ଗ୍ରୀଡ଼କୋ ୬୭.୧୧କୋଟି ଟଙ୍କାର ଏକ ପରିମାଣକୁ ପ୍ରସ୍ତାବ ଦେଲା । ପୂର୍ବ ବର୍ଷ ଆୟୋଗ ତାଙ୍କର ଯୁକ୍ତି ସଂଗତ ଆଦେଶନାମାରେ ଲାଭାଂଶ ଫେରସ୍ତ ବାବଦରେ କୌଣସି ବି ପରିମାଣକୁ ଅନୁମତି ଦେଇ ନଥିଲେ। ସେହି ଆଦେଶନାମାର ଉଦ୍ଧୃତାଂଶ ନିମ୍ନରେ ପ୍ରଦାନ କରାଗଲା। "୪୨୪.୨୦୦୯-୧୦ ଆ.ବ. ପାଇଁ ୪୩୨.୯୮ କୋଟି ଟଙ୍କାର ନିବେଶିତ ମୂଳଧନ ଉପରେ ୧୪% ହାରରେ ଲାଭଂଶ ଫେରସ୍ତ ବାବଦକୁ ଗ୍ରୀଡ଼କୋ ୬୦.୬୨ କୋଟି ଟଙ୍କାର ଏକ ପରିମାଣ ପ୍ରଦର୍ଶନ କରିଥିଲା । ୪୨୫. ରାଜ୍ୟ ସରକାର ୧.୪.୧୯୯୬ରେ ଗ୍ରୀଡ଼କୋ ଉପରେ ଶକ୍ତିର ସରବରାହ ଓ ବଣ୍ଟନ ବ୍ୟବସାୟ ନ୍ୟସ୍ତ କରିବା ସମୟରେ ନିବେଶିତ ଅଂଶର ମୂଳଧନ ଥିଲା ୩୨୭ କୋଟି ଟଙ୍କା । ପରବର୍ତ୍ତୀ ସମୟରେ, ଅର୍ଥାତ୍ ୨୦୦୪-୦୫ ଆ.ବ. ପର୍ଯ୍ୟନ୍ତ ରାଜ୍ୟ ସରକାର ଆଉ ୧୬୫.୯୮ କୋଟି ଟଙ୍କାର ନିବେଶ ପୂର୍ବ ପରିମାଣ ସହ ମିଶାଇଥିଲେ ଏବଂ ସମୁଦାୟ ପରିମାଣ ହେଲା ୪୯୨.୯୮ କୋଟି ଟଙ୍କା । ୧.୪.୨୦୦୫ ଠାରୁ ଗ୍ରୀଡ଼କୋ ଠାରୁ ସରବରାହ ଦାୟିତ୍ୱ କାଢ଼ିନିଆଯାଇ ଓପିଟିସିଏଲ୍‌କୁ ଦିଆଗଲା ପରେ ଓପିଟିସିଏଲର'ନିବେଶିତ ଅଂଶ ମୂଳଧନ ହେଲା ୬୦କୋଟି ଏବଂ ଅବଶିଷ୍ଟ ପରିମାଣ ଗ୍ରୀଡ଼କୋ ପାଖରେ ରହିଲା । ରାଜ୍ୟ ସରକାର (ଓଡ଼ିଶା ସରକାର)ଙ୍କୁ ଯେଉଁ ନିବେଶିତ ଅଂଶ ମୂଳଧନ ଦିଆଗଲା, ତାହା ଉଭୟ ନଗଦ ଅର୍ଥ ଏବଂ ନଗଦ ଅର୍ଥ ବାଦ୍ ଅନ୍ୟ ପ୍ରକାରରେ ବିବେଚନା କରି ଦିଆଗଲା । ତେଣୁ ୪୩୨.୯୮ କୋଟି ଟଙ୍କାର ନିବେଶିତ ଅଂଶ ମୂଳଧନ ଉପରେ ଅନୁମତିଧାରୀ ୧୪%ହାରରେ ଲାଭାଂଶ ଫେରସ୍ତ ପରିମାଣ ଦାବୀ କରିଛନ୍ତି ।

୪୨୬୦ ଓଡ଼ିଶା ସରକାରଙ୍କ ୨୯.୧.୨୦୦୩ର ବିଜ୍ଞପ୍ତି ସହ ପ୍ରସଂଗିତ ମତେ ଆୟୋଗ ତାଙ୍କର ପୂର୍ବବର୍ତ୍ତୀ ଆଦେଶନାମାରେ ଦର୍ଶାଇଥିଲେ ଯେ, ଶକ୍ତି ସେକ୍ଟର ସ୍ୱଚ୍ଛନ୍ଦ ଭାବେ ଗତିଶୀଳ ହେବା ପର୍ଯ୍ୟନ୍ତ କିମ୍ବା ଆ.ବ. ୨୦୦୫-୦୬ ପର୍ଯ୍ୟନ୍ତ (ଯେଉଁଟି ପ୍ରଥମେ

ଆସିବ) ଗ୍ରୀଡ଼କୋ ଏବଂ ଓଏଚପିସି କୌଣସି ଲାଭାଂଶ ପରିମାଣ ଫେରସ୍ତ ପାଇବାକୁ ହକ୍‌ଦାର ହେବେ ନାହିଁ । ପୁନଶ୍ଚ ପୂର୍ବବର୍ତ୍ତୀ ବିଜ୍ଞପ୍ତିର ଆଂଶିକ ସଂଶୋଧନରେ ଓଡ଼ିଶା ସରକାର ତାଙ୍କର ୬.୫.୨୦୦୩ ତାରିଖର ଚିଠି ନଂ - ୫୩୦୨ରେ କହିଲେ ଯେ, '୧.୪.୧୯୯୬ ପରେ କାର୍ଯ୍ୟକାରୀ ହୋଇଥିବା କେବଳ ନୂଆ ପ୍ରୋଜେକ୍ଟକୁ ବାଦ୍ ଦେଇ ଶକ୍ତି ସେକ୍ଟରର ସ୍ୱଚ୍ଛନ୍ଦ ଗତିଶୀଳତା ଆସିବା ପର୍ଯ୍ୟନ୍ତ କିମ୍ବା ୨୦୦୫-୦୬ର ଶେଷ ପର୍ଯ୍ୟନ୍ତ (ଯେଉଁଟି ପ୍ରଥମେ ଆସିବ), ଗ୍ରୀଡ଼କୋ ଓ ଓଏଚପିସି ଲାଭାଂଶ ପରିମାଣ ଫେରସ୍ତ ପାଇଁ ହକ୍‌ଦାର ହେବେନାହିଁ । ଆୟୋଗ ସ୍ପଷ୍ଟ କରିଦେବାକୁ ଚାହାନ୍ତି ଯେ, ୨୯.୧.୨୦୦୩ର ବିଜ୍ଞପ୍ତିର ଆଇନଗତ ଭିତ୍ତି ଓ ସ୍ଥିତିକୁ ସ୍ପଷ୍ଟ କରିବାକୁ ସେ ଓଡ଼ିଶା ସରକାରଂକ ସହ ଯୋଗାଯୋଗ ରକ୍ଷା କରିଛନ୍ତି, ଯେଣୁ ତାରିଫ ଉପରେ ଏହାର ବଡ଼ ପ୍ରଭାବ ରହିଛି । ଆୟୋଗଙ୍କର ୩୧.୧୨.୨୦୦୮ର ଚିଠି ନଂ. - ୧୭୦୪ ଉତ୍ତରରେ ଓଡ଼ିଶା ସରକାର ତାଙ୍କର ମତାମତ/ମନ୍ତବ୍ୟ ୧୭.୨.୨୦୦୯ ତାରିଖର ଚିଠି ନଂ. -୧୭୦୪ରେ ନିମ୍ନମତେ ପ୍ରଦାନ କରିଛନ୍ତି ।

"୨୦୧୧-୧୨ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଶକ୍ତି ବିଭାଗର ୨୯.୧.୨୦୦୩ ବିଜ୍ଞପ୍ତି ସଂଖ୍ୟା-୧୦୬୮/ଆର୍‌ଆଣ୍ଡଆର୍ - ୧-୨/୨୦୦୨ରେ ଅବଧାରିତ 'ସ୍ଥଗିତାଦେଶ ସମୟ ଅବଧି'ରେ ବୃଦ୍ଧି ଓ ଅନ୍ୟାନ୍ୟ ଦାୟବଦ୍ଧତାରୁ ମୁକୁଳିବା ପ୍ରସଂଗରେ କୁହାଯାଇଛି ଯେ ଗ୍ରୀଡକୋ, ଓପିଟିସିଏଲ, ଓଏଚପିସିର ଆସେଟ୍ ସମୂହର ଉର୍ଦ୍ଧ୍ୱ-ମୂଲ୍ୟାୟନକୁ ସ୍ଥଗିତ ରଖିବାର ପ୍ରସ୍ତାବ ଏବଂ ୨୦୦୬-୦୭ ଠାରୁ ୨୦୧୦-୧୧ ପର୍ଯ୍ୟନ୍ତ ଗ୍ରୀଡ଼କୋ ଓ ଓଏଚପିସିର ଲାଭାଂଶ ଫେରସ୍ତକୁ ବନ୍ଦ କରିବାରେ ସରକାରଙ୍କର ଅର୍ଥ ବିଭାଗ ସହମତି ଭିତ୍ତିକ ସୂଚନା ଦେଇଛନ୍ତି । ଅବଶ୍ୟ ପ୍ରସଂଗଟି ରାଜ୍ୟ ମନ୍ତ୍ରିମଣ୍ଡଳ ବୈଠକରେ ନିଷ୍ପତ୍ତି ଉଦ୍ଦେଶ୍ୟରେ ଉପସ୍ଥାପନା କରାଯିବାକୁ ଅଛି ଏବଂ ତା'ପରେ ଯାଇ ଏହା ସମସ୍ତଙ୍କୁ ଜଣାଇ ଦିଆଯିବ ।"

୪୭୭) ନୂଆ ପ୍ରୋଜେକ୍ଟଗୁଡିକରେ ପୁଞ୍ଜି ନିବେଶ ସମ୍ପର୍କରେ ଆୟୋଗ ୨୦୦୪-୦୫ ପର୍ଯ୍ୟନ୍ତ ଗ୍ରୀଡ଼କୋର ଅଡିଟ କରାଯାଇଥିବା ଆକାଉଣ୍ଟକୁ ଯାଞ୍ଚ କରିଥିଲେ । ସେଥିରୁ ଜଣାପଡିଥିଲା ଯେ, ୧୯୯୬-୯୭ ପରେ ବାଲାନ୍‌ସ ସିଟ୍‌ରେ ପ୍ରଦର୍ଶିତ ଅଂଶଧନର ଯୋଗକରଣ ମଧ୍ୟରେ କେବଳ ମରାମତି ଓ ତୁଳାଜମା ବ୍ୟୟ ବାବଦକୁ ଡିଏଫ୍‌ଆଇଡିରୁ ମଞ୍ଜୁରି ଅର୍ଥ ଓ ପୁନର୍ବସତି ସହାୟତା ଅନ୍ତର୍ଭୁକ୍ତ ଅଟେ । ଭାରତ ସରକାର, ଓଡ଼ିଶା ସରକାର ଓ ଡିଏଫ୍‌ଆଇଡି ମଧ୍ୟରେ ସ୍ୱାକ୍ଷରିତ ପ୍ରୋଜେକ୍ଟ-ସନନ୍ଦ ଅନୁଯାୟୀ, ଓଡ଼ିଶା ସରକାରଙ୍କ ଠାରୁ ଅନୁମୋଦନର ଅ-ପ୍ରାପ୍ତି ପାଇଁ 'ଅଂଶ'ର ଭାଗ-ବଣ୍ଟୁଆରାକୁ ସ୍ଥଗିତ ରଖି ଅଂଶ-ଜମାକରଣ ଆକାଉଣ୍ଟ ଅଧିନରେ ଉପରୋକ୍ତ ପରିମାଣର ପ୍ରଦର୍ଶନ କରାଯାଇଛି ।

ପରବର୍ତ୍ତୀ ପର୍ଯ୍ୟାୟରେ, ଓଡ଼ିଶା ସରକାରଙ୍କର ଶକ୍ତି ବିଭାଗ ତାଙ୍କର ୬.୧.୨୦୧୦ ତାରିଖର ଚିଠି ନଂ-ଆର୍‌ଆଣ୍ଡ ଆର୍-ଆଇ-୧୫/୨୦୦୯/୮୧ରେ ଲାଭାଂଶ ଫେରସ୍ତ ସମ୍ପର୍କରେ ନିମ୍ନ ମତେ ବିଜ୍ଞପ୍ତି ପ୍ରକାଶ କରିଛନ୍ତି ।

"ଆସେଟ୍ ସମୂହର ପୁନଃ ମୂଲ୍ୟାୟନକୁ ଭିତ୍ତି କରି ରାଜ୍ୟ ସରକାରଙ୍କୁ ଉଦ୍ଦିଷ୍ଟ କରାଯାଇଥିବା ଅତିରିକ୍ତ ନିବେଶିତ ଅଂଶଧନ ୨୦୦୬-୦୭ ଠାରୁ ୧୦୧୦-୧୧ ପର୍ଯ୍ୟନ୍ତ ପରବର୍ତ୍ତୀ ୫ ବର୍ଷର ସମୟ ଅବଧି ପାଇଁ କୌଣସି ଲାଭାଂଶ ଫେରସ୍ତ ପରିମାଣକୁ ଆୟ କରିବ ନାହିଁ ।"

୪୮୧) ଏହି ପରିପ୍ରେକ୍ଷୀରେ ଉଲ୍ଲେଖ କରାଯାଇପାରେ ଯେ, ରାଜ୍ୟ ସରକାର ତାଙ୍କର ୨୯.୧.୨୦୦୩ର ବିଜ୍ଞପ୍ତି-ସଂଖ୍ୟା-୧୦୬୮/ଆର୍‌ଆଣ୍ଡଆର୍ - ୧-୨/୨୦୦୨/ ମୂଳେ ସ୍ଥିର କଲେ ଯେ, ବିଦ୍ୟୁତ୍ ସେକ୍ଟରର ଆର୍ଥିକ ସ୍ଥିତି ସ୍ୱଚ୍ଛନ୍ଦ ହେବା ପର୍ଯ୍ୟନ୍ତ କିମ୍ବା ୨୦୦୫-୦୬ ପର୍ଯ୍ୟନ୍ତ (ଯେଉଁଟି ପ୍ରଥମେ ଆସିବ) ଗ୍ରୀଡ଼କୋ ଓ ଓଏଚପିସି ଲାଭାଂଶ ଫେରସ୍ତ ପାଇଁ ହକ୍‌ଦାର ହେବେ ନାହିଁ ।

୪୮୨) ଉପରୋକ୍ତ ତଥ୍ୟ ଓ ସତ୍ୟକୁ ଦୃଷ୍ଟିରେ ରଖି, ୨୦୧୦-୧୧ ଆ.ବ. ପାଇଁ ଆୟୋଗ ଗ୍ରୀଡ଼କୋ ସପକ୍ଷରେ ଲାଭାଂଶ ଫେରସ୍ତକୁ ଅନୁମତି ଦେଇନାହାନ୍ତି ।

**ବିବିଧ ଆଦାୟ:**

୪୮୩) ନାଲ୍‌କୋ, ଆଇସିସିଏଲ୍‌ଙ୍କୁ ଆଦି ଦୀର୍ଘ ମିଆଦି ସମ୍ପନ୍ନ ଉପରୋକ୍ତାଙ୍କ ସହ ସ୍ୱାକ୍ଷରିତ ବୁଝାମଣା ପତ୍ର ଅନୁଯାୟୀ, ୨୦୧୦-୧୧ ଆ.ବ. ରେ ସୋମନଭ୍‌କୁ ୧୦ଲକ୍ଷ ୟୁନିଟର ପ୍ରସ୍ତାବିତ ଜରୁରୀ ଶକ୍ତି ଯୋଗାଣରୁ ଗ୍ରୀଡ଼କୋ ୪.୨୦ କୋଟି ଟଙ୍କା ଆୟର ଆଶା ରଖିଛି । ଏହି ଜରୁରୀ ଶକ୍ତି ଯୋଗାଣ ପାଇଁ ଆୟୋଗ ଶକ୍ତିର ଦର ୟୁନିଟ ପିଛା ୫୧୦ ପଇସା ଧାର୍ଯ୍ୟ କରିଛନ୍ତି । ଅତଏବ, ଏ ବାବଦରୁ ସମୁଦାୟ ଆୟ ପରିମାଣ ୫.୧୦ କୋଟି ଟଙ୍କା ବୋଲି ହିସାବକୁ ଆସୁଛି ଏବଂ ଆୟୋଗ ୨୦୧୦-୧୧ ଆ.ବ. ପାଇଁ ତାହାକୁ ଅନୁମୋଦନ କରିଛନ୍ତି ।

**ବଣ୍ଟନକାରୀ କମ୍ପାନୀ ଓ ଅନ୍ୟାନ୍ୟଙ୍କ ଠାରୁ ପ୍ରାପ୍ୟ ପରିମାଣ:**

୪୮୪) ଗ୍ରୀଡ଼କୋ ତା'ର ଦରଖାସ୍ତରେ ଦର୍ଶାଇଛି ଯେ, ଆୟୋଗଙ୍କ ଦ୍ୱାରା ଅନୁମୋଦିତ ଅବଶିଷ୍ଟ ଦେୟକୁ ବଣ୍ଟନକାରୀ କମ୍ପାନୀମାନେ ଦେଇ ନାହାନ୍ତି । ଯେଣୁ, ସେହି ଅବଶିଷ୍ଟ ପରିମାଣକୁ ଗ୍ରୀଡ଼କୋର ଏଆର୍‌ଆର୍‌ରେ ବିବେଚନା କରାଯାଇଛି, ତେଣୁ ବଣ୍ଟନକାରୀ କମ୍ପାନୀମାନେ ତାହାକୁ ନ ଦେବା ଦ୍ୱାରା ଗ୍ରୀଡ଼କୋର ଅର୍ଥନୀତି ପ୍ରଭାବିତ ହୋଇଛି ।

୪୮୫) କେଶ୍-ନଂ-୧୦୪/୨୦୦୯ ଓ ୧୦୫/୨୦୦୯ରେ ୨୦.୧୦.୨୦୦୯ର ଆଦେଶନାମାରେ ଆୟୋଗ ୱେସ୍‌କୋ, ନେସ୍‌କୋ, ସାଉଥ୍‌କୋ ଓ ସେସୁକୁ ୨୦୦୮-୦୯ରେ ଅନୁମୋଦିତ ଓ ୨୦୦୯-୧୦ ଆ.ବ.ରେ ୨୦୦୯-୧୦ ଠାରୁ ଅନୁମୋଦିତ ଖିଲାପି ପରିମାଣକୁ ଗ୍ରୀଡ଼କୋକୁ ଦେଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । କିନ୍ତୁ ଗ୍ରୀଡ଼କୋର ବୟାନ ଅନୁଯାୟୀ, ୨୦୦୯, ଡିସେମ୍ବର ପର୍ଯ୍ୟନ୍ତ ବଣ୍ଟନକାରୀ କମ୍ପାନୀମାନଙ୍କ ଠାରୁ ଆହୁରି ଖିଲାପି ରଣ ଆଦାୟ ଦେବାକୁ ବାକି ଅଛି । ତଳଲିଖିତ ସାରଣୀରେ ଏହାର ସବିଶେଷତା ପ୍ରଦତ୍ତ କରାଗଲା ।

ସାରଣୀ-୬୧

| କ୍ର.ସଂ | | ୱେସ୍କୋ | ନେସ୍କୋ | ସାଉଥ୍‌କୋ | ସେସୁ | ସମୁଦାୟ |
|---|---|---|---|---|---|---|
| ୧ | ୨୦୦୯-୧୦ ପାଇଁ ସବୁଦାୟ ପରିମାଣ ଅନୁମୋଦନ<br>Amount approved for FY 2009-10 | - | - | ୧୯.୦୦ | ୧୫୧.୦୦ | ୧୭୦.୦୦ |
| ୨ | ସାଉଥକୋ ଦ୍ୱାରା ଗ୍ରୀଡ଼କୋ ଜରିଆରେ ୱେସ୍କୋକୁ ଦିଆଯିବା ପରିମାଣ<br>Amount to be paid by SOUTHCO to WESCO through GRIDCO | - | - | ୯.୦୦ | - | ୯.୦୦ |
| ୩ | ୨୦୦୮-୦୯ର ବେକାୟା ପରିମାଣ (ଆ.ବ ୨୦୦୯-୧୦ ର ପାଉଣା)<br>Arrear amount for FY 2008-09 payable during 2009-10 | ୩୬.୮୩ | - | - | ୮୫.୫୩ | ୧୨୨.୩୬ |
| ୪ | ସମୁଦାୟ ଦେୟ<br>Total payable | ୩୬.୮୩ | - | ୨୮.୦୦ | ୨୩୬.୫୩ | ୩୦୧.୩୬ |
| ୫ | ଡିସେମ୍ବର ୨୦୦୯ ସୁଦ୍ଧା ପରିଶୋଧ ପରିମାଣ<br>Amount paid upto Dec.2009 | ୨.୦୦ | - | ୭.୮୦ | ୬୧.୬୦ | ୭୧.୪୦ |
| ୬ | ବଳକା ଦେୟ ଈବକ୍ଷବଭମର କ୍ଟବଛବଭକ୍ଷର | ୩୪.୮୩ | - | ୨୦.୨୦ | ୧୭୪.୯୩ | ୨୨୯.୯୬ |

୪୮୬) ସଂପ୍ରତି ଗ୍ରୀଡ଼କୋ ଏକ ସାଂଘାତିକ ଆର୍ଥିକ ସଙ୍କଟ ଦେଇ ଗତି କରୁଛି । ଏହାର ମୁଖ୍ୟ କାରଣ ହେଉଛି - ଗ୍ରୀଡ଼କୋ ଉଚ୍ଚା ଦାମ୍‌ରେ ଶକ୍ତି କିଣୁଛି ଓ ଆୟୋଗ ଅନୁମୋଦିତ ଦର-ହାରରେ, ଅର୍ଥାତ୍ ଏକ ହ୍ରାସିତ ଦର-ହାରରେ (କିଲୋ ହ୍ୱାଟ ପିଛା ୧୨୨.୨ ପଇସା) ଯୋଗାଣ କରୁଛି । ତେଣୁ, ଦେୟ ଖିଲାପି କରିଥିବା ବଣ୍ଟନକାରୀ କମ୍ପାନୀମାନେ ଉପଭୋକ୍ତାଙ୍କ ଠାରୁ ଦେୟ ଆଦାୟରେ ଅଗ୍ରଗତି ଆଣିବା ଉଚିତ ଏବଂ ବାକିଆ ସ୍ଥୁଳ ଯୋଗାଣ ତାରିଫ ଦେୟ ଦେବା ଉପରେ ନିଶ୍ଚିତ ହେବା ଉଚିତ । ଗ୍ରୀଡ଼କୋର ଆକାଉଣ୍ଟରେ ସୃଷ୍ଟ ପାର୍ଥକ୍ୟକୁ ପୂରଣ କରାଯିବାର ଜରୁରୀ ଆବଶ୍ୟକତା ଉପୁଜିଛି, ଯଦ୍ଦ୍ୱାରା ଗ୍ରୀଡ଼କୋ ଉତ୍ପାଦନକାରୀ କମ୍ପାନୀମାନଙ୍କୁ ଠିକ୍ ସମୟରେ ଓ ନିୟମିତ ଭାବେ ଶକ୍ତି କ୍ରୟର ଦାମ ଦେଇ ପାରିବ । ଏଥିପାଇଁ ବଣ୍ଟନକାରୀ କମ୍ପାନୀମାନଙ୍କୁ ଚଳିତ ସମୟର ବିଦ୍ୟୁତ୍ ଦେୟ ଆଦାୟ କରିବା ସାଙ୍ଗକୁ ୧.୪.୨୦୧୦ ସୁଦ୍ଧା ସ୍ଥୁଳ ପରିମାଣର ବାକିଆ ଦେୟ ଆଦାୟ କରିବାକୁ ଶୃଙ୍ଖଳିତ ଓ ନିଷ୍ଠାପର ପ୍ରୟାସ କରିବା ସମୟର ଆବଶ୍ୟକତା ଅଟେ । ୨୦୧୦-୧୧ ଆ.ବ. ଠାରୁ ସେମାନେ ଏଥିପାଇଁ ସ୍ୱତନ୍ତ୍ର ଅଭିଯାନର ପନ୍ଥା ଗ୍ରହଣ କରିବାକୁ ଏତଦ୍ଦ୍ୱାରା ଅୟୋଗ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟ ପକ୍ଷରେ, ବିଭିନ୍ନ ଶ୍ରେଣୀ ଓ ବର୍ଗର ଉପଭୋକ୍ତାଙ୍କ ଠାରୁ ବଣ୍ଟନକାରୀ କମ୍ପାନୀମାନେ ସମ୍ପୂର୍ଣ୍ଣ ରାଜସ୍ୱ ଆଦାୟର ଆଶା ପୋଷଣ କରୁଥିବା ବେଳେ ଉପଭୋକ୍ତାଙ୍କ ଉଦ୍ଦେଶ୍ୟରେ ମରାମତି ଓ ତୁଲାଜମା କାର୍ଯ୍ୟର ସୁଚାରୁ ସଂପନ୍ନତା ପ୍ରତି ସେମାନଙ୍କ ନିଷ୍ଠାପରତା ଓ ଦାୟବଦ୍ଧତା ପ୍ରକାଶ ପାଇବା ଉଚିତ, ଯଦ୍ଦ୍ୱାରା ନିର୍ବାହନର ଉତ୍କୃଷ୍ଟତା ବୃଦ୍ଧି ହେବା ସାଙ୍ଗକୁ ଯୋଗାଣର ଗୁଣବତ୍ତା ମଧ୍ୟ ବୃଦ୍ଧି ପାଉଥିବ । ଏଭଳି ଏକ ସୁଗମ ପରିସ୍ଥିତି ସୃଷ୍ଟି କରିବା ପାଇଁ ୨୦୧୦-୧୧ର ପାଇକାରୀ ଯୋଗାଣ ତାରିଫ ଆଦେଶନାମାର ପରିଚ୍ଛେଦ-୪୯୫ରେ ସୂଚିତମତେ ପ୍ରାଥମିକତା ଆଧାରରେ ଗ୍ରୀଡ଼କୋ ଏସ୍‌କ୍ରୋ ଆକାଉଣ୍ଟରୁ ଅର୍ଥ ଦେବାକୁ ମଧ୍ୟ ପଡିବ । ପ୍ରାସଙ୍ଗିକତା ନିମନ୍ତେ ତାହାକୁ ବିଶଦ ଭାବରେ ନିମ୍ନରେ ବୁଝାଇ ଦିଆଗଲା । ୪୯୬, ଉପରୋକ୍ତ ଆଲୋଚନା ଦୃଷ୍ଟିରୁ, ବଣ୍ଟନକାରୀମାନେ ଗ୍ରୀଡ଼କୋର ଏସ୍‌କ୍ରୋ ଆକାଉଣ୍ଟରେ ଜମା କରିଥିବା ଅର୍ଥକୁ ପ୍ରାଥମିକତା ଭିତ୍ତିରେ କିଭଳି ସହଜ, ସୁଗମ ଓ କୋହଳ ଭାବରେ ପାଇବେ, ଆୟୋଗ ତା'ର ଢ଼ାଞ୍ଚା ସମ୍ପର୍କରେ ଉଲ୍ଲେଖ କରିଛନ୍ତି -

କ) ସରବରାହ ଦେୟ-ଦର ଏବଂ ଏସ୍‌ଏଲ୍‌ଡିସି ଦେୟ-ଦରକୁ ମିଶାଇ ପୁରା ପରିମାଣର ସ୍ଥୁଳ ଯୋଗାଣ ଦେୟ-ଦର

ଖ) ୨୦୧୦-୧୧ ଆ.ବ. ପାଇଁ ଏହି ତାରିଫ ଆଦେଶନାମାରେ ଆୟୋଗଙ୍କ ଦ୍ୱାରା ଅନୁମୋଦିତ ମତେ କର୍ମଚାରୀଙ୍କ ବାବଦକୁ ବ୍ୟୟ ପରିମାଣ-

ଗ) ୨୦୧୦-୧୧ ଆ.ବ. ପାଇଁ ଏହି ତାରିଫ ଆଦେଶନାମାରେ ଆୟୋଗଙ୍କ ଦ୍ୱାରା ଅନୁମୋଦିମତମତେ ମାସିକିଆ ମରାମତି ଓ ତୁଲାଜମା ବ୍ୟୟ ପରିମାଣ-

ଘ) ୨୦୦୮-୦୯ ଏବଂ ୨୦୦୯-୧୦ ପାଇଁ ପାଇକାରୀ ଯୋଗାଣ ଆଦେଶନାମାରେ ଆୟୋଗଙ୍କ ଦ୍ୱାରା ଅନୁମୋଦିତ ମତେ ଖିଲାପି ବାକିଆ ସ୍ଥୁଳ ଯୋଗାଣ ତାରିଫର ହାରାହାରି ମାସିକ ଦାୟବଦ୍ଧ ପରିମାଣର ୫୦ ପ୍ରତିଶତ-

ଙ) ୧.୧୨.୨୦୦୮ର ଆୟୋଗଙ୍କ ନିରାପତ୍ତାକରଣ ଆଦେଶନାମାରେ ଅନୁମୋଦିତ ମତେ ବାକିଆ ବିଏସ୍‌ପି ଦେୟସମୂହ ବାବଦକୁ ଅବଶିଷ୍ଟ ପରିମାଣ-

ଉପର ସୂଚିତ ବିସ୍ତାରଣ ପର୍ଯ୍ୟନ୍ତ ଏସ୍‌କ୍ରୋ ରିହାତି ସମ୍ପର୍କରେ ଆୟୋଗଙ୍କର ସବୁ ପୂର୍ବ ଆଦେଶନାମା ସଂଶୋଧନ ହୋଇଥିବାକୁ ବୁଝାଏ ।"

୪୮୭) ପୁନଶ୍ଚ, ଆୟୋଗ ଦୋହରାଇଛନ୍ତି ଯେ, ୩୧.୩.୨୦୦୫ ସୁଦ୍ଧା ଗ୍ରୀଡ଼କୋର ପ୍ରାପ୍ୟସମୂହର ନିରାପତ୍ତାକରଣ ସମ୍ପର୍କିତ ୧.୧୨.୨୦୦୮ର ଆଦେଶନାମା ମୂଳେ ଆୟୋଗଙ୍କର ନିର୍ଦ୍ଦେଶକୁ ବିତରକ କମ୍ପାନୀମାନଙ୍କ ଦ୍ୱାରା କଡାକଡିଭାବେ ପାଳନ କରାଯିବା ଉଚିତ ।

**ଅନ୍ୟ ରାଜ୍ୟ ଓ ସରକାରୀ ବିଭାଗ ସମୂହରୁ ପ୍ରାପ୍ୟ ପରିମାଣ:**

୪୮୮) ଗ୍ରୀଡ଼କୋ ତା'ର ଫାଇଲିଂରେ ଦର୍ଶାଇଛି ଯେ, ସରକାରୀ ବିଭାଗ ଓ ଅନ୍ୟ ରାଜ୍ୟମାନଙ୍କରୁ ନିମ୍ନୋକ୍ତ ପରିମାଣସମୂହ ତା'ର ପ୍ରାପ୍ୟ ଅଟେ । ଭିନ୍ନ ଭିନ୍ନ ଏଜେନ୍ସିରୁ ପ୍ରାପ୍ୟ ଦେୟର ସବିଶେଷ ବିବରଣୀ ନିମ୍ନ ସାରଣୀରେ ପ୍ରଦତ୍ତ ହେଲା।

ସାରଣୀ-୬୨

| କ୍ର.ସଂ | ସମୁଦାୟ | ପରିମାଣ (କୋଟି ଟଙ୍କାରେ) | ତାରିଖ ସୁଦ୍ଧା |
|---|---|---|---|
| ୧ | ସରକାରୀ ବିଭାଗ | ୯୧.୭୧ କୋଟି | ୦୧.୦୪.୧୯୯୯ |

| | | | |
|---|---|---|---|
| | | ଟଙ୍କା | |
| ୨ | ସରକାରୀ ଶିଳ୍ପ ଉଦ୍ୟୋଗ ସମୂହ/ ୟୁଏଲ୍.ବି | ୧୧୩.୪୯ କୋଟି ଟଙ୍କା | ୦୧.୦୪.୧୯୯୯ |
| ୩ | ଏମ୍ପିଏସ୍ ଇବି | ୭୧.୭୮ କୋଟି ଟଙ୍କା | ୦୧.୦୪.୨୦୦୫ |
| ୪ | ଏପିଏସ୍ ଇବି | ୩୦.୧୯ କୋଟି ଟଙ୍କା | ୦୧.୦୪.୨୦୦୫ |
| ୫ | ଇମ୍ଫା (ଆଇସିସିଏଲ୍) | ୧୯.୫୫ କୋଟି ଟଙ୍କା | ୦୧.୦୪.୨୦୦୫ |
| ସମୁଦାୟ | | ୩୨୬.୭୨ କୋଟି ଟଙ୍କା | |

୪୮୯) ଗ୍ରୀଡ଼କୋ ଦେଇଥିବା ବିବରଣୀ ଅନୁଯାୟୀ, ସରକାରୀ ବିଭାଗ ଓ ପବ୍ଲିକ ସେକ୍ଟର ଅଣ୍ଡରଟେକିଂରୁ ପ୍ରାପ୍ୟ ଦେୟ ତା'ର ଆକାଉଣ୍ଟରେ ଲିପିବଦ୍ଧ କରାଯାଇଛି; ଯଦିଓ ୨୫.୧୧.୧୯୯୮ର ଟ୍ରାନ୍ସଫର ବିଜ୍ଞପ୍ତିମୁଳେ ସେମାନେ ବିତରକ କମ୍ପାନୀମାନଙ୍କର ଉପଭୋକ୍ତା ଅଟନ୍ତି । ବିତରକ  କମ୍ପାନୀମାନେ ଅଦ୍ୟାବଧି ଅବଶିଷ୍ଟ ଦେୟକୁ ଆଦାୟ କରିନାହାନ୍ତି । କିମ୍ବା ଉପଭୋକ୍ତାମାନଙ୍କର ପଞ୍ଜିକରଣ ସୂଚୀ ଅନୁଯାୟୀ ସେମାନଙ୍କର ସବିଶେଷ ଆଇନାନୁମୋଦିତ ସ୍ଥିତି ଓ ଅବଶିଷ୍ଟ ଦେୟର ବିବରଣୀ ସମ୍ପର୍କରେ କିଛି ବି ବ୍ୟବସ୍ଥା କରିନାହାନ୍ତି ଆୟୋଗ ଗ୍ରୀଡ଼କୋର ଉପସ୍ଥାପନାକୁ ଗ୍ରହଣ କରିଛନ୍ତି ଏବଂ ମତ ଦେଇଛନ୍ତି ଯେ, ପ୍ରାପ୍ୟ-ପରିମାଣ ସମୂହର ଅଡିଟ ଚୂଡାନ୍ତ ହୋଇ ସାରିଲା ପରେ ସରକାରୀ ବିଭାଗ ସମୂହ ଉପରେ ଥିବା ବାକିଆ ଦେୟ ସମ୍ପର୍କରେ ସିଦ୍ଧାନ୍ତ ନିଆଯିବ ।

୪୯୦) ଅନ୍ୟ ରାଜ୍ୟମାନଙ୍କ ଠାରୁ ପ୍ରାପ୍ୟ ଦେୟ ସମ୍ପର୍କରେ କୁହାଯାଇପାରେ ଯେ, ମଧ୍ୟପ୍ରଦେଶ ରାଜ୍ୟ ବିଦ୍ୟୁତ୍ ବୋର୍ଡ଼, ଆନ୍ଧ୍ରପ୍ରଦେଶ ରାଜ୍ୟ ବିଦ୍ୟୁତ୍ ବୋର୍ଡ଼ ଓ ଇମ୍ଫା ଠାରୁ ପାଇବାକୁ ଥିବା ଦେୟ ବିବାଦୀୟ ଅବସ୍ଥାରେ ଅଛି ଓ ଅଦ୍ୟାବଧି ସେସବୁର ନିଷ୍ପତ୍ତି ସରିନାହିଁ । ତେଣୁ ୨୦୧୦-୧୧ରେ ଗ୍ରୀଡ଼କୋ ଏହିମାନଙ୍କ ଠାରୁ କୌଣସି ପରିମାଣ ପାଇବାର ସମ୍ଭାବନା ନାହିଁ । ତେବେ, ଆୟୋଗ ଗ୍ରୀଡ଼କୋର ଉପସ୍ଥାପନାକୁ ଗ୍ରହଣ କରିଛନ୍ତି ।

୪୯୧) ଗ୍ରୀଡ଼କୋ ପାଇଁ ୨୦୧୦-୧୧ର ଅନୁମୋଦିତ ଏଆର୍ଆର୍ର ସାରାଂଶୀକରଣ ତଳ ଲିଖିତ ସାରଣୀରେ କରାଯାଇଛି ।

ସାରଣୀ-୬୩

୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ଗ୍ରୀଡକୋର ରାଜସ୍ୱ ଆବଶ୍ୟକତା

(କୋଟି ଟଙ୍କାରେ)

| | | ୨୦୦୯-୧୦ | ୨୦୧୦-୧୧ | |
|---|---|---|---|---|
| କ | ବ୍ୟୟ | ଅନୁମୋଦିତ | ପ୍ରସ୍ତାବିତ | ଅନୁମୋଦିତ |
| | ଶକ୍ତିକ୍ରୟର ଦର | ୨୯୨୩.୮୦ | ୪୦୯୬.୦୯ | ୩୬୬୬.୮୫ |
| | କର୍ମଚାରୀଙ୍କ ପାଇଁ ବ୍ୟୟ | ୩.୮୦ | ୫.୯୮ | ୪.୯୭ |
| | ମରାମତି ଓ ରକ୍ଷଣାବେକ୍ଷଣ | ୦ | ୦.୩୦ | - |
| | ଏ ଆଣ୍ଡ ଜି ବ୍ୟୟ (ପ୍ରଶାସନିକ ଓ ସାଧାରଣ ବ୍ୟୟ) | ୩.୦୩ | ୩.୯୯ | ୩.୪୧ |
| | ଅନ୍ୟାନ୍ୟ ବ୍ୟୟ (ଇଆରଏଲଡିସି ଚାର୍ଜ) | ୧.୩୨ | ୧.୩୨ | ୧.୩୨ |
| | ରାଜସ୍ୱ ଉଦ୍ଦେଶ୍ୟରେ ସୁଧ ବାବଦକୁ ଦେୟ-ଦର | ୧୦୧.୬୨ | ୩୬୪.୪୧ | ୧୯୪.୬୯ |
| | ଅର୍ଦ୍ଧ-ସମୁଦାୟ | ୩୦୩୩.୫୭ | ୪୪୭୨.୦୯ | ୩୮୭୧.୨୪ |

| | | | | |
|---|---|---|---|---|
| | ଲେସ୍ - ମୂଳଧନୀକୃତ ବ୍ୟୟସମୂହ | - | - | - |
| | **ସମୁଦାୟ ବ୍ୟୟ** | ୩୦୩୩.୫୭ | ୪୪୭୨.୦୯ | ୩୮୭୧.୨୪ |
| ଖ | ସ୍ୱତନ୍ତ୍ର ଉପଯୁକ୍ତତା Special appropriation | | | |
| | ପୂର୍ବ କ୍ଷତିଗୁଡ଼ିକର କ୍ରମ-ପରିପୂରକତା Carry forward of Previous Losses | - | ୬୧୨.୦୩ | ୨୬୬.୩୯ |
| | ଆ.ବ ୨୦୦୯-୧୦ର ଋଣ ବାବଦରେ ମୂଳଧନ ପରିଶୋଧ Repayment of principal for the loan availed during FY 2009-10 | - | ୯୯.୫୨ | ୯୯.୯୨ |
| | ଓପିଜିସିର ବାକିଆ ପେମେଣ୍ଟ | - | ୭୨.୫୭ | - |
| | ଓଏଚପିସିର ଶକ୍ତିକ୍ରୟ ସଂପର୍କିତ ଦର | ୧୬.୦୮ | ୧୬୧.୧୦ | ୪.୮୯ |
| | ଟିଟିପିଏସ୍‌ର ଶକ୍ତିକ୍ରୟ ସଂପର୍କିତ ଦର | ୭୩.୪୫ | - | - |
| | ସମୁଦାୟ | ୮୯.୫୩ | ୯୪୫.୨୨ | ୩୭୧.୨୦ |
| ଗ | ଲାଭାଂଶ ଫେରସ୍ତ | - | ୬୭.୧୧ | - |
| | ସମୁଦାୟ (କ+ଖ+ଗ) | ୩୧୨୩.୧୦ | ୫୪୮୪.୪୨ | ୪୨୪୨.୪୪ |
| ଘ | କମ ପରିମାଣର ବିବିଧ ଆଦାୟ | ୩.୩୦ | ୪.୨୦ | ୫.୧୦ |
| ଙ | ବଣ୍ଟନକାରୀ କମ୍ପାନୀଙ୍କଠାରୁ କମ ପରିମାଣର ପ୍ରାପ୍ତି | ୧୭୦.୦୦ | - | - |
| ଚ | ବାହାର ରାଜ୍ୟମାନଙ୍କରୁ କମ ପରିମାଣର ପ୍ରାପ୍ତି | - | - | - |
| ଛ | ସମୁଦାୟ ରାଜସ୍ୱ ଆବଶ୍ୟକତା | ୨୯୪୯.୮୦ | ୫୪୮୦.୨୨ | ୪୨୩୭.୩୪ |
| ଜ | **ବଣ୍ଟନକାରୀ କମ୍ପାନୀଙ୍କଠାରୁ ପ୍ରତ୍ୟାଶିତ ରାଜସ୍ୱ (ସାରା ବର୍ଷର)** | ୨୩୧୨.୧୧ | ୨୫୧୯.୬୧ (ବି.ଏସ.ପି ଉପରେ ଆଧାରିତ) (ବସ୍ପ ରଙ୍ଗସଙ୍ଗ୍ବସଭଶ ଈଝଚ) | ୩୪୩୧.୧୯ |
| ଝ | ପାର୍ଥକ୍ୟ (+/-) | (-) ୬୩୭.୬୯ | (-) ୨୯୬୦.୬୧ | (-) ୮୦୬.୧୫ |

୪୯୨) ସାରାଂଶୀକରଣରୁ  ଜଣାଯାଇଛି ଯେ, ଗ୍ରୀଡ଼କୋ ବ୍ୟୟଭାରକୁ ସମ୍ଭାଳିବା ପରେ ବି ୮୦୬.୧୫ କୋଟି ଟଙ୍କାର ଏକ ନକରାତ୍ମକ ପାର୍ଥକ୍ୟର ସମ୍ମୁଖୀନ ହେବ । ଆୟୋଗ ଆଶା କରନ୍ତି ଯେ, ରପ୍ତାନୀଜନିତ ଆୟରୁ ୟୁଆଇ ଦେୟରୁ ଅର୍ଜିତ ଆୟ ଏବଂ ବିତରକ କମ୍ପାନୀମାନଙ୍କ ଠାରୁ ସେମାନଙ୍କ ନଗଦ ବିଏସ୍‌ପି ଦେୟର ଉର୍ଦ୍ଧ୍ୱରେ ବାକିଆ ଦେୟସମୂହ ଆଦାୟ ହୋଇ ପାରିଲେ ଏହି ପାର୍ଥକ୍ୟ ପୂରଣ ହୋଇ ପାରିବ ।

ଗ୍ରୀଡ଼କୋର ଆକାଉଣ୍ଟରେ ପାର୍ଥକ୍ୟର ପୂରଣ ସମ୍ପର୍କରେ...

୪୯୩) ରାଜ୍ୟର ବିତରକ କମ୍ପାନୀମାନଙ୍କୁ ବିକିବା ଉଦ୍ଦେଶ୍ୟରେ ୟୁନିଟ ପିଛା ୧୪୮.୨୭ ପଇସାର ହାରାହାରି ଶକ୍ତି କ୍ରୟ ଦରରେ ୨୦୦୯-୧୦ ଆ.ବ. ପାଇଁ ୨୯୨୩.୮୦ କୋଟି ଟଙ୍କାର ଅଟକଳିତ ଦାମ୍‌ରେ ଭିନ୍ନ ଭିନ୍ନ ଶକ୍ତି ଉତ୍ପାଦନକାରୀ ଉତ୍ସମାନଙ୍କରୁ ଗ୍ରୀଡ଼କୋ କିଣିଥିବା ୧୯୭୧୯.୩୭ ଲକ୍ଷ ୟୁନିଟ ପରିମାଣର ଶକ୍ତିକୁ ଆୟୋଗ ଅନୁମୋଦନ ଦେଇଥିଲେ । ତେବେ, ୨୦୦୯-୧୦ ଆ.ବ. ପାଇଁ ବିତରକ କମ୍ପାନୀଙ୍କ ଉଦ୍ଦେଶ୍ୟରେ ଆୟୋଗ ସ୍ଥୁଳ ଯୋଗାଣ ତାରିଫକୁ ୟୁନିଟ ପିଛା ୧୨୨.୨୦ ପଇସା ଦରରେ ଅନୁମୋଦନ ଦେଇଥିଲେ। ୨୦୦୯-୧୦ ଆ.ବ.  ପାଇଁ ଗ୍ରୀଡ଼କୋର ରାଜସ୍ୱ ଉପଲବ୍ଧି ଓ ରାଜସ୍ୱ ଆବଶ୍ୟକତା ମଧ୍ୟରେ ପାର୍ଥକ୍ୟର ପରିମାଣକୁ ଆୟୋଗ ୬୩୭.୬୯ କୋଟି ଟଙ୍କାରେ ଅନୁମୋଦନ ଦେଇଥିଲେ, କିନ୍ତୁ ଗ୍ରୀଡ଼କୋର ପରିଶୋଧ ପରିମାଣ ୨୪୫.୧୬ କୋଟି ଟଙ୍କା ମୂଳେ ପରିମାଣକୁ ମିଶାଇଲେ, ସମୁଦାୟ ପାର୍ଥକ୍ୟ ପରିଶୋଧ ୮୮୨.୮୫କୋଟି ଟଙ୍କା ହେଉଛି । ଶକ୍ତିର ବହିର୍ବାଣିଜ୍ୟ, ୟୁଆଇମେକାନିଜିମ କିମ୍ବା ସରକାରୀ ଗ୍ୟାରେଣ୍ଟିରେ ଋଣ ଲଗାଣକାରୀ ପ୍ରତିଷ୍ଠାନମାନଙ୍କରୁ ଋଣ ଆଣି ଏହି ପାର୍ଥକ୍ୟକୁ ପୂରଣ କରିବାର ଲକ୍ଷ୍ୟ ରଖାଯାଇଥିଲା ଏବଂ ଏହି ଋଣ ବାବଦରେ – ସୁଧ ପରିମାଣକୁ ୨୦ ଗ୍ରୀଡ଼କୋର ୨୦୧୦-୧୧ ଏଆର୍‌ଆର୍‌ରେ ପରିଚାଳନା ବ୍ୟୟ ଭାବରେ ଅନୁମତି ଦେବାର ଥିଲା । ଚଳିତ ବର୍ଷର ଜାନୁଆରୀ, ୨୦୧୦ ପର୍ଯ୍ୟନ୍ତ ଗ୍ରୀଡ଼କୋର ନିଅଣ୍ଟ ପରିମାଣ ୯୧୫.୧୨ କୋଟି ଟଙ୍କା ଥିବା ଗ୍ରୀଡ଼କୋ ତା'ର 'ଅର୍ଥ ପ୍ରବହନ ବିବରଣୀ'ରେ  ଉପସ୍ଥାପନ କରିଛି । ଉପରେ ଆଲୋଚିତ ମତେ, ଏହି ପରିମାଣ ମଧ୍ୟରେ ୨୪୫.୧୬ କୋଟି ଟଙ୍କାର ପରିଶୋଧ ମୂଳ ପରିମାଣ ଅନ୍ତର୍ଭୁକ୍ତ ନୁହେଁ । ପରିଚ୍ଛେଦ ୪୫୮ରେ ଆଲୋଚିତ ମତେ ପରିଶୋଧ ମୂଳ ପରିମାଣକୁ ମିଶାଇଲେ ଗ୍ରୀଡ଼କୋର ନିଟ୍ ନିଅଣ୍ଟ ହେବ ୧୧୬୦.୨୮ କୋଟି ଟଙ୍କା, ଯାହାକୁ ଆୟୋଗ ସାମୟିକ ଭାବେ ନିୟାମକ ଆସେଟ୍ ଭାବେ ପରିଗଣନା କରିଛନ୍ତି । ୨୦୦୯-୧୦ ପାଇଁ ଅଡିଟ କରାଯାଇ ସାରିଥିବା ତଥ୍ୟ ଆୟୋଗଙ୍କର ହସ୍ତଗତ ହେବାପରେ ଏହି ପରିସଂଖ୍ୟାନ (ହିସାବ)କୁ ସଂଶୋଧନ କରାଯାଇପାରେ ଏବଂ ସେହି ପରିମାଣକୁ ଆ.ବ. ୨୦୧୦-୧୧ ଠାରୁ ପରବର୍ତ୍ତୀ ୬ ବର୍ଷର ସମୟ ଅବଧି ମଧ୍ୟରେ ଧିରେ ଧିରେ ପୂରଣ କରାଯିବ ।

୪୯୪) ୨୦୧୦-୧୧ ଆ.ବ. ପାଇଁ ଗ୍ରୀଡ଼କୋ ଓ ବିତରକ କମ୍ପାନୀଙ୍କ ଦ୍ୱାରା ପ୍ରଦର୍ଶିତ ଶକ୍ତିର ଆବଶ୍ୟକତାକୁ ହିସାବକୁ ନେଇ, ୨୦୧୦-୧୧ ଉଦ୍ଦେଶ୍ୟରେ 'ସର୍ବନିମ୍ନ ଦାମ୍ ଜନିତ ପ୍ରକାର'ର ଭିତ୍ତି ଉପରେ ବିଭିନ୍ନ ଉତ୍ପାଦନକାରୀ କମ୍ପାନୀଙ୍କ ଠାରୁ ୨୧୦୦୩.୭୫ ଲକ୍ଷ ୟୁନିଟର ଶକ୍ତି ଗ୍ରୀଡ଼କୋ କ୍ରୟ କରିବାକୁ ଆୟୋଗ ଅନୁମୋଦନ ଦେଇଛନ୍ତି । ଉତ୍ପାଦନକାରୀମାନଙ୍କ ପାଇଁ ନିର୍ଦ୍ଧାରିତ ଉତ୍ପାଦନର ଦାମ୍‌କୁ ଭିତ୍ତି କରି ୟୁନିଟ ପିଛା ହାରାହାରି ଶକ୍ତି କ୍ରୟର ଦର ୧୭୪.୫୮ ପଇସାର ହିସାବକୁ ଆସୁଛି । ଅତଏବ, ୨୦୧୦-୧୧ ଆ.ବ. ପାଇଁ ଉତ୍ପାଦନକାରୀମାନଙ୍କ ଠାରୁ ଗ୍ରୀଡ଼କୋର ଶକ୍ତି କ୍ରୟର ମୋଟ ୨୦୪.୩୯ କୋଟି ଟଙ୍କାର ପ୍ରଶାସନିକ ଓ ସାଧାରଣ ବ୍ୟୟ ପରିମାଣ, ୩୬୬.୩୧କୋଟି (୨୬୬.୩୯ କୋଟି + ୬୬.୬୨ କୋଟି) ଟଙ୍କାର ପରିଶୋଧ୍ୟ ଋଣ ପରିମାଣକୁ 'ସ୍ୱତନ୍ତ୍ର ପରିପୂରକତା' ଏବଂ ୪.୮୯ କୋଟି ଟଙ୍କାର ଓଏଚପିସିକୁ ଦେୟ ପରିମାଣକୁ ହିସାବକୁ ନେଲେ ପରେ ନିଟ୍ ରାଜସ୍ୱ ଆବଶ୍ୟକତାର ପରିମାଣ ୪୨୪୨.୪୪ କୋଟି ଟଙ୍କା ବୋଲି ହିସାବକୁ ଆସୁଛି। ଏହା ବିପକ୍ଷରେ ୨୦୧୦-୧୧ ଆ.ବ. ପାଇଁ ୟୁନିଟ ପିଛା ୧୭୦.୨୫ ପଇସାର ଅନୁମୋଦିତ ସ୍ଥୁଳଯୋଗାଣ  ଦର-ହାରରେ ବିତରକ କଂପାନୀଂକଠାରୁ ଆକଳିତ ରାଜସ୍ୱ ଉପଲବଧି ପରିମାଣ ୩୪୩୧.୧୯ କୋଟି ଟଙ୍କା ହେଉଛି । ୫.୧୦ କୋଟି ଟଙ୍କାର ବିବିଧ ରାଜସ୍ୱକୁ ହିସାବକୁ ନେଲା ପରେ ୨୦୧୦-୧୧ ଆ.ବ. ପାଇଁ ୮୦୬.୧୫ କୋଟି ଟଙ୍କାର ଏକ ପାର୍ଥକ୍ୟ ସୃଷ୍ଟି ହେବ । ଶକ୍ତିର ବହିର୍ବାଣିଜ୍ୟ, ୟୁଆଇ ମେକାନିଜିମ, ପ୍ରଚଳିତ ସ୍ଥୁଳ ଯୋଗାଣ ଦରର ଉର୍ଦ୍ଧ୍ୱରେ ବିତରକ କମ୍ପାନୀମାନଙ୍କ ଠାରୁ ବାକିଆ ଦେୟ ଆଦାୟ  ସରକାରୀ ରିହାତିରୁ ଏହି ପାର୍ଥକ୍ୟକୁ ଭରଣା କରିହେବ ବୋଲି ଆୟୋଗ ଆଶା କରନ୍ତି । ଉତ୍ପାଦନକାରୀମାନଙ୍କୁ ଶକ୍ତି କ୍ରୟର  ଦାମ ଠିକ୍ ସମୟରେ ଦେବା, ବଣ୍ଟନକାରୀ କମ୍ପାନୀଙ୍କ ଠାରୁ ଆଦାୟ ହେଉଥିବା ଦେୟକୁ ସରବରାହ ଦେୟ-ଦର, ଏସ୍‌ଏଲ୍‌ଡିସି ଦେୟ-ଦର, ସ୍ଥୁଳ ଯୋଗାଣ ଦର ଏବଂ କର୍ମଚାରୀଙ୍କର ଚଳିତ ବେତନ ଜନିତ ବ୍ୟୟ ପରିମାଣକୁ ଗ୍ରୀଡ଼କୋ ତା'ର ଏସ୍‌କ୍ରୋ ଆକାଉଣ୍ଟରେ ସହ-ସାମିଲକରଣ କଲା ପରେ ବଣ୍ଟନକାରୀ କମ୍ପାନୀଙ୍କୁ ମରାମତି ଓ ତୁଲାଜମା ବ୍ୟୟ ବାବଦକୁ ପୂରା ପରିମାଣର ଅର୍ଥ ମଞ୍ଜୁର କରିବାକୁ ଗ୍ରୀଡ଼କୋକୁ ସକ୍ଷମ କରାଇବା ନିମନ୍ତେ ରାଜ୍ୟ ସରକାର ତାଙ୍କର ଶକ୍ତି ବଜେଟରେ ଏକ ସ୍ୱତନ୍ତ୍ର ସହାୟତା ରାଶିର ବ୍ୟବସ୍ଥା କରିବା ଉଚିତ । ଏହା ଦ୍ୱାରା ବଣ୍ଟନକାରୀ କମ୍ପାନୀମାନେ ଠିକ୍ ସମୟରେ ମରାମତି ଓ ତୁଲାଜମା କାର୍ଯ୍ୟ ନିର୍ବାହନ ସହ ଶକ୍ତି ଯୋଗାଣର ଗୁଣବତ୍ତା ରକ୍ଷା କରିବାକୁ ସକ୍ଷମ ଓ ସମର୍ଥ ହୋଇ ପାରିବେ । ବଣ୍ଟନକାରୀ କମ୍ପାନୀମାନେ ଏକ ଶୃଙ୍ଖଳିତ ଓ ସମନ୍ୱୟ ରକ୍ଷାକାରୀ ପ୍ରୟାସ କରିବେ, ଯଦ୍ଦ୍ୱାରା ବିଲ୍ ପ୍ରସ୍ତୁତି ଶତ ପ୍ରତିଶତ ହେବା ସହ, ଅନ୍ତତଃ ପକ୍ଷେ, ଚଳିତ ତାରିଫର ବିଲ୍ ଆଦାୟ ପରିମାଣ ମଧ ଶତ ପ୍ରତିଶତ ହୋଇ ପାରିବ।

୪୯୫) ସଂଖ୍ୟାଧିକ ଶକ୍ତି ଉତ୍ପାଦନକାରୀ ଷ୍ଟେସନମାନଙ୍କର ମାପଦଣ୍ଡ ଭିତ୍ତିକ ନିୟମ-ସୂଚୀ ଏବଂ ସିଜିପି, କୋ-ଜେନେରେଟିଂ ପ୍ଲାଣ୍ଟସମୂହ ଓ ଆଇପିପି ଶକ୍ତି ପାଇଁ ଗ୍ରୀଡ଼କୋର ପ୍ରଦର୍ଶନକୁ ଭିତ୍ତି କରି, ସମୁଦାୟ ଉପଲବ୍ଧ ପରିମାଣକୁ ୨୨୨୪୪ ଲକ୍ଷ ୟୁନିଟରେ ଅଟକଳନ କରାଯାଇଛି । ୨୧୦୦୩.୭୫ ଲକ୍ଷ ୟୁନିଟର ରାଜ୍ୟ ଆବଶ୍ୟକତାକୁ ବିଯୋଗ କଲାପରେ ବଳକା ରହୁଛି

୧୨୪୦.୩୬ ଲକ୍ଷ ୟୁନିଟ, ଯାହାକୁ ଗ୍ରୀଡ଼କୋ ବାହାର ରାଜ୍ୟକୁ ବିକି ପାରିବ । ଯଦି ସିଜିପି, କୋ. ଜେନେରେଟିଂ ପ୍ଲାଣ୍ଟ ଏବଂ ଆଇପିପିସମୂହରୁ ଉଠାଣ ପରିମାଣକୁ ଅଧିକ କରାଯାଇ ପାରିବ, ତେବେ ବଳକା ପରିମାଣ ଅଧିକ ହୋଇପାରିବ ।

୪୯୬) ବଳକା ଶକ୍ତିକୁ ବାଣିଜ୍ୟ କରିବା ଓ ରାଜ୍ୟର ଆବଶ୍ୟକତା ସମୟରେ ବାହାରୁ ଶକ୍ତି ଆମଦାନୀ କରି ରାଜ୍ୟର ଚାହିଦା ମେଣ୍ଟାଇବା ନେଇ ଗ୍ରୀଡ଼କୋର ସାମର୍ଥ୍ୟ ତା'ର ଅତୀତ ଇତିହାସରୁ ଆୟୋଗଙ୍କୁ ଜଣା ଅଛି । ଦେଶର ଶକ୍ତି ଆମଦାନୀ ଓ ରପ୍ତାନୀ ଜନିତ ବିନିମୟ ବ୍ୟବସାୟ କ୍ଷେତ୍ରରେ ଗ୍ରୀଡ଼କୋ ଜଣେ ସଦସ୍ୟ ମଧ ଅଟେ । ଦ୍ୱି-ପାକ୍ଷିକ ବାଣିଜ୍ୟ ଓ ୟୁଆଇ ବିନିମୟ ବାଦ୍, ବ୍ୟାଙ୍କିଙ୍ଗ୍ ମାଧମରେ ଶକ୍ତି ବ୍ୟବସାୟର ପନ୍ଥାକୁ ମଧ ଗ୍ରୀଡ଼କୋ ଗ୍ରହଣ କରିଛି । ଅତୀତରେ, ଏସବୁ ଦିଗରେ ଗ୍ରୀଡ଼କୋ ତା'ର ପାରଦର୍ଶିତାକୁ ପ୍ରମାଣିତ କରିପାରିଛି । ତେଣୁ, ଆୟୋଗ ଆଶା ପୋଷଣ କରନ୍ତି ଯେ, ସିଜିପି ଓ ଆଇପିପିମାନଙ୍କ ଠାରୁ ଗ୍ରୀଡ଼କୋ ଅଧିକ ପରିମାଣର ଶକ୍ତି କିଣୁ ଓ ରାଜ୍ୟର ଆବଶ୍ୟକତାକୁ ମେଣ୍ଟାଇବା ପରେ ବଳକା ଶକ୍ତିକୁ ବାଣିଜ୍ୟ କରୁ । ସେହିଭଳି ଭାବେ ବର୍ଷର ବିଭିନ୍ନ ସମୟରେ ବା ଦିବସର ବିଭିନ୍ନ ନିର୍ଘଣ୍ଟରେ ଶକ୍ତି ନିଅଣ୍ଟିଆ ସ୍ଥିତିରେ ରହୁଥିଲେ ଗ୍ରୀଡ଼କୋ ଶକ୍ତି ଆମଦାନୀ କରି କିମ୍ବା ୟୁଆଇ ବିନିମୟ ମାଧମରେ ତା'ର ପରିପୂରଣ ମଧ କରୁ ବୋଲି ଆୟୋଗ ଆଶା ପୋଷଣ କରିଛନ୍ତି । ଟାରିଫ ଶୁଣାଣି ସମୟରେ କିଛି ଅଭିଯୋଗକାରୀ ଆକ୍ଷେପ କରିଥିଲେ ଯେ, ଓଇଆରସିଙ୍କ ନିର୍ଦ୍ଧାରିତ ହାରାହାରିର ଶକ୍ତିକ୍ରୟର ଦର ଠାରୁ ଗ୍ରୀଡ଼କୋ ବାହାର ରାଜ୍ୟରୁ ଉଚ୍ଚା ଦର -ହାରରେ ଶକ୍ତି କିଣିଛି । ତେଣୁ ସେହି ଦରକୁ ତା'ର ଏଆର୍‌ଆର୍‌ରେ ପାସ୍ କରାଇବା ଉଚିତ ହେବ ନାହିଁ । ଏହି ପରିପ୍ରେକ୍ଷୀରେ ଆୟୋଗ ସ୍ପଷ୍ଟ କରିଦେଇଥିଲେ ଯେ, କେନ୍ଦ୍ରୀୟ ଓ ରାଜ୍ୟ ଉତ୍ପାଦନକାରୀ ଷ୍ଟେସନମାନଙ୍କ ଠାରୁ- ଗ୍ରୀଡ଼କୋ ଶକ୍ତି କ୍ରୟ ପାଇଁ ସେ (ଆୟୋଗ) ସର୍ବଦା ହାରାହାରି ଶକ୍ତି କ୍ରୟ ଦରକୁ ଅନୁମୋଦନ ଦେଇ ଆସିଛନ୍ତି । ତା'ଛଡା, ଗ୍ରୀଡ଼କୋର ଅନୁମୋଦିତ ଶକ୍ତି କ୍ରୟର ପରିମାଣ ମଧ ତାହାର ଏଆର୍‌ଆର୍ ଅଟକଳନ ପାଇଁ ସୁହାଇଲା ଭଳି ଅଟେ । ରାଜ୍ୟର ଉପଭୋକ୍ତାଙ୍କ ଆବଶ୍ୟକତା ଓ ସ୍ୱାର୍ଥ ସକାଶେ କୌଣସି ବି ପରିସ୍ଥିତିରେ ଗ୍ରୀଡ଼କୋ ଚଢ଼ା ଦାମ୍‌ରେ ଶକ୍ତି କିଣି ବଣ୍ଟନକାରୀ କମ୍ପାନୀମାନଙ୍କୁ ଯୋଗାଣ କରୁଥିଲେ ମଧ୍ ସେହି ଚଢ଼ା ଦାମ୍ ଉପଭୋକ୍ତାଙ୍କ ଉପରେ ଲଦି ଦିଆଯାଉନାହିଁ । କାରଣ ଉପଭୋକ୍ତାଙ୍କ ଉଦ୍ଦେଶ୍ୟରେ ଯେଉଁ ଦରସୂଚୀ ସ୍ଥିର କରାଯାଇଥାଏ, ବର୍ଷର କୌଣସି ନିର୍ଦ୍ଦିଷ୍ଟ ସମୟରେ ଚଢ଼ା ଦାମ୍‌ର ଶକ୍ତି ପାଇଁ ସେହି ଦରସୂଚୀରେ କୌଣସି ସଂଶୋଧନ କରାଯାଇ ନଥିବା ଯୋଗୁ ଉପଭୋକ୍ତାଙ୍କ ଉପରେ ଦରସୂଚୀରେ ପରିବର୍ତ୍ତନ ଅଣା ଯାଇ ନଥାଏ । ଏହି ସବୁ ତଥ୍ୟ ଓ ସତ୍ୟ ପରିପ୍ରକ୍ଷୀରେ, ଆୟୋଗଙ୍କର ଅଭିଯୋଗ ଜନିତ ଆଶଙ୍କା ସମ୍ପୂର୍ଣ୍ଣ ଅମୂଳକ ଅଟେ ।

୪୯୭) ରାଜ୍ୟର ଉପଭୋକ୍ତାଙ୍କର ଉପଯୋଗ ଉଦ୍ଦେଶ୍ୟରେ ବଣ୍ଟନକାରୀ କମ୍ପାନୀଙ୍କୁ ବିକ୍ରୀ ନିମନ୍ତେ ଆୟୋଗଙ୍କ ଅନୁମୋଦିତ ଦର ଠାରୁ ବାଣିଜ୍ୟ ଉଦ୍ଦେଶ୍ୟରେ ଉଚ୍ଚା ଦରରେ ଶକ୍ତି କିଣିବାରେ ଗ୍ରୀଡ଼କୋ ପାଇଁ କିଛି ଅସୁବିଧା ନାହିଁ । ଅବଶ୍ୟ ଏଥିପାଇଁ ଆୟୋଗ ସର୍ବୋଚ୍ଚ ସୀମା (ଦରପାଇଁ)ର କୌଣସି ସିଲିଂ ବା କଟକଣା ରଖିବାକୁ ପସନ୍ଦ କରିବେ ନାହିଁ କିମ୍ବା ବିକ୍ରୀ ଦର (ବାଣିଜ୍ୟ ପାଇଁ) କମାଇବାକୁ କୌଣସି ପ୍ରକାର ଚାପ ଦେବେ ନାହିଁ । ତେବେ, ବାଣିଜ୍ୟ ଉଦ୍ଦେଶ୍ୟରେ ଗ୍ରୀଡ଼କୋ ୟୁନିଟ ପିଛା ଟ ୪.୧୦ ପଇସାରୁ ଅଧିକ ହୋଇ ନଥିବା ଯେ କୌଣସି ଦରରେ (ସିଜିପିମାନଙ୍କ ଠାରୁ ଗ୍ରୀଡ଼କୋର ଶକ୍ତି କ୍ରୟର ସର୍ବୋଚ୍ଚ ଦର ହେଉଛି ୟୁନିଟ ପିଛା ଟ୪.୦୫ ପଇସା) ଶକ୍ତି କିଣି ପାରିବ ଏବଂ ବାଣିଜ୍ୟ ଉଦ୍ଦେଶ୍ୟରେ ୟୁନିଟ ପିଛା ଟ୩.୫୦ ପଇସାରୁ କମ ଦରରେ ହୋଇ ନଥିବା ଯେକୌଣସି ଦରରେ ଶକ୍ତି ବିକି ପାରିବ । ରାଜ୍ୟର ଶକ୍ତି ଚାହିଦାର ଜରୁରୀ ଆବଶ୍ୟକତା ସମୟରେ ଟ୪.୧୦ ପଇସାର ସିଲିଂ ଦର-ହାରରୁ କମ ଯେକୌଣସି ଦର-ହାରରେ ଗ୍ରୀଡ଼କୋ ଯେକୌଣସି ଶକ୍ତି ଉତ୍ପାଦନକାରୀ କମ୍ପାନୀଙ୍କ ସହ କଥାବାର୍ତ୍ତା କରିପାରେ ଏବଂ ରପ୍ତାନୀ ଯୋଗ୍ୟ ଶକ୍ତିକୁ ୟୁନିଟ ପିଛା ଟ୩.୫୦ ପଇସାରେ ସର୍ବନିମ୍ନ ଦର-ହାର ଠାରୁ ଉର୍ଦ୍ଧ୍ୱରେ ଯେ କୌଣସି ଦର-ହାରରେ ବିକ୍ରୀ କରିବାକୁ ଚେଷ୍ଟା କରିପାରେ । ତେବେ, ଉପରୋକ୍ତ ଉଲ୍ଲେଖିତ ସର୍ବୋଚ୍ଚ ଓ ସର୍ବନିମ୍ନ ଦର ୟୁଆଇ ବିନିମୟର ଶକ୍ତି / କ୍ରୟ ପାଇଁ ପ୍ରଯୋଜ୍ୟ ହେବ ନାହିଁ, ଯାହାର ଦର-ହାର (ଭିନ୍ନ ଭିନ୍ନ ଗ୍ରୀଡ଼ ଫ୍ରିକ୍ୱେନ୍‌ସିରେ) ସିଇଆରସିଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ ।

**ସ୍ଥୁଳ ଯୋଗାଣ ଦର ନିର୍ଦ୍ଧାରଣ ଦର୍ଶନ ପାଇଁ ଆକାରାୟନ:**

୪୯୮) ୪ଟି ଯାକ ବଣ୍ଟନକାରୀ କମ୍ପାନୀରେ ଉପଭୋକ୍ତ ମିଶ୍ରଣର ପରିବର୍ତ୍ତିତ ପ୍ରକୃତି ଏବଂ ଶକ୍ତି ଟାରିଫ ଉପରେ ଏହାର ପ୍ରଭାବ ହେଉଛି ଆଜିର ଓଡ଼ିଶାର ଶକ୍ତି ସେକ୍ଟରର ଏକ ଉଲ୍ଲେଖଯୋଗ୍ୟ ପ୍ରସଂଗ । ଓଡ଼ିଶାରେ ୪ଟି ବଣ୍ଟନକାରୀ କମ୍ପାନୀଙ୍କୁ ପ୍ରତ୍ୟେକଙ୍କ ଅଧିନରେ ଯେଉଁ ସବୁ ଜିଲ୍ଲା ବା ଅଞ୍ଚଳକୁ ଅନ୍ତର୍ଭୁକ୍ତ କରାଯାଇଛି, ଅବଶ୍ୟ ସେଗୁଡିକରେ ବାସ କରୁଥିବା ଜନସାଧାରଣଙ୍କର ଆର୍ଥିକ ଓ ସାମାଜିକ ସ୍ଥିତିରେ ବହୁଧା ବିଭକ୍ତ ପାର୍ଥକ୍ୟ ଦୃଷ୍ଟିଗୋଚର ହୋଇଥାଏ । ସେହି ଅନୁଯାୟୀ ବିଦ୍ୟୁତ୍ ଶକ୍ତିର ଉପଭୋକ୍ତାଙ୍କ କ୍ଷେତ୍ରରେ ମଧ ପାର୍ଥକ୍ୟ ପରିଲକ୍ଷିତ ହେବା ସ୍ୱାଭାବିକ ଅଟେ । କିନ୍ତୁ, ଓଡ଼ିଶାରେ ଶକ୍ତି ଉପଭୋକ୍ତାଙ୍କ ଉଦ୍ଦେଶ୍ୟରେ ଯେଉଁ ଟାରିଫ ବା ଦରସୂଚୀର ନିର୍ଦ୍ଧାରଣ କରାଯାଇଛି, ତାହା ସମସ୍ତଙ୍କ ପାଇଁ ସମାନ ଦର-ହାରର ଅଟେ । ତେଣୁ, ଏହା ଆଞ୍ଚଳିକ ବୈଷମ୍ୟ ସୃଷ୍ଟି କରିବା

ସହ ବଣ୍ଟନକାରୀ କମ୍ପାନୀଙ୍କର ରାଜସ୍ୱ ଓ ଆର୍ଥିକ ସ୍ୱାସ୍ଥ୍ୟକୁ ମଧ ପ୍ରଭାବିତ କରେ । ଗତ ଦଶକଠ. ଓଡ଼ିଶାରେ ଲୋଡ଼ ବୃଦ୍ଧି ଦୃଷ୍ଟାନ୍ତମୂଳକ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଜଗତୀକରଣ, କୋହଳ ଅର୍ଥନୀତି ଓ ମୁକ୍ତ ଦ୍ୱାର-ପ୍ରବେଶ ନୀତିର ଅନୁସରଣ ଯୋଗୁ ତଥା ରାଜ୍ୟରେ ଭରପୂର ଖଣିଜ ସମ୍ପଦର ଆବିଷ୍କାର ହେବା ଯୋଗୁ ଶିଳ୍ପପତିମାନେ ଓଡ଼ିଶା ପାଇଁ ଆଗ୍ରହୀ ହୋଇ ସେମାନଙ୍କର ନିବେଶ ସୃଷ୍ଟି କରିବାରେ ଲାଗିପଡିଛନ୍ତି ।

୪୯୯) ପଶ୍ଚିମ ଓଡ଼ିଶା, ଉତ୍ତର-ପୂର୍ବ ଓଡ଼ିଶା ଏବଂ କେନ୍ଦ୍ର-ଓଡ଼ିଶାରେ ଅଧିକ ପରିମାଣର ଖଣିଜ ସମ୍ପଦର ଉତ୍ତୋଳନ କରାଯାଉଛି, ଯହିଁରୁ ଲୁହା, ଇସ୍ପାତ ଓ ଆଲୁମିନିୟମ ଆଦିର ଉତ୍ପାଦନ ହେଉଛି । ତେଣୁ, ବିଦ୍ୟୁତ ଶକ୍ତି ବର୍ଦ୍ଧିତ ଲୋଡ଼ରେ ଥିଲେ ତାହାର ଅବିଚ୍ଛିନ୍ନ ବ୍ୟବହାର ହେଉଥିବାରୁ ଏହି ସବୁ ଅଞ୍ଚଳରେ ଲୋଡ୍ ବୃଦ୍ଧିରେ କଟକଣା ରଖାଯାଇଛି । ଅନ୍ୟ ପକ୍ଷରେ, ରାଜ୍ୟର ଦକ୍ଷିଣାଞ୍ଚଳରେ ଏଚଟି ଏବଂ ଇଏଚଟି ଲୋଡ୍‌ରେ ବୃଦ୍ଧି ସେତେ ନାହିଁ, କାରଣ ଏ ଅଞ୍ଚଳରେ ଖଣିଜ ସମ୍ପଦ ଯଥେଷ୍ଟ କମ୍ । ତା'ଛଡା ଏହି ଅଞ୍ଚଳରେ ଅବସ୍ଥିତ ଆଲୁମିନିୟମ/ ଫେର୍‌ରୋକ୍ରୋମ ପ୍ଲାଣ୍ଟଗୁଡିକର ନିଜର କ୍ୟାପ୍‌ଟିଭ ପାୱାର ପ୍ଲାଣ୍ଟ ଅଛି । ତେଣୁ ୱେସ୍‌କୋ ଓ ନେସ୍‌କୋ ଅଞ୍ଚଳରେ ଯେତେବେଳେ ଏଚଟି ଏବଂ ଇଏଚଟିରେ ଶକ୍ତି ବିକ୍ରୀର ପରିମାଣ ଯଥାକ୍ରମେ ୫୯% ଓ ୬୧%, ସେସୁ ଓ ସାଉଥ୍‌କୋର ତାହାର ପରିମାଣ ହେଉଛି ଯଥାକ୍ରମେ ୪୦% ଓ ୩୧%।

୫୦୦) ବିଦ୍ୟୁତ୍ ଶକ୍ତି ଉପଯୋଗର ପ୍ରକୃତି ଦିଗରୁ ବିଚାର କଲେ ଦକ୍ଷିଣ ଓଡ଼ିଶା ପଛୁଆ ଅଟେ । ଅଧିକ ସଂଖ୍ୟାରେ ଆଦିବାସୀ ବାସ କରୁଥିବା ଏହା ଏକ ଜଙ୍ଗଲାଚ୍ଛନ୍ନ ଅଞ୍ଚଳ ଅଟେ । ତେଣୁ, ଏଠାରେ ବାସ କରୁଥିବା ଜନସାଧାରଣଙ୍କର ବିଦ୍ୟୁତ୍ ଶକ୍ତି ବ୍ୟବହାର କରିବା ଦିଗରେ ଆର୍ଥିକ ଅସଚ୍ଛଳତା ବାଧକ ଅଟେ । ତେଣୁ, ସାଉଥ୍‌କୋର ରାଜସ୍ୱ 'ମୁଖ୍ୟତଃ ଲୋ'- ଭୋଲ୍‌ଟେଜ ବା ନିମ୍ନ-ମାନର ଭୋଲ୍‌ଟେଜରେ ବିଦ୍ୟୁତ୍ ଶକ୍ତି ଉପଯୋଗ କରୁଥିବା ଘରୋଇ ଉପଭୋକ୍ତାଙ୍କ ଉପରେ ନିର୍ଭରଶୀଳ ଅଟେ ।

୫୦୧) ପଶ୍ଚିମ ଓଡ଼ିଶା, ଉତ୍ତର-ପୂର୍ବ ଓଡ଼ିଶା ଏବଂ କେତେକାଂଶରେ ମଧ-ଓଡ଼ିଶାରେ ବୃହତ୍ ଓ ଓଜନଦାର ଶିଳ୍ପସଂସ୍ଥାମାନଙ୍କର ଅଭୂତପୂର୍ବ ଉଦ୍‌ଭବ ଓ ଅଭିବୃଦ୍ଧି ଘଟିଛି । ତେଣୁ ନବେ ଦଶକଠାରୁ ଏବେର ଶିଳ୍ପ-ଦୃଶ୍ୟପଟ୍ଟ ସମ୍ପୂର୍ଣ୍ଣ ଭିନ୍ନ ଅଟେ । ବିଗତ କେତେବର୍ଷ ହେଲା, ଓଡ଼ିଶାର ଶକ୍ତି ଉପଭୋକ୍ତାମାନେ ଶକ୍ତି ଦିଗରେ ଏକ ବଳକା ରାଜ୍ୟର ସୁବିଧା ସୁଯୋଗ ଉପଭୋଗ କରିଆସୁଥିଲେ । କିନ୍ତୁ ଏବେ ସେ ସ୍ଥିତି ଆଉ ନାହିଁ । କମ୍ ଦାମ୍‌ର ଜଳଜ ଶକ୍ତିରୁ ରାଜ୍ୟର ଚାହିଦାର ପରିପୂରଣ ହେଉଛି ଏବଂ ଦାମୀ ତାପଜ ଶକ୍ତିକୁ ବାହାର ରାଜ୍ୟକୁ ରପ୍ତାନୀ କରାଯାଇ ଯେଉଁ ଲାଭ ମିଳୁଛି, ତାହାକୁ ରାଜ୍ୟର ଉପଭୋକ୍ତାଙ୍କ ସକାଶେ ସେକ୍ଟରର ଅନ୍ୟାନ୍ୟ ଆନୁଷଙ୍ଗିକ ଦିଗରେ ବ୍ୟୟ କରାଯାଇଛି । ତେବେ, ଚଳିତ ବର୍ଷ, ଅର୍ଥାତ୍ ୨୦୦୯-୧୦ ଆ.ବ.ରେ ଓଡ଼ିଶା ରାଜ୍ୟ ଏକ ଶକ୍ତି-ବଳକା ରାଜ୍ୟରୁ ଶକ୍ତି-ନିଅଣ୍ଟିଆ ରାଜ୍ୟର ଅ-ମର୍ଯ୍ୟାଦା ହାସଲ କରିଛି । ଆଗାମୀ ବର୍ଷ, ଅର୍ଥାତ୍ ୨୦୧୦-୧୧ ଆ.ବ ରେ ଏଚଟି ଓ ଇଏଚଟି ଉପଭୋକ୍ତାଂକ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଥିବାରୁ ରାଜ୍ୟରୁ ଅଧିକାଂଶ ଉତ୍ପାଦିତ ଶକ୍ତି ରାଜ୍ୟ ମଧରେ ହିଁ ବିନିଯୋଗ ହେବ । ଯଦି ଭଲ ବର୍ଷା ହୁଏ, ତେବେ ଜଳଜ ଶକ୍ତିର ଉତ୍ପାଦନ ପରିମାଣ ଅଟକଳିତ ପରିମାଣ ଠାରୁ ଅଧିକ ହେବ ଏବଂ ଯତ୍ କିଞ୍ଚିତ୍ ବଳକା ଶକ୍ତି ବାଣିଜ୍ୟ ଉଦ୍ଦେଶ୍ୟରେ ବିନିଯୋଗ କରାଯାଇପାରେ ।

୫୦୨) ଦେଶର ବିଭିନ୍ନ କ୍ୟାପ୍‌ଟିଭ ଜେନେରେଟିଂ ପ୍ଲାଣ୍ଟ ବା ସିଜିପିମାନଙ୍କ ଠାରୁ ପରିବର୍ତ୍ତନୀୟ ଦର ବା ପରିବର୍ତ୍ତନୀୟ ଦର ପାଖାପାଖି କୌଣସି ଆଲୋଚନାତ୍ମକ ଦରରେ ଗ୍ରୀଡ଼କୋ ବଳକା ଶକ୍ତିକୁ କିଣି ଆସୁଛି । ସଂପ୍ରତି ଦେଶର ବିଭିନ୍ନ ରାଜ୍ୟରେ ଶକ୍ତିର ସ୍ଥିତି ନିଅଣ୍ଟିଆ ରହୁଛି । ଏହି ପରିପ୍ରେକ୍ଷୀରେ, ଅନ୍ତଃ-ରାଜ୍ୟ ମୁକ୍ତ ପ୍ରବେଶ ନିୟମାବଳୀକୁ ଅନୁସରଣ ପୂର୍ବକ ସିଜିପିମାନେ ଭଲ ଦାମ୍‌ରେ ବାହାର ରାଜ୍ୟକୁ ବଳକା ଶକ୍ତି ବିକିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି । ସିଜିପି ଦର ଉପରେ ଆୟୋଗଙ୍କର ୧୪.୩.୨୦୦୮ର ଆଦେଶନାମା ମୂଳେ ରାଜ୍ୟର ବର୍ଦ୍ଧିଷ୍ଣୁ ଶକ୍ତି ଚାହିଦା ମେଣ୍ଟାଇବା ସକାଶେ ଗ୍ରୀଡ଼କୋ ସିଜିପିମାନଙ୍କର ବଳକା ଶକ୍ତିକୁ ହାସଲ କରିବା ପାଇଁ ସେମାନଙ୍କୁ ଆକର୍ଷଣୀୟ ଦର-ହାର ମଧ ଯାଚିଛି । ଏକ ମଧବର୍ତ୍ତୀ ବ୍ୟବସ୍ଥା ଭାବରେ, ଆୟୋଗ ତାଙ୍କର ୨୮.୨.୨୦୦୯ର ଆଦେଶନାମାରେ ସିଜିପି ଓ କୋଜେନେରେଟିଂ ପ୍ଲାଣ୍ଟମାନଙ୍କରୁ ବଳକା ଶକ୍ତିର ଦରକୁ ୧.୩.୨୦୦୯ ଠାରୁ ଯଥାକ୍ରମେ କିଲୋୱାଟ ପିଛା ଟ୩.୦୦ ଓ ଟ୩.୧୦ ପଇସାରେ ଧାର୍ଯ୍ୟ କରିଥିଲେ । ପୁନଶ୍ଚ, ପରବର୍ତ୍ତୀ ୨୮.୧୨.୨୦୦୯ର ଆଦେଶନାମାରେ ଆୟୋଜ ସିଜିପିମାନଙ୍କ ଠାରୁ କ୍ରୟ କରାଯାଉଥିବା ଶକ୍ତିର ଦରକୁ ସଂଶୋଧନ କରିଛନ୍ତି । ତାହାର ବିଶଦ ବିବରଣୀ ନିମ୍ନରେ ଉଦ୍ଧାର କରାଗଲା ।

"୧୮. ଜଳଜ ଶକ୍ତି ଉତ୍ପାଦିତ ହେଉଥିବା ଶକ୍ତି ଉତ୍ସମାନଙ୍କରୁ ପୂର୍ବ ବର୍ଷମାନଙ୍କ ଠାରୁ କମ୍ ପରିମାଣର ଶକ୍ତି ଉତ୍ପାଦନ ହେଉଛି । କାରଣ ବୃଷ୍ଟିପାତରେ ଅନିୟମିତତା ସାଙ୍ଗକୁ କମ ବୃଷ୍ଟିପାତ ଏହାର କାରଣ । ତା'ଛଡା ରବି ଋତୁରେ କୃଷି କାର୍ଯ୍ୟ ସକାଶେ

ଜଳସେଚନ ଉଦ୍ଦେଶ୍ୟରେ ଜଳଭଣ୍ଡାରରେ ଆବଶ୍ୟକୀୟ ପରିମାଣ ଜଳ ଗଚ୍ଛିତ କରି ରଖିବାକୁ ପଡୁଛି । ଏସବୁ ଦୃଷ୍ଟିରୁ ରାଜ୍ୟ ଏବେ ଘୋର ଶକ୍ତି ସଂକଟର ସମ୍ମୁଖୀନ ହୋଇଛି । ୟୁଆଇ ବା ଶକ୍ତି ବିନିମୟ ସୂତ୍ରରୁ ଶକ୍ତି କ୍ରୟର ଦାମ୍ ହାରାହାରି କିଲୋ ହ୍ୱାଟ ପିଛାଟ ୪.୦୦ରୁ ଅଧିକ ପଡୁଛି । ଏହା ଏକ ସ୍ୱୀକୃତ ସତ୍ୟ ଯେ, କୋଇଲାର ଦର ଦିନକୁ ଦିନ ବଢୁଥିବାରୁ ସିଜିପିମାନେ କୋଇଲା ପାଇବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ତେବେ, ଗ୍ରୀଡ଼କୁ ସିଜିପିମାନଙ୍କର ବଳକା ଶକ୍ତି ଯୋଗାଣକୁ ନିଶ୍ଚିତ କରିବା ପାଇଁ, ସେମାନଙ୍କର ଉତ୍ପାଦନକୁ ପ୍ରୋତ୍ସାହନ ଓ ପାରିତୋଷିକତା ପ୍ରଦାନ କରିବାକୁ ପଡ଼ିବ ।

୧୯. ସେହି ଅନୁସାରେ, ୩୦.୬.୨୦୦୯ର ରିଭ୍ୟୁ ଅର୍ଡର ବା ପୁନଃ ମତାୟନ ଆଦେଶନାମାର ନିରବିଚ୍ଛିନ୍ନତା କ୍ରମେ ଆୟୋଗ ଏବେ ନିମ୍ନମତେ ନିର୍ଦ୍ଦେଶ ଓ ନିର୍ଦ୍ଧାରଣ କରିଛନ୍ତି ।

(କ) ମାସିକ ୩.୬ ଲକ୍ଷ ୟୁନିଟ (ପାଖାପାଖି ୫ ମେଗାୱାଟ ହାରାହାରି) ପର୍ଯ୍ୟନ୍ତ ଶକ୍ତିର ଯୋଗାଣ ଦର ହେବ କିଲୋହ୍ୱାଟ ପିଛା ଟ୩.୧୦ପଇସା ।

ଖ) ମାସିକ ୩.୬ ଲକ୍ଷ ୟୁନିଟରୁ ଉର୍ଦ୍ଧ୍ୱ ଏବଂ ୩୬ ଲକ୍ଷ ୟୁନିଟ (ପାଖାପାଖି ୫୦ ମେଗାୱାଟ ହାରାହାରି) ପର୍ଯ୍ୟନ୍ତ ଶକ୍ତିର ଯୋଗାଣ ଦର କିଲୋହ୍ୱାଟ ପିଛା ହେବ ଟ୩.୪୦ ପଇସା ।

ଗ) ମାସିକ ୩୬ ଲକ୍ଷ ୟୁନିଟରୁ ଉର୍ଦ୍ଧ୍ୱ ମାସିକ ୭୨ ଲକ୍ଷ ୟୁନିଟ (ପାଖାପାଖି ୧୦୦ ମେଗାୱାଟ ହାରାହାରି) ପର୍ଯ୍ୟନ୍ତ ବର୍ଦ୍ଧିତ (ଅତିରିକ୍ତ) ଶକ୍ତିର ଯୋଗାଣ ଦର କିଲୋହ୍ୱାଟ ପିଛା ହେବ ୯୩.୭୦ପଇସା ।

ଘ) ମାସିକ ୭୨ ଲକ୍ଷ ୟୁନିଟରୁ ଉର୍ଦ୍ଧ୍ୱ ପରିମାଣର ଅତିରିକ୍ତ ଶକ୍ତିର ଯୋଗାଣ ଦର କିଲୋହ୍ୱାଟ ପିଛା ହେବ ଟ୪.୦୫ ପଇସା ।

ଙ) ସେହିଭଳି କୋ-ଜେନେରେଟିଂ ପ୍ଲାଣ୍ଟରୁ ଉତ୍ପାଦିତ ବଳକା ଶକ୍ତିର ଯୋଗାଣ ଦର ମାସିକ ୩.୬ ଲକ୍ଷ ୟୁନିଟ ପର୍ଯନ୍ତ ହେବ ୟୁନିଟ ପିଛା ଟ୩.୨୦ ପଇସା ଓ ୩.୬ ଲକ୍ଷ ୟୁନିଟରୁ ଉର୍ଦ୍ଧ୍ୱ ପରିମାଣର ଶକ୍ତି ଯୋଗାଣ ପାଇଁ ଅତିରିକ୍ତ ୟୁନିଟ ଗୁଡିକ ପାଇଁ ୟୁନିଟ ପିଛା ହିସାବ ଉପରେ ଲିଖିତ (ଖ), (ଗ) ଓ (ଘ) ସହ ସମାନ ହେବାକୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି ।

× × × × × × ×

୨୦. ପରିଚ୍ଛେଦ-୧୯ରେ ନିର୍ଦ୍ଧାରିତ ସିଜିପିର ସଂଶୋଧିତ ଦର ୧.୧୧.୨୦୦୯ ଠାରୁ ଲାଗୁ ହେବ ଓ ପରବର୍ତ୍ତୀ ଆଦେଶନାମା ପର୍ଯ୍ୟନ୍ତ ବଳବତ୍ତର ରହିବ।"

୫୦୩) ଉଚ୍ଚ ଦାମ୍‌ରେ କିଣାଯାଉଥିବା ଶକ୍ତିକୁ ରାଜ୍ୟ ମଧ୍ୟରେ ଉପଭୋକ୍ତାଙ୍କର ଉପଯୋଗ ନିମନ୍ତେ ବିନିଯୋଗ କରାଯିବ । ଉଚ୍ଚ ଦାମ୍‌ରେ କ୍ରୟିତ ଶକ୍ତି ଅବଶ୍ୟ ଯୋଗାଣର ୟୁନିଟ ପିଛା ଦାମ୍‌କୁ ବଢ଼ାଇବାକୁ ପ୍ରୟାସ କରୁଛି! ୨୦୦୯-୧୦ରେ ୟୁନିଟ ପିଛା ଅନୁମୋଦିତ ହାରାହାରି ଶକ୍ତି କ୍ରୟର ଦର ୧୪୮.୨୭ ପଇସା ଥିଲା । ତେବେ, ୨୦୦୯-୧୦ର ୨୦୦୯, ସେପ୍ଟେମ୍ବର ପର୍ଯ୍ୟନ୍ତ ଶକ୍ତି କ୍ରୟ ଦର ୟୁନିଟ ପିଛା ୧୮୫.୦୨ ପଇସାକୁ ବୃଦ୍ଧି ପାଇଥିଲା ଏବଂ ୨୦୧୦, ଜାନୁଆରୀ ବେଳକୁ ଏହା ୟୁନିଟ ପିଛା ୨୦୨ ପଇସା ହୋଇଥିଲା । ତେବେ, ୨୦୧୦-୧୧ଆ.ବ. ପାଇଁ ଆୟୋଗ ଉପଯୁକ୍ତ ଯାଞ୍ଚ ପୂର୍ବକ ଶକ୍ତି କ୍ରୟର ଦରକୁ ୟୁନିଟ ପିଛା ୧୭୪.୫୮ ପଇସାରେ ଅନୁମୋଦନ ଦେଇଛନ୍ତି । ଏହି ବୃଦ୍ଧି କେବଳ କୋଇଲା ଓ ତେଲ ଦର ବୃଦ୍ଧି ଯୋଗୁ ହିଁ ହୋଇଛି । ତା'ଛଡା ଚାହିଦା ଓ ଯୋଗାଣରେ ମଧ୍ୟ ଏକ ପ୍ରକାର ବର୍ଦ୍ଧିଷ୍ଣୁ ଅମେଳ ମଧ୍ୟ ପରିଲକ୍ଷିତ ହେଉଛି ।

୫୦୪) ୧.୪.୨୦୦୮ ଠାରୁ ରାଜ୍ୟରେ 'ମୁକ୍ତ ପ୍ରବେଶ' ନୀତି ଲାଗୁ ହେବା ପରଠାରୁ ଓଡ଼ିଶାର ଶକ୍ତି ବିନିଯୋଗକାରୀ କର୍ତ୍ତୃପକ୍ଷମାନେ ଏକ 'ଗତିଶୀଳତାର ପର୍ଯ୍ୟାୟ' କୁ ପ୍ରବେଶ କରିଛନ୍ତି। ବିନିଯୋଗକାରୀ କର୍ତ୍ତୃପକ୍ଷମାନଙ୍କ ମଧ୍ୟରେ ସଠିକ୍ ଭାବେ କେତେ ପରିମାଣର ଶକ୍ତି ଦେଣ ନେଣ ହେବ, ତାହା ଏହି ପରିସ୍ଥିତିରେ କହିବା କଷ୍ଟକର ହେବ । ୧ ମେଗାୱାଟ ଓ ତହିଁରୁ ଉର୍ଦ୍ଧ୍ୱ ପରିମାଣର ଶକ୍ତି ଉପଯୋଗ କରୁଥିବା ଇଏଚଟି ଓ ଏଚଟି ଉପଭୋକ୍ତାଙ୍କ ଠାରୁ ପ୍ରତ୍ୟାଶିତ ରାଜସ୍ୱର ପରିବର୍ତ୍ତନଶୀଳତା ଯୋଗୁ ତାହା ଗ୍ରୀଡ଼କୋର ସାମୁଦାୟିକ ଅର୍ଥନୀତି ଉପରେ ପ୍ରଭାବ ପକାଇବ । ଗ୍ରୀଡ଼କୋର ଶକ୍ତି କ୍ରୟର ଦାୟବଦ୍ଧତା, ଓପିଟିସିଏଲ୍‌ର ସରବରାହ ଦେୟ-ଦର ଏବଂ ଏସ୍‌ଏଲ୍‌ଡିସି ବ୍ୟୟଭାରକୁ ମେଣ୍ଟାଇବା ନିମନ୍ତେ ବଣ୍ଟନକାରୀ କମ୍ପାନୀଙ୍କ ଦ୍ୱାରା ପ୍ରତ୍ୟାଶିତ ଉପାର୍ଜନ ସହ ବର୍ତ୍ତମାନର ନିର୍ଦ୍ଧାରିତ ସୁଳେ ଯୋଗାଣ ଦରର ବାଞ୍ଛିତ ଭାବେ ଆକାରାୟନ କରାଯାଉଛି ।

୫୦୫) ଅଧିକନ୍ତୁ, ବଣ୍ଟନକାରୀ କମ୍ପାନୀମାନେ ଏଚଟି ଓ ଇଏଚଟିରେ ଭଲ ଆୟ କରୁଥିବା ବେଳେ ଏଲଟିରେ କ୍ଷତି ସହୁଛନ୍ତି । ସ୍ଥୁଳ ଯୋଗାଣ ଦର ଏବଂ ଉପଭୋକ୍ତାଙ୍କ ଉଦ୍ଦେଶ୍ୟରେ ଦର ମଧ୍ୟରୁ ଉପଲବ୍ଧ ରାଜସ୍ୱ (ଏଚଟି/ଇଏଚଟି ଉପଭୋକ୍ତାଙ୍କ ଠାରୁ)ରେ ସେମାନେ ନିଜର ଚଳାଇ ନେଉଛନ୍ତି । ଶକ୍ତିର କ୍ରୟ ଦର ଅର୍ଜିତ ରାଜସ୍ୱ ମଧ୍ୟରେ ପାର୍ଥକ୍ୟ ପରିମାଣ ହିଁ କମ୍ପାନୀଙ୍କର ଲାଭ ମାତ୍ର । ତେବେ, କମ୍ପାନୀଙ୍କ ମଧ୍ୟରେ କ୍ରସ୍-ସବ୍‌ସିଡି ପାଇଁ ଏହି ପାର୍ଥକ୍ୟ ପରିମାଣକୁ ବ୍ୟବହାର କରାଯିବା ଉଚିତ୍ ।

୫୦୬) ଓଇଆରସି ରାଜ୍ୟରେ ଗୋଟିଏ ପ୍ରକାରର ପାଇକାରୀ ଯୋଗାଣ ଟାରିଫ ନୀତିର ପ୍ରଚଳନ କରିଆସୁଛନ୍ତି । ସମଗ୍ର ରାଜ୍ୟର ସାଧାରଣ ସ୍ୱାର୍ଥକୁ ବିଚାର କରିବାକୁ ଗଲେ ଏହି ଏକ ପ୍ରକାରର ଟାରିଫ ନୀତିକୁ ଅବ୍ୟାହତ ରଖିବାର ଆବଶ୍ୟକତା ରହିଛି ଏବଂ ପ୍ରତି ବଣ୍ଟନ-ଅନୁମତିଧାରୀଙ୍କ ପାଇଁ ପାଇକାରୀ ଟାରିଫ ମୁଖ୍ୟତଃ ତାହାର ଏଆର୍‌ଆର୍ ଉପରେ ଆଧାରିତ ଏବଂ ତେଣୁ ତାହାର ପ୍ରତ୍ୟାଶିତ ରାଜସ୍ୱକୁ ଉପେକ୍ଷିତ ଭାବେ ବିବେଚନା କରାଯିବା ଉଚିତ ନୁହେଁ । ବିଦ୍ୟୁତ୍ ଆଇନ ଅନୁଯାୟୀ, ଆୟୋଗ କେବଳ ବଣ୍ଟନ-ଅନୁମତିଧାରୀଙ୍କର ବାର୍ଷିକ ରାଜସ୍ୱ ଆବଶ୍ୟକତା ଓ ପ୍ରତ୍ୟାଶିତ ରାଜସ୍ୱକୁ ବିଚାରକୁ ନେଲେ ଚଳିବ ନାହିଁ, ରାଜ୍ୟର ଉପଭୋକ୍ତାଙ୍କର ସ୍ୱାର୍ଥ ପ୍ରତି ମଧ୍ୟ ଦୃଷ୍ଟି ଦେବାକୁ ପଡିବ ଏବଂ ସମାନ ପ୍ରକାରର ପାଇକାରୀ ଟାରିଫ ନୀତି ହେଉଛି ସେହି ସ୍ୱାର୍ଥ ମଧ୍ୟରୁ ଅନ୍ୟତମ । ବିଦ୍ୟୁତ୍ ଆଇନ, ୨୦୦୩ର ବିଭାଗ-୬୧(ଘ) ଅନୁଯାୟୀ ଏହା ଏକ ବାଞ୍ଛିତ ଆବଶ୍ୟକତା ଅଟେ । ଅଧିକନ୍ତୁ, ସାରା ରାଜ୍ୟ ପାଇଁ ପାଇକାରୀ ଟାରିଫର 'ସମାନ ପ୍ରକାର' ନୀତି ଜାତୀୟ ଟାରିଫନୀତିର ପରିଚ୍ଛେଦ ୮.୪(୨) ସହ ମଧ୍ୟ ଅନୁଛନ୍ଦିତ ଅଟେ । କେବଳ ସେହି କ୍ଷେତ୍ରରେ, ଯେତେବେଳେ ବଣ୍ଟନ-ଅନୁମତିଧାରୀ ବଣ୍ଟନ-କ୍ଷତିକୁ କମାଇ ସେମାନଙ୍କ ନିର୍ବାହନରେ ଆଖିଦୃଶିଆ ଉତ୍କୃଷ୍ଟତା ସାଧନ କରି ପାରିବେ, (ଉଭୟ ବୈଷୟିକ ଓ ବ୍ୟବସାୟିକ ଦିଗରୁ), ସେତେବେଳେ ହିଁ ଏକ ପାର୍ଥକ୍ୟଗତ ପାଇକାରୀ ଟାରିଫ ଦ୍ୱାରା ନିର୍ବାହନରେ ଉତ୍କୃଷ୍ଟତା ପାଇଁ ପାରିତୋଷିକତାର ପ୍ରଶ୍ନ ଉଠିପାରେ । ତେବେ, ସଂପ୍ରତି ପ୍ରସଂଗ ସେଯା ନୁହେଁ । ଅଧିକନ୍ତୁ, ପାର୍ଥକ୍ୟଗତ ସ୍ଥୁଳ ଯୋଗାଣ ଦରର ଉପକାରିତା ଏକ ଗ୍ରହଣୀୟ ପଦ୍ଧତି ହୋଇଛି । ରାଜ୍ୟ ସରବରାହ ନେଟ୍‌ୱାର୍କ ଏକକ ଢାଞ୍ଚାରେ ସାରା ରାଜ୍ୟର ସେବା କରୁଛି ଏବଂ ଓଡ଼ିଶାର ଉପଭୋକ୍ତାମାନେ ସମାନ ଭାବରେ ଏହି ସରବରାହ ପଦ୍ଧତିର ପରିଚାଳନା ବାବଦକୁ ଦେୟ ଦେଉଛନ୍ତି । ଇଏଚଟିରେ ଶକ୍ତି ଉପଯୋଗ କରୁଥିବା ଉପଭୋକ୍ତା ଶ୍ରେଣୀର ଶିଳ୍ପ ସଂସ୍ଥା ଗୁଡିକରେ ଅଭିବୃଦ୍ଧି ଓ ବିକାଶ ବାବଦକୁ ବଣ୍ଟନକାରୀ କମ୍ପାନୀମାନଙ୍କର ଖୁବ୍ କମ୍ ଅବଦାନ ଥିବା ସତ୍ତ୍ୱେ ସେମାନେ ନିଜ ଅଞ୍ଚଳର ଇଏଚଟି-ଶିଳ୍ପ ସଂସ୍ଥାମାନଙ୍କ ପ୍ରତି ଖୁବ୍ କମ୍ ଧ୍ୟାନ ଦେଇ ଅଧିକ ରାଜସ୍ୱ ପାଇଥା'ନ୍ତି । ତେଣୁ ଏହା ନ୍ୟାୟୋଚିତ ଯେ, ଯେଉଁ ବଣ୍ଟନକାରୀ କମ୍ପାନୀ ଇଏଚଟି/ଏଚଟି ଶିଳ୍ପ ସଂସ୍ଥାକୁ ଅଧିକ ଗୁରୁତ୍ୱ ଦେବ, ଅର୍ଥାତ୍ ସେମାନଙ୍କ ଉଦ୍ଦେଶ୍ୟରେ ଉତ୍କୃଷ୍ଟ ନିର୍ବାହନ ସାଧନ କରିବ, ସେମାନଙ୍କ ପାଇଁ ପାର୍ଥକ୍ୟଗତ ସ୍ଥୁଳେ ଯୋଗାଣ ଦର ମଧ୍ୟ ଅଧିକ ହେବା ଉଚିତ୍ । ଅତଏବ, ପାର୍ଥକ୍ୟଗତ ସ୍ଥୁଳ ଯୋଗାଣ ଦର ସହ ଓଡ଼ିଶାରେ ପ୍ରଚଳିତ ସମାନ ପ୍ରକାରର ପାଇକାରୀ ଟାରିଫକୁ ଉଠାଇଦେବାର କୌଣସି ଆବଶ୍ୟକତା ନାହିଁ ।

୫୦୭) ସମାନ ପାଇକାରୀ ଯୋଗାଣ ଟାରିଫ ନୀତି ଠାରୁ ଆମେ ନ ମୁକୁଳିବା ପର୍ଯ୍ୟନ୍ତ ଅଧିକ ଇଏଚଟି ଏବଂ ଏଚଟି ଉପଭୋକ୍ତା ଥିବା ବିନିଯୋଗକାରୀ କର୍ତ୍ତୃପକ୍ଷଙ୍କୁ ଉଚ୍ଚତର ସ୍ଥୁଳ ଯୋଗାଣ ଦର ପ୍ରକ୍ରିୟା ବରଂ ସଂକେତ ଦେବା ଉଚିତ ହେବ ଯେ, ଅଧିକ ଏଲଟି ଶକ୍ତି ବିକ୍ରୀ ଜରିଆରେ ଏଲଟିରେ ଉତ୍କୃଷ୍ଟ ନିର୍ବାହନ ହିଁ ସେହି ବିନିଯୋଗକାରୀ କର୍ତ୍ତୃପକ୍ଷଙ୍କୁ ନିମ୍ନ ଦର-ହାରରେ ଶକ୍ତି ପାଇବାକୁ ସମର୍ଥ କରାଇବ। ଅନ୍ୟ ପ୍ରକାରରେ କହିବାକୁ ଗଲେ, ସେହି କର୍ତ୍ତୃପକ୍ଷ (ବିନିଯୋଗକାରୀ) ଏଲଟିରେ ନଷ୍ଟ-ୟୁନିଟଗୁଡିକୁ ବିଲିଂ ୟୁନିଟରେ ପରିଣତ କରିବାକୁ ପ୍ରୟାସ କରିବା ଉଚିତ୍, ଯାହା ଫଳରେ ବ୍ୟବସାୟିକ କ୍ଷତି ହ୍ରାସ ପାଇବ; ଏବଂ ଏହାକୁ ଆବଶ୍ୟକୀୟ ପ୍ରୋତ୍ସାହନ ଦିଆଯିବା ବାଞ୍ଛନୀୟ ଅଟେ ।

୫୦୮) ବଣ୍ଟନ-ଅନୁମତିଧାରୀ, ବିଭିନ୍ନ ବର୍ଗର ଉପଭୋକ୍ତା ତଥା ଉତ୍ପାଦନକାରୀଙ୍କ ଭଳି ସେକ୍ଟରର ଅଂଶୀଦାରମାନଙ୍କର ବିବଦମାନ ସ୍ୱାର୍ଥର ଭାରସାମ୍ୟ ରକ୍ଷା କରିବା ନିମନ୍ତେ ଅତ୍ୟାବଶ୍ୟକୀୟ ଭାବେ ଟାରିଫ ଅଭିଳଷିତ ଅଟେ। ବଂଟନ-ବିନିଯୋଗକାରୀ କର୍ତ୍ତୃପକ୍ଷଂକ ପାଇଁ ସ୍ଥୁଳ ଯୋଗାଣ ଦର ନିର୍ଦ୍ଧାରଣ ବେଳେ ବୈଚାରିକ ନିଷ୍ପତ୍ତିର ଆବଶ୍ୟକତା ଅଛି । ଅବଶ୍ୟ ପ୍ରକ୍ରିୟାଟି ନିରପେକ୍ଷ, ସ୍ୱଚ୍ଛ ଓ ଯୌକ୍ତିକତା ସମ୍ପନ୍ନ ହେବା ଉଚିତ୍, ଯାହା ଫଳରେ ବିନିଯୋଗକାରୀଙ୍କ ଦ୍ୱାରା ଯେଉଁ ରାଜସ୍ୱ ଉପାର୍ଜନ ହେବ, ତାହା ଯେପରି କର୍ମଚାରୀଙ୍କ ବାବଦ ବ୍ୟୟ. ସୁଧ-ବୋଝକୁ ମୁକାବିଲା କରିବା, ନିବେଶିତ ମୂଳଧନ ଉପରେ ଲାଭାଂଶ ଫେରସ୍ତ ପରିମାଣକୁ ମେଣ୍ଟାଇବା ସହ ଶକ୍ତି କ୍ରୟର ନାମକୁ ତୁଲାଇବା ନିମନ୍ତେ ଯଥେଷ୍ଟ ହେଉଥିବ। ଉଲ୍ଲେଖ ଯୋଗ୍ୟ ଯେ, ଶକ୍ତି କ୍ରୟର ଦାମ୍ ରାଜସ୍ୱ ଆବଶ୍ୟକତାର ଏକ ଗୁରତ୍ୱପୂର୍ଣ୍ଣ ଅଂଶ ଅଟେ ।

୫୦୯) ଏହି ପରିପ୍ରେକ୍ଷୀରେ, ଏଚଟି ଏବଂ ଇଏଚଟି ବର୍ଗର ଉପଭୋକ୍ତାଙ୍କ ଉଦ୍ଦେଶ୍ୟରେ ଶକ୍ତି ବିକ୍ରୀରୁ ଏକ ବଣ୍ଟନ-ବିନିଯୋଗକାରୀ କର୍ତ୍ତୃପକ୍ଷ କେତେ ପରିମାଣର ରାଜସ୍ୱ ଆୟ କରି ପାରିବେ, ତାହା ଆମେ ବିଚାରକୁ ନେଉଛୁ । ଅଧିକନ୍ତୁ, ଏଲଟିରେ ବିକ୍ରୀର ପରିମାଣ ଏକ ଗୁରୁତ୍ୱପୂର୍ଣ୍ଣ ବିଭାବ ଅଟେ, ଯେଉଁଠି କ୍ଷତିର ସ୍ତର ଅଧିକ ଓ ପ୍ରତ୍ୟାଶିତ ରାଜସ୍ୱ ଆୟର ପରିମାଣ କମ ଅଟେ। ତେଣୁ, ଏଭଳି

ଦ୍ୱାରାରେ ସ୍ଥୁଳେ ଯୋଗାଣ ଦରର ନିର୍ଦ୍ଧାରଣ କରାଯାଇଛି, ଯଦ୍ଦ୍ୱାରା ସବୁ ବଣ୍ଟନ-ବିନିଯୋଗକାରୀମାନଙ୍କୁ ଆର୍ଥିକ ଦିଗରୁ ଏହା ଉଣା ଅଧିକ ସ୍ଥିତିଶୀଳ ଓ ଗତିଶୀଳ କରାଉଥିବ ।

୫୧୦) ଇଏଚଟି, ଏଚଟି ଏବଂ ଏଲ୍‌ଟିରେ ଉପଭୋକ୍ତାଙ୍କର ମିଶ୍ରିତ ରୂପରେଖ ୪ଟି ଯାକ ବଣ୍ଟନକାରୀ କମ୍ପାନୀଙ୍କ ପାଇଁ ଯଥେଷ୍ଟ ପାର୍ଥକ୍ୟ ଆଣୁଛି ଯାହା ନିମ୍ନ ସାରଣୀରୁ ଦେଖାଯାଇପାରେ।

ସାରଣୀ-୬୪

| | ସେସୁ | ନେସ୍କୋ | ୱେସ୍କୋ | ସାଉଥ୍‌କୋ | ସମଗ୍ର ଓଡ଼ିଶା |
|---|---|---|---|---|---|
| ୩୦.୦୯.୨୦୦୯ ସୁଦ୍ଧା ଉପଭୋକ୍ତାଙ୍କ ସଂଖ୍ୟା | | | | | |
| ଇଏଚ୍‌ଟି | ୧୯ | ୨୦ | ୨୨ | ୧୧ | ୭୨ |
| ଏଚ୍‌ଟି | ୯୦୭ | ୩୧୪ | ୫୬୫ | ୧୬୧ | ୧୯୪୭ |
| ଏଲ୍‌ଟି | ୧୧୦୦୨୦୮ | ୫୯୩୪୯୯ | ୫୫୦୯୬୯ | ୫୮୯୭୬୨ | ୨୮୩୪୪୩୮ |
| ସମୁଦାୟ | ୧୧୦୧୧୩୪ | ୫୯୩୮୩୩ | ୫୫୧୫୫୬ | ୫୮୯୯୩୪ | ୨୮୩୬୪୫୭ |
| ବ୍ୟବହାର ପ୍ରତିଶତ Percentage of consumption | | | | | |
| ଇଏଚ୍‌ଟି | ୨୬.୮୯ | ୪୬.୭୫ | ୩୯.୬୮ | ୧୯.୨୧ | ୩୫.୫୩ |
| ଏଚ୍‌ଟି | ୨୧.୨୧ | ୨୦.୩୬ | ୩୩.୮୪ | ୧୮.୫୫ | ୨୪.୯୭ |
| ଏଲ୍‌ଟି | ୫୧.୯୦ | ୩୨.୯୦ | ୨୬.୪୮ | ୬୨.୨୪ | ୩୯.୫୦ |

ବି.ଦ୍ର: ସେପ୍ଟେମ୍ବର ୨୦୦୯ ସୁଦ୍ଧା ବଣ୍ଟନ କମ୍ପାନୀମାନଙ୍କ ଦ୍ୱାରା କାର୍ଯ୍ୟ ସମ୍ପାଦନ ସମୀକ୍ଷାରେ ଜୁଟାଇ ଥିବା ତଥ୍ୟ ଉପରେ ଆଧାରିତ

NB : As furnished by the DISCOMs in the performance review upto Sep’09

**ଦ୍ରଷ୍ଟବ୍ୟ: ୨୦୦୯, ସେପ୍ଟେମ୍ବର ପର୍ଯ୍ୟନ୍ତ ‘ନିର୍ବାହନ ମତାୟନ’ (Performance Revied)ରେ ବଣ୍ଟନକାରୀ କମ୍ପାନୀଙ୍କ ଦ୍ୱାରା ଉପସ୍ଥାପିତ ମତେ ।**

୫୧୧) ରାଜ୍ୟ ସରବରାହକାରୀ ବିନିଯୋଗ-କର୍ତ୍ତୃପକ୍ଷଙ୍କ ଦ୍ୱାରା ଯେତେବେଳେ ସବୁ ବିନିଯୋଗକାରୀମାନେ ସେବା ସାଧିତ ଅଟନ୍ତି, ସେତେବେଳେ ବଣ୍ଟନକାରୀ କମ୍ପାନୀଙ୍କର ଇଲାକା ଅନ୍ତର୍ଭୁକ୍ତ ବଣ୍ଟନ ନେଟ୍‌ୱର୍କ ସମୂହ ଏଲ୍‌ଟି ଓ ଏଚଟି ବର୍ଗର ଉପଭୋକ୍ତାଙ୍କୁ ଶକ୍ତି ଯୋଗାଣ ଦିଅନ୍ତି । ପୂର୍ବରୁ ଆଲୋଚିତମତେ, ନେସ୍‌କୋ ଓ ୱେସ୍‌କୋ ଭଳି ବିନିଯୋଗକାରୀ କର୍ତ୍ତୃପକ୍ଷ, ଯେଉଁମାନଙ୍କର ଅଧିକ ସଂଖ୍ୟାରେ ଇଏଚଟି ଓ ଏଚଟି ଉପଭୋକ୍ତା ଅଛନ୍ତି, ସେମାନେ ଆର୍ଥିକ ସୁସ୍ଥତା ସମ୍ପନ୍ନ ଓ ସୁବିଧା ସୁଯୋଗର ଅଧିକାରୀ ହୋଇଥିବା ବେଳେ ସେସୁ ଓ ସାଉଥ୍‌କୋ ଭଳି ବିନିଯୋଗକାରୀଙ୍କୁ ମୁଖ୍ୟତଃ ବୃହତ୍ ସଂଖ୍ୟକ ଏଲ୍‌ଟି ଉପଭୋକ୍ତାଙ୍କୁ କମ ରାଜସ୍ୱ ଆୟରେ ସେବା ସାଧନ କରିବାକୁ ପଡୁଛି । ୨୦୧୦-୧୧ ଆ.ବ. ପାଇଁ ଏହି ଉପଭୋକ୍ତା (ଏଲ୍‌ଟି)ଙ୍କ ଠାରୁ ପ୍ରତ୍ୟାଶିତ ରାଜସ୍ୱ ଆୟ ସମ୍ପର୍କରେ ବିଚାର କଲାବେଳେ ସମ୍ପୃକ୍ତ ବିନିଯୋଗକାରୀଙ୍କର ଆର୍ଥିକ ସ୍ଥିତି ଉପରେ ସେହି ଆୟର ପ୍ରତିଫଳନ ସମ୍ପର୍କରେ ଚିନ୍ତା କରିବାକୁ ପଡୁଛି । ପୂର୍ବରୁ ଆଲୋଚନା କରାଯାଇଛି ଯେ, ରାଜ୍ୟରେ ଏକ ସମାନ ପ୍ରକାରର ତାରିଫର ପ୍ରଚଳନ ହେଉଛି । ଅତଏବ, ଅନୁମୋଦିତ ବଣ୍ଟନ କ୍ଷତି ଓ ଆଦାୟ-ଉତ୍କୃଷ୍ଟତା ରୂପରେ ଉତ୍କୃଷ୍ଟତାର ଏକ ‘ମାପକ ସ୍ତର’ କୁ ଗ୍ରହଣ କରି ସେମାନଙ୍କର ପ୍ରତ୍ୟାଶିତ ରାଜସ୍ୱ ପରିମାଣକୁ ହିସାବକୁ ନିଆଯାଇଛି ।

୫୧୨) ରାଜ୍ୟରେ ଶକ୍ତି ଆବଶ୍ୟକତା ୨୮ ପ୍ରତିଶତ କମ ଦାମର ଜଳଜ ଶକ୍ତିରୁ ମେଣ୍ଟାଯାଇଥାଏ । କେବଳ ଜଳଜ ଶକ୍ତି ହିଁ ସେକ୍ଟରର ପଦ୍ଧତିଗତ ନିର୍ବାହନକୁ ସ୍ଥିରତା ଆଣିଦେଇଥାଏ । କିନ୍ତୁ ଏହି ଶକ୍ତିର ଉତ୍ପାଦନ ପ୍ରକୃତି ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭରଶୀଳ ଅଟେ । ଭଲ ବୃଷ୍ଟିପାତ ହେଲେ ଶକ୍ତି ସେକ୍ଟର ସୁସ୍ଥ ଓ ସ୍ୱଚ୍ଛନ୍ଦ ହୁଏ ତ ଅନାବୃଷ୍ଟି ହେଲେ ରୁଗ୍ଣ ହୋଇପଡେ । ଚଳିତବର୍ଷ ପାଇଁ ଏକ ସ୍ୱାଭାବିକ ବୃଷ୍ଟିପାତକୁ ଅନୁମାନ କରି ଆୟୋଗ ଚଳିତ ବର୍ଷର ରାଜସ୍ୱ ଆବଶ୍ୟକତାକୁ ବିବେଚନା କରିଛନ୍ତି ।

୫୧୩) ରାଜୀବ ଗାନ୍ଧୀ ଗ୍ରାମୀଣ ବିଦ୍ୟୁତ ଯୋଜନା ଓ ବିଜୁ ଗ୍ରାମ୍ୟ ଜ୍ୟୋତି ଯୋଜନା ଅଧିନରେ ଦ୍ରୁତ ଶିଳ୍ପାୟନ ଓ ବିସ୍ତୃତ ଗ୍ରାମାଞ୍ଚଳ ବିଦ୍ୟୁତକରଣ ଯୋଗୁ ଶକ୍ତି ଚାହିଦାରେ ଅତ୍ୟଧିକ ବୃଦ୍ଧି ଘଟିଛି । ତେଣୁ, ରାଜ୍ୟରେ ଶକ୍ତିର ଦୃଶ୍ୟପଟ୍ଟ ଏକ ଘଡିସନ୍ଧିରେ ପଡିଛି । ବଳକା ଶକ୍ତିର ଦ୍ରୁତ ହ୍ରାସ ଘଟୁଛି । ତେଣୁ, ସରକାରୀ ସ୍ତରରେ ନୂଆ ଉତ୍ପାଦନକାରୀ ଉତ୍ସର ସୃଷ୍ଟି କରାଯିବା ସମୟର ଜରୁରୀ

ଆବଶ୍ୟକତା ହୋଇଛି । ଏଥିପାଇଁ ଆୟୋଗ ସରକାରଙ୍କୁ ଯଥୋଚିତ ପରାମର୍ଶ ଦେଇଛନ୍ତି । ଆଶା କରାଯାଏ, ଉପଯୁକ୍ତ ସ୍ତରରେ ଏଥିପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

**ଚାହିଦା ଓ ଶକ୍ତି ଦେୟ-ଦରର ନିର୍ଦ୍ଧାରଣ:**

୫୧୪) ଅନୁମତିଧାରୀଙ୍କ ଦ୍ୱାରା ବିନିଯୋଗ କରାଯାଉଥିବା ଶକ୍ତି ପରିମାଣର ଅନୁପାତରେ ସ୍ଥିର ଦେୟ-ଦରର ଏକ ଆଂଶିକ ଦାମ୍‌ର ଉପଲବ୍ଧର ଦର୍ଶନ ସହିତ ତାଳମେଳ ରଖି ଚାହିଦା ଦେୟ-ଦର ଲାଗୁ କରାଯାଇଥାଏ । ବିନିଯୋଗକାରୀ କର୍ତ୍ତୃପକ୍ଷମାନଙ୍କ ଦ୍ୱାରା ବିନିଯୋଗିତ ପ୍ରକୃତ ପରିମାଣ ଶକ୍ତିର ଅନୁପାତରେ ଶକ୍ତି ଉପଯୋଗକୁ ଭରଣା କରାଯାଇଥାଏ ।

୫୧୫) ଯଦି କୌଣସି ଏକ ନିର୍ଦ୍ଦିଷ୍ଟ ବର୍ଷରେ ଅନୁମୋଦିତ ସମତାଳିକ ସର୍ବାଧିକ ଚାହିଦା ଓ ପ୍ରକୃତ ସମତାଳିକ ସର୍ବାଧିକ ଚାହିଦା ମଧ୍ୟରେ ପାର୍ଥକ୍ୟ ସୃଷ୍ଟି ହୁଏ, ତେବେ ଚାହିଦା ଓ ଦେୟ-ଦର ଜରିଆରେ ଭରଣାଧିକ୍ୟ ଓ କମ୍-ଭରଣାର ଆଶଙ୍କା ଥାଏ । ଯଦି ବଣ୍ଟନକାରୀ କମ୍ପାନୀମାନେ ଅନୁମତିପ୍ରାପ୍ତ ସ୍ତରରେ ଶକ୍ତି ଉଠାଣ କରନ୍ତି, ତେବେ ଗ୍ରୀଡ଼କୋ ଦ୍ୱାରା ଚାହିଦା ଦେୟ-ଦର ଜରିଆରେ ଭରଣାଧିକ୍ୟ ରାଜସ୍ୱର ଅତିରିକ୍ତ ଭରଣାକୁ ବୁଝାଇବ।

୫୧୬) ଗୋଟିଏ ଘଟଣାରୁ ଜଣାପଡିଥିଲା ଯେ, ଆୟୋଗଙ୍କ ଦ୍ୱାରା ଉଚ୍ଚତର 'ସମତାଳିକ ସର୍ବାଧିକ ଚାହିଦା' ବା ଏସ୍‌ଏମ୍‌ଡି ସ୍ଥିରୀକରଣ ସମୁଦାୟ ରାଜସ୍ୱ ଆବଶ୍ୟକତାକୁ ସ୍ଥିର ରଖି ୟୁନିଟ ପିଛା ଶକ୍ତି ଦେୟ-ଦରକୁ କମାଇ ପାରିଲା। କିନ୍ତୁ, ହ୍ରାସିତ ଶକ୍ତି ଦେୟ-ଦର ପାଇଁ ଯଦି ବିତରକ କମ୍ପାନୀଙ୍କ ଦ୍ୱାରା ଆବଶ୍ୟକୀୟ ପରିମାଣ ଠାରୁ କମ୍ ଉଠାଣ ହୋଇଥାଏ, ଏଥିପାଇଁ ଗ୍ରୀଡ଼କୋ ସମ୍ପୂର୍ଣ୍ଣ ରାଜସ୍ୱ ଆବଶ୍ୟକତା ପାଇବାକୁ ସମର୍ଥ ହେବନାହିଁ । ଅନ୍ୟ ପକ୍ଷରେ, ଯଦି ଅନୁମତିପ୍ରାପ୍ତ ଏସ୍‌ଏମ୍‌ଡି ହାସଲ କରାଯାଇ ନପାରେ, ତେବେ ମଧ୍ୟ ଗ୍ରୀଡ଼କୋ ରାଜସ୍ୱ ହରାଇବ । ଏହି ସମସ୍ୟାକୁ ଏଡାଇଯିବା ପାଇଁ ଆୟୋଗ ତାଙ୍କର ପୂର୍ବବର୍ତ୍ତୀ ବିଏସ୍‌ପି ଆଦେଶନାମାରେ ଯାହା ନିଷ୍ପତ୍ତି ନେଇଥିଲେ, ସେହି ଅନୁଯାୟୀ ଚାହିଦା ଦେୟ-ଦର ଓ ଶକ୍ତି ଦେୟ-ଦରକୁ ସଂଯୋଗ କରାଇବା ଦ୍ୱାରା କେବଳ ଶକ୍ତି ଦେୟ-ଦର ଜରିଆରେ ଗ୍ରୀଡ଼କୋର ସମୁଦାୟ ରାଜସ୍ୱ ଭରଣା ପ୍ରଭାବିତ ହୋଇପାରିବ। ୨୦୧୦-୧୧ ପାଇଁ ଏହି ଟାରିଫ ଆଦେଶନାମାରେ ସମାନ ଦର୍ଶନକୁ ଅନୁସରଣ କରାଯାଇଛି । ଏକ ଯୌଗିକ ଶକ୍ତି ଦେୟ-ଦରର ଏସ୍‌ଏମ୍‌ଡି ସ୍ଥିରୀକରଣ ଯାହା ହେଲେ ବି ଏସ୍‌ଏସଡିର ପ୍ରତ୍ୟୟକୁ ଦୂରେଇ ଦେବ ନାହିଁ । ତେବେ, ଯେକୌଣସି ବିନିଯୋଗକାରୀ କର୍ତ୍ତୃପକ୍ଷଙ୍କ ପାଇଁ ମଧ୍ୟ ଅନୁମତିପ୍ରାପ୍ତ ସର୍ବାଧିକ ଚାହିଦାର ଯତ୍ନ ନେବାକୁ ପଡିଥାଏ, ଯାହାଫଳରେ ବିନିଯୋଗକାରୀ କର୍ତ୍ତୃପକ୍ଷ ଶକ୍ତିର ଲଗାମଛଡା ସର୍ବାଧିକ ଚାହିଦାର ଉଠାଣକୁ ଆପଣେଇ ନିଏ ନାହିଁ । ଏହା ଦ୍ୱାରା ବରଂ ପଦ୍ଧତିଗତ ସ୍ଥିରତାରେ କୌଣସି ବିଚ୍ୟୁତି ପରିଲକ୍ଷିତ ହୋଇନଥାଏ।

୫୧୭) କେତେକ ଅଭିଯୋଗକାରୀ ସେମାନଙ୍କର ଆଭିମୁଖ୍ୟରେ ଅଟଳ ଥିଲେ ଯେ, ଏଚଟି ଏବଂ ଇଏଚଟି ଶ୍ରେଣୀର ଉପଭୋକ୍ତାଙ୍କ ଭଳି ବିତରଣକାରୀ କମ୍ପାନୀଙ୍କୁ ଗ୍ରୀଡ଼କୋ ସ୍ଥୁଳ ଯୋଗାଣ ଶକ୍ତି ପାଇଁ 'ଦୁଇ ଅଂଶ ବିଶିଷ୍ଟ ଟାରିଫ'ର ଅନ୍ତର୍ଭୁକ୍ତ କରିବା ଉଚିତ । ଏଠାରେ ପ୍ରଣିଧାନଯୋଗ୍ୟ ଯେ, କେଭିଏ ପିଛା ଟ୨୦୦/-ର ଏକ ଚାହିଦା ଦେୟ-ଦର ଓ ଶକ୍ତି ଦେୟ-ଦର ସହ ବିତରଣକାରୀ କମ୍ପାନୀଙ୍କୁ ଗ୍ରୀଡ଼କୋର ସ୍ଥୁଳ ଯୋଗାଣ ଦର ଆବଶ୍ୟକୀୟ ଭାବେ ସ୍ୱତଃ ଏକ ଦୁଇ-ଅଂଶ ବିଶିଷ୍ଟ ଟାରିଫ ଅଟେ । ତେବେ, ୨୦୧୦-୧୧ ଆ.ବ. ପାଇଁ ବିତରଣକାରୀ କମ୍ପାନୀଙ୍କ ଉଦ୍ଦେଶ୍ୟରେ ଅନୁମତିପ୍ରାପ୍ତ ଏସ୍‌ଏମ୍‌ଡି ପର୍ଯ୍ୟନ୍ତ ପୃଥକ ସର୍ବାଧିକ ଚାହିଦା ଦେୟ-ଦରର କୌଣସି ଅତିରିକ୍ତ ଦର ବା ଲେଭି ଲାଗୁ କରାଯିବ ନାହିଁ । ମାସିକିଆ ପାର୍ଥକ୍ୟକୁ ସମ୍ଭାଳିବା ନିମନ୍ତେ ଚଳିତ ଟାରିଫ ଆଦେଶନାମାରେ ଅନୁମୋଦିତ ଏସ୍‌ଏମ୍‌ଡିର ଉର୍ଦ୍ଧ୍ୱରେ ସର୍ବାଧିକ ୧୦ ପ୍ରତିଶତ ପର୍ଯ୍ୟନ୍ତ ବିବରଣୀଭୁକ୍ତ ମାସିକ ଏସ୍‌ଏମ୍‌ଡିକୁ ଅନୁମତିପ୍ରାପ୍ତ ଏସ୍‌ଏମ୍‌ଡି ବୋଲି ହିଁ ବୁଝାଯିବ । ଅନୁମୋଦିତ ଏସ୍‌ଏମ୍‌ଡି ଉର୍ଦ୍ଧ୍ୱରେ କୌଣସି ଅଧିକ ପରିମାଣର ଉଠାଣ ପାଇଁ ମାସିକ କେଭିଏ ପିଛା ଟ୨୦୦/- ଦର-ହାରରେ ଦେୟ ଦେବାକୁ ପଡିବ । ଏହା ପୁନଶ୍ଚ ସର୍ତ୍ତାଧିନ ଯେ, ଆଦେଶନାମାରେ ଅନୁମତିପ୍ରାପ୍ତ ଏସ୍‌ଏମ୍‌ଡି ପ୍ରତି ବାର୍ଷିକ ହାରାହାରି ଏସ୍‌ଏମଡି ସୀମିତ ହେବ । ଲୋଡର ଖସଡାୟନ ଏବଂ ପଦ୍ଧତିଗତ ସ୍ଥିରତା ପାଇଁ ଏହା ଆବଶ୍ୟକ ଅଟେ । ଏକ ବିନିଯୋଗକାରୀ କର୍ତ୍ତୃପକ୍ଷ କୌଣସି ମାସରେ ଅନୁମତିପ୍ରାପ୍ତ ଏସ୍‌ଏମଡି ପାଇଁ ଏସ୍‌ଏମଡି ଦେୟ-ଦର ଦେଇଥା'ନ୍ତୁ ବା ନ ଦେଇଥା'ନ୍ତୁ, ବାର୍ଷିକ ହାରାହାରି ଏସ୍‌ଏମଡିରୁ ଉର୍ଦ୍ଧ୍ୱରେ କୌଣସି ଉଠାଣ ହେଲେ ମାସିକ କେଭିଏ ପିଛା ଟ୨୦୦/- ଦର-ହାରରେ ଦେୟ ଦେବାକୁ ପଡିବ ।

**ସ୍ଥୁଳ ଯୋଗାଣ ଦର ନିର୍ଦ୍ଧାରଣ:**

୫୧୮) ବିତରଣକାରୀ କମ୍ପାନୀଙ୍କ ଉପରେ ଶକ୍ତି କ୍ରୟର ଦର ବାବଦକୁ ୟୁନିଟ ପିଛା ୨୬୨.୮୯ ପଇସାର ଦର-ହାରରେ ଗ୍ରୀଡ଼କୋ ଶକ୍ତି ଦେୟ-ଦରର ପ୍ରସ୍ତାବ ଦେଇଥିଲା। ଆୟୋଗ ଏହି ସ୍ଥୁଳ ଯୋଗାଣ ଦରକୁ ଏଭଳି ନିର୍ଦ୍ଧାରଣ କଲେ ଯେ, ବିନିଯୋଗକାରୀ କର୍ତ୍ତୃପକ୍ଷଙ୍କ କର୍ତ୍ତୃକ୍ ପ୍ରତ୍ୟାଶିତ ଆକଳିତ ରାଜସ୍ୱ ସହ ସେମାନେ (ବିତରଣକାରୀ ବା ବିନିଯୋଗକାରୀ) ଶକ୍ତି ବିଲ୍

ଏସ୍‌ଏଲ୍‌ଡିସି ଦେୟ-ଦରକୁ ମିଶାଇ ସରବରାହ ଦେୟ-ଦରର ବିଲ୍ ଦେବାକୁ ସକ୍ଷମ ହୋଇପାରୁଥିବେ ଏବଂ ପରିଚାଳନାଗତ, ତୁଲାଜମା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମିଶ୍ରିତ ବ୍ୟୟ ଭାରକୁ ସମ୍ଭାଳିବାକୁ ମିଶାଇ ସେମାନଙ୍କର ଆଇନଗତ ଦାୟବଦ୍ଧତାକୁ ମୁକାବିଲା କରିପାରୁଥିବେ ।

୫୧୯) ପର୍ଯ୍ୟବେକ୍ଷଣରୁ ଜଣାପଡିଥିଲା ଯେ, ୨୦୦୯-୧୦ ଆ.ବ.ରେ ୱେସ୍‌କୋ ବ୍ୟତିତ ଆଉସବୁ ବଣ୍ଟନକାରୀ କମ୍ପାନୀ ଚଳିତ ଶକ୍ତି କ୍ରୟର ଦେୟ ଉପରେ ୨ ପ୍ରତିଶତର ଏକ ରିହାତି ପାଇଥିଲେ । ବ୍ୟାଙ୍କମାନଙ୍କରୁ 'ନିରାପଦ ଓଭର ଡ୍ରାଫ୍ଟ' ନେଇ ୱେସ୍‌କୋ ୧ ପ୍ରତିଶତର ରିହାତି ପାଇଥିଲା ।

୫୨୦) ଅନୁମୋଦିତ ସ୍ଥୁଳ ଯୋଗାଣ ଦରକୁ ବିଚାରକୁ ନେଇ ଆୟୋଗ ୨୦୧୦-୧୧ ଆ.ବ. ପାଇଁ ବିତରଣକାରୀ କମ୍ପାନୀମାନଙ୍କର ରାଜସ୍ୱ ଆବଶ୍ୟକତା ନିର୍ଦ୍ଧାରଣ କରିଛନ୍ତି । ପର୍ଯ୍ୟବେକ୍ଷଣରୁ ଅନୁଧ୍ୟାନ କରାଯାଇଥିଲା ଯେ, କୌଣସି ବିତରଣକାରୀ କମ୍ପାନୀ କୌଣସି ବିଯୁକ୍ତାତ୍ମକ ପାର୍ଥକ୍ୟର ସମ୍ମୁଖୀନ ହୋଇ ନଥିଲେ । ତେବେ, ୪ଟି ଯାକ ବିତରଣକାରୀ କମ୍ପାନୀଙ୍କର ୨୦୧୦-୧୧ ଆ.ବ. ପାଇଁ ଯେଉଁ ଯୁକ୍ତାତ୍ମକ ପାର୍ଥକ୍ୟ ଆସିଥିଲା, ତାହାର ନିମ୍ନରେ ପ୍ରଦାନ କରାଗଲା ।

| | **କୋଟି ଟଙ୍କାରେ** |
|---|---|
| **ୱେସ୍‌କୋ -** | **(+) ୨.୩୨** |
| **ନେସ୍‌କୋ -** | **(+) ୧୧.୧୨** |
| **ସାଉଥ୍‌କୋ -** | **(+) ୧.୩୧** |
| **ସେସୁ -** | **(+) ୧.୪୩** |

୫୨୧) ପ୍ରତି ବିତରଣକାରୀ କମ୍ପାନୀ ଉଦ୍ଦେଶ୍ୟରେ ଆୟୋଗଙ୍କ ଦ୍ୱାରା ଅନୁମୋଦିତ ସ୍ଥୁଳ ଯୋଗାଣ ଦରର ସବିଶେଷତା ଏବଂ ଶକ୍ତିର ପରିମାଣର ପୁଂଖାନୁପୁଂଖତାର ନିମ୍ନ ସାରଣୀରେ ସାରାଂଶୀକରଣ କରାଯାଇଛି ।

ସାରଣୀ-୬୫

ଆର୍ଥିକ ବର୍ଷ ୨୦୧୦-୧୧ ପାଇଁ ସ୍ଥୁଳ ଯୋଗାଣ ଦର ଓ ଶକ୍ତିର ପରିମାଣ

**Bulk Supply Price and Quantum of Energy for 2010-11**

| ବଣ୍ଟନକାରୀ କମ୍ପାନୀଙ୍କ ନାମ | ଶକ୍ତିର ପରିମାଣ (ଏମ୍.ୟୁ) | ସ୍ଥୁଳ ଯୋଗାଣ ଦର (ୟୁନିଟ / ପଇସା) | ସ୍ଥୁଳ ଯୋଗାଣ ଦରରୁ ରାଜସ୍ୱ ପରିମାଣ (କୋଟି ଟଙ୍କାରେ) |
|---|---|---|---|
| ୱେସ୍କୋ | ୬୨୪୪ | ୧୯୪.୦୦ | ୧୨୧୧.୩୪ |
| ନେସ୍କୋ | ୫୧୨୨ | ୧୯୫.୦୦ | ୯୯୮.୭୯ |
| ସାଉଥ୍‌କୋ | ୨୩୬୮ | ୯୦.୦୦ | ୨୧୩.୧୨ |
| ସେସୁ | ୬୪୨୦ | ୧୫୭.୦୦ | ୧୦୦୭.୯୪ |
| ସମୁଦାୟ | **୨୦୧୫୪** | **୧୭୦.୨୫** | **୩୪୩୧.୧୯** |

୫୨୨) ୫.୧୦ କୋଟି ଟଙ୍କାର ବିବିଧ ଆଦାୟ-ଦେୟର ସହ-ସାମିଲକରଣ ପରେ ଗ୍ରୀଡ଼କୋର ସମୁଦାୟ ନିଟ୍ ରାଜସ୍ୱ ଆବଶ୍ୟକତା ହେଉଛି ୪୨୩୭.୩୪କୋଟି ଟଙ୍କା । ୨୦୧୦-୧୧ ପାଇଁ ବଣ୍ଟନକାରୀ କମ୍ପାନୀଙ୍କଠୁ ଗ୍ରୀଡ଼କୋ ଶକ୍ତି ଦେୟ-ଦର ବାବଦକୁ ୩୪୩୧.୧୯ କୋଟି ଟଙ୍କା ଭରଣା କରିବା ପରେ ୮୦୬.୧୫ କୋଟି ଟଙ୍କାର ଏକ ବିଯୁକ୍ତାତ୍ମକ ପାର୍ଥକ୍ୟ ଆଣିବ । ଏହି ପାର୍ଥକ୍ୟ ସମ୍ପର୍କରେ ପରିଚ୍ଛେଦ ୪୯୩ରୁ ୪୯୭ରେ ଆଲୋଚନା କରାଯାଇଛି ।

୫୨୩) ସାଉଥ୍‌କୋ ପାଇଁ ସ୍ଥୁଳ ଯୋଗାଣ ଦର ନିର୍ଦ୍ଧାରଣ ଅବଶ୍ୟ ଏକ କଷ୍ଟସାଧ୍ୟ ବ୍ୟାପାର ଅଟେ । କାରଣ ଏହାର ସମୁଦାୟ ଶକ୍ତି ଉପଯୋଗର ଭିତ୍ତିଭୂମି ଖୁବ୍ କମ୍, ଯଦିଓ ବଣ୍ଟନର ଦାମ୍ ସେହି ତୁଳନାରେ ଯଥେଷ୍ଟ ଅଧିକ ଅଟେ । ଏଣୁ ସାଉଥ୍‌କୋ ପାଇଁ ଏଭଳି ଏକ ସ୍ଥୁଳ ଯୋଗାଣ ଦର ନିର୍ଦ୍ଧାରଣର ଆବଶ୍ୟକତା ଉପୁଜୁଛି ଯେ, ଅନ୍ୟ ବିନିଯୋଗକାରୀ କର୍ତ୍ତୃପକ୍ଷଙ୍କ ତୁଳନାରେ ଏହାର ସ୍ଥୁଳ ଯୋଗାଣ ଦରର ସ୍ତର ଯଥେଷ୍ଟ କମ ରଖାଯିବା ବାଞ୍ଛନୀୟ, ଯଦ୍ୱାରା ଆଗାମୀ ଆର୍ଥିକ ବର୍ଷରେ ସାଉଥ୍‌କୋ ତା'ର ବାର୍ଷିକ ରାଜସ୍ୱ ଆବଶ୍ୟକତାରେ ଅନ୍ୟ ବିତରଣକାରୀ କମ୍ପାନୀଙ୍କ ସହ ତୁଳନୀୟ ଭାବେ ଆର୍ଥିକ ଅସନ୍ତୁଳନତାର ସମ୍ମୁଖୀନ ହେବନାହିଁ । ଅଧିକନ୍ତୁ, ସବୁ ବର୍ଷ ଆୟୋଗ ସାଉଥ୍‌କୋ ଠାରୁ ଏହି ଅଭିଯୋଗ ଓ ଆବେଦନ ଶୁଣିବା ପରେ ପରାମର୍ଶ ଦେଇଛନ୍ତି ଯେ, ସାଉଥ୍‌କୋ ଆୟୋଗଙ୍କ ଦ୍ୱାରା ଅନୁମୋଦିତ 'ମୁକ୍ତ ପ୍ରବେଶ ଦେୟ-ଦର'ର ସୁଯୋଗ ନେବା ଶ୍ରେୟସ୍କର ହେବ ଏବଂ ଏକ ଆଶୁ ଯୁକ୍ତାତ୍ମକ ଆର୍ଥିକ ସ୍ଥିତିର ଉଦ୍‌ଭବ ପାଇଁ ଅଧିକ ସଂଖ୍ୟାରେ ଇଏଚଟି ଓ ଏଚଟି ଉପଭୋକ୍ତା ଶ୍ରେଣୀର ଶିଳ୍ପସଂସ୍ଥାଙ୍କୁ ନିଜ ଆଡକୁ ଆକର୍ଷିତ କରିବାକୁ ପ୍ରୟାସ କରିବା ଉଚିତ ହେବ । ଆୟୋଗ ଆଉ ଏକ ପରାମର୍ଶ ଦେଉଛନ୍ତି ଯେ, ଯଦି ଆଇନଗତ ଓ ପ୍ରଶାସନଗତ ଭାବେ କୌଣସି ସମସ୍ୟା ନ ଆସେ, ତେବେ ସାଉଥ୍‌କୋ ଓ ୱେସ୍‌କୋର ମାଲିକମାନେ ନିଜ ମଧ୍ୟରେ ଆପୋଷ ବୁଝାମଣା କରି ମିଶିଯାଇ ଏକ ହୋଇଯିବା ଦରକାର, ଯଦ୍ୱାରା ଉଭୟଙ୍କର ଉପଭୋକ୍ତା ଉପକୃତ ହେବା ସାଙ୍ଗକୁ କମ୍ପାନୀଦ୍ୱୟ ମଧ୍ୟ ଉପକୃତ ହୋଇପାରନ୍ତେ । ତେବେ, ସବୁଠାରୁ ସହଜ ଓ ସୁଗମ ଉପାୟ ରାଜ୍ୟ ମଧ୍ୟରେ ଉପଲବ୍ଧ 'ମୁକ୍ତ ପ୍ରବେଶ' ନୀତିକୁ ଆଦରିଦେବା ବୋଲି ମନେ ହୁଏ ।

**ଶକ୍ତିର ଉଠାଣ-ଆଧିକ୍ୟ ପାଇଁ ଦେୟ-ଦର:**

୫୨୪) ଗ୍ରୀଡ଼କୋ ତା'ର ଆବେଦନ ପତ୍ରରେ ଦର୍ଶାଇଛି ଯେ, ଏକ ବିତରକ କମ୍ପାନୀ ଓ ପାଇକାରୀ ଯୋଗାଣ ଅନୁମତିଧାରୀ ଅନୁମୋଦିତ ଉଠାଣେ ପରିମାଣରୁ ଉର୍ଦ୍ଧ୍ୱ ପରିମାଣର ଶକ୍ତି ଉଠାଣ କଲେ, ସେ ବାବଦକୁ ତାଙ୍କୁ ମାସିକ ଭିତ୍ତିରେ ଆମଦାନୀ କରାଯାଉଥିବା ଶକ୍ତିର ଦାମ୍‌ରେ ଦେୟ ଦେବାକୁ ପଡିବ ।

୫୨୫) ୨୦୦୩, ଏପ୍ରିଲ ୧ରୁ ଦେଶର ପୂର୍ବାଞ୍ଚଳରେ 'ଉପଲବ୍‌ଧତା ଆଧାରିତ ତାରିଫ ପ୍ରବର୍ତ୍ତନ କରାଯାଇଛି । ଉପଲବ୍ଧ ଶକ୍ତି ଉତ୍ସସମୂହର ଉତ୍କୃଷ୍ଟ ବ୍ୟବହାର ଓ ଫିକ୍ୱେନ୍‌ସି ପ୍ରବାହରେ ସ୍ଥିରତା ବଜାୟ ରଖିବାକୁ ଲକ୍ଷ୍ୟ ରଖି ଗ୍ରୀଡ଼ ଶୃଙ୍ଖଳାକୁ ବଳବତ୍ତର କରାଇବା ହେଉଛି 'ଉପଲବ୍‌ଧତା ଆଧାରିତ ତାରିଫ'ର ଉଦ୍ଦେଶ୍ୟ । ଆନ୍ତଃରାଜ୍ୟ ଏବିଟି ପାଇଁ ଆୟୋଗ ଉପଯୁକ୍ତ ତତ୍ତ୍ୱାବଧାନ-ଶୃଙ୍ଖଳା/ନିୟମାବଳୀ ପ୍ରସ୍ତୁତ କରିଛନ୍ତି, ଯାହା ପଦ୍ଧତିର ସବୁ ଅଂଶୀଦାର/ବିନିଯୋଗକାରୀ/ବ୍ୟବହାରକାରୀଙ୍କ ପାଇଁ ବାଧ୍ୟତାମୂଳକ ହେବ । ୨୦୧୦-୧୧ ଆ.ବ. ପାଇଁ ପାଇକାରୀ ଯୋଗାଣ ତାରିଫ ଆଦେଶନାମାରେ ଅନୁମୋଦିତ ହୋଇଥିବା ପରିମାଣ ଠାରୁ ଏକ ବଣ୍ଟନକାରୀ କମ୍ପାନୀ ଓ ପାଇକାରୀ ଯୋଗାଣ ଅନୁମତ (ଇମସ୍ୱଙ୍କବକ୍ଷ ଉକ୍ଟକ୍ଟସ୍ୱ କ୍ଟଲ ଚଙ୍କକ୍ସମଷବକ୍ଟର) ସହ ସରବରାହ ଦେୟ-ଦର ଏବଂ ୟୁଆଇ ଦେୟ-ଦର ଯୋଗୁ ଆବଶ୍ୟକୀୟ ପରିବର୍ତ୍ତନ ସହ ସାପେକ୍ଷ ଭାବେ (ଯଦି କିଛି ଥାଏ) ସରବରାହ କ୍ଷତି ଜନିତ ଦାମ ଗ୍ରୀଡ଼କୋକୁ ଦେବାକୁ ପଡିବ ।

**ରିହାତି:**

୫୨୬) 'ଜମାକରଣର ଚିଠି' କିମ୍ବା ନଗଦ ଅର୍ଥ ଆକାରରେ ୨ଟି କାର୍ଯ୍ୟ ଦିବସ ମଧ୍ୟରେ (ଛୁଟି ଦିନ ବାଦ୍) ଯଦି ବିଲ୍ ଦେୟ ପ୍ରଦାନ କରାଯାଏ, ତେବେ ୨ ପ୍ରତିଶତର ଏକ ରିହାତିର ଅନୁମତି ଦିଆଯିବ । କିନ୍ତୁ 'ଜମାକରଣର ଚିଠି' ବାଦ୍ ଅନ୍ୟ କୌଣସି ଢ଼ାଞ୍ଚାରେ ଯଦି ଦେୟ ପ୍ରଦାନ କରାଯାଏ, କିନ୍ତୁ ବିଲ୍ ପ୍ରଦାନର ତାରିଖ ଠାରୁ ୧ ମାସର ସମୟ ଅବଧି ମଧ୍ୟରେ ବିତରଣ ଅନୁମତିଧାରୀଙ୍କ ଦ୍ୱାରା ବିଲ୍ ଦେୟ ପ୍ରଦାନ କରାଯାଏ, ତେବେ ୧ ପ୍ରତିଶତର ଏକ ରିହାତିକୁ ଅନୁମତି ମିଳିବ ।

**ବିଳମ୍ବିତ ଦେୟ ପ୍ରଦାନ ଜନିତ 'ଅତିରିକ୍ତ ଦେୟ'(Surcharge):**

୫୨୭) ବିଲ୍ ପ୍ରଦାନର ତାରିଖ ଠାରୁ ୧ ମାସର ସମୟ ବା ଅତିକ୍ରମ କଲାପରେ ଯଦି ବିଲ୍ ଦିଆଯାଏ, ତେବେ ଗ୍ରୀଡ଼କୋ ସେହି ବିତରକ କମ୍ପାନୀ ବା ପାଇକାରୀ ଯୋଗାଣ ଅନୁମତିଧାରୀଙ୍କ ଉପରେ ମାସିକ ୧.୨୫% ହାରରେ ବିଳମ୍ବିତ ଦେୟ ପ୍ରଦାନ ଜନିତ 'ଅତିରିକ୍ତ ଦେୟ' ବା ସରଚ୍‌ର୍ଜ ଲାଗୁ କରିବ ।

**ଡ୍ୟୁଟି ଓ ଶୁଳ୍କ:**

୫୨୮) ସମୟକୁ ସମୟ କୌଣସି ଲେଭି/ଡ୍ୟୁଟି/ଶୁଳ୍କ/ସେସ୍/ଟୋଲ୍ ଆଇନାନୁମୋଦିତ ଭାବେ ପ୍ରବର୍ତ୍ତନ କରାଯାଇଥିଲେ ତାହାକୁ ଆୟୋଗଙ୍କ ଦ୍ୱାରା ସ୍ଥିରୀକୃତ ଦରର ଉର୍ଦ୍ଧ୍ୱରେ ଲାଗୁ କରାଯିବାକୁ ଆୟୋଗ ଅନୁମୋଦିତ ଦେଇଛନ୍ତି ।

**ଆନ୍ତଃ-ରାଜ୍ୟ ଏବିଟିର ପ୍ରବର୍ତ୍ତନ:**

୫୨୯) ଓଇଆର୍‌ସି (ଆନ୍ତଃ-ରାଜ୍ୟ ଏବିଟି) ନିୟମାବଳୀ, ୨୦୦୭, ତା୧୪.୨.୨୦୦୮ ରିଖରେ ଓଡ଼ିଶା ସରକାରଙ୍କ ରାଜପତ୍ରରେ ପ୍ରକାଶିତ ହୋଇଥିଲା । ଏହି ନିୟମାବଳୀ ନିୟମ - ୧(ସସସ) ଅନୁଯାୟୀ, ଓଇଆର୍‌ସି (ଆନ୍ତଃ-ରାଜ୍ୟ ଏବିଟି) ନିୟମାବଳୀ, ୨୦୦୭, ତା୧୪.୨.୨୦୦୮ ରୁଖ ଠାରୁ ବଳବତ୍ତର ହୋଇଛି ।

୫୩୦) ଆନ୍ତଃ-ରାଜ୍ୟ ଏବିଟି ପ୍ରବର୍ତ୍ତନର ସାମ୍ପ୍ରତିକ ସ୍ଥିତି ନିମ୍ନ ପ୍ରକାରର ଅଟେ ।

- ଯେଣୁ ବିତରକ କମ୍ପାନୀଙ୍କର ବଣ୍ଟନ ପଦ୍ଧତି ପରିଚାଳନା ଓ ନିୟନ୍ତ୍ରଣ କେନ୍ଦ୍ର ଅନ୍ତ-ଲାଇନ୍ ତତ୍ତ୍ୱାବଧାନ ଓ ଆନ୍ତଃ-ରାଜ୍ୟ ଏବିଟି ର ନିର୍ବାହନ ପାଇଁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇନାହିଁ, ତେଣୁ ଅନୁମତିଧାରୀମାନେ, ଅର୍ଥାତ୍ ବଣ୍ଟନକାରୀ କମ୍ପାନୀମାନେ ରାଜ୍ୟରେ ତଥାପି ଆନ୍ତଃ-ରାଜ୍ୟ ଏବିଟିର ପ୍ରବର୍ତ୍ତନ କରିନାହାନ୍ତି ।
- ଉଭୟ ସାମୟିକ (Provisional ) ଓ ଚୂଡାନ୍ତ ମାସିକିଆ ଶକ୍ତିର ହିସାବ, ସାପ୍ତାହିକ ୟୁଆଇ ଆକାଉଣ୍ଟ ଓ ସାପ୍ତାହିକ ପାରମାଣବିକ ଚୁକ୍ତିର ହିସାବର ପ୍ରସ୍ତୁତି ପାଇଁ ଏସ୍ଏଲ୍‌ଡିସି ଜୋର୍ ଦେଇନାହିଁ ଏବଂ 'ଶକ୍ତି ଆକାଉଣ୍ଟିଂ ଓ ବନ୍ଦୋବସ୍ତ ପଦ୍ଧତି କେନ୍ଦ୍ର' (Energy Accounting & Settlement System Centre – EASSC) ପ୍ରତିଷ୍ଠା କରିନାହିଁ ।
- ଅନ୍ ଲାଇନ୍ ସିଡ୍ୟୁଲ ବନାମ ଶକ୍ତି ଉଠାଣର ତଥ୍ୟ ଉପଲବ୍ଧ ହୋଇନାହିଁ ।

୫୩୧) ସେକ୍ଟରର ବିଭିନ୍ନ ଅଂଶୀଦାର, ଅର୍ଥାତ୍ ବିତରକ କମ୍ପାନୀ, ଗ୍ରୀଡ୍‌କୋ, ଏସ୍ଏଲ୍‌ଡିସି ଏବଂ ଓପିଟିସିଏଲ୍‌ର ପ୍ରତିନିଧିମାନଙ୍କ ଉପସ୍ଥିତିରେ ୧୮.୭.୨୦୦୯, ୧୭.୯.୨୦୦୯ ଏବଂ ୨୫.୧୧.୨୦୦୯ରେ ଆୟୋଗଂକର ସମ୍ମେଳନ କକ୍ଷରେ ୩ଟି ବୈଠକ ଅନୁଷ୍ଠିତ ହୋଇଥିଲା । ଯହିଁରେ ପର୍ଯ୍ୟାୟ କ୍ରମରେ ପୁଂଖାନୁପୁଂଖ ଭାବରେ ରାଜ୍ୟର ଆନ୍ତଃ-ରାଜ୍ୟ ଏବିଟିର ପ୍ରବର୍ତ୍ତନ ସମ୍ପର୍କିତ ପ୍ରସଂଗ ଉପରେ ଆଲୋଚନା ହୋଇଥିଲା ।

୫୩୨) ୨୫.୧୧.୨୦୦୯ରେ ଅନୁଷ୍ଠିତ ୩ୟ ବୈଠକରେ, ସବୁ ବିତରକ କମ୍ପାନୀଙ୍କର ଏକକ ଉଠାଣକୁ ସୂଚାଇ ସମ୍ପର୍କିତ-ଫ୍ରିକ୍ୟୁଏନ୍‌ସି ଓ ୟୁଆଇ ଦେୟ-ଦର ସହ ୧୫ମିନିଟ ମୋଡ୍‌ରେ ଓଇଆର୍‌ସିର ଯୁଗ୍ମ ନିର୍ଦ୍ଦେଶକ (ଆଇଟି) ସେମାନଙ୍କର (ବିତରକ କମ୍ପାନୀଙ୍କର) ଅନ୍-ଲାଇନ୍ ତଥ୍ୟକୁ ଉପସ୍ଥାପନ କରିଥିଲେ ଯାହା ୨୦.୧୧.୨୦୦୯ ଠାରୁ 'ୟୁଟିଲିଟି ଇଣ୍ଟରଫେସ୍' ଶୀର୍ଷକରେ ଓଇଆର୍‌ସି ୱେବ୍‌ସାଇଟ୍ www.orierc.org ରେ ଉପଲବ୍ଧ ହୋଇଥିଲା । ଅନ୍ ଲାଇନ୍ ତଥ୍ୟ ଉପଲବ୍ଧ ହୋଇଥିବା ଯୋଗୁ, ୨୫.୧୧.୨୦୦୯ରେ ଅନୁଷ୍ଠିତ ୩ୟ ବୈଠକରେ ସମସ୍ତଙ୍କର ପରାମର୍ଶ ଓ ସହମତି ପ୍ରକାଶ ପାଇଥିଲା ଯେ, ୨୩.୧୨.୨୦୦୯ରେ ଓଇଆରସି ସମ୍ମେଳନ କକ୍ଷରେ ଆନ୍ତଃ-ରାଜ୍ୟ ଏବିଟିର ପ୍ରବର୍ତ୍ତନ ଉପରେ ୧୫ ମିନିଟ ମୋଡ୍‌ର ଏକ 'ଅନୁକରଣୀୟ ପ୍ରବର୍ତ୍ତନ' ସମ୍ପର୍କରେ ଏକ ସାରା ଦିନର କର୍ମଶାଳା ଅନୁଷ୍ଠିତ ହେବ ।

୫୩୩) ସେହି ଅନୁଯାୟୀ, ୨୩.୧୨.୨୦୦୯ରେ ଆନ୍ତଃ-ରାଜ୍ୟ ଏବିଟିର ପ୍ରବର୍ତ୍ତନ ଉପରେ ଓଇଆରସିଙ୍କ ସମ୍ମେଳନ କକ୍ଷରେ ଏକ ସାରା-ଦିନ ଅନୁକରଣୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଅନୁକରଣୀୟ କର୍ମଶାଳାରେ ସେମାନଙ୍କର ଆୟତ୍ତାଧିନ ଅଞ୍ଚଳ 'ପ୍ରତି ବିତକର କମ୍ପାନୀଙ୍କ ଉଦ୍ଦେଶ୍ୟରେ ଶକ୍ତି ଯୋଗାଣର ପ୍ରକରଣସମୂହ' (Points of injections of power to each Discoms), 'ଆନ୍ତଃ-ବିତରକ କମ୍ପାନୀ ଟ୍ରାନ୍‌ସଫରର ପ୍ରକରଣ ସମୂହ' (Points of Intra- Discom Transfer) ଓ ଏହାର 'ଜରୁରୀକାଳୀନ ହିସାବ' ଆଦି ସମ୍ପର୍କରେ ପ୍ରତି ବିତରକ କମ୍ପାନୀ ଓ ଏସ୍ଏଲ୍‌ଡିସି ମଧ୍ୟରେ ଏକ ଫଳପ୍ରଦ କ୍ରିୟା-ପ୍ରତିକ୍ରିୟାର ସଂଘଟନ ହୋଇଥିଲା ।

୫୩୪) ୨୩.୧୨.୨୦୦୯ରେ ଅନୁଷ୍ଠିତ 'ଅନୁକରଣୀୟ କର୍ମଶାଳା'ରୁ ଆନ୍ତଃ-ରାଜ୍ୟ ଏବିଟିର ଫଳପ୍ରଦ ପ୍ରବର୍ତ୍ତନ ପାଇଁ ଏକ ସର୍ବ-ସହମତି ପ୍ରକାଶ ପାଇଥିଲା ଯାହା ନିମ୍ନମତେ ବର୍ଣ୍ଣନା କରାଗଲା ।

- ପ୍ରଥମ ପର୍ଯ୍ୟାୟରେ ବିତରକ କମ୍ପାନୀସମୂହ ଓ ଗ୍ରୀଡ୍‌କୋ ମଧ୍ୟରେ ଆନ୍ତଃ-ରାଜ୍ୟ ଏବିଟିକୁ ଲାଗୁ କରାଯିବ ।
- ପ୍ରଥମ ପର୍ଯ୍ୟାୟର ସଫଳତା ପରେ ୨ୟ ପର୍ଯ୍ୟାୟରେ ଉତ୍ପାଦନକାରୀ କମ୍ପାନୀ, କ୍ୟାପ୍‌ଟିଭ ଜେନେରେଟିଂ ପ୍ଲାଣ୍ଟସମୂହ ଓ ହିତାଧିକାରୀମାନେ ଯୋଗ ଦେବେ ।
- ଆବଶ୍ୟକୀୟ ଶ୍ରମ-ଶକ୍ତି ଓ ସଂରଚନାତ୍ମକ ଭିତ୍ତିଭୂମି ଯୋଗାଇ ଦେଇ 'ରିଏଲ୍ ଟାଇମ୍ ଅପରେସନ ମୋଡକ' ପାଇଁ ୨୪×୭ ଘଣ୍ଟାର ନିର୍ଘଣ୍ଟ ଉପରେ ଆନ୍ତଃ-ରାଜ୍ୟ ଏବିଟିର ପ୍ରବର୍ତ୍ତନ ପାଇଁ ସବୁ ବିତରକ କଂପାନୀ ପୂର୍ଣ୍ଣ ଭାବେ ସେମାନଙ୍କର ଡିଏସ୍‌ଓସିସି ସମୂହକୁ ସକ୍ଷମ କରିବା ଉଚିତ ।

- ଯଥା-ଉଦ୍ଦିଷ୍ଟ ବଣ୍ଟନକାରୀ କମ୍ପାନୀଙ୍କର ଏକ୍ସଚେଞ୍ଜ ମିଟରିଂ ପଏଣ୍ଟଗୁଡ଼ିକ ଠାରୁ ବଣ୍ଟନ ନେଟ୍‌ୱାର୍କର ୧୧ କେଭି ଫିଡରସମୂହ ପର୍ଯ୍ୟନ୍ତ ଓପିଟିସିଏଲ୍ ନେଟ୍‌ୱାର୍କ ଠାରୁ ଦେଖାଇ 'ସୂଚୀଭୁକ୍ତ ରେଖାଚିତ୍ର' କୁ 'ପ୍ରଦର୍ଶନ' କରିବାକୁ ସବୁ ଡିଏସ୍‌ଓସିସିମାନେ ବ୍ୟବସ୍ଥା କରିବା ଉଚିତ ।

- ପ୍ରକ୍ରିୟାକରଣ ଶିଳ୍ପାନୁଷ୍ଠାନ, ଜିଲ୍ଲା ମୁଖ୍ୟ ଦପ୍ତର ଓ ରାଜ୍ୟ ରାଜଧାନୀ ବାଦ୍ ଆଉସବୁ ୩୩କେଭି ଫିଡରଗୁଡ଼ିକୁ ପ୍ରକାର - 'କ', ପ୍ରକାର - 'ଖ' ଏବଂ ପ୍ରକାର - 'ଗ' ଅଧୀନରେ ବର୍ଗୀକରଣ କରାଯିବା ଉଚିତ । ସେହିସବୁ ଫିଡରରେ ଗ୍ରେଡେଡ୍ ସେଟିଂ ସହ ୟୁଏଫ୍‌ଆର୍‌ର ବ୍ୟବସ୍ଥା ରହିବା ବାଞ୍ଛନୀୟ ଏବଂ ସେହିସବୁ ୟୁଏଫ୍‌ଆର୍‌ର ସଂସ୍ଥାପନା ପାଇଁ ଯଥୋପଯୁକ୍ତ କାର୍ଯ୍ୟକ୍ରମ ଗ୍ରହଣ କରିବା ସକାଶେ ୧୫.୧.୨୦୧୦ ସୁଦ୍ଧା ଓପିଟିସିଏଲ୍‌କୁ ସୂଚାଇଦେବା ମଧ୍ୟ ବାଞ୍ଛିତ ଅଟେ ।

**ଆନ୍ତଃ-ରାଜ୍ୟ ଏବିଟିର ପ୍ରବର୍ତ୍ତନ ପାଇଁ ଶୁଣାଣି ସମୟରେ ବିତରକ କମ୍ପାନୀଙ୍କ ଦ୍ୱାରା ସମସ୍ୟା ସମୂହର ପରିପ୍ରକାଶ**

୫୩୫) ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ ବିତକର କମ୍ପାନୀମାନଙ୍କର ଏଆର୍‌ଆର୍ ଦରଖାସ୍ତର ଶୁଣାଣି ସମୟରେ ଆନ୍ତଃ-ରାଜ୍ୟ ଏବିଟି 'ପ୍ରଥମ ପର୍ଯ୍ୟାୟର ପ୍ରବର୍ତ୍ତନ ପାଇଁ ନିମ୍ନମତେ ବିତରକ କମ୍ପାନୀମାନେ ସେମାନଙ୍କର ସମସ୍ୟା ସମୂହକୁ ପରିପ୍ରକାଶ କରିଛନ୍ତି ।

- ଏସ୍‌ଏଲ୍‌ଡିସି ଦ୍ୱାରା ପ୍ରଦତ୍ତ ସିଡ୍ୟୁଲର ପ୍ରବର୍ତ୍ତନ ପାଇଁ ସେସୁ ଯତ୍‌ପରୋନାସ୍ତି ଗୁରୁତ୍ୱ ଦେଇଛି । ସିଡ୍ୟୁଲକୁ ଅନୁସରଣ କରିବାକୁ ସବୁ କ୍ଷେତ୍ର ସ୍ତରୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ତେବେ, କିଛି ଦ୍ୱନ୍ଦାତ୍ମକ ଗଣମାଧ୍ୟମ ରିପୋର୍ଟ ଯୋଗୁ ଜନସାଧାରଣଙ୍କ ଚାପରେ ଉଦ୍ଦେଶ୍ୟହୀନ ଭାବରେ ସିଡ୍ୟୁଲଠାରୁ ସେମାନେ ଦୂରେଇ ଯାଇଥାଇ ପାରନ୍ତି । ଫଳରେ ଗ୍ରୀଡ଼୍‌ରୁ ଅଧିକ ଉଠାଣ ସୃଷ୍ଟି ହେଉଛି ।

- ନେସ୍‌କୋ କହିଛି ଯେ, ୫୩୦ ମେଗାୱାଟର ହାରାହାରି ଉଠାଣ ବିପକ୍ଷରେ ଏସ୍‌ଏଲ୍‌ଡିସି ଠାରୁ ସେ ୪୨୦ ମେଗାୱାଟର ଏକ ସୂଚିତ ପରିମାଣ ପାଇଥିଲା । ୫ ଟ୍ରାକ୍‌ସନ ବିଶିଷ୍ଟ ଉପଭୋକ୍ତା, ୨ ପ୍ରତିରକ୍ଷା ଉପଭୋକ୍ତା ଏବଂ ୩ ଜରୁରୀ-ଶକ୍ତି ଉପଭୋକ୍ତାଙ୍କ ଠାରୁ ଚାହିଦାକୁ କମାଇବାରେ ନେସ୍‌କୋ ସମସ୍ୟାର ସମ୍ମୁଖୀନ ହେଉଛି । 'ପ୍ରକୃତ-ସମୟ-ତଥ୍ୟ' ବା ଜରବକ୍ଷ ଈସଙ୍କର ଉବସ୍ଥବର ଅନୁପଲବ୍‌ଧତା ଯୋଗୁ କୁଚେଇ ଓ ଭଦ୍ରକ ଗ୍ରୀଡ଼୍ ସବ୍-ଷ୍ଟେସନ ପାଇଁ ଯେଣୁ ଏସ୍‌ଏଲ୍‌ଡିସି ହାରାହାରି ଆକଳିତ ତଥ୍ୟକୁ ହିସାବକୁ ନେଉଛି, ତେଣୁ ଏସ୍‌ଏଲ୍‌ଡିସି ଦ୍ୱାରା ପ୍ରଦତ୍ତ ପ୍ରବର୍ତ୍ତନ ସିଡ୍ୟୁଲ ଠିକ୍ ନୁହେଁ ବୋଲି ନେସ୍‌କୋ ଜୋର୍ ଦେଇ କହିଛି । ୨୩.୧୨.୨୦୦୯ରେ ଅନୁଷ୍ଠିତ କର୍ମଶାଳାର ନିଷ୍ପତ୍ତି ଅନୁଯାୟୀ, ବିଭିନ୍ନ ଗ୍ରୀଡ଼୍ ସବ୍-ଷ୍ଟେସନରେ ୩୩ କେଭି ଫିଡର ଉପରେ ୟୁଏଫ୍‌ଆର୍‌ର୍ ସଂସ୍ଥାପନା ପାଇଁ ଓପିଟିସିଏଲ୍‌କୁ ନେସ୍‌କୋ ରିକ୍ୟୁଜିସନ ଦେଇସାରିଛି ।

- ୱେସ୍‌କୋ କହିଛି ଯେ, ଆନ୍ତଃ-ରାଜ୍ୟ ଏବିଟି (ପ୍ରଥମ ପର୍ଯ୍ୟାୟ)ର ପ୍ରବର୍ତ୍ତନ ପାଇଁ ଏବେ ସେ ସବୁ ଦିଗରୁ ପ୍ରସ୍ତୁତ ନୁହେଁ । ତେବେ ଆନ୍ତଃ-ରାଜ୍ୟ ଏବିଟିର ପ୍ରବର୍ତ୍ତନ ବେଳେ ନିମ୍ନଲିଖିତ ଅସଲ ସମସ୍ୟାସବୁର ସମ୍ମୁଖୀନ ହେବାକୁ ପଡୁଛି ବୋଲି ନେସ୍‌କୋ ମତ ଦେଇଛି। ଡାକ୍ତରଖାନା, ଜଳଯୋଗାଣ କାର୍ଯ୍ୟାଳୟ, ରେଳବାଇ ଆଦିକୁ ପ୍ରାଥମିକତା ଭିତ୍ତିରେ ଶକ୍ତି ଯୋଗାଣ ପାଇଁ ସେମିତି କିଛି ସ୍ୱତନ୍ତ୍ର ଫିଡର ନାହିଁ । ସେମାନେ ସମସ୍ତେ ବଣ୍ଟଆରା-ଫିଡରରୁ ଶକ୍ତି ଯୋଗାଣ ଉପଲବ୍‌ଧ କରୁଛନ୍ତି । ତେଣୁ, ଅଧିକରୁ ଅଧିକ ଭାବେ ଆନ୍ତଃ-ରାଜ୍ୟ ଏବିଟିର ପ୍ରବର୍ତ୍ତନ କଷ୍ଟକର ହୋଇପଡୁଛି ।

- ଏକକ, ଶିଳ୍ପସଂସ୍ଥାଗତ ଉପଭୋକ୍ତାଙ୍କୁ ଶକ୍ତି ଯୋଗାଣ ନିୟମାଧିନ କରିବାକୁ କୌଣସି 'ନିୟନ୍ତ୍ରଣ କୌଶଳ' ନାହିଁ। ତେଣୁ, ଆନ୍ତଃ-ରାଜ୍ୟ ଏବିଟିର ପ୍ରବର୍ତ୍ତନ ଏକ କଷ୍ଟସାଧ୍ୟ ବ୍ୟାପାର ହୋଇପଡୁଛି ।

- ବର୍ତ୍ତମାନର କାର୍ଯ୍ୟକ୍ଷମ ୯୭ଟି ୩୩ କେଭି ଫିଡରରେ ଇନ୍‌କମିଂ ଭିସିବି ବ୍ୟବସ୍ଥା ନାହିଁ । ସେହିଭଳି ୪୯୩ଟି ୧୧ କେଭି ଫିଡରରେ ଆଉଟ ଗୋଇଙ୍ଗ୍ ଭିସିବି ବ୍ୟବସ୍ଥା ମଧ୍ୟ ନାହିଁ ।

- ଆନ୍ତଃ-ରାଜ୍ୟ ଏବିଟିର ପ୍ରବର୍ତ୍ତନ ପାଇଁ ସବୁ ୩୩/୧୧ କେଭି ସବ୍-ଷ୍ଟେସନ (ସ୍କାଡା ସିଷ୍ଟମ)ରୁ ଡିଏସ୍‌ଓସିସି 'ରିଏଲ୍ ଟାଇମ ଡାଟା ଆହରଣ' ଆବଶ୍ୟକ କରୁଛି ।

- ସାଉଥ୍‌କୋ କହିଛି ଯେ, ଏସ୍‌ଏଲ୍‌ଡିସି ଦ୍ୱାରା ପ୍ରଦତ୍ତ ସିଡ୍ୟୁଲର ପ୍ରବର୍ତ୍ତନ ପରେ ଲକ୍ଷ୍ୟ କରାଯାଇଛି ଯେ, ସାଉଥ୍‌କୋ ଅଞ୍ଚଳରେ ବାରମ୍ବାର ଲୋଡ କଟକଣା ଯୋଗୁ ଉପଭୋକ୍ତାଙ୍କ ଅସନ୍ତୋଷ ସୃଷ୍ଟି କରି ସଂଧ୍ୟା ୬ ଟା ପରେ ଓ ସକାଳ ୬ ଟା ଠାରୁ ସଂଧ୍ୟା ୬ ଟା ପର୍ଯ୍ୟନ୍ତ ପୁନଶ୍ଚ ଶକ୍ତି ଯୋଗାଣକୁ ହ୍ରାସ କରିବା ପାଇଁ ଓପିଟିସିଏଲ୍‌ର ଗ୍ରୀଡ଼୍ ସବ୍‌ଷ୍ଟେସନଗୁଡ଼ିକ ନିର୍ଦ୍ଦେଶ ଦେଇ ଅନେକ ସମୟରେ ଏସ୍‌ଏଲ୍‌ଡିସି ପ୍ରତ୍ୟକ୍ଷ ଭାବେ ସାଉଥ୍‌କୋର ଉଠାଣ ଉପରେ କଟକଣା ଲାଗୁ କରୁଛି ।

ସାଉଥ୍‌କୋ ପୁନଶ୍ଚ କହିଛି ଯେ, ଏସ୍‌ଏଲ୍‌ଡିସି ଦ୍ୱାରା ପ୍ରଦତ୍ତ ତଥ୍ୟ ପ୍ରବର୍ତ୍ତନ -ତଥ୍ୟ ଅନୁଯାୟୀ ବଣ୍ଟଆରା ପାଇଁ ଧାର୍ଯ୍ୟ କରାଯାଇଥିବା ଲୋଡ୍ ଓ ଉଠାଣ-ଲୋଡ୍ ସହ ମେଳ ଖାଉନାହିଁ । ଓଇଆରସିଙ୍କର ୱେବ୍‌ସାଇଟ୍‌ରେ ଉପଲବ୍ଧ ସାଉଥ୍‌କୋର ଉଠାଣ ତଥ୍ୟ ୨୨୦ କେଭି ଅଟୋ-ଟ୍ରାନ୍‌ସଫରମରର ବିଗତ - ୧୫ମିନିଟର ଉଠାଣ ସହ ସମ୍ପର୍କ ରଖେ, ଯାହା ଫଳରେ ସିଡ୍ୟୁଲ ମଧ୍ୟରେ ଉଠାଣକୁ ତୁଳାଇବାରେ ସାଉଥ୍‌କୋ ସକ୍ଷମ ହୋଇପାରେ ନାହିଁ । ସମୟ ସମୟରେ ମୋହନା ଗ୍ରୀଡ୍ ସବଷ୍ଟେସନ ପର୍ଯ୍ୟନ୍ତ ଓଡ଼ିଶା ଭାଗର ମାଛକୁଣ୍ଡ ଯୋଗାଣକୁ ଓପିଟିଏସଲ୍ ବିସ୍ତାରଣ କରୁଛି, ଯାହା ଉପରେ ସାଉଥ୍‌କୋର ନିୟନ୍ତ୍ରଣ ନାହିଁ । ତେଣୁ, ଆନ୍ତଃ-ରାଜ୍ୟ ଏବିଟି (ଫେଜ-୧)ର ପ୍ରବର୍ତ୍ତନ ପୂର୍ବରୁ ଏହି ସବୁ ସମସ୍ୟାର ସମାଧାନ କରାଇ ନେବା ଆବଶ୍ୟକ ଅଟେ ।

୫୩୬) ୟୁଆଇ ଏବଂ ପାରମାଣବିକ ଶକ୍ତି ଆକାଉଣ୍ଟର ବ୍ୟବସାୟିକ ଫଇସଲ ଉଦ୍ଦେଶ୍ୟରେ ଆନ୍ତଃ-ରାଜ୍ୟ ଏବିଟି (ଫେଜ-୧) ପ୍ରବର୍ତ୍ତନର ନିର୍ଦ୍ଦିଷ୍ଟ ତାରିଖ ସମ୍ପର୍କରେ ଖୁବ୍ ଶୀଘ୍ର ଆୟୋଗ ନିଷ୍ପତ୍ତି ନେବେ ।

**ଉଦ୍ଧାରିତ ଶକ୍ତି ଉତ୍ସସମୂହରୁ ଶକ୍ତି ଆହରଣ ସମ୍ପର୍କରେ...**

୫୩୭) ଆମେ ରହୁଥିବା ଗ୍ରହ-ପୃଥିବୀ ଦିନକୁ ଦନ ଉତ୍ତପ୍ତ ହେଉଛି; ଜୈବ ଜାଳେଣିର ବେପରୁଆ ବ୍ୟବହାର ଯୋଗୁ ତାହା ଦିନକୁ ଦିନ ସରିଆସୁଛି, ସବୁଜ-ଗୃହ ଗ୍ୟାସର ବିକିରଣ ସିଧାସଳଖ ପୃଥିବୀ ପୃଷ୍ଠରେ ପଡୁଛି । ଏସବୁର ଦୃଷ୍ପ୍ରଭାବ ପୃଥିବୀ ଓ ଆମ ସମାଜ ଉପରେ ପଡୁଛି । ଏହି ପରିସ୍ଥିତିରେ ଶକ୍ତି ଆବଶ୍ୟକତା ମେଣ୍ଟାଇବାରେ 'ଉଦ୍ଧାରିତ ଉତ୍ସରୁ ଶକ୍ତି'ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଓଡ଼ିଶାରେ ବିସ୍ତୃତ ସମୁଦ୍ର ଉପକୂଳ ଅଛି; ଗ୍ରୀଷ୍ମ-ମଣ୍ଡଳୀୟ ଜଳବାୟୁରେ ଏହାର ଅବସ୍ଥିତି ଯୋଗୁ ଏହା ବର୍ଷର ଦୁଇ ତୃତୀୟାଂଶରୁ ଅଧିକ ଦିବସରେ ଯଥେଷ୍ଟ ସୂର୍ଯ୍ୟାଲୋକ ପାଏ । ଏଠି ସଂଖ୍ୟାଧିକ ଝରଣା, ପ୍ରାକୃତିକ ତଥା କୃତ୍ରିମ ଜଳପ୍ରପାତ ଅଛି । ତଥାପି ରାଜ୍ୟ ଏସବୁଥିରୁ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରି ଉପଯୋଗ କରିବାକୁ ସକ୍ଷମ ହୋଇନାହିଁ । ଆୟୋଗ ଏସବୁ ଉତ୍ସରୁ ଶକ୍ତି ଉତ୍ପାଦନ ପାଇଁ ସରକାର ତଥା ଉତ୍ପାଦନକାରୀ ଓ ନିବେଶକାରୀମାନଙ୍କୁ ପ୍ରୋତ୍ସାହନ ଦେବା ଉଚିତ ।

୫୩୮) ଭାରତରେ ଗ୍ରାମାଞ୍ଚଳ କିମ୍ବା ଗ୍ରୀଡ୍-ବହିର୍ଭୁତ ବ୍ୟବହାର ପାଇଁ ସାଧାରଣତଃ ସୌର ଶକ୍ତିକୁ ବିବେଚନା କରାଯାଇଥାଏ । ଆନ୍ତର୍ଜାତୀୟ ଅଭିଜ୍ଞତାରୁ ଜଣାପଡିଛି ଯେ, ଗ୍ରୀଡ୍-ଇଣ୍ଟିଗ୍ରେଟେଡ ମୋଡ୍‌ରେ ସୌର ବା ସୋଲାର ପିଭିର ବହୁଳ ପ୍ରୟୋଗ ଦ୍ୱାରା ବୈଷୟିକ ବିକାଶ ଓ ବ୍ୟବସାୟିକ ବିକାଶ ଉତ୍ତମ ଭାବେ ସାଧନ ହୋଇଥାଏ । ଭାରତରେ ଗ୍ରୀଡ୍ ସହ ସମ୍ପୃକ୍ତି ଥିବା ସୌର ଶକ୍ତି ପ୍ରୋଜେକ୍ଟର ବୈଷୟିକ ନିର୍ବାହନକୁ ବିକଶିତ ଓ ପ୍ରଚରିତ କରାଇବା ଉଦ୍ଦେଶ୍ୟରେ 'ଗ୍ରୀଡ୍-ସମ୍ପୃକ୍ତ ସୌର ଶକ୍ତି ପ୍ରୋଜେକ୍ଟସମୂହ ପାଇଁ ପୀଢ଼ି ଭିତ୍ତିକ ପରାମର୍ଶ ଓ ପାରିତୋଷିକତା ନିମନ୍ତେ ନିୟମାବଳୀ ସହ 'ନୂଆ ଓ ଉଦ୍ଧାରିତ ଶକ୍ତି ମନ୍ତ୍ରାଳୟ' ର ଉଦ୍‌ଭବ ହୋଇଛି । ପବନ ଶକ୍ତି ଓ ଅନ୍ୟାନ୍ୟ ଉଦ୍ଧାରିତ ଶକ୍ତି ଉଦ୍ଦେଶ୍ୟରେ ସଂଖ୍ୟାଧିକ ପାରିତୋଷିକ କାର୍ଯ୍ୟସୂଚୀ ସହ ମନ୍ତ୍ରଳାୟ କାର୍ଯ୍ୟ କରୁଛି । ଇତି ମଧ୍ୟରେ, କେନ୍ଦ୍ରୀୟ ବିଦ୍ୟୁତ୍ ନିୟାମକ ଆୟୋଗ ବା ସିଆରସି ମଧ୍ୟ ସିଇଆରସି (ଉଦ୍ଧାରିତ ଉତ୍ସ ସମୂହରୁ ଶକ୍ତି ପାଇଁ ଦରସୂଚୀ ନିର୍ଦ୍ଧାରଣ) ନିୟମାବଳୀ, ୨୦୦୯ର ବିଜ୍ଞପ୍ତି ପ୍ରକାଶ କରିଛନ୍ତି । 'ଉଦ୍ଧାରିତ ବିଦ୍ୟୁତ ସେକ୍ଟର' ରେ ନୂଆ ନୂଆ ନିବେଶର ବିକାଶ ପାଇଁ ଏହି ନିୟମାବଳୀ ସାହାଯ୍ୟ କରିବ ବୋଲି ଆଶା କରାଯାଏ । ତା'ଛଡା ଜଳବାୟୁ ପରିବର୍ତ୍ତନ (ଅସନ୍ତୁଳିତ ଜଳବାୟୁ) ଯୋଗୁ ଜଳ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ହ୍ରାସ ପାଉଥିବା ଯୋଗୁ 'ଜାତୀୟ ଆଭିଯାନିକ ଖସଡ଼ା' ରେ ନିର୍ଦ୍ଧାରିତ ଉଦ୍ଦେଶ୍ୟ ସମୂହକୁ ପୂରଣ କରିବାରେ ସିଇଆରସିଂକୁ ଏହି ନିୟମାବଳୀ ସାହାଯ୍ୟ କରିବ ବୋଲି ଆଶା କରାଯାଏ । ଏହା ଦ୍ୱାରା, ୨୦୧୦ରେ ସମୁଦାୟ ଶକ୍ତି ଉପଲବ୍ଧର ୫ ପ୍ରତିଶତ ଶକ୍ତି ଏହି ଉଦ୍ଧାରିତ ଉତ୍ସ ସମୂହରୁ ସଂଗ୍ରହ କରାଯାଇପାରିବ ଏବଂ ପରବର୍ତ୍ତୀ ଆଗାମୀ ୧୦ ବର୍ଷ ପାଇଁ ବର୍ଷକୁ ଅନ୍ତତଃ ପକ୍ଷେ ୧ ପ୍ରତିଶତ ହିସାବରେ ଉଦ୍ଧାରିତ ଶକ୍ତି ସଂଗ୍ରହରେ ବୃଦ୍ଧି ଅଣାଯାଇ ପାରିବ ବୋଲି ଆୟୋଗ ଆଶା ପୋଷଣ କରିଛନ୍ତି ।

୫୩୯) ବିଦ୍ୟୁତ୍ ଆଇନ, ୨୦୦୩ର ବ୍ୟବସ୍ଥା ସମୂହ, ଜାତୀୟ ବିଦ୍ୟୁତ୍ ନୀତି ଓ ତାରିଫ ନିୟମ ଆଦିକୁ ଦୃଷ୍ଟିରେ ରଖି ୨୦୦୫ର କେଶ୍-ନଂ-୧୪ରେ ୨୦.୮.୨୦୦୫ର ଆଦେଶନାମାରେ ଆୟୋଗ ଏହି ପ୍ରସଂଗର ଆବତାରଣ କରିଥିଲେ । ନିମ୍ନରେ ତାହା ଉଦ୍ଧାର କରାଗଲା ।

କ) ୨୦୦୭-୦୮ ଆର୍ଥିକ ବର୍ଷରେ ସମୁଦାୟ କ୍ରୟିତ ଶକ୍ତିର ୩ ପ୍ରତିଶତ ପର୍ଯ୍ୟନ୍ତ ଅଣ-ପାରମ୍ପରିକ ଓ ଉଦ୍ଧାରିତ ଶକ୍ତି ରାଜ୍ୟର ଉପଭୋକ୍ତାଙ୍କର ଉପଯୋଗ ନିମନ୍ତେ ଯୋଗାଣ ଅନୁମତିଧାରୀଙ୍କ ଦ୍ୱାରା ଅନୁମତି ପ୍ରଦତ୍ତ ହେବ । ଏହି ଶକ୍ତିଗୁଡିକ ମଧ୍ୟରେ କ୍ଷୁଦ୍ର ଜଳଜ ଉତ୍ସରୁ ଶକ୍ତି, ପବନ ଶକ୍ତି, ଜୈବ ବସ୍ତୁରୁ ଉତ୍ପାଦିତ ଶକ୍ତି, ବର୍ଜ୍ୟବସ୍ତୁକୁ ଉତ୍ତପ୍ତ କରି ସେଥିରୁ ଉତ୍ପାଦିତ ଶକ୍ତି ଆଦି ଅନ୍ୟତମ ଅଟେ । ପୁନଶ୍ଚ, ଏହି ୩ ପ୍ରତିଶତ ଶକ୍ତି ପ୍ରତି ପରବର୍ତ୍ତୀ ବର୍ଷରେ ବାର୍ଷିକ ୦.୫ ପ୍ରତିଶତ ହାରରେ ବୃଦ୍ଧି

ପାଇବ, ଅର୍ଥାତ୍ ୨୦୧୧-୧୨ ଆର୍ଥିକ ବର୍ଷ ସୁଦ୍ଧା ଅଣ-ପାରମ୍ପରିକ ଓ ଉଦ୍ଧାରିତ ଶକ୍ତିର ଯୋଗାଣ ସମୁଦାୟ କ୍ରୟିତ ଶକ୍ତିର ୫ ପ୍ରତିଶତ ହେବ ।

ଖ) ଯଥୋଚିତ ପର୍ଯ୍ୟବେକ୍ଷଣ ଜନିତ ଅନୁଧ୍ୟାନ ପରେ ରାଜ୍ୟ ବୈଷୟିକ କମିଟି ଦ୍ୱାରା ଧାର୍ଯ୍ୟ କରାଯାଇଥିବା ପ୍ରୋଜେକ୍ଟ ଦାମ୍‌କୁ ତାରିଫ ନିର୍ଦ୍ଧାରଣ ଉଦ୍ଦେଶ୍ୟରେ ସିଲିଂ ଦାମ୍ ଭାବେ ଗ୍ରହଣ କରାଯିବ ।

ଗ) ଯେ ପର୍ଯ୍ୟନ୍ତ ବିତରକ କମ୍ପାନୀଙ୍କ ଜରିଆରେ ଏହି ଅଣ-ପାରମ୍ପରିକ ଓ ଉଦ୍ଧାରିତ ଶକ୍ତି ରାଜ୍ୟର ଉପଭୋକ୍ତାଙ୍କ ଉଦ୍ଦେଶ୍ୟରେ ଯୋଗାଣ ହେଉଥିବ, ସେ ପର୍ଯ୍ୟନ୍ତ ବିଦ୍ୟୁତ ଆଇନର ବିଭାଗ-୬୨(୧)(କ) ଅନୁଯାୟୀ ଶକ୍ତି କ୍ରୟ ଜନିତ ତାରିଫ ଆୟୋଗଙ୍କ ଦ୍ୱାରା ହିଁ ସ୍ଥିରୀକରଣ କରାଯିବ ।

ଘ) ଏକା ଉତ୍ପାଦନ ଉତ୍ସ (ଅଣ-ପାରମ୍ପରିକ ଓ ଉଦ୍ଧାରିତ ଶକ୍ତି ଉତ୍ସସମୂହ) ମଧ୍ୟରେ ପ୍ରତିଦ୍ୱନ୍ଦିତା ମୂଳକ ବିଡିଂ ପଦ୍ଧତି ଜରିଆରେ ଶକ୍ତି କ୍ରୟର ତୁଳନାତ୍ମକ ହ୍ରାସିତ ଦାମ୍‌କୁ ପ୍ରୋତ୍ସାହିତ କରାଯିବ । ବିତରକ କମ୍ପାନୀମାନେ ଏଥିପାଇଁ ପ୍ରତିଦ୍ୱନ୍ଦୀ ହେବେ । ତେବେ, ଆଇନର ବିଭାଗ-୬୨(୧) ଅନୁଯାୟୀ, ଏହି ଉତ୍ସରୁ ଶକ୍ତିର ଦର ନିର୍ଦ୍ଧାରଣ ପାଇଁ ଆୟୋଗଙ୍କ ସିଲିଂ ଦର ହିଁ ବିଡିଂ ପ୍ରତିଦ୍ୱନ୍ଦିତାରେ ଉପଯୁକ୍ତ ଦର ଭାବେ ବିବେଚିତ ହେବ ।

ଙ) ୧୧ କେଭି କିମ୍ବା ୩୩ କେଭିରେ ଶକ୍ତି ଡେଲିଭରି କରିବାକୁ (ଯେଉଁ କ୍ଷେତ୍ରରେ ଯେମିତି ହୋଇଥିବ) ଅଣ-ପାରମ୍ପରିକ ଓ ଉଦ୍ଧାରିତ ଶକ୍ତି ଉତ୍ସସମୂହର ଉତ୍ପାଦନକାରୀ କମ୍ପାନୀମାନେ ବିତରକ କମ୍ପାନୀ/ଓପିଟିସିଏଲ୍ ଦ୍ୱାରା ଅନୁମତିପ୍ରାପ୍ତ ହୋଇପାରନ୍ତି । ପ୍ରୋଜେକ୍ଟର ବୈଷୟିକ-ବ୍ୟବସାୟିକ ଗତିଶୀଳତା ଉପରେ ନିର୍ଭର କରି ଶକ୍ତି ଡେଲିଭରି ପାଇଁ ଇଣ୍ଟର-କନେକ୍‌ସନ ପଏଣ୍ଟ ୧୩୨ କେଭିରେ ହୋଇପାରେ ।

୫୪୦) ପୁନଶ୍ଚ, ରାଜ୍ୟର ସାଧାରଣ ଜନତାଙ୍କର ମତାମତ ଜାଣିବା ନିମନ୍ତେ କୋ-ଜେନେରେସନ ଶକ୍ତିକୁ ମିଶାଇ ଉଦ୍ଧାରିତ ଶକ୍ତି ଉତ୍ସ ସମୂହରୁ ଶକ୍ତି ଅମଳ ଉପରେ ଓଇଆରସି ଏକ ଆଲୋଚନା-ପତ୍ର ସର୍ବ-ସମ୍ମୁଖରେ ଉପସ୍ଥାପନ କରିଥିଲେ । ଏ ପ୍ରସଂଗରେ ଭିନ୍ନ ଭିନ୍ନ ମତ / ମନ୍ତବ୍ୟ ଆୟୋଗଙ୍କର ହସ୍ତଗତ ହେଲା । ଇତି ମଧ୍ୟରେ, ଏ ପ୍ରସଂଗରେ ଏକ ପୁଂଖାନୁପୁଂଖ କ୍ଷେତ୍ରୀୟ ଅଧ୍ୟୟନ କଲା ପରେ ବିଭିନ୍ନ ଉତ୍ସର ଉଦ୍ଧାରିତ ଶକ୍ତି ପାଇଁ ତାରିଫ ପ୍ରସ୍ତୁତି ଉଦ୍ଦେଶ୍ୟରେ ଆୟୋଗ ଜଣେ ପରାମର୍ଶବିତ୍‌କୁ ନିଯୁକ୍ତି ଦେଇଛନ୍ତି ଏବଂ ପରାମର୍ଶବିତ୍ ମଧ୍ୟ ଏ ନେଇ ତାଙ୍କର ସବିଶେଷ ବିବରଣୀ ଆୟୋଗଙ୍କୁ ଦାଖଲ କରିଛନ୍ତି, ଯାହାର ତର୍ଜମା ଚାଲିଛି । ତେବେ, ଆୟୋଗ ୨୦୦୯ର କେଶ୍-ନଂ-୬୨,୯୬,୯୭ ଓ ୯୮ରେ ୯.୯.୨୦୦୯ର ଆଦେଶନାମାରେ ସୌର ପିଭି ପ୍ରୋଜେକ୍ଟସମୂହ ପାଇଁ 'ସାମୟିକ' ତାରିଫ ସ୍ଥିର କରିଛନ୍ତି, ଯାହା ୨୦୧୦, ମାର୍ଚ୍ଚ ସୁଦ୍ଧା ରାଜ୍ୟରେ ଲାଗୁ କରାଯାଇପାରିବ । ଏହି ଆଦେଶନାମାରେ ସ୍ଥିରୀକୃତ ତାରିଫ ନିମ୍ନ ପ୍ରକାରର ଅଟେ । ୧ମ ବର୍ଷ ଠାରୁ ଦ୍ୱାଦଶତମ ବର୍ଷ ପର୍ଯ୍ୟନ୍ତ - କିଲୋହ୍ୱାଟ ପିଛା ଟ୧୫.୦୦ ୧୩ଶ ବର୍ଷ ଠାରୁ ୨୫ତମ ବର୍ଷ ପର୍ଯ୍ୟନ୍ତ -- କିଲୋହ୍ୱାଟ ପିଛା ଟ୭.୫୦ ପଇସା

୫୪୧) ଉପଭୋକ୍ତା ତାରିଫ ପ୍ରକୃତି ଦୃଷ୍ଟିରୁ ଏକ ନିର୍ଦ୍ଦିଷ୍ଟ ଶ୍ରେଣୀର ଅଟେ । 'ନୂଆ ଓ ଉଦ୍ଧାରିତ ଶକ୍ତି ମନ୍ତ୍ରାଳୟ ଭାରତ ସରକାର/ଓଡ଼ିଶା ସରକାରଙ୍କ ଠାରୁ ଏଥିପାଇଁ ବିକାଶକାରୀମାନେ ଯେଉଁ ପରିତୋଷିକତା/ସବ୍‌ସିଡି ପାଇବେ, ତାକୁ ବିଯୋଗ କଲା ପରେ ଯେଉଁ ନିଟ୍ ପରିମାଣ ହେବ, ସେହି ପରିମାଣକୁ ଗ୍ରୀଡ଼କୋ ବିକାଶକାରୀଙ୍କୁ ଦେବାକୁ ପଡିବ । ତେବେ, ଉପର ଲିଖିତ ଆୟୋଗଙ୍କ ସିଲିଂ ଦର-ହାରରୁ ଉର୍ଦ୍ଧ୍ୱରେ ଏକ ସହମତି ଭିତ୍ତିକ ତାରିଫ ପାଇଁ ଉଭୟ ଗ୍ରୀଡ଼କୋ ଓ ବିକାଶକାରୀମାନଙ୍କୁ ସ୍ୱାଧିନତା ଦିଆଯାଇଛି । ୫ମେଗାୱାଟର ଏହି ସୌର ପିଭି ପ୍ରୋଜେକ୍ଟ ଗୁଡିକର ସଂଯୋଗ ୩୩ କେଭି ଭୋଲ୍‌ଟେଜ ସ୍ତରରେ ହିଁ ହେବ ।

୫୪୨) ଓରିଡା ସହିତ ସେକ୍ଟରର ବିଭିନ୍ନ ଅଂଶୀଦାରମାନଙ୍କ ସହ ଆଲୋଚନା କଲା ପରେ ପରେ ସବୁ ଉଦ୍ଧାରିତ ଶକ୍ତି ଉତ୍ସ ଉଦ୍ଦେଶ୍ୟରେ ତାରିଫ ନିର୍ଦ୍ଧାରଣ ପାଇ ଖୁବ୍ ଶୀଘ୍ର ଆଭିଯାନିକ ପଦକ୍ଷେପ ନେବେ । ଓରିଡା ହେଉଛି ରାଜ୍ୟରେ ଉଦ୍ଧାରିତ ଶକ୍ତି ଉତ୍ସ ସମୂହର ବିକାଶ ପାଇଁ 'ନମୁନା ସଂସ୍ଥାନ' ଇତି ମଧ୍ୟରେ, ଆୟୋଗ ଓଇଆରସି (ଉଦ୍ଧାରିତ ଶକ୍ତି ଆହରଣ ପାଇଁ ପ୍ରତିବଦ୍ଧତା ଏବଂ ଏହା ସହ ସମଝୋତା) ନିୟମାବଳୀ, ୨୦୧୦ ଡ୍ରାଫ୍‌ଟର ପ୍ରସ୍ତୁତି କରିଛନ୍ତି । ବିଦ୍ୟୁତ୍ ଆଇନ, ୨୦୦୩ର ବିଭାଗ-୬୧,୬୬ ଏବଂ ୮୬ (୧)(ଙ) ସହ ତାଳମେଳ ରକ୍ଷା କରାଯାଇ ଏହି ନିୟମାବଳୀ ପ୍ରସ୍ତୁତ କରାଯାଇଛି । ତେବେ, ଚୂଡାନ୍ତ ବିଜ୍ଞପ୍ତି ପ୍ରକାଶ ପାଇବା ପୂର୍ବରୁ ଏହାର ସଂଶୋଧନ (ଯଦି କିଛି ସଂଶୋଧନ କରାଯିବାକୁ ଥିବ) ନିମନ୍ତେ ୨୦.୪.୨୦୧୦ ସୁଦ୍ଧା କିମ୍ବା ତା' ପୂର୍ବରୁ ଆଗ୍ରହୀ ବ୍ୟକ୍ତିବିଶେଷ/ଅନୁଷ୍ଠାନ/ପ୍ରତିଷ୍ଠାନମାନଙ୍କ ଠାରୁ ଆୟୋଗ ଏତଦ୍ୱାରା ପରାମର୍ଶ/ମତାମତ ଆମନ୍ତ୍ରଣ କରୁଛନ୍ତି ।

୫୪୩) ପରିଚ୍ଛେଦ-୫୨୧ରେ ସୂଚିତମତେ, ଗ୍ରୀଡ଼କୋ ଉଦ୍ଦେଶ୍ୟରେ ସ୍ଥୁଳ ଯୋଗାଣ ଦର ୨୦୧୦, ଏପ୍ରିଲ ୧ ଠାରୁ ଲାଗୁ ହେବ ଓ ପରବର୍ତ୍ତୀ ଆଦେଶନାମା ପର୍ଯ୍ୟନ୍ତ ବଳବତ୍ତର ରହିବ ।

୫୪୪) ଏତଦ୍ୱାରା କେଶ୍-ନଂ-୧୪୪/୨୦୦୯ରେ ଗ୍ରୀଡ଼କୋର ଆବେଦନ ପତ୍ରର ଫଇସଲା କରାଗଲା ।

| | | |
|---|---|---|
| ସ୍ୱାକ୍ଷର/- | ସ୍ୱାକ୍ଷର/- | ସ୍ୱାକ୍ଷର/- |
| (ବି.କେ. ମିଶ୍ର) | (କେ.ସି ବଡୁ) | (ବି.କେ. ଦାସ) |
| ସଦସ୍ୟ | ସଦସ୍ୟ | ଅଧ୍ୟକ୍ଷ |